# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୧୫/୨୦୧୯ (୨୦ ପୃଷ୍ଠା) | Sambalpur, Tuesday, January 15/ 2019 | ★★

୧୫ଶ ଭାଗ ୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




ଧରିତ୍ରୀ
DHARITRI
ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



ବିଗତ ୪ ବର୍ଷ ମଧ୍ୟରେ ମାଓବାଦୀ ହିଂସା ୫୦ ପ୍ରତିଶତ ହ୍ରାସ ପାଇଛି । ତେବେ କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବାକୁ ପଡ଼ୋଶୀ ପାକିସ୍ତାନ ଚଳାଇଥିବା ଷଡ଼ଯନ୍ତ୍ର ଦେଶ ପାଇଁ ଏକ ଚ୍ୟାଲେଞ୍ଜ୍ ହୋଇଛି ।

- ରାଜନାଥ ସିଂ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ



■ କମ୍ପ୍ୟୁଟର ଯାଞ୍ଚ ବିରୋଧରେ ଜନସ୍ୱାର୍ଥ ମାମଲା

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

**ନୂଆଦିଲ୍ଲୀ,୧୪।୧(ପି.ଟି.)**



■ ୧୦ କେନ୍ଦ୍ରୀୟ ସଂସ୍ଥାକୁ ଯାଞ୍ଚ ଦାୟିତ୍ୱ
■ ଡିସେମ୍ବର ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା
■ ଆଇନଜୀବୀ ମନୋହରଲାଲ ଶର୍ମା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ

ସରକାର ୧୦ଟି କେନ୍ଦ୍ରୀୟ ଏଜେନ୍ସିକୁ ଯେକୌଣସି ସଂସ୍ଥା ଓ ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିବା ଲାଗି ଦାୟିତ୍ୱ ଦେଇଥିବାବେଳେ ଏହାକୁ ଚାଲେଞ୍ଜ କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ରକୁ କୁହାଯାଇଛି।

ସୂଚନା ପ୍ରଯୁକ୍ତି ଆଇନ ଅନୁଯାୟୀ କମ୍ପ୍ୟୁଟର ଯାଞ୍ଚ ପାଇଁ ୧୦ଟି କେନ୍ଦ୍ରୀୟ ତଦନ୍ତକାରୀ ଏବଂ ଗୋଇନ୍ଦା ସଂସ୍ଥାକୁ ସରକାର ଦାୟିତ୍ୱ ଦେଇଥିଲେ। ଏନେଇ ଡିସେମ୍ବର ୨୦ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠରେ ଚାଲେଞ୍ଜ କରାଯାଇଥିଲା। ବିଜ୍ଞପ୍ତି ଅନୁଯାୟୀ ଇଣ୍ଟେଲିଜେନ୍ସ ବ୍ୟୁରୋ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ, ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ଜାତୀୟ ତଦନ୍ତକାରୀ ସଂସ୍ଥା, ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍, ଜମ୍ମୁ-କଶ୍ମୀର, ଉତ୍ତରପୂର୍ବାଞ୍ଚଳ, ଆସାମରେ ସିଗ୍ନାଲ ଗୋଇନ୍ଦା ନିର୍ଦ୍ଦେଶାଳୟ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଯାଞ୍ଚ ଅନୁମତି ଦିଆଯାଇଥିଲା। ଆଇନଜୀବୀ ମନୋହର ଲାଲ ଶର୍ମାଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାରେ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ବେଆଇନ, ଅସାମ୍ବିଧାନିକ ଏବଂ ଆଇନ ପରିସର ବାହାରେ ବୋଲି କୁହାଯାଇଥିଲା। ସୂଚନା ପ୍ରଯୁକ୍ତି ଆଇନର ବ୍ୟବସ୍ଥା ଅନୁଯାୟୀ ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚରୁ ଉପରୋକ୍ତ ସଂସ୍ଥାଗୁଡ଼ିକୁ ବାଦ୍ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ଏଭଳି ବିଜ୍ଞପ୍ତି ସରକାରଙ୍କୁ ଯେକୌଣସି ବ୍ୟକ୍ତିଙ୍କ ସମସ୍ତ ଯୋଗାଯୋଗ ଏବଂ ମୋବାଇଲ ତଥ୍ୟ ଜାଣିବା ଲାଗି ଅଧିକାର ପ୍ରଦାନ କରିବ। ଫଳରେ ଏହାକୁ ରାଜନୈତିକ ସ୍ୱାର୍ଥ ଲାଗି ବ୍ୟବହାର କରାଯିବା ସମ୍ଭାବନା ରହିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ।

ସରକାରଙ୍କ ଏଭଳି ଉଦ୍ୟମକୁ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଥିଲେ। କେନ୍ଦ୍ର ସରକାର ଭାରତକୁ ଏକ ସର୍ବେକ୍ଷଣ ରାଷ୍ଟ୍ରରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। ତେବେ ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବେଳେ କମ୍ପ୍ୟୁଟର ତଥ୍ୟ ଯାଞ୍ଚ ନିୟମ ପ୍ରଣୟନ ହୋଇଥିଲା ବୋଲି କେନ୍ଦ୍ର କହିଥିଲା। ଏପରିକି ଏନ୍‌ଡିଏ ସହଯୋଗୀ ଶିବସେନା ମଧ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିର ବିରୋଧ କରିଥିଲା। ଏହା ପ୍ରକୃତ ଗଣତନ୍ତ୍ରର ଲକ୍ଷଣ ନୁହେଁ ବରଂ କ୍ଷମତାରେ ରହିବା ଲାଗି ବ୍ୟଗ୍ରତା ବୋଲି ଶିବସେନା କହିଥିଲା। ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ମହଲ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ବିରୋଧ କରିଥିଲେ। ବ୍ୟକ୍ତିଗତ ତଥ୍ୟ ଯାଞ୍ଚ ଲାଗି ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦେବା ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହାର ଅପବ୍ୟବହାର ହେବ ବୋଲି କଂଗ୍ରେସ ନେତା ଅହମଦ ପଟେଲ କହିଥିଲେ। ଏହା ଦ୍ୱାରା ବ୍ୟକ୍ତିର ଗୋପନୀୟତା ଅଧିକାର କ୍ଷୁଣ୍ଣ ହେବ ବୋଲି ଅଭିଯୋଗ ହୋଇଥିଲା।

■ ଜେଏନ୍‌ୟୁ ଦେଶଦ୍ରୋହ ମାମଲା

## କହ୍ନେୟାଙ୍କ ବିରୋଧରେ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୪।୧(ପି.ଟି.)**



କହ୍ନେୟା କୁମାର

୨୦୧୬ର ଏକ ଦେଶଦ୍ରୋହ ମାମଲାରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ସଂସଦ ସଭାପତି କହ୍ନେୟା କୁମାରଙ୍କ ସମେତ ୧୦ ଜଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ସୋମବାର ଚାର୍ଜଶିଟ୍ ଦାଖଲ କରିଛି। ପଟିଆଲା ହାଉସ୍ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଅନ୍ୟ ଯେଉଁମାନଙ୍କୁ ଅଭିଯୁକ୍ତ କରାଯାଇଛି ସେମାନେ ହେଲେ ଜେଏନ୍‌ୟୁର ପୂର୍ବତନ ଛାତ୍ର ଉମର ଖଲିଦ, ଅନିର୍ବାଣ ଭଟ୍ଟାଚାର୍ଯ୍ୟ, କଶ୍ମୀର ଛାତ୍ର ଅକ୍ୱିବ ହୁସେନ୍, ଉମର ଗୁଲ, ରାୟିଆ ରାସୋଲ, ବସିର ଭଟ ଏବଂ ବଶରତ। ପାର୍ଲାମେଣ୍ଟ ଭବନ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କୁ ଫାଶୀର ବର୍ଷପୂର୍ତ୍ତିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ୨୦୧୬ ଫେବୃୟାରୀ ୯ରେ ଏମାନେ ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ଚାର୍ଜଶିଟ୍‌ରେ ସିପିଆଇ ନେତା ଡି. ରାଜାଙ୍କ କନ୍ୟା ଅପରାଜିତା, ତତ୍କାଳୀନ ଜେଏନ୍‌ୟୁ ଛାତ୍ର ସଂଗଠନର ଉପସଭାପତି ଶେହଲା ରଶିଦ୍, ରାମ ନାଗା, ଆଶୁତୋଷ କୁମାର ଏବଂ ବନଜ୍ୟୋତ୍ସ୍ନା ଲାହିରିଙ୍କ ସମେତ ୩୬ ଜଣଙ୍କର ନାଁ ରହିଛି। ତେବେ ସେମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିବାରୁ ସେମାନଙ୍କ ନାମକୁ ଚାର୍ଜଶିଟ୍‌ର ୧୨ ନମ୍ବର ସ୍ତମ୍ଭରେ ରଖାଯାଇଥିବା ପୋଲିସ କହିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୧୨୪ଏ (ଦେଶଦ୍ରୋହ) ସମେତ ଧାରା ୩୨୩, ୪୬୫, ୪୭୧, ୧୪୩, ୧୪୯, ୧୪୭ ଏବଂ ୧୨୦ ବି ଲଗାଯାଇଛି। ଏଥିସହିତ ସିସିଟିଭି ଫୁଟେଜ, ମୋବାଇଲ ଫୁଟେଜ ଏବଂ ଅନ୍ୟ ଦସ୍ତାବିଜକୁ ପ୍ରମାଣ ଭାବେ ଦିଆଯାଇଛି। କହ୍ନେୟା ଅନ୍ୟମାନଙ୍କୁ ଭାରତ ବିରୋଧୀ ସ୍ଲୋଗାନ ଦେବାକୁ ଉସୁକାଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି।

ଭାଜପା ଏମ୍‌ପି ମହେଶ ଗିରି ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଅଭିଯୋଗ କ୍ରମେ ୨୦୧୬ ଫେବୃୟାରୀ ୧୧ରେ ଦିଲ୍ଲୀର ବସନ୍ତକୁଞ୍ଜ (ଉତ୍ତର) ଥାନାରେ ମାମଲା ରୁଜୁ ହୋଇଥିଲା। ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲାରେ ଚାର୍ଜଶିଟ୍ ଦାଖଲ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହ୍ନେୟାକୁମାର କହିଛନ୍ତି।

କର୍ଣ୍ଣାଟକ ରାଜନୀତିରେ ଦଳ ବଦଳ ଚର୍ଚ୍ଚା

## ବିପଦରେ କୁମାରସ୍ୱାମୀ ସରକାର

**ବେଙ୍ଗାଲୁରୁ,୧୪।୧(ପି.ଟି.)**



ଲୋକ ସଭା ନିର୍ବାଚନ ପୂର୍ବରୁ କର୍ଣ୍ଣାଟକରେ ସୋମବାର ନୂଆ ନାଟକ ଦେଖିବାକୁ ମିଳିଛି। ଭାଜପାର ୧୦୦ରୁ ଊର୍ଦ୍ଧ୍ୱ ବିଧାୟକ ଦିଲ୍ଲୀ ପଳାଇଯାଇ ଗୁରଗାଁଓରେ ରହିଥିବାବେଳେ କଂଗ୍ରେସର ୫ ବିଧାୟକ ନିଖୋଜ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଦଳ ଭିତରେ ଫାଟ ସୃଷ୍ଟି ଲାଗି ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଛି। ଶାସକ କଂଗ୍ରେସ-ଜେଡିଏସ୍ ଏବଂ ବିରୋଧୀ ଦଳ ଭାଜପା ପରସ୍ପରର ବିଧାୟକଙ୍କୁ କିଣିବା ଲାଗି ଯୋଜନା କରୁଥିବା ଚର୍ଚ୍ଚା ଜୋର ଧରିଛି। ଫଳରେ ଏଚ.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ସରକାର ଚଳାଇବାକୁ ତାଙ୍କ ପାଖରେ ଯଥେଷ୍ଟ ସଂଖ୍ୟା ରହିଥିବା କୁମାରସ୍ୱାମୀ କହିଛନ୍ତି। ଭାଜପା ତାଙ୍କ ବିଧାୟକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ଆଡକୁ ନେବା ପାଇଁ ଉଦ୍ୟମ କରୁଥିବା କଂଗ୍ରେସ-ଜେଡିଏସ୍ ମେଣ୍ଟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ବି.ଏସ୍. ୟେଦୁରାପ୍ପା ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସର ନିଖୋଜ ବିଧାୟକ ମୁମ୍ବାଇର ଏକ ହୋଟେଲରେ ଭାଜପା ନେତାଙ୍କୁ ଭେଟିଥିବା କୁହାଯାଉଛି।

■ ବୁଲନ୍ଦସହର ଗୋହତ୍ୟା ମାମଲା

## ୭ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଏସ୍‌ଏ

**ବୁଲନ୍ଦସହର,୧୪।୧(ପି.ଟି.)**

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଗତ ମାସରେ ଘଟିଥିବା ଗୋହତ୍ୟା ମାମଲାରେ ଗିରଫ ୭ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲାଗୁ ହୋଇଛି। ଗତ ଡିସେମ୍ବର ୩ରେ ଗୋରୁ କଙ୍କାଳ ମିଳିବା ଘଟଣାକୁ ନେଇ ଉତ୍ତେଜନା ହିଂସାର ରୂପ ନେଇଥିଲା। ଏହି ହିଂସାରେ ଜଣେ ପୋଲିସ ଅଫିସର ଏବଂ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ ହୋଇଥିବା ଜିଲା ମାଜିଷ୍ଟ୍ରେଟ ଅନୁଜ ଝା କହିଛନ୍ତି।

ମାହାଓ୍ୱ ଏବଂ ନୟାଗାଁଓ ଗ୍ରାମର କେତେଜଣ ଲୋକ ଡିସେମ୍ବର ୧ ଓ ୨ରେ ଜଙ୍ଗଲରେ ୪ଟି ଗୋରୁ ମାରିଥିବା ସ୍ୱୀକାର କରିଥିଲେ। ୪ ତାରିଖରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ୫ରେ ଆସିଫ କୁରେଶି, ରକିବ, ଅମନ ଖାନ ଏବଂ ଓ୍ୱାସିମ ପଠାନଙ୍କୁ ଗିରଫ କରାଯାଇଥିଲା। ହିଂସା ସୃଷ୍ଟି କରିବା ଅଭିଯୋଗରେ ଯୋଗେଶ ରାଜଙ୍କୁ ଗିରଫ କରାଯାଇଥିଲା।

**ସଂକ୍ଷେପରେ**

## ମାଲବାହୀ ବିମାନ ଦୁର୍ଘଟଣା, ୧୫ ମୃତ



**ତେହେରାନ,୧୪।୧**-ଇରାନ ରାଜଧାନୀ ତେହେରାନଠାରେ ସୋମବାର ଏକ ସାମରିକ ମାଲବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। କିର୍ଗିଜ୍‌ସ୍ତାନର ବିଶେକ୍‌ରୁ ମାଂସ ନେଇ ଆସୁଥିବା 'କାର୍ଗୋ ୭୦୭' ବିମାନ ରନ୍‌ୱେରେ ଅବତରଣ କରିବା ପରେ ଭାରସାମ୍ୟ ହରାଇ ଏକ କାନ୍ଥକୁ ଧକ୍କା ଦେଇଥିଲା। ପରେ ଏହା ଜଳି ଉଠିଥିଲା। ଏଥିରେ ଥିବା ୧୫ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଜଣେ ଇଞ୍ଜିନିୟର ଏହି ଭୟାବହ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣାସ୍ଥଳରେ ବିମାନଟି ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡ଼ି ରହିଛି।

## ପ୍ରଧାନମନ୍ତ୍ରୀଙ୍କୁ ଫିଲିପ୍ କୋଟଲର ପୁରସ୍କାର



**ନୂଆଦିଲ୍ଲୀ,୧୪।୧(ପି.ଟି.)**-ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଫିଲିପ୍ କୋଟଲର ପ୍ରେସିଡେନ୍‌ସିଆଲ୍' ପୁରସ୍କାର ପ୍ରଦାନ କରାଯାଇଛି। 'ପିପୁଲ୍ସ, ପ୍ରଫିଟ୍ ଏବଂ ପ୍ଲାନେଟ୍' ୩ ମାନଦଣ୍ଡ ଉପରେ ଏହା ଆଧାରିତ। ପ୍ରତିବର୍ଷ କୌଣସି ଏକ ଦେଶର ଉତ୍କୃଷ୍ଟ ନେତୃତ୍ୱବହନକାରୀ ନେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଏପରିସ୍ଥଳେ ପ୍ରଥମଥର ମୋଦି ନିଃସ୍ୱାର୍ଥ ସେବା ପ୍ରଦାନକାରୀ ନେତା ଭାବେ ଏହି ପୁରସ୍କାର ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି। ଦେଶର ଆର୍ଥିକ, ସାମାଜିକ ଓ ବୈଷୟିକ ବିକାଶ କ୍ଷେତ୍ରରେ ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ବିଚାରକୁ ନିଆଯାଇ ତାଙ୍କୁ ଏଥିପାଇଁ ଉପଯୁକ୍ତ ବିବେଚିତ କରାଯାଇଥିବା ପୁରସ୍କାର ପ୍ରଶସ୍ତିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ଦର୍ଶାଯାଇଛି ଯେ, ସାମାଜିକ ଓ ଆର୍ଥିକ ସୁବିଧା ଯୋଗାଇଦେବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ବିଶ୍ୱବାସୀଙ୍କୁ ପ୍ରଭାବିତ କରିଛି। ଫିଲିପ୍ କୋଟଲର ନର୍ଥୱେଷ୍ଟର୍ନ ୟୁନିଭର୍ସିଟି, କେଲୋଗ୍ ସ୍କୁଲ୍ ଅଫ୍ ମାନେଜମେଣ୍ଟ ମାର୍କେଟିଂର ଜଣେ ବିଶ୍ୱପ୍ରସିଦ୍ଧ ପ୍ରଫେସର ଅଟନ୍ତି। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଇମୋରି ୟୁନିଭର୍ସିଟି, ଜର୍ଜିଆର ଜଗଦୀଶ ସେଠ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି।

## ଶିବପାଲ୍‌ଙ୍କ ଦଳକୁ ଚାବି ଚିହ୍ନ

**ନୂଆଦିଲ୍ଲୀ,୧୪।୧**-ଲୋକ ସଭା ନିର୍ବାଚନ ପୂର୍ବରୁ ଶିବପାଲ୍ ଯାଦବଙ୍କ ଦଳ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ)କୁ ନିର୍ବାଚନ କମିଶନ 'ଚାବି' ଚିହ୍ନ ପ୍ରଦାନ କରିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି ଇସି ଏହା ଜଣାଇଛନ୍ତି। ଶିବପାଲ୍‌ଙ୍କ ପିଏସ୍‌ପି(ଏଲ୍)କୁ ଅଣସ୍ୱୀକୃତ ଦଳ ଭାବେ ପଞ୍ଜୀକୃତ କରାଯାଇଛି। ଆଗାମୀ ନିର୍ବାଚନରେ ପିଏସ୍‌ପି (ଏଲ୍) ପ୍ରାର୍ଥୀ ଚାବି ଚିହ୍ନରେ ଲଢ଼ିପାରିବେ।

[ଇତିହାସର ଆଇନାରେ]

### ଜାନୁୟାରୀ ୧୫ର ପ୍ରମୁଖ ଘଟଣା

୧୯୬୯ ଜାନୁୟାରୀ ୧୫ରେ ସୋଭିଏଟ୍ ୟୁନିୟନ୍ ଦ୍ୱାରା ସୋୟୁଜ୍ ୫ ଲଞ୍ଚ୍ କରାଯାଇଥିଲା। ମାନବଯୁକ୍ତ ଏହି ମହାକାଶଯାନରୁ ଦୁଇ ମହାକାଶଚାରୀଙ୍କୁ ପୃଥିବୀର କକ୍ଷପଥରେ ଥିବା ସୋୟୁଜ ୪କୁ ସ୍ଥାନାନ୍ତର କରାଯାଇଥିଲା।

୧୯୭୦ ଜାନୁୟାରୀ ୧୫ରେ ମୁଆମାର ଗଦାଫି ଲିବ୍ୟାର ପ୍ରଧାନମନ୍ତ୍ରୀ ଘୋଷିତ ହୋଇଥିଲେ। ୧୯୪୨ରେ ଜନ୍ମିତ କର୍ନେଲ ଗଦାଫି ଲିବ୍ୟାର ଜଣେ ବିପ୍ଳବୀ, ରାଜନେତା ଏବଂ ରାଜନୈତିକ ତତ୍ତ୍ୱବାଦୀ ବ୍ୟକ୍ତି। ୧୯୬୯ରୁ ୧୯୭୭ ମଧ୍ୟରେ ସେ ଲିବ୍ୟାର ଶାସନ ପରିଚାଳନା କରୁଥିଲେ।

**ଫୁର୍‌ସତ**

## ବୁଦ୍ଧଦେବ ଦାସଗୁପ୍ତାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

**କୋଲକାତା:**

ବିଶିଷ୍ଟ ନିର୍ଦ୍ଦେଶକ ବୁଦ୍ଧଦେବ ଦାସଗୁପ୍ତାଙ୍କୁ 'ସତ୍ୟଜିତ ରାୟ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ' ଆୱାର୍ଡ ପ୍ରଦାନ କରାଯାଇଛି। ଭାରତୀୟ ସିନେମାକୁ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ୱେଷ୍ଟ ବେଙ୍ଗଲ ଫିଲ୍ମ ଜର୍ନାଲିଷ୍ଟ ଆସୋସିଏସନ୍ (ଡବ୍ଲ୍ୟୁବିଏଫ୍‌ଜେଏ) ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଛି।

ରବିବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉଦ୍‌ବୋଧନ ଦେଇ ୭୪ ବର୍ଷ ବୟସ୍କ ବୁଦ୍ଧଦେବ କହିଲେ, ବଙ୍ଗଳାର ସମସାମୟିକ ନିର୍ଦ୍ଦେଶକମାନଙ୍କ କାର୍ଯ୍ୟ ବିଶ୍ୱର ଦର୍ଶକଙ୍କ ନିକଟରେ ପହଞ୍ଚିବା ଉଚିତ। ଆମର ସୃଷ୍ଟି ବିଶ୍ୱର ବିଭିନ୍ନ ଭାଗରେ ହେଉଥିବା ପ୍ରସିଦ୍ଧ ଚଳଚ୍ଚିତ୍ର ଉତ୍ସବରେ ସ୍ଥାନ ପାଇଲେ ଏହା ସମ୍ଭବ ହୋଇପାରିବ। ସେ ପୂର୍ବରୁ ବାଗ ବାହାଦୁର, ତାହାଦର କଥା, ଉତ୍ତରା, କାଳପୁରୁଷ ସମେତ କେତେକ ଫିଲ୍ମ ପାଇଁ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଛନ୍ତି।

## ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟର ପୃଥିବୀ ଅବତରଣ





**ୱାଶିଂଟନ୍:** ପୃଥିବୀର କକ୍ଷପଥରେ ଅବସ୍ଥାନ କରିବାର ମାସେ ପରେ ଡ୍ରାଗନ ସ୍ପେସ୍‌କ୍ରାଫ୍ଟ ସୋମବାର ରାତିରେ ପୃଥିବୀରେ ଅବତରଣ କରିବ। ଏହା ରବିବାର ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌ରୁ ଛାଡ଼ିଥିଲା।

ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ପେସେକ୍ସ ଡ୍ରାଗନ କାର୍ଗୋ ସୋମବାର ମଧ୍ୟରାତ୍ରି ୧୨ଟା ୧୫ରେ ପ୍ରଶାନ୍ତ ମହାସାଗରରେ ପାରାଚ୍ୟୁଟ୍ ଯୋଗେ ଅବତରଣ କରିବ। ଏହାପରେ ସେଠାରୁ ସ୍ପେସେକ୍ସ କର୍ମକର୍ତ୍ତାଙ୍କ ଦ୍ୱାରା ସଦର୍ନ କାଲିଫର୍ନିଆର ଏକ ବନ୍ଦରକୁ ନିଆଯିବ। ପ୍ରଥମ ଥର ପାଇଁ ରାତ୍ରି ସମୟରେ ଡ୍ରାଗନ ସ୍ପେସ୍‌କ୍ରାଫ୍ଟ ପୃଥିବୀରେ ଅବତରଣ କରିବ। ପୃଥିବୀରେ ଅବତରଣ ସମୟରେ ପୂର୍ଣ୍ଣ ଚନ୍ଦ୍ରାଲୋକ ଦ୍ୱାରା ଏହାର ଗତିପଥକୁ ନିରୀକ୍ଷଣ କରାଯାଇପାରିବ ବୋଲି ନାସା ପକ୍ଷରୁ କୁହାଯାଇଛି।

ଏହି କମର୍ସିଆଲ କାର୍ଗୋ ଭେସେଲ ପୃଥିବୀକୁ ବିଭିନ୍ନ ଜଟିଳ ଗବେଷଣାମୂଳକ ତଥ୍ୟ ଆଣି ଅବତରଣ କରିବ। ୨୦୧୮ ଡିସେମ୍ବର ୮ରେ ୫,୬୦୦ ପାଉଣ୍ଡ ଓଜନର ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରାଂଶ ବହନ କରି ଏହା ଆଇଏସ୍‌ଏସ୍‌କୁ ଲଞ୍ଚ୍ କରିଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୨.୨ |
| ଚାନ୍ଦବାଲି | ୨୮.୨ | ୧୪.୦ |
| କଟକ | ୨୯.୨ | ୧୨.୮ |
| ପାରାଦ୍ୱୀପ | ୨୭.୫ | ୧୪.୭ |
| ଭୁବନେଶ୍ୱର | ୩୦.୭ | ୧୩.୪ |
| ଗୋପାଳପୁର | ୨୮.୮ | ୧୫.୪ |
| ପୁରୀ | ୨୭.୬ | ୧୬.୦ |
| ଅନୁଗୋଳ | ୨୮.୧ | ୧୦.୬ |
| ବାରିପଦା | ୨୫.୮ | ୧୩.୫ |
| ଝାରସୁଗୁଡ଼ା | ୨୭.୫ | ୧୩.୮ |
| କେନ୍ଦୁଝର | ୨୭.୧ | ୧୨.୪ |
| ସମ୍ବଲପୁର | ୨୭.୮ | ୧୩.୨ |
| ସୁନ୍ଦରଗଡ଼ | --- | ୧୦.୫ |
| ହୀରାକୁଦ | ୨୬.୯ | ୧୪.୧ |
| ତାଳଚେର | ୩୦.୫ | ୧୨.୮ |
| ଭବାନୀପାଟଣା | --- | ୧୨.୫ |
| ବଲାଙ୍ଗୀର | --- | ୧୧.୦ |
| କୋରାପୁଟ | ୨୭.୦ | ୧୧.୦ |
| ଫୁଲବାଣୀ | ୨୬.୫ | ୯.୮ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୧.୦ | ୧୫.୪ |
| ସୋନପୁର | ୨୮.୮ | ୧୧.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସୌମିକ ସେନ୍‌ଙ୍କ ବିରୋଧରେ #ମିଟୂ ଅଭିଯୋଗ



**ମୁମ୍ବାଇ:** ଇମ୍ରାନ୍ ହାଶ୍ମିଙ୍କ ଡେବ୍ୟୁ ପ୍ରଡକ୍ସନ୍ 'ହ୍ୱାଇ ଚିଟ୍ ଇଣ୍ଡିଆ'ର ନିର୍ଦ୍ଦେଶକ ସୌମିକ ସେନ୍‌ଙ୍କ ବିରୋଧରେ ଏକାଧିକ ମହିଳା '#ମିଟୂ' ଭଳି ଯୌନ ଅସଦାଚରଣ ଅଭିଯୋଗ ଆଣିଛନ୍ତି। କିନ୍ତୁ ଉକ୍ତ ଅଭିଯୋଗଗୁଡ଼ିକର ବୈଧତା ଯାଞ୍ଚ୍ ପାଇଁ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରାଯିବା ଉଚିତ ବୋଲି ଇମ୍ରାନ୍ ମତ ଦେଇଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିରେ କେତେଜଣ ବ୍ୟକ୍ତିତ୍ୱ ଏଥିପାଇଁ ବଦନାମର ଶିକାର ହୋଇଥିବା ବେଳେ ସେନ୍‌ଙ୍କ ବିରୋଧରେ ୩ ଜଣ ମହିଳା ଅସଦାଚରଣ ଅଭିଯୋଗ ଆଣିଛନ୍ତି।

ଫିଲ୍ମନିର୍ମାତା ସାଜିଦ ଖାନ୍ ଏବଂ ବିକାଶ ବହଲଙ୍କ ବିରୋଧରେ ଯୌନ ଅସଦାଚରଣ ଅଭିଯୋଗ ଉଠିବା ପରେ ସେମାନଙ୍କୁ ଫିଲ୍ମ କରିବାରୁ ନିବୃତ୍ତ ରଖାଯାଇଥିଲା। କିନ୍ତୁ ଏମରାନ୍ କହନ୍ତି, ଅଭିଯୋଗର ବିଶ୍ୱସନୀୟତା ସମ୍ପର୍କରେ ନିଶ୍ଚିତ ନ ହେବାଯାଏ ସେ ନିର୍ଦ୍ଦେଶକ ଦାୟିତ୍ୱରୁ ସେନ୍‌ଙ୍କୁ ବହିଷ୍କାର କରିପାରିବେ ନାହିଁ। ତାଙ୍କ କହିବାନୁଯାୟୀ, ସେ ବ୍ୟକ୍ତିଗତ ଭାବରେ ଏହି ମହିଳାଙ୍କ ସହ କଥା ହୋଇନାହାନ୍ତି। ସେମାନେ କୌଣସି ନ୍ୟାୟିକ ବ୍ୟବସ୍ଥାର ଆଶ୍ରୟ ନେଇନାହାନ୍ତି। କାହା ନାମକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଲେ ଏହା ହିଂସାମୂଳକ ଆଚରଣ ହୋଇପାରେ। ଏହାର ଅର୍ଥ ନୁହେଁ ଯେ, ସୌମିକ ସେନ୍‌ଙ୍କ ପାଇଁ ସେ ପ୍ରତିରକ୍ଷା ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କୁ ଦୋଷୀ ପ୍ରମାଣିତ କରିବା ପାଇଁ ଯଥାର୍ଥ ପ୍ରକ୍ରିୟା ଓ ପ୍ରମାଣର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୧୫/୨୦୧୯ | Sambalpur, Tuesday, January 15/ 2019 | ପୃଷ୍ଠା-୧




**ପପୁ ରାୟଙ୍କୁ ସୁଯୋଗ**

ଇଂଲଣ୍ଡ ଲାୟନ୍ସ ବିପକ୍ଷ ୨ଟି ୱାର୍ମଅପ ମ୍ୟାଚ୍ ପାଇଁ ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପପୁ ରାୟ।

୧୨

୧୩

**ଆଇନଜୀବୀ ଭୂମିକାରେ ଖୁସି ରିଚା**

ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକାରେ ଅଭିନୟ କରି ବଲିଉଡ୍ ଅଭିନେତ୍ରୀ ରିଚା ଚଢ଼ା ଉତ୍ସାହିତ ଅଛନ୍ତି।





**ବିପଦକୁ ଆମନ୍ତ୍ରଣ:** କଟକ ଖାନ୍‌ନଗର ନିକଟ ରେଳଧାରଣା ଉପରେ ଜଣେ ଯୁବକ ସୋମବାର ଘୁଡି ଉଡ଼ାଉଛନ୍ତି। (ଫଟୋ: ରାଜକିଶୋର)

# ଅଭାବୀ ବିକ୍ରିକୁ ଅଣଦେଖା

କେନ୍ଦ୍ରାପଡ଼ା ଅଫିସ,୧୪।୧
(ଜଗନ୍ନାଥ ଧଳ)

କୃଷି ବହୁଳ କେନ୍ଦ୍ରାପଡ଼ା ଜିଲାରେ ଚାଷୀ ଆଜି ଅବହେଳିତ। ଚାଷୀକୁ ତା'ର ନାର୍ଯ୍ୟ ଅଧିକାର ଠିକ୍‌ଭାବେ ମିଳୁନାହିଁ। କୃଷି ଓ କୃଷକଙ୍କ ନିମନ୍ତେ କରାଯାଉଥିବା ବିଭିନ୍ନ ଯୋଜନା ମଧ୍ୟ ବାଟବଣା ହେଉଛି। ଜିଲାରେ କ୍ରମାଗତ ଭାବେ ଋଣ ପ୍ରଦାନ ଓ ଚାଷୀଙ୍କ ଧାନ ବିକ୍ରି ଟାର୍ଗେଟ୍‌କୁ ବ୍ୟାଙ୍କ ଓ ପ୍ରଶାସନ ଅଣଦେଖା କରିଛି। ଅପରପକ୍ଷେ ପ୍ରାକୃତିକ ବିପର୍ଯ୍ୟୟ, ପ୍ରଶାସନିକ ଅବ୍ୟବସ୍ଥା ଆଦି କାରଣରୁ ମାନସିକ ଭାରସାମ୍ୟ ହରାଇ ଅନେକ ଚାଷୀ ଆତ୍ମହତ୍ୟା କରୁଛନ୍ତି। ମାତ୍ର ଏହାକୁ ସ୍ୱୀକାର କରିବାକୁ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଛି। ଏଭଳି ଅସମାହିତ ସମସ୍ୟାର ସମାଧାନ କରିବାକୁ କାହାରି ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ୩ ଲକ୍ଷ ୧୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଅଛନ୍ତି। ୧ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ତେବେ ଆବଶ୍ୟକ ଜଳସେଚନ ଅଭାବରୁ ୨୮ହଜାର ହେକ୍ଟର ଜମିରେ ଚାଷ ଠିକ୍‌ଭାବେ ହୋଇପାରୁନାହିଁ। ଜିଲାର ଆଳି, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ମହାକାଳପଡ଼ା ବ୍ଲକ ଅଞ୍ଚଳରେ କେନାଲ ମାଧ୍ୟମରେ ମାତ୍ର ୨୮ ପ୍ରତିଶତ ଜଳ ସେଚନ ସୁବିଧା ରହିଛି।

ଶିଳ୍ପ ବିହୀନ ଏହି ଜିଲାରେ କୃଷି କ୍ଷେତ୍ରକୁ ଯୁବବର୍ଗ ଆକୃଷ୍ଟ ହୋଇପାରୁନାହାନ୍ତି। ବ୍ୟାଙ୍କ ଋଣ ଏକ ମୁଖ୍ୟ କାରଣ ହୋଇଥିଲେ ମଧ୍ୟ କୃଷିକୁ ଆକର୍ଷଣ କରିବାକୁ ଆନୁଷଙ୍ଗିକ ଭିତ୍ତିଭୂମି ସୃଷ୍ଟି କରିବାରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଜମି ଚକବନ୍ଦୀଠାରୁ ଆରମ୍ଭ କରି ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କ ବିଫଳତା ଏହି ଜିଲାକୁ

**କେନ୍ଦ୍ରାପଡ଼ା ଜିଲା**

ଗରିବରୁ ଅତି ଗରିବ କରି ସାରିଲାଣି। ଏଆର୍‌ସିଏସ୍ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଗତ ୫ବର୍ଷ ମଧ୍ୟରେ ସମବାୟ କ୍ଷେତ୍ରରେ ସାମିଲ କୃଷକଙ୍କ ଋଣ ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁତ କମ୍ ରହିଛି। ୨୦୧୮ରେ ଜିଲାର ୧,୫୩,୨୭୬ ଚାଷୀଙ୍କ ପାଇଁ ୬୪,୪୯୫ ଲକ୍ଷ ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଅଦ୍ୟାବଧି ୧,୪୨,୨୫୩ ଚାଷୀଙ୍କୁ ୪୫,୪୪୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଅର୍ଥାତ୍ ମୁଣ୍ଡପିଛା ଚାଷୀକୁ ମିଳିଛି ୩୧,୯୪୬ଟଙ୍କା। ସେହିପରି ୨୦୧୭ରେ ୫୪,୫୯୭ ଲକ୍ଷ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ବଦଳରେ ୩୨,୬୩୧ ଲକ୍ଷ ଟଙ୍କା, ୨୦୧୬ରେ ୫୨,୫୧୮ଲକ୍ଷ ଟଙ୍କାରୁ ୩୧,୭୫୨ଲକ୍ଷ ଟଙ୍କା, ୨୦୧୫ରେ ଧାର୍ଯ୍ୟ ୫୧,୦୮୪ ଲକ୍ଷ ଟଙ୍କାରୁ ୨୭,୫୧୯ଲକ୍ଷ ଟଙ୍କା, ୨୦୧୪ରେ ୪୦,୦୬୬ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୨୨,୭୨୬ ଲକ୍ଷ ଟଙ୍କା ଚାଷୀଙ୍କୁ କୃଷି କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। ଜିଲାର ଚାଷୀ ଧାନ ଫସଲ ମାଧ୍ୟମରେ ଆର୍ଥିକ ଉପାର୍ଜନ କରିଥାନ୍ତି। ତେବେ ଏହି ଧାନ କିଣାରେ ମଧ୍ୟ ଅବହେଳା ପ୍ରଦର୍ଶନ କରାଯାଉଛି। ମଣ୍ଡିରେ ଥିବା ବିଭିନ୍ନ କଟକଣା ପାଇଁ ଚାଷୀ ଓ ଭାଗଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏପରି କି ୨୦୧୫-୧୬ ଆର୍ଥିକ ବର୍ଷରେ ମାର୍କଫେଡ ପକ୍ଷରୁ ଧାନ କିଣା ସମୟରେ ପ୍ରାୟ କୋଟିଏ ଟଙ୍କାରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ସିଏସ୍‌ଓ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଧାନ ବିକ୍ରି ପାଇଁ ଗତ ୪ ବର୍ଷ ମଧ୍ୟରେ ଜିଲାର ସର୍ବାଧିକ ୨୯,୭୬୩ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି।

☞ପୃଷ୍ଠା-୫

# ଅସମ୍ଭାଳ ବିଦ୍ୟୁତ୍ ବ୍ୟବସ୍ଥା

ଭୁବନେଶ୍ୱର,୧୪।୧(ବ୍ୟୁରୋ)

- ସୌଭାଗ୍ୟ ଯୋଜନାରେ ବଢ଼ିଛନ୍ତି ୩୦ ଲକ୍ଷ ଗ୍ରାହକ
- ପିକ୍ ଆୱାରରେ ଦୈନିକ ଆବଶ୍ୟକ ହେଉଛି ୪୦୦୦ ମେଗାୱାଟ
- ଆଗକୁ ଅସମ୍ଭାଳ ହେବ ପରିସ୍ଥିତି

ଟଳମଳ ହେଲାଣି ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥା। ପ୍ରଶାସନିକ ଅବ୍ୟବସ୍ଥା ସାଙ୍ଗକୁ ବିଦ୍ୟୁତ୍ ଶକ୍ତି ଉପରେ ଅତ୍ୟଧିକ ଚାପ ପରିସ୍ଥିତିକୁ ଅଣାୟତ୍ତ କଲାଣି। ଅଚଳାବସ୍ଥାକୁ ଏଡାଇବା ପାଇଁ ଗ୍ରାହକଙ୍କ ଉପରେ ବିଦ୍ୟୁତ୍ ବିଲ୍ ବୋଝ ଲଦିବାକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିକଟରେ ବଣ୍ଟନ କମ୍ପାନୀଗୁଡିକ ଫେରାଦ ହେଲେଣି। ମିଳିଥିବା ସୂଚନା ଅନୁଯାୟୀ ବଣ୍ଟନ କମ୍ପାନୀଗୁଡିକ ୟୁନିଟ୍ ପିଛା ୯୭ ପଇସା ବଢାଇବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ନିୟମିତ ବିଦ୍ୟୁତ୍‌କାଟ କରିବାକୁ ମଧ୍ୟ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକୁ ଶକ୍ତି ବିଭାଗ ପକ୍ଷରୁ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି।

ଉତ୍ପାଦନ ବଢୁ ନ ଥିବାରୁ ରାଜ୍ୟରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖା ଦେଲାଣି। ଶୀତଦିନରେ ମଧ୍ୟ ପରିସ୍ଥିତି ସଙ୍ଗିନ ହୋଇଛି । କେବଳ ରାଜ୍ୟର କେତୋଟି ହାତଗଣତି ବଡ ସହରକୁ ବାଦ୍ ଦେଲେ ଗାଁ ଠାରୁ ଆରମ୍ଭ କରି ସମସ୍ତ ଛୋଟ ସହରରେ ଜୋରଦାର ବିଦ୍ୟୁତ୍‌କାଟ ଜାରି ରହିଛି। ୱେସ୍‌କୋ, ସାଉଥ୍‌କୋ, ନେସ୍‌କୋ ଏବଂ ସେସୁ ନିଜ ନିଜ ଅଧୀନରେ ଆସୁଥିବା ଜିଲାଗୁଡିକରେ ଦୈନିକ ୨ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ସକାଳ ୫ଟାରୁ ୧୧ଟା ଏବଂ ପୁଣି ସନ୍ଧ୍ୟା ୫ଟାରୁ ରାତି ୧୦ଟା ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବିଦ୍ୟୁତ୍ କାଟ କରାଯାଉଛି। ଶୀତଦିନେ ପରିସ୍ଥିତି ସଙ୍ଗିନ ହୋଇଥିବା ବେଳେ ଖରାଦିନେ ଆହୁରି ଦୟନୀୟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବିଦ୍ୟୁତ୍ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ରାଜ୍ୟରେ ଦୈନିକ ପିକ୍ ଆୱାର(ସନ୍ଧ୍ୟା ୬ରୁ ରାତି ୧୦ଟା ଯାଏ) ୪୦୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ଜଳ ବିଦ୍ୟୁତ୍, ତାପଜ ଏବଂ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ (ଆଇପିପି)ରୁ ପ୍ରାୟ ୨୬୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଛି। ଅଭାବ ମେଣ୍ଟାଇବାକୁ ସେଣ୍ଟ୍ରାଲ ପୁଲ୍‌ରୁ ୧୧୫୦ ମେଗାୱାଟ୍

☞ପୃଷ୍ଠା-୨

## ଏସ୍‌ପିଜି ସୁରକ୍ଷା ଘେରରେ ବଲାଙ୍ଗୀର ସହର

ବଲାଙ୍ଗୀର ଅଫିସ, ୧୪।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନରେ ବଲାଙ୍ଗୀର ଆସି ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେବେ। ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୧୫୪୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏହାପରେ ପଥରଚେପାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବଲାଙ୍ଗୀର ସହରରେ କଡା ସୁରକ୍ଷା ବ୍ୟବସ୍ଥା

☞ପୃଷ୍ଠା-୨

# ଆଜି ବଲାଙ୍ଗୀର ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

- ପ୍ରକଳ୍ପ ଲୋକାର୍ପଣ ସହ ଦଳୀୟ ସମାବେଶ
- ରଣନୀତି ଉପରେ ସଭିଙ୍କ ନଜର
- ଭୁବନେଶ୍ୱରରେ ରାଜ୍ୟ ପକ୍ଷରୁ କୃଷି ମେଳା କାର୍ଯ୍ୟକ୍ରମ



ସାଧାରଣ ନିର୍ବାଚନର ବିଗୁଲ୍ ବାଜିନାହିଁ, ହେଲେ ରାଜ୍ୟର ପାଣିପାଗ ନିର୍ବାଚନୀମୁହାଁ ହେଲାଣି। ଶିଳାନ୍ୟାସ, ଲୋକାର୍ପଣ ଓ ରାଜନୈତିକ ସମାବେଶ ନିତିଦିନିଆ ହୋଇଗଲାଣି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ସରକାରୀ ଦଳ ଶିଳାନ୍ୟାସ ଓ ଲୋକାର୍ପଣକୁ ଗୁରୁତ୍ୱ ଦେଉଛି। ଅନୁରୂପଭାବେ ବିରୋଧୀ ସମାବେଶ, କର୍ମୀ ସମ୍ମିଳନୀ ଏବଂ ଶାସକ ଦଳର ଦୋଷ ଖୋଜୁଛି। ସବୁ ଦଳର ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିଛି। ଏହି କ୍ରମରେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀର ଜିଲା ଗସ୍ତରେ ଆସି ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ମୋଦି

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସିକ୍ରି ବିକ୍ରି**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ଏବଂ ଅମିତ ଶାହ ଦେଶ ପାଇଁ ବଡ ବିପଦ। ଭାଜପା ପୁଣି କ୍ଷମତାକୁ ଆସିଲେ ନିର୍ବାଚନ ବନ୍ଦ କରିବାକୁ ସମ୍ବିଧାନ ବଦଳାଇଦେବ।

– ଅରବିନ୍ଦ କେଜ୍‌ରିୱାଲ
ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟରେ ଦେଶର କୃଷି ରପ୍ତାନି ୧୧.୫୮% ବୃଦ୍ଧି ୨୭୧.୫୨ ବିଲିୟନ ଡଲାର ଛୁଇଁଛି।

–ବାଣିଜ୍ୟ ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE 14.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 74 | 124 | 134 |
| BLS | 76 | 127 | 137 |
| ANG | 71 | 120 | 130 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers


## ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ରାଜନୀତି

# ଦାୟିତ୍ୱ ଠେଲିଲା କେନ୍ଦ୍ର

ଭୁବନେଶ୍ୱର,୧୪।୧(ବ୍ୟୁରୋ)

- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରବି ଶଙ୍କର

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ରାଜନୀତି ଜୋର ଧରିଛି। କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରକୁ ଦାୟିତ୍ୱ ଠେଲିବାରେ ଲାଗିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ପାଲଟା ରାଜ୍ୟ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରି ଦେଉଛି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିବାକୁ ସ୍ପଷ୍ଟକରିଛନ୍ତି।

ପଶ୍ଚିମ କିମ୍ବା ଦକ୍ଷିଣ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ନବୀନ ଗତ ୧୧ ତାରିଖରେ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ ରବି ଶଙ୍କର ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଯଶୱନ୍ତ ସିଂ କମିଶନ ସୁପାରିସ ସହ ସୁପ୍ରିମକୋର୍ଟର ବିଚାର ବ୍ୟବସ୍ଥାର ଡବ୍ଲ୍ୟୁ.ପି. ନଂ ୩୭୯ /୨୦୦୦ ଅନୁଯାୟୀ ବିଚାର କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ବେଞ୍ଚର ମୁଖ୍ୟ। ରାଜ୍ୟରେ ଅଦାଲତ ସମ୍ପର୍କିତ ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏବଂ କୌଣସି ବେଞ୍ଚ ସ୍ଥାପନ କରିବା ହାଇକୋର୍ଟଙ୍କ ଦାୟିତ୍ୱ। କୌଣସି ନୂତନ ବେଞ୍ଚ ସ୍ଥାପନ କରିବା ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିବା ଦରକାର, ଯାହାକି ଯେ କୌଣସି ହାଇକୋର୍ଟ ସ୍ଥାପନ କ୍ଷେତ୍ରରେ ତାହା ହିଁ ହୋଇଛି। ହାଇକୋର୍ଟଙ୍କ ସହମତି ହେଲା ପରେ ରାଜ୍ୟ ସରକାର ନୂତନ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରବି ଶଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

## ନବ ଦାସଙ୍କ ଶଙ୍ଖ ଧରିବା ପ୍ରସଙ୍ଗ

# ବଦଳିବ ରାଜନୈତିକ ସମୀକରଣ


କିଶୋର ମହାନ୍ତି


ହେମାନନ୍ଦ ବିଶ୍ୱାଳ


ନବ ଦାସ

ଝାରସୁଗୁଡ଼ା ଅଫିସ,୧୪।୧

୨୦୧୯ ନିର୍ବାଚନରେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବିଜେଡି ଟିକେଟ୍‌ରେ ଲଢିବେ। ଏଥିରେ 'କିନ୍ତୁ' 'ପରନ୍ତୁ' କିଛି ନାହିଁ। ବିଧାୟକ ଦାସଙ୍କ କହିବା ଅନୁଯାୟୀ ସେ ପାର୍ଟି ଅପେକ୍ଷା ମାଟିକୁ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ନିର୍ବାଚନ ସେ ବିଜେଡିରୁ ଲଢନ୍ତୁ ବୋଲି ତାଙ୍କ ସମର୍ଥକ(ମାଟିର ଲୋକ)ମାନେ ଅନୁରୋଧ କରିଛନ୍ତି। ତେଣୁ ସମର୍ଥକମାନେ ଯେତେବେଳେ ବିଜେଡିରୁ ଲଢିବାକୁ ମତ ଦେଇଛନ୍ତି, ମୁଁ ବିଜେଡି ଟିକେଟରେ ଲଢିବାକୁ ପ୍ରସ୍ତୁତ। ସେଥିପାଇଁ ଜାନୁୟାରୀ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ବେଳେ ସେ ୫୦ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ବିଜେଡି ସୁପ୍ରିମୋଙ୍କୁ ସମର୍ଥକଙ୍କ ମନର କଥା ଜଣାଇବେ ଅର୍ଥାତ୍ ଦଳ ବଦଳାଇବେ। ବିଧାୟକ ଦାସଙ୍କ ଦଳ ବଦଳ ପରେ ଶଙ୍ଖଶୂନ୍ୟ ଦେଖାଯାଉଥିବା ଝାରସୁଗୁଡ଼ା ଜିଲା ରାଜନୀତି ଶଙ୍ଖମୟ ହେବ ବୋଲି କୁହାଯାଉଛି। ଜିଲାରେ ସର୍ବାଧିକ ନିର୍ବାଚିତ ପ୍ରତିନିଧି କଂଗ୍ରେସର । ବିଧାୟକ ଦାସ ବିଜେଡିରେ ଯୋଗଦେବା ପରେ ସେମାନେ ମଧ୍ୟ ସମାନ ରାସ୍ତା ଅନୁସରଣ କରିବେ ବୋଲି ପୂର୍ବ ପ୍ରସ୍ତୁତି ଚାଲିଥିବା ଜଣାପଡିଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ଝାରସୁଗୁଡା ଜିଲାରେ ବିପୁଳ ଜନ ସମର୍ଥନ ମିଳିଥିଲା। ୯ ଆସନ ବିଶିଷ୍ଟ ଜିଲା ପରିଷଦଙ୍କ ମଧ୍ୟରୁ ୮ ଜଣ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ। ଗୋଟିଏ ଜୋନ୍‌କୁ ଛାଡି ଅନ୍ୟ ୮ଟି ଜୋନରୁ ବିଧାୟକଙ୍କ ଦ୍ୱାରା ଚିହ୍ନଟ ପ୍ରତିନିଧିମାନେ ବିଜୟୀ ହୋଇଥିଲେ। ବର୍ତ୍ତମାନ ବିଧାୟକ ବିଜେଡିକୁ ଯିବା ପୂର୍ବରୁ ସେମାନଙ୍କ ମତାମତ ସଂଗ୍ରହ କରିଛନ୍ତି। ତେଣୁ ବିଧାୟକଙ୍କ ଦଳ ବଦଳର ପ୍ରଭାବ ସେମାନଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପଡିବ। ସେମାନେ ମଧ୍ୟ ବିଧାୟକଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ କହୁଛନ୍ତି।

ଜିଲା ପରିଷଦ ଭଳି ଝାରସୁଗୁଡ଼ା ଜିଲାର ୫ଟି ବ୍ଲକର ବ୍ଲକ୍ ଅଧ୍ୟକ୍ଷ ମଧ୍ୟ କଂଗ୍ରେସର ଅଛନ୍ତି। ବିନା ଦଳୀୟ ଟିକେଟ୍ ଏବଂ ଦଳୀୟ ଚିହ୍ନରେ ପଞ୍ଚାୟତ ନିର୍ବାଚନ ହେଉଥିଲେ ମଧ୍ୟ ସରପଞ୍ଚ , ସମିତିସଭ୍ୟ, ଏପରି

☞ପୃଷ୍ଠା-୨

## ନବୀନ, ବିଜେଡିକୁ ପ୍ରକାଶଙ୍କ ପ୍ରଶଂସା

କଟକ ଅଫିସ, ୧୪।୧

ସାଲେପୁରର କଂଗ୍ରେସ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ବିଜେଡିରେ ଯୋଗଦେଉଥିବା ନେଇ ଏକ ବର୍ଷ ହେବ ଚର୍ଚ୍ଚା ଲାଗି ରହିଛି। ହେଲେ ଅଦ୍ୟାବଧି ପ୍ରକାଶ ବିଜେଡିରେ ମିଶୁଛନ୍ତି କି ନାହିଁ ତାହା ସ୍ପଷ୍ଟ କରୁନାହାନ୍ତି। ଝାରସୁଗୁଡ଼ା ବିଧାୟକ ନବ ଦାସ ବିଜେଡିରେ ଯୋଗ ଦେଉଥିବା ନେଇ ସ୍ପଷ୍ଟ ମତ ରଖିବା ପରେ ପ୍ରକାଶଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରାଯାଇଥିଲା। ଉତ୍ତରରେ ପ୍ରକାଶ ସିଧା ଜବାବ ନ ଦେଇ ବିଜେଡି ଓ ନବୀନଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେ କହିଥିଲେ, ୨୦ ବର୍ଷ ଧରି ବିଜେଡି ରାଜ୍ୟରେ ଭଲ କାମ କରୁଛି। ଭଲ ସ୍ଥିତିରେ ମଧ୍ୟ ରହିଛି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ମଧ୍ୟ ଅତୁଟ ରହିଛି। ଏପରି କି ସେ କହିଥିଲେ ଯେ, ଆଗାମୀ ନିର୍ବାଚନ ହାଇକମାଣ୍ଡ ଯେଉଁଠୁ ଚାହିଁବେ ସେଠୁ ଲଢିବେ। ତେବେ ଆପଣଙ୍କ ହାଇକମାଣ୍ଡ କିଏ ବୋଲି ପଚାରିବାରୁ ପ୍ରକାଶ ମୁରୁକି ହସରେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।




ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: .....................................

ବୟସ: .....................................

ଜନ୍ମ ତାରିଖ: ...............................



ମକରା
ପରିବାରବର୍ଗ



ଗୁଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନ ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ସତ୍ୟନଗର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10485

### real estate

**SALE**

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

ଭୁବନେଶ୍ୱର ଉଉରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍କାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65336

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Gharabari plot at bypass NH side, Kantabada Square, MITM Engineering Collage front, Bhubaneswar: 9938373904. D-65442

Gharabari ST plot 2000 sqft. (2nos.) Vipul Garden front,Ghatikia, Bhubaneswar: 7381564227. D-65443

Residential plot available at Khandagiri, Bhubaneswar AIIMS Hospital backside 30' Road with compoundwall 700/- psqft. 9938373904. D-65444

### to-let

1400 sqft. commercial space at BMC Bhabani mall sqft. 50/-. 9337119834. D-65331

### healthcare

Roshin ayurvedic massage club fully relaxed by smart lady home service facility available. 9937637219. D-64684

Ayurvedic full body massage ladies/ gents smart experts therapist. 9114697517. D-64686

Herbal body massage, relax, back joint pain treatment. Contact: 9437453813. D-64567

### ୮ମ ଜନ୍ମଦିବସର ଶୁଭେଚ୍ଛା



(ମକରା)

**ପିଉଷ କୁମାର ପଣ୍ଡା**

ଅନୁଗୋଳ

ଦୀର୍ଘାୟୁ ଭବ। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ବିଭୁପାଦେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଅଜା– ନରେଶ ଚନ୍ଦ୍ର ଦାଶ, ଆଈ– ମଞ୍ଜୁଲତା ଦାଶ, ମାମୁ– ଦେବେଶ ପ୍ରସାଦ ଦାଶ। ଧ–୧୦୫୫୮

**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିଠାରୁ ଅର୍ଦ୍ଧ କୁମ୍ଭମେଳା

ପ୍ରୟାଗରାଜ୍(ୟୁପି),୧୪।୧(ପି.ଟି.)- ମଙ୍ଗଳବାରଠାରୁ ଉତ୍ତରପ୍ରଦେଶର ପ୍ରୟାଗରାଜ (ପୂର୍ବରୁ ଆଲ୍ଲାହାବାଦ)ଠାରେ ବିଶ୍ୱପ୍ରସିଦ୍ଧ ଅର୍ଦ୍ଧ କୁମ୍ଭମେଳା ଆରମ୍ଭ ହେଉଛି। ଏହା ମାର୍ଚ୍ଚ ୪ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମେଳାରେ ଦେଶ ବିଦେଶରୁ ୧୨ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବା ଆଶା କରାଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅପରପକ୍ଷରେ ମେଳା ଆରମ୍ଭ ହେବାର ଦିନକ ପୂର୍ବରୁ କୁମ୍ଭମେଳା ସ୍ଥଳଠାରେ ଥିବା ଦିଗମ୍ବର ଅନି ଆଖଡ଼ାର ଏକ ଟେଣ୍ଟରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଫଳରେ ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଥିଲା। ଏହି ନିଆଁ ଅନ୍ୟ ଟେଣ୍ଟଗୁଡ଼ିକୁ ବ୍ୟାପିଯାଇଥିଲା। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ତେବେ ଦୁଇଟି ଗାଡ଼ି ଏବଂ କେତେକ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡିଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସବୁ ଟେଣ୍ଟକୁ ଯାଇ ଅଗ୍ନି ନିରୋଧକ ବ୍ୟବସ୍ଥା ଯାଞ୍ଚ କରିବା ଓ ଆବଶ୍ୟକ ସତର୍କତା ଗ୍ରହଣ କରିବା ଲାଗି ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମେଳାକୁ ଦୁର୍ଘଟଣାମୁକ୍ତ ରଖିବା ଲାଗି ପାରମ୍ପରିକ ସମେତ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇଥିବା ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ଅତ୍ୟାଧୁନିକ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର ୨୪ ଘଣ୍ଟା ମେଳା ସ୍ଥଳୀ ଉପରେ ନଜର ରଖିବ। ଏଥିପାଇଁ ୧୨୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଭିଡ଼ ନିୟନ୍ତ୍ରଣ ଲାଗି ରିଅଲ ଟାଇମ୍ ଭିଡିଓ ଆନାଲିସିସ୍ ବ୍ୟବସ୍ଥା ହୋଇଛି। ସେହିପରି କୌଣସି ପିଲା ହଜିଗଲେ ଠାବ କରିବା ଲାଗି ପିଲାମାନଙ୍କ ଦେହରେ ରେଡିଓ ଫ୍ରିକ୍ୱେନ୍ସି ଟ୍ୟାଗ୍ ଲଗାଇବାକୁ ନିଷ୍ପତ୍ତି ନିଆଯାଇଥିବା ପୋଲିସ ଡିଜି କହିଛନ୍ତି। ଆତଙ୍କବାଦୀ, ଅପରାଧୀ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ଲାଗି ତ୍ରିନେତ୍ର ଆପ୍‌ର ବ୍ୟବହାର କରାଯିବ। ୩୨୦୦ ହେକ୍ଟର ଅଞ୍ଚଳରେ ମେଳା ଆୟୋଜିତ ହେଉଥିବାବେଳେ ଆଇନଶୃଙ୍ଖଳା ରକ୍ଷା ଲାଗି ଏହାକୁ ୯ଟି ଜୋନ୍ ଏବଂ ୨୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୨୦ ହଜାର ପୋଲିସ କର୍ମଚାରୀଙ୍କ ସମେତ ୬ ହଜାର ହୋମଗାର୍ଡ ନିୟୋଜିତ ହେବେ। ମେଳା ସ୍ଥଳରେ ୪୦ ଥାନା, ୫୮ ଆଉଟପୋଷ୍ଟ, ୪୦ ଫାୟାରଷ୍ଟେସନ ରହିବ। ୮୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ୨୦ କମ୍ପାନୀ ପିଏସି ମୁତୟନ ହେବେ ବୋଲି ଡିଜିପି ସୂଚନା ଦେଇଛନ୍ତି।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ବୈଦେହୀ ସାହୁ**

ତିରୋଧାନ: ୦୫।୦୧।୨୦୧୯

ମା', ତୋର ସ୍ନେହ, ଭଲପାଇବା, ପରୋପକାରିତା, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ ଓ ତ୍ୟାଗକୁ ସହଜରେ ଭୁଲି ହେବନି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଅଶୋକ କୁମାର ସାହୁ, କୌଶିକ କୁମାର ସାହୁ, ପୁଅ–ବୋହୂ, ଝିଅ–ଜ୍ୱାଇଁ, ନାତି–ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଓ ପରିବାରବର୍ଗ। ଧ–୧୦୫୬୮

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମାନସ ମୋହିନୀ ପଣ୍ଡା**

ଆବିର୍ଭାବ: ୧୨।୧୦।୧୯୪୧
ତିରୋଧାନ: ୦୫।୦୧।୨୦୧୯
(ପୌଷମାସ ବହୁଳ ଅମାବାସ୍ୟା)

ବୋଉ, ତୁମେ ଆମମାନଙ୍କୁ ହଠାତ୍ ଛାଡ଼ି ଚାଲିଗଲ, ବିଶ୍ୱାସ ହେଉନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳତା ଓ ଆଦର୍ଶ ଆମର ନିତ୍ୟ ଜୀବନରେ ସହାୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଏବଂ ଶୋକସନ୍ତପ୍ତ ପରିବାରବର୍ଗ।

୧୮୬୦, ନୂଆପଲ୍ଲୀ (ନୂଆସାହି), ୱାର୍ଡ–୩୯, ଭୁବନେଶ୍ୱର

ଧ–୬୪୬୯୦

## ପ୍ରଥମ ପୃଷ୍ଠାରୁ...

# ଅସମ୍ଭାଳ...

ବିଦ୍ୟୁତ୍ କ୍ରୟ କରାଯାଉଛି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ବିଦ୍ୟୁତ୍ ଉତ୍ପାଦନ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି। ଏହି ଯୋଜନା ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ୬୭ ଲକ୍ଷ ଉପଭୋକ୍ତା ଥିବା ବେଳେ ଗତ ଦୁଇବର୍ଷ ମଧ୍ୟରେ ଏହା ୯୭ ଲକ୍ଷକୁ ବୃଦ୍ଧି ପାଇଛି। ଆସନ୍ତା ବର୍ଷ ଉପଭୋକ୍ତା ସଂଖ୍ୟା ୧ କୋଟି ଉପରକୁ ଟପିଯିବ। ଏତେ ସଂଖ୍ୟକ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ରାଜ୍ୟରେ ଆହୁରି ୧୫୦୦ ମେଗାୱାଟ୍ ଅତିରିକ୍ତ ବିଦ୍ୟୁତ୍ ଆବଶ୍ୟକ ହେବ ବୋଲି ଅନୁମାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷର ଅଧିକାଂଶ ସମୟରେ ଗରମ ଅନୁଭୂତ ହେଉଛି। ଏ.ସି ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ବ୍ୟବହାର ବଢି ଚାଲିଛି। ରାଜ୍ୟରେ ଉପଭୋକ୍ତା ସଂଖ୍ୟା ଯେଉଁ ହାରରେ ବଢି ଚାଲିଛି ଉତ୍ପାଦନ ସେହି ଅନୁପାତରେ ବଢୁ ନାହିଁ। ରାଜ୍ୟ ସରକାର ବିଦ୍ୟୁତ୍ ଚାହିଦାକୁ ଭରଣା କରିବା ପାଇଁ ଉତ୍ପାଦନ ବୃଦ୍ଧି ଯୋଜନା କରିଛନ୍ତି। ଗ୍ରୀଡ୍‌କୋ ୨୦୨୦–୨୧ ବେଳକୁ ରାଜ୍ୟରେ ୫୭୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା କରିଛି। ରାଜ୍ୟ ସରକାର ୨୦୦୦ରୁ ୨୦୧୪ ମଧ୍ୟରେ ୩୦ଟି ଆଇପିପି ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସେଥିରୁ ୨୦ଟି ଏ ପର୍ଯ୍ୟନ୍ତ ଉତ୍ପାଦନ ଆରମ୍ଭ କରିନାହାନ୍ତି। ଅନ୍ୟ ପକ୍ଷରେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡିକର ଉତ୍ପାଦନ ଗତ ୪ ବର୍ଷର ପରିସଂଖ୍ୟାନକୁ ଦେଖିଲେ ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ରହିଛି। ରାଜ୍ୟରେ ବୁର୍ଲା, ଚିପିଲିମା, ବାଲିମେଳା, ରେଙ୍ଗାଲି, ଅପରକୋଲାବ, ଅପର ଇନ୍ଦ୍ରାବତୀ, ମାଛକୁଣ୍ଡ ଆଦି ୭ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏସବୁରୁ ୨୦୧୩ରେ ମୋଟ ୭୨୦୫.୧୪ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଥିବା ବେଳେ ୨୦୧୪ରେ ଖସି ୬୫୨୪.୫୫, ୨୦୧୫ରେ ୪୫୪୧.୮୫, ୨୦୧୬ରେ ୪୭୭୪.୨୧ ଏବଂ ୨୦୧୭–୨୦୧୮ରେ ୫୭୩୦.୯୯ ମିଲିୟନ ୟୁନିଟ୍‌କୁ ଖସି ଯାଇଛି। ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ବହୁ ମାତ୍ରାରେ ବୃଦ୍ଧି ପାଇବ। ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ନାହିଁ।

ବାଣିଜ୍ୟିକ ଓ ପରିବହନଜନିତ(ଏଟି ଆଣ୍ଡ ସି) କ୍ଷତି ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାରୁ କ୍ଷତି ବଢି ବଢି ଚାଲିଛି ତେଣୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଅଣନିଃଶ୍ୱାସୀ ହେଲେଣି। ରାଜ୍ୟରେ ଏଟି ଆଣ୍ଡ ସି କ୍ଷତି ୪୦ ପ୍ରତିଶତ ଉପରେ ରହିଛି। ପ୍ରତିବର୍ଷ ୧୦ ପ୍ରତିଶତ କମାଇବାକୁ ଓଇଆରସି ବଣ୍ଟନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଯୋଗୁ ଏଥିରେ କୌଣସି ସୁଧାର ଆସୁ ନାହିଁ। ଏହାଛଡା କର୍ମଚାରୀ ଅଭାବ ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତି ହୋଇ ପାରୁ ନାହିଁ। କର୍ମଚାରୀ ପୂରଣ ହେବା ସହ ଏଟି ଆଣ୍ଡ ସି କମାଯାଇ ପାରିଲେ ବିଦ୍ୟୁତ୍ କ୍ଷତିକୁ ଅନେକାଂଶରେ ଭରଣା କରାଯାଇ ପାରନ୍ତା ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି।

# ଆଜି ବଲାଙ୍ଗୀର...

ଦଳୀୟ ସ୍ୱାଭିମାନ ସମାବେଶରେ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ଏକ ରାଜନୈତିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତ ଦୃଷ୍ଟି ଏହା ଉପରେ କେନ୍ଦ୍ରିତ ହୋଇଛି। ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ରାଜ୍ୟ ସରକାର କୃଷି ମେଳା–୨୦୧୯କୁ ଆରମ୍ଭ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୯ଯାଏ ଚାଲିବ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଥିବାରୁ ବଲାଙ୍ଗୀରରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗ ନ ଦେବା ସ୍ପଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ ରହିବା ସହ ପୁରୀଠାରେ ଆୟୋଜିତ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା।

କୌଣସି ନେତାଙ୍କ ଗସ୍ତ ପୂର୍ବରୁ ତାଙ୍କର ରଣନୀତିକୁ ନେଇ ଚର୍ଚ୍ଚା ହେବା ସାଧାରଣ କଥା। ପୂର୍ବ ସଭାରେ ପ୍ରଧାନମନ୍ତ୍ରୀ ମୋଦି ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ କରି ନ ଥିଲେ। ହେଲେ ପିପିଲି ଗଣବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ ଠିକ୍ ତଦନ୍ତ ପାଇଁ ମତ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବିବୃତିର ୨୪ ଘଣ୍ଟା ନ ପୂରୁଣୁ କୃଷି ଏବଂ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିବା ପ୍ରଦୀପ ମହାରଥୀ ଇସ୍ତଫା ଦେଇଥିଲେ। ଘଟଣାକ୍ରମରେ ରବିବାର କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସେବାଶ୍ରମ ଜଣେ ନାବାଳିକା ମା' ହେବା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଇତିମଧ୍ୟରେ ଉକ୍ତ ନବଜାତ ଶିଶୁର ମୃତ୍ୟୁ ମଧ୍ୟ ହୋଇଛି। ରାଜ୍ୟ ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରାଥମିକ ଭାବେ କେତେକଙ୍କୁ ନିଲମ୍ବନ ଏବଂ ବହିଷ୍କାର କରିସାରିଛି। ମୁଖ୍ୟ ଅଭିଯୁକ୍ତ ମଧ୍ୟ ଗିରଫ ହୋଇସାରିଲାଣି, ହେଲେ ଏ ପ୍ରକାର ଘଟଣା ରାଜ୍ୟ ପାଇଁ ଲଜ୍ଜା ଆଣିଛି। ତେଣୁ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ନେଇ କେତେକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ମନ୍ତ୍ରୀ ପ୍ରସାଦ ମଧ୍ୟ ଏହାର ଉତ୍ତର ରଖି ରାଜ୍ୟ ସରକାରଙ୍କ କୋର୍ଟକୁ ବଲ୍ ଫିଙ୍ଗିଛନ୍ତି। ତେଣୁ ସ୍ଥାୟୀବେଞ୍ଚ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କିଛି କହୁଛନ୍ତି ନା ନୀରବ ରହୁଛନ୍ତି, ତାହା ଉପରେ ପଶ୍ଚିମ ଓଡ଼ିଶାବାସୀଙ୍କ ନଜର ରହିଛି।

ନିକଟରେ ଦକ୍ଷିଣ ଭାରତରେ ମୋ ବୁଥ ସବୁଠୁ ମଜଭୁତ୍ କାର୍ଯ୍ୟକ୍ରମରେ ଭାଗ ନେଇ ମୋଦି ଆଞ୍ଚଳିକ ଦଳଗୁଡ଼ିକ ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଦ୍ୱାରା ସବୁ ସମୟରେ ଖୋଲା ରହିଥିବା ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଡିଏମ୍‌କେ, ଟିଆରଏସ୍, ୱାଇଏସ୍‌ଆର କଂଗ୍ରେସ ଏବଂ ବିଜେଡି ପାଇଁ ଥିଲା ବୋଲି ରାଜନୈତିକ ମହଲରେ ଆଲୋଚନା ହୋଇଥିଲା। ଏଭଳିସ୍ଥିତିରେ ବଲାଙ୍ଗୀରରେ ମୋଦି କି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ବଦଳିବ ରାଜନୈତିକ...

କି ୱାର୍ଡସଭ୍ୟ ପ୍ରାର୍ଥୀ ମଧ୍ୟ ଦଳୀୟ ସମର୍ଥନରେ ନିର୍ବାଚନ ଲଢ଼ିଥାନ୍ତି। ତେଣୁ କଂଗ୍ରେସ ସମର୍ଥନରେ ଜିତିଥିବା ସର୍ବାଧିକ ସମିତିସଭ୍ୟ ପ୍ରାର୍ଥୀଙ୍କୁ ନେଇ ଗଠିତ ବ୍ଲକ୍ ଅଧ୍ୟକ୍ଷ ପଦବୀ ମଧ୍ୟ ଦଳ ଏବଂ ଦଳର ନେତାଙ୍କ ଅକ୍ତିଆରରେ ରହିଥାଏ। ଝାରସୁଗୁଡ଼ା ଜିଲାରେ ସେୟା ହିଁ ହୋଇଛି। ସେଥିପାଇଁ ଜିଲାର ସମସ୍ତ ୫ଟି ବ୍ଲକ୍ ଝାରସୁଗୁଡ଼ା, ଲଇକେରା, କୋଲାବିରା, କିର୍ମିରା ଏବଂ ଲଖନପୁର ବ୍ଲକ ଅଧ୍ୟକ୍ଷ ପଦ କଂଗ୍ରେସ ହାତରେ ରହିଛି। ବିଧାୟକ ଦାସ ଏକାକୀ ପଞ୍ଚାୟତ ନିର୍ବାଚନରେ ଏତେ ସବୁ ପ୍ରାର୍ଥୀଙ୍କୁ ବିଜୟୀ କରାଇଥିବାରୁ ବ୍ଲକ୍ ଅଧ୍ୟକ୍ଷମାନେ ତାଙ୍କ ପଛରେ ରହି ଶଙ୍ଖ ଫୁଙ୍କି ପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ କିଶୋର ମହାନ୍ତି କହିଛନ୍ତି,୨୦୦୯ ନିର୍ବାଚନ ଜିତିବା ପରେ ନବ ଦାସ କହିଥିଲେ ମୋ ପଛରେ ବିଜେଡି ପତାକା ଧରିବାକୁ ଲୋକ ନ ଥିବେ। କିନ୍ତୁ ସେ ଏବେ ନିଜେ ବିଜେଡି ପତାକା ଧରିବାକୁ ଆସୁଛନ୍ତି। ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶ ସର୍ବମାନ୍ୟ। ତେଣୁ ସେ ବିଜେଡିରେ ଯୋଗଦେଲେ କିଛି ଅସୁବିଧା ନାହିଁ। ଝାରସୁଗୁଡ଼ାର ବିକାଶ ପାଇଁ ଦଳ ଏବଂ ଦଳ ସୁପ୍ରିମୋଙ୍କ ନେତୃତ୍ୱରେ ଆମେ କାମ କରିବୁ। ନବଙ୍କ ବିଜେଡି ଯୋଗଦାନ ପରେ କିଶୋରଙ୍କ ପଛ ପରିବର୍ତ୍ତନ ନେଇ ହେଉଥିବା ଚର୍ଚ୍ଚାକୁ ନେଇ କହିଛନ୍ତି, ୧୯୮୦ ମସିହାରୁ ବିଜୁବାବୁଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢିଛୁ। ବିଜେଡି ଗଠନ ହେବା ଦିନଠାରୁ ଦଳରେ ଅଛୁ। ତେଣୁ ଦଳ ପରିବର୍ତ୍ତନର ପ୍ରଶ୍ନ ଉଠୁନାହିଁ।

ପିସିସି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କହିଛନ୍ତି, ପୂର୍ବରୁ ଲଇକେରା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ଼ ହୋଇ ରହିଛି। ଏଠାରେ କଂଗ୍ରେସ ପ୍ରତି ଲୋକଙ୍କ ଅଭୂତପୂର୍ବ ସମର୍ଥନ ରହିଛି। ୨୦୦୪ରେ ନବ ଦାସ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ଲଢି ପରାଜିତ ହୋଇଥିଲେ। ୨୦୦୯ରେ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ପରେ ଲଇକେରା ନିର୍ବାଚନମଣ୍ଡଳୀର ଅଧିକାଂଶ ସ୍ଥାନ ଝାରସୁଗୁଡ଼ାରେ ମିଶ୍ରଣ ହୋଇଥିଲା। ଫଳରେ ବିଧାୟକ କଂଗ୍ରେସ ଟିକଟରୁ ଲଗାତର ଦୁଇଥର ବିଜୟୀ ହୋଇଥିଲେ। ବର୍ତ୍ତମାନ ନବ ଦାସ ଦଳ ଛାଡିବା ପରେ କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ରହିବ। ଅନ୍ୟପକ୍ଷେ ଯେହେତୁ ସେ କଂଗ୍ରେସରେ ଥିଲେ ଏବଂ ଦଳ ପାଇଁ କାମ କରୁଥିଲେ, ଏହା ଦଳକୁ ନିଶ୍ଚିତ ଅସୁବିଧାରେ ପକାଇବ। କିନ୍ତୁ ଏଭଳି ପରିସ୍ଥିତିରେ ଦଳ ଛାଡିବା ନିଷ୍ପତ୍ତି ଜଣେ ଶୃଙ୍ଖଳିତ ବିଧାୟକଙ୍କ କାମ ନୁହେଁ। ଏ ବାବଦରେ ଶୃଙ୍ଖଳା କମିଟି ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଏସ୍‌ପିଜି ସୁରକ୍ଷା...

ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱ ଥିବା ସ୍ପେଶାଲ ପ୍ରୋଟେକଶନ୍ ଗ୍ରୁପ୍ (ଏସପିଜି) ସହ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୩ଶହ ଅଫିସର ମୁତୟନ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୁଇ ସଭାସ୍ଥଳ ସହ ସମଗ୍ର ସହରକୁ ସୁରକ୍ଷା ଘେରରେ ରଖାଯାଇଛି। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଧାନମନ୍ତ୍ରୀ ଏମ୍‌ଆଇ–୮/୧୭ ହେଲିକପ୍ଟର ଯୋଗେ ବଲାଙ୍ଗୀର ରେଳଷ୍ଟେଶନ ହେଲିପ୍ୟାଡରେ ଓହ୍ଲାଇବେ। ସେଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ସଭାମଞ୍ଚକୁ ଆସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାର ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ, ଝାରସୁଗୁଡ଼ା–ବିଜୟନଗରମ୍ ଏବଂ ସମ୍ବଲପୁର–ଅନୁଗୋଳ ରେଳଲାଇନ୍ ଦୋହରୀକରଣ, ଥେରୁବାଲି–ସିଙ୍ଗାପୁର ରୋଡ ଷ୍ଟେଶନ ମଧ୍ୟରେ ୫୮୮ ନମ୍ବର ବ୍ରିଜ୍‌କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏହାସହିତ ବଲାଙ୍ଗୀର–ବିଚ୍ଛୁପାଲି ନୂଆ ରେଳଲାଇନ୍ ଏବଂ ବଲାଙ୍ଗୀର–ବିଚ୍ଛୁପାଲି ଲାଇନ୍‌ରେ ନୂଆ ପ୍ୟାସେଞ୍ଜର ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ। ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ରାୟଗଡ କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର ଜିଲାର ପ୍ରସିଦ୍ଧ ରାଣୀପୁର–ଝରିଆଲ ଐତିହ୍ୟ ସମୂହ, ବୌଦ୍ଧ ଜିଲା ଗନ୍ଧରାଡିସ୍ଥିତ ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ପଶ୍ଚିମ ସୋମନାଥ ମନ୍ଦିର ସମୂହର ନବୀକରଣ ଓ ପୁନରୁଦ୍ଧାର, କଳାହାଣ୍ଡି ଜିଲା ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟ ସ୍ଥଳର ବିକାଶ କାର୍ଯ୍ୟ ଏବଂ ବଲାଙ୍ଗୀର, ବରଗଡ଼, ଜଗତସିଂହପୁର, କେନ୍ଦ୍ରାପଡା, ଫୁଲବାଣୀ ଏବଂ ପୁରୀରେ ଡାକଘର ପାସପୋର୍ଟ ସେବା କେନ୍ଦ୍ରର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରେଳୱେ ଷ୍ଟେଶନ୍‌ଠାରେ ପ୍ରାୟ ୪୫ ମିନିଟ୍‌ର ଏହି ସରକାରୀ କାର୍ଯ୍ୟକ୍ରମ ସରିବା ପରେ ସେଠାରୁ ପୁଣି ହେଲିକପ୍ଟର ଯୋଗେ ପ୍ରଧାନମନ୍ତ୍ରୀ ପଥରଚେପା ସାଧାରଣ ସମାବେଶ ଅଭିମୁଖେ ଯିବେ। ଉକ୍ତ ସମାବେଶରେ ଯୋଗ ଦେବାପରେ ଦିନ ୧୨ଟା ୪୫ ମିନିଟ୍ ସମୟରେ ହେଲିକପ୍ଟର ଯୋଗେ ରାୟପୁର ଅଭିମୁଖେ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀରରେ ପ୍ରାୟ ୨ ଘଣ୍ଟା ୧୫ ମିନିଟ୍ ରହି ଉଭୟ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ବଲାଙ୍ଗୀରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଜିଲା ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ କଡ଼ାକଡି କରାଯାଇଛି। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇ ଭିଡ ନିୟନ୍ତ୍ରଣ କରାଯାଉଛି। ସୋମବାର ସକାଳେ ଏସ୍‌ପିଜି ପକ୍ଷରୁ ବିଭିନ୍ନ ରିହରସାଲ୍ କରାଯାଇଛି। ରେଳୱେ ଷ୍ଟେଶନ୍‌ରୁ ପଥରଚେପା ପ୍ରାୟ ୧୦ କିଲୋମିଟର ରାସ୍ତାରେ ସୁରକ୍ଷା ଯାଞ୍ଚକୁ କଡାକଡି କରାଯାଇଛି। ଉଭୟ ସଭାସ୍ଥଳରେ ଏସ୍‌ପିଜି ଆଇଜିଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ସରକାରୀ କାର୍ଯ୍ୟକ୍ରମ ଓ ସାଧାରଣ ସମାବେଶରେ ନିମନ୍ତ୍ରିତ ଅତିଥି, ଭିଆଇପି, ବୁଦ୍ଧିଜୀବୀ, ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଦଳୀୟ କର୍ମୀଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇଛି। ଏହି ପାସ୍ ଯାଞ୍ଚକୁ କଡାକଡି ଭାବେ ପାଳନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ମେଷରାଶିରେ ଚନ୍ଦ୍ର ବିଭିନ୍ନ ପ୍ରକାରର କାମକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିକରିବ। ଜନ୍ମ ଚନ୍ଦ୍ର ହେତୁ ଦୂରଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ନିକଟରୁ ଦୂରେଇ ରହିବା ଭଲ ହେବ। ଅଶ୍ୱିନୀ ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଅପରାହ୍ନରେ ସହକର୍ମୀଙ୍କ ଜରିଆରେ ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ।

**ବୃଷ** – ବ୍ୟୟାଧିକ୍ୟ ସାଙ୍ଗକୁ କର୍ମହାନି ମନସ୍ତାପର କାରଣ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି। କଳା, ସାହିତ୍ୟ, କ୍ରୀଡା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ, ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** – ଉପରିସ୍ଥଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ପଡିପାରେ। ଭଲ ସମ୍ପର୍କ ନ ଥିବା ପାଖପଡୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ଋଣଭାର,କଚେରି ମାମଲା,ପରିବହନ ସମ୍ପର୍କିତ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ବ୍ୟବସାୟ,ରାଜନୀତି କ୍ଷେତ୍ରରେ ଆଂଶିକ ସଫଳତା ମିଳିବ।

**କର୍କଟ** – ରବି ରାଶିର ସପ୍ତମ ସ୍ଥାନରେ ଅବସ୍ଥାନ କରି ଦେଇଥିବା ମନ୍ତବ୍ୟକୁ ନେଇ ବିବାଦର ସୂତ୍ରପାତ ହୋଇପାରେ। କିମ୍ବା ଅର୍ଥ ସମ୍ପର୍କ କିମ୍ବା ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଯୋଜନାକୁ ବାସ୍ତବ ରୂପ ଦେବା ସହିତ ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**ସିଂହ** – ମନ ଯାହା ଓ ଯେମିତି ଚାହୁଁଛି ତାହା ପାଇଲେ ମଧ୍ୟ ବାସ୍ତବ ସନ୍ତୋଷ ଠାରୁ ବହୁତ ଦୂରରେ ରହିପାରନ୍ତି। କୌଣସି ଅନାକାଂକ୍ଷିତ ସୂଚନା କ୍ରମେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ପ୍ରଶାସନ ଓ ରାଜନୀତି କ୍ଷେତ୍ର ସଂଘର୍ଷମୟ ରହିବା ସହ ଆର୍ଥିକ, ପାରିବାରିକ ଓ ସାମାଜିକ ସ୍ଥିତି କେତେକାଂଶରେ ଆଶ୍ୱସ୍ତି ଦେଇପାରେ।

**କନ୍ୟା** – କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡିବା କାରଣରୁ ସାମୟିକ ବିଚଳିତ ଅନୁଭବ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ। ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢି ସମସ୍ୟାକୁ ଦ୍ୱିଗୁଣିତ କରିବ। ଯାତ୍ରା,ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

**ତୁଳା** – ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରିବା ହିଁ ଆପଣଙ୍କ ପାଇଁ ସମସ୍ୟାର କାରଣ ହେବ। ପାରିବାରିକ କିମ୍ବା କର୍ମକ୍ଷେତ୍ରରେ ପରିସ୍ଥିତିରେ ପଡି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିପାରେ। ବ୍ୟବସାୟିକ ସ୍ଥିତି ଓ ସାମାଜିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ବିଛା** – ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିଲେ ମଧ୍ୟ ଅଭିମାନ ନ କରି କୌଶଳରେ କାମ ହାସଲ ପାଇଁ ଚେଷ୍ଟା କରିବା ଭଲ ହେବ। ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି। ପାରସ୍ପରିକ ମତାନ୍ତର ଜନିତ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବାର ସୂଚନା ରହିଛି। ସାହିତ୍ୟ, ପ୍ରେସ୍, ପବ୍ଲିକେଶନ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ।

**ଧନୁ** – ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହେବ। ଧାତବ ଜନିତ ଦ୍ରବ୍ୟ କ୍ରୟ କରିବା ସକାଶେ ପରିବାରର ବରାଦ ପାଇପାରନ୍ତି। ଶିକ୍ଷା, ରାଜନୀତି ଓ ସାମାଜିକ କ୍ଷେତ୍ରରେ ଶ୍ରମ ଓ ସମୟ ବିନିଯୋଗ କରିପାରନ୍ତି।

**ମକର** – ଗୁରୁ କ୍ଷେତ୍ରଗତ ମଙ୍ଗଳ ତୃତୀୟସ୍ଥ ହୋଇ ଭାଗ୍ୟଭାବରେ ଥିବାରୁ ପୂର୍ବ ଚିନ୍ତା ଓ କଳ୍ପନାକୁ ବାସ୍ତବତାରେ ପରିଣତ କରିପାରନ୍ତି। ସକାଳୁଆ ଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ ଓ କୌଣସି ନୂତନ କର୍ମାରମ୍ଭ କରିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହୋଇପାରନ୍ତି।

**କୁମ୍ଭ** – ଅଭାବ ନ ଥିଲେ କ'ଣ ହେଲା ଘରୋଇ କଳହ ବଢି ବଢି ଚାଲିବା କାରଣରୁ ମନ ଭଲ ରହିବ ନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଳକାଳ ଉଣ୍ଡି ଏହି ସମୟରେ ନିଜ ଲୋକମାନେ ମଧ୍ୟ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ପିଲାମାନଙ୍କ କୃତୀ ଓ କୃତିତ୍ୱକୁ ନେଇ ଗର୍ବ ଅନୁଭବ କରିବେ।

**ମୀନ** – ଆକସ୍ମିକ ଭାବରେ ନିଜ ପରିସରରେ ରହୁଥିବା ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ବିଶିଷ୍ଟବ୍ୟକ୍ତିଙ୍କ ବାହୁଛାୟା ତଳେ ଆଶ୍ରୟ ନେଇ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। କେତେକ ବ୍ୟକ୍ତିକ୍ରମକୁ ବାଦ୍ ଦେଲେ ପାରିବାରିକ ସ୍ଥିତି ଭଲ ରହିବ। କଳା, ସାଂସ୍କୃତିକ କାର୍ଯ୍ୟରେ ମନୋରଞ୍ଜନ ସାଙ୍ଗକୁ ବନ୍ଧୁଦର୍ଶନରେ ବିଭୋର ହୋଇପାରନ୍ତି।

ଆଜି ପୌଷ ଶୁକ୍ଳ ନବମୀ ମଙ୍ଗଳବାର, ଜାନୁୟାରୀ ୧୫ ତାରିଖ, ସ୍ଥଳସେନା ଦିବସ, ରାଶି ନକ୍ଷତ୍ର ଅପରାହ୍ନ, ଘ୨ ।୩୭ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯ ।୧୪ମି. ଗତେ ଘ୧୦ ।୩୭ମି. ମଧ୍ୟେ, ଘ୧୨ ।୦୦ମି. ଗତେ ଘ୧ ।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୩୭ମି. ଗତେ ଘ.୧।୦୦ମି. ମଧ୍ୟେ, ଘ୨ ।୫୦ମି. ଗତେ ଘ୪ ।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨ ।୪୦ମି. ଗତେ ଘ୪ ।୦୨ମି. ମଧ୍ୟେ ରାହୁକାଳ।



> ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
> - ନୋପୋଲିୟନ ବୋନାପାର୍ଟ

## ସଂକ୍ଷେପରେ

### ହଜାରେ ଟଙ୍କା ଲାଗି ଜେଜେଙ୍କୁ ହତ୍ୟା

**ବେତନଟୀ,୧୪।୧ (ଡ଼ି.ଏନ.ଏ):** ମକର ଖର୍ଚ୍ଚ ଲାଗି ମାଗିଥିବା ହଜାରେ ଟଙ୍କା ନ ମିଳିବାରୁ ଘଟିଛି ହତ୍ୟାକାଣ୍ଡ। ଉତ୍ତ୍ୟକ୍ତ ନାତିର କାଠଫାଳିଆ ମାଡରେ ଜେଜେବାପାଙ୍କ ମୃତ୍ୟୁ ହୋଇଛି। ଏପରି ଅଭାବନୀୟ ଘଟଣା ବେତନଟୀ ବଡ଼ଜାମ୍ବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଗ୍ରାମରେ ଘଟିଛି। ମୃତକ ହେଲେ ବେଣୁଧର ଦେଉରୀର (୭୦)। ଜେଜେମା' ରମା ଦେଉରୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ ୭/୧୯)ରେ ଏକ ହତ୍ୟା ମାମଲା ରୁଜୁ କରି ନାତି ରାମଚନ୍ଦ୍ର ଦେଉରୀଙ୍କୁ ଗିରଫ କରିଛି। ଗତ ରବିବାର ସନ୍ଧ୍ୟାରେ ରାମଚନ୍ଦ୍ର ନିଜ ଜେଜଙ୍କୁ ମକର ଖର୍ଚ୍ଚ କରିବା ପାଇଁ ହଜାରେ ଟଙ୍କା ମାଗିଥିଲେ। ମାତ୍ର ଜେଜେ ବାପା ପରେ ଦେବେ ବୋଲି କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରାମଚନ୍ଦ୍ର ଏକ କାଠଫାଳିଆରେ ଜେଜେଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ଗୁରୁତର ହୋଇ ପଡିଥିବା ବେଣୁଧର ଘରେ ଥିବା ବେଳେ ସୋମବାର ତାଙ୍କ ମୃତ୍ୟୁ ହୋଇଛି। ବେତନଟୀ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ଅଭିଯୁକ୍ତକୁ ଗିରଫ କରିଛନ୍ତି।

ଭିତରକନିକାରେ କୁମ୍ଭୀର ଗଣନା ଶେଷ

### ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି

**ରାଜନଗର, ୧୪।୧(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନରେ ସୋମବାର କୁମ୍ଭୀର ଗଣନା ଶେଷ ହୋଇଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୪୪ଟି କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ବନ ବିଭାଗ ରିପୋର୍ଟରେ ଦର୍ଶାଯାଇଛି। ଗତବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ଓ ଏହାର ସୀମାନ୍ତରେ ଥିବା ନଦୀ, ନାଳଗୁଡିକରୁ ୧୬୯୮ଟି ବଉଳାକୁମ୍ଭୀର ଠାବ କରାଯାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୭୪୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୬୧୯ଟି ୨ ଫୁଟିଆ କୁମ୍ଭୀର ଛୁଆ, ୩୪୭ ବର୍ଷକିଆ ଛୁଆ ଅର୍ଥାତ୍ ୨ ରୁ ୩ ଫୁଟିଆ, ୨୭୩ଟି ୨ ବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟ, ୧୭୮ଟି ୪ ରୁ ୫ ବର୍ଷର ଅର୍ଥାତ୍ ୬ ରୁ ୮ ଫୁଟ ଲମ୍ବର ଥିବାବେଳେ ୩୨୫ଟି ବଡ କୁମ୍ଭୀର ରହିଛନ୍ତି। ଭିତରକନିକା ଭିତରେ ଥିବା ନଦୀ, ନାଳଗୁଡିକରେ ୧୬୩୬ କୁମ୍ଭୀର ଥିବାବେଳେ ଏହାର ସୀମାନ୍ତରେ ଥିବା ନଦୀ, ନାଳରୁ ୧୦୬ଟି କୁମ୍ଭୀର ଛୁଆ ଠାବ କରାଯାଇଥିବା ଡିଏଫ୍ଓ ପ୍ରସନ୍ନ କୁମାର ଆଚାର୍ଯ୍ୟ କହିଛନ୍ତି। ଚଳିତମାସ ୯ ରୁ ୧୪ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯାଇଥିଲା। କୁମ୍ଭୀର ବିଶାରଦ ଡ.ସୁଧାକର କରଙ୍କ ନେତୃତ୍ୱରେ ୨୦ ଟିମ୍ କୁମ୍ଭୀର ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ଗଣନା ଶେଷ ହେବା ପରେ ମଙ୍ଗଳବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ଖୋଲାଯିବା ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ବିଦେଶାଗତ ପକ୍ଷୀ ଓ କୁମ୍ଭୀର ଗଣନା ପାଇଁ ଭିତରକନିକା ଗତ ୬ ରୁ ୧୪ପର୍ଯ୍ୟନ୍ତ ବନ୍ଦ ରହିଥିଲା।

### ମହାପ୍ରଭୁଙ୍କୁ ଲାଗି ହେଲା ମକର ଚାଉଳ

**ପୁରୀ ଅଫିସ,୧୪।୧:** ଶ୍ରୀମନ୍ଦିରରେ ସୋମବାର ପାଳିତ ହୋଇଛି ପବିତ୍ର ମକର ପର୍ବ। ରତ୍ନସିଂହାସନରେ ଦାରୁବିଗ୍ରହ ମକର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଭୋର ସମୟରେ ଦ୍ୱାର ଫିଟି ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥିଲା। ପରେ ଠାକୁରଙ୍କ ବେଶ ହୋଇଥିଲା। ସକାଳ ଧୂପ ପରେ ୩ ବାଡ଼ରେ ମଇଲମ ହୋଇ ମହାସ୍ନାନ ବଢ଼ିଥିଲା। ଠାକୁରଙ୍କୁ ନୂଆଲୁଗା, ଚୂଳମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ସାଙ୍ଗରେ ଯାତ୍ରାଙ୍ଗ ଭୋଗ ରୋଷରୁ ପଟୁଆର ହୋଇ ଛାମୁକୁ ଆସିଥିଲା। ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ପାଳିଆ ପଢ଼ିଆରୀ ରବିବାର ଅଧିବାସ ହୋଇଥିବା ଚାଉଳ ଭୋଗମଣ୍ଡପ ଘରକୁ ଡାକି ଯାଇଥିଲେ। ଏହାପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଗ୍ଧସର ଆଣିଥିଲେ। ଭୋଗ ଡାକିଯିବା ବେଳକୁ ଶୁଦ୍ଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୁପା ଥାଳି ୩ଟି ନେଇ ଉକ୍ତ ଚାଉଳକୁ ମୂର୍ତ୍ତିମୂଳ କରି ରଖିଥିଲେ। ଏଥିସହ ରୋଷରୁ ମକର ୮୪ ଭୋଗ ଆସି ପନ୍ତିରେ ବଢ଼ାଯାଇଥିଲା। ମହାଭୋଇ ସେବକମାନେ ଦହି ଆଣି ମହାସୁଆରଙ୍କୁ ପ୍ରଦାନ କରିଥିଲେ। ହଡ଼ପ ନାୟକ ସେବକମାନେ ନଳିପାନ, ଛାଚିପାନ ଧରି ବଡ଼ଦେଉଳକୁ ବେଢ଼ାଏ ବୁଲି ପନ୍ତିରେ ପ୍ରଦାନ କରିଥିଲେ। ମକର ଚାଉଳ ଭୋଗ ବାହାରିବା ପରେ ଭକ୍ତମାନେ ଏହାକୁ ପାଇଥିଲେ।




■ କାଉନ୍ସେଲିଂ ଫେଲ୍, ଉଭୟଙ୍କୁ ରେସ୍ତୋରାଁ ପଠାଇଲା ପୋଲିସ

# ‘ଅଲଗା ହେଲେ ଆତ୍ମହତ୍ୟା କରିବୁ’

**କେନ୍ଦ୍ରାପଡ଼ାରେ ସମଲିଙ୍ଗୀ ବିବାହ ଘଟଣା**

ପଟ୍ଟାମୁଣ୍ଡାଇ, ୧୪।୧ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ସମଲିଙ୍ଗୀ ବିବାହକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ମତ ଦେଉଥିବା ବେଳେ ଯୁବତୀ ଦ୍ୱୟଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉଭୟଙ୍କୁ ବୁଝାଇବା ପାଇଁ ସୋମବାର ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଅଫିସ୍‌ରେ କାଉନ୍ସେଲିଂ କରାଯାଇଥିଲା। ଏଥିରେ ଉଭୟ ଯୁବତୀଙ୍କ ମା'ବାପା, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକ, ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଆଇଏଚ୍‌ଆରସି ଜିଲା ମୁଖ୍ୟ ପ୍ରତାପ ପାଢ଼ୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ବୁଝାଇବାକୁ ବହୁ ଉଦ୍ୟମ କରାଯାଇଥିଲେ ହେଁ ପରସ୍ପରକୁ ଛାଡି ରହିବାକୁ ସେମାନେ ଆଦୌ ରାଜି ହୋଇ ନଥିଲେ। ଏପରିକି ପରିବାର ଓ ଆତ୍ମୀୟମାନଙ୍କୁ ଛାଡି ସେମାନେ ଏକୁଟିଆ ରହିବେ ବୋଲି କହିଥିଲେ। ଯଦି ପରିବାର ଲୋକେ ଜବରଦସ୍ତି ଅଲଗା କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବେ ବୋଲି କହିଥିଲେ। ଶେଷରେ ପୋଲିସ ଉଭୟଙ୍କୁ କେନ୍ଦ୍ରାପଡ଼ାସ୍ଥିତ ସ୍ୱଳ୍ପ ରହଣି କେନ୍ଦ୍ର ରେସ୍ତୋରାଁକୁ ପଠାଇ ଦେଇଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ଦୁଇ ଯୁବତୀ କେନ୍ଦ୍ରାପଡ଼ା ନୋଟାରୀରେ ଶପଥ ପାଠ କରି ସମଲିଙ୍ଗୀ ବିବାହ କରିଥିଲେ। ଉଭୟେ କଲେଜରେ ପଢ଼ିବା ସମୟରୁ ପରସ୍ପରକୁ ଭଲପାଉଥିବା ବେଳେ ଏବେ ଦୁଇଜଣ କଟକର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। କଟକରେ ଦୁହେଁ ଏକାଠି ରହୁଥିଲେ। ଗତ କିଛି ମାସ ପୂର୍ବେ ସମଲିଙ୍ଗୀ ସମ୍ପର୍କକୁ ସୁପ୍ରିମ୍‌କୋର୍ଟ ଅପରାଧ ମୁକ୍ତ ବୋଲି ରାୟ ଦେବା ପରେ ଉଭୟେ ବିବାହ କରିବାକୁ ସ୍ଥିର କରିଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ଉଭୟେ ନୋଟାରୀରେ ବାହାହୋଇଥିଲେ। ଏ ନେଇ ସେମାନଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଚଳାଇଛି।

# ଆଜିଠୁ ଆରମ୍ଭ କୃଷି ମେଳା-୨୦୧୯

ଭୁବନେଶ୍ୱର,୧୪।୧(ବ୍ୟୁରୋ)

■ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
■ ୩୦ ଜିଲାର ୧୨୦ ଚାଷୀଙ୍କୁ ମିଳିବ ପୁରସ୍କାର
■ ଚାଷୀ-ବୈଜ୍ଞାନିକଙ୍କ ମଧ୍ୟରେ ସିଧାସଳଖ ଆଲୋଚନା

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ କୃଷି ମେଳା-୨୦୧୯ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳା ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୯ ଯାଏ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତ ଦିନ ଏହି କାର୍ଯ୍ୟକ୍ରମ ରହିଛି। ତେଣୁ ଉଭୟ ପ୍ରଶାସନିକ-ରାଜନୈତିକ ଦୃଷ୍ଟିକୋଣରୁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବଢ଼ିଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ପୁରୀ ଠାରେ ମିଶନ୍ ଶକ୍ତି ସମାବେଶରେ ଯୋଗଦେଇ ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଥିଲେ। ତେଣୁ କୃଷିମେଳାରେ ମୁଖ୍ୟମନ୍ତ୍ରୀ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଚଳିତ ମାସ ୧୧ରେ ଏହି କୃଷିମେଳା ମାସ୍କଟକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ବହୁଳ ବ୍ୟବହୃତ ଫଳ କନ୍ଦମୂଳ ତଥା ମିଠା ଆଳୁ ଆକୃତିର ଏକ ଚେହେରାକୁ ମାସ୍କଟ ଭାବେ ବ୍ୟବହାର କରାଯାଇଛି। ଓଡ଼ିଶାର ପ୍ରାୟ ୪୦,୪୦୯ ହେକ୍ଟରରେ ୩.୮୨ ମେଟ୍ରିକ ଟନ୍ କନ୍ଦମୂଳ ଉତ୍ପାଦନ କ୍ଷମତା ସହ ଓଡ଼ିଶା ଦେଶରେ ନମ୍ବର ୱାନ୍ ରାଜ୍ୟଭାବେ ପରିଣତ ହୋଇଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଅନ୍ତର୍ଜାତୀୟ ଆଳୁ ସେଣ୍ଟର(ସିଆଇପି) ସହ ମଧ୍ୟ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି। ବିଭିନ୍ନ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିନିଯୋଗ କରି କୃଷିର ବିକାଶ ସମ୍ପର୍କିତ ସଚେତନତା ଉପରେ କୃଷକ ମେଳାରେ ଗୁରୁତ୍ୱ ଦିଆଯାଇଛି। କୃଷକଙ୍କୁ ସଶକ୍ତୀକରଣ ପାଇଁ ନିକଟରେ ଆରମ୍ଭ କରାଯାଇଥିବା ‘କାଳିଆ’ଯୋଜନା ସମ୍ପର୍କିତ ସଚେତନତାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସୂତ୍ରରୁ ପ୍ରକାଶ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଏବଂ ପଶୁପାଳନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୦ ଜିଲାର ପ୍ରାୟ ୧୨୦ ଚାଷୀଙ୍କୁ ଏହି ମେଳାରେ ପୁରସ୍କୃତ କରାଯିବ। ପାଞ୍ଚଦିନିଆ ମେଳାରେ କୃଷକ ଏବଂ ବୈଜ୍ଞାନିକମାନଙ୍କ ମଧ୍ୟରେ ୭ଟି ଭାବଗତ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧୮ଟି ଦେଶର ପ୍ରତିନିଧି ଏହି ମେଳାରେ ଭାଗ ନେବେ ବୋଲି ଜଣାପଡିଛି। କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍(ସିଆଇଆଇ) ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

# ଆର୍‌ଟିଓ ଅଫିସରେ ଲାଗିବ କିଓସ୍କ ମେଶିନ

**କଟକରୁ ହେବ ଶୁଭାରମ୍ଭ**

କଟକ ଅଫିସ, ୧୪।୧

ରାଜ୍ୟର ସମସ୍ତ ଆର୍‌ଟିଓ ଅଫିସରେ ଲାଗିବ ଇନ୍‌ଫର୍ମେଶନ କିଓସ୍କ ମେଶିନ। ଜାନୁୟାରୀ ୧୬ରେ କଟକରୁ ଏହି ନୂଆ ଯୋଜନାର ଶୁଭାରମ୍ଭ କରାଯିବ। କଟକକୁ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ଏହି ମେଶିନ ଦ୍ୱାରା ପରିବହନ ବିଭାଗର ସମସ୍ତ ତଥ୍ୟ ଯେ କେହି ପାଇପାରିବ। କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ରଙ୍କ କହିବା ଅନୁଯାୟୀ, ସମ୍ପ୍ରତି ପରିବହନ ବିଭାଗର ସମସ୍ତ ସେବା ଅନ୍‌ଲାଇନରେ କରାଯାଉଛି। ଡ୍ରାଇଭିଂ ଲାଇସେନ୍ସଠାରୁ ଆରମ୍ଭ କରି ଫିଟ୍‌ନେସ୍, ଟିକସ ପୈଠ ଆଦି ସେବାଗୁଡ଼ିକ ଅନ୍‌ଲାଇନରେ ଉପଲବ୍ଧ ଅଛି। ମାତ୍ର ଏହି ସୁବିଧା ପାଇଁ ଲୋକେ ସାଇବର କେଫ୍ ଆଦି ସ୍ଥାନକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କୁ ସୁବିଧା ଯୋଗାଇଦେବା ସହିତ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଏଭଳି ପଦକ୍ଷେପ ନେଉଥିବା ପାତ୍ର କହିଛନ୍ତି।










ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି କ୍ଷୁଦ୍ର ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା।
-ଶ୍ରୀଅରବିନ୍ଦ

# ସିକ୍ରି ବିକ୍ରି

ଗତବର୍ଷ ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟର ୪ଜଣ ବରିଷ୍ଠ ବିଚାରପତି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ସେହି ଅଭିଯୋଗକାରୀଙ୍କ ମଧ୍ୟରେ ଆଜିର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଥିଲେ ଅନ୍ୟତମ। ଦେଶର ସର୍ବୋଚ୍ଚ ନ୍ୟାୟ ବ୍ୟବସ୍ଥାରେ ଖୋଲାଖୋଲି ବିଦ୍ରୋହକୁ ନେଇ ସେତେବେଳେ ଦେଶବ୍ୟାପୀ ଚହଳ ପଡ଼ିଯାଇଥିଲା। ଏହାର ଠିକ୍ ବର୍ଷେ ପରେ ଅର୍ଥାତ୍ ୧୩ ଜାନୁୟାରୀ ୨୦୧୯ରେ ନ୍ୟାୟପାଳିକାର ଚରିତ୍ର ଉପରେ ପୁଣି ପ୍ରଶ୍ନ ଉଠିଛି। ସୁପ୍ରିମକୋର୍ଟ ବିଚାରପତି ଅର୍ଜନ କୁମାର ସିକ୍ରିଙ୍କୁ କମନ୍‌ୱେଲ୍‌ଥ ସେକ୍ରେଟାରିଏଟ୍ ଆର୍ବିଟ୍ରାରି ଟ୍ରିବ୍ୟୁନାଲ (ସିଏସ୍‌ଏଟି)କୁ ଭାରତର ପ୍ରତିନିଧି ଭାବେ ପଠାଇବାକୁ ମୋଦି ସରକାର ଡିସେମ୍ବର ୨୦୧୮ରେ ନିଷ୍ପତ୍ତି ନେଇଥିଲେ। ଏ ନେଇ ପ୍ରଧାନ ବିଚାରପତି ଗୋଗୋଇଙ୍କ ମାଧ୍ୟମରେ ବିଚାରପତି ସିକ୍ରିଙ୍କ ନିକଟରୁ ମତ ଲୋଡ଼ାଯିବା ସକାଶେ ବାର୍ତ୍ତା ପଠାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସିକ୍ରି ହେଉଛନ୍ତି ସର୍ବୋଚ୍ଚ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ତାଙ୍କୁ ପଠାଯିବାକୁ ଥିବା ସିଏସ୍‌ଏଟିର ମୁଖ୍ୟାଳୟ ଲଣ୍ଡନଠାରେ ଅବସ୍ଥିତ। ୫୩ ସଦସ୍ୟ ବିଶିଷ୍ଟ ଏହି ସଙ୍ଗଠନ ଅନ୍ତର୍ଜାତୀୟ ବିବାଦର ବିଚାର ଓ ସମାଧାନ କରିଥାଏ। ମାର୍ଚ୍ଚ ୬ରେ ଅବସର ନେବାକୁ ଥିବା ସିକ୍ରିଙ୍କ ପାଇଁ ଉକ୍ତ ପଦବୀ ଅତ୍ୟନ୍ତ ଆକର୍ଷଣୀୟ ଉପହାର ଥିଲା। ସାଧାରଣରେ ଜଣେ ଭଦ୍ର ଓ ଦୁର୍ନୀତିମୁକ୍ତ ବିଚାରପତି ଏହିଭଳି ଅବସର ପରବର୍ତ୍ତୀ ସମୟ ପାଇଁ ମିଳୁଥିବା ପଦବୀକୁ ମନା କରିବା କଥା। କିନ୍ତୁ ସିକ୍ରି ସେଭଳି ଚରିତ୍ର ପ୍ରଦର୍ଶନ କରିବା ପରିବର୍ତ୍ତେ ଜଣେ ଦୁର୍ବଳ ବ୍ୟକ୍ତିତ୍ୱର ପରିଚୟ ଦେଇ ଉପହାରକୁ ସ୍ୱୀକାର କରିଯାଇଥିଲେ। କଥାଟି ସେଇଟି ଲୁଚିଯାଇଥାଆନ୍ତା। ଭାରତରେ ପୂର୍ବରୁ ମଧ୍ୟ କେତେଜଣ ବିଚାରପତି ଅବସର ପରେ ଚାକିରିର ଲୋଭ ଦେଖି ନ୍ୟାୟାଳୟରେ ଥିବା ସମୟକୁ ଅପବ୍ୟବହାର କରିଥିବାର ଦୃଷ୍ଟାନ୍ତ ରହିଛି। ସିକ୍ରି ମଧ୍ୟ ସେହିପରି ନିଜର କ୍ଷମତା ଅପବ୍ୟବହାର କରିଥିଲେ। ତେବେ ବିବାଦୀୟ ପରିସ୍ଥିତି ଉପୁଜିବାରୁ ସେ ଉକ୍ତ ପଦବୀ ପାଇଁ ସହମତି ପ୍ରତ୍ୟାହାର କରି ନେଇଛନ୍ତି।

ଏବେ ବିବାଦକୁ ଦୃଷ୍ଟି ପକାଇବା। ଆଲୋକ ବର୍ମା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଥିବା ବେଳେ ମୋଦି ସରକାରଙ୍କ ସହ ମତଭେଦ ହୋଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହସ୍ତକ୍ଷେପ ପରେ ୨୦୧୮ ଅକ୍ଟୋବର ୨୩ରେ ତାଙ୍କୁ ପଦରୁ ହଟାଇ ଦିଆଯାଇ ବାଧ୍ୟତାମୂଳକ ଛୁଟିରେ ପଠାଇ ଦିଆଯାଇଥିଲା। ସରକାରଙ୍କ ପଦକ୍ଷେପକୁ ଚ୍ୟାଲେଞ୍ଜ କରି ଆଲୋକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ଜାନୁୟାରୀ ୮ରେ ପ୍ରଧାନ ବିଚାରପତି ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଲୋକ ବର୍ମାଙ୍କୁ ପୁନଃ ସିବିଆଇ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଥିଲେ। ଏହାସହ ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ତଦନ୍ତ ଆଧାରରେ ଆଲୋକଙ୍କ ଉପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏଭଳିସ୍ଥଳେ ନିଜେ ଦେଇଥିବା ରାୟ ଉପରେ ପୁନର୍ବାର ମତ ଦେବା ଅନୁଚିତ ହେବ ବୋଲି ବାହାନା ଦେଖାଇ ଗୋଗୋଇ ଉକ୍ତ କମିଟିରୁ ଦୂରେଇଯାଇଥିଲେ। ତେବେ କଲେ କ'ଣ? ଅତି ଚତୁରତାର ସହିତ ଏବଂ ପୂର୍ବରୁ ସିକ୍ରିଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଏଭଳି ଏକ ଆକର୍ଷଣୀୟ ଉପହାର ମିଳିଛି ବୋଲି ଭଲ ଭାବେ ଜାଣିବା ସତ୍ତ୍ୱେ ଗୋଗୋଇ ସେହି ସିକ୍ରିଙ୍କୁ କମିଟିର ସଦସ୍ୟ ଭାବେ ମନୋନୀତ କଲେ। ଏହା ପରେ ଜାନୁୟାରୀ ୧୦ରେ ପ୍ରଧାନମନ୍ତ୍ରୀ ମୋଦି, ଲୋକ ସଭାରେ କଂଗ୍ରେସ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ସିକ୍ରିଙ୍କୁ ନେଇ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ସିକ୍ରି ଏକମତ ହୋଇଯିବାରୁ ୨:୧ ସଂଖ୍ୟାଗରିଷ୍ଠତାରେ ଆଲୋକ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପରିଣାମସ୍ୱରୂପ ଆଲୋକ ଗାଦିଚ୍ୟୁତ ହୋଇଥିଲେ।

ଘଟଣାକ୍ରମକୁ ଦେଖିଲେ ପ୍ରଥମେ ସିକ୍ରି ବିକ୍ରି ହୋଇଯାଇଥିଲେ। ଦ୍ୱିତୀୟରେ ସିକ୍ରି ବିକ୍ରି ହୋଇଯାଇଛନ୍ତି ବୋଲି ଗୋଗୋଇ ଜାଣିବା ସତ୍ତ୍ୱେ ନିଜର ଭାବମୂର୍ତ୍ତି ରକ୍ଷା କରିବାକୁ ଯାଇ ତାଙ୍କୁ ଚୟନ କମିଟିକୁ ମନୋନୀତ କଲେ। ଅନ୍ୟରୂପରେ କହିବାକୁ ଗଲେ ଅତି ସୂକ୍ଷ୍ମ ଭାବେ ନରେନ୍ଦ୍ର ମୋଦିଙ୍କ ଇଚ୍ଛାକୁ ଫଳବତୀ କରାଇଦେଲେ। ଗୋଗୋଇ ନିଜେ ମୋଦି ସପକ୍ଷବାଦୀ ବୋଲି ରାଫାଲ ରାୟରେ ଜନସାଧାରଣଙ୍କଠାରେ ସନ୍ଦେହ ସୃଷ୍ଟି ହୋଇଥିଲା। ଆଲୋକ ବର୍ମାଙ୍କୁ ପୁନଃ ନିଯୁକ୍ତି ଦେବା ଫଳରେ ସରକାର ବିରୋଧୀ ନିଷ୍ପତ୍ତି ନେବା ପାଇଁ ଗୋଗୋଇ ସକ୍ଷମ ବୋଲି ଜନସାଧାରଣଙ୍କ ମନରେ ବିଶ୍ୱାସ ଉପୁଜିଲା। କିନ୍ତୁ ବାସ୍ତବରେ ଏହା କେବଳ ଏକ ମୋଦି ସପକ୍ଷବାଦୀ ଖେଳ ନୁହେଁ, ଭାରତବର୍ଷ ପ୍ରତି ବିରାଟ ଠକେଇ ବୋଲି କୁହାଯାଇପାରିବ। କାରଣ ସର୍ବୋଚ୍ଚ ନ୍ୟାୟାଳୟର ସବୁ ବିଚାରପତି ଏବେ ବିଭିନ୍ନ ପ୍ରକାର ଦୁର୍ନୀତି ସହ ସମ୍ପୃକ୍ତ ଥାଇପାରନ୍ତି ବୋଲି ଦେଶର ଲୋକେ ଭାବିବାକୁ ଆରମ୍ଭ କଲେଣି।

**ତଥାଗତ ସତପଥୀ**

# ଆମ ଭିଆଇପି ସଂସ୍କୃତି

ବୈକୁଣ୍ଠ ନାଥ ମିଶ୍ର

ଭାରତ ସ୍ୱାଧୀନ ହେବା ସହ ଏ ଦେଶରୁ ରାଜତନ୍ତ୍ରର ବିଲୋପ ଘଟି ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଛି। ୧୯୫୦ ଜାନୁୟାରୀ ୨୬ ତାରିଖଠାରୁ ଏଯାବତ୍ ସାତ ଦଶନ୍ଧି ଧରି ଭାରତୀୟ ଜନତା ଗଣତନ୍ତ୍ରକୁ ପ୍ରତ୍ୟକ୍ଷ କରି ଆସୁଛନ୍ତି। କିନ୍ତୁ ଗଣତନ୍ତ୍ରର ଅର୍ଥ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ ଭାରତୀୟ ଜନଗଣଙ୍କୁ ବିସ୍ମିତ କରିଛି ଯେ ଏ କ'ଣ ସେହି ଶାସନ ବ୍ୟବସ୍ଥା, ଯାହାର ପ୍ରାପ୍ତି ପାଇଁ ଏତେ ସଂଗ୍ରାମ ଓ ରକ୍ତଦାନ କରିବାକୁ ପଡିଥିଲା? କାରାଗାରର ଅନ୍ଧକାରାଚ୍ଛନ୍ନ କୋଠରିରେ ଜିଅନ୍ତା ଶବର ଅନୁଭୂତି ନେଇ ବିଦେଶୀ ହାତରୁ ଦେଶକୁ ମୁକ୍ତ କରିଥିବା ମହାନାୟକମାନଙ୍କର ସେ ଦୁଃଖ, ନିର୍ଯାତନାକୁ ଉପହାସ କରି ମୁଷ୍ଟିମେୟ ଶାସକ ଗୋଷ୍ଠୀ ପାଇଁ ଗଣତନ୍ତ୍ର ଆଜି ଉପଭୋଗର କ୍ଷେତ୍ର ପାଲଟିଛି। ରାଜତନ୍ତ୍ରର କ୍ରୂର କାଳିମାମୟ ଦିନଗୁଡିକର ଅବସାନ ପରେ ଯେଉଁ ନୂତନ ସୂର୍ଯ୍ୟର ଦେଦୀପ୍ୟମାନ ଶିଖା ଏ ଦେଶର କୋଣ ଅନୁକୋଣରେ ବିଚ୍ଛୁରିତ ହୋଇଥିଲା, ତାହାର ଦାହିକାଶକ୍ତି ଯେ ଏତେ ପୀଡ଼ାଦାୟକ ହେବ, ସେତେବେଳେ ସାଧାରଣ ଜନତା ବୁଝିପାରି ନ ଥିଲା।

ଦେଶ ଆମର ସତ, କିନ୍ତୁ ଦେଶକୁ ଆମେ ଚଳାଉନାହୁଁ। ଯେଉଁମାନେ ନାଉରି ସାଜି ଦେଶ ନାଆର କାତ ଧରିଲେ, ସେମାନେ ନାଆ ଚଳାଇବେ କ'ଣ, ନାଆକୁ ଏପରି ସ୍ଥିତିକୁ ଆଣିଛନ୍ତି ଯେ, ଦରିଆ ମଝିରେ ନାଆ ଟଳମଳ। ନାଉରି ଯାତ୍ରୀଙ୍କ ନିରାପତ୍ତା ଚିନ୍ତା ନ କରି ନିଜ ରୋଜଗାରରେ ବ୍ୟସ୍ତ। ଯାତ୍ରୀ ନିରାଶ ହୋଇ ଈଶ୍ୱରଙ୍କୁ ଭରସା କରିବା ଛଡା ଅନ୍ୟ ରାସ୍ତା ନାହିଁ। ସେବକ ଆଉ ରକ୍ଷକ ନୁହେଁ, ସେ ଭକ୍ଷକର ରୂପ ନେଇସାରିଲାଣି। ସେବକ ଭିଆଇପି ସ୍ତରକୁ ଉନ୍ନୀତ ହେଲେଣି। ସାଧାରଣ ଜନତା କେବଳ ନୁହେଁ, ଭିଆଇପିଙ୍କର ଅଧସ୍ତନଙ୍କ ପ୍ରତି ନିଷ୍ଠୁରତା ଭାବ ସେମାନଙ୍କ ମନରେ ଦୁର୍ବିଷହ ଅସୂୟା ଭାବ ସୃଷ୍ଟି କଲାଣି। ନିକଟରେ ଦିଲ୍ଲୀ ନିକଟସ୍ଥ ଗୁଡ୍‌ଗାଓଁର ଅତିରିକ୍ତ ଦୌରାଜଜ୍‌ଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ମହୀପାଲ ସିଂ ବିଚାରପତିଙ୍କ ସ୍ତ୍ରୀ ଓ ନାବାଳକ ପୁତ୍ରକୁ ଗୁଳିକରି ଦୌରାଜଜ୍‌ଙ୍କୁ ଏକଥା ଫୋନ ଯୋଗେ ଜଣାଇଦେଲେ। ଗୁଳି କରିବାର କାରଣ ହେଲା ବିଚାରପତି କୃଷ୍ଣକାନ୍ତ ଶର୍ମା ଓ ତାଙ୍କ ପରିବାର ତାଙ୍କୁ କଥା କଥାକେ ଗାଳିଗୁଲଜ କରୁଥିଲେ ଓ ଦିନଟିଏ ବି ଛୁଟି ଦେଉ ନ ଥିଲେ। ମାନସିକ ଅବସାଦ ଓ ଅବ୍ୟକ୍ତ ଯନ୍ତ୍ରଣାର ଏ ହେଉଛି ପ୍ରତିଫଳନ। ଭିଆଇପିମାନଙ୍କ ଅଧସ୍ତନଙ୍କ ପ୍ରତି ହୀନମନ୍ୟତାର ଏହା ଦାରୁଣ ପରିଣତି। ଭିଆଇପିଙ୍କର ପ୍ରତିଟି ଘରୋଇ କର୍ମ ସମ୍ପାଦନ ପାଇଁ ସରକାରୀ ବେତନଭୋଗୀ କର୍ମଚାରୀ ନିଯୁକ୍ତ। କ'ଣ ସେମାନଙ୍କ ପାଖରେ ଅଣସରକାରୀ ସହାୟକ ନିଯୁକ୍ତି ପାଇଁ ପଇସା ନାହିଁ?

ଆବ୍ରାହମ୍ ଲିଙ୍କନ ଗଣତନ୍ତ୍ରର ଯେଉଁ ସଂଜ୍ଞା ନିରୂପଣ କରିଥିଲେ, ଏହା ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କର- ତାହା ସମ୍ପ୍ରତି ନୂତନ ରୂପ ଧାରଣ କରି ଭିଆଇପିଙ୍କ ପାଇଁ, ଭିଆଇପିଙ୍କ ଦ୍ୱାରା ଓ ଭିଆଇପିଙ୍କର ବୋଲି ସାବ୍ୟସ୍ତ ହୋଇସାରିଛି। ୨୦୧୮ ଅଗଷ୍ଟ ଶେଷ ସପ୍ତାହରେ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭିଆଇପିଙ୍କ ଗମନାଗମନକୁ ସାଧାରଣଙ୍କଠାରୁ ପୃଥକ୍ କରାଯାଉ। ଅବଶ୍ୟ ଭିଆଇପିଙ୍କ ମଧ୍ୟରେ ଅଛନ୍ତି ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିବୃନ୍ଦ। ମାଡ୍ରାସ୍ ହାଇକୋର୍ଟଙ୍କ ଯୁକ୍ତି ହେଲା ଟୋଲ ପ୍ଲାଜା ନିକଟରେ ଟୋଲ ଫି ପଇଠ କରିବା ପାଇଁ ଏହି ଭିଆଇପିମାନଙ୍କୁ ଅନ୍ୟୂନ ଦଶ/ପନ୍ଦର ମିନିଟ୍ ଅପେକ୍ଷା କରିବାକୁ ନ ହେଉ। ସୁପ୍ରିମ୍‌କୋର୍ଟ ମଧ୍ୟ ମତ ଦେଇଛନ୍ତି ଯେ, ଚଳିତ ଦଶନ୍ଧି ମଧ୍ୟରେ ସୁପ୍ରିମ୍‌କୋର୍ଟ ସମେତ ୨୪ଟି ଉଚ୍ଚ ନ୍ୟାୟାଳୟରେ ସମୁଦାୟ ୩୩ ମିଲିୟନ୍ କେସ୍ ବିଚାର ଅପେକ୍ଷାରେ ଥିବାବେଳେ ବିଚାରପତିମାନଙ୍କୁ ରାଜପଥରେ ଅଟକା ନ ଯାଉ। ତାଙ୍କର ସମୟ ଅତି ମୂଲ୍ୟବାନ। ସେମାନଙ୍କୁ ସାଧାରଣଙ୍କ ପରି ମଝି ରାସ୍ତାରେ ଅଟକାଇବା ଅର୍ଥ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା। ଜାତୀୟ ରାଜପଥ ପ୍ରାଧିକରଣ କିନ୍ତୁ ଏ ଯୁକ୍ତିକୁ ନାପସନ୍ଦ କରିଛନ୍ତି।

ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସମାଜବାଦୀ, ସାଧାରଣତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ଏସବୁ ଶବ୍ଦଗୁଡିକ କେବଳ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ନେତା, ମନ୍ତ୍ରୀ ଓ ଅମଲାମାନେ ଲୋକଙ୍କର ସେବକ ମାତ୍ର। ଦେଶର ସ୍ୱାଧୀନତା ଯେତେ ପୁରୁଣା ହେଉଛି, ଭିଆଇପିମାନଙ୍କର ଅହମିକା ସେତେ ଅଧିକ ଅନୁଭୂତ ହେଉଛି। ମନେହୁଏ ସାଧାରଣଙ୍କର ଦେଶ ଶାସନରେ ଯେପରି କୌଣସି ଭାଗୀଦାରି ନାହିଁ। ନିର୍ବାଚିତ ଭିଆଇପିମାନେ ଆଧୁନିକ ପରିପାଟୀ ବିମଣ୍ଡିତ ଶୀତତାପ ନିୟନ୍ତ୍ରିତ ସୁଦୃଶ୍ୟ ଅଟ୍ଟାଳିକାରେ ବାସ କରିବା ପାଇଁ ଭାଗ୍ୟଦେବୀଙ୍କ ପ୍ରସନ୍ନତା ଲାଭ କରିଥିବା ବେଳେ ବିଚରା ନିର୍ବାଚକଟି ତା'ର ବହୁମୂଲ୍ୟ ଭୋଟଖଣ୍ଡିକ ଦେଇସାରିବା ପରେ ପାଲଟଣା ଚାଳି ବା ଝୁମ୍ପୁଡିଟିରେ ରହିବା ପାଇଁ ହିଁ ବିବଶ ହେଉଛି। ସେବ୍ୟ ଓ ସେବକର ସଂଜ୍ଞା ଆଜି ବାଟବଣା। ନିର୍ବାଚନ ସମୟରେ ସେବକର ଭୋଟ୍ ଭିକ୍ଷାର ପ୍ରୟାସକୁ ଦେଖି ସେବ୍ୟ ଆଶ୍ଚର୍ଯ୍ୟ ନ ହୋଇ ରହିପାରେନା। ସେ ସ୍ୱତଃ ପ୍ରଶ୍ନ କରେ ମୋଠାରେ ଯଦି ଏତେ ଶକ୍ତି ଅଛି, ମୋ ଭୋଟଖଣ୍ଡକ ବିନିମୟରେ ଜଣେ ଯଦି ଉଚ୍ଚାସନ ପାଇବ, ତେବେ ଭୋଟ ପରେ ମୋତେ ତ ସେ ପୂଜା କରିବା କଥା। ବାସ୍ତବରେ ମୁଁ ହିଁ ତ ଭିଆଇପି, 'କିଙ୍ଗ୍ ମେକର'। ପ୍ରସିଦ୍ଧ ଇଂଲିଶ ପ୍ରାବନ୍ଧିକ ଏ. ଏସ୍. ହମ୍‌ବିଙ୍କ ମତରେ, ଯେଉଁମାନେ ଦ୍ରବ୍ୟର ବ୍ୟବହାର କରନ୍ତି ସେମାନେ ସଭ୍ୟ କିମ୍ବା ଯୋଗ୍ୟ ନୁହନ୍ତି। ପ୍ରକୃତ ଯୋଗ୍ୟ ସେହିମାନେ, ଯେଉଁମାନେ ଦ୍ରବ୍ୟର ଉତ୍ପାଦନ କରନ୍ତି। ତାଙ୍କ ମତରେ ଜୋତା ପିନ୍ଧିବା ଲୋକ ନୁହେଁ, ବରଂ ଜୋତା ତିଆରି କରୁଥିବା ବ୍ୟକ୍ତି ହିଁ ପ୍ରକୃତ ଭିଆଇପି।

ନେତା, ଅଫିସର, ଅମଲା- ସମସ୍ତେ ଭିଆଇପି। ସେବା ବିନିମୟରେ ତ ବେତନ ମିଳୁଛି। ସେତିକିରେ ସନ୍ତୁଷ୍ଟ ନ ହୋଇ ଗରିବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ତୋସରପାତ କରିବା କ'ଣ ଭିଆଇପିର ଲକ୍ଷଣ? ଥରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଏକ ଛୋଟ ସହରକୁ ଗସ୍ତ କାର୍ଯ୍ୟକ୍ରମ ଥାଏ। ପ୍ରଧାନମନ୍ତ୍ରୀଙ୍କ ଗାଡି ସହ ଆଗପଛ ହୋଇ ମାତ୍ର ଦୁଇଟି ଗାଡି ଯାଉଥାଏ। ସାଧାରଣଙ୍କୁ ଜଣା ନ ଥାଏ ସେ ରାସ୍ତାରେ ପ୍ରଧାନମନ୍ତ୍ରୀ ଆସିବେ ବୋଲି। ସବୁକିଛି ସ୍ୱାଭାବିକ ଥାଏ। ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଗାଡି ରାସ୍ତା ପାର୍ଶ୍ୱରେ ଅଟକିଲା। ସଡକ ପାର୍ଶ୍ୱସ୍ଥ ରାଜ ଉଦ୍ୟାନରେ ମାଳିଟିଏ କାମ କରୁଥାଏ। ପ୍ରଧାନମନ୍ତ୍ରୀ ତା' ନିକଟକୁ ଯାଇ ତାକୁ ପାଣି ଗ୍ଲାସ୍‌ଟିଏ ବଢାଇ ଦେଇ କହିଲେ, ନିଅ ଏ ପାଣି ମୁନ୍ଦାକ ପିଅ ଓ ଘରକୁ ଯାଅ। ଆଜି ତୁମର ଛୁଟି। ମାଳି ନ ଚିହ୍ନିପାରି କହିଲା, ତୁମେ କିଏ ମୁଁ ଜାଣେ ନାହିଁ। ଆମ ବାବୁ ଯଦି ମୋତେ ଛୁଟି ଦିଅନ୍ତି, ତେବେ ମଧ୍ୟ ମୁଁ ଯିବି ନାହିଁ। କାରଣ ଆଜିର ଅଧାକାମ କାଲି କାମକୁ ଦ୍ୱିଗୁଣିତ କରିବ। ମୋତେ ଦିଆଯାଇଥିବା ସମୟସୀମା ମଧ୍ୟରେ ତାହା ଶେଷ ହୋଇପାରିବ ନାହିଁ। ଆପଣ ଆପଣଙ୍କ ବାଟରେ ଯା'ନ୍ତୁ ଓ ମୋତେ ମୋ କାମ କରିବାକୁ ଛାଡି ଦିଅନ୍ତୁ। ପରେ ଯେତେବେଳେ ସେ ଜାଣିଲା ଯେ ଆଗନ୍ତୁକ ଏ ଦେଶର ପ୍ରଧାନମନ୍ତ୍ରୀ ସେ ଲଜ୍ଜିତ ଓ ଭୟଭୀତ ହୋଇ କ୍ଷମା ଭିକ୍ଷା କଲା।

ମାତ୍ର ପ୍ରଧାନମନ୍ତ୍ରୀ କହିଲେ, ଜାପାନ ମୋ ଯୋଗୁ ବଡ଼ ନୁହେଁ, ତୁମ୍ଭେମାନେ ହିଁ ଜାପାନକୁ ବଡ଼ କରିଛ। କିନ୍ତୁ ଆମ ଦେଶରେ ସାମାନ୍ୟ କଥାରେ ପାନରୁ ଚୂନ ଖସିଲେ ଭିଆଇପିଙ୍କ ପ୍ରଭୁପଣ ଉଣା ହୋଇଯାଏ। ଗତବର୍ଷ ଶିବସେନା ଏମ୍‌ପି ରବୀନ୍ଦ୍ର ଗାଏକ୍‌ୱାଡ୍ ବିମାନବନ୍ଦରରେ ନିଜ ତନଖିକୁ ବିରୋଧ କରି ଜଣେ ୬୦ ବର୍ଷୀୟ ବିମାନ କର୍ମଚାରୀଙ୍କୁ ଚପଲରେ ପ୍ରହାର କରିଥିଲେ। ଗାଏକ୍‌ୱାଡ୍‌ଙ୍କ ସ୍ଥାନରେ ସାଧାରଣ ବ୍ୟକ୍ତିଟିଏ ଥିଲେ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଥା'ନ୍ତା। ଅବଶ୍ୟ ବେସାମରିକ ବିମାନ ଚଳାଚଳ ବିଭାଗ ତାଙ୍କ ବିମାନ ଯାତ୍ରା ଉପରେ ଅଙ୍କୁଶ ଲଗାଇଥିଲା। ପାକିସ୍ତାନର ଏକ ଅନୁରୂପ ଘଟଣା ପାଇଁ ସେ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ରହମନ ମଲିକଙ୍କୁ ୨୦୧୪ ସେପ୍ଟେମ୍ବର ୧୫ରେ ବିମାନରୁ ବହିଷ୍କାର କରାଯାଇ ବିମାନ ଉଡାଣ କରିଥିଲା। ୟୁରୋପର ଅଧିକାଂଶ ରାଷ୍ଟ୍ରମୁଖ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବସ୍ କିମ୍ବା ଟ୍ରେନ୍‌ରେ ଯାତାୟାତ କରନ୍ତି। ସେମାନେ କ'ଣ ଆମ ନେତାଙ୍କ ପରି ଭିଆଇପି ନୁହନ୍ତି?

ଭିଆଇପି ସଂସ୍କୃତି ଲୋକତନ୍ତ୍ରର ବାଧକ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ସମ୍ମାନ ଦେବା ଆମ ସମ୍ବିଧାନର ବିଶେଷତ୍ୱ। କିନ୍ତୁ ଭିଆଇପି ଆଳରେ ଅନ୍ୟଠାରୁ ସ୍ୱତନ୍ତ୍ରତା ଦାବି କରିବା ଅସମୀଚୀନ। କର୍ମାନୁସାରେ ଭିଆଇପି ମର୍ଯ୍ୟାଦା ମିଳୁ, ମାତ୍ର ପଦବୀ ପାଇଁ ଆଦୌ ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଭାଷା ବଞ୍ଚିବ ବ୍ୟବହାରରେ

ଅରୁଣ ଦାସ

କଥାରେ ଅଛି- ସମସ୍ତେ କାନ୍ଦୁଛନ୍ତି, ହେଲେ କାହା ଆଖିରେ ଲୁହ ନାହିଁ। ସେହିପରି କିଛି ଶିକ୍ଷିତ ଓଡ଼ିଆ ମାତୃଭାଷା ସୁରକ୍ଷା, ଭାଷା ବଞ୍ଚାଅ ପରି ଅଭିଯାନ ଚଳାଇଛନ୍ତି। ସଭାସମିତିରେ ଆବେଗପୂର୍ଣ୍ଣ ଭାଷଣ ଦେଇ ଗଳା ଫଟାଉଛନ୍ତି। ହେଲେ ଅସଲରେ 'କହି ଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ' ଭଳି ଆମ ନିଜ ଘରେ ହିଁ ସବୁଯାକ ଅଶୁଦ୍ଧି। ଅଧିକାଂଶ ଘରେ ପିଲା ବାପା, ବୋଉ ବଦଳରେ ଡାଡି, ମମି ବା ଡାଡ୍, ମମ୍ ଶବ୍ଦ ଉଚ୍ଚାରଣ କରୁଛନ୍ତି। ମଉସା, ମାଉସୀ, ମାମୁ, ମାଇଁ, କକା, ଖୁଡ଼ୀ ଆଦି ଶବ୍ଦର ସ୍ଥାନ ନେଇଛି ଅଙ୍କଲ ଓ ଆଣ୍ଟି। କଥା କଥାରେ ସମସ୍ତଙ୍କ ମୁହଁରେ ହିନ୍ଦୀ, ଇଂଲିଶ୍ ଶବ୍ଦ। ଘରର ଆସବାବଠାରୁ ଆରମ୍ଭକରି ଘରଗୁଡିକୁ ମଧ୍ୟ ଇଂଲିଶ୍‌ରେ କୁହାଯାଉଛି। ଯେମିତି ରୋଷେଇ ଘର ବା ହାଣ୍ଡିଶାଳକୁ କିଚେନ୍ ରୁମ୍, ଶୋଇବା ଘରକୁ ବେଡ୍ ରୁମ୍ ସହ ସକାଳ ଜଳଖିଆକୁ ବ୍ରେକ୍‌ଫାଷ୍ଟ, ଦ୍ୱିପହରର ଖାଇବାକୁ ଲଞ୍ଚ୍ ଓ ରାତି ଖାଇବାକୁ ଡିନର ବୋଲି କୁହାଯାଉଛି। ସପ୍ତାହର ସାତ ଦିନକୁ ସଣ୍ଡେ, ମଣ୍ଡେ ଇତ୍ୟାଦି କୁହାଯାଉଛି। ବୈଶାଖ, ଜ୍ୟେଷ୍ଠ ଆଦି ଓଡ଼ିଆ ମାସର ନାଁ ତ ଆମେ ଭୁଲିସାରିଲୁଣି। ଜାନୁୟାରୀ, ଫେବୃୟାରୀ ଆଦି ଇଂଲିଶ ମାସ ଓ ଇଂଲିଶ କ୍ୟାଲେଣ୍ଡରେ ସବୁ କାମ ଚାଲିଛି। ଘରକୁ କିଏ ଅତିଥି ଆସିଲେ କୁଣିଆ ନ କହି ଗେଷ୍ଟ କହୁଛୁ। ଥକା ଲାଗିଲେ ବିଶ୍ରାମ ନେଉଛି ନ କହି ରେଷ୍ଟ ନେଉଛି ବୋଲି କହୁଛୁ। ସେହିପରି ବହୁତ ଭଲ ନ କହି ଭେରିଗୁଡ୍, ଧନ୍ୟବାଦ ନ କହି ଥ୍ୟାଙ୍କ୍ ୟୁ ଓ ସ୍ୱାଗତମ୍ ନ କହି ୱେଲ୍‌କମ୍ ଇତ୍ୟାଦି କହିବା ସମସ୍ତଙ୍କର ଅଭ୍ୟାସ ହୋଇଗଲାଣି। ସକାଳ ବେଳା ଫୋନ୍ ଉଠେଇଲେ ସେପାଖୁ ଶୁଭୁଛି ଗୁଡ୍ ମର୍ନିଂ ଭାଇ। ଉପରବେଳା 'ଗୁଡ୍ ଆଫ୍ଟରନୁନ୍, ସନ୍ଧ୍ୟାବେଳେ ଗୁଡ୍ ଇଭିନିଂ ଆଉ ଶୋଇବାକୁ ଗଲାବେଳେ ଗୁଡ୍ ନାଇଟ୍। ଜନ୍ମଦିନର ଶୁଭେଚ୍ଛା ଜଣାଇଲା ବେଳେ ଆଉ କେହି ବି ଓଡ଼ିଆରେ ଶୁଭ ମନାସୁ ନାହାନ୍ତି। ସମସ୍ତେ କହୁଛନ୍ତି 'ହାପି ବାର୍ଥ ଡେ'! ସେହିପରି ବିବାହବାର୍ଷିକୀ ପାଳନ ବେଳେ ହାପି ମ୍ୟାରେଜ ଆନିଭର୍‌ସାରି ବୋଲି କହୁଛନ୍ତି। ଏ ସବୁ ଆମ ପରମ୍ପରା ବାହାରର କଥା। ଏହାର ବିକଳ୍ପ ଶବ୍ଦ ଆମ ଓଡ଼ିଆରେ ଅଛି। ତାହା ବ୍ୟବହାର ନ କରି ଇଂଲିଶ ବା ହିନ୍ଦୀ ଶବ୍ଦ ବ୍ୟବହାର କରିବା ଆମ ମାତୃଭାଷା ପାଇଁ କଦାପି ଶୁଭଙ୍କର ନୁହେଁ। ଯେଉଁ ଶବ୍ଦଗୁଡିକ ଆଉ ଜନମୁଖରେ ଉଚ୍ଚାରିତ ହେବନାହିଁ, ନିଶ୍ଚିତ ଭାବରେ ତା'ର ମୃତ୍ୟୁ ଘଟିବ। ଆମଠାରୁ ଭଲ ବରଂ ଅପାଠୁଆ ଗାଁଗହଳିର ମଣିଷ। କାରଣ ସେମାନେ ନିଚ୍ଛକ ଓଡ଼ିଆ ଶବ୍ଦ ବ୍ୟବହାର କରିଆସୁଛନ୍ତି।

ଲୋକେ ଭାବୁଛନ୍ତି ଓଡ଼ିଆରେ ହିନ୍ଦୀ, ଇଂଲିଶ ମିଶେଇ କହିଲେ ସେ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି ଭାବେ ଗଣାହେବେ। କିନ୍ତୁ ଏହା ଭୁଲ୍ ଧାରଣା। ଶୁଦ୍ଧ ଓ ମାର୍ଜିତ ଓଡ଼ିଆ ଶବ୍ଦରେ କଥାବାର୍ତ୍ତା କରି ମଧ୍ୟ ଜଣେ ନିଜର ଅମାୟିକ ଓ ଭଦ୍ର ପରିଚୟ ଦେଇପାରିବ। ସମସ୍ତେ ସମାଲୋଚନା କରୁଛନ୍ତି, ଅମୁକ ମନ୍ତ୍ରୀ ଏମିତି ବିକୃତ ଓଡ଼ିଆ କହିଲେ, ସମୁକ ଗାୟିକା ଓଡ଼ିଆ ଗୀତକୁ ସେମିତି ବିକୃତ କରି ଗାଇଲେ। କିନ୍ତୁ କେହି ବି ନିଜେ ମାତୃଭାଷା ପ୍ରତି କରୁଥିବା ହତାଦର ଓ ତ୍ରୁଟି ସୁଧାରିବାକୁ ପ୍ରସ୍ତୁତ ନୁହନ୍ତି। ଏହା ବାଦ୍ ଏବେ ଏମିତି ହେଲାଣି ବିନା ହିନ୍ଦୀ, ଇଂଲିଶ ଓ ଉର୍ଦ୍ଦୁ ଶବ୍ଦ ବ୍ୟବହାରରେ ଗୀତିକାରମାନେ ଆଉ ଓଡ଼ିଆ ଗୀତ ଲେଖି ପାରୁନାହାନ୍ତି। ରପ୍‌ତା ରପ୍‌ତା, ମୌଲା, ଦିୱାନା, ଆହିସ୍ତା ଆହିସ୍ତା, ଗୁନ୍‌ଦସ୍ତା, ଦିଲ୍ କମର, ତୁନେରୀ, ରବା ରବା, ଫିଦା, ସଜ୍‌ନା ଓ ଇସ୍କ୍ ଇତ୍ୟାଦି ଶବ୍ଦ ସବୁ ଆସି ଓଡ଼ିଆ ସଙ୍ଗୀତରେ ପଶି ଖେଚୁଡ଼ି ହୋଇସାରିଲାଣି। ଥରେ ଜଣେ ଗୀତିକାରଙ୍କୁ ଏ ଅଧମ ଲେଖକ କିଛି ମତାମତ ଦେଲାରୁ ସେ ରୋକ୍‌ଠୋକ୍ କହିଲେ, ତମେ ବହୁତ ପଛରେ ଅଛ। ଆରେ ଭାଇ ପଛ ନ ରହିଲେ ଆଗ କୁଆଡୁ ଆସିବ? ପର ଘର ତିଅଣ ସୁଆଦିଆ ବୋଲି ଅଧିକ ଖାଇଲେ ରୋଗ ଅର୍ଜିବା ହିଁ ସାରହେବ। ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇସାରିଛି। ହେଲେ ଦୁର୍ଭାଗ୍ୟର ବିଷୟ ନିଜ ଭାଷା ପ୍ରୀତି, ଅସ୍ମିତା ଓ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଆମେ ପର ପ୍ରେମରେ ପଡୁଛେ। କିଛି ବୟସ୍କ ବ୍ୟକ୍ତି କଳାପତାକା ଧରି ଭାଷା ଆନ୍ଦୋଳନରେ ଛିଡା ହେଉଛନ୍ତି। କିନ୍ତୁ ସନ୍ଧ୍ୟାରେ ନିଜ ନାତିନାତୁଣୀଙ୍କ ଇଂଲିଶ ରାଇମ୍ ଶୁଣି ପୁଲକିତ ହୋଇ ଉଠୁଛନ୍ତି। ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ଇଂଲିଶ ରାଇମ୍ ବୋଲିବାକୁ ମନା ନାହିଁ। କିନ୍ତୁ ଆହେ ଦୟାମୟ ବିଶ୍ୱବିହାରୀ.. ଇତ୍ୟାଦି ଗୀତ ମୁଖସ୍ଥ କରିବାକୁ କାହିଁକି ବାରଣ କରାଯାଉଛି? ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ନିଜ ଭାଷା ସମ୍ବନ୍ଧରେ ପିଲାମାନଙ୍କୁ ପର୍ଯ୍ୟାପ୍ତ ଜ୍ଞାନ ଦେଲାଭଳି ଆମେ କୌଣସି ଆଖିଦୃଶିଆ ପଦ୍ଧତି ଅବଲମ୍ବନ କରୁନାହୁଁ। କେବଳ ମଧୁ ବର୍ଣ୍ଣବୋଧ ପିଲାମାନଙ୍କ ପାଇଁ ପଢିବାକୁ ଥିବାବେଳେ, ଏହାକୁ ପୁଣି ଇଂଲିଶ ମାଧ୍ୟମର ପିଲା ପଢୁନାହାନ୍ତି। ସେହିପରି ବଡ଼ ଶ୍ରେଣୀରେ ପିଲାମାନେ ଇଂଲିଶ୍ ଓ ଅନ୍ୟ ବିଷୟ ପ୍ରତି ଯେତିକି ଧ୍ୟାନ ଦେଉଛନ୍ତି, ଓଡ଼ିଆ ବିଷୟ ପ୍ରତି ସେତିକି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିରେ ପିଲାମାନଙ୍କର କିଛି ଦୋଷ ନାହିଁ। ଘରର ବଡ଼ମାନେ ଯେମିତି ପ୍ରବର୍ତ୍ତାଉଛନ୍ତି, ସେମାନେ ସେମିତି କରୁଛନ୍ତି। ବଡ଼ମାନେ ଘରେ ଯେମିତି ଢଙ୍ଗରେ କଥାବାର୍ତ୍ତା କରୁଛନ୍ତି, ପିଲାମାନେ ସେପରି କରୁଛନ୍ତି। ଦିନ ଆସିବ, ଓଡ଼ିଆରେ କଥାବାର୍ତ୍ତା ହେଲାବେଳେ ପ୍ରତିଟି ବାକ୍ୟରେ ମାଳ ମାଳ ଇଂଲିଶ ଓ ହିନ୍ଦୀ ଶବ୍ଦ ହିଁ ଥିବ। ସେଥିରୁ ଓଡ଼ିଆର ଗନ୍ଧ ଯେତେ ଖୋଜିଲେ ବି ଆଉ ଜମାରୁ ମିଳିବନି। ଭାଷା ଆନ୍ଦୋଳନକାରୀ ଥିବେ, ଭାଷା ବଞ୍ଚାଅ ବୋଲି ଚିତ୍କାର କରୁଥିବେ, ହେଲେ ନେଡିଗୁଡ଼ କହୁଣିକୁ ବୋହିଯାଇଥିବ। ସୁତରାଂ ବେଳ ଥାଉଥାଉ ଭାଷାର ସୁରକ୍ଷା ପାଇଁ ଅନ୍ୟ ଉପରକୁ କାଦୁଅ ନ ଫିଙ୍ଗି ନିଜେ କରୁଥିବା ଛୋଟ ଛୋଟ ତ୍ରୁଟିକୁ ସୁଧାରିନେଲେ, ସେଇ ହିଁ ହେବ ମାତୃଭାଷା ପାଇଁ ଆମର ମହାନ୍ କାର୍ଯ୍ୟ।

ପତରପଡ଼ା, ବରମୁଣ୍ଡଳୀ, ଜଗତ୍‌ସିଂହପୁର,
ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଚିତାବାଘ ଏକ ମାଂସାଶୀ ଓ ଶିକାରୀ ପ୍ରାଣୀ। ଏହା କୁକୁର ଭଳି ନିରୀହ ପ୍ରାଣୀଙ୍କୁ ମାରି ଖାଏ। କିନ୍ତୁ ଉଭୟ ପ୍ରାଣୀ ମଧ୍ୟରେ ଖାଦ୍ୟ-ଖାଦକ ସମ୍ପର୍କ ଥିଲେ ବି ବିପଦରେ ପଡିଲେ ଖାଦକ ପ୍ରାଣୀ ଆଉ ଶିକାର ନ କରି ଦୟାବାନ୍ ପାଲଟିଯାଏ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡ ରାଜ୍ୟର ତିହରି ଜିଲା ଅନ୍ତର୍ଗତ ଲାମକୋଟ୍ ଗାଁରେ। ଏଠାରେ ଏକ ଚିତାବାଘ କୁକୁରକୁ ଶିକାର କରିବା ପାଇଁ ତା' ପଛରେ ଦୌଡୁଥିଲା। ପ୍ରାଣ ବିକଳରେ କୁକୁରଟି ଗାଁର ଏକ ଶୌଚାଳୟ ଭିତରେ ପଶିଯାଇଥିଲା। କୁକୁର ପଛେ ପଛେ ଯାଇ ଚିତାବାଘ ମଧ୍ୟ ଭିତରେ ପଶିଯାଇଥିଲା। ଘର ମାଲିକ ଏହା ଦେଖି ଭୟରେ ବାହାରୁ ଶୌଚାଳୟ କବାଟ କିଳି ଦେଇଥିଲେ। ଭିତରେ ଖାଦ୍ୟ-ଖାଦକ ମୁହାଁମୁହିଁ। କୁକୁରର କୁଆଡ଼େ ଯିବାର ଉପାୟ ନ ଥିଲା। ଚିତାବାଘ ଚାହିଁଥିଲେ ସେଠାରେ ତାକୁ ଆରାମରେ ମାରି ଖାଇପାରିଥାନ୍ତା। ମାତ୍ର ଚିତାବାଘ କିପରି ମୁକ୍ତି ପାଇବ ସେଇ ଚିନ୍ତାରେ ରହି କୁକୁରର କୌଣସି କ୍ଷତି କରି ନ ଥିଲା। ଗାଁ ଲୋକେ ଏହି ପରିସ୍ଥିତିରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ଚିତାବାଘକୁ ଧରିନେଇ ଜଙ୍ଗଲରେ ଛାଡିଥିଲେ। କୁକୁରର ଜୀବନ ରକ୍ଷା ପାଇଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜାନୁୟାରୀ ୧୯୯୪

- ୟୁକ୍ରେନରେ ଥିବା ବିଶ୍ୱର ତୃତୀୟ ବୃହତ୍ତମ ଆଣବିକ ଆଗ୍ନେୟାସ୍ତ୍ର କେନ୍ଦ୍ରକୁ ଧ୍ୱଂସ କରିଦେବା ପାଇଁ ରୁଷିଆ, ଆମେରିକା ଓ ୟୁକ୍ରେନ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର କରିଛନ୍ତି।
- ଥାଇଲାଣ୍ଡର ଟାନା ପ୍ରଦେଶରେ ଏକ ଯାତ୍ରୀବାହୀ ବସ୍ ସହ ଏକ ସିମେଣ୍ଟ ଟ୍ରକ୍ ମୁହାଁମୁହିଁ ସଂଘର୍ଷ ହେବା ଫଳରେ ବସ୍‌ଟିରେ ଅଗ୍ନିକାଣ୍ଡ ଘଟି ୫୦ ଜଣଙ୍କ ମୃତ୍ୟୁ।
- ଇଟାଲୀର ପ୍ରଧାନମନ୍ତ୍ରୀ କାର୍ଲୋ ଆଜେଗ୍ଲିଓ ସିଆମ୍ପି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।
- ବିହାରର ଦୁମକାଠାରେ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡିବା ଫଳରେ ଘଟଣାସ୍ଥଳରେ ୪୪ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ ?
(ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 0 | E | 3 | | A | | | | |
| D | | | | 1 | | | | 6 | | | | | A | |
| | | | | 5 | E | C | 2 | | | | | | | 3 |
| | | | 3 | | | 4 | | | | 9 | | | 1 | B |
| 2 | | | | 8 | B | | | 9 | 5 | | C | | | |
| 5 | | | 1 | D | | | | A | | | | | | |
| 3 | | 0 | | | 8 | | | | | 5 | A | B | | 4 |
| | | | E | 0 | | B | | | C | 7 | | | | |
| | E | | C | | 6 | | 3 | 8 | B | | | | D | |
| | | | | 9 | | 7 | | | 2 | | D | 0 | | C |
| A | 0 | | | C | | | | | | | | | 4 | |
| | 7 | | | | | | B | | 9 | | | | | A |
| 8 | 3 | E | | | | | C | | | 4 | | | | |
| | C | | | 2 | | A | | | 6 | 3 | | | E | 7 |
| | 4 | | D | | 9 | 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | E | 7 | A | 4 | D | 9 | 8 | 2 | 0 | C | 5 | 6 | 3 |
| 8 | 2 | A | D | E | 0 | 7 | B | C | 6 | 3 | 5 | 9 | 1 | 4 |
| 4 | 3 | 9 | C | B | 2 | 6 | 5 | A | 1 | 8 | 7 | 0 | E | D |
| D | 6 | 5 | 3 | 9 | 8 | 0 | 2 | 1 | 4 | B | E | C | 7 | A |
| 7 | C | 0 | 6 | 1 | 5 | 3 | 4 | E | 9 | A | D | B | 8 | 2 |
| 0 | D | 2 | 8 | 7 | 6 | C | 3 | 9 | B | E | 1 | 4 | A | 5 |
| E | 4 | 3 | A | C | D | 5 | 1 | 0 | 8 | 9 | 2 | 7 | B | 6 |
| 9 | 5 | 1 | 2 | 4 | B | A | 8 | 7 | C | 6 | 3 | E | D | 0 |
| A | 8 | C | 9 | 5 | E | B | D | 6 | 7 | 4 | 0 | 3 | 2 | 1 |
| 6 | 7 | B | 0 | 3 | 1 | 4 | E | 2 | 5 | D | A | 8 | C | 9 |
| 1 | B | 8 | 5 | 6 | C | 2 | 0 | D | 3 | 7 | 9 | A | 4 | E |
| C | 0 | 4 | 1 | D | 7 | E | 6 | 3 | A | 5 | 8 | 2 | 9 | B |
| 2 | E | 7 | 4 | 0 | 3 | 9 | A | B | D | C | 6 | 1 | 5 | 8 |
| 5 | A | 6 | E | 8 | 9 | 1 | C | 4 | 0 | 2 | B | D | 3 | 7 |
| 3 | 9 | D | B | 2 | A | 8 | 7 | 5 | E | 1 | 4 | 6 | 0 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜାପାର୍ବଣକୁ ପଲିଥିନମୁକ୍ତ କରାଯାଉ

ମହାଶୟ,

ଧରିତ୍ରୀ(୩।୧)ରେ ପ୍ରକାଶିତ ଖବର ପାରାଦୀପର ବତିଘରଠାରେ ନୌକା ଦୁର୍ଘଟଣା ଯୋଗୁ ଜଣେ ମୃତ, ୭ ନିଖୋଜ ଖବର ଅତ୍ୟନ୍ତ ହୃଦୟବିଦାରକ। ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନୌକାରେ ଚଢିବା ଓ ଲାଇଫ ଜ୍ୟାକେଟ ନ ଥିବାରୁ ଏପରି ଘଟଣା ଘଟିଲା। ଡଙ୍ଗା ଘାଟଗୁଡ଼ିକରେ ଯାତ୍ରୀ ସଂଖ୍ୟା ସରକାରଙ୍କ ତରଫରୁ ତଦାରଖ ହେବା ଦରକାର। ସ୍ଥାନୀୟ ତହସିଲଦାର କିମ୍ବା ଉପଜିଲାପାଳ ଏଥିପ୍ରତି ଧ୍ୟାନ ଦେବା ଦରକାର। କିଛିବର୍ଷ ପୂର୍ବେ ହୀରାକୁଦର ଉପରମୁଣ୍ଡରେ ମହାନଦୀରେ କେତେ ବ୍ୟାଙ୍କ କର୍ମଚାରୀ ନଦୀ ଅପରପଟକୁ ଯାଇ ପିକନିକ କରି ଫେରିବା ବେଳକୁ ନୌକା ବୁଡିଯିବାରୁ ଅନେକ ଜୀବନ ହାନି ଘଟିଥିଲା। ନିକଟରେ ଭୁବନେଶ୍ୱରରୁ ଗୋଟିଏ ପରିବାରର ୮ ଯାତ୍ରୀ ପିକନିକ ପାଇଁ ଯାଇଥିବା ବେଳେ କନ୍ଦରପୁରଠାରୁ ଅଳ୍ପ ଦୂରରେ ପାରାଦୀପ ରାସ୍ତାରେ ଦୁର୍ଘଟଣା ଘଟି ମାଆ ପୁଅଙ୍କ ମୃତ୍ୟୁ ଘଟିଥିଲା। ଚିଲିକାରେ ନୌକା ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହୋଇଥିଲା। ଏତେ ଦୁର୍ଘଟଣା ଓ ଜୀବନ ହାନି ସତ୍ତ୍ୱେ ଏହାର ନିରାକରଣ ପାଇଁ ସରକାର ଦୃଷ୍ଟି ନ ଦେବା ପରିତାପର ବିଷୟ। ପିକନିକପ୍ରେମୀମାନଙ୍କୁ ମୋର ବିନମ୍ର ଅନୁରୋଧ ସେମାନେ ଏପରି ପିକନିକରୁ ନିବୃତ୍ତ ରୁହନ୍ତୁ।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସେଲ୍‌ଫି ଫଟୋ

ଆଧୁନିକ ଯୁଗରେ ଫଟୋ ହାତପାଆନ୍ତାରେ। ସେଲ୍‌ଫି ଫଟୋ ଓ କ୍ୟାମେରାମ୍ୟାନ ଦ୍ୱାରା ଉଠାଯାଇଥିବା ଫଟୋ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଅଛି। ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ କ୍ୟାମେରାମ୍ୟାନ ଦ୍ୱାରା ଉଠାଯାଇଥିବା ଫଟୋକୁ କେହି କେହି ସେଲ୍‌ଫି ଫଟୋ କହି ବାହାବା ସାଉଁଟିବା ସହ ନିଜକୁ ମହାନ ଭାବୁଛନ୍ତି। ସେଲ୍‌ଫି ଫଟୋ ଉଠାଇବା ସମୟରେ ଖାଲି ଆଗକୁ ଚାହିଁ ନିଜକୁ ଅନ୍ୟମାନଙ୍କ ସହ ପୋଜ ନେବା ସମୟରେ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇ ନିତିଦିନ ବହୁସଂଖ୍ୟକ ଯୁବତୀଯୁବକ ମୃତାହତ ହେଉଛନ୍ତି। ବିଶେଷକରି ଜଳଉତ୍ସ ଓ ବଣପାହାଡ, ଖାଲଢିପ ବ୍ୟତୀତ ବଣୁଆ ଜନ୍ତୁଙ୍କ ସହିତ ସେଲ୍‌ଫି ଫଟୋ ଉଠାଇବା ଭଳି ଦୁଃସାହସୀ କାମଠୁ ମଣିଷ ଦୂରେଇ ରହିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ

## ସଂକ୍ଷେପରେ

### ୨୦ ଯାଏ ହାଲୁକା ଶୀତ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ପାରଦ ଉପରମୁହାଁ ହୋଇଛି। କେବଳ ଦୁଇଟି ସ୍ଥାନକୁ ବାଦ ଦେଲେ ରାଜ୍ୟର ସମସ୍ତ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀରୁ ୧୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୦, ଅନୁଗୋଳ ୧୦.୬ ଏବଂ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଦିନର ତାପମାତ୍ରା ମଧ ବଢିବାରେ ଲାଗିଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ହାଲୁକା ଶୀତ ସହିତ ପାଗ ଶୁଖିଲା ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର କୁହୁଡି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ୫ ଭାଜପା କର୍ମକର୍ତ୍ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ଦଳୀୟ ବିଶୃଙ୍ଖଳା ଯୋଗୁ ଦଳରୁ ନିଲମ୍ବିତ ହୋଇଥିବା ସୁବର୍ଣ୍ଣପୁର ଜିଲାର ସୁରେଶ ଚନ୍ଦ୍ର ମିଶ୍ର, ସମ୍ବିତ କୁମାର ନେପାକ, ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନା, ମଧୁସୂଦନ କ୍ଷେତି ଏବଂ କେଦାର ଦାଶଙ୍କ ଉପରୁ ରାଜ୍ୟ ଭାଜପା ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି କାର୍ଯ୍ୟକର୍ତ୍ତା ନିଜର ଭୁଲ ସ୍ୱୀକାର କରିବା ସହ ତା'ର ପୁନରାବୃତ୍ତି ନ କରିବା ଏବଂ ଦଳୀୟ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ମାନିବାର ପ୍ରତିଶ୍ରୁତି ଦେବାରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିବା ମହାପାତ୍ର କହିଛନ୍ତି।

### କଂଗ୍ରେସ ଇସ୍ତାହାର ୱେବସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସ ଦଳର ନିର୍ବାଚନ ଇସ୍ତାହାର ୱେବସାଇଟ www.congressmyvoice.comକୁ ଉନ୍ମୋଚିତ କରିଛନ୍ତି । ଓଡ଼ିଶାବାସୀଙ୍କ ମତାମତକୁ ଯଥା ଦଳିତ, ଆଦିବାସୀ, ମହିଳା, ସଂଖ୍ୟାଲଘୁ, ଯୁବ, ଛାତ୍ର, ଅସଂଗଠିତ ଶ୍ରମିକ, କୃଷକ, ଭାଗଚାଷୀ, ପଛୁଆବର୍ଗ ନିମନ୍ତେ କି କି ପଦକ୍ଷେପ ନେବୁ ସେଥିଲାଗି ଏହି ୱେବସାଇଟ୍ ଜରିଆରେ ପରାମର୍ଶ ଦେବାକୁ ନିରଞ୍ଜନ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ନିର୍ଣ୍ଣାୟକ ହୋଇପାରିବ। ଗଣମାଧ୍ୟମର ବହୁମୂଲ୍ୟ ପରାମର୍ଶ ଇସ୍ତାହାର ନିମନ୍ତେ ଅତ୍ୟନ୍ତ ଉପାଦେୟ ବୋଲି ନିରଞ୍ଜନ କହିଛନ୍ତି । ଜନସାଧାରଣଙ୍କ ବହୁମୂଲ୍ୟ ପରାମର୍ଶ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟ ଠିକଣାରେ ପଠାଇବା ପାଇଁ ଇସ୍ତାହାର କମିଟିର ଅଧ୍ୟକ୍ଷ ଗଣେଶ୍ୱର ବେହେରା ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ତାହାର କମିଟି ଆବାହକ ବିସ୍ମୟ ମହାପାତ୍ର ଓ ସଦସ୍ୟ ଲିଆକତ୍ ଅଲ୍ଲୀ, ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ପଦ୍ମାକର ଗୁରୁ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଇଣ୍ଡୋର ଷ୍ଟାଡିୟମ ଶିଳାନ୍ୟାସ

## ବିକାଶ ସମସ୍ତଙ୍କୁ ଏକାଠି କରେ: ଧର୍ମେନ୍ଦ୍ର ପ୍ରଧାନ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀଦଳ ନେତା ନରସିଂହ ମିଶ୍ର, ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ବିଧାୟକ କନକ ବର୍ଦ୍ଧନ ସିଂଦେଓ ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

- ରାଜ୍ୟ ସରକାରଙ୍କ ତଥ୍ୟଗତ ବିସଙ୍ଗତିରୁ ବାଇପାସ୍ ପ୍ରକଳ୍ପ ଅଟକିଛି
- ଦେଓଗାଁ ଟିନିକଲ ହସ୍ତାନ୍ତର କଲେ ଇଥାନଲ ପ୍ରକଳ୍ପ କରାଯିବ

ବଲାଙ୍ଗୀର ଅଫିସ, ୧୪।୧

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆରେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୪.୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଇଣ୍ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସଭାରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ, ଗେଲ ଇଣ୍ଡିଆ କମ୍ପାନୀ ହ୍ୟୁମାନ୍ ରିସର୍ସ ଡାଇରେକ୍ଟର ପି.କେ. ଗୁପ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ବକ୍ତବ୍ୟ ରଖି କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିକାଶ ସମସ୍ତଙ୍କୁ ଏକାଠି କରେ ବୋଲି କହିବା ସହ ଇଣ୍ଡୋର ଷ୍ଟାଡିୟମ ବଲାଙ୍ଗୀରର କ୍ରୀଡ଼ା ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଷ୍ଟାଡିୟମରେ ବ୍ୟାଡମିଟନ, ଟେନିସ୍, ବାସ୍କେଟବଲ, ଜିମ୍ନାଷ୍ଟିକ ସହ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ଘଟିବ ବୋଲି କହିଥିଲେ। କୌଣସି ଏକ ଜାତୀୟ ପ୍ରତିଯୋଗିତା କରି ଏହି ପ୍ରକଳ୍ପ ଉଦ୍‌ଘାଟନ କରାଯିବ ବୋଲି ସେ କହିଥିଲେ। ୨୦୧୬ରେ ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆରେ ବିଧାୟକ ମିଶ୍ରଙ୍କ ଅନୁରୋଧ କ୍ରମେ ଏଠାରେ ଇଣ୍ଡୋର ଷ୍ଟାଡିୟମ ତିଆରି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରସଙ୍ଗରେ ଉଲ୍ଲେଖ କରି ମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ବଲାଙ୍ଗୀର ବାଇପାସ୍ ଫାଇଲ ଦିଲ୍ଲୀରେ ଅଟକି ନାହିଁ ବରଂ ରାଜ୍ୟ ସରକାରଙ୍କ ତଥ୍ୟଗତ ବିସଙ୍ଗତି ଯୋଗୁ କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତି ସତ୍ତ୍ୱେ ଏହି କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି କହିଥିଲେ। ଯେଉଁ ଦିନ ରାଜ୍ୟ ସରକାର ଏସମ୍ପର୍କିତ ନଥିପତ୍ର ଠିକ୍ ଭାବେ ପ୍ରଦାନ କରିବେ ତା' ପରଦିନ ବଲାଙ୍ଗୀର ବାଇପାସ୍ କାମ ଆରମ୍ଭ ହେବାର ଦାୟିତ୍ୱ ସେ ନେବେ ବୋଲି କହିଥିଲେ। ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କ ପ୍ରଶ୍ନର ଉତ୍ତର ରଖି ପ୍ରଧାନ କହିଥିଲେ ଯେ, ରାଜ୍ୟ ସରକାର ବାଇପାସ୍ ଜମି ଅଧିଗ୍ରହଣକୁ ନେଇ ବେଞ୍ଚମାର୍କ ମୂଲ୍ୟ ଓ ଜମି ରେଜିଷ୍ଟ୍ରେସନ୍ ମୂଲ୍ୟ ନେଇ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି। ଏନେଇ ଏହା ଅଟକି ରହିଛି ବୋଲି କହିଥିଲେ । ବଲାଙ୍ଗୀର ଜିଲାର ଦେଓଗାଁ, ନୟାଗଡ଼, ଆସ୍କା ଏବଂ ବଡମ୍ବା ଟିନିକଲରେ ଭାରତ ସରକାର ଇଥାନଲ ପ୍ରକଳ୍ପ କରିବା ନେଇ ସହଯୋଗର ହାତ ବଢ଼ାଉଥିଲେ ମଧ ରାଜ୍ୟ ସରକାର ଏହି ଦିଗରେ ସହଯୋଗ କରୁ ନାହାନ୍ତି । ଏଥିପାଇଁ ଚାଷୀ ଓ ରାଜ୍ୟବାସୀ ବିକାଶରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ସଭାରେ ଯୋଗଦେଇ ବିଧାୟକ ମିଶ୍ର ଇଣ୍ଡୋର ଷ୍ଟାଡିୟମ ପାଇଁ ମନ୍ତ୍ରୀଙ୍କୁ ଧନ୍ୟବାଦ ସହ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, କଣ୍ଟାବାଞ୍ଜିରେ ରେଲୱାଗନ କାରଖାନା ପ୍ରତିଷ୍ଠା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏମ୍‌ପି ସିଂଦେଓ ବାଇପାସ୍ ରାସ୍ତା ନିର୍ମାଣ ନେଇ ଦାବି କରିଥିଲେ। ବିଧାୟକ ସିଂଦେଓ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ବଲାଙ୍ଗୀର ବିକାଶରେ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

■ ସାଧାରଣ ବର୍ଗ ଗରିବଙ୍କ ପାଇଁ ଖୁସି ଖବର

# ଲାଗୁହେଲା ୧୦% କୋଟା

ନୂଆଦିଲ୍ଲୀ,୧୪।୧

ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ଲାଗି ସରକାରୀ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୋମବାରଠାରୁ ଲାଗୁ ହୋଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୦% ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ଗତ ୯ ତାରିଖରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିବା ପରେ ଶନିବାର ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଥିଲା। ଏହି ସଂରକ୍ଷଣ ସୁବିଧା ଉଚ୍ଚ ଜାତିର ଗରିବଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନଙ୍କ କ୍ଷେତ୍ରରେ ଲାଗୁ ହେବ। ଯେଉଁମାନଙ୍କର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ କିମ୍ବା ୫ ଏକରରୁ କମ୍ ଚାଷଜମି ଥିବ ସେମାନେ ଏହି ସୁବିଧା ପାଇପାରିବେ।

# ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ ଶାନ୍ତି

ମାଲକାନଗିରି,୧୪।୧ (ଡି.ଏନ୍.ଏ.)

ମାଲକାନଗିରି ଏସ୍‌ପି ଜଗମୋହନ ମୀନାଙ୍କ ନିକଟରେ ସୋମବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ଦେବେ ମାଢ଼ି ଓରଫ ଶାନ୍ତି। କାଲିମେଲା ବ୍ଲକ ଚିନ୍ତଲବାଡା ପଞ୍ଚାୟତ ଅନ୍ତର୍ଗତ କସୁଲକୋଣ୍ଡା ଗ୍ରାମରେ ତାଙ୍କ ଘର ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି। ଏ ସମ୍ପର୍କରେ ସୂଚନାଦେଇ ଏସ୍‌ପି କହିଛନ୍ତି ଯେ, ଶାନ୍ତି ଗତ ୨୦୧୨ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲର କାଲିମେଲା ଦଲମ୍‌ରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମାଓବାଦୀ ସଙ୍ଗଠନରେ ସେ ଏରିଆ କମାଣ୍ଡର ମେମ୍ବର (ଏସିଏମ୍) ରୂପେ କାର୍ଯ୍ୟ କରୁଥିଲେ। ସେ କୁରୁବ୍ ଗ୍ରାମର ପେଣ୍ଟା ମାଡି ହତ୍ୟା, ପିତାକୋଣ୍ଡାର ଭୀମା କବାସୀ ହତ୍ୟା, ପୋଟେରୁ ବସ୍ତି ହତ୍ୟା ମାମଲା, ଦାମନଯୋଡି ମାଇନ୍ସ ଆକ୍ରମଣ, ଅଣ୍ଡ୍ରାପାଲି ଗାଁ ମୁଖିଆ ହତ୍ୟା, ଗୋବରପଡା ଓ ରାମାଗୁଡାରେ ପୋଲିସ ସହ ଗୁଳି ବିନିମୟ, ଗୁସୁମ ପଦରର କାଟାମଙ୍କୁ ହତ୍ୟା, ବାମୁଣ୍ଡିଘାଟି ମୁଦୁଲିପଡା ଓ ପିପଲପଦରରେ ରାସ୍ତା କାମକୁ ବିରୋଧ କରି ଜେସିବି ଓ ଯନ୍ତ୍ରାଂଶ ପୋଡି, ଜୋଡାମ୍ବ ଗ୍ରାମର ବୋଲୁଙ୍କୁ ହତ୍ୟା, ଅଣ୍ଡ୍ରାପାଲି, ଟିକାପଡା ଓ ପାନପଦରରେ ପୋଲିସ ସହ ଗୁଳି ବିନିମୟ, ରାଜୀବ ନାୟକଙ୍କୁ ହତ୍ୟା ଉଦ୍ୟମ ଭଳି ବହୁ ହିଂସା ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ପି କହିଛନ୍ତି। ମାଓବାଦୀ ସଙ୍ଗଠନରେ ପୂର୍ବର ଆଦର୍ଶ ନ ଥିବା ଏବଂ ଏହାର ନେତା ସୁଧୀରଙ୍କ ନିର୍ଯାତନା ସହି ନ ପାରି ସେ ସଙ୍ଗଠନ ଛାଡିଥିବା କହିଛନ୍ତି। ତେବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଥିବା ସହାୟତା ରାଶି ଶାନ୍ତିଙ୍କୁ ପ୍ରଦାନ କରାଯିବ ବୋଲି ଏସ୍‌ପି ମୀନା କହିଛନ୍ତି।

ପ୍ରଥମ ପୃଷ୍ଠାରୁ

## ଅଭାବୀ ବିକ୍ରିକୁ...

୨୦୧୩- ୧୪ ଆର୍ଥିକ ବର୍ଷରେ ବିଭିନ୍ନ ସରକାରୀ ମଣ୍ଡି ମାଧ୍ୟମରେ ୩,୦୮,୮୨୩ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଥିବାବେଳେ ୨,୪୫,୪୪୦ କୁଇଣ୍ଟାଲ କ୍ରୟ ହୋଇଛି। ସେହିପରି ୨୦୧୪-୧୫ ଆର୍ଥିକ ବର୍ଷରେ ୩,୬୭,୬୪୭ କୁଇଣ୍ଟାଲ୍ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୩,୬୫,୩୨୩ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେହିପରି ୨୦୧୫-୧୬ରେ ଧାର୍ଯ୍ୟ ୫,୮୮,୨୩୫ କୁଇଣ୍ଟାଲ୍‌ରୁ ୫,୪୦,୬୬୧ କୁଇଣ୍ଟାଲ୍, ୨୦୧୬-୧୭ରେ ୬,୯୧,୧୭୬ କୁଇଣ୍ଟାଲ୍‌ରୁ ୬,୧୮,୨୦୧୯ ଏବଂ ୨୦୧୭-୧୮ରେ ଧାର୍ଯ୍ୟ ୬,୧୭,୬୪୭ କୁଇଣ୍ଟାଲ୍‌ରୁ ମାତ୍ର ୫,୭୦,୦୦୭କୁଇଣ୍ଟାଲ୍ ଧାନ ସଂଗ୍ରହ ହୋଇଛି। ଏହି ତଥ୍ୟରୁ ଜଣାପଡୁଛି ଯେ, ପ୍ରତ୍ୟେକ ବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ କମ୍ ପରିମାଣର ଧାନ କିଣା ଯାଉଛି। ଜିଲା କୃଷି ଓ କୃଷକଙ୍କ ଏହି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ କହିବାହେଲା ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭର କରେ। ଏହାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଜନସଚେତନତା ଅଭାବରୁ ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଚଳିତ ଆର୍ଥିକ ବର୍ଷ ମଣ୍ଡିରେ ଧାନ କ୍ରୟକୁ ଅସୀମିତ କରାଯାଇଛି। ବ୍ୟାଙ୍କଗୁଡିକୁ ଏନେଇ ତାଗିଦ ମଧ କରାଯାଇଛି।

### ୨ବର୍ଷରେ ୮ ଆତ୍ମହତ୍ୟା

କେନ୍ଦ୍ରାପଡ଼ା ଜିଲାରେ ଲେଡ଼ା ପୋକ ଲାଗି ଚାଷ ନଷ୍ଟ ହୋଇଯିବା କାରଣରୁ ୨୦୧୫-୧୬ରେ ୬ଜଣ ଏବଂ ୨୦୧୬-୧୭ରେ ଏକ ଚାଷୀ ଦମ୍ପତି ଆତ୍ମହତ୍ୟା କରିଥିଲେ। ମାତ୍ର ଜିଲା ପ୍ରଶାସନ, କୃଷି ବିଭାଗ ଓ ପୋଲିସ ତଦନ୍ତରେ ଏଭଳି ଅଭିଯୋଗ ଭିତ୍ତିହୀନ ସହ ସବୁଗୁଡ଼ିକୁ ପାରିବାରିକ କାରଣ ବୋଲି ଦର୍ଶାଯାଇଛି। ଏହାକୁ କୃଷକ ଆତ୍ମହତ୍ୟା ବୋଲି ଉଲ୍ଲେଖ କରାଯାଇ ନାହିଁ। ଡେରାବିଶ ବ୍ଲକ ରାଇତୁଣ୍ଡି ଗ୍ରାମର ଚାଷୀ ଦୋଳ ଗୋବିନ୍ଦ ଦଳେଇ ସାଢ଼େ ୪ଏକର ନିଜ ଜମି ଏବଂ ୩ଏକର ଭାଗ ଚାଷ କରିଥିଲେ। ସେ କୌଣସି ବ୍ୟାଙ୍କ ବା ସୋସାଇଟିରୁ ଋଣ ଆଣି ନ ଥିଲେ ସୁଦ୍ଧା ଲକ୍ଷାଧିକ ଟଙ୍କା ଚାଷରେ ଖର୍ଚ୍ଚ କରିଥିଲେ। ଚାଷ ନଷ୍ଟ ହେବା ଚିନ୍ତାରେ ସେ ବିଷପାନ କରି ଆତ୍ମହତ୍ୟା କରିଥିଲେ ବୋଲି ମୃତ ଗୋବିନ୍ଦଙ୍କ ପୁଅ ରଞ୍ଜନ କହିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ନିଳକଣା କଳାମାଟିଆ ଗ୍ରାମର ଚାଷୀ ସୁଧୀର କୁମାର ପରିଡ଼ା ୩ଏକର ୧୬ଡିସିମିଲ୍ ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ସାଇ ମହିଳା ମଣ୍ଡଳଠାରୁ ୪ହଜାର ଋଣ କରିଥିଲେ। ଚାଷ ନଷ୍ଟ ଚିନ୍ତାରେ ସ୍ୱାମୀ ବିଷପାନ କରି ଆତ୍ମହତ୍ୟା କରିଥିବା ସ୍ତ୍ରୀ ଲିପ୍‌ସାରାଣୀ କହିଛନ୍ତି। ମହାକାଳପଡ଼ା ବ୍ଲକ ଓସ୍ତରା ଗ୍ରାମର ମୃତ ଚାଷୀ ରବୀନ୍ଦ୍ର ମାହାଳିଙ୍କ ସ୍ତ୍ରୀ ସୁଷମାଙ୍କ କହିବା ହେଲା ତାଙ୍କ ସ୍ୱାମୀ ସାଢ଼େ ୪ଏକର ଜମିରେ ଧାନ ଚାଷ କରିଥିଲେ। ଚାଷ ନଷ୍ଟ ହେବାରୁ ଭାରସାମ୍ୟ ହରାଇ ଉଜୁଡ଼ା ଖେତରେ ବିଷ ପିଇ ଆତ୍ମହତ୍ୟା କଲେ। ସେ କୌଣସି ଋଣ କରି ନ ଥିଲେ। ସହାୟତା ବାବଦରେ ମାତ୍ର ୧୦ହଜାର ଟଙ୍କା ପ୍ରଶାସନ ପକ୍ଷରୁ ଦିଆଯାଇଥିଲେ ସୁଦ୍ଧା ଏହାକୁ ଚାଷୀ ଆତ୍ମହତ୍ୟା ଭାବେ ଗ୍ରହଣ କରାଯାଉ ନାହିଁ। କେନ୍ଦ୍ରାପଡ଼ା ବ୍ଲକ ପାଳକଣା ଗ୍ରାମର ମୃତ ଚାଷୀ ଶ୍ରୀଧର ସେଠୀ ୧ଏକର ୭୩ଡିସିମିଲ ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ ୧୧,୫୫୬ଟଙ୍କା କଟକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଋଣ କରିଥିଲେ। ଲେଡ଼ା ପୋକ ଲାଗି ଚାଷ ସବୁ ନଷ୍ଟ ହେଲା। ଚିନ୍ତାରେ ପୋଖରୀରେ ବୁଡ଼ି ଆତ୍ମହତ୍ୟା କଲେ ବୋଲି ମୃତଚାଷୀଙ୍କ ଭାଇ ପୁରୁଷୋତ୍ତମ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଜିଗରଣ ଗ୍ରାମର ମୃତ ଚାଷୀ ଅରବିନ୍ଦ ରାୟ ୪ଏକର ଜମିରେ ଭାଗ ଚାଷ କରିଥିଲେ। ତାଙ୍କ ନାମରେ କୌଣସି ଋଣ ନ ଥିଲା। ଚାଷ ନଷ୍ଟ ହୋଇଯିବାରୁ ମାନସିକସ୍ତରରେ ଭାଙ୍ଗିପଡ଼ି ସେ ବିଷ ପିଇ ଆତ୍ମହତ୍ୟା କରିଥିଲେ ମଧ ପ୍ରଶାସନ ଏହାକୁ ଗ୍ରହଣ କରୁନାହିଁ ବୋଲି ମୃତ ଅରବିନ୍ଦଙ୍କ ସ୍ତ୍ରୀ ମିତାରାଣୀ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ କନ୍ହେଇପୁର ଗ୍ରାମର ଚାଷୀ ଅଲେଖ ଚନ୍ଦ୍ର ବେହେରା ୫ଏକର ଜମିରେ ଚାଷ କରିଥିଲେ। ଏଥିପାଇଁ ସେ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୩୮,୩୭୮ ଏବଂ ଅର୍ବାନ ବ୍ୟାଙ୍କରୁ ୨୬ହଜାର ଟଙ୍କା ଋଣ ନେଇଥିଲେ। ଖେତରେ ଚାଷ ସବୁ ନଷ୍ଟ ହୋଇଗଲା। ଋଣ ଶୁଝିବା ଚିନ୍ତାରେ ଅଲେଖ ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ବାପା କାଙ୍ଗାଳି ପ୍ରକାଶ କରିଛନ୍ତି। ସେହିପରି ରାଜକନିକା ବ୍ଲକ ଝରକଟା ଗ୍ରାମର ଚାଷୀ ଭଗବାନ ଦାସ ଓ ତାଙ୍କ ସ୍ତ୍ରୀ ହେମଲତା ବିଷ ପିଇ ଆତ୍ମହତ୍ୟା କରିଥିଲେ। ଭଗବାନ ନିଜର ୩୦ଡିସିମିଲ୍ ସହ ୩ଏକର ଜମିରେ ଭାଗ ଚାଷ କରିଥିଲେ। ପୋକ ଲାଗିବାରୁ ସବୁ ଚାଷ ନଷ୍ଟ ହୋଇଗଲା। ଯେଉଁଥିପାଇଁ ଉଭୟ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କଲେ ବୋଲି ମୃତକଙ୍କ ପୁଅ ସୌଭାଗ୍ୟ ପ୍ରକାଶ କରିଥିବାବେଳେ ପ୍ରଶାସନ କିନ୍ତୁ ପାରିବାରିକ କଳହରୁ ଦମ୍ପତି ଆତ୍ମହତ୍ୟା କରିଥିବା ସୂଚନା ଦେଇଛି।

## ଚାଷୀଙ୍କ ମତରେ...

### ମଜୁରି ବଢ଼ିଲା, ଧାନ ମୂଲ୍ୟ ବଢୁ



"ଦୈନିକ ମଜୁରି ୨୦୦ ଟଙ୍କା ଥିବାବେଳେ ଧାନର ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପିଛା ୨୪୪୦ ଟଙ୍କା ବୋଲି ରାଜ୍ୟ ସରକାର ସର୍ଭେ କରିଥିଲେ। ଇତିମଧ୍ୟରେ କୃଷି ଶ୍ରମିକଙ୍କ ମଜୁରି ରାଜ୍ୟ ସରକାର ୨୮୦ ଟଙ୍କାକୁ ବୃଦ୍ଧି କରିଥିବାବେଳେ ସେହି ପରିମାଣରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୩୧୫ ଟଙ୍କା ହେବା ଆବଶ୍ୟକ। ଏନେଇ କୌଣସି ରାଜନୈତିକ ଦଳ ସ୍ୱର ଉଠାଉ ନାହାନ୍ତି। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ଚାଷୀଙ୍କ ଉଦ୍ଦେଶ୍ୟରେ ପ୍ରହସନ ଆରମ୍ଭ କରିଛନ୍ତି। ଏଥିରେ ଚାଷୀଙ୍କର କୌଣସି ଲାଭ ହେଉ ନ ଥିବାରୁ ଆସନ୍ତା ଭୋଟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ।

**– ଦାମୋଦର ପ୍ରଧାନ, ସାନବଡ଼ ଗୋପାଳପୁର, ରାଜନଗର**

### କୃଷି ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକ



"ଆସନ୍ତା ସାଧାରଣ ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏହା ସବୁ ରାଜନୈତିକ ଦଳ ଆକଳନ କରିସାରିଲେଣି। ଏଥିପାଇଁ ବିଜେଡି କୃଷକ ସେଲ୍‌କୁ ପୁନର୍ଗଠନ କରି ଚାଷୀଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଚାହୁଁଛି। ଚାଷୀ ଆତ୍ମହତ୍ୟା ଘଟଣାରେ ପ୍ରଶାସନ ତଦନ୍ତ କରୁଛି। ହେଲେ ଏହି ମୃତ୍ୟୁକୁ ଭିନ୍ନ କାରଣ ଦର୍ଶାଯାଉଛି। ଯେଉଁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାରର ଖୁସି ଫେରି ଆସିବା ଅସମ୍ଭବ। ଜିଲାରେ କୃଷି ଭିତ୍ତିଭୂମିକୁ ସୁଦୃଢ଼ ନ କରିବା ପର୍ଯ୍ୟନ୍ତ ଚାଷୀ ଅସନ୍ତୋଷ ଲାଗିରହିବ।

**– ସଚ୍ଚିନାଥ ବେହେରା, କେନ୍ଦ୍ରାପଡ଼ା**

### କୃଷିଋଣ ଛାଡ଼ ଦରକାର



"କାଳିଆ ଯୋଜନା ମାଧ୍ୟମରେ ସରକାର କୃଷକଙ୍କ ନିକଟତର ହେବାକୁ ଚେଷ୍ଟା କରିଛି। ତେବେ କେନ୍ଦ୍ରାପଡ଼ା କୃଷକଙ୍କ ପାଇଁ ଋଣଛାଡର ଆବଶ୍ୟକତା ଅଛି। ବିଜୁ କୃଷକ ଜନତା ଦଳ ଗଠନ କରିଦେଲେ ଚାଷୀଙ୍କ କୌଣସି ପରିବର୍ତ୍ତନ ହେବନାହିଁ। ଏଥିପାଇଁ ସେମାନଙ୍କର ନିଷ୍ଠା ଓ ନିଃସ୍ୱାର୍ଥ ଭାବନା ପ୍ରଦର୍ଶିତ ହେବା ଆବଶ୍ୟକ। ଚାଷ ସହିତ ଜଡିତ ନ ଥିଲେ ଚାଷୀଙ୍କ ଦୁଃଖକୁ ଜଣେ ଅନୁଭବ କରିପାରିବ ନାହିଁ।

**– କୈଳାସ ଚନ୍ଦ୍ର ବେଉରା, ଦୁମୁକା, ମାର୍ଶାଘାଇ**

### କୃଷି ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉ



"ଜଳ ପରିଚାଳନା, ବଜାରମଣ୍ଡି, ଶୀତଳ ଭଣ୍ଡାର ନିର୍ମାଣ ସମ୍ପର୍କରେ ବହୁବାର ଅଭିଯୋଗ ହେଉଛି। ଗତ ଦୁଇ ଦଶନ୍ଧି ଧରି ସରକାରରେ ବିଜେଡି ରହିଥିବା ବେଳେ ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ସରକାର ଜିଲାର କୃଷି ଭିତ୍ତିଭୂମି ପ୍ରତି ଗୁରୁତ୍ୱ ନ ଦେଲେ ଚାଷୀ ଓ ଚାଷ ଯୋଗୁ ଆତ୍ମହତ୍ୟା କରିଥିବା ପରିବାରର ଦୁଃଖ ଲାଘବ ହୋଇପାରିବ ନାହିଁ।

**– ଦୋଳଗୋବିନ୍ଦ ଶତପଥୀ, ଭିତରବଣ୍ଟ, ଡେରାବିଶ**

### ଭାଗଚାଷୀ ଚିହ୍ନଟ ହୋଇପାରି ନାହାନ୍ତି



"ଅଭାବୀ ବିକ୍ରି କେନ୍ଦ୍ରାପଡା ଜିଲା ଚାଷୀଙ୍କ ଭାଗ୍ୟରେ ଲେଖା ଅଛି। ଭାଗଚାଷୀ ଚିହ୍ନଟ ହୋଇ ନ ଥିବାବେଳେ ଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ଧାନ ବିକ୍ରିକୁ ରୋକିଛି। ଏହାର ସୁଯୋଗ ନେଉଛନ୍ତି ରାଜନେତା ଓ ଜିଲାପ୍ରଶାସନ। ଏହାର ଜ୍ୱଳନ୍ତ ଉଦାହରଣ କେନ୍ଦ୍ରାପଡ଼ା ଜିଲାରେ ଦେଖିବାକୁ ମିଳିଛି। ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାରକୁ ଉଚିତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଖୁସି ଫେରି ଆସିପାରିବ ନାହିଁ।

**– ଦିଗମ୍ବର ମିଶ୍ର, କଂସାରୀପାଟଣା, ଡେରାବିଶ**

### ସମସ୍ୟା ମଧ୍ୟରେ ଚାଷୀ ଯୁଝୁଛନ୍ତି



"ବିହନ ନାହିଁ, କ୍ଷେତକୁ ପାଣି ନାହିଁ, ଋଣ ନାହିଁ, ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ । ଏଭଳି ଅନେକ ସମସ୍ୟା ମଧ୍ୟରେ ଚାଷୀ ଯୁଝୁଛନ୍ତି। ବ୍ୟାଙ୍କକୁ ଗଲେ ଚାଷୀଙ୍କୁ ଅଣଦେଖା କରାଯାଉଛି। ଜୀବନ ଧାରଣ ପାଇଁ ଚାଷୀ ପ୍ରତିବର୍ଷ ଧାର ଉଧାର କରି ଖେତ କରୁଛି। ପ୍ରାକୃତିକ ବିପର୍ଯ୍ୟୟରେ ଚାଷ କ୍ଷତି ହେଲେ ପ୍ରଶାସନିକ ବ୍ୟବସ୍ଥାରେ ଉପଯୁକ୍ତ କ୍ଷତିପୂରଣ ପାଇବାରେ ବିଳମ୍ବ ହେଉଛି। ଗତ ଫାଇଲିନଜନିତ ଚାଷ କ୍ଷତିପୂରଣ ଅଦ୍ୟାବଧି ମିଳିନାହିଁ। ଏହି ଜିଲାରେ ଚାଷ କରି ଚାଷୀ ଜୀବନ ମରଣର ଦୋଛକିରେ ଅଛନ୍ତି।

**– ବଳରାମ ସାହୁ, ଚରପଡା, ରାଜକନିକା**

### ଚାଷ ଓ ଚାଷୀଙ୍କୁ ନୂଆ ଦିଶା ଦେଖାଇବ



"କେନ୍ଦ୍ରାପଡା ଜିଲାରେ କୃଷି ପାଇଁ ଭିତ୍ତିଭୂମି ଅଛି। ମାତ୍ର ଏହାର ଉଚିତ ପରିଚାଳନା ପାଇଁ ବ୍ୟବସ୍ଥା ନାହିଁ। ବିଜୁ କୃଷକ ଜନତା ଦଳ ଚାଷ ଓ ଚାଷୀଙ୍କୁ ନୂଆ ଦିଶା ଦେଖାଇବ। କୃଷି ସମସ୍ୟାକୁ ଦୃଷ୍ଟିରେ ରଖି ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟର ବୃଦ୍ଧି ଲାଗି ଏହି ସଂଗଠନ ଦିଲ୍ଲୀରେ ଆନ୍ଦୋଳନ କରିଛି। କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଚାଷ ସମ୍ପର୍କିତ ଯୋଜନା ଜିଲାର କୃଷକଙ୍କ ପାଇଁ ଖୁସି ଆଣିବ ବୋଲି ଆଶା କରାଯାଉଛି।

**– କରୁଣାକର ବେହେରା, ଗୁପ୍ତି, ରାଜନଗର**

### ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉ

"କୃଷିକୁ ବୃତ୍ତି ବା ବ୍ୟବସାୟ କରି ସମ୍ମାନଜନକ ପରିଚୟ ମିଳୁ ନାହିଁ। ଯେଉଁଥିପାଇଁ ଯୁବ ଗୋଷ୍ଠୀ ଏଥିରେ ସାମିଲ ନ ହୋଇ ଦାଦନ ଶ୍ରମିକ ଭାବେ ବାହାରକୁ ଚାଲିଯାଉଛନ୍ତି। ଯେଉଁ ଜିଲାରେ ଧାନର ଅଭାବୀ ବିକ୍ରିଠାରୁ ଆରମ୍ଭ କରି ଯୋଜନା ହଡ଼ପ ଏକ ପ୍ରବୃତ୍ତି ହୋଇଛି, ସେଠାରେ କୌଣସି କୃଷକ ସେଲ୍ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାର ଆଖିର ଲୁହ ପୋଛି ପାରିବ ନାହିଁ।

**– ରବିନାରାୟଣ ଲେଙ୍କା, ରାଜନଗର**

### ଚାଷୀଙ୍କ ଉପକାର ଚିନ୍ତା କରାଯାଇ ନ ପାରେ



"ନେତାଙ୍କୁ ଥଇଥାନ ନିମନ୍ତେ ରାଜନୈତିକ ଦଳଗୁଡ଼ିକ ବ୍ୟସ୍ତ। ଏଥିରେ ଚାଷୀଙ୍କ ଉପକାର କଥା ଚିନ୍ତା କରାଯାଇ ପାରିବ ନାହିଁ। ଏବେ ଧାନ ଅମଳ ହୋଇ ଚାଷୀ ଧାନ ବିକ୍ରି କରୁଛନ୍ତି। ସମବାୟ ସମିତିରେ ପଞ୍ଜୀକରଣ କରି ନ ଥିବାରୁ ଚାଷୀ ଓ ଭାଗଚାଷୀ ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି। ଫଳରେ କୁଇଣ୍ଟାଲ ପିଛା ୧୨୦୦ ଟଙ୍କାରେ ଧାନ ବିକ୍ରି ହେଉଛି।

**– ନାରାୟଣ ସାହୁ ବେଡାରୀ, ଗରଦପୁର**

### ଧାନ କିଣାରେ ପ୍ରଶାସନର ତତ୍ପରତା ନାହିଁ



"ରାଜ୍ୟ ସରକାର ଏ ସମ୍ପର୍କରେ ପ୍ରତିବର୍ଷ ତଥ୍ୟ ସଂଗ୍ରହ କରୁଥିଲେ ମଧ ପ୍ରତିକାର ବ୍ୟବସ୍ଥା ନାହିଁ। ଅପରପକ୍ଷରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ି ଚାଲୁ ଥିବାବେଳେ ପ୍ରଶାସନ ଅଧିକାରୀମାନେ ଏହାର ତଦନ୍ତ କରି ଭୁଲ୍ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କୁ ଭୁବନେଶ୍ୱର ମଧ୍ୟରେ ସଭା କରିବାକୁ ଦେଲେ ନାହିଁ। ଚାଷୀଙ୍କ ପ୍ରତି ସରକାରଙ୍କ ଏପରି ବ୍ୟବହାର ଭବିଷ୍ୟତରେ ମହଙ୍ଗା ପଡ଼ିପାରେ।

**– ରାଜ ମୋହନ ସ୍ୱାଇଁ, କଅଁରପୁର, ଆଳି**

■ ଉତ୍କଳ ଜନନୀ ପୂଜନ ସଙ୍କଳ୍ପ ସମାରୋହ

# ସମର୍ପିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

- ସ୍ୱତନ୍ତ୍ର ଲଫାପା ଓ ଡାକ ଟିକଟ ଉନ୍ମୋଚନ
- ଏକ ସଙ୍ଗେ ବନ୍ଦେ ଉତ୍କଳ ଜନନୀ ବୋଲିଲେ ହଜାର ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ବନ୍ଦେ ଉତ୍କଳ ଜନନୀ ହେଉଛି ସବୁ ଓଡ଼ିଆଙ୍କ ପ୍ରିୟ ସଙ୍ଗୀତ। ଏହା କେବଳ ଏକ ସଙ୍ଗୀତ ନୁହେଁ, ୪ କୋଟି ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। ଏଥିରେ ଉତ୍କଳ ମାତାଙ୍କ ପ୍ରତି ଭକ୍ତି ଓ ଉତ୍କଳର ବିକାଶ ପାଇଁ ଶକ୍ତି ଭରି ରହିଛି। ସବୁ ଓଡ଼ିଆ ମାଟି ମା'ଙ୍କୁ ଭଲପାଇବା ସହିତ ମା'ର ଗୌରବ ବୃଦ୍ଧି ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ସୋମବାର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଉତ୍କଳ ଜନନୀ ପୂଜନ ସଙ୍କଳ୍ପ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଛାତ୍ର ଓ ଯୁବ ସମାଜ ସମର୍ପିତ ଭାବ ରଖି ଉତ୍କଳ ଜନନୀ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଭାରତୀୟ ଡାକ ବିଭାଗ ପକ୍ଷରୁ ପ୍ରକାଶିତ ଏକ ସ୍ୱତନ୍ତ୍ର ଲଫାପା ଓ ଡାକ ଟିକଟକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଡ. କରୁଣାକର ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଏମ୍‌ପି ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତଙ୍କ ନେତୃତ୍ୱରେ ହଜାର ହଜାର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଓ ଅଭିଭାବକ ଏକତ୍ର ହୋଇ ସାମୂହିକ ଭାବରେ ପ୍ରଥମେ 'ବନ୍ଦେ ଉତ୍କଳ ଜନନୀ', ପରେ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ୍‌ତୋ' ଗାନ କରିଥିଲେ। ସମାରୋହରେ ଓଡ଼ିଶାର ପାରମ୍ପରିକ ଲୋକକଳା ତଥା ସଙ୍କୀର୍ତ୍ତନ, ଯୋଡ଼ିଶଙ୍ଖ, ଘୁମୁରା, ଦାସକାଠିଆ, ନାଗା ନୃତ୍ୟ, ପାଇକ ନୃତ୍ୟ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଆଦି ଦେଖିବାକୁ ମିଳିଥିଲା।


## ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର

ସୋନପୁର ରାସ୍ତା ଓ ଗୃହ ବିଭାଜନ

**"ଆଦର୍ଶ ବିଦ୍ୟାଳୟ, ଡୁଙ୍ଗୁରିପାଲି"ର**

ଭିତ୍ତିପ୍ରସ୍ତର ସ୍ଥାପନ

ମାନ୍ୟବର ମନ୍ତ୍ରୀ **ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ,**

ଜଳ ସମ୍ପଦ, ସହରୀକରଣ ଓ ଗୃହ ନିର୍ମାଣ ବିଭାଜନଙ୍କ କରକମଳରେ ସ୍ଥାପନ

**ତା. ୧୫।୦୧।୨୦୧୯**

ମଙ୍ଗଳବାର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଅଫିସ୍, ସମୟ: ଦିନ ୧୦.୦୦ଟା | ସୌଜନ୍ୟ: ଜିଲ୍ଲା ପ୍ରଶାସନ



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ

## ସଂକ୍ଷେପରେ

### ରାଜ୍ୟ ସରକାରଙ୍କୁ ଏନ୍ଏଚ୍ଆର୍ସିଙ୍କ ନୋଟିସ

ଭୁବନେଶ୍ୱର,୧୪।୧ (ବ୍ୟୁରୋ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ର ଏକ ସେବାଶ୍ରମରେ ଜଣେ ଅଷ୍ଟମଶ୍ରେଣୀ ଛାତ୍ରୀ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହି ସ୍ପର୍ଶକାତର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନ୍ଏଚ୍ଆର୍ସି ନିଜଆଡୁ ମାମଲା ରୁଜୁ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନାବାଳିକା ଜଣକ ହଷ୍ଟେଲ ପରିସରରେ ସନ୍ତାନ ଜନ୍ମ କରିବା ପରେ ସେବାଶ୍ରମ କର୍ତ୍ତୃପକ୍ଷ ଉଭୟଙ୍କୁ ବାହାର କରିଦେଇଥିବା ଅଭିଯୋଗ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଉକ୍ତ ନାବାଳିକା ଓ ନବଜାତ ଶିଶୁକନ୍ୟାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ହସ୍ପିଟାଲରେ ନବଜାତ ଶିଶୁଟିର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଓ ପୀଡିତା ନାବାଳିକାଙ୍କୁ ଉଦ୍ଧାର ତଥା ସହାୟତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ଲାଗି ଏନ୍ଏଚ୍ଆର୍ସି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ନୋଟିସ ଜାରି କରିଛନ୍ତି। ନାବାଳିକା ଜଣଙ୍କ ଅନୁସୂଚିତ ଜନଜାତି ବର୍ଗର ହୋଇଥିବାରୁ କେଉଁ ଧାରାରେ ମାମଲା ରୁଜୁ କରାଯାଇଛି ସେ ସମ୍ପର୍କରେ ସବିଶେଷ ଜାଣିବାକୁ ଚାହିଁଛନ୍ତି ଆୟୋଗ। ଏଥିସହ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନାବାଳିକାଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଓ ସେବାଶ୍ରମ କର୍ତ୍ତୃପକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ ଏବଂ ହଷ୍ଟେଲ ୱାର୍ଡେନ ଠିକ ଭାବେ ଦାୟିତ୍ୱ ନିର୍ବାହ କରି ନ ଥିବା ଆୟୋଗ ହୃଦବୋଧ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

■ ସେବାଶ୍ରମରେ ନାବାଳିକା ମା’ ହେବା ଘଟଣା

# ଆଖି ବୁଜିଲେ ନବଜାତ ଶିଶୁ କନ୍ୟା

ଦାରିଙ୍ଗବାଡ଼ି, (ଡି.ଏନ.ଏ)/ ବ୍ରହ୍ମପୁର ଅଫିସ,୧୪।୧

■ଅଭିଯୁକ୍ତ କୋର୍ଟ ଚାଲାଣ
■ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ
■ପୀଡ଼ିତାଙ୍କୁ ଭେଟିଲା ମହିଳା କଂଗ୍ରେସ, ଭାଜପା ମହିଳା ମୋର୍ଚ୍ଚା ଟିମ



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ରବିବାର ଜଣେ ୮ମ ଶ୍ରେଣୀ ଛାତ୍ରୀ ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ନବଜାତ ଶିଶୁକନ୍ୟା ଓ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ବାଲିଗୁଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ରାତିରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଶିଶୁକନ୍ୟାକୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁମାରୀ ମା’ ଏବଂ ସମୟ ପୂର୍ବରୁ ଶିଶୁଟି ଜନ୍ମ ନେଇଥିବା କାରଣରୁ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ବ୍ରହ୍ମପୁର ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଦାରିଙ୍ଗିବାଡି ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ପୀଡ଼ିତା ନାବାଳିକାଙ୍କୁ ଏବେବି ବଡ଼ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସା ଚାଲିଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ୭/୮ ମାସ ପୂର୍ବେ ବଳାତ୍କାର କରିଥିବା ଅଭିଯୋଗରେ ଅଟକ ଥିବା ଯୁବକ ଶ୍ରବଣ କୁମାରଙ୍କୁ ସୋମବାର ଗିରଫ କରାଯାଇଛି। ତାଙ୍କୁ ମାମଲା ନଂ.୩/୧୯ ଦଫା ୩୭୬-୩ ଆଇପିସି/୬ ପୋକ୍ସୋ ଅଧିନିୟମରେ ଗିରଫ କରାଯାଇଥିବା ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଶ୍ରବଣଙ୍କୁ ଫୁଲବାଣୀ ଏଡିଜେ କୋର୍ଟରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ରାଜ୍ୟ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଓ ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଛାତ୍ରୀ ଓ ତାଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି।

ରବିବାର ଘଟଣା ପରେ ସେବାଶ୍ରମକୁ ସ୍ୱାଭାବିକ ଭାବେ ଚଳାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି। ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ଦଳେଇଙ୍କୁ ନିଲମ୍ବନ କରାଯାଇଥିବାରୁ ଦାରିଙ୍ଗବାଡି କନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କୁ ସେବାଶ୍ରମର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି କନ୍ୟାଶ୍ରମର ମ୍ୟାଟ୍ରନ ତନୁଜା ସାହୁଙ୍କୁ ସେବାଶ୍ରମକୁ ଅଣାଯାଇଛି। କନ୍ୟାଶ୍ରମର ଜଣେ ରୋଷେୟା ଛାତ୍ରୀମାନଙ୍କ ପାଇଁ ରୋଷେଇ କରିଥିବା ବ୍ଲକ ସଂପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ କହିଛନ୍ତି। ସେବାଶ୍ରମର ସମସ୍ତ ୧୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲାର କୋଟଗଡ଼, ତୁମୁଡ଼ିବନ୍ଧ, ଖଜୁରିପଡ଼ା ବ୍ଲକରେ ଥିବା ବିଦ୍ୟାଳୟକୁ ବଦଳି କରାଯାଇଥିବା ସେ ସୂଚନା ଦେଇଛନ୍ତି। ସୋମବାର ମଧ୍ୟାହ୍ନରେ ଜିଲା ମଙ୍ଗଳ ଅଧିକାରିଣୀ ଚାରୁଲତା ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ସେବାଶ୍ରମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ନ୍ୟାଶନଲ ହ୍ୟୁମାନ ରାଇଟସ୍ କାଉନସିଲ ଅଫ୍ ଇଣ୍ଡିଆ, କଟକ ଶାଖାର ସଦସ୍ୟ ରମେଶ ମିଶ୍ର, ବାଲିଗୁଡ଼ାର ଆଇନଜୀବୀ ରବୀନ ଚନ୍ଦ୍ର ସାହୁ, ଭୁବନେଶ୍ୱରରୁ ଓଡ଼ିଶା ନାରୀ ସଚେତନ ମଞ୍ଚର ମଧୁମିତା ରଥ ଏବଂ ରେଖା ହୋତା ପ୍ରମୁଖ ସେବାଶ୍ରମ ଛାତ୍ରୀ ନିବାସକୁ ଯାଇଥିଲେ। ସେମାନେ କର୍ତ୍ତୃପକ୍ଷଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଥାନା ଆଇଆଇସି ଏବଂ ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ସେବାଶ୍ରମରେ ଏପରି ଲଜ୍ଜାଜନକ ଘଟଣା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ନାରୀ ସଚେତନ ମଞ୍ଚର ୨ ସଦସ୍ୟା କହିଛନ୍ତି।

ବ୍ରହ୍ମପୁର ବଡ଼ ମେଡିକାଲରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା, ଉପସଭାନେତ୍ରୀ ପ୍ରଣତୀ ମିଶ୍ର, ସାଧାରଣ ସମ୍ପାଦିକା ପ୍ରଭାବତୀ ପଟ୍ଟନାୟକ, ଜିଲା ସଭାନେତ୍ରୀ ବବିତା ପ୍ରଧାନ ପ୍ରମୁଖ ଛାତ୍ରୀଙ୍କୁ ଭେଟିଥିଲେ। ସେବାଶ୍ରମଗୁଡିକରେ କୋମଳମତି ଶିଶୁମାନଙ୍କୁ ନିର୍ଯାତନା ଦିଆଯାଉଥିବା କଂଗ୍ରେସ ନେତ୍ରୀମାନେ ଅଭିଯୋଗ କରିଥିଲେ। ଦାୟିତ୍ୱରେ ଅବହେଳା କରୁଥିବା ଅଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ମହିଳା କଂଗ୍ରେସ ପକ୍ଷରୁ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂହଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସେହିପରି ଭାଜପା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପିଙ୍କି ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ଶୁଭାସିନୀ ପଟ୍ଟନାୟକ, ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ମମତାମୟୀ ପାତ୍ର ପ୍ରମୁଖ ପୀଡ଼ିତା ଛାତ୍ରୀଙ୍କୁ ଭେଟିଥିଲେ। ନାବାଳିକା ଜଣକ ପ୍ରସୂତୀ ଥିବା ଅବସ୍ଥାରେ ସେବାଶ୍ରମ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ ବୋଲି ଉପସଭାନେତ୍ରୀ ପିଙ୍କି ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ରାନ୍ଧେ ଆପେ ଖାଏ,**
**ସୁଆଦ ସୁଆଦ ବୋଲୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ପରୋକ୍ଷରେ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ, ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ ରୁଆ ଘରକୁ,**
**ପଛ ରୁଆ ଗୋରୁକୁ ।**

ଚାଷ ତରତରରେ କରିବାକୁ ପଡ଼ିଥାଏ। ଏଥିରେ ହେଳାକଲେ ଭେଳା ବୁଡ଼ି ଯାଇଥାଏ। ସଅଳ ଧାନ ରୋଇଲେ ଭଲ ଅମଳ ମିଳିଥାଏ। ପରନ୍ତୁ ରୋଇବାରେ ବିଳମ୍ବ କରିଦେଲେ ଫସଲ ଭଲ ହୋଇପାରି ନ ଥାଏ କି ଲାଭ ସେତେ ମିଳି ପାରି ନ ଥାଏ। ତେଣୁ ଶୀଘ୍ର ଧାନ ରୋଇବା ଲାଭପ୍ରଦ ବୋଲି ଏଠାରେ ସୂଚିତ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଅସ୍ତରଙ୍ଗ: ଯୁବକଙ୍କ ହାଜତ ମୃତ୍ୟୁ ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍ଏଚ୍ଆର୍ସି

କଟକ ଅଫିସ, ୧୪।୧

ଅସ୍ତରଙ୍ଗ ଥାନା ପୋଲିସ ମାଡ଼ରେ ଗୁରୁତର ଆହତ ହୋଇ ଯୋଗେନ୍ଦ୍ର ଦାସ(୪୦)ଙ୍କ ଗତ ନଭେମ୍ବର ୨୮ରେ ଏସ୍ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଯୋଗେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆରସି)ରେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି କମିଶନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁଯାୟୀ କମିଶନଙ୍କ ଇନଭେଷ୍ଟିଗେଶନ ଡିଭିଜନର ଡିଆଇଜି ଘଟଣାର ତଦନ୍ତ କରିବେ। ୮ ସପ୍ତାହ ମଧ୍ୟରେ ତଦନ୍ତ ସମ୍ପର୍କିତ ରିପୋର୍ଟ କମିଶନରେ ଦାଖଲ କରିବାକୁ ଡିଆଇଜିଙ୍କୁ ନିର୍ଦ୍ଦେଶ ହୋଇଛି। ଯୋଗେନ୍ଦ୍ରଙ୍କ ହାଜତ ମୃତ୍ୟୁ ଅଭିଯୋଗ ସଂକ୍ରାନ୍ତ ଖବର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଗତ ନଭେମ୍ବର ୨୯ରେ ପ୍ରକାଶ ପାଇଥିଲା।

ମାନବାଧିକାର କର୍ମୀ ଦାସ ନିଜ ପିଟିଶନରେ ନିବେଦନ କରିଛନ୍ତି ଯେ, ପୋଲିସ ମାଡ଼ରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବାରୁ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ସେହିପରି ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ଏବଂ ସେହି ଟଙ୍କା ଦାୟୀ ପୋଲିସ ଅଫିସର ଓ କର୍ମଚାରୀଙ୍କ ଦରମାରୁ ଭରଣା କରାଯାଉ। ଯୋଗେନ୍ଦ୍ର ଏସ୍ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ରୋଗରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହୁଛି। ତେଣୁ ଏସ୍ସିବିରେ ଯୋଗେନ୍ଦ୍ରଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର କମିଶନରେ ଦାଖଲ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅସ୍ତରଙ୍ଗ ଥାନା କେସ୍ ନମ୍ବର ୯୧/୨୦୧୮ର ସମସ୍ତ କାଗଜପତ୍ର କମିଶନରେ ଦାଖଲ କରିବା ପାଇଁ ପୁରୀ ଏସ୍ପିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାସ ନିବେଦନ କରିଛନ୍ତି।

ସୂଚନାଥାଉକି, ଯୋଗେନ୍ଦ୍ରଙ୍କ ଘର ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ମାଳଦା ଗ୍ରାମରେ। ଗତବର୍ଷ ଅକ୍ଟୋବର ୩୦ରେ ମାଳଦା ଗ୍ରାମରେ ଏକ ଭୋଜିର ଆୟୋଜନ ହୋଇଥିଲା। ରୋଷେୟା ଭାବେ ଯୋଗେନ୍ଦ୍ର ଉକ୍ତ ଭୋଜିରେ ଯୋଗ ଦେଇଥିଲେ। ଯୋଗେନ୍ଦ୍ରଙ୍କୁ ସେଠାକୁ ରୋଷେଇ ପାଇଁ ଡାକିଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣ ମିଥ୍ୟା ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ଥାନାରେ ଚୋରି ଏତଲା ଦେଇଥିଲେ। ଘଟଣାର କୌଣସି ତଦନ୍ତ ନ କରି ପୋଲିସ ଯୋଗେନ୍ଦ୍ରଙ୍କୁ ନଭେମ୍ବର ୧୪ ରାତିରେ ଥାନାକୁ ଉଠାଇ ନେଇଥିଲା। ଥାନାରେ ଯୋଗେନ୍ଦ୍ରଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ତାଙ୍କ ସ୍ତ୍ରୀ ପ୍ରତିମା ପୁରୀ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ମାଡ଼ରେ ଯୋଗେନ୍ଦ୍ର ଅସୁସ୍ଥ ହୋଇପଡ଼ିଥିଲେ ମଧ୍ୟ ତାଙ୍କ ଚିକିତ୍ସା ନ କରି ପୋଲିସ ତାଙ୍କୁ ନଭେମ୍ବର ୧୫ରେ କୋର୍ଟଚାଲାଣ କରିଥିଲା। ନଭେମ୍ବର ୧୬ରେ ଯୋଗେନ୍ଦ୍ର ଜାମିନରେ ମୁକୁଳିଥିଲେ। ହେଲେ ସେତେବେଳକୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଏସ୍ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନଭେମ୍ବର ୨୮ରେ ଯୋଗେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା।

ମାନବାଧିକାର କର୍ମୀ ଦାସଙ୍କ କହିବା ଅନୁଯାୟୀ, ସିଆର୍ପିସିର ୪୧ ଧାରା ଅନୁଯାୟୀ ଯଦି ଜଣେ ବ୍ୟକ୍ତିଙ୍କ ବିରୋଧରେ ଥିବା ଅଭିଯୋଗରେ ତାଙ୍କୁ ୭ ବର୍ଷରୁ କମ୍ ଜେଲ୍ଦଣ୍ଡ ମିଳୁଛି ତେବେ ତାଙ୍କୁ ସିଧା ଗିରଫ କରାଯାଇପାରିବ ନାହିଁ। ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ସମନ ଜାରି କରିବ। ସମନ ପରେ ଯଦି ସମ୍ପୃକ୍ତ ବ୍ୟକ୍ତି ପୋଲିସ ନିକଟରେ ହାଜର ନ ହୁଅନ୍ତି ତେବେ ତାଙ୍କୁ ଗିରଫ କରାଯିବ।

# ଭିସିୟୁଟିର ନୂଆ ସଲିସିଟର ନିଯୁକ୍ତ

କଟକ ଅଫିସ, ୧୪।୧

ଆଡଭୋକେଟ ଦୀପ୍ତିରଞ୍ଜନ ମହାପାତ୍ର ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସିୟୁଟି)ର ନୂଆ ସଲିସିଟର ଭାବେ ନିଯୁକ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ସମ୍ପର୍କିତ ସମସ୍ତ ମାମଲା ଏଣିକି ଆଡଭୋକେଟ ମହାପାତ୍ର ପରିଚାଳନା କରିବେ। ସମ୍ପ୍ରତି ସେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଷ୍ଟାଣ୍ଡିଂ କାଉନସେଲ୍ ଭାବେ କାର୍ଯ୍ୟ କରୁଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଦୁଇ ଦୁର୍ଘଟଣାରେ ୫ ମୃତ, ୪ ଗୁରୁତର

ସୁନ୍ଦରଗଡ଼/ଲେଫ୍ରିପଡ଼ା,୧୪।୧(ଡି.ଏନ୍.ଏ.)

■ବୋଲେରୋ ଧକ୍କାରେ ଦମ୍ପତିଙ୍କ ସମେତ ୩ ଜୀବନ ଗଲା
■ଦୁଇ ବାଇକ୍ ମୁହାଁମୁହିଁ, ୨ ଯୁବକଙ୍କ ମୃତ୍ୟୁ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଦୁଇଟି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ତେଲେନଡିହିଠାରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ୫ ଜଣ ବ୍ୟକ୍ତିଙ୍କୁ ଏକ ବୋଲେରୋ ଧକ୍କାଦେବା ଫଳରେ ଦମ୍ପତିଙ୍କ ସମେତ ୩ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେହିପରି ଗିରିଙ୍ଗକେଲା-ପଟୁଆଡିହି ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଆହତମାନେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ମିଳିଥିବା ସୂଚନା ମୁତାବକ, ବାଲିଶଙ୍କରା ବ୍ଲକ ସୌନାମୁରା ଗ୍ରାମର କେତେଜଣ ବ୍ୟକ୍ତି ତେଲେନଡିହିଠାରେ ଆୟୋଜିତ ଏକ ନିର୍ବନ୍ଧ ଭୋଜିରେ ଯୋଗଦେବା ପାଇଁ ସୋମବାର ଏଠାକୁ ଆସିଥିଲେ। ଭୋଜି ଖାଇବା ପରେ ସମସ୍ତେ ଘରକୁ ଫେରିବା ପାଇଁ ସନ୍ଧ୍ୟା ପ୍ରାୟ ୭ଟାରେ ଗାଡ଼ିକୁ ଅପେକ୍ଷା କରି ରାସ୍ତାପାର୍ଶ୍ୱରେ ଠିଆ ହୋଇଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ୫ ଜଣଙ୍କୁ ଧକ୍କା ଦେଇ କିଛିଦୂର ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଗାଡ଼ି ସହ ଫେରାର ହୋଇଯାଇଥିଲେ। ଏଥିରେ ମିଚେଲ ଏକ୍କା (୬୫), ତାଙ୍କ ସ୍ତ୍ରୀ ଫ୍ଲୋରା ଏକ୍କା (୬୦), ଏଲିଜାବେଥ୍ ଲାକ୍ରା (୬୫) ଓ ଅନ୍ୟ ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ମିଚେଲ, ଫ୍ଲୋରା ଓ ଏଲିଜାବେଥ୍ଙ୍କୁ ମୃତ ଘୋଷଣା କରିଥିଲେ। ମିଚେଲ ଓ ଏଲିଜାବେଥ୍ ପୋଲିସ ବିଭାଗରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାର ପ୍ରାୟ ଅଧଘଣ୍ଟା ପରେ ଗିରିଙ୍ଗକେଲା-ପଟୁଆଡିହି ରାସ୍ତାରେ ଅନ୍ୟ ଏକ ଦୁର୍ଘଟଣା ଘଟିଥିଲା। ଓଡି୧୬-ଏ୭୯୬୬ ଏବଂ ଓଡି୧୪-ଏନ୍୬୫୦୯ନଂ ବାଇକ୍ରେ ଦୁଇଜଣ ଲେଖାଏଁ ଯୁବକ ଯାଉଥିବାବେଳେ ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ୨ ବାଇକ୍ ପରସ୍ପର ସହ ଧକ୍କା ହୋଇଥିଲା। ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି। ମୃତାହତଙ୍କ ପରିଚୟ ମିଳିନାହିଁ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବତୀ ଗୁରୁତର

**ରେଢ଼ାଖୋଲ,୧୪।୧(ଡି.ଏନ.ଏ.)-** ରେଢ଼ାଖୋଲ ସହର ଭୀମ ଭୋଇ ଛକରେ ସୋମବାର ସକାଳ ୯ଟା ବେଳେ ଏକ ଟ୍ରକ୍ (ଓଡି ୦୭ୟୁ ୭୪୧୦) ଧକ୍କାରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଗୁରୁତର ଯୁବତୀ ଜଣକ ହେଲେ ଏନଏସି ୨ ନଂ ୱାର୍ଡ ସାଲେସିଂ ଗ୍ରାମର ବିଜୟଲକ୍ଷ୍ମୀ ପୁରୋହିତ (୩୦) । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୁବତୀ ଜଣକ ରେଢ଼ାଖୋଲ ଭୀମ ଭୋଇ ଛକରେ ଠିଆ ହୋଇଥିଲେ। ଏତିକିବେଳେ ଅନୁଗୋଳ ପଟୁ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ସମ୍ବଲପୁର ଅଭିମୁଖେ ଯାଉଥିଲା। ହେଲେ ଟ୍ରକଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡରେ ଗୁରୁତର ଆଘାତ ଲାଗିଛି। ତେବେ ଧକ୍କା ଦେଇ ଟ୍ରକ୍‌ଟି ଫେରାର ହୋଇଯାଉଥିଲା। ହେଲେ ତାରିଣି ଢାବା ନିକଟରେ ଟ୍ରକ୍‌କୁ ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ଟ୍ରକ୍‌କୁ ଜବତ କରିଛି।

### ଡିପିଏ କଲେଜରେ ଆତ୍ମରକ୍ଷା କୌଶଳ ତାଲିମ

**ପଡିଆବାହାଲ,୧୪।୧ (ଡି.ଏନ.ଏ.)-** ମୁରାସ୍ଥିତ ଡିପିଏ କଲେଜରେ ୬୦ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଇଛି। ଅଧକ୍ଷ ନାରାୟଣ ପଧାନ, ମାନଭଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମିଳିଥିବା ଏହି ଆତ୍ମରକ୍ଷା କୌଶଳ ଆବଶ୍ୟକ ସ୍ଥଳରେ ବ୍ୟବହାର କରି ଆକସ୍ମିକ ବିପଦରୁ ନିଜକୁ ରକ୍ଷା କରିବାକୁ ଅଧକ୍ଷ ପରାମର୍ଶ ଦେଇଥିଲେ।

# ଓକିଲଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ

**ରେଙ୍ଗାଲି, ୧୪।୧ (ଡି.ଏନ.ଏ.)**



ବୈଠକରେ ଯୋଗ ଦେଇଥିବା ସଚେତନ ନାଗରିକ ଏବଂ ସମ୍ବଲପୁର ଓକିଲ ସଂଘର ପ୍ରତିନିଧିମାନେ।

- ସଚେତନ ନାଗରିକ-ଓକିଲ ସଂଘ ମଧରେ ବୈଠକ
- ବନ୍ଦ ସରକାରୀ ଅଫିସଗୁଡ଼ିକ ଖୋଲିବାକୁ ଅନୁରୋଧ
- ୧୮ ତାରିଖ ସିଏସ୍‌ସି ବୈଠକରେ ନିଷ୍ପତ୍ତି ହେବ
- ଓକିଲଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ପାଇଁ ଚେତାବନୀ

ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ଦାବି ଯୋଗୁ ବନ୍ଦ ଥିବା ରେଙ୍ଗାଲିର ସରକାରୀ ଅଫିସ ଖୋଲିବା ପାଇଁ ରେଙ୍ଗାଲିର ସଚେତନ ନାଗରିକ ପ୍ରୟାସ ଚଳାଇଛନ୍ତି। ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସଚେତନ ନାଗରିକ ଏବଂ ସମ୍ବଲପୁର ଓକିଲ ସଂଘର ପ୍ରତିନିଧି ଦଳ ମଧରେ ସୋମବାର ଏ ସମ୍ପର୍କରେ ଆଲୋଚନା ହୋଇଛି। ହେଲେ ଆଗାମି ୧୮ ତାରିଖରେ ହେବାକୁ ଥିବା ସିଏସସି ବୈଠକରେ ନିଷ୍ପତ୍ତି ନିଆଯିବା ପରେ ଯାହା କିଛି କରିହେବ ବୋଲି ଓକିଲ ସଂଘ କର୍ମକର୍ତ୍ତା ସଚେତନ ନାଗରିକଙ୍କୁ ଜଣାଇଛି। ସଚେତନ ନାଗରିକମାନେ କହିଥିଲେ ଯେ, ହାଇକୋର୍ଟ ବେଞ୍ଚ ଦାବି ପାଇଁ ସେମାନଙ୍କ ସମର୍ଥନ ଅଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ଅସୁବିଧା ଯୋଗୁ ସରକାରୀ ଅଫିସ ଖୋଲିବା ଆବଶ୍ୟକ। ତେବେ ଅଫିସ ନ ଖୋଲିଲେ ଅଞ୍ଚଳବାସୀ ଜବରଦସ୍ତ ଖୋଲିବେ ବୋଲି ଚେତାବନୀ ଦିଆଯାଇଛି।ଏହି ବୈଠକରେ ସଚେତନ ନାଗରିକମାନେ ଓକିଲ ସଂଘକୁ ଜଣାଇଥିଲେ ଯେ, ଅଫିସଗୁଡିକ ବନ୍ଦ ରହିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ବିଭିନ୍ନ କାମ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଏ ଚାକିରୁ ବଞ୍ଚିତ ହେଉଛି ତ କିଏ ଜମିବାଡି କିଣା ବିକା କରି ପାରୁନି। ଲୋକେ ପୁଅ ଝିଅଙ୍କ ବାହାଘର ମଧ କରିପାରୁ ନାହାନ୍ତି। କିଏ ବିଭିନ୍ନ ସରକାରୀ ଯୋଜନାରେ ଆବେଦନ କରିପାରୁ ନାହିଁ ତ ପୁଣି କିଏ ବିଭିନ୍ନ ପ୍ରମାଣପତ୍ର ପାଇବାକୁ ମଧ ଆବେଦନ କରିପାରୁନି। ଅଞ୍ଚଳର ଉନ୍ନୟନ କାମ ସଂପୂର୍ଣ୍ଣ ଠପ୍ ହୋଇ ପଡିଛି। ଗାଡି ମାଲିକମାନେ ଟ୍ୟାକ୍ସ ଦେଇ ପାରୁ ନାହାନ୍ତି। ଫିଟ୍‌ନେସ ପ୍ରମାଣପତ୍ର ମିଳୁନି। ଏହିପରି ବିଭିନ୍ନ ଅସୁବିଧା ହେଉଛି। ଅନ୍ୟପକ୍ଷେ ସଚେତନ ନାଗରିକମାନେ ଗତ ୧୨ ତାରିଖ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ତୁରନ୍ତ ସରକାରୀ ଅଫିସଗୁଡିକୁ ଖୋଲିବା ପାଇଁ ଦାବି କରି ସୋମବାର ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ବ୍ଲକ କଂଗ୍ରେସ ସଭାପତି ସୁବାଷ ବିଶ୍ୱାଳ, ନାରାୟଣ ଶର୍ମା, ଶଶିଭୂଷଣ ସାହୁ, ରେଙ୍ଗାଲି ଟ୍ରକ୍ ମାଲିକ ସଭାପତି ପ୍ରଶାନ୍ତ ପଣ୍ଡା, ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜୀବ ମିଶ୍ର, ବରିଷ୍ଠ ନାଗରିକ ପରିଷଦର ସଭାପତି ତୁଳସୀଦାସ ମାହାଣା, ପୂର୍ବତନ ଭାଜପା ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ପାଣି, ବିଶ୍ୱକେସନ ବିଶ୍ୱାଳ, ଦିବ୍ୟ ବେହେରା, ମହେଶ ଶର୍ମାଙ୍କ ସହ ବହୁ ସଚେତନ ନାଗରିକ ଏଥିରେ ଉପସ୍ଥିତ ଥିଲେ। ସେହିଭଳି ସମ୍ବଲପୁର ଓକିଲ ସଂଘର ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ମହେନ୍ଦ୍ର ବଡ଼େଇ, ଦୀପକ କୁଅଁର, ରତନଲାଲ ଅଗ୍ରୱାଲ ପ୍ରମୁଖ ଉକ୍ତ ବୈଠକରେ ଯୋଗ ଦେଇଥିଲେ ।

# କୁଚିଣ୍ଡାରେ ମେରୁ ମହୋତ୍ସବ

**କୁଚିଣ୍ଡା,୧୪।୧ (ଡି.ଏନ.ଏ.)**

କୁଚିଣ୍ଡା ମୁକୁନ୍ଦି ପଡିଆଠାରେ ଦୁଇଦିନ ଧରି ଅଭୟ ଆର୍ଟ ଏକାଡେମି ଦ୍ୱାରା ଆୟୋଜିତ ହୋଇଥିବା ମେରୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବର ଉଦଘାଟନୀ ସଭାରେ ଏକାଡେମିର ଅଧକ୍ଷା ପଙ୍କଜିନୀ ସାହୁ ସଭାପତିତ୍ୱ କରିଥିଲେ । ସଭାକୁ ସସ୍ମିତା ପଟ୍ଟନାୟକ ଏବଂ ପ୍ରିତି ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଜାତୀୟସ୍ତରରେ ସମ୍ମାନିତ ହୋଇଥିବା କଳାକାର ମିତ୍ରଭାନୁ ଗୌନ୍ତିଆ, କବିତା ନାୟକ, ମୋହନ ସାହୁ, ବୀରେନ୍ଦ୍ର ନାଗ, ଭକ୍ତପ୍ରସାଦ ନନ୍ଦ, ଗାନ୍ଧୀ ବାରିକ, ସୁରେନ୍ଦ୍ର ମେହେର, ଓଡିଶୀ ଗୁରୁ ଦେବାଶିଷ ପଟ୍ଟନାୟକ ଏବଂ ଓଡିଶୀ ନୃତ୍ୟ ଶିଳ୍ପୀ ଏଲିନାଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ରିଙ୍କୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମଞ୍ଚରେ ଏକାଡେମିର ଅଧକ୍ଷା ପଙ୍କଜିନୀ ସାହୁ ସଭାପତିତ୍ୱ କରିଥିଲେ । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ରଙ୍ଗବତୀର ରଚୟିତା ମିତ୍ରଭାନୁ ଗୌନ୍ତିଆ, ଗୁରୁଶ୍ରୀ ନିରଞ୍ଜନ ରାଉତ, ଅସୀମ ପ୍ରଧାନ, ସୁମିତା ଚଇନି, ଦିଲୀପ ସାହୁ, ତୁଳାରାମ କଲେତ, ସୁଜାତା ପୁରୀ, ଇଣ୍ଡିଆ ଗଟ୍ ଟ୍ୟାଲେଣ୍ଟର କଳାକାର ମାଲଖୁମ ପୁରୀ, ଜାପାନର ନୃତ୍ୟଶିଳ୍ପୀ କାଜୁକୋ ୟସୋନୋଭା, ସ୍ପେନର ମାୟା କବୀର ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତଙ୍କୁ ଅଭୟ ଆର୍ଟ ଏକାଡେମି ପକ୍ଷରୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଜାପାନର ନୃତ୍ୟଶିଳ୍ପୀ କାଜୁକୋ ୟସୋନୋଭା, ସ୍ପେନର ମାୟା, ରିଙ୍କୁ ସାହୁ, ଜିତେନ୍ଦ୍ର ହରିପାଲ, ଅମାମ ପ୍ରଧାନ, ସୁମିତା ଚଇନି, ଦିଲୀପ ସାହୁ, ସାହିଲ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଏକ ପତ୍ରିକା ମଧ ଉନ୍ମୋଚିତ ହୋଇଥିଲା ।

# ଭଲିଆପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚିପିଲିମା, ୧୪।୧ (ଡି.ଏନ.ଏ.)**

ଧନକଉଡା ବ୍ଲକ କର୍ଡୋଲା ପଞ୍ଚାୟତ ଭଲିଆପାଲିରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ୫ ଦିନିଆ ପ୍ରତିଷ୍ଠା ଉତ୍ସବ ସମାରୋହ ସୋମବାର ଆରମ୍ଭ ହୋଇଛି । ସଦାନନ୍ଦ ତ୍ରିପାଠୀ, ବାପି ଦାସ, ମନୋଜ ଦେବତା, ଅସିତ ପାଢ଼ୀ, ପ୍ରଶାନ୍ତ ଦାସ, ରଞ୍ଜନ ମହାପାତ୍ର ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । କର୍ତ୍ତା ଭାବରେ ଯୁଧିଷ୍ଠିର ପଣ୍ଡା, ରାଧାମୋହନ ପାଣିଗ୍ରାହୀ, ଶରତ ଚନ୍ଦ୍ର ପଣ୍ଡା, ଭକ୍ତ ପ୍ରସାଦ ପାଣିଗ୍ରାହୀ ଓ ଶଙ୍କର୍ଷଣ ପାଣିଗ୍ରାହୀ ସପତ୍ନିକ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଏହି ଉତ୍ସବ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ସୂଚନା ଦେଇଛି।

# ଗୋଲଗୁଣ୍ଡା ସୋମନାଥ ମନ୍ଦିରରେ ଗୀତାଯଜ୍ଞ

**ସମ୍ବଲପୁର,୧୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଗୋଲଗୁଣ୍ଡା ସୋମନାଥ ମନ୍ଦିରରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ଇଂ. ଗୁରୁଚରଣ ଦାଶ ଏବଂ ଶରତଚନ୍ଦ୍ର ମିଶ୍ର ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଗିରିଜା ଶଙ୍କର ପଣ୍ଡାଙ୍କ ପରିଚାଳନାରେ ଯଜ୍ଞ ହୋଇଥିଲା । କୌରବ ପଣ୍ଡା ଓ ସୌରଭ ପଣ୍ଡା ସହଯୋଗ କରିଥିଲେ । ପଣ୍ଡିତ ଦେବରାଜ ପାଣିଗ୍ରାହୀ ଶ୍ରୀମଦ୍ ଭାଗବତ ଗୀତା ପାଠ କରିଥଲେ । ଡ. ବିଘ୍ନରାଜ ପ୍ରଧାନ, ସୀତାରାମ ସାହୁ ଓ ବଳରାମ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# କୁଲତା ସମାଜର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୪।୧ (ବ୍ୟୁରୋ)**



କୁଲତା ସମାଜର ବାର୍ଷିକୋତ୍ସବରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସମ୍ବଲପୁର କୁଲତା ସମାଜର ବାର୍ଷିକ ଉତ୍ସବ ତଥା ରଣେଶ୍ୱର ରାମଚଣ୍ଡିଙ୍କ ପୂଜାର୍ଚ୍ଚନା ଦାନୀପାଲି ସେବାସଦନଠାରେ ଅନୁଷ୍ଠିତ ହୋଇଯାଇଛି । ସୋମଦତ୍ତ ଶାସ୍ତ୍ରୀଙ୍କ ପୌରୋହିତ୍ୟରେ ଶାନ୍ତି ଯଜ୍ଞ ହୋଇଥିଲା । ନିର୍ମଳ ପ୍ରଧାନ ଓ ଦେବୀପ୍ରସାଦ ଭୋଇ ରାମଚଣ୍ଡିଙ୍କ ପୂଜାର୍ଚ୍ଚନା କରିଥିଲେ। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ବରଗଡ ଏମପି ଡ. ପ୍ରଭାତ ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ପଶ୍ଚିମ ଓଡିଶାର ୧୦୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୀତିକାର କ୍ଷୀତିପତି ସାହୁ, ଚାଷୀ ଆଦିତ୍ୟ ପ୍ରଧାନ, ଚାଷୀ କୈବଲ୍ୟ ପ୍ରଧାନ, ଆଇଏଏସରେ କୃତକାର୍ଯ୍ୟ ହୋଇଥିବା ଦେବଭୂଷଣ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନେ କୁଳପ୍ରତିଭା ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ଡ. ଗୌରିଦାସ ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । ସଭାନେତ୍ରୀ ଯଶୋବନ୍ତି ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦିକା ଦମୟନ୍ତୀ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଦୀପ ସାହୁ, ଜଟୁଭୂଷଣ ସାହୁ ଓ ସରୋଜ ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସଭାନେତ୍ରୀ ବାସନ୍ତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । କୁଲତା ମହାସଭା କାର୍ଯ୍ୟକାରୀ ସଭାପତି ବଳାରସେନ ଭୋଇ, ସମ୍ପାଦକ ଜଗଦୀଶ ବିଶ୍ୱାଳ, ସୁନ୍ଦରଗଡ ଜିଲା ସଭାପତି ଗୋପାଳ ପ୍ରଧାନ, ଅତାବିରା ବ୍ଲକ ସଭାପତି ଦିବାକର ପ୍ରଧାନ, ଦେବାର୍ଚ୍ଚନ ସାହୁ, ଝାରସୁଗୁଡା ଜିଲା ସଭାପତି ସନ୍ତୋଷ ସାହୁ, ଭଟଲିର ଭୀମସେନ ବାରିକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଶିଶୁମନ୍ଦିର ବାର୍ଷିକ ଉତ୍ସବ

**ଚିପିଲିମା/ ରେଙ୍ଗାଲି, ୧୪।୧ (ଡି.ଏନ.ଏ)**



ଗୋବିନ୍ଦପାଲି ଶିଶୁମନ୍ଦିର ବାର୍ଷିକୋତ୍ସବରେ ଶିଶୁ କଳାକାରମାନେ ବାଦ୍ୟ ପରିବେଷଣ କରୁଛନ୍ତି।

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଚିପିଲିମାସ୍ଥିତ ଗୋବିନ୍ଦପାଲି ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବୁଦ୍ଧଦେବ ପଣ୍ଡାଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟବକ୍ତା ଭାବରେ ବରଗଡ ଭଟଲି ଦଧିବାମନ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଚୁଡାମଣୀ ରଥ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ ବୁର୍ଲା ଶଙ୍କୁଳସ୍ତରୀୟ ପ୍ରମୁଖ ଆଜାଦ ଶେଖର ପ୍ରଧାନ, ଜିଲାପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପାଠପଢ଼ାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଅକ୍ଷୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ନାଚ ଗୀତ ପ୍ରଦର୍ଶନ କରିଥିଲେ । ସୁଶାନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିବଲେ। ସେହିଭଳି ଆମ ରେଙ୍ଗାଲି ପ୍ରତିନିଧି ଜଣାଇଛନ୍ତି ଯେ, ରେଙ୍ଗାଲି ବ୍ଲକ କତରବଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମଧ ଷଷ୍ଠ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶୀତାଂଶୁ ତ୍ରିପାଠୀ, ଖିଣ୍ଡା ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଡ. ଗୌରୀ ଦାସ ପ୍ରଧାନ, ଶିକ୍ଷାବିକାଶ ସମିତି ସମ୍ବଲପୁର ସଂକୁଳ ସଂଯୋଜକ ଦିଲୀପ କୁମାର ପାଢ଼ୀ ଓ ଦେବେନ୍ଦ୍ର ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଭୁବନେଶ୍ୱର ନାଏକ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା କଳ୍ପନା ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ସମ୍ପାଦକ ଲକ୍ଷ୍ମଣ କୁମାର ଖମାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଭିସୁଟର କ୍ରୀଡ଼ା ଉତ୍ସବ

**ଚିପିଲିମା,୧୪।୧ (ଡି.ଏନ.ଏ.)**

ବୁର୍ଲା ଭିସୁଟରେ ଆଥ୍‌ଲେଟିକ କ୍ଲବ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଇଲୁମିନା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ବିଭିନ୍ନ ଖେଳକୁଦରେ ଭାଗ ନେଇଥିଲେ। କୁଳପତି ପ୍ରଫେସର ଅଟଳ ଚୌଧୁରୀ, ଉପସଭାପତି ଡ ମାନସ ରନ ସେନାପତି, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ସୁଧାଂଶୁ ଶେଖର ଦାଶ, ଡିନ୍ ଏକାଡ଼େମିକ ଆଫେୟାର ପ୍ରଫେସର ପ୍ରଦୀପ କୁମାର ଦାଶ, ଫାକ୍‌ଲଟି ଉପଦେଷ୍ଟା ଅଜୟ କୁମାର ଦାଶ, ଡିନ ପିଜି କାଉନସିଲ ଶରତ କୁମାର ସ୍ୱାଇଁ, ଡିନ୍ କଣ୍ଟିନ୍ୟୁଂ ଏଜୁକେଶନ ପିୟୁଷରଞ୍ଜନ ଦାଶ, ଜନସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜେଡିରେ ନବ ଦାସଙ୍କ ଆବଶ୍ୟକତା ନାହିଁ

**ସମ୍ବଲପୁର,୧୪।୧ (ବ୍ୟୁରୋ)**

ଝାରସୁଗୁଡା କଂଗେ୍ରସ ବିଧାୟକ ନବ କିଶୋର ଦାସ ବିଜେଡିରେ ୨୪ ତାରିଖ ଯୋଗଦାନ କରିବାକୁ ନେଇ ଇଙ୍ଗିତ କରି ଗଣମାଧମରେ ସୂଚନା ଦେଉଛନ୍ତି । ଏହାକୁ ନେଇ ବିଜେଡିରେ ଅସନ୍ତୋଷ ଦେଖା ଦେଇଛି । ବିଜେଡିକୁ ନବ ଦାସଙ୍କ ଆବଶ୍ୟକତା ନାହିଁ ବୋଲି ବିଜେଡି ରାଜ୍ୟପରିଷଦ ସଭ୍ୟ ଜୟବ୍ରତ ଦେ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ନବ ନିଜ କଂଗ୍ରେସ ଦଳରେ ସବୁବେଳେ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଗୁରୁତ୍ୱହୀନ ହୋଇ ପଡିଛନ୍ତି । ତେଣୁ ନିଜ ଗୁରୁତ୍ୱ ବଢାଇବା ପାଇଁ ଦିନକ ପରେ ପୁଣି ଗଣମାଧମ ଆଗରେ ବାରମ୍ବାର ଦଳ ପରିବର୍ତ୍ତନ କରିବା କଥା କହୁଛନ୍ତି । ବିଜେଡିର କେତେକ ଆସନ ନେଇ ଦଳରେ ଯୋଗଦାନ କରିବା କଥା ଗୁଜବ। କେହି ଚାହୁଁ ନାହାନ୍ତି ଯେ, ନବ ବିଜେଡିରେ ଯୋଗ ଦାନ କରନ୍ତୁ । ହେଲେ ସେ ଲୋକଙ୍କ ଇଚ୍ଛାରେ ବିଜେଡିକୁ ଯାଉଥିବା କହୁଛନ୍ତି। ଦଳରେ ନବ ମିଶିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କେବେ ବି ସବୁଜ ସଂଙ୍କେତ ନ ଥିଲା କି ଏବେ ମଧ ନାହିଁ ବୋଲି ଜୟବ୍ରତ ଉଲ୍ଲେଖ କରିଛନ୍ତି ।

# ସରାପାଲିରେ କ୍ରିକେଟ ମ୍ୟାଚ୍ : ଜୁରାପାଲି ଚାମ୍ପିୟନ

**ନାକଟିଦେଉଳ ୧୪।୧ (ଡି.ଏନ.ଏ.)**



ସରାପାଲିରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

ସୋମବାର ମକର ସଂକ୍ରାନ୍ତି ଅବସରରେ ସରାପାଲି ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଜୁରାପାଲି ଦଳ ଚାମ୍ପିୟନ ହୋଇଛି। ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଜୁରାପାଲି ଓ ବଳମ ମଧରେ ଅନୁଷ୍ଠିତ ହୋଇଥିଲା। ବଳମ ଟିମ୍ ବ୍ୟାଟିଂ କରି ୫ ଉଇକେଟ ବିନିମୟରେ ୬୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁରାପାଲି ଟିମ୍ ୪ ଉଇକେଟ ହରାଇ ୭୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘ ସଭାପତି ଧୀରେନ ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ନାକଟିଦେଉଳ ଥାନା ଅଧିକାରୀ ନିର୍ମାଳା ତ୍ରିପାଠୀ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହଳଧର ସାହୁ ସଭା ପରିଚାଳନା କରିଥିଲେ। ପିପୁଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ପିନୁ ନାଏକଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷିତ କରାଯାଇଥିଲା।

# ଜାତିବାଦକୁ ପରିତ୍ୟାଗ କର

**ସମ୍ବଲପୁର,୧୪।୧ (ବ୍ୟୁରୋ)**

ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଡିଆରେ ସୋମବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମ୍ବଲପୁର ମହାନଗର ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ସରକାର୍ଯ୍ୟବାହ ଭେୟାଁ ଜୀ ଯୋଶୀ ଯୋଗଦେଇ ମକର ସଂକ୍ରାନ୍ତି ତାତ୍ପର୍ଯ୍ୟ ଉପରେ କହିଥିଲେ । ସେ ଆହୁରି କହିଥିଲେ ଯେ, ଉଚ୍ଚତମ ନ୍ୟାୟାଳୟ ହିନ୍ଦୁ ସମାଜର ସାଂସ୍କୃତି, ପରମ୍ପରା କାର୍ଯ୍ୟ ଉପରେ ହସ୍ତକ୍ଷେପ କରୁଛି । ଏହା ଦ୍ୱାରା ହିନ୍ଦୁ ସମାଜ ଅପମାନିତ ବୋଧ କରୁଛି । ନ୍ୟାୟାଳୟ ବ୍ୟବସ୍ଥା ଜନସାଧାରଣଙ୍କ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାକୁ ରହିଛି । କିନ୍ତୁ ହିନ୍ଦୁ ସମାଜର ଗତିପଥକୁ ପ୍ରତିରୋଧ କରାଯାଉଛି। ଏପରି କାର୍ଯ୍ୟ ଲାଗି ରହିଲେ ଭାରତ ବିଶ୍ୱଗୁରୁ ହେବାରୁ ବଞ୍ଚିତ ହେବ । ତେଣୁ ଦେଶରେ ହିନ୍ଦୁଙ୍କ ପତନ, ଉତଥାନ୍ ଲାଗି ହିନ୍ଦୁ ସମାଜ ଦାୟି। ଏଣୁ ସମାଜରେ ଜାତି, ଭେଦ, କୁସଂସ୍କାର ପରିତ୍ୟାଗ କରିବାକୁ ପଡିବ । ସମସ୍ତେ ଜାତିବାଦରେ ଉର୍ଦ୍ଧ୍ୱରେ ରହି ସ୍ନେହ, ଶ୍ରଦ୍ଧାକୁ ଆପଣାଇବା ଆବଶ୍ୟକତା ରହିଛି । ଫଳରେ ଦେଶ ବିଶ୍ୱଗୁରୁ ହୋଇପାରିବ । ପ୍ରଫେସର ଶଙ୍କରପ୍ରସାଦ ପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃଷକ, କୃଷି ଓ ମକର ସଂକ୍ରାନ୍ତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆରଏସଏସ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ମଞ୍ଚାସୀନ ଥିଲେ । ଆରଏସଏସ ମହାନଗର କାର୍ଯ୍ୟବାହ ରାଜାରାମ ଲେଙ୍କାଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାନ୍ତ କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ, କ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର, କ୍ଷେତ୍ର ପ୍ରଚାରକ ପ୍ରଦୀପ ଯୋଶୀ, କ୍ଷେତ୍ର ସମ୍ପର୍କ ପ୍ରମୁଖ ପ୍ରସନ୍ନ କୁମାର ମିଶ୍ର, ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ର, ସହ ପ୍ରଚାରକ ଶଙ୍କର ପଣ୍ଡା, ପ୍ରାନ୍ତ ପ୍ରଚାର ପ୍ରମୁଖ ଡ. ବିଶ୍ୱରଞ୍ଜନ ପୂଜାରୀ, ପ୍ରାନ୍ତ ସଭା ପ୍ରମୁଖ ଦୀପକ ରାଉତ ଯୋଗ ଦେଇଥିଲେ ।



ଆରଏସଏସ ପକ୍ଷରୁ ଆୟୋଜିତ ମକର ସଂକ୍ରାନ୍ତି ଉତ୍ସବରେ ଉପସ୍ଥିତ ସଦସ୍ୟମାନେ ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବୋରାସମ୍ବର ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ

**ପାଇକମାଳ, ୧୪।୧ (ଡି.ଏନ.ଏ):** ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ବିକ୍ରମ ନଗରଠାରେ ସୋମବାର ସ୍ୱର୍ଗତ ରାୟଧର ଲୁହାରଙ୍କ ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକ ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ପାଳିତ ହୋଇଛି। ଏ ନେଇ କ୍ଷେତ୍ରୀ ଲୁହାରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମନୋରଞ୍ଜନ ସୁନା, ନବଘନ ତାଣ୍ଡି, ଉସତ ତାଣ୍ଡି, ଦିଲୀପ କୁମ୍ଭାର ପ୍ରମୁଖ ଯୋଗଦେଇ ବୋଡାସମ୍ବର ଗାନ୍ଧୀ କୁହାଯାଉଥିବା ରାୟଧର ଲୁହାରଙ୍କ ସ୍ମୃତିଚାରଣ କରିଥଲେ । ଶେଷରେ ଦେବାର ଛତର ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଂହେଳପାଲିରେ ନାମଯଜ୍ଞ

ଭେଡ଼େନ, ୧୪।୧ (ଡ଼ି.ଏନ.ଏ): ଭେଡ଼େନ ବ୍ଲକ ରେଶମ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଂହେଳପାଲି ପଣ୍ଡରାଡୁଙ୍ଗରୀ ସ୍ଥିତ ଶିବମନ୍ଦିର ପରିସରରେ ତିନିଦିନ ଧରି ଚାଲିଥିବା ନାମଯଜ୍ଞ ମକର ସଂକ୍ରାନ୍ତି ଅବସରରେ ସୋମବାର ଉଦ୍ଯାପିତ ହୋଇଛି । ଏଥିରେ ରବି ଭୂୟାଁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ଉଦ୍ଯାପନୀ ଦିବସରେ କତୁରକଟା, ମିର୍ଦ୍ଧାପଡ଼ା, ହାତୀପାଲିର ମହିଳା ଏବଂ ସାରସମାଲ, ସିଂହେଳପାଲି, କତୁରକଟା ଓ ହାତୀପାଲିର ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ପୂଜା କମିଟି ସଭାପତି ରାହାସ ବିହାରୀ ପଧାନ, ଦଶରଥ ଭୋଇ, ଗୁଣନିଧି ଭୋଇ, ଲେକରୁ ଭୋଇ, ସନ୍ତୋଷ ଭୋଇ, ସମିତିସଭ୍ୟ ନରେନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### କୁରୁଆଁ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

**ଜାମଟିକ୍ରା, ୧୪।୧ (ଡି.ଏନ.ଏ):** ବରଗଡ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ଉମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଗରିଆଙ୍କ ତତ୍ତ୍ୱାବଧାନରେ ମଶାଲ ଶୋଭାଯାତ୍ରା ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ବଳବନ୍ତ ସାହୁ ମୁଖ୍ୟଅତିଥି, ରଞ୍ଜନ ସେଠ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ପାତ୍ର, ସମ୍ପାଦକ ସୁବାଷ ଥାଟି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଦଶମ ଶ୍ରେଣୀ ଛାତ୍ର ପଙ୍କଜ ମିର୍ଦ୍ଧା ଓ କୁନ୍ତି ବେହେରାଙ୍କୁ ଉପେନ୍ଦ୍ର ସାହୁ କ୍ରୀଡା ସମ୍ମାନ ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ସଦାନନ୍ଦ ଦାଶ, କୃଷ୍ଣାନନ୍ଦ ଦାଶ, ତୋଲାମଣି ପଧାନ, ସୁଚିତ୍ରା ସାହୁ, ନିରୂପମା ସାହୁ ସହଯୋଗ କରିଥିଲେ ।

■ ପୋର୍‌ଛାହନ୍ ଅଭାବୁ ମୁହଁ ଫିରଉଛନ୍ ଚାଷୀ

# ଲୋପ୍ ପାଉଛେ ସୁର୍‌ଷୋ ଚାଷ୍

**ଜାମଟିକ୍ରା, ୧୪।୧ (ଡି.ଏନ.ଏ)**

**ଅତାବିରା ବ୍ଲକ**



ବୁଗବୁଗାରେ ହେଇଥିବାର ସୁର୍‌ଷୋ ଚାଷ୍ ।

ଆମର ଭାରତୀୟ ଖାଏଦ୍ ପାଏନ୍‌ରେ ସୁର୍‌ଷୋର ଅଲଗ୍ ପହେଚାନ୍ ଅଛେ। ଖୁଜ୍‌ଲେ ସମକର ରଁଧାଘରେ ଗୁଟା ସୁର୍‌ଷୋ ଆର ତେଲ ମିଲବା। ସୁର୍‌ଷୋ ଖାଲି ରଁଧାବଢ଼ାଥି ବେଭାର ହେସି ହେନ୍‌ତା ନୁହେ, ଇଟାକେ ନାନା ପକରକାର ଉଷୋକଷା ହିସାବେ ବି ବେଭାର କରାହେସି। ହେଲେ ଆଏଜ୍‌କାଲି ସୁର୍‌ଷୋ ଚାଷ୍ ଲୋପ ପାଏବାକେ ବସଲାନ। ଦିନ୍ ଥିଲା ଏକର ଏକର ଜମିରେ ସୁର୍‌ଷୋ ଚାଷ୍ ହେଉଥିଲା। ହେଲେ ଏହେଦେ ଚାଷୀ ଇ ସୁର୍‌ଷୋ ଚାଷ୍ କରବାକେ ନାଇଁ ମଂଗବାର। ଇତାର ବଡ଼ କାରନ୍ ହେଲା ଅମଲ କମ୍ ହେବାର ସଂଗେ ସରକାରୀ ପୋର୍‌ଛାହନ୍‌ର ଅଭାବ୍। ବରଗଡ଼ ଜିଲା ଅତାବିରା ବ୍ଲକ୍ କୁଲୁଣ୍ଡା ଆର ବୁଗବୁଗା ପଁଚେତ୍‌ରେ ଆଗ୍‌ରୁ ଚାଷୀ ଏକର ଏକର ଜମିନ୍‌ଥି ସୁର୍‌ଷୋ ଚାଷ୍ କରୁଥିଲେ। ହେଲେ ଏହେଦେ କାଁଭାଁ ଚାଷୀ ସୁର୍‌ଷୋ ଚାଷ୍ କରୁଛନ୍। ରୋଗ୍‌ପୋକ, କମ୍ ଅମଲ ସଂଗେ ସରକାରୀ ପୋର୍‌ଛାହନ୍‌ର ଅଭାବ ଲାଗି ଦିନୁ ଦିନ୍‌କେ ଚାଷୀ ସୁର୍‌ଷୋ ଚାଷ୍ କରବାକେ ନାଇଁ ମଂଗବାର। ଇତାର ବଦଲା ସେମାନେ ଦାଦନ ଖଟିଯିବାରଟା ସହଜ୍ ମନେ କରୁଛନ୍। ଯଦି ଇ ଚାଷ୍ ଲାଗି ରାଏଜ୍ ସରକାର ଚାଷୀକୁ ବିହନ୍, ଉଷୋକଷା, ସାର ଆର ପୋର୍‌ଛାହନ୍ ଦେବାର ଦିଗେ ଚିନ୍ତା କରତେ ତ ଚାଷୀ ଉଷତ୍ ହେଇ ଆଘର ଲେଖେନ୍ ଚାଷ୍ କରତେ ବଲି ଚାଷୀ ଭରତ ଷାଣ୍ଡେ କହିଛନ୍। ଏହେଦେ ବଜାରରେ ସୁର୍‌ଷୋ କୁଇଣ୍ଟାଲ ପିଛା ୩ ହଜାରରୁ ୩ ହଜାର ୫ଶହ ଟଁକା ତକ୍ ବିକ୍‌ରି ହେଉଥିଲା ବେଲେ ଇଥିରଲାଗି ଅଢ଼େ ହଜାର ଟଁକା ବିହନ ଆର ଉଷୋ ବାବ୍‌ଦେ ଖରଚ୍ ହେଉଛେ। ବାକି ଚାଷୀର ପାରିଶ୍‌ରମ ତେନ୍‌କେ ଥାଉ। ବୁଗବୁଗା ପଁଚେତ୍‌ରେ ଆଗ୍‌ରୁ ବଡ଼ଭାରି ହିସାବେ ସୁର୍‌ଷୋ ଚାଷ୍ ହେଉଥିଲା। ଏହେଦେ ୫ ଏକର ନ ଚାଷ୍ ହେଉଛେ, ହେଲେ ଆଗ୍‌କେ ଚାଷୀ କେନ୍‌ଥେଇ ଜହ ଆକାରେ ସୁର୍‌ଷୋ ଚାଷ୍ କରବେ ସେ ଦିଗେ ଚେଷ୍‌ଟା କରୁଛୁଁ ବଲି ଗ୍ରାମ୍ୟ କୃଷି ଅଧିକାରୀ କିଶୋର ଦାସ କହିଛନ୍। ସରକାରୀ ବିଧି ବେବସ୍‌ତା ଭିତରେ ସୁର୍‌ଷୋ ଚାଷୀକୁ କେଭେ ସରକାରୀ ପୋର୍‌ଛାହନ୍ ମିଲବା ଦେଖିବାର ବାକି ରହେଲା।



ସୋମବାର ସମ୍ବଲପୁର ମନ୍ଦଲିଆ ପଡିଆଠାରେ ପିଲାମାନେ ପତଙ୍ଗ ଉଡାଉଛନ୍ତି ।

## ମନ୍ଦଲିଆ ପଡିଆରେ ପତଙ୍ଗ ଉତ୍ସବ

**ସମ୍ବଲପୁର, ୧୪।୧ (ବ୍ୟୁରୋ)** ପବିତ୍ର ମକର ସଂକ୍ରାନ୍ତି ତିଥିରେ ସମ୍ବଲପୁର ମନ୍ଦଲିଆ ପଡିଆଠାରେ ପତଙ୍ଗ (ଗୁଡି) ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ବାଳିକା, ବାଳକ ସାମିଲ ହୋଇ ପତଙ୍ଗ ଉଡାଇଥିଲେ। ହାଲକ୍ ପବନ ସାଙ୍ଗକୁ ନୀଳ ଆକାଶରେ ରଙ୍ଗ ବେରଙ୍ଗର ପତଙ୍ଗ ଗୁଡିକ ଉଡୁଥିବାର ଦୃଶ୍ୟ ମନଲୋଭା ହୋଇଥିଲା । ଅପରପକ୍ଷେ ଡିଜେ ବାଦ୍ୟ ଓ ଦୁଲଦୁଲି ବାଜା ଉତ୍ସବକୁ ଆକର୍ଷଣୀୟ କରିଥିଲା । ବାଦ୍ୟର ତାଳରେ ଶିଶୁମାନଙ୍କର ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଭାଜପା ନେତା ଡ. ରାଜକୁମାର ବଡପଣ୍ଡା, ପୂର୍ବତନ ନଗରପାଳ ଗରିଶ ପଟେଲ, ଡା. ସଞ୍ଜୀବ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ । ଆୟୋଜକ ହରିଓମ୍ କ୍ଲବ ସଭ୍ୟ ଶମ୍ଭୁ ବରେଲିଆ, ମୁନ୍ନା ତିୱାରୀ, ଲିପୁନ ମହାପାତ୍ର, ସରୋଜ ସାହୁ, ଘନ ପଟେଲ, ଅଶ୍ୱିନୀ ସୁନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଲିପୁନ ମେମୋରିଆଲ କ୍ରିକେଟ କପ୍ ଉଦଯାପିତ

## ଇଲେଭେନ୍ ଷ୍ଟାରକୁ ହରାଇ ବଜରଙ୍ଗ କ୍ଲବ ଚାମ୍ପିୟନ



ଅତିଥି, ଆୟୋଜକଙ୍କ ସହ ଚାମ୍ପିୟନ ଟିମ୍‌ର ସଦସ୍ୟ ।

**ଦେବଗଡ଼/ରିଆମାଳ,୧୪।୧(ସ୍ୱ.ପ୍ର./ଡି.ଏନ୍.ଏ)** ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମ ଖେଳପଡ଼ିଆରେ ଆୟୋଜିତ ଲିପୁନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ଯାପିତ ହୋଇଛି। ଦେବଗଡ଼ ଇଲେଭେନ୍ ଷ୍ଟାର ଓ ବଜରଙ୍ଗ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ ଷ୍ଟାରକୁ ୨ ଉଇକେଟରେ ହରାଇ ବଜରଙ୍ଗ କ୍ଲବ ଚାମ୍ପିୟନ ହୋଇଛି। ୨୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଇଲେଭେନ୍ ଷ୍ଟାର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୬ ରନ କରିଥିଲା। ଜବାବରେ ବଜରଙ୍ଗ କ୍ଲବ ୧୯.୨ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ଯୁବନେତା ସୁଧୀର କୁମାର ବ୍ରହ୍ମା, ହରେନ ବେହେରା, ସ୍ଥାନୀୟ ସରପଞ୍ଚ ଚାନ୍ଦମଣି ଗଡ଼ନାୟକ, ସମିତିସଭ୍ୟା ତପସ୍ୱିନୀ ବହେରା, ଭାଗ୍ୟ ବିଶ୍ୱାଳ, ପ୍ରାଣବନ୍ଧୁ ଘଡ଼େଇ, ମୋତିଲାଲ ବାଘ ପ୍ରମୁଖ ଯୋଗଦେଇ ବଜରଙ୍ଗ କ୍ଲବକୁ ଟ୍ରଫି ସହ ୯,୯୯୯ ଟଙ୍କା ଏବଂ ଇଲେଭେନ୍ ଷ୍ଟାର କ୍ଲବକୁ ଟ୍ରଫି ସହ ୭,୭୭୭ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ସିଲୁ ସାହୁ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ବୋଲର ଭାବେ ଗଣେଶ ନାଟିଆ, ବେଷ୍ଟ ଫିଲ୍ଡର ଭାବେ କାର୍ତ୍ତିକ ମହାକୁଲଙ୍କୁ ପୁରସ୍କୃତ କରାଯାଇଥିଲା। ଚକ୍ରଧର ବିଶ୍ୱାଳ, କୁନା ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଭାତ ଭୋଇ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବ ସଭାପତି ଅଜିତ ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ନରୋତ୍ତମ ବାଘ, ପ୍ରତାପ ଅଜାବର ସହଯୋଗ କରିଥିଲେ।

### ନାଗରିକ କମିଟି ବୈଠକ ଗ୍ରୀଡ୍ ସ୍ଥାନାନ୍ତର ବିରୋଧରେ ମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ନିଷ୍ପତ୍ତି

**ପାଇକମାଳ, ୧୪।୧ (ଡି.ଏନ.ଏ)**

ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଳ ନାଗରିକ କମିଟିର ଏକ ଜରୁରୀ ବୈଠକ ସଭାପତି ମନୋଜ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ କାଲିଆ, ବିଧାୟକ ପ୍ରତିନିଧି ସରୋଜ ସାମଲ, ଦିଲୀପ ଅଗ୍ରୱାଲ, ଓକିଲ ରାମରତନ ପୁରୋହିତ, ବୁଲୁ ନାୟକ, ସନ୍ତୋଷ ପାଣିଗ୍ରାହୀ, ଯୁଗଳ ମେହେର, ଗିଡୁ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ବଡ ସତପଥି, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପାଇକମାଳ ଓ ଝାରବନ୍ଧ ବ୍ଲକ ପାଇଁ ପ୍ରସ୍ତାବିତ ୧୩୨/୩୩ କେଭି ଗ୍ରୀଡ ସବଷ୍ଟେଶନ ନୂଆପଡାକୁ ସ୍ଥାନାନ୍ତର କରାଯାଉଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଏ ବିଷୟରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂକୁ ଭେଟିବା ସହ ଶକ୍ତି ସଚିବଙ୍କୁ ସାକ୍ଷାତ ପାଇଁ ପରାମର୍ଶ ଦେଇଥିଲେ । ଏକ ପ୍ରତିନିଧି ଦଳ ଖୁବଶୀଘ୍ର ଶକ୍ତିମନ୍ତ୍ରୀ ସିଂଙ୍କୁ ଭେଟିବା ପାଇଁ ଆଲୋଚନା ହୋଇଥିଲା। ପାଇକମାଳରେ ଏହି ଗ୍ରୀଡ ସ୍ଥାପନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

## ଠେମରା ପ୍ରସିଦ୍ଧ ମକରମେଳାରେ ଗାଁ ଉତ୍ସବମୁଖର



ସମ୍ବଲପୁର ଜିଲା ଠେମରା ଗ୍ରାମରେ ରଥ ସମ୍ମୁଖରେ ଭକ୍ତମାନେ ମକର ଚାଉଳ ପ୍ରସାଦ ନେଉଛନ୍ତି ।

**ମାନେଶ୍ୱର,୧୪।୧(ଡି.ଏନ.ଏ)** ସମ୍ବଲପୁର ଜିଲା ଠେମରାର ପ୍ରସିଦ୍ଧ ମକର ମେଳା ସୋମବାର ଆରମ୍ଭ ହୋଇଛି । ଅପରାହ୍ନ ୧୨ଟାରୁ ସାରା ରାତି ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଗାଁ ଖୁଲି ଦୁଲ୍‌କିଛି। ପ୍ରତିବର୍ଷ ଭଳି ତଳିପଡା ଓ ଉପର ପଡାରେ ପୂଜା ହୋଇଥିଲା । ସକାଳୁ ଶିବ ଓ ପାର୍ବତୀଙ୍କୁ ଗମ୍ଭାରାରୁ ଆଣି ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥବଲା। ପୂଜାର୍ଚ୍ଚନା ପରେ ମକର ଚାଉଳ ଭୋଗ ଲାଗିଥିଲା। ରାଶି, ଆଖୁ, ଗୁଡ, ଚାଉଳ ପ୍ରଭୃତିରେ ମକର ଚାଉଳ ତିଆରି ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ତଥା ନିକଟସ୍ଥ ଜିଲାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ଦିନ ରଥ ସମ୍ମୁଖରେ ମକର ଚାଉଳ ଭୋଗ ପାଇ ମକର ବା ମିତ ବସିଲେ ସମ୍ପର୍କ ଅତୁଟ ରହେ ବୋଲି ଲୋକମାନଙ୍କ ବିଶ୍ୱାସ ରହିଛି । ବହୁ ସଂଖ୍ୟାରେ ଯୁବତୀ ଓ ଯୁବକ ସମ୍ପର୍କ ଗଢିଥିଲେ । ପରେ ଉଭୟ ପଡାରେ ଅପରାହ୍ନରୁ ନାଚ,ଗୀତ, ଭଜନ, କୃଷ୍ଣଗୁରୁ, ନାଟକ, ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା ।

## ଦର୍ଶକଙ୍କୁ ବାନ୍ଧିଲା ନାଟକ 'ଏଇ ବୋଧେ ପ୍ରେମ' 'ବାବୁ ଖର୍ଚ୍ଚା'



ନାଟକ 'ଏଇ ବୋଧେ ପ୍ରେମ'ର ଏକ ଦୃଶ୍ୟ।

**ଦେବଗଡ,୧୪।୧(ସ୍ୱ.ପ୍ର.)** ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ଜାଗରଣ ଆର୍ଟ ଇଂଷ୍ଟର ନାଶନାଲ୍ ତରଫରୁ ୧୬ତମ ସର୍ବଭାରତୀୟ ବହୁ ଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ସୋମବାର ଚତୁର୍ଥ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଛି। ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ, ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ନାଟକ ଭୁବନେଶ୍ୱର ବିଦ୍ୟା କନକ ସୃଜନ ଅନୁଷ୍ଠାର ଦିଲୀପ ବଳବନ୍ତରାୟଙ୍କ ରଚିତ ଓ ଜଗଦୀଶ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶିତ ନାଟକ 'ଏଇ ବୋଧେ ପ୍ରେମ'ପ୍ରେମରେ ପଡି ଯାଇଥିଲେ ଦର୍ଶକ। ସେହିପରି ଦ୍ୱିତୀୟ ନାଟକ ସୋହଲାର ନାଟ୍ୟ ଚେତନା ଅନୁଷ୍ଠାନର କଳାକାର 'ବାବୁ ଖର୍ଚ୍ଚା' ପରିବେଷଣ କରିଥିଲେ। ଅଶୋକ କୁମାର ବହିଦାରଙ୍କ ରଚିତ ଓ ଡ଼. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକ ବି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉଦଘୋଷକ ଭାବେ ଜନ୍ମେଜୟ ନାୟକ, ନାଟକ ଆୟୋଜନରେ ସୁଜିତ ପାତ୍ର, ପ୍ରକାଶଚନ୍ଦ୍ର ଦେବତା, ବଂଶୀଧର ସାହୁ, ଶ୍ରବଣ କୁମାର ନାୟକ, ପିଙ୍କୁ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ରିଆମାଳ,୧୪।୧(ଡି.ଏନ୍.ଏ.)** ଦେବଗଡ଼ ଜିଲା ରିଆମାଳ ବ୍ଲକ କୋଲବସା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ସୁଧାଂଶୁ ଶେଖର ସାମଲ ୨୪ ଅଭିଯୋଗର ଶୁଣାଣି କରିଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ଭିମସେଣ୍ଟ ପୁନମକାନ୍ତ ଏକା, ବିଡିଓ, ସପ୍ଲାଇ ଇନ୍ସପେକ୍ଟର ଜୟନ୍ତ କୁଣ୍ଡୁ, ପିଏ ରଞ୍ଜନ କୁମାର ଟୁଡୁ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ଭତ୍ତା, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଭୃତି ଅଭିଯୋଗ ଆସିଥିଲା। ନୂଆଁଡିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମ ନାଳରେ ସ୍ଥାୟୀ ପୋଲ ନିର୍ମାଣ, ଟିଙ୍କବୀର ସମବାୟ ସମିତିରେ ଧାନକିଣାରେ ଅନିୟମିତତା ଆଦି ବିଷୟରେ ଅଭିଯୋଗ ଆସିଥିଲା।

ଦେବଗଡ଼ରେ ମକର ସଂକ୍ରାନ୍ତି

## ମକରଧ୍ୱଜ ପାହାଡ ଉପରେ ଉଡିଲା ଧ୍ୱଜା

**ଦେବଗଡ଼,୧୪।୧(ସ୍ୱ.ପ୍ର.)** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଦେବଗଡ଼ ସହର ତଥା ଜିଲାର ବିଭିନ୍ନ ସ୍ଥାନରେ ସୋମବାର ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ପୌରାଞ୍ଚଳ ଅଧୀନ ତଅଁଳାସାହି, ତଳ ଭିତିରିଆ ସାହି, ବଣିଆଁସାହି, ମହୁଲଡିପାସାହି, ବାବୁସାହି, ମଠସାହି, ଖଡିଆସାହି, ହାତିଶାଳସାହି, ରଜାମୁଣ୍ଡାସାହି, ନିଳବେର୍ଣ୍ଣୀସାହିରେ ପବିତ୍ର ମକର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଧାନପାଟସ୍ଥିତ ମା' ପଧାନୀବୁଢ଼ୀ ମନ୍ଦିର, ଚମ୍ପକେଶ୍ୱର ମନ୍ଦିର, ଝାଡେଶ୍ୱର ମନ୍ଦିର, ଗୋପାଳଜୀଉ ମନ୍ଦିର, ଶନି ମନ୍ଦିରରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏପରି କି ମକର ସଂକ୍ରାନ୍ତି ପୂର୍ବ ସନ୍ଧ୍ୟାରେ କଞ୍ଚା ଶିମିଳି ଗଛ ପୋତା ଯାଇଥିଲା। ପରେ ଶୁଖିଲା ଡାଳକୁ ସଜାଇ ରଖାଯାଇଥିଲା। ସୋମବାର ସକାଳୁ ପିଲାଠୁ ବଡଯାଏ ସମସ୍ତେ ନିତ୍ୟ କର୍ମସାରି ନୂଆବସ୍ତ୍ର ପରିଧାନ କରି ଡାଳକୁ ପୂଜାର୍ଚ୍ଚନା କରିଥିଲେ। ପରେ ନିଆଁ ସଂଯୋଗ କରାଯାଇ



ପ୍ରଧାନପାଟ ପର୍ବତମାଳାର ଉଚ୍ଚତମ ଶୃଙ୍ଗ ମକରଧ୍ୱଜରେ ଧ୍ୱଜାସ୍ଥାପନ ଓ ପୂଜାର୍ଚ୍ଚନ କରାଯାଉଛି।

ସାହି ପଡ଼ିଶାରେ ବିଭିନ୍ନ କିଶମର ପିଠା, ରାଶିଲଡୁ, ମିଠା ଆଦି ବଣ୍ଟା ଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନପାଟ ପର୍ବତମାଳାର ଉଚ୍ଚତମ ଶୃଙ୍ଗ ମକରଧ୍ୱଜରେ ତଅଁଳା ସାହି ମକର ଯାତ୍ରା କମିଟି ପକ୍ଷରୁ ଆଜ୍ଞା ମାଳ ଆଣିବା ପରେ ବିଭିନ୍ନ ସାହି କମିଟି ପକ୍ଷରୁ ଧ୍ୱଜା ସ୍ଥାପନ କରାଯାଇ ମା' ବନଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ସହରର ବିଭିନ୍ନ ସାହି ତଥା ଦୂରଦୂରାନ୍ତରୁ ଆସିଥିବା ଶତାଧିକ ଭକ୍ତ ମାନସିକ ପତାକା ଲଗାଇଥିଲେ। ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ମକରଧ୍ୱଜ ପାହାଡ ଶୀର୍ଷକୁ ଯିବାକୁ ହେଲେ ପାଖାପାଖି ୨ କି.ମି ଦୂର କଷ୍ଟକର ଯାତ୍ରା ହେଲେ ମଧ ଭକ୍ତଙ୍କ ଭିଡ ପରିଲିକ୍ଷିତ ହୋଇଥିଲା। ସେହିପରି ରଜାମୁଣ୍ଡା ଚର୍ଚ୍ଚ ସାହିବାସିନ୍ଦାଙ୍କ ଉଦ୍ୟମରେ ନିକଟସ୍ଥ ରାଉତମରା ପାହାଡରେ ମକର ସଂକ୍ରାନ୍ତି ପାଳିତ ହୋଇଥିଲା। ପାହାଡର ଶୀର୍ଷକୁ ପହଞ୍ଚିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପାହାଚ ତିଆରି କରାଯାଇଛି । ଏଠାରେ ସୁନ୍ଦର ମନୋରମ ପରିବେଶ ଥାଇ ସୁଦ୍ଧା ଏହା ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏନେଇ ଏହାକୁ ଲୋକଲୋଚନ ଆଣିବା ଜରୁରୀ। ସେହିପରି ମକର ସଂକ୍ରାନ୍ତି ଅବସରରେ ଦେବଗଡ଼ 'ଚା' ଖଟି ପକ୍ଷରୁ ସ୍ଥାନୀୟ କଚେରି ଛକରେ ରାଶିଲଡୁ, ବାଦାମ ଲଡୁ ଆଦି ଭୋଗ ବଣ୍ଟନ କରାଯାଇଥିଲା।

## ବୁଢ଼ାପାଳ କପ୍ କ୍ରିକେଟ: ନାଲ୍‌କୋ କ୍ଲବ ଚାମ୍ପିୟନ

**ରିଆମାଳ,୧୪।୧(ଡି.ଏନ୍.ଏ.)** ରିଆମାଳ ବ୍ଲକ ବୁଢ଼ାପାଳ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୧୮ତମ ବୁଢ଼ାପାଳ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ଯାପିତ ହୋଇଛି। ଅନୁଗୋଳ ୟଙ୍ଗ କ୍ଲବ ଓ ନାଲ୍‌କୋ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ନାଲ୍‌କୋ କ୍ଲବ ୬ ଉଇକେଟରେ ବିଜୟୀ ହୋଇଛି। ୟଙ୍ଗ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ୍ କରିଥିଲା। ଜବାବରେ ନାଲ୍‌କୋ ଟିମ୍ ମାତ୍ର ୧୧.୩ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ନାଲ୍‌କୋ ଟିମ୍‌ର ଅଭିଷେକ ଦେଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ତରୁଣ ସ୍ୱାଇଁ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଯୋଗେଶ୍ୱର ପ୍ରଧାନ ଓ ଚୁନା ପ୍ରଧାନ ଖେଳ ପରିଚାଳନା କରିଥିଲେ। ଦେବଗଡ଼ ବିଜେଡି ସଭାପତି ସୁଧୀର କୁମାର କପରଦାର ମୁଖ୍ୟଅତିଥି, ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ ଓ କୁଣ୍ଢେଇଗୋଳା ଥାନା ଅଧିକାରୀ ରତ୍ନାକର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୯ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ଅଜିତ କୁମାର ସାହୁ ଓ ସମ୍ପାଦକ ପ୍ରତାପ କୁମାର ସାହୁ ଟୁର୍ନାମେଣ୍ଟ ଆୟୋଜନର ନେତୃତ୍ୱ ନେଇଥିଲେ। ୮ ଦଳକୁ ନେଇ ଗତ ୭ଦିନ ଧରି ଏହି ଟୁର୍ନାମେଣ୍ଟ ଜାରି ରହିଥିଲା।



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କୁଣ୍ଡେଇଲପଡ଼ାରେ ବିଜେଡି ଅଫିସ ଉଦ୍‌ଘାଟିତ

**ସମ୍ବଲପୁର, ୧୪।୧ (ବ୍ୟୁରୋ)**- ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଞ୍ଜେଲପଡାରେ ବିଜୁ ଜନତା ଦଳ (ବିଜେଡି) ଅଫିସ ସୋମବାର ଉଦ୍‌ଘାଟିତ ହୋଇଛି । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଫିସର ଉଦ୍‌ଘାଟନ କରିଥିଲେ । ଲିଙ୍ଗରାଜ ପରିଡା, ବିକାଶ ତରିଆ, ସୁମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ନବବର୍ଷ ପରେ ବିଜେଡି ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ଲଗାତାର ଦଳୀୟ କାର୍ଯ୍ୟକ୍ରମ ହେଉଛି । ଏହା ପ୍ରକୃତ ପକ୍ଷେ ୨୦୧୯ ନିର୍ବାଚନୀ ପ୍ରଚାର ଭାବେ ଆରମ୍ଭ ହେଉଥିବା ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

### ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦ ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୧୪।୧ (ବ୍ୟୁରୋ)**- ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡା ବରିଷ୍ଠ ନାଗରିକ ପରିଷଦର ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ରାମନାରାୟଣ ପାଢ଼ୀ ସଭାପତି ଓ ଅକ୍ଷୟ କୁମାର ମହାପାତ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଶିବ ମନୋହର ଦାସ ଉପସଭାପତି, ଲକ୍ଷ୍ମୀନୃସିଂହ ପାତ୍ର ଯୁଗ୍ମ ସମ୍ପାଦକ, ଅନିରୁଦ୍ଧ ମହାକୁର କୋଷାଧ୍ୟକ୍ଷ, ମନ୍ମଥ କୁମାର ସ୍ୱାଇଁ ଆବାହକ, ଶରତ ଚନ୍ଦ୍ର ରଥ କଲ୍ୟାଣ ସମିତି ଆବାହକ, ନିତ୍ୟାନନ୍ଦ ଦାଶ, ରବିନାରାୟଣ ମିଶ୍ର, ଭାଗୀରଥୀ ବେହେରା, ରାମନାରାୟଣ ମିଶ୍ର, ମକରଧ୍ୱଜ ଭୋଇ, ଅଚ୍ୟୁତାନନ୍ଦ ପଟେଲ ଓ ଇନ୍ଦ୍ରମଣୀ ମୁଣ୍ଡା କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

# ଧବଳେଶ୍ୱର, ଜଗନ୍ନାଥ ମକର ବସିଲେ

**ବାମରା, ୧୪।୧ (ସ୍ୱ.ପ୍ର.)**

**ବାମରା ମକର ମେଳା**

ପଶ୍ଚିମ ଓଡିଶାର ବିଖ୍ୟାତ ବାମରା ମକରମେଳା ସୋମବାର ସଂକ୍ରାନ୍ତି ତିଥିରେ ଶୁଭାରମ୍ଭ ହୋଇଛି । ସୋମବାର ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତ କେନ୍ଦୁପାଣିସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପାରମ୍ପାରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନ ପ୍ରାୟ ୧୨ଟାରୁ ଏକ ବିରାଟ ଭବ୍ୟ ଶୋଭାଯାତ୍ରା ବାହାରି ନୁନିଆମୁଣ୍ଡା, ଡୁମେରମୁଣ୍ଡା, ବିଜୁ ପଟ୍ଟନାୟକ ଛକ, ଷ୍ଟେସନ ବସ୍ତି, ବସଷ୍ଟାଣ୍ଡ, ବ୍ଲକ ଛକ, ଶ୍ରୀ ଗୁଣ୍ଡିଚା ମନ୍ଦିର ରାସ୍ତା ଦେଇ ମକର ମିଳନ ପଡିଆ ପହଞ୍ଚି ଥିଲା। ଅପରପଟେ ଗୋବିନ୍ଦପୁରର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ କୀର୍ତ୍ତନ ମଣ୍ଡଳୀ, ସଂପ୍ରଦା ମଣ୍ଡଳୀ ଆଦି ପାଛୋଟି ଆଣିଥିଲେ ମିଳନ ପଡିଆକୁ । ସେଠାରେ ପାରମ୍ପାରିକ ରୀତିନୀତି ଅନୁସାରେ ଧବଳେଶ୍ୱରଙ୍କ ସହ ଜଗନ୍ନାଥ ମକର ବସିଥିଲେ। ମହାଦେବଙ୍କ ପ୍ରତିନିଧି ଭାବେ ଯୋଗବିହାରୀ ପରିଡା ଓ ଶ୍ରୀ ଜଗନ୍ନାଥଙ୍କ ପ୍ରତିନିଧି ଭାବେ ସଞ୍ଜୀବ କୁମାର ପାଲ ସମସ୍ତ ଦାୟିତ୍ୱ ବହନ କରିଥିଲେ । ଗୌନ୍ତିଆ ଅଭିରାମ ନାୟକ, କେନ୍ଦୁପାଣିର ଗୌନ୍ତିଆ ସୁନୀଲ କୁମାର ନାଏକ ସୁକାନ୍ତ ନାଏକ, ସଭାପତି ହେମନ୍ତଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମାଦ୍ରି ଭଇଁଷା, ସୁରେନ୍ଦ୍ର ଭଇଁଷା, ଯୋଗିନ୍ଦ୍ର ଭଇଁଷା, ବିନୋଦ ଭଇଁଷା ପୂଜକ ରହିଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ପୂଜକ ଭାବେ ଅଜୟ ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ । ଧବଳେଶ୍ୱର ମହାଦେବ କମିଟିର ମୁଖ୍ୟ ସଂଯୋଜକ କ୍ଷୀରୋଦ କୁମାର ସାଙ୍କ ତତ୍ତ୍ୱାବଧାନରେ କିରଣ ନାଏକ, ଲକ୍ଷ୍ମୀଧର ସାହୁ, ବିନୋଦ ବାଘ, ତୁଳାରାମ ପ୍ରଧାନ, ଦିଲୀପ ଛତ୍ରିଆ, ଯୋଗୀନ୍ଦ୍ର ଚୌଧୁରୀ, ବକସମା (ନୂଆଗାଁ), ଖଡିଆପାଲି, ଡୁମେରମୁଣ୍ଡା, ଡବଲାକଟା, ଉତ୍ତରଗାଁ, ସାରଙ୍ଗଲୋଇ, ପତ୍ରାପାଲି, କୁଲୁଟା, ଉଲଣ୍ଡା, ରଙ୍ଗିଆଟିକ୍ରା ଆଦି ଗାଁରୁ ସଂପ୍ରଦା ମଣ୍ଡଳୀ, ସୁନ୍ଦରଗଡ ଗୁଣ୍ଡିଆଡିହର ଦଣ୍ଡନୃତ୍ୟ, ସମ୍ବଲପୁରର ଘଣ୍ଟବାଦ୍ୟ ଏବଂ ବିଭିନ୍ନ ସ୍ଥାନରୁ କୃଷ୍ଣଗୁରୁ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଶୋଭାଯାତ୍ରାରେ ସାମିଲ ଥିଲେ । ସାମାଜିକ ସମରସତା ଓ ସାଂପ୍ରଦାୟିକ ସଦ୍‌ଭାବନା ସ୍ୱରୂପ ବାମରା ନୂରୀ ମସଜିଦ୍ କମିଟିର ସାଧାରଣ ସମ୍ପାଦକ ଶେଖ ଇସାକ୍ ରାଜା ଓ ମହମ୍ମଦ ଅକବର୍ ଡୁମେରମୁଣ୍ଡା ଛକଠାରେ ମହାଦେବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମରନାଥ ଚୌଧୁରୀ, ଯୋଗିନ୍ଦ୍ର ଚୌଧୁରୀ, ଯୋଗି ଗୌଡ, ମନୋଜ କିସାନ, ମୀନକେତନ ସାହୁ, ଉପେନ୍ଦ୍ର ସାହୁ, ଯୋଗେଶ୍ୱର ଖଡିଆ ମଧ୍ୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ଗୋବିନ୍ଦପୁର ମିଳନ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିଲା। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣାଙ୍କ ତତ୍ତ୍ୱାବଧାନରେ ଜିଆରପି ଫାଣ୍ଡି ଅଧିକାରୀ ଉମେଶ ଅହିର, ଏସଆଇ ଟି. କେର୍କେଟା, ଏସଆଇ ସୁସ୍ମିତା ସୁନା, ଏଏସଆଇ ଯୋଗେଶ୍ୱର କିସାନ ଓ ପୋଲିସ ଫୋର୍ସ ଦାୟିତ୍ୱ ନିର୍ବାହ କରିଥିଲେ।

# ଅଭିଯୋଗ ଶୁଣାଣି ଶିବିର

**ଦେବଗଡ,୧୪।୧ (ସ୍ୱ.ପ୍ର.)**

ରିଆମାଳ ବ୍ଲକର କୋହ୍ଲବସା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ୨୯ଟି ଦରଖାସ୍ତର ଶୁଣାଣି କରି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ତତ୍‌କ୍ଷଣାତ୍ ୬ଟି ଦରଖାସ୍ତର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା। ୨୨ଟି ବ୍ୟକ୍ତିଗତ ଥିବାବେଳେ ୭ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଖିଲେଇ ଗ୍ରାମର ବାଇଗଣି ଗଡନାୟକଙ୍କୁ ୮ହଜାର ଟଙ୍କା ଏବଂ ଦଶଘରିଆର ସହଦେବ ସାହୁଙ୍କୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପିଡି ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ପୋଲିସ ଅଧିକାରୀ ରବିନାରାୟଣ ସି, ବିଡିଓ ଶିବ ଟପ୍ପୋଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପଧାନପାଲି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପ୍ରସ୍ତୁତି

**ପଡିଆବାହାଲ, ୧୪।୧ (ଡି.ଏନ.ଏ.)**

ଆଗାମି ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳିତ ହେବ । ଏହି ଅନୁଷ୍ଠାନରୁ ଶିକ୍ଷାଗ୍ରହଣ କରି ସମାଜର ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପୁରାତନ ଛାତ୍ରମାନେ ଯୋଗଦେଇ ଅନୁଭୂତି ପ୍ରକାଶ କରିବା ସହ ଆଗାମୀ ପିଢ଼ିଙ୍କୁ ଦକ୍ଷତାର ବାଟ ଦେଖାଇବେ।



ସୋମବାର ସମ୍ବଲପୁର ବୁଢ଼ାରଜା ଗାର୍ଲ୍ସ ହାଇସ୍କୁଲଠାରେ ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ଡା. ଗୌରିଦାସ ପଧାନ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ଫକୀର ମୋହନ ସେନାପତିଙ୍କ ଜୟନ୍ତୀ

**ସମ୍ବଲପୁର, ୧୪।୧ (ବ୍ୟୁରୋ)**

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ଦେହେରୀପାଲିସ୍ଥିତ ବୁଢ଼ାରଜା ଗର୍ଲ୍ସ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଧର ଧନୱାରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଡା. ଗୌରମୋହନ ବିଶ୍ୱାଳ ମୁଖ୍ୟଅତିଥି, ଡ. ଗୌରିଦାସ ପଧାନ ମୁଖ୍ୟବକ୍ତା, ଭେଡେନ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପୁରୋହିତ, ପ୍ରଫେସର ପଞ୍ଚାନନ ମିଶ୍ର, ପ୍ରଫେସର ମୀନକେତନ ପୁରୋହିତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସୁରମା ଗଡନାୟକ ସ୍ୱାଗତ ଭାଷଣ ଓ ସୁଦର୍ଶନ କ୍ଷେତୀ ଧନ୍ୟବାଦ ଅର୍ପଣ କରିଥିଲେ । ନରେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଥିଲେ । ଡା. ଅନୀଲ ଚନ୍ଦ୍ର ଦାଶ, ପ୍ରଫେସର ସନ୍ତୋଷ କୁମାର ବିଶ୍ୱାଳଙ୍କ ସମେତ ବୁଢ଼ାରଜା ଗର୍ଲ୍ସ ହାଇସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଫକୀର ମୋହନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ।

## ୭ ସ୍କୁଲରେ ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା ହେବ

**ସମ୍ବଲପୁର,୧୪।୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ୭ଟି ସ୍କୁଲରେ ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା ହେବ । ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ, ଲେଡଲୁଇସ ଗର୍ଲସ ହାଇସ୍କୁଲ, ବୁଢାରଜା ସରକାରୀ ନୋଡାଲ ହାଇସ୍କୁଲର ନାମ ରହିଛି। ପରେ ଆଉ ୪ଟି ସ୍କୁଲକୁ ସାମିଲ କରାଯିବ । ଏଥିପାଇଁ ଜିଲା ପ୍ରଶାସନକୁ ୭୫ ଲକ୍ଷ ଟଙ୍କା ଅନୁଦାନ ଆସିଛି । ଏହି ଟଙ୍କାରେ ଅତ୍ୟାଧୁନିକ କ୍ଲାସ ରୁମ୍ ନିର୍ମାଣ ହେବ । ଶୀତ ତାପ ନିୟନ୍ତ୍ରଣ ବ୍ୟବସ୍ଥା ହେବ। ଖେଳ ପଡିଆ, ମ୍ୟୁଜିକ ରୁମ୍, ୨୪ ଘଣ୍ଟା ଇଣ୍ଟରନେଟ ବ୍ୟବସ୍ଥା କରାଯିବ । ଏଥିପାଇଁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଘରୋଇ ସ୍କୁଲ ଭଳି ସୁବିଧା ଯୋଗାଇ ଦେଲେ ସରକାରୀ ସ୍କୁଲରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପ୍ରଶସନ ଆଶା ରଖିଛି।

# ରାଜ୍ୟସ୍ତରୀୟ ବିବିଧ ପ୍ରତିଯୋଗିତା

**ସମ୍ବଲପୁର, ୧୪।୧ (ବ୍ୟୁରୋ)**

୧୩ତମ ଅନନ୍ତରାମ ବେରିହା ସ୍ମାରକୀ ରାଜ୍ୟସ୍ତରୀୟ ବିବିଧ ପ୍ରତିଯୋଗିତା ସୋମବାର ଦଲେଇପଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ହୀରାକୁଦ, ବୁର୍ଲା ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଚିତ୍ରାଙ୍କନ, ଓଡିଆ ଓ ଇଂରାଜୀ ହସ୍ତାକ୍ଷର ଏବଂ ସୁନ୍ଦର ଅକ୍ଷରକଳା ପ୍ରତିଯୋଗିତା ହୋଇଥିଲା। ଆୟୋଜକ ଦଲେଇପଡା ହନୁମାନ ମନ୍ଦିର କମିଟି ସଭାପତି ଶତ୍ରୁଘ୍ନଲାଲ ସାହାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉପସଭାପତି ରାଧାରମଣ ମୁଦୁଲି, ସମ୍ପାଦକ ଗୋପାଳଚନ୍ଦ୍ର ପଣ୍ଡା, ଯୁଗ୍ମସମ୍ପାଦକ ସୁଶାନ୍ତ କୁମାର ହୋତା, କୋଷାଧ୍ୟକ୍ଷ ଧନଞ୍ଜୟ ସାହୁ, ସହକୋଷାଧ୍ୟକ୍ଷ ହିମାଂଶୁ ବଡ଼େଇ ପ୍ରତିଯୋଗିତା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି, ଜଗନ୍ନାଥ ବେହେରା, ନବୀନଚନ୍ଦ୍ର କିଶାନ ଓ ଗୌରିଦାସ ପଣ୍ଡା ସହଯୋଗ କରିଥିଲେ । ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରେ ଦଲେଇପଡାଠାରେ ପୁରସ୍କାର ବିତରଣ ଉତ୍ସବ ହେବ।



ସୋମବାର ସମ୍ବଲପୁର ଦଲେଇପଡା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ପ୍ରତିଯୋଗୀତାରେ ଭାଗ ନେବାକୁ ନାମପଞ୍ଜିକରଣ କରାଯାଉଛି ।




ସୋମବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଚାଲିଥିବା ଇ-ଶକ୍ତି କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ ।

# ରାଜ୍ୟସ୍ତରୀୟ ଇ-ଶକ୍ତି କର୍ମଶାଳା

**ସମ୍ବଲପୁର,୧୪।୧(ବ୍ୟୁରୋ)**

ରାଜ୍ୟସ୍ତରୀୟ ଇ-ଶକ୍ତି କର୍ମଶାଳା ସୋମବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ନାବାର୍ଡର ଏଜିଏମ ଦେବେଶ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଚିପ୍ ଜେନେରାଲ ମ୍ୟାନେଜର ଏମ ସୌରେନ୍, ଡେପୁଟି ଜେନେରାଲ ମ୍ୟାନେଜର ଏନ.ସି. ପାଣୀ, ସମ୍ବଲପୁର ଏଏସପି ସୁବ୍ରତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ସଂପ୍ରତି ଦେଶର ଶହେ ଜିଲାରେ ଇ-ଶକ୍ତି କାର୍ଯ୍ୟକ୍ରମ ଚାଲିଛି। ଓଡିଶାର ସମ୍ବଲପୁର, ରାୟଗଡା, ଢେଙ୍କାନାଳ, ଭଦ୍ରକ, ଯାଜପୁର, ବାଲେଶ୍ୱର ଜିଲାକୁ ଏଥିରେ ସାମିଲ କରାଯାଇଛି । ଇ-ଶକ୍ତି ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଦୈନନ୍ଦିନ କାର୍ଯ୍ୟକ୍ରମ ମୋବାଇଲ ଜରିଆରେ ତଥ୍ୟ ସଂଗ୍ରହ କରି ତାର ଗତିବିଧି ନିରୀକ୍ଷଣ କରି ପ୍ରଗତି ଆକଳନ କରିପାରିବେ । ଏହି ଜିଲାର ୯ଟି ବ୍ଲକର ୧୧୨ଟି ପଞ୍ଚାୟତର ୧ହଜାର ୭୫୮ଟି ଗ୍ରାମର ୭ହଜାର ୨୦ଟି ସ୍ୱୟଂ ସହାୟକ ଗୋଷ୍ଠିକୁ ଇ-ଶକ୍ତି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ୭୫ ହଜାର ୫୪୮ଟି ସଭ୍ୟା ରହିଛନ୍ତି ବୋଲି କର୍ମଶାଳାରେ ସୂଚୀତ କରାଯାଇଛି ।

## ଫେବୃୟାରୀ ୧୩ରୁ ୨୪କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

**ସମ୍ବଲପୁର, ୧୪।୧ (ବ୍ୟୁରୋ)**

ଫେବୃୟାରୀ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସମ୍ବଲପୁର କମଳୀବଜାର ଗାୟତ୍ରୀ ଶକ୍ତିପୀଠ ଠାରେ ହେବ । ଏଥିପାଇଁ ଭୂମି ପୂଜନ ଓ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଛି । ଓଡିଶା ରାଜ୍ୟ ଆବାହକ ବାଳକୃଷ୍ଣ ପଣ୍ଡା ଓ ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁସ୍ଥ ଶରୀର, ସ୍ୱଚ୍ଛମନ, ସଭ୍ୟ ସମାଜ, ମନୁଷ୍ୟ ମଧ୍ୟରେ ଦେବତ୍ୱର ଉଦୟ, ଧରାରେ ସ୍ୱର୍ଗର ଅବତରଣ, ପ୍ରତି ଘରେ ଯଜ୍ଞ ଓ ସପ୍ତସୂତ୍ରୀ କାର୍ଯ୍ୟକ୍ରମକୁ ବଢ଼େଇବା ନେଇ ଶପଥ ସଂକଳ୍ପ କରାଯାଇଥିଲା । ମୋହନଧର ବଡଗୟାଁ, ରମେଶଚନ୍ଦ୍ର ତିୱାରୀ, ଉପେନ୍ଦ୍ର ପାଢ଼ୀ, ବାନାମ୍ବର ସର, ସତ୍ୟନାରାୟଣ ପଟେଲ, ଦୁର୍ଗାଚରଣ ମହାରଣା, ଗୋବିନ୍ଦ ହୋତା, ଦିଲୀପ ସାନବଡ, ତୁଷାର ପଟ୍ଟନାୟକ, ବସନ୍ତ ଦାଶ, ପ୍ରେମାନନ୍ଦ ହୋତା, ନଳିନୀ କାନ୍ତ ନାଥ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଶକ୍ତି ବିଭାଗ ପ୍ରଜ୍ଞାପନ ଷ୍ଟଲ୍ ଉଦ୍‌ଘାଟିତ

**ସମ୍ବଲପୁର, ୧୪।୧ (ବ୍ୟୁରୋ)**

ବରଗଡରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ବରଗଡ ଜଜ୍ ହାଇସ୍କୁଲ ପଡିଆରେ ସୋମବାର ଓଡିଶା ଶକ୍ତି ବିଭାଗ ପ୍ରଜ୍ଞାପନ ଷ୍ଟଲ ଉଦ୍‌ଘାଟିତ ହୋଇଛି। ରାଜ୍ୟ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟଲର ଉଦ୍‌ଘାଟନ କରିଥିଲେ । ବରଗଡ ଜିଲାପାଳ ଇନ୍ଦ୍ରମଣୀ ତ୍ରିପାଠୀ, ୱେସ୍କୋ ୟୁଟିଲିଟି ଚିଫ୍ ଅପରେଟିଂ ତରୁଣ ବଲ୍ଲଭ ମିଶ୍ର ସମ୍ମାନୀତ ଅତିଥି ଥିଲେ । ୟୁଟିଲିଟି ଜନସମ୍ପର୍କ ଅଧିକାରୀ ଦେବାନନ୍ଦ ସାମଲଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ବିଦ୍ୟୁତ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବିଭୂତିଭୂଷଣ ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ । ଏହି ଷ୍ଟଲରେ ବିଦ୍ୟୁତ ସେବା, ଯୋଗାଣ, ସଂଗଠନ ଗୁଡିକର ବିଭିନ୍ନ ଗ୍ରାହକ ଶିକ୍ଷା ଓ ସଚେତନତା ଧର୍ମୀ ବାର୍ତ୍ତା ପ୍ରଦର୍ଶିତ ହେବ । ସେହିପରି ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ।



ବରଗଡ ଧନୁଯାତ୍ରା ମହୋତ୍ସବରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଷ୍ଟଲ ଉଦ୍‌ଘାଟନ ଉତ୍ସବରେ ସ୍ୱାଗତ କରାଯାଉଛି ।

## ଫଟୋରେ ଖବର




ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି କରି ୧୩୨ ଦିନରେ ଆନ୍ଦୋଳନ ପହଞ୍ଚିଥିବାବେଳେ ୫୭ ଦିନରେ ରିଲେ ଆମରଣ ଅନଶନ ପହଞ୍ଚିଛି। ସମ୍ବଲପୁର କଚେରି ଛକଠାରେ ଚାଲିଥିବା ଏହି ରିଲେ ଆମରଣ ଅନଶନରେ ସୋମବାର ସାମିଲ ହୋଇଥିବା ବ୍ୟକ୍ତିବିଶେଷ।

# କେନ୍ଦ୍ର ପୁଣି ପୁରୁଣା ଫର୍ମୁଲା ଆପଣେଇଲା

**ସମ୍ବଲପୁର,୧୪।୧(ବ୍ୟୁରୋ)**

ପଶ୍ଚିମଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଦେଇଥିବା ଚିଠିର ଉତ୍ତର ମିଳିଛି। ହେଲେ ଏଠହି ଚିଠିର କିଛି ନୂଆ ନାହିଁ। କେନ୍ଦ୍ର ପୁଣି ପୁରୁଣା ଫର୍ମୁଲା ଆପଣେଇଛି । କେନ୍ଦ୍ର ଆଇନମନ୍ତ୍ରୀ ରବି ଶଙ୍କର ଦେଇଥିବା ଚିଠି ଉପରେ ଜିଲା ଓକିଲ ସଂଘରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ କ୍ରେନ୍ଦ୍ର ଓ ରାଜ୍ୟ ସରକାର ଚିଠି ଦିଆ ନିଆ ରାଜନୀତି କରୁଛନ୍ତି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନା ହେଉ ବୋଲି ଉଭୟ ସରକାର ଚାହୁଁ ନାହାନ୍ତି । ତେଣୁ ଚିରା ଚରିତ ଢଙ୍ଗରେ ବର୍ଷ ବର୍ଷ ହେବ ଚିଠିର ଆଦାନ ପ୍ରଦାନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁୟାରୀ ୧୧ ତାରିଖ ଦେଇଥିବା ଚିଠିକୁ ୨୪ ଘଣ୍ଟା ମଧ୍ୟରେ ୧୨ ତାରିଖ ଆଇନମନ୍ତ୍ରୀ ରବିଶଙ୍କରର ପୁଣି ପୁରୁଣା ଫର୍ମୁଲାରେ ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି । ହେଲେ ସେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିନାହାନ୍ତି ବୋଲି ସିଏସି ପ୍ରବକ୍ତା ଆଇନଜୀବୀ ସୁରେଶ୍ୱର ମିଶ୍ର ଅଭିଯୋଗ କରିଛନ୍ତି । ଯଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରିକତା ରହିଥାନ୍ତା ତାହା ହେଲେ ଦୋଷାରୋପ ନ କରି ଆଲୋଚନା ମାଧ୍ୟମରେ ସମାଧାନ କରି ବେଞ୍ଚ ପାଇଁ ସ୍ଥାନ ଘୋଷଣା ହୋଇଥାନ୍ତେ। ପୂର୍ବରୁ ଅନେକ ଥର ଏଭଳି ଘଟଣା ଦେଖିବାକୁ ମିଳିଛି । ୨୦୧୩ ସେପ୍ଟେମ୍ବର ୨୮ରେ ତତକାଳୀନ ଆଇନ ମନ୍ତ୍ରୀ କପିଲ ଶିବଲ ହାଇକୋର୍ଟ ମୁଖ୍ୟ ବିଚାରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ହାଇକୋର୍ଟର ରାୟ ମଗାଯାଇଥିଲା । ପୁଣି ୨୦୧୫ ଜୁଲାଇ ୨୨ରେ ଆଇନ ମନ୍ତ୍ରୀ ସଦାନନ୍ଦ ଗଉଡ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ । ଏହାର ଜବାବରେ ଅଗଷ୍ଟ ୨ରେ ମୁଖ୍ୟ ବିଚାରପତି ୩ ମାସ ସମୟ ମାଗିଥିଲେ । ହେଲେ ୩ ବର୍ଷ ପରେ ମଧ୍ୟ ହାଇକୋର୍ଟ ପକ୍ଷରୁ କୌଣସି ଉତ୍ତର ଯାଇ ନ ଥିଲା । ଏବେ ପୁଣି ରାଜ୍ୟ ସରକାରଙ୍କୁ ଚିଠି ଲେଖିବାର କୌଣସି ଅବଶ୍ୟକତା ନାହିଁ । ପଶ୍ଚିମ ଓଡିଶାବାସୀ ୪ ମାସ ହେଲା ମାନସିକ ଯନ୍ତ୍ରଣା ଭୋଗ କରୁଛନ୍ତି । ହେଲେ ଉଭୟ ସରକାର ନୀରବ ରହୁଛନ୍ତି । ଏହାର ସମାଧାନ ପାଇଁ କୌଣସି ରାସ୍ତା ବାହାର କରୁନାହାନ୍ତି । ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସୁରେଶ୍ୱର କହିଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସେପ୍ଟେମ୍ବର ୫ ତାରିଖଠାରୁ ଓକିଲମାନେ ଆନ୍ଦୋଳନ କରିଆସୁଛନ୍ତି । ବିଭିନ୍ନ ଉପାୟରେ କରୁଥିବା ଆନ୍ଦୋଳନରେ ଜନ ସମର୍ଥନ ମିଳୁଛି । ହେଲେ ସାଧାରଣ ଲୋକ ଅନେକ ସମସ୍ୟା ଭୋଗୁଛନ୍ତି।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### କଇଁଚି ଦେଖାଇ ଟଙ୍କା ଲୁଟ୍, ୨ ଗିରଫ

**ବେଲପାହାଡ଼,୧୪।୧(ଡି.ଏନ୍.ଏ.)**-କଇଁଚି ଦେଖାଇ ଟଙ୍କା ଲୁଟି ନେବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କୁ ସୋମବାର ଭାରତୀୟ ଦଣ୍ଡବିଧି ଆଇନର ଦଫା ୨୯୪,୩୯୨ ଓ ୩୪ରେ କୋର୍ଟ ଚାଲାଣ କରାଯାଇଛି । ଗିରଫ ଯୁବକମାନେ ହେଲେ ଗୁମାଡ଼େରା ଝଣ୍ଡାପଡ଼ାର ରଞ୍ଜୟ ମହାନନ୍ଦିଆ (୧୯) ଓ ରଞ୍ଜନ ପାଣ୍ଡେ (୧୯) । ଗତ ୧୨ ତାରିଖ ସନ୍ଧ୍ୟାରେ ଟିଆର୍‌ଏଲ ଷ୍ଟାଡ଼ିୟମରେ ରଙ୍ଗପରବ ନାଟ୍ୟ ମହୋତ୍ସବ ଚାଲିଥିଲା। ଅଭିଯୁକ୍ତଦ୍ୱୟ ମଞ୍ଚ ନିକଟକୁ ଯାଇ କେତେଜଣ ଯୁବତୀଙ୍କ ପ୍ରତି ଆଶାଳୀନ ବ୍ୟବହାର କରିଥିଲେ । ଏହା ଦେଖିଲା ପରେ ମହୋତ୍ସବ ଆୟୋଜକ କମିଟିର ସଦସ୍ୟ ସରୋଜ ମିର୍ଦ୍ଧା ସେମାନଙ୍କୁ ବାରଣ କରିଥିଲେ । ମାତ୍ର ସେମାନେ ସରୋଜଙ୍କୁ ଏକ କଇଁଚି ଦେଖାଇ ଧମକ ଦେବା ସହ ତାଙ୍କ ପକେଟରୁ ୬୦୦ ଟଙ୍କା ଟାଣି ନେଇ ଫେରାର୍ ହୋଇଯାଇ ଥିଲେ। ଏହି ଘଟଣାକୁ ନେଇ ସରୋଜ ଗତ ୧୩ ତାରିଖରେ ବେଲପାହାଡ଼ ଥାନାରେ ଅଭିଯୋଗ କଲା ପରେ ପୋଲିସ ଏକ ମାମଲା (ନଂ ୪/୨୦୧୮) ରୁଜୁ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୬୦୦ଟଙ୍କା ସହ ଏକ କଇଁଚି ଜବତ କରିଛି ।

# ମକରରେ ହରିହର ଭେଟ

## ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହେଲା

**ବେଲପାହାଡ଼,୧୪।୧(ଡି.ଏନ୍.ଏ.)**

ସୋମବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରା ଆର୍ତ୍ତତ୍ରାଣ କ୍ଷେତ୍ରରେ ପ୍ରସିଦ୍ଧ ମକରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ସକାଳେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଶ୍ରୀଜୀଉମାନଙ୍କ ସମସ୍ତ ନୀତିକାନ୍ତି ସମାପନ କରିଥିଲେ । ପୂର୍ବାହ୍ନରେ ସେବାସଂଘର ସଦସ୍ୟ ମାନେ ଶ୍ରୀଜୀଉମାନଙ୍କୁ ମକର ବେଢା ପରିକ୍ରମା କରାଇ ରଥ ଉପରକୁ ନେଇଥିଲେ । ରଥରେ ଶ୍ରୀଜୀଉମାନଙ୍କୁ ପୀତବସ୍ତ୍ର ଓ ଅଳଙ୍କାର ଆଭୂଷଣରେ ସଜ୍ଜିତ କରାଇଥିଲେ। ରଥରେ ଶ୍ରୀଜଗନ୍ନାଥ ଆଦିତ୍ୟ ନାରାୟଣଙ୍କ ସ୍ୱରୂପରେ ପୂଜା ପାଇଥିଲେ।

ମଧ୍ୟାହ୍ନ ସାଢ଼େ ୧୨ଟାରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ରଥଟଣା ଆରମ୍ଭ ହୋଇଥିଲା । ଶତାଧିକ ମହିଳା ଓ ପୁରୁଷ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ । ସେଠାରେ ରଥ କିଛି ସମୟ ରହିଲା ପରେ ପୁଣି ଅପରାହ୍ନ ୪ଟା ସମୟରେ ଶ୍ରୀଜୀଉମାନଙ୍କ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁମାନେ ରଥକୁ କିଛି ଦୂର ଟାଣିଲା ପରେ ବାଟମଙ୍ଗଳା ମନ୍ଦିର ନିକଟରେ ରଥ ଅଟକି ରହିଥିଲା । ସେତିକି ବେଳେ ବିପରୀତ ଦିଗ ଗୌରୀଶଙ୍କର ମନ୍ଦିରରୁ ବାହାରିଥିବା ମହାଦେବଙ୍କ ରଥ ବାଟମଙ୍ଗଳା ସମ୍ମୁଖରେ ପହଞ୍ଚିଥିଲା । ଉଭୟ ଶ୍ରୀଜଗନ୍ନାଥ (ହରି) ଓ ମହାଦେବ (ହର) ବସିଥିବା ରଥ ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ମୁହାଁମୁହିଁ ଛିଡ଼ା ହୋଇଥିବା ସମୟରେ ଯାତ୍ରାର ମୁଖ୍ୟ ପର୍ବ ହରିହର ଭେଟ ଉତ୍ସବ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ମହାଦେବଙ୍କ ରଥର ପୂଜକ ହରଙ୍କୁ ହରି ବସିଥିବା ରଥକୁ ନେଇଥିଲେ। ଏହାପରେ ଠାକୁରମାନଙ୍କୁ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହୋଇଥିଲା । ଗୋଟିଏ ରଥରେ ଶ୍ରଦ୍ଧାଳୁମାନେ ହରି ଓ ହରଙ୍କୁ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ । ମହିଳା ଶ୍ରଦ୍ଧାଳୁମାନଙ୍କ ହୁଳହୁଳି ସହିତ ପୁରୁଷ ଶ୍ରଦ୍ଧାଳୁମାନଙ୍କ ହରିବୋଲ,ହରହର ମହାଦେବ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇପଡ଼ିଥିଲା। ଶେଷରେ ହର ଓ ହରି ନିଜ ନିଜ ରଥରେ ବସି ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ । ହରିହର ଭେଟ ପର୍ବରେ ପୂଜକ ବ୍ରଜସୁନ୍ଦର ଶତପଥୀ,ଦିଲୀପ ପଣ୍ଡା,ଶିବଶଙ୍କର ହୋତା ଓ ସୁରେଶ ସାହୁଙ୍କ ସମେତ ବାଟମଙ୍ଗଳା ମନ୍ଦିର କମିଟି ମୁଖ୍ୟ ଉପଦେଷ୍ଟା ବୁଲୁ ପଣ୍ଡା,ଗୌରୀଶଙ୍କର ମନ୍ଦିର କମିଟି ସମ୍ପାଦକ କୁଳମଣି ବଗାର ଓ ଜଗନ୍ନାଥ ସେବାସଂଘର ସମ୍ପାଦକ ଏସ୍.କେ.ମହାପାତ୍ର ସହଯୋଗ କରିଥିଲେ । ମକର ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।



ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହରିହର ଭେଟ ।

### ଝାରସୁଗୁଡ଼ାରେ ସିରିଜ୍ ଦୁର୍ଘଟଣା: ଜଣେ ମୃତ, ୨ ଆହତ

**ଝାରସୁଗୁଡ଼ା ଅଫିସ,୧୪।୧**

ଝାରସୁଗୁଡ଼ା ସହରାଞ୍ଚଳରେ ସୋମବାର ସନ୍ଧ୍ୟାରେ ଏକ ଇନୋଭା କାର ସିରିଜ୍ ଦୁର୍ଘଟଣା ଘଟାଇଛି। ତିନୋଟି ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ତାଲପଟିଆର ଜିତେନ୍ଦ୍ର ରଥ(୪୨)। ଆହତମାନେ ହେଲେ ବିଟିଏମ୍‌ର କମଳେନ୍ଦୁ ପରିଡ଼ା ଓ ଧନେଶ୍ୱର କିଶାନ। ଦୁର୍ଘଟଣା ଘଟାଇଥିବା ଇନୋଭା ଚାଳକ ଡି. ରବିଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଝାରସୁଗୁଡ଼ା ସହରରେ ଏକ ଇନୋଭା (ନଂ.ଓଡ଼ି୧୫ଏଲ୍‌୫୪୯୯) ଆତଙ୍କ ଖେଳାଇଥିଲା। ଗାଡ଼ିଟି ପ୍ରଥମେ କମଳେନ୍ଦୁ ଏବଂ ଧନେଶ୍ୱରଙ୍କୁ ଧକ୍କା ଦେଇଥିଲା। ଉଭୟେ ଆହତ ହୋଇଥିଲା। ଏହାପରେ ଚାଳକ ଗାଡ଼ିକୁ ଜୋରରେ ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଆର୍ଯ୍ୟନ ହୋଟେଲ ସାମ୍ନାରେ ତାଲପଟିଆର ଜିତେନ୍ଦ୍ର ରାସ୍ତା ଅତିକ୍ରମ କରୁଥିବା ବେଳେ ତାଙ୍କୁ ଗାଡ଼ିଟି ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ରବି ଗାଡ଼ି ନେଇ ଫେରାର ହେବାକୁ ଉଦ୍ୟମ କରୁଥିଲେ । ହେଲେ ବେହେରାମାଳରେ ପୁନଶ୍ଚ ଗାଡ଼ିଟି ଧକ୍କା କରିବା ପରେ ଲୋକେ ଚାଳକ ରବିଙ୍କୁ କାବୁ କରି ପୋଲିସ ହେପାଜତରେ ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ଆହତଙ୍କ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଚାଳକ ରବିଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

## ଶିରିଡ଼ି ସାଇଙ୍କ ପାଲିଙ୍କି ଶୋଭାଯାତ୍ରା



ଶିରିଡିସାଇଙ୍କ ପାଲିଙ୍କି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

**ବ୍ରଜରାଜନଗର, ୧୪।୧ (ଡି.ଏନ.ଏ.)**

ବ୍ରଜରାଜନଗରରେ ଚଳିତ ବର୍ଷ ମକର ସଂକ୍ରାନ୍ତି ଉପଲକ୍ଷେ ଶିରିଡି ସାଇଙ୍କ ପାଲିଙ୍କି ଶୋଭାଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ସହରର ସହସ୍ରାଧିକ ସାଇ ଭକ୍ତ ସାମିଲ ହୋଇଥିଲେ । ପଶ୍ଚିମ ଓଡିଶା ସମେତ ପଡୋଶୀ ଛତିଶଗଡ଼ର ବିଭିନ୍ନ ସ୍ଥାନରୁ ୧୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ କଳାକାର ଦଳ ଅଂଶ ଗ୍ରହଣ କରିଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ବରଗଡ ଏମ୍‌ପି ଡ. ପ୍ରଭାସ ସିଂ, ପୂର୍ବତନ ବିଧାୟକ ଅନୁପ ସାଏ, ଝାରସୁଗୁଡ଼ା ଜିଲା ବିଜେଡି ଉପ ସଭାପତି ବିଶ୍ୱନାଥ ନାୟକ, କୋଲିଆରି ବିଭିନ୍ନ କ୍ଷେତ୍ରର ଉଚ୍ଚ ପଦାଧିକାରୀମାନେ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ସୁପ୍ରଭାତରୁ ବାବାଙ୍କ କାକଡ଼ି ଆଳତୀ ହୋଇଥିଲା । ଏହି ସମୟରେ ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନୀରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇ ଉଠୁଥିଲା । ଶୋଭାଯାତ୍ରାର ମୁଖ୍ୟ ଆୟୋଜକ ଶଶାଙ୍କ ଦୀକ୍ଷିତଙ୍କ ଘରୁ ବାବାଙ୍କ ଶୋଭାଯାତ୍ରା ବାହାରି ତେଲେନପାଲି, ରେସନା, ଖଲିଆକାନୀ, ମଣ୍ଡଳିଆ, ଆଦର୍ଶନଗର, ଲମତିବାହାଲ, ୨ନମ୍ବର ମୁଖ୍ୟ ବଜାରଦେଇ ପୁନର୍ବାର ଇଏସଆଇ ଛକକୁ ଆସିଥିଲା । ଏଥିରେ ଜୟନ୍ତ ଦୀକ୍ଷିତ, କ୍ଷୀରୋଦ ରାଉତ, କରନ ସମେତ ଇଏସ୍‌ଆଇ ଛକର ସାଇ ଭକ୍ତମାନେ ସହଯୋଗ କରିଥିଲେ ।

### ଭଲି ବଲ୍ ଟୁର୍ନାମେଣ୍ଟ: ଗୁଡମକୁ ହରାଇ କଣ୍ଢେଇକେଲା ଚାମ୍ପିୟନ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଜାମଗାଁ ଗ୍ରାମରେ ରବିବାର ତ୍ରିରଙ୍ଗା କ୍ଲବ୍ ତରଫରୁ ଏକ ଦ୍ୱିବସୀୟ ଚନ୍ଦ୍ରକାନ୍ତ ସାହୁ ସ୍ମାରକୀ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୧୬ଦଳ ଅଂଶଗ୍ରହଣ କରିଥିଲେ । କଣ୍ଢେଇକେଲା ଓ ଗୁଡମ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଗୁଡମ ଦଳକୁ ୨-୦ପଏଣ୍ଟରେ ହରାଇ କଣ୍ଢେଇକେଲା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ବିଜେତା କଣ୍ଢେଇକେଲା ଦଳକୁ ଚାମ୍ପିୟନ ଟ୍ରଫି ସହ ୩ହଜାର ଓ ଉପବିଜେତା ଗୁଡମ ଦଳକୁ ରନର୍ସ ଟ୍ରଫି ସହ ୨ହଜାର ଟଙ୍କା ପୁରସ୍କାର ବିତରଣ କରାଯାଇଥିଶକ ଏହି ଟୁର୍ନାମେଣ୍ଟକୁ ପ୍ରମୋଦ ଗଡତିଆ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ,କରୁଣାକର ବାରିକ, ରବିରନ୍ ପ୍ରଧାନ, ନାଏବ ସରପଞ୍ଚ କିଶୋର ବିଶି, ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟକୁ ରେଫରୀ ତୁଷାରାମ ପ୍ରଧାନ,ସୁକାନ୍ତ ବାଗ୍, ସୁଦର୍ଶନ ମେହେର, ନେତ୍ରାନନ୍ଦ ପଶାୟତ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଆୟୋଜକ କମିଟି ସଭାପତି ତପେଶ୍ୱର ପ୍ରଧାନ,ସମ୍ପାଦକ ବଲ୍ଲଭ ପ୍ରଧାନ,ମନୋଜ ବେହେରା, ସୁରେଶ ପ୍ରଧାନ, ମନୋଜ ବାରିକ ଓ ରାଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପୁରାତନ ଛାତ୍ରୀଛାତ୍ରମାନେ।

## ମୋ ସ୍କୁଲ ଅଭିଯାନ କମିଟି ଗଠିତ

**କୋଲାବିରା,୧୪।୧(ଡି.ଏନ୍.ଏ.)**

ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ କୋଲାବିରା ପ୍ରାଥମିକ ବିଦ୍ୟାଳୟ କମିଟି ଗଠନ କରାଯାଇଛି। ପ୍ରଧାନ ଶିକ୍ଷକ ଲଲିନ୍ଦ୍ର ଗୋଖରାଙ୍କ ଆହ୍ୱାନରେ ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ କମିଟି ଗଠନରେ ଭାଗ ନେଇଥିଲେ। ଶୁଭେନ୍ଦୁ କୁମାର ଦାସଙ୍କ ପ୍ରସ୍ତାବ ଏବଂ ଧୀରେନ୍ଦ୍ର ଶତପଥୀଙ୍କ ସମର୍ଥନରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରାଙ୍କୁ ଏହି କମିଟିର ସଭାପତି ପାଇଁ ମନୋନୀତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦତଃ ଅର୍ଥରେ ବିଦ୍ୟାଳୟ ଉନ୍ନତି କାର୍ଯ୍ୟ କରାଯିବ। ପୁରାତନ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବୀରେନ୍ଦ୍ର କୁମାର ମହାପାତ୍ର,ଶୁଭେନ୍ଦୁ ଦାସ୍ , ମାନସ ପୁରୋହିତ,ଧୀରେନ୍ଦ୍ର ଶତପଥୀ, ସୁକାନ୍ତ ସାହୁ,ହେମାଞ୍ଜଳି ବେହେରା,କୁମୁଦିନି ରାଏ,ଲବଣୀଧର ମରାଇ,ସୁମନ୍ତ ବହିଦାର,ସୁଦାମ ବଗାର,ଦଶରଥ ରାଏ, ସୁରେନ୍ଦ୍ର ଟଣକାର, କୀର୍ତ୍ତିଚନ୍ଦ୍ର ବହିଦାର ପ୍ରମୁଖ ଯୋଗଦେଇ ଥିଲେ।

### ଅସୁସ୍ଥ ଯୁବକଙ୍କୁ ଚିକିତ୍ସା ପାଇଁ ନେଲା ବିଜୁ ଯୁବବାହିନୀ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କଦମ୍ବଡିହି ପଞ୍ଚାୟତ ବିଜୁ ଯୁବ ବାହିନୀ ସୋମବାର ଜଣେ ମାନସିକ ରୋଗୀଙ୍କୁ ଗୋବିନ୍ଦପୁର ଛକରୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଛନ୍ତି । ଲଖନପୁର ବ୍ଲକ୍ ପୂର୍ବତନ ଉପଧ୍ୟକ୍ଷ ତୁଷାରାମ ପ୍ରଧାନଙ୍କ ସହଯୋଗରେ ଯୁବ ବାହିନୀ ସଦସ୍ୟମାନେ ଅସୁସ୍ଥ ଯୁବକଙ୍କୁ ଆମ୍ବୁଲାନ୍ସରେ ଝାରସୁଗୁଡ଼ା ଜିଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅଧିକ ଚିକିତ୍ସା ଆବଶ୍ୟକ ପଡିଥିଲା । ଫଳରେ ବିଜୁ ଯୁବ ବାହିନୀ ଏ କଥା ମିଶନଆଶ୍ରାକୁ ଜଣାଇଥିଲେ । ଖବରପାଇ ମିଶନଅଶ୍ରାର ସଦସ୍ୟମାନେ ସଂପୃକ୍ତ ଯୁବକଙ୍କୁ ମିଶନ ହସ୍‌ପିଟାଲ୍‌କୁ ନେଇଯାଇଯାଇଛନ୍ତି ।

## ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କତରବଗା ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ଗତ ରବିବାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶହେ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଦୌଡରେ ରମେଶ ପ୍ରଧାନ ପ୍ରଥମ, ଲମ୍ଫଡିଆଁରେ ନିର୍ମଳ ପ୍ରଧାନ ପ୍ରଥମ ଓ ଉଚ୍ଚଡିଆଁରେ ବୃଳେଶ୍ୱର ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୁବ ବାହିନୀ ତରଫରୁ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଏହି କ୍ରୀଡା ପ୍ରତିଯୋଗୀତାକୁ ଡିଲେଶ୍ୱର ଖମାରୀ ପରିଚାଳନା କରିଥିଲେ । ଏହି ଅବସରରେ ମହେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ରୋହିତ ଧୁରୁଆ,ଉମେଶ ପ୍ରଧାନ,ବିଜୁ ଯୁବ ବାହିନୀ ସଭାପତି ପୁଷ୍ପାଞ୍ଜଳି ଭୋଇ, ସମ୍ପାଦକ ପ୍ରେମାନନ୍ଦ ଖମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ବିଜୁ ଯୁବ ବାହିନୀର ସଦସ୍ୟମାନେ।



ପ୍ରାଥମିକ ଶିକ୍ଷକ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ।

### ପ୍ରାଥମିକ ଶିକ୍ଷକ ସଂଘ ଜୋନସ୍ତରୀୟ ବୈଠକ

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗତ ରବିବାର ଦଳଗାଁ ଆଞ୍ଚଳିକ ହାଇସ୍କୁଲ୍‌ରେ ୩ନଂ. ଜୋନ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଶୋଭନାଥ ରାଉତ ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ । ସମ୍ପାଦକ ମୃତ୍ୟୁଞ୍ଜୟ ବିଶ୍ୱାଳ, ଚୋଳଦେବ ସା, ରମେଶ ସାହୁ, ଅଶ୍ୱିନୀ ଦାସ, ବିଜୟ କୁମାର ନାୟକ, ଭଜମନ ବେହେରା, ବୃନ୍ଦାବନ ବେହେରା ଓ ନେତ୍ରାନନ୍ଦ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସାଙ୍ଗଠନିକ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା କରି ସଦସ୍ୟମାନେ ନିଜ ମତ ରଖିଥିଲେ । ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାର ସମାଧାନ ଦିଗରେ ସଂଘ ଜିଲା ସଙ୍ଗଠନର ପରାମର୍ଶ ନେଇ କାମ କରିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏନେଇ ପ୍ରତିସ୍କୁଲ୍‌ରେ ଶିକ୍ଷକମାନେ ସ୍ୱତନ୍ତ୍ରଭାବେ ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଜୋନ୍‌ସ୍ତରୀୟ ବୈଠକ କରାଯିବ । ଏହି ବୈଠକ ମାଧ୍ୟମରେ ସାଙ୍ଗଠନିକ ଆଲୋଚନା ହେବ ବୋଲି ମତ ପ୍ରକାଶ ପାଇଥିଲା । ସିଆର୍‌ସିସି ମୀନକେତନ ଦାସ ଧନ୍ୟବାଦ ଦେଇଥିଲେ।

# ମକର ଯାତ୍ରା,ଶ୍ରଦ୍ଧାଳୁଙ୍କ ଗହଣରେ ହରିହର ଭେଟ



ଗ୍ରାମ ମଝିରେ ହରିହରଙ୍କ ଭେଟ ।

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନେଇ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନାକରି ହରିହରଙ୍କ ଦର୍ଶନ କରିଥିଲେ । ମକର ଚାଉଳ ଖାଇବା ସହ ଭଗବାନଙ୍କୁ ସାକ୍ଷୀରଖି ମକର ବସିଥିଲେ। ପିପିଲିକାନୀ ଗ୍ରାମର ମକର ଯାତ୍ରା ଚଳିତ ବର୍ଷ ୬୧ବର୍ଷରେ ପଦାର୍ପଣ କରିଛି । ଗ୍ରାମର ଯାତ୍ରା କମିଟି ତରଫରୁ ସୋମବାର ଗ୍ରାମ ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମଧ୍ୟାହ୍ନରେ ଶିବ ମନ୍ଦିରରୁ ହର ପାଲିଙ୍କିରେ ବସି ଶୋଭାଯାତ୍ରାରେ ବାହାରି ଥିଲେ । ଶ୍ରୀଜଗନ୍ନାଥ ମନ୍ଦିରରୁ ହରି ଅନ୍ୟ ଏକ ପାଲିଙ୍କିରେ ବସି ଶୋଭାଯାତ୍ରାରେ ବାହାରିଥିଲେ। ଗ୍ରାମ ମଝିରେ ହରିହରଙ୍କ ଭେଟ ହୋଇଥିଲେ । ଶ୍ରଦ୍ଧାଳୁମାନେ ମହାପ୍ରଭୂଙ୍କ ଏହି ଭେଟଘାଟକୁ ଦର୍ଶନ କରିଥିଲେ।

ପୂଜକ ସଚ୍ଚିଦାନନ୍ଦ ମିଶ୍ର ଓ ଜଗଦୀଶ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ । ହରିହରଙ୍କୁ ସାକ୍ଷୀରଖି ଯୁବତୀ,ଯୁବକ,ମହିଳାମାନେ ମକର ଚାଉଳ ଖାଇ ମକର ବସିଥିଲେ । ଏହି ଅବସରରେ ସମ୍ପ୍ରଦା ଯାତ୍ରା ପରିବେଷଣ କରିଥିଲେ ନେଗୀପାଲି ଓ ଛଡାରମା ଗ୍ରାମ ଯାତ୍ରାଦଳ । ବିଭିନ୍ନ ସାଂସ୍କୃତିକ ଦଳ ଏଥିରେ ଯୋଗଦେଇଥିଲେ । ଏହି ଅବସରରେ ମୀନାବଜାର,ବିଭିନ୍ନ ଦୋକାନ ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ଯାତ୍ରା କମିଟି ସଭାପତି ଅଶ୍ୱିନୀ କୁମାର ସାହୁ,ସମ୍ପାଦକ ବିଜୟ ନାୟକ,କୋଷାଧ୍ୟକ୍ଷ ଯୁବରାଜ ସାହୁ,ପିଣ୍ଟୁ ବାରିକ,ଦେବରାଜ ପ୍ରଧାନ,ବିକାଶ ପ୍ରଧାନ,ଲକ୍ଷ୍ମଣ ନାୟକ,ସରୋଜ ବାରିକ,ମଣ୍ଟୁ ବାରିକ,ଆନନ୍ଦ ବାରିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



“ ଏସିଆ କପ୍ ଟାଇଟଲ ଫେଭରାଇଟ୍ ଦଳ ଇରାନ ଓ ଦକ୍ଷିଣ କୋରିଆକୁ ସାମ୍ନା କରିବା ଲାଗି ଅତିରିକ୍ତ ପ୍ରଚେଷ୍ଟା ଆବଶ୍ୟକ ।

–ମାୟା ୟେଶିଦା, ଜାପାନ ଫୁଟ୍‌ବଲ ଟିମ୍ ଅଧିନାୟକ



“ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ପଡ଼ିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ପ୍ରଥମ ଥର କ୍ଷମା ଦେଇଦେବା ଉଚିତ୍ ।

–ସାଇମନ ଟଫେଲ, ବିଶିଷ୍ଟ ଅମ୍ପାୟର



## ସଂକ୍ଷେପରେ

### ଅମ୍ପାୟରଙ୍କ ତ୍ରୁଟି: ଓଭରର ୭ମ ବଲ୍‌ରେ ବ୍ୟାଟ୍ସମ୍ୟାନ ଆଉଟ୍

**ପର୍ଥ, ୧୪।୧(ଏଏଫ୍‌ପି):** ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ଟି୨୦ ଟୁର୍ଣ୍ଣାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଅମ୍ପାୟରଙ୍କ ତ୍ରୁଟି ଯୋଗୁ ମାଇକେଲ କ୍ଲିଙ୍ଗରଙ୍କୁ ଉଇକେଟ୍ ହରାଇବାକୁ ପଡ଼ିଛି। ରବିବାର ରାତିରେ ଏଠାରେ ଘରୋଇ ପର୍ଥ ସ୍କଚର୍ସ ଓ ସିଡ୍‌ନୀ ସିକ୍ସର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଅମ୍ପାୟର ଗୋଟିଏ ଓଭରରେ ଠିକ୍ ଭାବେ ବଲ୍ ଗଣିପାରି ନ ଥିଲେ। ଫଳରେ ବୋଲର ସେହି ଓଭରରେ ୭ଟି ବଲ୍ ପକାଇଥିଲେ। ଦୁର୍ଭାଗ୍ୟବଶତଃ ସ୍କଚର୍ସର ଭେଟେରାନ ବ୍ୟାଟ୍ସମ୍ୟାନ କ୍ଲିଙ୍ଗର ସେହି ୭ମ ବଲରେ ହିଁ ଆଉଟ୍ ହୋଇଥିଲେ। ତଥାପି ଅମ୍ପାୟର ନିଜ ଭୁଲ ବୁଝିପାରି ନ ଥିଲେ। ମ୍ୟାଚ୍‌ରେ ସିଡ୍‌ନୀ ପ୍ରଥମେ ବ୍ୟାଟିଂ କରି ୧୭୭ ରନ୍ କରିଥିଲା। ଜବାବରେ ସ୍କଚର୍ସ ଇନିଂସ୍‌ର ୨ୟ ଓଭରରେ ହିଁ ଏହି ତ୍ରୁଟିପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଥିଲା। ସିଡ୍‌ନୀର ବେନ୍ ଡ୍ୱାରସୁଇସ୍ ଏହି ଓଭରଟି ବୋଲିଂ କରୁଥିଲେ। ବେନ୍ ଗୋଟିଏ ଓଭରରେ ୭ଟି ବଲ୍ ପକାଇଥିବାବେଳେ ଅମ୍ପାୟର ମଧ୍ୟ ଏହା ଜାଣିପାରି ନ ଥିଲେ। ଓଭରର ଅତିରିକ୍ତ ତଥା ୭ମ ବଲ୍‌ରେ କ୍ଲିଙ୍ଗର ଷ୍ଟିଭ୍ ଓ'କିଫଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ତେବେ ଓପନର କାମେରୁନ୍ ବ୍ୟାନକ୍ରଫ୍ଟ (୮୭*) ଓ ଅଧିନାୟକ ଆଷ୍ଟନ ଟର୍ନର (୬୦ ରନ, ୩୦ ବଲ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସ୍କଚର୍ସ ୩ ଉଇକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। 'ଏହା ଏକ ଭୁଲ ଗଣତି ଥିଲା। ଫଳରେ ଅମ୍ପାୟର ବୋଲରଙ୍କୁ ୭ମ ବଲ୍ ପକାଇବାକୁ ଅନୁମତି ଦେଇଥିଲେ' ବୋଲି କ୍ରିକେଟ ଅଷ୍ଟ୍ରେଲିଆର ଜଣେ ଅଧିକାରୀ କହିଛନ୍ତି।

### ମାଲେସିଆ ମାଷ୍ଟର୍ସରୁ ସାଇନା, ଶ୍ରୀକାନ୍ତଙ୍କ ସିଜନ ଆରମ୍ଭ

**କୁଆଲାଲମ୍ପୁର, ୧୪।୧(ପି.ଟି.):** ଦୁଇ ଭାରତୀୟ ସଟ୍‌ଲର କିଡାମ୍ବୀ ଶ୍ରୀକାନ୍ତ ଓ ସାଇନା ନେହ୍ୱାଲ ମଙ୍ଗଳବାରଠାରୁ ଅନୁଷ୍ଠିତ ହେବାକୁ ଥିବା ମାଲେସିଆ ଓପନ୍ ୱାର୍ଲ୍ଡ ଟୁର୍ ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟରୁ ସେମାନଙ୍କ ସିଜନ ଆରମ୍ଭ କରିବେ। ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ଶ୍ରୀକାନ୍ତ ୨୦୧୭ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। କିନ୍ତୁ ଗତ ସିଜନରେ ସେ କେବଳ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ ଜିତିବା ସହ ଶୀର୍ଷ ସ୍ଥାନ ହାସଲ କରିଥିଲେ ମଧ ଗୋଟିଏ ବି ଟାଇଟଲ ଜିତିପାରି ନ ଥିଲେ। ୨୫ ବର୍ଷୀୟ ଶ୍ରୀକାନ୍ତ ହଂକଂର ଏନ୍ କା ଲଙ୍ଗଙ୍କ ବିପକ୍ଷରୁ ଖେଳି ବୁଧବାର ପ୍ରତିଯୋଗିତାରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଅପରପକ୍ଷରେ ସାଇନାଙ୍କ ପାଇଁ ୨୦୧୮ ସିଜନ ସଫଳମୟ ବର୍ଷ ରହିଥିଲା। ସାଇନା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨ୟ ସ୍ୱର୍ଣ୍ଣପଦକ ଜିତିବା ସହ ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନଶିପ୍‌ରେ ୩ୟ ସ୍ଥାନ ହାସଲ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଇଣ୍ଡୋନେସିଆ ମାଷ୍ଟର୍ସ, ଡେନ୍‌ମାର୍କ ଓପନ୍ ଓ ସୟଦ ମୋଦି ଇଣ୍ଟରନ୍ୟାଶନାଲର ଫାଇନାଲକୁ ମଧ ପ୍ରବେଶ କରିଥିଲେ। ନିକଟରେ ସାଥୀ ଖେଳାଳି ପି. କାଶ୍ୟପଙ୍କୁ ବିବାହ କରିଥିବା ସାଇନା ମାଲେସିଆ ମାଷ୍ଟର୍ସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ହଂକଂର ଡେଙ୍ଗ୍ ଜୟ ଜୁଆନଙ୍କୁ ଭେଟିବେ। ତେବେ ବି. ସାଇ ପ୍ରଣୀଥ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଜଣାପଡ଼ିଛି। ପୁରୁଷ ଡବଲ୍ସରେ ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏବଂ ମହିଳା ଡବଲ୍ସରେ ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ମଧ ମାଲେସିଆ ମାଷ୍ଟର୍ସରୁ ସିଜନ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି।

### ନୂଆସାହି ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଫୁଲନଖରା, ୧୪।୧:** କଟକ ଥାନା ଅଧିନସ୍ଥ ଗୋପାଳପୁର ତାରିଣୀ ପୀଠ ଖେଳ ପଡିଆରେ ଦୁଇ ଦିନଧରି ଚାଲିଥିବା ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌କୁ କର୍ପୋରେଟର ଲଳିତ ଶେଖର ନାୟକ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଜାଗୁଆର ଓ ବଣ୍ଡଷ୍ଟ୍ରାଇକର ଦଳ ପରସ୍ପରକୁ ଭେଟିଥିଲେ। ଏଥିରେ ବଣ୍ଡ ଷ୍ଟ୍ରାଇକର ଟିମ୍ ୧୨ ରନରେ ବିଜୟୀ ହୋଇଥିଲା। ଅଖିଳେଶ୍ୱର ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍‌ରେ କଟକ ସଦର ନେତା ଦିଲିପ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।





ଅଷ୍ଟ୍ରେଲିଆନ୍ ଓପନ ଟେନିସ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ସ୍ପେନ୍‌ର ରାଫାଲ ନାଡାଲ ଓ ଡାନିଏଲ କଲିନ୍ସ

# ପ୍ରଥମ ରାଉଣ୍ଡରୁ ମୁରେଙ୍କ ବିଦାୟ

## ଅଷ୍ଟ୍ରେଲିଆନ ଓପନ ଟେନିସ



ଆଣ୍ଡି ମୁରେ

**ମେଲବୋର୍ଣ୍ଣ, ୧୪।୧(ଏଏଫ୍‌ପି)**

ବ୍ରିଟେନର ଆଣ୍ଡି ମୁରେ ସୋମବାର ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସର ପ୍ରଥମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ମେଲବୋର୍ନ ପାର୍କରେ ପୂର୍ବରୁ ୫ ଥର ଫାଇନାଲରେ ପ୍ରବେଶ କରିଥିବା ମୁରେ ଏଥର ସଂଘର୍ଷପୂର୍ଣ୍ଣ ପ୍ରଥମ ରାଉଣ୍ଡ ମ୍ୟାଚରେ ସ୍ପେନର ୨୨ତମ ସିଡ୍ ରବର୍ଟୋ ବାଟିଷ୍ଟା ଅଗଟ୍‌ଙ୍କଠାରୁ ୪-୬, ୪-୬, ୭-୬(୭-୫), ୭-୬(୭-୪), ୨-୬ ସେଟ୍‌ରେ ହାରି ବିଦାୟ ନେଇଛନ୍ତି। ୩୧ ବର୍ଷୀୟ ମୁରେ ଚଳିତ ବର୍ଷର ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ପରେ ଅବସର ନେବେ ବୋଲି ସୂଚନା ଦେଇ ସାରିଛନ୍ତି। ଏପରିକି ଅଷ୍ଟ୍ରେଲିଆନ ଓପନ ମଧ୍ୟ ତାଙ୍କର ଶେଷ ଇଭେଣ୍ଟ ହୋଇପାରେ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା ସପ୍ତାହରେ ସେ ନିଜ କ୍ୟାରିୟର ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ରୋଜର ଫେଡରର, ରାଫାଲ ନାଡାଲ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ସୁଇଜରଲାଣ୍ଡର ଫେଡରର ୬-୩, ୬-୪, ୬-୪ ସେଟ୍‌ରେ ଉଜବେକିସ୍ତାନର ଡେନିସ ଇସ୍ତୋମିନଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପାଦରେ ଅସ୍ତ୍ରୋପଚାର ଯୋଗୁ ୨୦୧୮ ସିଜନରେ କମ୍ ମ୍ୟାଚ ଖେଳିଥିବା ନାଡାଲ ଏଠାରେ ୱାଇଲ୍ଡକାର୍ଡ ଧାରୀ ଜେମ୍ସ ଡକ୍‌ୱର୍ଥଙ୍କୁ ୬-୪, ୬-୩, ୭-୫ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦୀର୍ଘଦିନ ଖେଳରୁ ଦୂରେଇ ରହିବାପରେ ପ୍ରତ୍ୟାବର୍ତ୍ତନ ସହଜ ନୁହେଁ। ତେବେ ମୁଁ ଏବେ ପାଦରେ ଯନ୍ତ୍ରଣା ଅନୁଭବ କରୁନାହିଁ ବୋଲି ୧୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ପ୍ରକାଶ କରିଛନ୍ତି। ଓପନ ଯୁଗର ପ୍ରଥମ ଖେଳାଳି ଏବଂ ରୟ ଏମରସନ ଓ ରଡ୍ ଲାଭରଙ୍କ ପରେ ଟେନିସ ଇତିହାସର ତୃତୀୟ ଖେଳାଳିଭାବେ ନାଡାଲ ପ୍ରତି ଗ୍ରାଣ୍ଡସ୍ଲାମକୁ ୨ କିମ୍ବା ତଦୂର୍ଦ୍ଧଥର ଜିତିବାର ଦାବିଦାର ହୋଇଛନ୍ତି। ସେ କେବଳ ଅଷ୍ଟ୍ରେଲିଆନ ଓପନକୁ ଥରେ ୨୦୦୯ରେ ଜିତିଥିବାବେଳେ ଅନ୍ୟ ୩ଟି ଯାକ ଗ୍ରାଣ୍ଡସ୍ଲାମକୁ ଏକାଧିକଥର ଜିତି ସାରିଛନ୍ତି। ୫ମ ସିଡ୍ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ପ୍ରଥମ ସିଡେଡ୍ ଖେଳାଳିଭାବେ ଆମେରିକାର ଜନ୍ ଇସନେର(୯ମ ସିଡ୍) ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ନିଜ ଦେଶର ରିଲି ଓପେକାଙ୍କଠାରୁ ୬-୭(୪-୭), ୬-୭(୬-୮), ୭-୬(୭-୪), ୬-୭(୫-୭) ସେଟ୍‌ରେ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ କାରୋଲିନ ଓଜନିଆକି ୬-୩, ୬-୪ ସେଟ୍‌ରେ ଆଲିସନ ଭାନ୍ ଉଟ୍‌ଭାନ୍‌କଙ୍କୁ, ଦ୍ୱିତୀୟ ସିଡ୍ ୨୦୧୬ ଚାମ୍ପିୟନ ଆଞ୍ଜେଲିକ୍ କର୍ବର ୬-୨, ୬-୨ ସେଟ୍‌ରେ ପୋଲୋନା ହର୍କଗଙ୍କୁ, ୨୦୦୮ ଚାମ୍ପିୟନ ମାରିଆ ଶାରାପୋଭା ୬-୦, ୬-୦ ସେଟ୍‌ରେ ହାରେଟ୍ ଡାର୍ଟଙ୍କୁ, ଡାନିଏଲ କଲିନ୍ସ ୨-୬, ୭-୬(୭-୫), ୬-୪ ସେଟ୍‌ରେ ଜୁଲିଆ ଜର୍ଜେସଙ୍କୁ, ପେଟ୍ରା କ୍ୱିଟୋଭା ୬-୩, ୬-୨ ସେଟ୍‌ରେ ମାଗ୍‌ଡାଲେନା ରିବାରିକୋଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ପ୍ରଜନେଶଙ୍କ ବିଦାୟ

ଭାରତର ପ୍ରଜନେଶ ଗୁଣେଶ୍ୱରମ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମରେ ଆରମ୍ଭରୁ ଝୁଣ୍ଟିଛନ୍ତି। ସୋମବାରଠାରୁ ଏଠାରେ ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଆମେରିକାର ଫ୍ରାନ୍‌ସେସ୍ ଟିଆଫୋଏ ୭-୬ (୯-୭), ୬-୩, ୬-୩ ସିଧାସଳଖ ସେଟ୍‌ରେ ପ୍ରଜନେଶଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୩୯ତମ ସ୍ଥାନରେ ରହିଥିବା ଫ୍ରାନ୍‌ସେସଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୫୨ ମିନିଟ୍ ସମୟ ଲାଗିଥିଲା। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଙ୍କିତା ରାଇନା ଓ କର୍ମନ କୌର ଥାଣ୍ଡି ଯଥାକ୍ରମେ ଯୋଗ୍ୟତା ପର୍ଯ୍ୟାୟର ୨ୟ ଓ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ପାଣ୍ଡ୍ୟା, ରାହୁଲଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

**ନୂଆଦିଲ୍ଲୀ, ୧୪।୧ (ପି.ଟି.)**

ଏକ ଟିଭି ଚ୍ୟାଟ୍ ଶୋ' ବେଳେ ସ୍ତ୍ରୀ ଜାତି ବିରୋଧରେ ଟିପ୍ପଣୀ ପାଇଁ ସସ୍‌ପେଣ୍ଡ ହୋଇଥିବା ଦୁଇ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ. ରାହୁଲ ସୋମବାର ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏଣେ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ କହିଛନ୍ତି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଖେଳାଳି ଦ୍ୱୟଙ୍କ କ୍ୟାରିୟର ଶେଷ କରା ନ ଯାଉ। ସେମାନଙ୍କୁ ସଂଶୋଧନ ହେବା ଲାଗି ସୁଯୋଗ ଦିଆଯାଉ। ଦୁଇ କ୍ରିକେଟରଙ୍କ କ୍ଷମା ପ୍ରାର୍ଥନା ସତ୍ତ୍ୱେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ୧୦ଟି ୟୁନିଟ୍ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଇବା ଲାଗି ଦାବି କରିଛନ୍ତି। ଘଟଣାର ତଦନ୍ତ ପାଇଁ ଜଣେ ଅମ୍ବୁଡ୍‌ସମ୍ୟାନଙ୍କୁ ନିଯୁକ୍ତି ଦେବା ଲାଗି ସେମାନେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସକ କମିଟି ସଦସ୍ୟା ଡାଏନା ଇଡୁଲ୍‌ଜୀ ପ୍ରଶାସକ କମିଟି ଓ ବିସିସିଆଇ କର୍ମକର୍ତ୍ତାଙ୍କ ଦ୍ୱାରା ତଦନ୍ତ କରାଯିବା ଲାଗି ଅଡ଼ି ବସିଛନ୍ତି। ପାଣ୍ଡ୍ୟା ଓ ରାହୁଲ ଯେଉଁ ମନ୍ତବ୍ୟ ଦେଇଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ମଧ୍ୟ ତାହାର ସମାଲୋଚନା କରିଛନ୍ତି। ତରବରିଆ ତଦନ୍ତ ଦ୍ୱାରା ଘଟଣାକୁ ଘଣ୍ଟ ଘୋଡାଇ ଦିଆଯାଇ ପାରେ ଇଡୁଲ୍‌ଜୀ ଆଶଙ୍କା ପ୍ରକାଶ କରିଛନ୍ତି। ଏଣେ ବିସିସିଆଇର ନୂଆ ସମ୍ବିଧାନର ଧାରା ୪୧ (ସି) ଅନୁସାରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ)ଙ୍କ ଦ୍ୱାରା ଘଟଣାର ତଦନ୍ତ ପାଇଁ ସିଓଏ ମୁଖ୍ୟ ନିର୍ଦ୍ଦେଶ ଦେଇ ସାରିଥିବା ବିସିସିଆଇର ଜଣେ ବରିଷ୍ଠ ଅଫିସିଆଲ ସୂଚନା ଦେଇଛନ୍ତି। ପାଣ୍ଡ୍ୟା ଓ ରାହୁଲଙ୍କୁ ତୁରନ୍ତ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରାଇ ଆଣିବା ଦ୍ୱାରା ଆଉ ୪ ମାସରୁ କମ୍ ସମୟ ଥିବା ବିଶ୍ୱକପ୍‌ରେ ସେମାନେ ଖେଳିବେ କି ନା ତାହା ଝୁଲା ଅବସ୍ଥାରେ ରହିଛି। ରାୟ ଇତିମଧ୍ୟରେ ଇଡୁଲ୍‌ଜୀଙ୍କ ନିକଟକୁ ଏକ ଇ-ମେଲ୍ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, କୌଣସି ଯୁବ ଖେଳାଳିଙ୍କ କ୍ୟାରିୟରର ଅନ୍ତ ଘଟାଇବା ବିସିସିଆଇର କାର୍ଯ୍ୟ ନୁହେଁ। ପଡ଼ିଆ ବାହାରେ ଖେଳାଳିଙ୍କ ଏଭଳି ଆଚରଣ ଆଦୌ ଶୋଭନୀୟ ନୁହେଁ। ସେମାନଙ୍କୁ ଠିକଣା ରାସ୍ତାକୁ ଆଣିବା ହେଉଛି ଆମର କାର୍ଯ୍ୟ। ଅଷ୍ଟ୍ରେଲିଆ ଟୁର୍‌ରୁ ଖେଳାଳି ଦ୍ୱୟଙ୍କୁ ଫେରାଇ ଆଣିବା ଏବଂ ସେମାନଙ୍କୁ ସସ୍‌ପେଣ୍ଡ କରିବା ଦ୍ୱାରା ସେମାନେ ଲଜ୍ଜିତ ହୋଇଛନ୍ତି। ଆମେ ସେମାନଙ୍କ କ୍ୟାରିୟର ନଷ୍ଟ ନ କରି ସୁଧାରିବା ପାଇଁ ସୁଯୋଗ ଦେବା ଉଚିତ୍।

# ରାମେଶ୍ୱର ସ୍ପୋର୍ଟିଂ ସେମିରେ

**ଭଣ୍ଡାରିପୋଖରୀ, ୧୪।୧(ଡି.ଏନ.ଏ.)**

**ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆ ଠାରେ ଦ୍ୱାଦଶତମ ଆନ୍ତଜିଲା ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଶ୍ରାବଣୀ କ୍ରିକେଟ କ୍ଲବ ଯାଜପୁର ସିଂହପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରିଥିଲା। ଜବାବରେ ଶ୍ରାବଣୀ କ୍ରିକେଟ କ୍ଲବ ୧୦୦ ରନ କରି ୧୯ ଓଭର ୧ ବଲରେ ଅଲଆଉଟ ହୋଇଯାଇଥିଲା। ଶରତ ଚନ୍ଦ୍ର ଜେନା ଓ ଲଲାଟ କେଶରୀ ନନ୍ଦ ଅମ୍ପାୟର ଥିବା ବେଳେ ଚିନ୍ମୟ ରାଉତରାୟ, ବୀରନାରାୟଣ ମାଝୀ, ସୁବ୍ରତ ସ୍ୱାଇଁ ସ୍କୋରର ଥିଲେ। ବିଷ୍ଣୁଚରଣ ବୋଇତାଇ ଓ ପ୍ରଦୀପ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଗୋପିନାଥ ନାୟକ, ସଭାପତି ବିଶ୍ୱନାଥ ମାଝୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ମ୍ୟାଚ କଟକର ବିଶ୍ୱଭାରତୀ କ୍ରିକେଟ ଟିମ୍ ସହିତ ଭୁବନେଶ୍ୱରର କ୍ରାଉନକ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ଲା ଲିଗାରେ ମେସିଙ୍କ ୪୦୦ ଗୋଲ୍

**ବାର୍ସିଲୋନା, ୧୪।୧(ଏଏଫ୍‌ପି)**

ଆର୍ଜେଣ୍ଟିନା ଷ୍ଟାର୍ ଫୁଟ୍‌ବଲର ଲିଓନେଲ ମେସି ସ୍ପାନିଶ୍ ଫୁଟ୍‌ବଲ ଲିଗ୍ ଲା ଲିଗା'ରେ ୪୦୦ତମ ଗୋଲ ସ୍କୋର କରିଛନ୍ତି। ରବିବାର ରାତିରେ ବାର୍ସିଲୋନା ଓ ଇବାର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ମେସି ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ବାର୍ସିଲୋନା ୩-୦ ଗୋଲରେ ବିଜୟ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୫୩ତମ ମିନିଟ୍‌ରେ ମେସି ଏହି ଗୋଲଟି ଦେଇଥିଲେ। ଲା ଲିଗା'ରେ ନିଜର ୪୩୫ତମ ମ୍ୟାଚ୍ ଖେଳିବା ଅବସରରେ ମେସି ଏହି ମାଇଲଷ୍ଟୋନ ଛୁଇଁଥିଲେ। ୪୦୦ ଗୋଲ ମଧ୍ୟରୁ ମେସି ବାମପାଦରେ ସର୍ବାଧିକ ୩୨୬, ଡାହାଣ ପାଦରେ ୫୯, ମୁଣ୍ଡରେ ୧୪ ଓ ଅନ୍ୟ ସ୍ଥାନରେ ଗୋଟିଏ ଗୋଲ କରିଛନ୍ତି। ଏଥିସହ ୟୁରୋପ୍‌ର ଟପ୍-୫ ଲିଗ୍‌ର କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟରେ ୪୦୦ ଗୋଲ ସ୍କୋର କରିବାରେ ୩୧ ବର୍ଷୀୟ ମେସି ପ୍ରଥମ ଖେଳାଳି ହୋଇଛନ୍ତି। ଅପରପକ୍ଷରେ ୟୁରୋପ୍‌ର ଟପ୍-୫ ଲିଗ୍‌ରେ ୪୦୦ ଗୋଲ କରିବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୫୦୭ ମ୍ୟାଚ୍‌ରୁ ୪୦୯ ଗୋଲ)ଙ୍କ ପରେ ମେସି ୨ୟ ଖେଳାଳି ହୋଇଛନ୍ତି। ରୋନାଲ୍ଡୋ ଇଂଲଣ୍ଡ, ସ୍ପେନ୍ ଓ ଇଟାଲୀରେ ୟୁରୋପୀୟ ଲିଗ୍‌ରେ ଅଂଶଗ୍ରହଣ କରି ଏହି ସଫଳତା ପାଇଛନ୍ତି। ଲା ଲିଗାରେ ୨୯ଟି ଟିମ୍ ଯେତିକି ସଂଖ୍ୟକ ଗୋଲ କରିନାହାନ୍ତି ମେସି ଏକାକୀ ସେମାନଙ୍କଠାରୁ ଅଧିକ ସ୍କୋର କରିଛନ୍ତି। ସେହିଭଳି ଲା ଲିଗା'ରେ ସେଭିଲା କ୍ଲବ ବିପକ୍ଷରେ ମେସି ସର୍ବାଧିକ ୨୫ ଗୋଲ କରିଛନ୍ତି।



ଲିଓନେଲ ମେସି

# ବାଲିଅନ୍ତା ଚାମ୍ପିୟନ

**ଫୁଲନଖରା, ୧୪।୧ (ଡି.ଏନ.ଏ.):** ଅନନ୍ତପୁର କ୍ରିକେଟ ପଡ଼ିଆରେ ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ପ୍ରଥମ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଫୁଲନଖରାକୁ ପରାସ୍ତ କରି ବାଲିଅନ୍ତା ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବାଲିଅନ୍ତା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ ଫୁଲନଖରା ୧୭.୫ ଓଭରରେ ୧୩୮ ରନକରି ଅଲଆଉଟ ହୋଇ ଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଏବଂ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସମିତି ସଭ୍ୟ ମହେଶ୍ୱର ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ସାସମଲ, ନିରଞ୍ଜନ ସାସମଲ, ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଉତ୍କଳ କରାଟେ ସ୍କୁଲ କଟକ ଶାଖାର ବେଲ୍ଟ ଟେଷ୍ଟରେ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ସହ।

# ବୋଧପୁର ଫୁଟବଲ ଟୁର୍ନାମେଣ୍ଟ: ଏନ୍‌ଆର୍‌ଆର୍‌ଆଇ ବିଜୟୀ

**କଟକ ସଦର, ୧୪।୧(ଡି.ଏନ.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ସ୍ଥିତ ସ୍ୱସ୍ତିକ ଫୁଟବଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯୁଧିଷ୍ଠିର ସାହୁ ଫୁଟବଲ ଟୁର୍ନାମେଣ୍ଟରେ ଏନ୍‌ଆରଆରଆଇ (ଜାତୀୟ ଧାନ ଗବେଷଣା ସଂସ୍ଥା) ଟାଇଟଲ ହାସଲ କରିଛି। ରବବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏନ୍‌ଆରଆରଆଇ ଓ ଏରଞ୍ଚ ଦଳ ପରସ୍ପରକୁ ଭେଟିଥିଲେ। ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହେବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ଏନ୍‌ଆରଆରଆଇ ୫-୪ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ମୁଖ୍ୟ ଅତିଥି ଓ ଶକ୍ତିପ୍ରସାଦ ସ୍ୱାଇଁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ୧୨୧ ବର୍ଷ ତଳେ ଜୋଏ ମାରିଥିଲେ ପ୍ରଥମ ଟେଷ୍ଟ ଛକା

**ଦୁବାଇ, ୧୪।୧:** କ୍ରିକେଟ୍‌ର ସବୁଠୁ ଲମ୍ବା ଫର୍ମାଟ୍ ଟେଷ୍ଟ ୧୮୭୭ ମାର୍ଚ୍ଚ ୧୯ରେ ଆରମ୍ଭ ହୋଇଥିଲା। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରିକେଟ ଇତିହାସର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ତେବେ ଏହାର ୨୧ ବର୍ଷ ପରେ ତଥା ଆଜକୁ ଦୀର୍ଘ ୧୨୧ ବର୍ଷ ତଳେ ଟେଷ୍ଟ କ୍ରିକେଟର ପ୍ରଥମ ଛକା ଦେଖିବାକୁ ମିଳିଥିଲା। ୧୮୯୮ ଜାନୁୟାରୀ ୧୪ରେ ଅଷ୍ଟ୍ରେଲିଆର ଓପନିଂ ବ୍ୟାଟ୍ସମ୍ୟାନ ଜୋଏ ଡାର୍ଲିଂ ଟେଷ୍ଟର ସର୍ବପ୍ରଥମ ଛକା ମାରିଥିଲେ। ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ବାମହାତୀ ଜୋଏ ଏହି କୃତିତ୍ୱ ହାସଲ କରିଥିଲେ। ଫଳରେ ଟେଷ୍ଟ ଇତିହାସର ପ୍ରଥମ ଛକା ମାରିଥିବା ବ୍ୟାଟ୍ସମ୍ୟାନଭାବେ ଜୋଏଙ୍କ ନାମ ରେକର୍ଡ ବୁକ୍‌ରେ ରହିଗଲା। ସେତେବେଳେ ଯେଉଁ ବ୍ୟାଟ୍ସମ୍ୟାନ ବାଉଣ୍ଡରି କ୍ଲିୟର କରୁଥିଲେ ୫ ରନ୍ ମିଳୁଥିଲା। ଜୋଏ ୧୮୯୪ରୁ ୧୯୦୫ ମଧ୍ୟରେ ଅଷ୍ଟ୍ରେଲିଆ ପକ୍ଷରୁ ୩୪ ଟେଷ୍ଟ ଖେଳି ୩ଟି ଶତକ ସହାୟତାରେ ୧୬୫୭ ରନ କରିଥିଲେ। ଟେଷ୍ଟ ଇତିହାସରେ କୌଣସି ସିରିଜରେ ୫୦୦ ରନ୍ ସଂଗ୍ରହ କରିବାରେ ଜୋଏ ପ୍ରଥମ ବ୍ୟାଟ୍ସମ୍ୟାନ ଥିଲେ।





“ ଜଣେ ବୋଲର ନିୟମିତ ଭାବେ ଅନ୍ତର୍ଜାତୀୟ ମ୍ୟାଚ ନ ଖେଳିଲେ ବୋଲିଂର ରିଦିମ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଥାଏ ।
–ଭୁବନେଶ୍ୱର କୁମାର, ଭାରତୀୟ ବୋଲର



“ ଅଧିନାୟକ ଆରୋନ ଫିଞ୍ଚ୍ ଖୁବ୍ ଶୀଘ୍ର ତାଙ୍କ ଫର୍ମ ଫେରିପାଇବେ ଏବଂ ଦଳ ପାଇଁ ମ୍ୟାଚ ବିଜୟୀ ଇନିଂସ ଖେଳିବେ ବୋଲି ମୋର ଆଶା ।
–ଆଲେକ୍ସ କ୍ୟାରେ, ଅଷ୍ଟ୍ରେଲିଆ ଉପଅଧିନାୟକ

**ସଂକ୍ଷେପରେ**

## ଦକ୍ଷିଣ ଆଫ୍ରିକାର ସିରିଜ ସୁଇପ୍

**ଜୋହାନ୍ସବର୍ଗ, ୧୪।୧:** ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌କୁ ଘରୋଇ ଦକ୍ଷିଣ ଆଫ୍ରିକା ଦଳ ୧୦୭ ରନ୍‌ରେ ଜିତିନେଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୮୧ ରନ୍‌ର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ମ୍ୟାଚ୍‌ର ୪ର୍ଥ ଦିବସ ସୋମବାର ୨ୟ ଇନିଂସରେ ୨୭୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ତୃତୀୟ ଦିବସ ସୁଦ୍ଧା ପାକିସ୍ତାନ ୨ୟ ଇନିଂସରେ ୩ ଉଇକେଟ୍ ହରାଇ ୧୫୩ ରନ୍ କରିଥିଲା। ତେବେ ୪ର୍ଥ ଦିବସରେ ପାକିସ୍ତାନ ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୧୨୦ ରନ୍ ଯୋଗକରି ବଳକା ୭ଟି ଉଇକେଟ୍ ହରାଇଥିଲା। ପାକିସ୍ତାନ ପକ୍ଷରୁ ଆସଦ୍ ସଫିକ୍ (୬୫), ଶାଦବ ଖାଁ (୪୭*), ବାବର ଆଜମ (୨୧), ଇମାମ୍ ଉଲ୍-ହକ (୩୫) ଓ ଶାନ୍ ମାସୁଦ୍ (୩୭) ଉପଯୋଗୀ ବ୍ୟାଟିଂ କରିଥିଲେ ମଧ୍ୟ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁଏନ୍ ଓଲିଭର ଓ କାଗିସୋ ରାବାଡା ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୬୨ ଓ ୩୦୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାକିସ୍ତାନ ଏହାର ପ୍ରଥମ ଇନିଂସ୍‌ରେ ୧୮୫ ରନ୍ କରି ସୀମିତ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ୧୨୯ ରନ୍‌ର ଶତକୀୟ ଇନିଂସ ଖେଳିଥିବା କ୍ୱିଣ୍ଟନ ଡି'କକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଡିନ୍ ଏଲଗାରଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ପ୍ରଥମ ଓ ୨ୟ ଟେଷ୍ଟକୁ ଯଥାକ୍ରମେ ୬ ଓ ୯ ଉଇକେଟ୍‌ରେ ଜିତିଥିଲା। ଦୁଇ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୧୯ରୁ ପୋର୍ଟ ଏଲିଜାବେଥ୍‌ରେ ଆରମ୍ଭ ହେବ।

### ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଓଡ଼ିଶା ପୋଲିସ ଚାମ୍ପିୟନ

**ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ରାମନଗରସ୍ଥ ହାଇଟେକ୍ ପ୍ଲାଜା ଖେଳ ପଡିଆରେ ଗତ ତିନିଦିନ ଧରି ଚାଲିଥିବା ୬୬ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ପୋଲିସ ଦଳ ଚାମ୍ପିୟନ ଟାଇଟଲ ହାସଲ କରିଛି। ମହିଳା ବିଭାଗରେ କେନ୍ଦ୍ରାପଡା ଦଳ ରନର୍ସ ଅପ ଏବଂ ପୁରୁଷ ବିଭାଗରେ ଢେଙ୍କାନାଳ ଦଳ ରନର୍ସ ଅପ୍ ହୋଇଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ମହିଳା ବିଭାଗରେ ଯୁଗ୍ମ ଭାବେ କଟକ ଓ କିଟ୍ ଦଳ ଏବଂ ପୁରୁଷ ବିଭାଗରେ କଟକ ଏବଂ ଏନ୍‌ଆର୍‌ଆଇ ଦଳ ରହିଛନ୍ତି। ପୁରୁଷ ବିଭାଗରେ ମ୍ୟାନ ଅଫ ଦ ଫାଇନାଲ ଭାବେ ଓଡିଶା ପୋଲିସର ଅନିଲ ପ୍ରଧାନଙ୍କୁ ବିବେଚିତ କରାଯାଇଛି। ବେଷ୍ଟ ରେଡର୍ କଟକ ଦଳର ଅରବିନ୍ଦ ଖୁଣ୍ଟିଆ, ବେଷ୍ଟ ଡିଫେଣ୍ଡର ଭାବେ ଢେଙ୍କାନାଳ ଦଳର ପ୍ରିୟବ୍ରତ ସାମଲ, ବେଷ୍ଟ ପ୍ଲେୟାର ଭାବେ ଓଡିଶା ପୋଲିସର ମନିନ୍ଦର ସାହୁ ବିବେଚିତ ହୋଇଛନ୍ତି । ମହିଳା ଦଳରେ ଓମ୍ୟାନ ଅଫ ଦ ଫାଇନାଲ ଭାବେ ରଶ୍ମିତା ସାହୁ, ବେଷ୍ଟ ରେଡେର୍ ଭାବେ ଝୁନୁବାଲା ବିଦ୍ଧାଣି, ବେଷ୍ଟ ଡିଫେଣ୍ଡର ଭାବେ ଶ୍ରଦ୍ଧାଞ୍ଜଳି ପଣ୍ଡା ଏବଂ ବେଷ୍ଟ ଓମେନ ଭାବେ କଟକ ଦଳର ନୀତୁ ବିବେଚିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରଳା ସ୍ୱାଭିମାନ ମଞ୍ଚର ମୁଖ୍ୟ ତିରୁପତି ପାଣିଗ୍ରାହୀ ଯୋଗଦେଇ ପାରଳା ମାଟି, କଳା ସଂସ୍କୃତି ଏବଂ କ୍ରୀଡା ପାଇଁ ପରିଚିତ ବୋଲି କହିଥିଲେ । ଆଗାମୀ ଦିନରେ ଏହି ମାଟିରୁ ରାଜ୍ୟ ଓ ଜାତୀୟସ୍ତରର କବାଡି ପାଇଁ ପରିଚୟ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଓଡିଶା କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ଯୋଗଦେଇ କବାଡି ଖେଳର ପ୍ରସାର ଓ ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାବିତ୍ରୀ ପାଣିଗ୍ରାହୀ, ଅଙ୍କିତା ପାଣିଗ୍ରାହୀ, ଅଶୋକ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ଚାମ୍ପିୟନ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ବୋର୍ଡ ଏକାଦଶ ଦଳରେ ପପୁ

**କଟକ ଅଫିସ,୧୪।୧**

ଓଡ଼ିଶାର ବାମହାତୀ ଅର୍ଥୋଡକ୍ସ ବୋଲର ପପୁ ରାୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି। ଥିରୁଭାନନ୍ତପୁରମ୍ ଠାରେ ଆସନ୍ତା ୧୮ ଓ ୨୦ ତାରିଖରେ ଇଂଲଣ୍ଡ ଲାୟନ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ୨ଟି ୱାର୍ମଅପ ମ୍ୟାଚ୍ ନିମନ୍ତେ ପପୁଙ୍କୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ କରାଯାଇଛି। ଈଶାନ କିଷନ ବୋର୍ଡ ଏକାଦଶ ଦଳର ଅଧିନାୟକ ରହିଛନ୍ତି।

ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ପପୁଙ୍କୁ ଖେଳିବାର ଯଥେଷ୍ଟ ସୁଯୋଗ ମିଳି ନ ଥିଲା। ହରିୟାଣା ଓ ଉତ୍ତରପ୍ରଦେଶ ବିପକ୍ଷରେ ପପୁ ୨ଟି ମ୍ୟାଚ୍ ଖେଳିଥିବା ବେଳେ କେବଳ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ଗୋଟିଏ ଉଇକେଟ ହାସଲ କରିଥିଲେ। ମାତ୍ର ଗତ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ନିଜ ପ୍ରତିଭାର ଚମକ ଦେଖାଇ ପପୁ ଜାତୀୟ ସ୍ତରର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ବିଜୟ ହଜାରେ ଟ୍ରଫିରେ ଏହି ବାମହାତୀ ସ୍ପିନର ଜଣଙ୍କ ଓଡ଼ିଶାର ସର୍ବାଧିକ ଉଇକେଟ ଦଖଲକାରୀ ଥିଲେ। ୮ଟି ମ୍ୟାଚ୍‌ରୁ ୧୮.୪୨ ଆଭରେଜରେ ପପୁ ୧୪ଟି ଉଇକେଟ ଅକ୍ତିଆର କରିଥିଲେ । ଏହାଛଡ଼ା ବିଜୟ ହଜାର ଟ୍ରଫି ପରେ ଅକ୍ଟୋବରରେ ଖେଳାଯାଇଥିବା ଦେଓଧର ଟ୍ରଫିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ପପୁ ଅଂଶ ଗ୍ରହଣ କରିଥିଲେ । ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ସି ଦଳରୁ ପପୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ । ଦେଓଧର ଟ୍ରଫିରେ ୨ଟି ମ୍ୟାଚ ଖେଳିଥିବା ପପୁଙ୍କୁ ୬ଟି ଉଇକେଟ ମିଳିଥିଲା । ଇଣ୍ଡିଆ–ସି ଦଳ ଚାମ୍ପିୟନ ହୋଇଥିବା ବେଳେ ରାହାନେ ପପୁଙ୍କୁ ବୋଲିଂକୁ ନେଇ ପ୍ରଶଂସା କରିଥିଲେ। ଲିଷ୍ଟ–ଏ କ୍ରିକେଟରେ ପପୁଙ୍କ ରେକର୍ଡ ଭଲ ରହିଛି। ୧୦ଟି ଲିଷ୍ଟ–ଏ ମ୍ୟାଚ ଖେଳି ପପୁ ୨୦ଟି ଉଇକେଟ ନେଇଛନ୍ତି। ସୂଚନା ଥାଉକି, ଯାଜପୁରରେ ରହୁଥିବା ପପୁ ଓଡ଼ିଶାର ଜଣେ ପ୍ରତିଭାବାନ ସ୍ପିନ ବୋଲର। ପିଲାଟି ବେଳୁ ପପୁ ମା', ବାପାଙ୍କୁ ହରାଇଥିବାବେଳେ ମାଉସୀଙ୍କ ଘରେ ରହି ସେ କ୍ରିକେଟରେ ନିଜକୁ ଜଡ଼ିତ ରଖିଛନ୍ତି । ମ୍ୟାଚ୍ ଖେଳିବାର ସୁଯୋଗ ମିଳିଲେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି ବୋଲି ପପୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆସନ୍ତା ୧୬ ତାରିଖରେ ସେ ଥିରୁଭାନନ୍ତପୁରମ ଯାତ୍ରା କରିବେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ପପୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ପପୁ ରାୟ

**ବୋର୍ଡ ସଭାପତି ଏକାଦଶ**

ଈଶାନ କିଷନ(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଅନମୋଲପ୍ରୀତ ସିଂ, ଦୀପକ ହୁଡା, ରଜତ ପଟ୍ଟିଦାର, ରିଙ୍କି ଭୁଇ, ହିମତ ସିଂ, ମୟଙ୍କ ମର୍କଣ୍ଡ, ଜୟନ୍ତ ଯାଦବ, ପପୁ ରାୟ, ପଙ୍କଜ ଜୟସ୍ୱାଲ, ତୁଷାର ଦେଶପାଣ୍ଡେ, ନଭଦୀପ ସଇନି।

# କର ବା ମର ସ୍ଥିତିରେ ଭାରତ

**ଆଡିଲେଡ,୧୪।୧(ପି.ଟି.)**

**ଦ୍ୱିତୀୟ ଦିନିକିଆ ଆଜି**
**ସମୟ: ସକାଳ ୮.୫୦।**
**ସ୍ଥାନ: ଆଡିଲେଡ ଓଭାଲ ଗ୍ରାଉଣ୍ଡ**
**ପ୍ରସାରଣ: ସୋନୀ ନେଟୱର୍କ**

୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲାରେ ପରାସ୍ତ ହେବା ପରେ ଭାରତ ଏବେ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ସିରିଜରେ ୧–୦ରେ ପଛରେ ପଡିଥିବା ଭାରତ ମଙ୍ଗଳବାର ଆଡିଲେଡରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଜିତିବା ଅପରିହାର୍ଯ୍ୟ ହୋଇ ପଡିଛି। ହାର୍ଦ୍ଦିକ ପାଣ୍ଡ୍ୟା ବାସନ୍ଦ ହେବା ଫଳରେ ଭାରତୀୟ ବ୍ୟାଟିଂ ପ୍ରଭାବିତ ହୋଇଛି। ଫଳରେ ଉପ–ଅଧିନାୟକ ରୋହିତ ଶର୍ମାଙ୍କ ୨୨ତମ ଦିନିକିଆ ଶତକ ସତ୍ତ୍ୱେ ଭାରତ ବିଜୟୀ ହୋଇପାରି ନାହିଁ।

ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଖରାପ ଫର୍ମ, ଷ୍ଟ୍ରାଇକ ରେଟ୍ ଓ ଷ୍ଟ୍ରାଇକ୍ ରୋଟେଟ କରିବାର ବିଫଳତାକୁ ନେଇ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଚିନ୍ତିତ ଅଛନ୍ତି। ଧୋନୀଙ୍କ ବ୍ୟାଟିଂ ଅର୍ଡର (୪ ନମ୍ବରରେ ଆସିବା)କୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିଲେ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଏଥିରେ ପରିବର୍ତ୍ତନ କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଅମ୍ବାତି ରାୟୁଡୁ ଗତ ଏସିଆ କପ୍, ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜରେ ଭଲ ଖେଳିଥିଲେ ମଧ୍ୟ ଏହି ଶୃଙ୍ଖଳାରେ ବିଫଳ ହୋଇଛନ୍ତି।

ଅଲରାଉଣ୍ଡର ବିଜୟ ଶଙ୍କର ସୋମବାର ଅପରାହ୍ନରେ ଆଡିଲେଡରେ ପହଞ୍ଚିଥିବା ବେଳେ ସେ ଦ୍ୱିତୀୟ ମ୍ୟାଚ ନ ଖେଳି ପାରନ୍ତି। ଅଲରାଉଣ୍ଡର ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ପୁଣି ସନ୍ଦେହଜନକ ଆକ୍ସନ ସତ୍ତ୍ୱେ ରାୟୁଡୁ ବୋଲିଂ କରିପାରିବେ। ତେବେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଏହି ସୁଯୋଗ ଦେବେ କି ନା ତାହା ଦେଖିବାକୁ ବାକି ରହିଲା। ଦୀନେଶ କାର୍ତ୍ତିକଙ୍କ ବଦଳରେ କେଦାର ଯାଦବ ଦଳରେ ସାମିଲ ହେବା ଆଶା କରାଯାଉଛି। ଭାରତୀୟ ବୋଲିଂ ବିଭାଗରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଉପରେ ଭାରତ ଭରସା କରିବ। କାରଣ ସ୍ପିନର ଯୁଜବେନ୍ଦ୍ର ଚହଲ ଏବେ ଦଳକୁ ସଙ୍ଗେସଙ୍ଗେ ଫେରିବା ଆଶା କରାଯାଉ ନାହିଁ।

ଆଡିଲେଡରେ କୋହଲିଙ୍କ ପାଇଁ ଲକି ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। ସେ ପୁଣି ଏଠାରେ ଦମ୍ ଦେଖାଇବା ଆଶା କରାଯାଉଛି। ଓପନର ଶିଖର ଧାୱନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରେ ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ତେବେ ଗ୍ଲେନ ମ୍ୟାକ୍ସୱେଲ ତାଙ୍କ ଫେଭରାଇଟ୍ ପୋଜିଶନ ୭ ନମ୍ବରରେ ବ୍ୟାଟିଂ କରିବେ କି ନା, ତାହା ମଙ୍ଗଳବାର ଜଣାପଡିବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ମହମ୍ମଦ ସାମି, ମହମ୍ମଦ ସାଇରାଜ ଓ ବିଜୟ ଶଙ୍କର।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଜାସନବେହେରେନଡୋର୍ଫ, ଆଲେକ୍ସ କେରୀ (ଉଇକେଟ କିପର), ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ମିଚେଲ ମାର୍ଶ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ଜାୟ ରିଚାର୍ଡସନ, ପିଟର ସିଡଲ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା।

### ଟି-୧୦ ଧମାକା କ୍ରିକେଟ ଟୁର୍ନାମେଣ୍ଟ

# ରେଡରୋଜ ସୋନପୁର ଚାମ୍ପିୟନ

**ଅମରପାଲି/ ଉଲୁଣ୍ଡା, ୧୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ଚାଲିଥିବା ଟି–୧୦ ଧମାକା କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ବୀରମହାରାଜପୁରର ବଜରଙ୍ଗ କ୍ରିକେଟ କ୍ଲବକୁ ପରାସ୍ତ କରି ରେଡରୋଜ ସୋନପୁର ଚାମ୍ପିୟନ ହୋଇଛି। ସୋନପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ବୀରମହାରାଜପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ ହରାଇ ୬୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଅଚ୍ୟୁତାନନ୍ଦ କୁରୁକୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଆରଏମସି ସଭାପତି ଋଷି କୁମାର ପଟେଲ ମୁଖ୍ୟଅତିଥି ଏବଂ ପାତାଳୀ ଟ୍ରଷ୍ଟର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ମେଣ୍ଡିଲି, କ୍ରୀଡାବିତ ଭକ୍ତଚରଣ ଦାସ, ମିନକେତନ ପାତ୍ର, ନଳିନୀକାନ୍ତ ବାଘ, ଭବାନୀଶଙ୍କର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସୋନପୁରର ବର୍ଣ୍ଣିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ, ବୀରମହାରାଜପୁରର ଯଦୁଲାଲ ନନ୍ଦଙ୍କୁ ଶ୍ରେଷ୍ଠ କ୍ୟାଚ, ଅଜିତଙ୍କୁ ଶ୍ରେଷ୍ଠ ବୋଲର୍, ବିବେକାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଉଲୁଣ୍ଡା ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସୋନପୁର ଦଳକୁ ନଗଦ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ବୀରମହାରାଜପୁର ଦଳକୁ ୬ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ସୁଧାଂଶୁ ଶେଖର ସେଠୀ ଓ ସୀତାରାମ ଗଡୁଆ ପରିଚାଳନା କରିଥିବା ବେଳେ ନେହେରୁ ସେଠୀ ଓ ତେଜସ ସାହୁ ସ୍କୋରିଂ ଏବଂ ଅଚ୍ୟୁତାନନ୍ଦ କୁରକୁରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ମଣ୍ଟୁ ମନ୍ତ୍ରୀ, ବିକାଶ ରଞ୍ଜନ, ରାଧେଶ୍ୟାମ, ଅନିରୁଦ୍ଧ ଗଡୁଆ, ନୀଳମଣି, ଗୋପାଳ ପ୍ରମୁଖ ସହଯୋଗ କରିଥିଲେ ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଭାରତ ସିରିଜ ଜିତିବା ଅସମ୍ଭବ ନୁହଁ

**ଡିନ୍ ଜୋନ୍ସ**

ପ୍ରଥମ ଦିନିକିଆରେ ଆମେ କେମିତି ଜିତିଲୁ ? ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆର ଯୁବ ଦ୍ରୁତ ବୋଲରମାନେ କମାଲ କରିଛନ୍ତି। ଖାସ୍ କରି ଜାସନ ବେହେରେନଡୋର୍ଫ ଓ ଜାୟ ରିଚାର୍ଡସନ ଶନିବାର ମିଳିଥିବା ସୁଯୋଗର ସଦ୍ ବ୍ୟବହାର କରିଥିଲେ। ମାତ୍ର ୪ ରନରେ ୩ ଉଇକେଟ ଅକ୍ତିଆର କରି ମ୍ୟାଚ୍‌କୁ ବୋଲରମାନେ ଏକ ପ୍ରକାର ହାତେଇ ନେଇଥିଲେ କହିଲେ ଭୁଲ ହେବ ନାହିଁ। ତେବେ ମ୍ୟାଚ ହାରିବା ପରେ ମହେନ୍ଦ୍ର ସିଂ ଧୋନୀ କେତେ ପରିମାଣରେ ସମାଲୋଚିତ ହେଉଥିବେ ତାହା ମୁଁ ବିଶ୍ୱାସ କରିପାରୁନାହିଁ। ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଓ କ୍ରିକେଟ ପଣ୍ଡିତମାନେ କିଭଳି ଧୋନୀଙ୍କ ପଛରେ ପଡିଛନ୍ତି ତାହାକୁ ମଧ୍ୟ ମୁଁ ହଜମ କରିପାରୁନାହିଁ।

ଯେତେବେଳେ ଗୋଟିଏ ଦଳ ୪ ରନରେ ୩ ଉଇକେଟ ହରାଏ ସେତେବେଳେ ଲୋକ କ'ଣ ପ୍ରକୃତ ସ୍ଥିତିକୁ ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ? ଭାରତ ପରାଜୟ ପାଇଁ ଏକାଧିକ କାରଣ ରହିଛି। କେତୋଟି ଏଲ୍‌ବିଡବ୍ଲ୍ୟୁ ନିଷ୍ପତ୍ତି ଏଥିମଧ୍ୟରୁ ଅନ୍ୟତମ। ମ୍ୟାଚ୍ ୬ ଓଭର ବାକିଥିବା ବେଳେ ଧୋନୀ ଓ ରୋହିତ ଶର୍ମାଙ୍କ ପ୍ରୟାସକୁ ନେଇ ଅଷ୍ଟ୍ରେଲୀୟମାନେ ବେଶ୍ ଚିନ୍ତିତ ଥିଲେ। ପୁଣି ରୋହିତ ଫିଟ୍ ନୁହନ୍ତି ବୋଲି କୁହାଯାଉଛି। ତେଣୁ ଭାରତୀୟ ପ୍ରଶଂସକମାନେ ନିଶ୍ଚିତ ଭାବେ ନିଷ୍ଠୁର ଓ ଅତ୍ୟଧିକ ସମ୍ବେଦନଶୀଳ ବୋଲି ଏଥିରୁ ସ୍ପଷ୍ଟ ହୁଏ।

ବିଜୟର ଶ୍ରେୟ ଅଷ୍ଟ୍ରେଲିଆକୁ ମିଳିବା ଉଚିତ। ପୁଣି ବିଜୟ ପାଇଁ ଅଷ୍ଟ୍ରେଲିଆ ହକ୍‌ଦାର। ରିଚାର୍ଡସନ ଦ୍ରୁତ ଗତିରେ ବୋଲିଂ କରିବା ସହ ରିଭର୍ସ ସୁଇଙ୍ଗ୍ କରିବାରେ ସଫଳ ହୋଇଥିଲେ। ତାଙ୍କ ବୋଲିଂରେ ଦମ୍ ଥିଲା ଓ ସେ ଭବିଷ୍ୟତରେ ମିଚେଲ ଷ୍ଟାର୍କଙ୍କ ବିକଳ୍ପ ରୂପେ ଉଭା ହେବେ ବୋଲି କୁହାଯାଇପାରେ। ବ୍ୟାଟିଂରେ ମଧ୍ୟ ଅଷ୍ଟ୍ରେଲିଆ କମାଲ କରିଥିଲା। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ଅତି ସୁନ୍ଦର ଭାବେ ସେମାନଙ୍କ ଦାୟିତ୍ୱ ତୁଲାଇଥିଲେ। ପିଟର ହ୍ୟାଣ୍ଡ୍ସକମ୍ବଙ୍କ ବ୍ୟାଟିଂରେ ମୁଁ ବେଶ୍ ପ୍ରଭାବିତ। ଦିନିକିଆରେ ତାଙ୍କ ଫୁଟୱାର୍କ ଦେଖିବାକୁ ମୁଁ ବେଶ୍ ବ୍ୟଗ୍ର। ଆଗକୁ ପୁଣି ସୁଯୋଗ ମିଳିଲେ ଟେଷ୍ଟ ଫର୍ମାଟରେ ମଧ୍ୟ ସେ ଏହି ଭଳି ଖେଳ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଉଭୟ ଦିନିକିଆ ଓ ଟେଷ୍ଟରେ ଫୁଟୱାର୍କରେ ସେତେଟା ଫରକ ନାହିଁ ବୋଲି ହ୍ୟାଣ୍ଡ୍ସକମ୍ବ ଏବେ ହୃଦୟଙ୍ଗମ କରିଥିଲେ। ଟେଷ୍ଟ ମ୍ୟାଚ୍‌ରେ ମଧ୍ୟ ଆମେ ତାଙ୍କଠାରୁ ଏହି ଭଳି କଭର ଡ୍ରାଇଭ ଓ ଅନ୍ୟ ଶଟ୍ ଖେଳିବେ ଓ ଏଥିରୁ ଶିକ୍ଷା କରିବେ ବୋଲି ମୁଁ ଆଶା କରୁଛି।

ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ କୋହଲିଙ୍କୁ ଅଷ୍ଟ୍ରେଲିଆ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ରୋକିବାକୁ ହେବ। ସ୍ପିନ୍ କିପରି ଖେଳିବାକୁ ହୁଏ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନେ ଜାଣି ସାରିଲେଣି। ଖାସ୍ କରି ହ୍ୟାଣ୍ଡ୍ସକମ୍ବ ସ୍ପିନ୍ ଖେଳିବାରେ ଦକ୍ଷ ହେଲେଣି। ପ୍ରଥମ ମ୍ୟାଚ୍‌ର ପ୍ରଦର୍ଶନରୁ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ପ୍ରେରଣା ପାଇବେ। ଲୋକେ ଭାବିବା ଅନୁସାରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ସେତେଟା ଖରାପ୍ ନୁହନ୍ତି। ୩ ପ୍ରମୁଖ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ପ୍ୟାଟ୍ କୁମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଷ୍ଟ୍ରେଲିଆ ପ୍ରଦର୍ଶନ ପ୍ରଶଂସନୀୟ। ତଥାପି ଭାରତ ସିରିଜ ଜିତିବ ବୋଲି ମୁଁ ଆଶା କରୁଛି। ପ୍ରଥମ ମ୍ୟାଚ୍ ପରାଜୟ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବୀ ଶାସ୍ତ୍ରୀ ନିଶ୍ଚିତ ଭାବେ ଚାପରେ ଥିବେ। ତେଣୁ ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାର୍ତ୍ତନ କରିବା ଲକ୍ଷ୍ୟରେ ରହିବ। ପୁଣି ଥରେ ଅଷ୍ଟ୍ରେଲିଆ ଲଢୁଆ ପ୍ରଦର୍ଶନ କରିବ ବୋଲି ମୁଁ ଆଶା କରୁଛି। ଅଷ୍ଟ୍ରେଲିଆ ସର୍ବାଧିକ ୫ ଥର ବିଶ୍ୱକପ୍ ଟାଇଟଲ ଜିତିଛି। ତେଣୁ ଅଷ୍ଟ୍ରେଲିଆ ଦଳକୁ ହେୟ ମନେ କରାଯାଇ ପାରିବ ନାହିଁ ବୋଲି ମୁଁ ଭାବୁଛି।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

### ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ପତାକା, ଜୟଜଗନ୍ନାଥ କ୍ଲବ ମୁକାବିଲା

**ସୁନ୍ଦରଗଡ଼,୧୪।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ରୁରାଲ ସ୍ପୋର୍ଟସ ଆସୋସିଏଶନ ଓ କିଞ୍ଜିର୍ମା ଏସ୍‌ଡିବିଏଲ୍ କ୍ଲବ ଆନୁକୂଲ୍ୟରେ ସଦର ବ୍ଲକ କିଞ୍ଜିର୍ମାସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସୋମବାର ଖେଳାଯାଇଥିଲା। ଏଥିରେ ଅନୁଗୋଳର ପତାକା କ୍ଲବ ବିଜୟୀ ହୋଇଛି। ପ୍ରଥମ ସେମିଫାଇନାଲ ବିଜୟୀ ଫୁଲଧୂଡ଼ ଜୟଜଗନ୍ନାଥ କ୍ଲବ ଓ ପତାକା କ୍ଲବ ମଧ୍ୟରେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସୋମବାର ପତାକା କ୍ଲବ ଓ କଟକ ମା' ମଙ୍ଗଳା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମା' ମଙ୍ଗଳା କ୍ଲବକୁ ୨–୦ ଗୋଲରେ ପତାକା କ୍ଲବ ହରାଇଛି। ମ୍ୟାଚ୍‌ର ୩୨ତମ ମିନିଟରେ ପତାକା କ୍ଲବର ରାହୁଲ ଟୁଡୁ ଗୋଟିଏ ଗୋଲ ସ୍କୋର କରିଥିଲେ। ସେହିପରି ୬୦ତମ ମିନିଟରେ ଦଳର ସଞ୍ଜୀବ ଟପ୍ପୋ ୨ୟ ଗୋଲ କରି ଦଳକୁ ବିଜୟୀ କରାଇଥିଲେ। ପତାକା କ୍ଲବର ରାହୁଲ ଟୁଡୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ରୋମାଞ୍ଚ ଭୈଁଷାଲ, ଦେବେନ୍ଦ୍ର କିଷାନ, ପ୍ରସନ୍ନ ଭୋଇ ଓ ନିତ୍ୟାନନ୍ଦ ମେହେର ମ୍ୟାଚ୍ ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷା ରୁକ୍ମିଣୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ବିଡିଓ ଅନାମିକା ସିଂ, ଦେଉଳି ସରପଞ୍ଚ ନଳିନୀ ପ୍ରଧାନ, ସମିତିସଭ୍ୟା ରୀନା ବେହୁରିଆ, କିଞ୍ଜିର୍ମା ସରପଞ୍ଚ ରବୀନ୍ଦ୍ର କିଷାନ, ବାରଗାଡ଼ ସମିତିସଭ୍ୟ ପ୍ରଭାସିନୀ ଓରାମ, ଭେଡାବାହାଲ ସମିତିସଭ୍ୟ ବିଶିକେଶନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ କୋଲକାତାର ଚିୟର ଗର୍ଲସ ଓ ଅନ୍ତର୍ଜାତୀୟ ଫୁଟବଲ ଯାଦୁଗର ପ୍ରଦୀପ କୁମାରଙ୍କ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ଆୟୋଜକ କମିଟି ଆବାହକ ଅଶ୍ୱିନୀ ନାଏକ ସୂଚନା ଦେଇଛନ୍ତି।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପତାକା କ୍ଲବର ରାହୁଲ ଟୁଡୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ସିପି



@ ଶ୍ରୀକାନ୍ତ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଗସ୍ତ ପୂର୍ବରୁ ବିରୋଧୀଙ୍କ ଟାର୍ଗେଟରେ ପ୍ରଧାନମନ୍ତ୍ରୀ

■ଏମ୍ଏସ୍‌ପି, ନିଯୁକ୍ତି, ରାଫାଲ, କେବିକେ, ଚିଟ୍‌ଫଣ୍ଡ ପ୍ରସଙ୍ଗ ଉଠାଇଲେ ନିରଞ୍ଜନ

■ଚିଠି ଲେଖି ଦୃଷ୍ଟି ଆକର୍ଷଣ କଲେ କଳିକେଶ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ କଂଗ୍ରେସ ଏବଂ ବିଜେଡି ପକ୍ଷରୁ ତାଙ୍କୁ ଟାର୍ଗେଟ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଖବରଦାତା ସମ୍ମିଳନୀ ଡାକି କେତେକ ମୌଳିକ ପ୍ରସଙ୍ଗ ଉଠାଇଛନ୍ତି। ସେହିପରି ବଲାଙ୍ଗୀର ବିଜେଡି ଏମ୍‌ପି କଳିକେଶ ସିଂଦେଓ ପୂର୍ବରୁ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ବିଭିନ୍ନ ପ୍ରସଙ୍ଗ ଦୋହରାଇଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ କହିଛନ୍ତି ଯେ, ଏନ୍‌ଡିଏ ସରକାର କ୍ଷମତାସୀନ ହେଲେ ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଇତି ମଧ୍ୟରେ ସରକାର ୪ ବର୍ଷ ୮ମାସ ଶାସନରେ ଥାଇ ମଧ୍ୟ ଓଡ଼ିଶା ଚାଷୀଙ୍କୁ ଉପଯୁକ୍ତ ଏମ୍ଏସ୍‌ପି ଦେଇ ନାହାନ୍ତି। ବାର୍ଷିକ ୨ କୋଟି ରୋଜଗାର ଦେବାକୁ କହିଥିବା କେନ୍ଦ୍ର ରାଜ୍ୟରେ କେତୋଟି ଏକକ ପ୍ରକଳ୍ପ ସ୍ଥାପନ କରିଛି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ସେହିପରି ରାଫାଲ ଦୁର୍ନୀତି ହୋଇ ନ ଥିଲେ, ରାଜ୍ୟରେ ଥିବା ହାଲ୍ କାମ ପାଇଥାନ୍ତା। ଏହା ଦ୍ୱାରା ଓଡ଼ିଶା ସମେତ ଦେଶର ପ୍ରାୟ ୩୦ରୁ ୪୦ ହଜାର ଯୁବତୀଯୁବକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତ ପାଇଥାନ୍ତେ। ରାଫାଲ ଚୁକ୍ତି ହାଲକୁ ନ ଦେବା ଓଡ଼ିଆଙ୍କ ପ୍ରତି ଉପହାସ ବୋଲି ସେ କହିଛନ୍ତି। କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମୟରେ ହିଁ କେବିକେ ଜିଲା ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଥିଲା। ଭାଜପା ସରକାର ଏବେ ସେହି ଯୋଜନାରୁ ଅନୁଦାନ ହ୍ରାସ କରୁଛି, ତେଣୁ ପଛୁଆ ରାଜ୍ୟ ଓଡ଼ିଶାକୁ କ'ଣ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମିଳୁନାହିଁ। ଚିଟ୍‌ଫଣ୍ଡ ପ୍ରସଙ୍ଗରେ ସାଧାରଣ ଜନତାଙ୍କର କୋଟି କୋଟି ଟଙ୍କା ଆତ୍ମସାତ କରାଗଲା। ଏହାକୁ ଯେଉଁଭଳି ଢଙ୍ଗରେ ସିବିଆଇ ତଦନ୍ତ କରାଯିବା କଥା, ତାହା ହେଲା ନାହିଁ। ତେଣୁ ଏହାର କାରଣ କ'ଣ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଉତ୍ତର ରଖନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

ସେହିପରି ଏମ୍‌ପି କଳିକେଶ ସିଂଦେଓ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ସତ୍ତ୍ୱେ ବିଳମ୍ବର କାରଣ କ'ଣ। କଣ୍ଟାବାଞ୍ଜିରେ ଜମି ଥାଇ ଷ୍ଟିମ୍ ଇଞ୍ଜିନ କାରଖାନା ହେଉନାହିଁ କାହିଁକି। ସେହିପରି ଆଲ୍ଲାହାବାଦ ଦେଇ ବଲାଙ୍ଗୀରରୁ ଦିଲ୍ଲୀ ପାଇଁ ଏକ୍ସପ୍ରେସ ଘୋଷଣା କରାଯାଉ। ବଲାଙ୍ଗୀର ଦେଇ ଯାଇଥିବା ଜାତୀୟ ରାଜପଥ ନିକଟସ୍ଥ ବାଇପାସ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କଳିକେଶ ଅନୁରୋଧ କରିଛନ୍ତି। ସେହିପରି ନିଜ ଲୋକ ସଭା ନିର୍ବାଚନମଣ୍ଡଳୀର ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ସମ୍ପର୍କରେ ବଲାଙ୍ଗୀର ଏମ୍‌ପି ସିଂଦେଓ ପ୍ରସ୍ତାବ ଦେଇଛନ୍ତି।

# କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ହଡ଼ପ କରୁଛନ୍ତି : ଧର୍ମେନ୍ଦ୍ର

## ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାରିଶ୍ରମିକ ବୃଦ୍ଧିକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଅଙ୍ଗନୱାଡି କର୍ମୀମାନଙ୍କ ପାରିଶ୍ରମିକ କେନ୍ଦ୍ର ସରକାର ୨୦୧୮ ସେପ୍ଟେମ୍ବରରେ ୧୫୦୦ ଟଙ୍କା ବୃଦ୍ଧି ପାଇଁ ନିଷ୍ପତ୍ତି ନେବା ସହ ୨୦୧୮ ଅକ୍ଟୋବରରୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବିଜେଡି ସରକାର କେନ୍ଦ୍ର ସରକାରଙ୍କ ଏହି ଘୋଷଣାକୁ ଦୀର୍ଘଦିନ ଧରି କାର୍ଯ୍ୟକାରୀ ନ କରି ପକାଇ ରଖିଥିଲେ। ଏବେ ନିର୍ବାଚନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ଦ୍ଧିତ ରାଶିକୁ ନିଜର କହି ରାଜ୍ୟ ମୁଖ୍ୟମନ୍ତ୍ରୀ ବାହାବା ନେବା ପାଇଁ ଅପଚେଷ୍ଟା କରୁଛନ୍ତ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ପରଘର ଡିଅଣରେ ଅତିଥି ସତ୍କାର କରିବାରେ ଓଡ଼ିଶା ରାଜ୍ୟ ସରକାର ସିଦ୍ଧହସ୍ତ। ଓଡ଼ିଶାର ଅଙ୍ଗନୱାଡି କର୍ମୀଙ୍କୁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରି ଆସୁଛନ୍ତି। ଅଧିକ କାମ ପାଇଁ ରାଜ୍ୟ ସରକାରଙ୍କଠାରୁ ଅଧିକ ଆର୍ଥିକ ରାଶି ପାଇବା ଅଙ୍ଗନୱାଡି କର୍ମୀଙ୍କ ଅଧିକାର। ବିଭିନ୍ନ ରାଜ୍ୟ ସେମାନଙ୍କ ନିଜସ୍ୱ ବଜେଟରୁ ଅଧିକା କାମ ପାଇଁ ଅଧିକା ଅର୍ଥ ଯୋଗାଇ ଦେଉଛନ୍ତି। ଭାଜପା ଶାସିତ ହରିୟାଣାରେ ଅଙ୍ଗନୱାଡି ଭଉଣୀମାନଙ୍କର ମାସିକ ପାରିଶ୍ରମିକ ୧୩ ହଜାର ଟଙ୍କା ଦିଆଯାଉଛି। ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କୁ ପିଠା, କାଳିଆ ଆଦି ଯୋଜନା କାର୍ଯ୍ୟକ୍ରମରେ ଲଗାଉଛନ୍ତି। ୧୩ ହଜାର ଟଙ୍କା ନ ହେଲେ ନାହିଁ। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଅଧିକ ଅର୍ଥ ଦେଇ ସେମାନଙ୍କ ମାସିକ ପାରିଶ୍ରମିକ ୧୦ ହଜାର ଟଙ୍କାକୁ ବୃଦ୍ଧି କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଗୋଟିଏ ପଟେ ରାଜ୍ୟରେ ଛତୁଆ, ମଧ୍ୟାହ୍ନଭୋଜନ, ଡାଲିରେ ଦୁର୍ନୀତି ଜାରି ରହିଥିବା ବେଳେ ଅନ୍ୟ ପଟେ ବିଜେଡି ନେତା, କର୍ମୀଙ୍କ ପିସି ବାଟ ଖୋଲାଯାଇଛି। ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କୁ କେନ୍ଦ୍ର ସରକାରଙ୍କ ଘୋଷଣା ଛଡ଼ା ୧ ଟଙ୍କା ବି ଅଧିକ ଦେଇନାହାନ୍ତି। ମହାରାଷ୍ଟ୍ର ଭଳି ଭାଜପା ଶାସିତ ରାଜ୍ୟରେ ଅଙ୍ଗନୱାଡି କର୍ମୀମାନଙ୍କ ପାଇଁ ଅବସରକାଳୀନ ସହାୟତା ୧ ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଓ ଝାରସୁଗୁଡ଼ା ଗସ୍ତରେ ଆସିଥିଲେ। ଏହି ଦୁଇଟି ସ୍ଥାନରେ ଅଙ୍ଗନୱାଡି ଭଉଣୀମାନେ ସେମାନଙ୍କର ପାରିଶ୍ରମିକ କେନ୍ଦ୍ରସରକାର ବଢ଼ାଇଥିବା କାରଣରୁ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ରାଜ୍ୟରେ ଏକ ରାଧୁଆ ମିଛୁଆ ସରକାର ଚାଲିଛି, ଯାହାର ଜବାବ ସାଧାରଣ ଓଡ଼ିଆ ଲୋକେ ମାଗୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଆଇନଜୀବୀ ଭୂମିକାରେ ଖୁସି ରିଚା



ମୁମ୍ବାଇ: ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକାରେ ଅଭିନୟ କରି ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ରିଚା ଚଡ୍ଢା। ସେ ଆଗାମୀ ଫିଲ୍ମ 'ସେକ୍ସନ ୩୭୫'ରେ ସହ-କଳାକାର ଅକ୍ଷୟ ଖାନ୍ନାଙ୍କ ସହ ଅଭିନୟ କରିଛନ୍ତି। ସେ ଏକ ବିବୃତିରେ କହନ୍ତି, ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକା ନେଇ ଖୁବ୍ ଖୁସି। ଏହି ଫିଲ୍ମରେ କାମ କରୁଥିବାରୁ ତାଙ୍କ ଉପରେ ପ୍ରତ୍ୟେକେ ଖୁସି ଥିବା ସେ ପ୍ରକାଶ କରିଛନ୍ତି। ସୋମବାର ସେ ଏଠାରେ ଉକ୍ତ ଫିଲ୍ମ ପାଇଁ ଶୁଟିଂ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଶୁଟିଂ ଏହିଠାରେ ହିଁ କରାଯିବ। ସହ-ଅଭିନେତା ଅକ୍ଷୟ କୁମାରଙ୍କ ବିଷୟରେ ସେ କହନ୍ତି, ଅଭିନେତା ଭାବରେ ଅକ୍ଷୟଙ୍କୁ ଖୁବ୍ ପସନ୍ଦ କରେ। ତାଙ୍କ ସହିତ ଭ୍ରମଣ କରିବା ଖୁବ୍ ଆନନ୍ଦପ୍ରଦ। ନିର୍ଦ୍ଦେଶକ ଅଜୟ ବେହଲଙ୍କ ସହ କାମ କରିବାରେ ମଧ୍ୟ ଖୁସି ମିଳେ। ମହିଳା ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଆଇନର କିପରି ଅପବ୍ୟବହାର ହେଉଛି ତାହା ସେକ୍ସନ୍ ୩୭୫ ଫିଲ୍ମରେ ଗୁରୁତ୍ୱ ଆରୋପ କରାଯାଇଛି। ନୂଆ ଫିଲ୍ମ ପାଇଁ ପ୍ରଶଂସକମାନେ ତାଙ୍କୁ ଉତ୍ସାହିତ କରିବା ନିମନ୍ତେ ରିଚା ନିବେଦନ କରିଛନ୍ତି। ସେ ମଧ୍ୟ ସାରା ଫିଲ୍ମ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ଫିଲ୍ମକୁ ସମର୍ଥନ ଜଣାଇଛନ୍ତି ଭୂଷଣ କୁମାର, କ୍ରିଶନ୍ କୁମାର, କୁମାର ମଙ୍ଗତ ଏବଂ ଅଭିଷେକ ପାଠକ।

# ଦୁବାଇ, ସିଙ୍ଗାପୁରରେ ଗୋଲ୍‌ଡେନ ବାବାଙ୍କ ସମ୍ପତ୍ତି

ଭୁବନେଶ୍ୱର,୧୪।୧ (ବ୍ୟୁରୋ)

ଗୋଲ୍‌ଡେନ ବାବାଙ୍କ ପାଇଁ ବଢ଼ିବାରେ ଲାଗିଛି ଅଡୁଆ। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବାବାଙ୍କ ଠକେଇ ସାମ୍ରାଜ୍ୟର ଖୋଳତାଡ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। କେବଳ ରାଜ୍ୟ ବାହାରେ ନୁହେଁ, ସିଙ୍ଗାପୁର, ଦୁବାଇ ଓ ଅନ୍ୟ ଦେଶରେ ଗୋଲ୍‌ଡେନ୍ ବାବାଙ୍କ ଗୁପ୍ତଧନ ରହିଥିବା ଜାଣିବା ପରେ ଇଓଡବ୍ଲ୍ୟୁ ହତଚକିତ ହୋଇପଡ଼ିଛି। ବାବାଙ୍କ କଳା ସାମ୍ରାଜ୍ୟ ଠାବ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଚିଠି ଲେଖିବା ପରେ ବଡ଼ଧରଣର ଅଭିଯାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ତଦନ୍ତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବାବାଙ୍କ ସମ୍ପର୍କୀୟଙ୍କୁ ଡାକି ପଚରାଉଚରା କରିପାରେ ଇଡି। ଅନ୍ୟପକ୍ଷରେ ବାବାଙ୍କୁ ପୁଣିଥରେ ରିମାଣ୍ଡରେ ନେବାକୁ ଇଓଡବ୍ଲ୍ୟୁ ପକ୍ଷରୁ କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ଗୋଲ୍‌ଡେନ୍ ବାବାଙ୍କୁ ତିନିଦିଆ ରିମାଣ୍ଡରେ ଆଣି ପଚରାଉଚରା ପରେ ଇଓଡବ୍ଲ୍ୟୁ ଅଧିକାରୀମାନେ ତାଙ୍କ କଳା ସାମ୍ରାଜ୍ୟ ଓ ସମ୍ପତ୍ତି ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି। ବାବା ଜାଲ୍ କାଗଜପତ୍ର କରି ବିଭିନ୍ନ ସଂସ୍ଥାଠାରୁ ବହୁ କୋଟି ଟଙ୍କା ଠକେଇ କରିଛନ୍ତି। ବାବାଙ୍କ କଳାସାମ୍ରାଜ୍ୟ ସହ ରାଜନୈତିକ ଲିଙ୍କ୍ ରହିଥିବାରୁ ଇଓଡବ୍ଲ୍ୟୁ ଅଧିକ ଖୋଳତାଡ଼ ନ କରି ଦୂରେଇ ରହିବାକୁ ଉଦ୍ୟମ କରୁଥିବା କୁହାଯାଉଛି।


## ତହସିଲଦାର ଭଣ୍ଡାରିପୋଖରୀଙ୍କ କାର୍ଯ୍ୟାଳୟ

### ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତାହାର

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା 115 ତାରିଖ 14.01.2019 ରେ ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ଏକ ଗୋଟି ସୈରାତ ଉତ୍ସକୁ ନେରଡ଼ା-2 କୁ ଦୀର୍ଘ ମିଆଦି ସୂତ୍ରେ ଲିଜ୍ ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି। ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଭଦ୍ରକ ଜିଲ୍ଲା website www.bhadrak.nic.in ରେ ଉପଲବ୍ଧ କରାଯାଇଅଛି। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ website ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ।

| | |
|---|---|
| ମୁଦ ଦରଖାସ୍ତ ଅନ୍ତିମ ତାରିଖ | 16.02.2019 ସମୟ ଅପରାହ୍ନ 5 ଘଟିକା |
| ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ | 18.02.2019 ସମୟ ପୂର୍ବାହ୍ନ 11 ଘଟିକା |

ସ୍ୱା./- ତହସିଲଦାର, ଭଣ୍ଡାରିପୋଖରୀ

## COLLECTORATE, NABARANGPUR (TOURISM SECTION)

No. 7/2019 Date : 11.01.2019

### TENDER CALL NOTICE

No. 29-R: Sealed quotations through Regd. Post/ Speed Post only are invited from the intending suppliers / firms / business man / dealer for selection of cafeteria firm / Bidders at Hirli Dongri Eco Tourism Park, Nabarangpur to provide tea, snacks, Fast-food, water etc. to the visitors / tourists. The sealed tender should reach the undersigned by 4.00 PM of 25.01.2019 and will be opened on the same date at 5.00 P.M. The details terms and condtions of the tender are available in the office of the Additional District Magistrate, Nabarangpur (Tourism Section) and also in the Nabarangpur District Website www.nabarangpur.nic.in

Sd./- Additional District Magistrate Nabarangpur

24165/11/0001/1819

## ବିହନ ବିଶୋଧନ ଅଭିଯାନ- ୨୦୧୮-୧୯ (ଜିଲ୍ଲା କୃଷି କାର୍ଯ୍ୟାଳୟ, ଜଗତ୍‌ସିଂହପୁର)

ଫସଲକୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ଯୋଜନା ୨୦୧୮-୧୯ ଜରିଆରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଚଳିତବର୍ଷ ଜାନୁୟାରୀ ମାସ ୧୫ ତାରିଖରୁ ୩୦ ତାରିଖ ମଧ୍ୟରେ କୃଷି ବିଭାଗ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଜଗତ୍‌ସିଂହପୁରଙ୍କ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁର, ବାଲିକୁଦା, ରଘୁନାଥପୁର, ବିରିଡି ଓ ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ସଞ୍ଚିତ ବିହନ ବିଶୋଧନ ସହିତ ବୈଷୟିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଏହାର ସଫଳ ରୂପାୟନ ପାଇଁ ଚାଷଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।

ସ୍ୱା./- ଶ୍ରୀ ପ୍ରମୋଦ କୁମାର ମଲ୍ଲିକ
ଜିଲ୍ଲା କୃଷି ଅଧିକାରୀ, ଜଗତ୍‌ସିଂହପୁର

## ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀ
DIST EMPLOYMENT EXCHANGE OFFICE, PURI

ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-୨୦୧୯
ସ୍ଥାନ: GOVT. I.T.I. CAMPUS, PURI, ତା ୧୮।୦୧।୨୦୧୯ରିଖ ଦିବା ୯ ଘଟିକା

No.103-KK:- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପୁରୀ ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନଙ୍କୁ ଭାରତର ବିଭିନ୍ନ ବେସରକାରୀ ସଂସ୍ଥା (Company) ମାନଙ୍କରେ ନିଯୁକ୍ତି ପ୍ରଦାନ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତି ହୋଇଥିବା ପି.ଆଇ.ଏ.ଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି।

ଏଥିନିମନ୍ତେ ଅଣକୁଶଳୀ, ଅର୍ଦ୍ଧକୁଶଳୀ (୫ମରୁ +୩ ପର୍ଯ୍ୟନ୍ତ) ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି, ସେମାନେ ନିଜର ଶିକ୍ଷାଗତ ପ୍ରମାଣପତ୍ର (ଜେରକ୍ସ ଏବଂ ମୂଳକପି), ଦୁଇଗୋଟି ଫଟୋ ସହିତ GOVT. I.T.I. CAMPUS, PURI ପରିସରରେ ଉପରଲିଖିତ ତାରିଖରେ ଉପସ୍ଥିତ ରହି ବିଭିନ୍ନ କମ୍ପାନୀମାନଙ୍କ ସହିତ ସାକ୍ଷାତ୍କାର ପରୀକ୍ଷାରେ ଭାଗ ନେଇପାରିବେ।

ସବିଶେଷ ସୂଚନା ନିମନ୍ତେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ (Dist. Employment Exchange Office), ପୁରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।
ଦୂରଭାଷ: (୦୬୭୫୨) ୨୨୨୭୫୭

ଜିଲ୍ଲା ନିୟୋଜନ ଅଧିକାରୀ, ପୁରୀ ଜିଲ୍ଲାପାଳ, ପୁରୀ
14052/11/0004/1819

## GOVERNMENT OF ODISHA, "e"-PROCUREMENT NOTICE
OFFICE OF THE EXECUTIVE ENGINEER, NAYAGARH (R&B) DIVISION, NAYAGARH

### WORKS DEPARTMENT
### TENDER CALL NOTICE

E-mail: pwdoff.ngd@gmail.com

Bid Identification No. EE-Nayagarh (R&B) Division- Online 05/2018-19

No. 1123-B: The Executive Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of Building & Road work as detailed in the table below:

| | | |
|---|---|---|
| 1. | Nature of Work | Building & Culvert Work. |
| 2. | No of Work | 2 Nos |
| 3. | Tender Cost | To be remitted online through a process as mentioned in DTCN. |
| 4. | Class of Contractor | As mentioned in DTCN |
| 5. | Available of Bid Document in the Website | From Dt 21.01.2019, 10.00 AM to Dt. 02.02.2019 up to 5.00 PM . |
| 6. | Date of opening of Bid | Dt.04.02.2019 at 11.00 AM |
| 7. | The Bidders have to participate in ONLINE bidding only. Further details can be seen from the Website: https:// tenderodisha.gov.in . Any Addendum / Corrigendum / Cancellation of tender can also be seen in the said website. | |

Executive Engineer, Nayagarh (R&B) Division, Nayagarh
34138/11/0011/1819

## OFFICE OF THE EXECUTIVE ENGINEER RWS&S DIVISION, KENDRAPARA

At: Ichhapur, Post: Shree Baladevjew, Email: eerwsskendrapara@gmail.com

### INVITATIONS FOR BIDS (IFB) [e-Procurement]

Bid Identification No. RWS/34/2018-2019

Letter No. 04 Dated 02.01.2019

1 The Executive Engineer, RWS&S Division, Kendrapara on behalf of Governor of Odisha invites lump comps its bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : Execution of RPWS Schemes in the district of Kendrapara |
| 3 | No. of Work | : **4 (Four Nos.)** |
| 4 | Value of the Work | : **Rs. 91.17 Lakhs to Rs. 325.41 Lakhs** |
| 5 | Concerned tender inviting authority | : **Executive Engineer, RWS&S Division, Kendrapara** |
| 6 | Security amount (Rs.) (Online) | : **Rs. 92000/- and Rs. 326000/-** |
| 7 | Cost of Bid documents (Rs.) (Online) | : **Rs. 10000.00** |
| 8 | Class of Bidder | : **"B" "A" & Special** |
| 9 | Period of Completion | : **10 Months to 1 Year** |
| 10 | Availability of bid documents in the website | : **From date. 21.01.2019 at 10.00 A.M to date. 05.02.2019 5.00 P.M** |
| 11 | Last Date & Time of seeking tender clarification | : **Up to 31.01.2019 at 1.00 P.M** |
| 12 | Date of Opening of Bid | : **On date. 07.02.2019 at 10.00 A.M onwards** |

The bidders have to participate in ONLINE bidding only. Further details can be seen from the website i.e. **http://tendersorissa.gov.in**.
Subsequent corrigendum / addendum if required shall only be appeared in above website.

No.1322-O

Sd./- Executive Engineer, RWS&S Division, Kendrapara
25004/11/0011/1819

## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ PSDF / 2120 (Part – VI) / 193 / Dated 11.01.2019

NOTICE INVITING TENDER No. 46/2018-19 DATE 10.01.2019

No.CAD-1259:- Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers / authorized dealers / channel partners / firms authorized by manufacturer of the following works as mentioned below.

| Description of Materials | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Procurement, Erection, Testing & Commissioning of 245 KV Capacitor Voltage Transformers and 245KV Voltage Transformers. | 11,800/- (inclusive of GST) | 64,440/- |

For details of the tender documents, terms and conditions please visit our website **www.ohpcltd.com.**

32136/11/0076/1819 Sd./- Unit Head, UIHEP, Mukhiguda

## ଓଡ଼ିଶା ସରକାର
## ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No. XXIX-92

### ଘୋଷଣା

File No. 992 Dated : 27.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୯ର ଅଧିନିୟମ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ବୁଢ଼ାପଙ୍କ, ଥାନା-ବଂରପାଳ, ତହସିଲ-ବଂରପାଳ, ଜିଲ୍ଲା-ଅନୁଗୁଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୮୫, ତା. ୧୭.୦୪.୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ବୁଢ଼ାପଙ୍କ, ଥାନା ବଂରପାଳ, ଜିଲ୍ଲା ଅନୁଗୁଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନା ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ-ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ସୂଚୀ – 'କ' (SCHEDULE–A)
ପ୍ରସ୍ତାବିତ ଅଧିଗ୍ରହଣ ଅଧୀନରେ ଜମି

ଜିଲ୍ଲା : ଅନୁଗୁଳ ତହସିଲ : ବଅଁରପାଳ

| ଗ୍ରାମର ନାମ | ଗ୍ରାମୀଣ / ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୁଢ଼ାପଙ୍କ | ଗ୍ରାମାଞ୍ଚଳ | ୩୧୨ | ୨୯୭୫ | ଶାରଦ ଅଣ ଜଳସେଚିତ ତିନି | ୦.୫୧୦ | ୦.୦୧୫ | ଗମ୍ଭୀର ନାଏକ, ଗୋପୀ ନାଏକ, ଅଧିକାରୀ ନାଏକ, ପି: କୁଞ୍ଜ ନାଏକ, ଜା: ପାଣ, ବା: ନିଜଗାଁ |
| ବୁଢ଼ାପଙ୍କ | ଗ୍ରାମାଞ୍ଚଳ | ୫୪୯ | ୨୯୭୯ | ଶାରଦ ଅଣ ଜଳସେଚିତ ତିନି | ୦.୧୨୦ | ୦.୦୩୦ | ଥବିର ନାଏକ, କଛି ନାଏକ. ପୁନିଆ ନାଏକ, ପି: ଚୈତନ୍ୟ ନାଏକ, ଜା: ପାଣ, ବା: ନିଜଗାଁ |
| ବୁଢ଼ାପଙ୍କ | ଗ୍ରାମାଞ୍ଚଳ | ୭୦୬ | ୩୧୯୧ | ଶାରଦ ଅଣ ଜଳସେଚିତ ତିନି | ୦.୫୪୦ | ୦.୦୯୫ | ନିରାକାର ସାମଲ, ପି: କାର୍ତ୍ତିକ ସାମଲ, ଜା : କ୍ଷତ୍ରିୟ, ବା: ନିଜଗାଁ |
| ବୁଢ଼ାପଙ୍କ | ଗ୍ରାମାଞ୍ଚଳ | ୭୮୬ | ୩୧୯୨ | ଶାରଦ ଅଣ ଜଳସେଚିତ ଦୁଇ | ୦.୪୦୦ | ୦.୦୫୦ | ପ୍ରଫୁଲ୍ଲ ସାମଲ, ପି: ପ୍ରହ୍ଲାଦ ସାମଲ, ଜା: କ୍ଷତ୍ରିୟ, ବା: ନିଜଗାଁ |
| | | | | ମୋଟ | ୧.୫୭୦ | ୦.୧୯୦ | |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ...................... ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଅଞ୍ଚଳ | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ............।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅନିଲ କୁମାର ସାମଲ, ଜିଲ୍ଲାପାଳ, ଅନୁଗୁଳ
24012/14/0060/1819

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 06 / ଭୁ.ଉ.କ., ଭୁବନେଶ୍ୱର ତା 01.01.2019 ରିଖ
KNL-54/93

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ-K4-292 କୁ ଶ୍ରୀମତୀ ଅନିତା ଚକ୍ରବର୍ତ୍ତୀ, ସ୍ୱାମୀ: ମୃଣାଳ ଚାଟାର୍ଜୀ, ଗ୍ରାମ: ଦଣ୍ଡତୋଟା, ପୋ: ପୁରୀ, ଥାନା: ପୁରୀ ସଦର, ଜିଲ୍ଲା: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅନିତା ଚକ୍ରବର୍ତ୍ତୀ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମଧୁସ୍ମିତା ଦାସ, ସ୍ୱାମୀ: ପଦ୍ମଚରଣ ଦାସ, ଗ୍ରାମ: ଚଣ୍ଡିତାଲ୍, ପୋଅ/ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 338/2 / ଭୁ.ଉ.କ., ଭୁବନେଶ୍ୱର ତା 03.12.18 ରିଖ
KNL-885/93

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ-K4-267 କୁ ଶ୍ରୀମତୀ ଶୁଭଶ୍ରୀ ଦତ୍ତ, ସ୍ୱାମୀ: ପ୍ରସନ୍ ରଣା, ଗ୍ରାମ/ପୋଅ: ହରିଡାଖଣ୍ଡି, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଶୁଭଶ୍ରୀ ଦତ୍ତ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅକ୍ଷୟ କୁମାର କହଁର, ପିତା: ସ୍ୱର୍ଗତ ରାମ ଶଙ୍କର କଅଁର, ଗ୍ରାମ/ପୋଅ: ବୋଙ୍କା, ଭାୟା: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

# ନାରୀ ହାତରେ ସୁରକ୍ଷା




**ଆଜିକାଲି ନାରୀ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହାନ୍ତି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଭାରତୀୟ ସେନାରେ ଯୋଗଦେଇ ସେମାନେ ସୃଷ୍ଟି କରିଛନ୍ତି ଏକ ନୂଆ ଅଧ୍ୟାୟ। ଆଜି ପାଳିତ ହେଉଥିବା ୭୧ତମ ଭାରତୀୟ ସେନା ଦିବସ ଅବସରରେ ସେପରି କେତେଜଣ ଚର୍ଚ୍ଚିତ ମହିଳାଙ୍କ ସମ୍ପର୍କରେ...**

ଆମ ଦେଶରେ, ଆମ ରାଜ୍ୟରେ ଅନେକ ବୀର ରମଣୀ ସେମାନଙ୍କ ଅଦମ୍ୟ ବୀରତ୍ୱ ଓ ସାହସ ପ୍ରଦର୍ଶନ କରି ଶତ୍ରୁକୁ ପରାସ୍ତ କରିବା ସହିତ ଇତିହାସରେ ସେମାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯାଇଛନ୍ତି। ଏମାନଙ୍କ ମଧ୍ୟରେ ଝାନ୍‌ସୀର ରାଣୀ ଲକ୍ଷ୍ମୀ ବାଈ(ମଣିକର୍ଣ୍ଣିକା) ଓ ବାଙ୍କୀର ବୀରାରାଣୀ ଶୁକ ଦେଈଙ୍କ ନାମ ଅନ୍ୟତମ। ମାତ୍ର ଭାରତୀୟ ସେନାରେ ବହୁଦିନ ପର୍ଯ୍ୟନ୍ତ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। 'ଭାରତୀୟ ସେନା ସେବିକା ସେବା'(ଆଇଏମ୍‌ଏନ୍‌ଏସ୍) ୧୮୮୮ ମସିହାରେ ପ୍ରଚଳନ କରାଯାଇ ନର୍ସମାନଙ୍କୁ ସେନାରେ ଚିକିତ୍ସା ଓ ନର୍ସିଂ ସେବା ପ୍ରଦାନ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା। ସମ୍ମୁଖ ଯୁଦ୍ଧରେ ମହିଳା ଅଧିକାରୀ ଓ ଯବାନମାନଙ୍କୁ ନିଆଯାଉ ନ ଥିବା ବେଳେ ଏବେ ସେଥିରେ ପରିବର୍ତ୍ତନ ଆସଛି। ଏବେ (୨୦୧୪) ସ୍ଥଳସେନାରେ ୩%, ନୌସେନାରେ ୨.୮% ଓ ବାୟୁସେନାରେ ୮.୫% ମହିଳା ସେନା ଓ ଅନ୍ୟ କର୍ମଚାରୀ ଥିବାର ଜଣାଯାଏ।

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫)ରେ ୩୫୦ ପାଖାପାଖି ବ୍ରିଟିଶ୍ ଭାରତୀୟ ସେନାର ନର୍ସ ମୃତ୍ୟୁବରଣ କରିଥିବା କିମ୍ବା ଯୁଦ୍ଧବନ୍ଦୀ ରୂପେ ନିଆ ଯାଇଥିବା ଜଣାଯାଏ ଏବଂ ପରବର୍ତ୍ତୀ ସମୟରେ ଏମାନଙ୍କୁ ଯୁଦ୍ଧ ଦ୍ୱାରା ନିଖୋଜ ବୋଲି ଘୋଷଣା କରାଯାଇଥିଲା। Women's auxiliary lorps(India) ୧୯୪୨ରେ ସ୍ଥାପନ କରାଯାଇଥିଲା। ନୁର୍ ଉନାୟତ୍ ଖାନ୍ (ଜର୍ଜକ୍ରଶ), କଲ୍ୟାଣୀ ସେନ୍, ସେକେଣ୍ଡ ଅଫିସର(ପ୍ରଥମ ଭାରତୀୟ ମହିଳା, ଯେ କି ସଂଯୁକ୍ତ ରାଷ୍ଟ୍ରକୁ ଯାଇଥିଲେ) ଉଭୟ ମହିଳା ରୟାଲ୍ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ।

ମାତ୍ର ମହିଳାମାନଙ୍କୁ ସମ୍ମୁଖ ଯୁଦ୍ଧ ଓ ଇନ୍‌ଫ୍ୟାଣ୍ଟ୍ରିରେ ଅଣମେଡିକାଲ ସେବାରେ କାମ କରିବା ଲାଗି ଅନୁମତି ନ ଥିଲା। ୧୯୯୨ରେ ଭାରତୀୟ ସେନା ପ୍ରଥମ ଥର ପାଇଁ ମହିଳା ଅଫିସରମାନଙ୍କୁ ଅଣମେଡିକାଲ ପଦବୀରେ ନିଯୁକ୍ତି ପ୍ରଦାନ କରିଥିଲା । ସେ ସମୟରେ ୧୦୫ ଭାରତୀୟ ମହିଳା ପୋଲିସ ସଂଯୁକ୍ତ ରାଷ୍ଟ୍ରର ଶାନ୍ତିରକ୍ଷୀ ବାହିନୀରେ ଲାଇବେରିଆରେ ସ୍ଥାପିତ ହୋଇଥିଲେ। ଅଳକା ଖୁରାନା ପ୍ରଥମ ମହିଳା ଅଫିସର ଭାବେ ଭାରତୀୟ ସେନା ତରଫରୁ ୧୯୯୪ରେ ସାଧାରଣତନ୍ତ୍ର ଦିବସର ନେତୃତ୍ୱ ନେଇଥିଲେ। ସେ ୧୯୯୩ ମସିହାରେ ସେନାର କମିଶନ୍ଡ ହୋଇଥିଲେ। ସାପର୍ ଶାନ୍ତିଟିଗା ପ୍ରଥମ ମହିଳା ଯବାନ ଭାବେ ୨୦୧୧ରେ ଯୋଗଦେଇଥିଲେ ଓ ପ୍ରିୟା ସାମେଓ୍ୱାଲ୍ ୨୦୧୪ରେ ତାଙ୍କ ସ୍ୱାମୀ, ଯେ କି ଆର୍ମି ଅଫିସର ଭାବେ ଯୁଦ୍ଧକ୍ଷେତ୍ରରେ ବୀରଗତିପ୍ରାପ୍ତ ହୋଇଥିଲେ, ତାଙ୍କ ପରେ ଆର୍ମିରେ ଅଫିସର ରୂପେ ନିଯୁକ୍ତି ପାଇଥିଲେ। ଏହାବ୍ୟତୀତ ମିତାଲି ମଧୁମିତା ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ୨୦୦୦ ମସିହାରେ କମିଶନ୍ଡ ହୋଇଥିଲେ। ସେ ମଧ୍ୟ 'ସେନା ମେଡାଲ' ଲାଭ କରିଥିଲେ ୨୦୧୦ର କାବୁଲସ୍ଥିତ ଭାରତୀୟ ଦୂତାବାସ ଆକ୍ରମଣ ସମୟରେ ପ୍ରଦର୍ଶନ କରିଥିବା ସାହସିକତା ପାଇଁ। ପ୍ରଥମ ବ୍ୟାଚ୍ ମହିଳା ଅଫିସରମାନଙ୍କ ମଧ୍ୟରେ ଅଞ୍ଜନା ଭାଦୁରିଆ ୧୯୯୨ରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଥିଲେ। ତାଙ୍କ ସହିତ ପ୍ରିୟା ଝିଙ୍ଗାନ୍ ମଧ୍ୟ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଥିଲେ। ୨୦୧୦ରେ କମିଶନ୍ଡ ହୋଇଥିବା ମହିଳା ଅଫିସର ଦିବ୍ୟା ଅଜିତ କୁମାର ବୀରତ୍ୱର ଖଡ୍‌ଗ ଲାଭ କରିଥିଲେ। ସେ ୧୫୪ଜଣ ମହିଳା ଅଫିସରଙ୍କର ୨୦୧୫ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ନେତୃତ୍ୱ ନେଇଥିଲେ। ପାନେଭିଲାଲିଜୀ ସେନା ଇଣ୍ଟେଲିଜେନ୍ସ ବାହିନୀରେ ୨୦୧୧ରେ ଯୋଗଦେଇଥିଲେ ଓ ସେ ପ୍ରଥମ ମହିଳା ଅଫିସର ଭାବେ ସେନା ମୁଖ୍ୟଙ୍କର 'କି ଏଡ୍' ଥିଲେ। କ୍ୟାପଟେନ୍ ସ୍ୱାତୀ ସିଂ ପ୍ରଥମ ମହିଳା ଇଞ୍ଜିନିୟର ଭାବେ ୬୩ ବି ଗ୍ରେଡ୍ ଭାରତୀୟ ସେନାର ଦୁର୍ଗମ 'ନାଥୁଲା' ପାସ୍‌ରେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଲ୍ୟୁଟ୍‌ନାଣ୍ଟ ସୋଫିଆ କ୍ୟୁରେସୀ ୨୦୧୬ରେ ASEAN ପ୍ଲସ୍ ଅନ୍ତର୍ଜାତୀୟ କ୍ଷେତ୍ର ତାଲିମର ସଫଳ ନେତୃତ୍ୱ ନେଇଥିଲେ। ସେହିପରି ଭାରତୀୟ ବାୟୁସେନାରେ ୧୯୯୪ରେ ଫ୍ଲାଇଟ୍ ଅଫିସର ରୂପେ (୧୯୯୯ ମେ-ଜୁଲାଇ) କାର୍‌ଗିଲ୍ ଯୁଦ୍ଧରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୀପିକା ମିଶ୍ର ପ୍ରଥମଥର ପାଇଁ 'IAF' ଭାରତୀୟ ବାୟୁସେନାର ପାଇଲଟ୍ ରୂପେ ହେଲିକପ୍ଟର ଏରୋବିକ୍ ଟିମ୍‌କୁ ତାଲିମ ପ୍ରଦାନ କରିଥିଲେ।

ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ନିବେଦିତା ଚୌଧୁରୀ ପ୍ରଥମଥର ପାଇଁ ଏଭରେଷ୍ଟ ବିଜୟିନୀ ହୋଇଥିଲେ। ୨୦୧୫ରେ ୯୪ ଜଣ ପାଇଲଟ, ୧୪ ନାଭିଗ୍ରେଟରଙ୍କ ସହିତ ୧୫୦୦ରୁ ଊର୍ଦ୍ଧ୍ୱ ମହିଳା ଭାରତୀୟ ବାୟୁସେନାରେ କାର୍ଯ୍ୟରତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ବୋଚ୍ଚ ପଦବୀ (ସେନାର ଦ୍ୱିତୀୟ ଉଚ୍ଚତମ)ରେ ଅବସ୍ଥାପିତ ହେବାରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁନୀତା ଆରୋରା ଥିଲେ ପ୍ରଥମ ମହିଳା। ସେ ଆର୍ମି ମେଡିକାଲ କୋରରେ ୧୯୬୮ ମସିହାରେ କମିଶନ୍ଡ ହୋଇଥିଲେ। ସେ ମଧ୍ୟ ଥିଲେ ନୌବାହିନୀର ପ୍ରଥମ ମହିଳା ଭାଇସ୍ ଆଡ୍‌ମିରାଲ। ସେହିଭଳି ବାୟୁସେନାର ପଦ୍ମାବତୀ ବନ୍ଦୋପାଧ୍ୟାୟ ପ୍ରଥମ ମହିଳା ଏୟାର ମାର୍ଶାଲ୍ ରୂପେ ଅବସ୍ଥାପିତ ହୋଇଥିଲେ। ଡ. ସୀମା ରାଓଙ୍କୁ ଭାରତର 'ୱାଣ୍ଡର ଓମ୍ୟାନ୍' ବା ଆଶ୍ଚର୍ଯ୍ୟ ମହିଳା ବୋଲି କୁହାଯାଇଥାଏ। ସେ ୧୫,୦୦୦ରୁ ଊର୍ଦ୍ଧ୍ୱ କମାଣ୍ଡୋଙ୍କୁ (ଯଥା ଏନ୍‌ଏସ୍‌ଜି ବ୍ଲାକ୍ କ୍ୟାଟ୍‌ସ, ମାର୍କୋସ, ଗାର୍ଡ ଇତ୍ୟାଦି) ନିରବଚ୍ଛିନ୍ନ ଭାବେ ୨୦ ବର୍ଷ ଧରି ତାଲିମ ଓ ଦିଗ୍‌ଦର୍ଶନ ଦେଇଆସିଛନ୍ତି। 'ଭାରତୀୟ ତଟରକ୍ଷକ' (ଇଣ୍ଡିଆନ୍ କୋଷ୍ଟଗାର୍ଡ)ରେ ଜାନୁୟାରୀ ୨୦୧୭ରେ ପ୍ରଥମଥର ପାଇଁ ୪ଜଣ ମହିଳା ଅଧିକାରୀ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅନୁରାଧା ଶୁକ୍ଳା, ସ୍ନେହା, କଥ୍ୟାଟ୍, ସିରିନ୍ ଚନ୍ଦ୍ରନ୍ ଓ ବସୁନ୍ଧରା ଚକ୍ବି କଣ୍ଟାକ୍ଟ ବୋର୍ଡରେ ନିଯୁକ୍ତି ପାଇଥିଲେ । ୨୦୧୬ ଏପ୍ରିଲରେ ଆସାମ ରାଇଫଲ୍ସରେ ୧୦୦ ମହିଳା ସୈନିକଙ୍କ ପ୍ରଥମ ବ୍ୟାଚ୍‌କୁ ଭର୍ତ୍ତି କରାଯାଇଥିଲା। ୧୯୬୨ରେ ସୃଷ୍ଟି କରାଯାଇଥିବା ସ୍ୱତନ୍ତ୍ର ସୀମାବଳ ୧୯୭୨ରେ ଚାଇନା - ଭାରତ ଯୁଦ୍ଧ ସମୟରେ ୫୦୦ ମହିଳାଙ୍କୁ ମେଡିକାଲ, ସିଗ୍‌ନାଲ୍ ଓ ଅଫିସ୍ କର୍ମରେ ନିଯୁକ୍ତି ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୧୬ରେ କେନ୍ଦ୍ର ସଶସ୍ତ୍ର ପୋଲିସ ବାହିନୀ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ସୀମା ସୁରକ୍ଷା ବଳ, ଇଣ୍ଡୋ ତିବେତାନ୍ ସୀମା ପୋଲିସ, ଏସ୍‌ଏସ୍‌ବି, ସିଆଇଏସ୍‌ଏଫ୍ ଇତ୍ୟାଦିରେ ସିଧାସଳଖ ମହିଳାମାନଙ୍କୁ ପର୍ଯ୍ୟାୟକ୍ରମେ ଅନ୍ତର୍ଭୁକ୍ତ କରାଗଲା। ୨୦୧୬ ମାର୍ଚ୍ଚରେ ଗୃହମନ୍ତ୍ରୀ ରାଜନାଥ ଆଇପିଏଫ୍ ଓ ସିଆଇଏସ୍‌ଏଫ୍‌ରେ ୩୫% ମହିଳାଙ୍କୁ ନିଯୁକ୍ତି ଦେବାର ଘୋଷଣା କରିଥିଲେ। ଏବେ ଭାରତୀୟ ବାୟୁସେନାରେ ମହିଳା ପାଇଲଟ୍‌ମାନେ ନିଯୁକ୍ତି ପାଉଛନ୍ତି। ସ୍ଥଳ ଓ ନୌସେନାରେ ମଧ୍ୟ ସାହସ ଓ ଧୈର୍ଯ୍ୟର ସହିତ କାର୍ଯ୍ୟରତ ଅଛନ୍ତି। ନିମ୍ନରେ ୧୩ ଜଣ ଉଚ୍ଚ ପଦବୀରେ ଅଧିଷ୍ଠିତ ମହିଳା ସେନା ଅଫିସରଙ୍କ ସମ୍ୟକ୍ ତଥ୍ୟ ଦିଆଯାଇଛି।

**୧. ପୁନୀତା ଆରୋରା:** ପ୍ରଥମ ମହିଳା ଲ୍ୟୁଟ୍‌ନାଣ୍ଟ ଜେନେରାଲ, ପ୍ରଥମ ମହିଳା ଭାଇସ୍ ଆଡ୍‌ମିରାଲ। ୨୦୦୪ରେ ଆର୍ମଡ ସର୍ଭିସେସ୍ ମେଡିକାଲ କଲେଜର କମାଣ୍ଡର ଥିଲେ।

**୨. ପଦ୍ମାବତୀ ବନ୍ଦୋପାଧ୍ୟାୟ:** ବାୟୁସେନାର ପ୍ରଥମ ଏୟାର ମାର୍ଶାଲ୍, ଭାରତୀୟ ବାୟୁସେନାରେ ୧୯୬୮ରେ ଯୋଗଦେଇଥିଲେ। ପ୍ରଥମ ଆଭିଏଶନ୍ ମେଡିସିନ୍ ସ୍ପେସିଆଲିଷ୍ଟ ୧୯୭୧ ଭାରତ - ପାକିସ୍ତାନ ଯୁଦ୍ଧରେ ଯୋଗଦେଇଥିଲେ।

**୩. ମିତାଲି ମଧୁମିତା:** ୨୦୧୧ ଫେବୃୟାରୀରେ ସେନା ପଦକ ପାଇଥିଲେ। ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ପଦବୀରେ ଅବସ୍ଥାପିତ ହୋଇଥିଲେ।

**୪. ପ୍ରିୟା ଝିଙ୍ଗାନ୍:** ୨୧ ସେପ୍ଟେମ୍ବର ୧୯୯୨ରେ ପ୍ରଥମ ସେନା ମହିଳା କ୍ୟାଡେଟ୍ ଭାବେ ଯୋଗ ଦେଇଥିଲେ। ସେ ମହିଳାମାନଙ୍କର ମୁଖ୍ୟ ଭୂମିକା ନେଇଥିଲେ।

**୫. ଦିବ୍ୟା ଅଜିତ୍ କୁମାର:** ପ୍ରଥମ ମହିଳା ସେନା ଅଧିକାରୀ। ୨୦୧୫ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୧୫୪ ମହିଳା ସେନାଙ୍କର ନେତୃତ୍ୱ ନେଇଥିଲେ।

**୬. ନିବେଦିତା ଚୌଧୁରୀ:** ପ୍ରଥମ ବାୟୁସେନା ମହିଳା ଅଧିକାରୀ। ସେ ଏଭରେଷ୍ଟ ଆରୋହଣ କରିଥିଲେ।

**୭. ଅଞ୍ଜନା ଭାଦୁରିଆ:** ସ୍ୱର୍ଣ୍ଣପଦକ ପାଇବାରେ ପ୍ରଥମ ମହିଳା ସେନା ଅଧିକାରୀ।

**୮. ଦୀପିକା ମିଶ୍ର:** ୨୦୦୬ରେ ପ୍ରଥମ ମହିଳା ଭାବେ ବିମାନ ଉଡାଣ ତାଲିମ ନେଇଥିଲେ।

**୯. ସୋଫିଆ କ୍ୟୁରେସୀ:** ଏସିଆନ୍ ପ୍ଲସ ଅନ୍ତର୍ଜାତୀୟ ସ୍ତରର ତାଲିମରେ ମୁଖ୍ୟ ଥିଲେ। ପ୍ରଥମ ସେନା ମହିଳା ଅଧିକାରୀ ଭାବେ ମୁଖ୍ୟ ଦାୟିତ୍ୱ ନେଇଥିଲେ।

**୧୦. ଶାନ୍ତି ଟିଗା:** ସେନାର ପ୍ରଥମ ମହିଳା ଯବାନ, ବିଶିଷ୍ଟ ଗନର ଥିଲେ।

**୧୧. ଗାନେଭି ଲାଲିଜି:** ପ୍ରଥମ କି ଏଡ୍ ଟୁ ଆର୍ମି କମାଣ୍ଡର ଥିଲେ।

**୧୨. ଗୁଞ୍ଜନ୍ ସାକ୍‌ସେନା:** ପ୍ରଥମ ମହିଳା ଫ୍ଲାଇଟ୍ ଅଫିସର। କାର୍‌ଗିଲ ଯୁଦ୍ଧରେ ୧୨ରୁ ଅଧିକ ଥର ବିମାନ ଉଡ଼ାଣ ଭରିଥିଲେ।

**- ଡା. ରାମଚନ୍ଦ୍ର ରାଉତ**
୯୩୩୭୨୦୩୯୪୮

## ଫ୍ୟାଶନ



**ଶୀତଦିନେ ଥଣ୍ଡାରୁ ବର୍ତ୍ତିବା ପାଇଁ ସମସ୍ତେ ଶୀତବସ୍ତ୍ର ଆପଣାଇଥାନ୍ତି। ତେବେ କିପରି ଶୀତ ପୋଷାକ ପିନ୍ଧି ଆପଣ ଲାଗିବେ ଫ୍ୟାଶନେବୁଲ୍ ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...**

- ସ୍ମାର୍ଟ ଲୁକ୍ ପାଇଁ ରାଉଣ୍ଡ୍ ନେକ୍‌ର ସ୍ୱେଟର ସହ ହ୍ୱାଇଟ୍ ଶାର୍ଟ ଲେୟର କରନ୍ତୁ। ଏହା ସହିତ ଟ୍ରେଞ୍ଚ କୋଟ୍ ପିନ୍ଧନ୍ତୁ, ଯାହାକି ସବୁବେଳେ ଫ୍ୟାଶନ୍‌ରେ ରହିଥାଏ। ଏହା ଆପଣଙ୍କୁ ଅଲଗା ଲୁକ୍ ଦେଇଥାଏ।
- ଶୀତଦିନେ ଗ୍ରେ, ଯାକ୍ ବ୍ରାଉନ୍, ଗାଢ଼ ନୀଳ, ବାଇଗଣୀ ଆଦି ଗାଢ଼ ରଙ୍ଗର ସ୍ପୋର୍ଟ ଆଉଟ୍‌ଫିଟ୍ ପିନ୍ଧନ୍ତୁ, ଯାହାକି ଆପଣଙ୍କୁ ଫ୍ୟାଶନେବୁଲ୍ ଲୁକ୍ ଦେବ।
- କମ୍ପ୍ଲିଟ୍ ଲୁକ୍ ପାଇଁ ମଫଲର, ନେକ୍ ୱାର୍ମର ଏବଂ ଗ୍ଲୋବ୍‌ସ ପିନ୍ଧିପାରିବେ, ଯାହାକି ଫ୍ୟାଶନ୍ ସହ ଆପଣଙ୍କୁ ଶୀତରୁ ମଧ୍ୟ ରକ୍ଷା କରିବ।
- ଶୀତଦିନିଆ କପଡ଼ାର ଲେୟାରିଂ କେବଳ ଆରାମଦାୟକ ନୁହେଁ, ବରଂ ଫ୍ୟାଶନେବୁଲ୍ ଲାଗିଥାଏ। ଏହିଦିନେ ମେରିନୋ ଉଲ୍ ଉତ୍ତମ ଫ୍ୟାବ୍ରିକ୍ ପରି କାମ କରିଥାଏ।

# ବଦଳାନ୍ତୁ ଏଭଳି ଅଭ୍ୟାସ

ବିଳମ୍ବିତ ରାତିରେ ଶୋଇବା ଏବେ ଅନେକଙ୍କର ଅଭ୍ୟାସ ହୋଇଗଲାଣି। କିନ୍ତୁ ରିସର୍ଚ୍ଚ କହେ ରାତିରେ ୭ ରୁ ୮ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ। କିଛି ଲୋକଙ୍କୁ ତ ରାତିରେ ଠିକ୍ ଭାବେ ନିଦ ହୁଏନାହିଁ। ଯଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। ଜାଣନ୍ତୁ କିଛି ଟିପ୍ସ, ଯଦ୍ୱାରା ରାତିରେ ଠିକ୍‌ଭାବେ ନିଦ ହେବା ସହ ସୁସ୍ଥ ବିରହିପାରିବେ।

**ଶୋଇବା ସମୟ ସ୍ଥିର କରନ୍ତୁ-** ଯଦି ଆପଣ ବୟସ୍କ, ତେବେ ପ୍ରତିଦିନ ସାଢ଼େ ୭ଘଣ୍ଟାରୁ ୮ ଘଣ୍ଟା ଶୁଅନ୍ତୁ। କାରଣ ଏହି ବୟସରେ ଅଧିକ ନିଦର ଆବଶ୍ୟକତା ରହିଛି।

**ଶୋଇବା ପୂର୍ବରୁ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ-** ଶୋଇବା ପୂର୍ବରୁ ରାତିରେ ଚା, କଫି ଆଦି ସେବନ କରନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଫଳରେ ଆପଣ ଚାହିଁଲେ ବି ଶୀଘ୍ର ଶୋଇପାରିବେ ନାହିଁ।

**ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ-** ରାତିରେ ଶୋଇବାର ୨ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ। ଶୋଇବାର ଅଳ୍ପ ସମୟ ପୂର୍ବରୁ ଅଧିକ ଖାଦ୍ୟ ଖାଇ ଶୋଇଲେ ଶରୀରରେ କଷ୍ଟ ଅନୁଭବ କରିବେ ଏବଂ ଏଥିପାଇଁ ବେଳେବେଳେ ଅନିଦ୍ରା ମଧ୍ୟ ରହିବାକୁ ପଡ଼ିଥାଏ।

**ଉତ୍ତମ ବାତାବରଣ-** ରାତିରେ ଶୋଇବା ପୂର୍ବରୁ ବହି ପଢ଼ନ୍ତୁ। ମୁଡ୍ ଠିକ୍ ରଖିବା ପରି ଗୀତ ଶୁଣନ୍ତୁ। ଆପଣ ଚାହିଁଲେ ଭଲ ଭାବେ ଗାଧୋଇ ପାରିବେ। ଏହାଛଡ଼ା ଆପଣଙ୍କ ଶୋଇବା ସ୍ଥାନ ଆରାମଦାୟକ ହେବା ଦରକାର।

**ଥକା ଲାଗିଲେ-** ଆପଣଙ୍କୁ ଥକା ଲାଗିବାମାତ୍ରେ ତୁରନ୍ତ ଶୋଇପଡ଼ନ୍ତୁ। ଜବରଦସ୍ତି ବିଳମ୍ବିତ ରାତିଯାଏ ଚେଇଁ ରୁହନ୍ତୁ ନାହିଁ।

**ଶୀଘ୍ର ଶୋଇବା ପାଇଁ ଖାଆନ୍ତୁ-** ଚେରି, କ୍ଷୀର, ବାଦାମ, କଦଳୀ ଓ ସିଝାଅଣ୍ଡା ଖାଇବା ସହ ହର୍ବାଲ ଚା ପିଅନ୍ତୁ। ଫଳରେ ଆପଣଙ୍କୁ ଶୀଘ୍ର ନିଦ ଆସିଯିବ।

**ରାତିରେ ଶୀଘ୍ର ଶୋଇବାର ଫାଇଦା-** ରାତିରେ ଶୀଘ୍ର ଶୋଇବା ଦ୍ୱାରା ଟେନ୍‌ସନ୍ କମ୍ ହୋଇଥାଏ। ଓଜନ ବି କମ୍ ହୋଇଥାଏ। ସକାଳେ ଉଠିଲେ ଫ୍ରେଶ୍ ଲାଗିଥାଏ। ସ୍ମରଣଶକ୍ତି ବୃଦ୍ଧି ପାଇଥାଏ।



## ଖାଦ୍ୟରୁଚି

# କେଶରୀ ଶ୍ରୀଖଣ୍ଡ



**ଆବଶ୍ୟକ ସାମଗ୍ରୀ :** ଚିମୁଟାଏ କେଶର, ୧ କେଜି ଦହି, ଚିନି ଏକତୃତୀୟାଂଶ, ଉଷୁମ କ୍ଷୀର ୨ ବଡ଼ ଚାମଚ, ଚିମୁଟାଏ ଜାଇଫଳ, ଏକଚତୁର୍ଥାଂଶ ଅଳେଇଚ ପାଉଡ଼ର, ଛୋଟ ଛୋଟ ନଡ଼ିଆ ଖଣ୍ଡ, ୫/୬ଟି ଚୋପା ଛଡ଼ାଯାଇଥିବା ସିଝା ଆଲ୍‌ମଣ୍ଡ ବାଦାମ, ୮/୧୦ଟି ଚୋପା ଛଡ଼ାଯାଇଥିବା ସିଝା ପେସ୍ତା ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବହଳିଆ ଦହି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ଏକ ବଡ଼ ବାଉଲ୍ ଆଣି ତା'ଉପରେ ଛଣା ଜାଲି ରଖି ତା' ଉପରେ କଟନ୍ କପଡ଼ା ରଖନ୍ତୁ। ଏହା ଉପରେ ଦହି ଢାଳନ୍ତୁ। ଦହିରୁ ଭଲଭାବେ ପାଣି ନିଗାଡ଼ିବା ପରେ ରେଫ୍ରିଜରେଟରରେ ୪-୫ ଘଣ୍ଟା କିମ୍ବା ରାତିସାରା ରଖନ୍ତୁ। ପରେ ହେମଦସ୍ତାରେ କେଶରକୁ ଭଲଭାବେ ଗୁଣ୍ଡ କରନ୍ତୁ। ମାଇକ୍ରୋୱେଭରେ କିଛି ସମୟ କ୍ଷୀର ଗରମ କରନ୍ତୁ। ଗୁଣ୍ଡ କରିଥିବା କେଶରକୁ କ୍ଷୀରରେ ମିଶାଇ ଭଲ ଭାବେ ଗୋଳାନ୍ତୁ। ବହଳିଆ ଦହିକୁ ଏକ ବାଉଲ୍‌ରେ ରଖନ୍ତୁ। ଚିନିକୁ ଗ୍ରାଇଣ୍ଡିଂ କରି ପାଉଡ଼ର ପ୍ରସ୍ତୁତ କରି ଏଥିରେ ମିଶାନ୍ତୁ। ଏହା ସହିତ କେଶର କ୍ଷୀର ମିଶାଇ ଭଲ ଭାବେ ଗୋଳାନ୍ତୁ, ଯେପରିକି ଦହି ଗୋଟା ଗୋଟା ନ ରହିବ। କିନ୍ତୁ ଏହାକୁ ଗ୍ରାଇଣ୍ଡିଂ କରନ୍ତୁ ନାହିଁ। କାରଣ ଏହା ବହଳିଆ ହେବା ଆବଶ୍ୟକ। ଏବେ ଏଥିରେ ଅଳେଇଚ ପାଉଡ଼ର, ଜାଇଫଳ ପାଉଡ଼ର, ପେସ୍ତାବାଦାମ ଓ ଆଲ୍‌ମଣ୍ଡ ଏବଂ ନଡ଼ିଆର ଛୋଟ ଛୋଟ ଖଣ୍ଡ ପକାଇ ଭଲ ଭାବେ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଶ୍ରୀଖଣ୍ଡ। ଚିଲ୍‌ଡ ରହିବା ପାଇଁ ରେଫ୍ରିଜରେଟରରେ ରଖନ୍ତୁ। ଆଉ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।





ପ୍ରଗତିଶୀଳ ଅର୍ଥନୀତିଗୁଡ଼ିକ ସେମାନଙ୍କ ଋଣ ପରିଚାଳନା ଧାରା ଏବଂ ସଂସ୍କାର ପ୍ରକ୍ରିୟା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ।
– କ୍ରିଷ୍ଟାଲିନା ଜିଓର୍ଜିଏଭା, ସିଇଓ, ବିଶ୍ୱ ବ୍ୟାଙ୍କ



କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ବିଭିନ୍ନ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି।
– ହରସିମରତ କୌର ବାଦଲ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ

## ସଂକ୍ଷେପରେ

### ୩୦ହଜାର କୋଟି ଟପିବ ସାର ସବ୍‌ସିଡି

**ନୂଆଦିଲ୍ଲୀ,୧୪-୧:** ଚଳିତ ଆର୍ଥିକ ବର୍ଷରେ ଦେଶର ସାର ବାବଦ ସବ୍‌ସିଡି ୩୦ ହଜାର କୋଟି ଟଙ୍କାରୁ ଅଧିକ ହୋଇପାରେ। କେନ୍ଦ୍ର ସରକାର ଅତିରିକ୍ତ ପାଣ୍ଠି ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକଠାରୁ ସହାୟତା ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ସାର ସବ୍‌ସିଡି ବାବଦରେ ୭୦,୦୮୦ କୋଟି ଟଙ୍କା ବ୍ୟୟ କରିବେ ବୋଲି ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ପ୍ରାୟ ଅର୍ଦ୍ଧାଧିକ ଟଙ୍କା ଗତ ଆର୍ଥିକ ବର୍ଷର ବକେୟା ବାବଦରେ ଖର୍ଚ୍ଚ ହୋଇସାରିଲାଣି। ଉକ୍ତ ସୂତ୍ର କହିଛି ଯେ, ବିଦେଶରେ ସାର ଦର ବଢ଼ିବା ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁ ସାର ଆମଦାନୀ ମହଙ୍ଗା ହୋଇଛି। ଏହି କାରଣରୁ ଚଳିତ ଆର୍ଥିକ ବର୍ଷ ଲାଗି ସାର ସବ୍‌ସିଡି ୧ ଲକ୍ଷ କୋଟି ଟଙ୍କାକୁ ଟପିଯିବ ବୋଲି ମନେ କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ଅତିରିକ୍ତ ବୋଝ ବୋହିବାକୁ ମନା କରିଦେବା ପରେ ସାର ଓ ରସାୟନ ମନ୍ତ୍ରଣାଳୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆପଣାଇବାକୁ ଯାଉଛନ୍ତି।

### ଅର୍ଥ ସଚିବଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି, ଅର୍ଥ କମିଶନ ସଦସ୍ୟ ହେଲେ

**ନୂଆଦିଲ୍ଲୀ,୧୪-୧:** କେନ୍ଦ୍ର ଅର୍ଥ ସଚିବ ଅଜୟ ନାରାୟଣ ଝାଙ୍କ କାର୍ଯ୍ୟକାଳକୁ ଆହୁରି ଏକ ମାସ ବଢ଼ାଇ ଦିଆଯାଇଛି। ସୋମବାର ପର୍ସୋନେଲ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଝାଙ୍କ କାର୍ଯ୍ୟକାଳ ଚଳିତ ମାସ ୩୧ରେ ଶେଷ ହେଉଥିଲା। ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କ ଗଭର୍ନର ହେବା ପରେ ଅର୍ଥ କମିଶନର ସଦସ୍ୟ ସ୍ଥାନଟି ଖାଲି ପଡିଥିଲା। ସେହି ସ୍ଥାନରେ ଝାଙ୍କୁ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ନିଯୁକ୍ତି ସଂକ୍ରାନ୍ତୀୟ କମିଟି ନିଷ୍ପତ୍ତି ନେଇଛି ବୋଲି ନିର୍ଦ୍ଦେଶରେ କୁହାଯାଇଛି।

### ମିନ୍ତ୍ରା, ଜବଙ୍ଗରୁ ଅନନ୍ତ ନାରାୟଣନଙ୍କ ଇସ୍ତଫା



**ନୂଆଦିଲ୍ଲୀ,୧୪-୧:** ଫ୍ୟାଶନ ଇ-ଟେଲର ମିନ୍ତ୍ରା ଓ ଜବଙ୍ଗର ସିଇଓ ପଦରୁ ଅନନ୍ତ ନାରାୟଣନ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଅମର ନଗରମଙ୍କୁ ଉକ୍ତ ଦୁଇଟି କମ୍ପାନୀର ସିଇଓ ପଦରେ ନିଯୁକ୍ତ କରାଯାଇଛି। ସେ ଫ୍ଲିପ୍‌କାର୍ଟ ଗ୍ରୁପ୍ ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତିଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଦୀର୍ଘ ୭ ବର୍ଷ ହେଲା ଅମର ଫ୍ଲିପ୍‌କାର୍ଟ ସହ ଜଡିତ ରହିଛନ୍ତି। ମୋବାଇଲ ଜରିଆରେ ଶପିଂକୁ ଲୋକପ୍ରିୟ କରାଇବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ବିନ୍ନି ବଂଶଲଙ୍କ ଇସ୍ତଫା ପରେ ଅନନ୍ତ ଖୁବଶୀଘ୍ର ନିଜ ପଦରୁ ଓହରିଯିବେ ବୋଲି ଚର୍ଚ୍ଚା ହେଉଥିଲା। ତାଙ୍କ ନେତୃତ୍ୱରେ ମିନ୍ତ୍ରା ଓ ଜବଙ୍ଗ ଫ୍ୟାଶନ ଇ-କମର୍ସରେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଅନନ୍ତ ତାଙ୍କର ନୂଆ ଇନିଂସ କଣ୍ଟେଣ୍ଟ ଷ୍ଟ୍ରିମିଂ ପ୍ଲାଟଫର୍ମ ହଟ୍‌ଷ୍ଟାରରେ ଆରମ୍ଭ କରିପାରନ୍ତି। ତେବେ ଏ ସଂକ୍ରାନ୍ତରେ ସ୍ଥିତି ସ୍ପଷ୍ଟ ହୋଇନାହିଁ।

## ଚାଷୀଙ୍କ ମୁହଁରେ ହସ ଫୁଟାଇବା ଉଦ୍ୟମ

# ତେଲେଙ୍ଗାନାର ପଦାଙ୍କ ଅନୁସରଣ କରିପାରେ କେନ୍ଦ୍ର

**ନୂଆଦିଲ୍ଲୀ,୧୪-୧**



ନିକଟରେ ୩ଟି ରାଜ୍ୟର ବିଧାନସଭା ନିର୍ବାଚନରେ ପରାଜୟ ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଉ ଚାଷୀଙ୍କୁ ଅଣଦେଖା କରିବାକୁ ଚାହୁଁନାହାନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇ ନିଜ ଆଡକୁ ଆକର୍ଷିତ କରିବା ଲାଗି କେନ୍ଦ୍ର ସରକାର ଏକ ଟ୍ରମ୍ପ କାର୍ଡ ଖେଳିପାରନ୍ତି। କେନ୍ଦ୍ର ସରକାର କୃଷକଙ୍କୁ ମାସକୁ ଏକ ନିର୍ଦ୍ଧାରିତ ଅଙ୍କର ପାଣ୍ଠି ଦେଇପାରନ୍ତି। ଏହା କେନ୍ଦ୍ରୀୟ ସ୍ତରରେ ଏକ ନୂଆ ଚାଷୀ ସହାୟକ ଯୋଜନା ହେବାକୁ ଯାଉଥିଲେ ହେଁ ଏହାର ପ୍ରେରଣା ତେଲେଙ୍ଗାନାରୁ ମିଳିଛି ବୋଲି କୁହାଯାଉଛି। ଅସଲରେ ତେଲେଙ୍ଗାନାର କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର 'ରାୟଥୁ ବନ୍ଧୁ' ନାମରେ ଏକ ଚାଷୀ ସହାୟକ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାର ପ୍ରଭାବ ଏତେ ଥିଲା ଯେ, ଗତବର୍ଷ ନଭେମ୍ବରରେ ଦିଲ୍ଲୀରେ ସାରା ଦେଶର ଚାଷୀ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜି ଥିଲା ବେଳେ ତେଲେଙ୍ଗାନାର ଜଣେ ହେଲେ ଚାଷୀ ସେଥିରେ ସାମିଲ ହୋଇ ନ ଥିଲେ। ଚାଷୀ ବିରୋଧୀ ମନୋଭାବ କାରଣରୁ ଭାଜପା ସରକାର ୩ଟି ରାଜ୍ୟରେ କ୍ଷମତାଚ୍ୟୁତ ହୋଇଥିଲା। କିନ୍ତୁ ରାୟଥୁ ବନ୍ଧୁ ଯୋଜନା ଯୋଗୁ କେସିଆର୍ ପୁନର୍ବାର କ୍ଷମତାକୁ ଫେରିପାରିଛନ୍ତି। ୨୦୧୯ରେ ଚାଷୀଙ୍କୁ ଖୁସି କରି ଦ୍ୱିତୀୟଥର କ୍ଷମତାକୁ ଫେରିବାକୁ ଚାହୁଁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ତେଲେଙ୍ଗାନା ସରକାରଙ୍କ ଉକ୍ତ ଯୋଜନାକୁ କପି କରିବାକୁ ଯାଉଛନ୍ତି। ଏନେଇ ଗଭୀର ଭାବେ ବିଚାର ବିମର୍ଶ ଚାଲିଛି। ଅସଲରେ ତେଲେଙ୍ଗାନା ସରକାର ଉକ୍ତ ଯୋଜନାରେ ପ୍ରତି ଚାଷ ସିଜନରେ ଏକର ପିଛା ୪ ହଜାର ଟଙ୍କା ଲେଖାଏ ବର୍ଷକୁ ଦୁଇଥର ଅର୍ଥାତ୍ ୮ ହଜାର ଟଙ୍କା ଲେଖାଏ ଚାଷୀଙ୍କ ଆକାଉଣ୍ଟରେ ପଠାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡୁଛି। ତେଲେଙ୍ଗାନା ସରକାରଙ୍କ ଉକ୍ତ ଯୋଜନା ଯୋଗୁ ରାଜ୍ୟର ୫୭ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି। ତେଲେଙ୍ଗାନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଏଭଳି ଯୋଜନା ଆଣିବାକୁ ଯାଉଛନ୍ତି ଅଥବା ଘୋଷଣା କରିଛନ୍ତି। ବିଧାନସଭା ନିର୍ବାଚନ ପରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏହି ଯୋଜନା ସମ୍ପର୍କରେ ତଥ୍ୟ ଲୋଡାଯାଇଛି।



## ଜିନି ଆଣ୍ଡ ଜନିର ନୂଆ ଷ୍ଟୋର

**ଭୁବନେଶ୍ୱର,୧୪-୧**

ଶିଶୁଙ୍କ ପୋଷାକ ବ୍ରାଣ୍ଡ ଜିନି ଆଣ୍ଡ ଜନି ପକ୍ଷରୁ ନୂଆ ଆଉଟଲେଟ ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ଡିଏନ୍ ରେଗାଲିୟା ମଲରେ ଖୋଲିଛି। ଷ୍ଟୋରକୁ କମ୍ପାନୀର ପୂର୍ବାଞ୍ଚଳ ଜୋନାଲ ମୁଖ୍ୟ ଚନ୍ଦନ ମହାନ୍ତି ଏବଂ ଷ୍ଟୋରର ସ୍ୱତ୍ୱାଧିକାରୀ ଅରୁଣକାନ୍ତି ଦାସ ଶୁଭାରମ୍ଭ କରିଥିଲେ। ଏଠାରେ ଶିଶୁଙ୍କର ବିଭିନ୍ନ ବର୍ଗରେ ପୋଷାକପତ୍ର ଉପଲବ୍ଧ ହେବ। ଷ୍ଟୋରଟି ୯୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏହା ଭୁବନେଶ୍ୱରରେ କମ୍ପାନୀର ତୃତୀୟ ଷ୍ଟୋର। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟରେ ଆଉ ୧୦ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଠାରେ ୨୯୯ଟଙ୍କାଠାରୁ ୨,୯୯୯ ଟଙ୍କା ମଧ୍ୟରେ ଶିଶୁଙ୍କ ପୋଷାକପତ୍ର ଉପଲବ୍ଧ ହେବ।

## ଇକ୍‌ଫାଇ ବିଜ୍‌ନେସ ସ୍କୁଲରେ ସ୍ୱତନ୍ତ୍ର ଲେକଚର




**ହାଇଦ୍ରାବାଦ,୧୪-୧**

ବର୍ତ୍ତମାନ ବିଶ୍ୱ ବାଣିଜ୍ୟ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆସିଛି। ଏହି କ୍ଷେତ୍ରରେ ନୂଆ ନେତୃତ୍ୱ ସୃଷ୍ଟି ହେବା ସହ ଭାରତ, ଚାଇନା, ୟୁଏସ୍ଏ ଏବେ ପ୍ରମୁଖ ସ୍ଥାନରେ ରହିଛନ୍ତି। ଏହି ସମୟରେ ଭାରତ ଏହାର ଫାଇଦା ନେବା ସହ ବିଶ୍ୱ ସ୍ତରରେ ସ୍ଥିତିକୁ ଆହୁରି ଦୃଢ କରିପାରିବ ବୋଲି ଇରୋମି ୟୁନିଭର୍ସିଟିର ମାର୍କେଟିଂ ପ୍ରଫେସର ଜଗଦିଶ ସେଠ ସୂଚନା ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ ଇକ୍‌ଫାଇ ବିଜ୍‌ନେସ୍ ସ୍କୁଲଠାରେ ଅନୁଷ୍ଠିତ 'ଇଣ୍ଡିଆ ଆଣ୍ଡ ନ୍ୟୁ ୱାର୍ଲ୍ଡ ଅର୍ଡର' ଶୀର୍ଷକ ସ୍ୱତନ୍ତ୍ର ଲେକ୍‌ଚର କାର୍ଯ୍ୟକ୍ରମରେ ପ୍ରଫେସର ସେଠ କହିଛନ୍ତି ଯେ, ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ଭାରତ ନିକଟରେ ସମସ୍ତ କ୍ଷମତା ରହିଛି। ସୁଚିନ୍ତିତ ଭାବେ ଏହି ଦିଗରେ ଆଗକୁ ବଢିଲେ ଏକ ଘରୋଇ ଅର୍ଥନୀତି ପରିବର୍ତ୍ତେ ବିଶ୍ୱ ସ୍ତରର ଅର୍ଥନୀତି ହେବାକୁ ଭାରତ ସକ୍ଷମ ହେବ। ସମନ୍ୱିତ ଅର୍ଥନୀତି ସହ କୂଟନୀତି କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ସେଠ କହିଛନ୍ତି।

## ୧୫୩ ଟଙ୍କାରେ ଦେଖିହେବ ୧୦୦ ଚାନେଲ

**ନୂଆଦିଲ୍ଲୀ,୧୪-୧**

**ଆଉ ମାଗଣା ଚାନେଲ ନାହିଁ**



ଟିଭି ଦର୍ଶକଙ୍କୁ ଫେବୃୟାରୀ ପହିଲାରୁ ୧୦୦ ଚାନେଲ ପାଇଁ ମାସକୁ ଅତିକମ୍‌ରେ ୧୫୩ ଟଙ୍କା ଦେବାକୁ ପଡ଼ିବ। ଏଥିରେ ସମସ୍ତ ଚାନେଲ ଫ୍ରି-ଟୁ ଏୟାର ରହିଛି ବୋଲି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) କହିଛି। ଆଜି ଯାଏ ଦର୍ଶକ ଫ୍ରି-ଟୁ ଏୟାର ଚାନେଲ ପାଇଁ ଟଙ୍କା ଗଣୁ ନ ଥିବା ବେଳେ ଆଗାମୀ ଦିନରେ ଆଉ କିଛି ମାଗଣାରେ ପାଇବେ ନାହିଁ। ନୂଆ ବ୍ୟବସ୍ଥା ଆପଣାଇବା ଲାଗି ଟ୍ରାଇ ନିର୍ଦ୍ଦେଶ ପରେ ମୋବାଇଲରେ ଏସ୍‌ଏମ୍‌ଏସ୍ ଜରିଆରେ ଏ ସମ୍ପର୍କରେ ସୂଚନା ଦେବା ଆରମ୍ଭ ହୋଇଛି। ଏହାଛଡ଼ା ଟ୍ରାଇ ପକ୍ଷରୁ ୨ଟି ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡି ଜାରି କରାଯାଇଛି, ଯାହା ମାଧ୍ୟମରେ ଦର୍ଶକ ସହଜରେ ଅଧିକ ସୂଚନା ପାଇପାରିବେ। ଟ୍ରାଇ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୧୦୦ ଫ୍ରି ଟୁ ଏୟାର ଚାନେଲ ପରେ ଦର୍ଶକ ଅଧିକ ଚାନେଲ ଦେଖିବାକୁ ଚାହିଁଲେ ଚାନେଲ ଅଥବା ବୁକେ ହିସାବରେ ଧାର୍ଯ୍ୟ ଦର ଦେବାକୁ ହେବ। ଯଦି ଜଣେ ଦର୍ଶକ ୧୦୦ରୁ ଅଧିକ ଚାନେଲ ଦେଖିବାକୁ ଚାହାନ୍ତି(ଏଭଳି ଦର୍ଶକଙ୍କ ସଂଖ୍ୟା ମାତ୍ର ୧୦ରୁ ୧୫%) ତେବେ ପରବର୍ତ୍ତୀ ୨୫ ଚାନେଲ ପାଇଁ ଅତିରିକ୍ତ ୨୦ ଟଙ୍କା ଦେବାକୁ ହେବ। ଟ୍ରାଇର ନିର୍ଦ୍ଦେଶ ଅନୁଯାୟୀ ବେସ୍ ପ୍ୟାକ୍‌ରେ ଏଚ୍‌ଡି ଚାନେଲ ସାମିଲ ହୋଇନାହିଁ। ତେବେ କିଛି ମିଡିଆ ଏଜେନ୍ସି ଏଚ୍‌ଡି ପ୍ୟାକ୍ ଚୟନ କରିବାର ସୁବିଧା ଦେଉଛନ୍ତି। ଗୋଟିଏ ଏଚ୍‌ଡି ଚାନେଲ ଦେୟ ଦୁଇଟି ଏସ୍‌ଡି ଚାନେଲ ସହ ସମାନ। ଗ୍ରାହକ ନିଜର ସେବା ଯୋଗାଣକାରୀଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇପାରିବେ।

## ପାଇକାରୀ ୩.୮%, ଖୁଚୁରା ମୁଦ୍ରାସ୍ଫୀତି ୨.୧୯%କୁ ହ୍ରାସ

**ନୂଆଦିଲ୍ଲୀ,୧୪-୧**

ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତିରେ ଆଶ୍ୱସ୍ତି ମିଳିଛି ଏବଂ ୮ ମାସର ସର୍ବନିମ୍ନ ସ୍ତର ୩.୮%ରେ ପହଞ୍ଚିଛି। ନଭେମ୍ବରରେ ଏହା ୪.୬୪ ପ୍ରତିଶତ ଥିବା ବେଳେ ୨୦୧୭ରେ ଏହି ସମୟରେ ୩.୫୮ ପ୍ରତିଶତ ଥିଲା। ସେହିଭଳି ଖୁଚୁରା ମୁଦ୍ରାସ୍ଫୀତି ୧୮ ମାସର ସର୍ବନିମ୍ନ ସ୍ତର ୨.୧୯%କୁ ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାର ଜାରି ତଥ୍ୟ ଅନୁଯାୟୀ ଅଶୋଧିତ ତେଲ ଓ ପନିପରିବା ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଡିସେମ୍ବରରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି୦.୦୭ପ୍ରତିଶତ ହ୍ରାସ ପାଇଛି, ଯାହାକି ନଭେମ୍ବରରେ ୩.୩୧ ପ୍ରତିଶତ ଥିଲା। ସେହିଭଳି ପନିପରିବା ମୁଦ୍ରାସ୍ଫୀତି ୧୭.୫୫ ପ୍ରତିଶତକୁ ଖସି ଆସିଛି। ନଭେମ୍ବରରେ ଏହା ୨୬.୯୮ ପ୍ରତିଶତ ଥିଲା। ଡିସେମ୍ବରରେ ଇନ୍ଧନ କ୍ଷେତ୍ରରେ ମୁଦ୍ରାସ୍ଫୀତି ୮.୩୮%କୁ ହ୍ରାସ ପାଇଥିବା ବେଳେ ନଭେମ୍ବରରେ ଏହା ୧୬.୨୮ ପ୍ରତିଶତ ଥିଲା। ଅନୁରୂପ ଭାବେ ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୨.୩୩% ରହିଥିଲା। ଗତବର୍ଷ ଡିସେମ୍ବରରେ ଏହା ୫.୨୧ ପ୍ରତିଶତ ଥିଲା। ଏଥିପୂର୍ବରୁ ୨୦୧୭ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୧.୪୬ ପ୍ରତିଶତ ରହିଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ଡିସେମ୍ବରରେ-୨.୫୧ ପ୍ରତିଶତ ରହିଛି, ଯାହାକି ନଭେମ୍ବରରେ -୨.୬୧ ପ୍ରତିଶତ ଥିଲା।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଅର୍ଥ ମନ୍ତ୍ରଣାଳୟର ପରାମର୍ଶ

# ସରକାରଙ୍କ ଅଂଶଧନ ୫୨%କୁ କମାଅ

**ନୂଆଦିଲ୍ଲୀ,୧୪-୧**

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ସରକାରଙ୍କ ଅଂଶଧନକୁ ଧୀରେ ଧୀରେ ୫୨%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ବ୍ୟାଙ୍କିଙ୍ଗ ସେକ୍ଟରରେ କର୍ପୋରେଟ ଢାଞ୍ଚାର ପ୍ରବର୍ତ୍ତନ ଲାଗି ଏପରି ପଦକ୍ଷେପ ନେବା ଆବଶ୍ୟକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ରାଜୀବ କୁମାର କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ସରକାରଙ୍କ ଅଂଶଧନ ସର୍ବାଧିକ। ଏହି କାରଣରୁ ବ୍ୟାଙ୍କଗୁଡିକ କର୍ପୋରେଟ ଢାଞ୍ଚାରେ ପରିଚାଳନା ହେବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ଅଂଶଧନକୁ ୫୨%କୁ ହ୍ରାସ କରାଯିବା ଆବଶ୍ୟକ। ଷ୍ଟକ୍ ମାର୍କେଟର ସ୍ଥିତିକୁ ଦେଖିବା ପରେ ବ୍ୟାଙ୍କ ଏ ଦିଗରେ ପରବର୍ତ୍ତୀ ପଦକ୍ଷେପ ନେଇପାରିବେ। ଏଥିପାଇଁ ସେମାନଙ୍କୁ ପୂର୍ବରୁ ଅନୁମତି ପ୍ରଦାନ କରାଯିବ। ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ସେବିର ନିୟମ ଅନୁଯାୟୀ ତାଲିକାଭୁକ୍ତ କମ୍ପାନୀର ଅତିକମ୍‌ରେ ୨୫% ଅଂଶଧନକୁ ବଜାରରେ ବିକ୍ରି କରିବାକୁ ପଡ଼ିବ। କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରଙ୍କ ଅଂଶଧନ ୭୫% ରହିଛି।

## ଫେବୃୟାରୀ ୩ରେ ଫିଟ୍‌ଜୀର ଫର୍ଚୁନେଟ ୪୦ ପରୀକ୍ଷା

**ଭୁବନେଶ୍ୱର,୧୪-୧**

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଫର୍ଚୁନେଟ ୪୦ ପରୀକ୍ଷା ଫେବୃୟାରୀ ୩ରେ ଅନୁଷ୍ଠିତ ହେବ। ଯେଉଁ ଅଭିଭାବକମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କାରୁ କମ୍ ଏବଂ ସେମାନଙ୍କ ପିଲା ନବମ ଏବଂ ଏକାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ଥିଲେ, ଉକ୍ତ ପଦକ୍ଷେପ ଦ୍ୱାରା ଫିଟ୍‌ଜୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବ। ଫିଟ୍‌ଜୀ ପକ୍ଷରୁ ଏଥିରେ ୧୦୦% ସ୍କଲାରଶିପ ଏବଂ ହଷ୍ଟେଲ ଚାର୍ଜ ଉପରେ ୧୦୦% ଛାଡ଼ ସୁବିଧା ଦେବ। ଆର୍ଥିକ ସମସ୍ୟା ଥିବା ପିଲାମାନଙ୍କୁ କୋଚିଂ ପାଇଁ ସାଧାରଣତଃ ଅସୁବିଧା ଉପୁଜିଥାଏ। ଫର୍ଚୁନେଟ ୪୦ ପରୀକ୍ଷା ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ଫିଟ୍‌ଜୀର ନିର୍ଦ୍ଦେଶକ ଆର୍.ଏଲ୍. ତ୍ରୀଖା ସୂଚନା ଦେଇଛନ୍ତି।

## ଭାରତରେ ଆୟ ଅସମାନତା

# ୧୦% ଉଚ୍ଚବର୍ଗଙ୍କ ନିକଟରେ ୬୦ ପ୍ରତିଶତ ସମ୍ପତ୍ତି

**ନୂଆଦିଲ୍ଲୀ,୧୪-୧**



ଭାରତରେ ଆୟ ଅସମାନତା ବେଶ୍ ପରିଲକ୍ଷିତ ହୁଏ। ଉଚ୍ଚବର୍ଗ ପରିବାରର ଆୟ ଜାତୀୟ ହାରାହାରି ବାର୍ଷିକ ଆୟଠାରୁ ୪୭% ଅଧିକ। ୨୦୧୨ ସୁଦ୍ଧା ଶୀର୍ଷ ୧୦% ଉଚ୍ଚବର୍ଗର ପରିବାର ନିକଟରେ ୬୦% ସମ୍ପତ୍ତି ରହିଛି। ବିଶ୍ୱ ଅସମାନତା ସଂକ୍ରାନ୍ତ ରିପୋର୍ଟରୁ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୨ ସୁଦ୍ଧା ଦଶନ୍ଧି ଭିତରେ ଏମାନଙ୍କ ମଧ୍ୟରୁ ୧% ପାଖାପାଖି ୧୬% ପଏଣ୍ଟ ହିସାବରେ ୨୯.୪% ସମ୍ପତ୍ତି ବୃଦ୍ଧି କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆର୍ଥିକ ଦୃଷ୍ଟିରୁ ଗରିବ ଶ୍ରେଣୀଙ୍କ ପାଇଁ ୧୦% ସଂରକ୍ଷଣ ବିଲ୍ ଅନୁମୋଦନ କରିସାରିଥିବା ବେଳେ 'ୱେଲଥ ଇନଇକ୍ୱାଲିଟି, କ୍ଲାସ୍ ଆଣ୍ଡ କାଷ୍ଟ ଇନ୍ ଇଣ୍ଡିଆ, ୧୯୬୧-୨୦୧୨' ଶୀର୍ଷକ ରିପୋର୍ଟରେ ଜାତି ଭିତରେ ଆୟ ଓ ସମ୍ପତ୍ତି ସୃଷ୍ଟିରେ ଅସମାନତା ଉପରେ ଦୃଷ୍ଟିନିବଦ୍ଧ କରାଯାଇଛି। ୨୦୧୬ ସୁଦ୍ଧା ଗତ ୩୬ ବର୍ଷରେ ଉଚ୍ଚବର୍ଗର ଶୀର୍ଷ ୧୦%ଙ୍କ ସମ୍ପତ୍ତି ପରିମାଣରେ ୨୪% ପଏଣ୍ଟ ହିସାବରେ ୫୫% ବୃଦ୍ଧି ଘଟିଛି। ଏହି ଦୃଷ୍ଟିରୁ ଦେଖିଲେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ଆୟ ଜାତୀୟ ପାରିବାରିକ ଆୟଠାରୁ କମ୍। ଏସ୍‌ସି ଓ ଏସ୍‌ଟିଙ୍କ ପରିବାରିକ ଆୟ ଯଥାକ୍ରମେ ୨୧% ଓ ୩୪% ପ୍ରତିଶତ ରହିଛି। ସେହିପରି ଓବିସିଙ୍କ ଆୟ ଏବେସୁଦ୍ଧା ୮% ରହିଛି। ଉଚ୍ଚବର୍ଗ ଭିତରେ ବ୍ରାହ୍ମଣଙ୍କ ଆୟ ଜାତୀୟ ହାରଠାରୁ ୪୮% ଅଧିକ। ଅନୁରୂପ ଭାବେ ଅଣ-ବ୍ରାହ୍ମଣ ଅଗ୍ରଣୀ ଜାତିଙ୍କ ଆୟ ୪୫% ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୧୫-୧୬ ଅନୁଯାୟୀ ୪୫.୯% ଏସ୍‌ଟି ବର୍ଗଙ୍କ ସମ୍ପତ୍ତି ପରିମାଣ ୨୬.୬% ଏସ୍‌ସି,ଓବିସିଙ୍କ ୧୮.୩%, ୯.୭% ଅନ୍ୟ ଜାତି ଏବଂ ଅନ୍ୟାନ୍ୟ ଜାତିଙ୍କ ୨୫.୩%ଙ୍କ ଠାରୁ କମ୍ ରହିଛି।

DADLS-245

**ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ**

**ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ତା୧୬।୦୧।୨୦୧୯** **ସ୍ଥାନ- ଗୀତଗୋବିନ୍ଦ ସଦନ**

**ପ୍ରବନ୍ଧ ପ୍ରତିଯୋଗିତା** **ସମୟ- ପୂର୍ବାହ୍ନ ଘ.୧୧.୩୦ମି.**
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** **ସମୟ- ଅପରାହ୍ନ ଘ.୧.୩୦ମି.**
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧକ୍ଷ / ଅଧକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୧୬।୦୧।୨୦୧୯ରିଖ ସନ୍ଧ୍ୟା ଘ.୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0544/1819

**MCL Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the eProcurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. **[Contact details: Tel.- 0663- 2542264/2542695** (available during office hours only); email- **hlp-eproc.mcl@nic.in**]
R-4877

*Give a missed call on toll free number 1800 200 3004 to get our Apps.*

**NOTICE**

**No. 477** **Date: 11.01.19**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

In pursuance to advt. No. 11810, dt-28.12.2018, Zilla Swasthya Samiti, Bargarh invites objections, if any from the candidates for the Post of Addl. ANM through walk-in interview held on dtd. 10.01.2019. Candidates are requested to log in the official website of Bargarh District www.bargarh.nic.in to view the database. The candidates are requested to send their objections if any, to the O/o, Chief District Medical & Public Health Officer, Bargarh, Pin-768028 with superscription on the envelope "Objection for the Post of ____________" through Regd. Post/Speed Post only by 21.01.2019 up to 12.00 Noon. No personal contacts and after due date no applications will be entertained.

**Sd./-**
**Chief District Medical & Public Health Officer-Cum**
**District Mission Director, NHM, Bargarh**

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୧୫/୨୦୧୯



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମା' ଶାରଦା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୂଆପଡା ଅଫିସ,୧୪।୧
ସ୍ଥାନୀୟ ମାଉଲିଭଟା ଗାଁରେ ମା' ଶାରଦା କ୍ଲବ ଆନୁକୂଲ୍ୟରେ ମା' ଶାରଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ବୋଇରଗାଁ ଏବଂ ପଣ୍ଡ୍ରିପାଣି ମଧ୍ୟରେ ହୋଇଥିଲା। ଏଥିରେ ପଣ୍ଡ୍ରିପାଣି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୧୦୩ ରନ କରିଥିଲା। ଏହାର ଜବାବରେ ବୋଇରଗାଁ ଦଳ ୩ ଉଇକେଟରେ ୧୦୨ରନ କରିଥିଲା। ପଣ୍ଡ୍ରିପାଣି ଦଳ ୧ ରନରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ତରଫରୁ ରଘୁ ସାହୁ, ଅନୁସାହୁ, ପିଲାଉ ମାଝି, ମୁକେଶ ଶବର, ବିକାଶ ଶବର, ପି.କେ. ମାଝି ପ୍ରମୁଖ ପରିଚାଳନା କରିଥିଲେ ।



ବରଗଡ଼ ମୁକ୍ତେଶ୍ୱର ମନ୍ଦିରରେ ମହାରାଜା କଂସଙ୍କୁ ସ୍ୱାଗତ କରାଯାଉଛି ।



ଗୋପ ମଣ୍ଡପରେ ଷଣ୍ଢାସୁର ବଧର ଦୃଶ୍ୟ ।

# କଂସ ପ୍ରେରିତ ରାକ୍ଷସୀ ରାକ୍ଷସ ନିହତ

## ବରଗଡ଼ ଧନୁଯାତ୍ରା

ମଥୁରାନଗରୀ/ଗୋପପୁର, ୧୪।୧
ବରଗଡ଼ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସ ସୋମବାରଠାରୁ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଆରମ୍ଭ ହୋଇଛି । ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ନନ୍ଦଭବନରେ ନନ୍ଦରାଣୀ, ନନ୍ଦରାଜା ମେଲାଣୀ ଦେଇଥିଲେ। ଏହାପରେ ଶ୍ରୀକୃଷ୍ଣ, ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ । ପ୍ରତି ଘର ସମ୍ମୁଖରେ ଝୋଟି, ପୂର୍ଣ୍ଣ କଳସ ସହିତ ଗୋପପୁରବାସୀ ବେନିଭାଇଙ୍କୁ ପୂଜାର୍ଚ୍ଚନା କରିଥିଲେ । ଗୋପପୁର ପରିକ୍ରମା ସାରି ଗୋପାଳ ବାଳକଙ୍କ ଗହଣରେ କୃଷ୍ଣ, ବଳରାମ ଗୋପ ମଣ୍ଡପକୁ ଯାଇଥିଲେ । ସେଠାରେ ଦୃଶ୍ୟାଭିନୟରେ ଶ୍ରୀକୃଷ୍ଣ ମାଟି ଖାଉଥିବା ଦେଖି ମା' ଯଶୋଦା ତାଙ୍କୁ ଆକଟ କରିଥିଲେ । ପରେ କଂସଙ୍କ ପ୍ରେରିତ ଜଣେ ପରେ ଜଣେ ରାକ୍ଷସୀ ସେଠାକୁ ପହଞ୍ଚିଥିଲେ । ମାତ୍ର ଶ୍ରୀକୃଷ୍ଣଙ୍କ ସଂସ୍ପର୍ଶରେ କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢା, ଅଘାସୁର ଆଦି ରାକ୍ଷସୀ ରାକ୍ଷସଙ୍କ ନିଧନ ହୋଇଥିଲା । ଏହି ଦୃଶ୍ୟ ଦେଖିବା ପାଇଁ ମଣ୍ଡପ ଚତୁଃପାର୍ଶ୍ୱରେ ଜନଗହଳି ଲାଗି ରହିଥିଲା । ଏହି କାର୍ଯ୍ୟକ୍ରମ ସରିବା ପରେ ଜୀରାନଦୀ କୂଳ ନନ୍ଦ ଦରବାରରେ ଦୃଶ୍ୟାଭିନୟ ଗୁଡ଼ିକ ଦେଖିବାକୁ ମିଳିଥିଲା । ସେଠାରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ଅନ୍ୟଦିନ ଭଳି ଅପରାହ୍ନରେ ମଥୁରାଧିପତି ମହାରାଜା କଂସ ନିଜର ପାତ୍ରମନ୍ତ୍ରୀ, ସୈନ୍ୟ ସାମନ୍ତଙ୍କୁ ନେଇ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ । ସ୍ଥାନୀୟ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ (ସେଲ୍ସ ଟ୍ୟାକ୍ସ ଅଫିସ) ପରିସର ମୁକ୍ତେଶ୍ୱର ମନ୍ଦିରକୁ ଯାଇ ସେଠାରେ ବାବାଙ୍କ ରୁଦ୍ରାଭିଷେକ କରିଥିଲେ । ଏହା ସହିତ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ । ପରେ କଂସ ରଙ୍ଗମହଲକୁ ଯାଇ ସେଠାରେ ନୃତ୍ୟରେ ମସ୍‌ଗୁଲ୍ ହୋଇ ପଡ଼ିଥିଲେ । ସେଠାରୁ ହାଟପଦାସ୍ଥିତ ରାଜ ଦରବାରକୁ ଆସି ପାତ୍ରମନ୍ତ୍ରୀ ଓ ପାରିଷଦ ବର୍ଗଙ୍କ ସହିତ ମଥୁରାନଗରୀର ହାଲଚାଲ୍ ବୁଝିଥିଲେ ଏବଂ ଗୋପପୁର ପଠାଇଥିବା ରାକ୍ଷସୀ ରାକ୍ଷସଙ୍କ ଖବର ଅପେକ୍ଷାରେ ରହିଥିଲେ । ଏହାସହିତ ତାଙ୍କ ଅଧିନରେ ରହିଥିବା ଅନ୍ୟ ରାକ୍ଷସ ମାନଙ୍କୁ ଯୁଦ୍ଧାଭ୍ୟାସ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଦ୍ମଶ୍ରୀ ଡଃ ହଳଧର ନାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ କୃପାସିନ୍ଧୁ ମିଶ୍ର ରାଜଅତିଥି ଭାବେ ଯୋଗ ଦେଇଥିଲେ ।

ମଥୁରାନଗରୀରେ କଟକର ନୃତ୍ୟ ମୟୂରୀ, ବଲାଙ୍ଗୀରର ରୁଣୁଝୁଣୁ, ଆଠମଲ୍ଲିକର ଧବଳେଶ୍ୱର ଦଣ୍ଡନୃତ୍ୟ, ସମ୍ବଲପୁର ଯବାନ କ୍ଲବ, କଟକ ଗୁଗୁଣ୍ଡାର ଚଇତି ଘୋଡ଼ାନୃତ୍ୟ, ଅତାବିରାର କୁରେଇଫୁଲ, ବରଗଡ଼ର ବୀଣାପାଣି କଳା ପରିଷଦ, ସମ୍ବଲପୁର ସାଂସ୍କୃତିକ ଅନୁଷ୍ଠାନ, ପାଟଣାଗଡ଼ର ଝଙ୍କାର ମ୍ୟୁଜିକ, ବଲାଙ୍ଗୀରର ଝରାବଉଳ କଳା ପରିଷଦର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନ୍ୟପଟେ ଗୋପପୁରରେ ବିଜେପୁର ସରଣ୍ଡାପାଲିର ରାସମଲ୍ଲୀ ଡାଲଖାଇ, ବାବେବିରାର ଜୟନ୍ତୀ ଯୁବକ ସଂଘ, କନବାରର ଶବ୍ଦନୃତ୍ୟ, ତୋରାର ବୋଧନ ସମ୍ବଲପୁରୀ ଲୋକନୃତ୍ୟ, ସଞ୍ଚାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ପୁତନା ବଧର ଦୃଶ୍ୟ ।



ବକାସୁର ବଧର ଦୃଶ୍ୟ ।

ଧୂମ ମଚେଇବା ପାଇଁ ଆସିଗଲା
ବ୍ୟବହାର କରିବା ମାତ୍ରେ ହିଁ ପ୍ରଭାବ ଆରମ୍ଭ
କାମ ନ କଲେ ଅର୍ଥ ଫେରସ୍ତ
Love Square Capsules
HERBAL CARE
କ୍ୟାପସୁଲ ସହିତ ଇନ୍ଦ୍ରୀୟ ବର୍ଦ୍ଧକ ଯନ୍ତ୍ର ମାଗଣା
ଏହି କ୍ୟାପ୍‌ସୁଲ ନିୟମିତ ସେବନଦ୍ୱାରା ଉର୍ଯ୍ୟା ବଢିବା ସହିତ ସହବାସରେ ଉତ୍ସାହ ମଧ୍ୟ ବଢିଥାଏ । ସପ୍ନଦୋଷ, ଶିଘ୍ର ପତନ, ଉତ୍ତେଜନାର ଅଭାବ, ନପୁଂସକତା, ଇନ୍ଦ୍ରୀୟର ପତଳାପଣ, ତଥା ଦୁର୍ବଳତା ଦୂର କରିବା ସହ ସମୟକୁ ବଢାଇଥାଏ ।
(ସୌଖିନ ଲୋକ ବି ଥରେ ନିଶ୍ଚୟ ବ୍ୟବହାର କରନ୍ତୁ)
HERBAL CARE
Mob : 7462930397 8227874192

CLASSIFIED DISPLAY

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316
- Well Developed Homestead Plot.
- For Future Investment Purpose.
- Entire Project is Electrified.
- Bank Finance is also available.
- Reasonable Price.
- First Possession then Registration.
Rs. 190/- Per Sq. ft
Mob: 7326837199, 9861747353

FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,
AFTER
BEFORE
RHINOPLASTY

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ପରିଣତ କରୁଥିବା ୭ ଦୈବୀଶକ୍ତି ଓ କଳା ବିଦ୍ୟାରେ ନିପୁଣ
୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ଯଦି ଆପଣ କୌଣସି ସମସ୍ୟା କାରଣରୁ ଚିନ୍ତିତ ତେବେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରନ୍ତୁ
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବନ୍ଧନକୁ ଖୋଲାନ୍ତୁ, ପୋତା ଧନ, ଜୁଆ-ସଟ୍ଟା, ଭୁତ-ପ୍ରେତ, ଯାଦୁ-ଟୋନା, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ମନ ଚାହୁଁଥିବା ପ୍ରେମ, ରୋଗରେ ଔଷଧ କାମ ନ କରିବା, ପୁରୁଣା ଯନ୍ତ୍ରଣା, ବିଦେଶ ଯାତ୍ରା, ପିଲାମାନଙ୍କ ସମସ୍ୟା, କୋର୍ଟ କେସ୍, ଫିଲ୍ମ, ମଡେଲିଂ କ୍ୟାରିୟର୍‌ରେ ସଫଳତା।
ବଶୀକରଣ
ତନ୍ତ୍ର-ମନ୍ତ୍ର
ସଉତୁଣୀ ଓ ଶତ୍ରୁ
ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା କେହି ବାହାର ଲୋକ, ଶ୍ୱଶୁର ଘର ଲୋକେ ହଇରାଣ କରୁଛନ୍ତି କି?
ସ୍ପେ. ବଶୀକରଣ, ମୁଠକରଣୀ ଓ କଳାଯାଦୁ
ବାବା ଆଲାଉଦ୍ଦିନ ବଙ୍ଗାଲି
ରେଳ ଷ୍ଟେଶନ ନିକଟ
9654724520
9990987786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ଯଦି ସମାଧାନ ଅଛି, ତେବେ ଚିନ୍ତା କାହିଁକି ?
ଜୟ ସାଇ ରାମ
ସମସ୍ୟା ଆପଣଙ୍କ ହେବ, ସମାଧାନ ଆମେ କରିବୁ....
ତାନ୍ତ୍ରିକ ଜ୍ୟୋତିଷ ବାରୟାର ବାବା ଜାହିର ଖାନ୍ କେବଳ ଗୋଟିଏ ଥର
ॐ साईं नमः
କଳା ଓ ଖରାପ ଆତ୍ମାର ବେତାଜ ବାଦ୍‌ଶାହ
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଘରେବସି ଗୋଟିଏ କଲ୍‌ରେ ହିଁ ସମାଧାନ
ବଶୀକରଣ, ପ୍ରେମବିବାହ, ସଉତୁଣୀ ଓ ଶତ୍ରୁଠାରୁ ମୁକ୍ତି , ପୋତା ଧନ, ବ୍ୟବସାୟରେ ବାଧା, ଶୁଭ ଯାତ୍ରା, ଗୃହକ୍ଲେଶ, କଳା ଯାଦୁ, କରି କରାଉଥିବା, ପିଲା ନହେବା, ବନ୍ଧ୍ୟା ଦୋଷ
ଫିସ୍ ନୁହ ପୁରଷ୍କାର ନେବି । ସମସ୍ୟା ନୁହଁ ସମାଧାନ ଦେବି
ସାକ୍ଷାତ କରନ୍ତୁ କିମ୍ବା ଫୋନ୍ କରନ୍ତୁ
ବଶୀକରଣ ସ୍ପେ. ମୁଠାକରଣୀ
ବାବା ଜାହିର ଖାନ୍
ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ନୋଟ୍ - ପ୍ରେମରେ ଧୋକା ଖାଇଥିବା ପୁଅ ଓ ଝିଅ ନିହାତି ଫୋନ୍ କରନ୍ତୁ
7557475200 7065574718

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
ODISHA ONE
ଗୋପାଳବଲ୍ଲଭ ରୋଡ଼, ପୁରୀ ସ୍ଥିତ
ନେତାଜୀ ସଂଗ୍ରହାଳୟର ଲୋକାର୍ପଣ
ତା୧୫.୦୧.୨୦୧୯
ଦିବା ୧୦ଘଟିକା
ଏବଂ
ପୁରୀ ଜିଲ୍ଲା ସଂସ୍କୃତି ଭବନ ପରିସରରେ
ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ
ତା୧୫.୦୧.୨୦୧୯ ଦିବା ୧୦.୧୫ ଘଟିକା
ଏହି ଉତ୍ସବ ଦ୍ୱୟରେ ଯୋଗଦାନ କରିବେ:
ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି
ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ପିନାକୀ ମିଶ୍ର
ମାନ୍ୟବର ସାଂସଦ, ପୁରୀ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ଦାସ
ଜିଲ୍ଲାପାଳ, ପୁରୀ
ଏହି ଉତ୍ସବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ।
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
03001/13/0053/1819 DSPL-348

ଭାରତ ସରକାର

# ପୂର୍ବୋଦୟରୁ
## ହେଉଅଛି ନୂଆ ଭାରତର ଉଦୟ

# ପଶ୍ଚିମ ଓଡ଼ିଶାର
## ସାମଗ୍ରିକ ବିକାଶକୁ ସାକାର ରୂପ ଦେବା ପାଇଁ
## ୧୫୫୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ












# ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
## କରକମଳରେ

### ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ

ଝାରସୁଗୁଡ଼ାଠାରେ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ

ଝାରସୁଗୁଡ଼ା-ବିଜୟନଗରମ୍ ରେଳ ଲାଇନ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍‌ର ବିଦ୍ୟୁତୀକରଣ

ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରୋଡ଼ ରେଳ ଲାଇନ୍‌ର ଦୋହରୀକରଣ

ଥେରୁବାଲି-ସିଙ୍ଗାପୁର ରୋଡ଼ ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ. ୫୮୮

### ଭିତ୍ତିପ୍ରସ୍ତର ସ୍ଥାପନ

କେନ୍ଦ୍ରୀୟ ବିଦ୍ୟାଳୟ, ସୁବର୍ଣ୍ଣପୁର
ଏବଂ

### ଶୁଭ ଉଦ୍‌ଘାଟନ

କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ା

ବଲାଙ୍ଗୀର-ବିଚ୍ଛୁପାଲି (ନୂଆ ଲାଇନ୍), ବଲାଙ୍ଗୀର

ବଲାଙ୍ଗୀର-ବିଚ୍ଛୁପାଲି ନୂଆ ଲାଇନ୍ ଉପରେ ରେଳ ଚଳାଚଳକୁ ସବୁଜ ପତାକା ପ୍ରଦର୍ଶନ

ନବୀକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ:
- ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ଗନ୍ଧରାଡ଼ି, ବୌଦ୍ଧ
- ରାଣୀପୁର ଝରିଆଲ ଐତିହ୍ୟ ସମୂହ, ବଲାଙ୍ଗୀର
- ପଶ୍ଚିମ ସୋମନାଥ ମନ୍ଦିର ସମୂହ, ବୌଦ୍ଧ

କଳାହାଣ୍ଡିର ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟ ସ୍ଥଳର ବିକାଶ

ବରଗଡ଼, ବଲାଙ୍ଗୀର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଫୁଲବାଣୀ ଏବଂ ପୁରୀରେ
ନୂତନ ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ୍ ସେବା କେନ୍ଦ୍ର (ପିଓପିଏସ୍‌କେ)

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସୁଷମା ସ୍ୱରାଜ**
ବୈଦେଶିକ ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପ୍ରକାଶ ଜାଭଡ଼େକର**
ମାନବ ସମ୍ବଳ ବିକାଶ ମନ୍ତ୍ରୀ
ଭାରତ ସରକାର

**ଜୁଏଲ ଓରାମ**
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପିୟୂଷ ଗୋଏଲ**
ରେଳ ମନ୍ତ୍ରୀ,
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ
ଭାରତ ସରକାର

**ଡ. ମହେଶ ଶର୍ମା**
ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)
ଭାରତ ସରକାର

**ମଙ୍ଗଳବାର, ୧୫ ଜାନୁୟାରୀ ୨୦୧୯, ସକାଳ ୮:୦୦ ଘଟିକା | ବଲାଙ୍ଗୀର ରେଳ ଷ୍ଟେସନ, ଓଡ଼ିଶା**



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବୋଡାସମ୍ବର ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ

**ପାଇକମାଳ, ୧୪।୧ (ଡି.ଏନ.ଏ):** ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ବିକ୍ରମ ନଗରଠାରେ ସୋମବାର ସ୍ୱର୍ଗତ ରାୟଧର ଲୁହାରଙ୍କ ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକ ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ପାଳିତ ହୋଇଛି। ଏ ନେଇ କ୍ଷେତ୍ରୀ ଲୁହାରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମନୋରଞ୍ଜନ ସୁନା, ନବଘନ ତାଣ୍ଡି, ଉସତ ତାଣ୍ଡି, ଦିଲୀପ କୁମ୍ଭାର ପ୍ରମୁଖ ଯୋଗଦେଇ ବୋଡାସମ୍ବର ଗାନ୍ଧୀ କୁହାଯାଉଥିବା ରାୟଧର ଲୁହାରଙ୍କ ସ୍ମୃତିଚାରଣ କରିଥଲେ । ଶେଷରେ ଦେବାର ଛତର ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଂହେନପାଲିରେ ନାମଯଜ୍ଞ

**ଭେଡ଼େନ, ୧୪।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ରେଶମ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଂହେନପାଲି ପଣ୍ଡରାଡୁଙ୍ଗରୀ ସ୍ଥିତ ଶିବମନ୍ଦିର ପରିସରରେ ତିନିଦିନ ଧରି ଚାଲିଥିବା ନାମଯଜ୍ଞ ମକର ସଂକ୍ରାନ୍ତି ଅବସରରେ ସୋମବାର ଉଦ୍‌ଯାପିତ ହୋଇଛି । ଏଥିରେ ରବି ଭୂୟାଁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ଉଦ୍‌ଯାପନୀ ଦିବସରେ କତୁରକଟା, ମିର୍ଦ୍ଧାପଡ଼ା, ହାତୀପାଲିର ମହିଳା ଏବଂ ସାରସମାଲ, ସିଂହେନପାଲି, କତୁରକଟା ଓ ହାତୀପାଲିର ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ପୂଜା କମିଟି ସଭାପତି ରାହାସ ବିହାରୀ ପଧାନ, ଦଶରଥ ଭୋଇ, ଗୁଣନିଧି ଭୋଇ, ଲେକରୁ ଭୋଇ, ସନ୍ତୋଷ ଭୋଇ, ସମିତିସଭ୍ୟ ନରେନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### କୁରୁଆଁ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

**ଜାମଟିକ୍ରା, ୧୪।୧ (ଡି.ଏନ.ଏ):** ବରଗଡ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ଉମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଗରିଆଙ୍କ ତତ୍ତ୍ୱାବଧାନରେ ମଶାଲ ଶୋଭାଯାତ୍ରା ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ବଳବନ୍ତ ସାହୁ ମୁଖ୍ୟଅତିଥି, ରଞ୍ଜନ ସେଠ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ପାତ୍ର, ସମ୍ପାଦକ ସୁବାଷ ଥାଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦଶମ ଶ୍ରେଣୀ ଛାତ୍ର ପଙ୍କଜ ମିର୍ଦ୍ଧା ଓ କୁନ୍ତି ବେହେରାଙ୍କୁ ଉପେନ୍ଦ୍ର ସାହୁ କ୍ରୀଡା ସମ୍ମାନ ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ସଦାନନ୍ଦ ଦାଶ, କୃଷ୍ଣାନନ୍ଦ ଦାଶ, ଡୋଲାମଣି ପଧାନ, ସୁଚିତ୍ରା ସାହୁ, ନିରୂପମା ସାହୁ ସହଯୋଗ କରିଥିଲେ ।

■ ପୋର୍‌ଛାହନ୍ ଅଭାବୁ ମୁହଁ ଫିରଉଛନ୍ ଚାଷୀ

# ଲୋପ୍ ପାଉଛେ ସୁର୍‌ଷୋ ଚାଷ୍

**ଜାମଟିକ୍ରା, ୧୪।୧ (ଡି.ଏନ.ଏ)**

ଅତାବିରା ବ୍ଲକ



ବୁଗବୁଗାରେ ହେଇଥିବାର ସୁର୍‌ଷୋ ଚାଷ୍ ।

ଆମର ଭାରତୀୟ ଖାଏଦ୍ ପାଏନ୍‌ରେ ସୁର୍‌ଷୋର ଅଲଗ୍ ପହେଚାନ୍ ଅଛେ। ଖୁଜ୍‌ଲେ ସମକର ରଁଧାଘରେ ଗୁଟା ସୁର୍‌ଷୋ ଆର ତେଲ ମିଲବା। ସୁର୍‌ଷୋ ଖାଲି ରଁଧାବଢ଼ାଥି ବେଭାର ହେସି ହେନ୍‌ତା ନୁହେ, ଇଟାକେ ନାନା ପକରକାର ଉଷୋକଷା ହିସାବେ ବି ବେଭାର କରାହେସି। ହେଲେ ଆଏଜ୍‌କାଲି ସୁର୍‌ଷୋ ଚାଷ୍ ଲୋପ ପାଏବାକେ ବସଲାନ। ଦିନ୍ ଥିଲା ଏକର ଏକର ଜମିରେ ସୁର୍‌ଷୋ ଚାଷ୍ ହେଉଥିଲା। ହେଲେ ଏହେଦେ ଚାଷୀ ଇ ସୁର୍‌ଷୋ ଚାଷ୍ କରବାକେ ନାଇଁ ମଂଗବାର। ଇତାର ବଡ଼ କାରନ୍ ହେଲା ଅମଲ କମ୍ ହେବାର ସଂଗେ ସରକାରୀ ପୋର୍‌ଛାହନ୍‌ର ଅଭାବ୍। ବରଗଡ଼ ଜିଲା ଅତାବିରା ବ୍ଲକ୍ କୁଲୁଣ୍ଡା ଆର ବୁଗବୁଗା ପଁଚେତ୍‌ରେ ଆଗ୍‌ରୁ ଚାଷୀ ଏକର ଏକର ଜମିନ୍‌ଥି ସୁର୍‌ଷୋ ଚାଷ୍ କରୁଥିଲେ। ହେଲେ ଏହେଦେ କାଁଭାଁ ଚାଷୀ ସୁର୍‌ଷୋ ଚାଷ୍ କରୁଛନ୍। ରୋଗ୍‌ପୋକ, କମ୍ ଅମଲ ସଂଗେ ସରକାରୀ ପୋର୍‌ଛାହନ୍‌ର ଅଭାବ ଲାଗି ଦିନୁ ଦିନ୍‌କେ ଚାଷୀ ସୁର୍‌ଷୋ ଚାଷ୍ କରବାକେ ନାଇଁ ମଂଗବାର। ଇତାର ବଦଲା ସେମାନେ ଦାଦନ ଖଟିଯିବାରଟା ସହଜ୍ ମନେ କରୁଛନ୍। ଯଦି ଇ ଚାଷ୍ ଲାଗି ରାଏଜ୍ ସରକାର ଚାଷୀକୁ ବିହନ୍, ଉଷୋକଷା, ସାର ଆର ପୋର୍‌ଛାହନ୍ ଦେବାର ଦିଗେ ଚିନ୍‌ତା କରତେ ତ ଚାଷୀ ଉଷତ୍ ହେଇ ଆଘର ଲେଖେନ୍ ଚାଷ୍ କରତେ ବଲି ଚାଷୀ ଭରତ ଷାଣ୍ଡେ କହିଛନ୍। ଏହେଦେ ବଜାରରେ ସୁର୍‌ଷୋ କୁଇଣ୍ଟାଲ ପିଛା ୩ ହଜାରରୁ ୩ ହଜାର ୫ଶହ ଟଁକା ତକ୍ ବିକ୍‌ରି ହେଉଥିଲା ବେଲେ ଇଥିରଲାଗି ଅଢ଼େ ହଜାର ଟଁକା ବିହନ ଆର ଉଷୋ ବାବ୍‌ଦେ ଖରଚ୍ ହେଉଛେ। ବାକି ଚାଷୀର ପାରିଶ୍‌ରମ ତେନ୍‌କେ ଥାଉ। ବୁଗବୁଗା ପଁଚେତ୍‌ରେ ଆଗ୍‌ରୁ ବଡ଼ଭାରି ହିସାବେ ସୁର୍‌ଷୋ ଚାଷ୍ ହେଉଥିଲା। ଏହେଦେ ୫ ଏକର ନ ଚାଷ୍ ହେଉଛେ, ହେଲେ ଆଗ୍‌କେ ଚାଷୀ କେନ୍‌ଥେଇ ଜହ ଆକାରେ ସୁର୍‌ଷୋ ଚାଷ୍ କରବେ ସେ ଦିଗେ ଚେଷ୍‌ଟା କରୁଛୁଁ ବଲି ଗ୍ରାମ୍ୟ କୃଷି ଅଧିକାରୀ କିଶୋର ଦାସ କହିଛନ୍। ସରକାରୀ ବିଧି ବେବସ୍‌ତା ଭିତରେ ସୁର୍‌ଷୋ ଚାଷୀକୁ କେଭେ ସରକାରୀ ପୋର୍‌ଛାହନ୍ ମିଲବା ଦେଖିବାର ବାକି ରହେଲା।

■ ଟି. ଗଣ୍ଡପାଲିରେ ବିବେକାନନ୍ଦ ଜୟନ୍ତୀ

# ଭେଁଡିଆପିଲେ ଜାଗ୍‌ଲେ ଗାଁର ଉନ୍‌ନତି ସମ୍‌ଭବ

**ବିଜେପୁର, ୧୪।୧ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଟି.ଗଣ୍ଡପାଲି ଦୁର୍ଗା ମଡ଼ପରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଜାକ୍‌ଜମକରେ ପାଲିତ ହେଇଯାଇଛେ। ଥାନୀୟ ବିବେକାନନ୍ଦ ଯୁବକ ସଂଘ ତରଫୁ ଆୟୋଜିତ ଇ ଉଚ୍ଛବ୍‌କେ କଂଗ୍ରେସର ଜିଲା ଉପସଭାପତି ଦିଲୀପ କୁମାର ପଣ୍ଡା ମୁଖିଆ କୁନୁଆଁ ହିସାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉନିଆମାନକର ଭିତରେ ଜୟଲାଲ ସୁନା, ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଭରତ ସା, ସରପଁଚ୍‌କଁର ପରତିନିଧି ଭିକାରୀ ମେହେର ସନ୍‌ମାନୀତ କୁନୁଆଁ ହିସାବେ ଯୋଗ ଦେଇଥିଲେ। ସାମାଜିକ ଦାଇତିଅବୋଧ ଅଭାବୁ ଗାଁର ପରିବେଶ ଦିନୁଦିନ୍‌କେ ଖରାପ ହେଉଛେ। ଇତାର ସମାଧାନ ଲାଗି ଭେଁଡ଼ିଆ ପିଲାକର ମୁଖିଆ ଭୂମିକା ରହିଛେ। ସେଥିରଲାଗି ଭେଁଡ଼ିଆ ପିଲାମାନେ ଚେତ୍‌ଲେ ଗାଁର ଉନ୍‌ନତି ସମ୍‌ଭବ ବଲି ଉପସ୍ଥିତ କୁନୁଆଁମାନେ କହିଥିଲେ। ଯୁବ କବି ମକରଧ୍ୱଜ ସାହୁ ମୁଖିଆ ବକ୍‌ତା ହିସାବେ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ପରବରେ ଭାଜପା ନେତା ସୁବାଷ ଚୌହାନ ମୁଖିଆ କୁନୁଆଁ, ଗୋବର୍ଦ୍ଧନ ଭୁଏ ସମ୍‌ମାନୀତ ଅତିଥି, ଦେବାଶିଷ ଦାଶ ମୁଖିଆ ବକ୍‌ତା ହିସାବେ ଯୋଗ ଦେଇଥିଲେ। ଯୁବକ ସଂଘର ସଭାପତି ସୁନୀଲ ମଲ୍ଲିକ ଉଭଏ କାୟ୍‌କରମରେ ଅଧକ୍ଷତା କରିଥିଲେ। ସଭାକେ ଶିକ୍ଷକ ଗୋବିନ୍ଦ ସେଠ ସଂଯୋଜନା କରିଥିଲେ। ୩ୟ ଆର ୫ମ ଶ୍ରେଣୀ ମେଧାବୃରତି, ନାଚ୍‌ଗୀତ ପରତିଯୋଗୀତାରେ ସଫଲତା ପାଇଥିବାର ଛାତ୍ରୀଛାତ୍ରମାନକୁ ପୁରସ୍‌କୃରୁତ କରାଯାଇଥିଲା। ପଛେ ସ୍ୱର୍ଗତ ହାସ୍ୟକବି ସଞ୍ଜିବ ବଣିଆଁକଁର ଲେଖିଲା ସମ୍ବଲପୁରୀ ନାଟକ 'ହରିବୋଲ ବିବେକାନନ୍ଦ' ଯୁବକ ସଂଘର କଳାକାରମାନକର ଦୁଆରା ପରିବେଶିତ ହେଇଥିଲା।



ଉଦ୍‌ଗାଟନୀ ସମାରୋହରେ ମଞ୍ଚାସୀନ କୁନୁଆଁମାନେ ।

ଭେଡ଼େନରେ ଜନଅଭିଯୋଗ ଶୁଣାଣି ଶିବିର

# ୨୭ ଅଭିଯୋଗର ଶୁଣାଣି ହେଲା



ଏଟିଏମ ଲୁଟ୍‌ର ଶିକାର ହୋଇଥିବା ଜଣେ ମହିଳା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ।

**ଭେଡ଼େନ, ୧୪।୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ପିଡ଼ି ଡ଼ିଆରଡ଼ିଏ କୃତିବାସ ରାଉତ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ନବ କିଶୋର ସାହୁ, ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ବିଡ଼ିଓ ମୁରଲୀଧର ନାୟକ, ବିଇଓ ମଛିନ୍ଦ୍ର ମଲିକ, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତିଙ୍କ ସମେତ ବହୁ ଜିଲା ତଥା ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରରେ ସାଇବର କ୍ରାଇମ୍‌ର ଶିକାର ହୋଇଥିବା ଭେଡ଼େନ ଗ୍ରାମର ମହିଳା ନିରୂପମା ମେହେର ଜିଲାପାଳଙ୍କୁ ଭେଟି ତାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ନେଇ ଅଭିଯୋଗ କରିଥିଲେ । ଏ ନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳ ଏସ୍‌ପିଙ୍କୁ ଜଣାଇଥିଲେ । ଏହି ଶିବିରରେ ମୋଟ ୨୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ତଥା ୪ଟି ସାମୂହିକ ସମସ୍ୟା ଥିବା ଜଣାପଡ଼ିଛି । ଏହି ଅବସରରେ ଜିଲାପାଳ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ତିନିଚକିଆ ସାଇକେଲ ବିତରଣ କରିଥିଲେ ।

## ନାଗରିକ କମିଟି ବୈଠକ ଗ୍ରୀଡ୍ ସ୍ଥାନାନ୍ତର ବିରୋଧରେ ମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ନିଷ୍ପତ୍ତି

**ପାଇକମାଳ, ୧୪।୧ (ଡି.ଏନ.ଏ)**

ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଳ ନାଗରିକ କମିଟିର ଏକ ଜରୁରୀ ବୈଠକ ସଭାପତି ମନୋଜ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ କାଳିଆ, ବିଧାୟକ ପ୍ରତିନିଧି ସରୋଜ ସାମଲ, ଦିଲୀପ ଅଗ୍ରୱାଲ, ଓକିଲ ରାମରତନ ପୁରୋହିତ, ବୁଲୁ ନାୟକ, ସନ୍ତୋଷ ପାଣିଗ୍ରାହୀ, ଯୁଗଳ ମେହେର, ଗିଡୁ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ବଡ ସତପଥି, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପାଇକମାଳ ଓ ଝାରବନ୍ଧ ବ୍ଲକ ପାଇଁ ପ୍ରସ୍ତାବିତ ୧୩୨/୩୩ କେଭି ଗ୍ରୀଡ ସବଷ୍ଟେଶନ ନୂଆପଡାକୁ ସ୍ଥାନାନ୍ତର କରାଯାଉଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଏ ବିଷୟରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଭେଟିବା ସହ ଶକ୍ତି ସଚିବଙ୍କୁ ସାକ୍ଷାତ ପାଇଁ ପରାମର୍ଶ ଦେଇଥିଲେ । ଏକ ପ୍ରତିନିଧି ଦଳ ଖୁବଶୀଘ୍ର ଶକ୍ତିମନ୍ତ୍ରୀ ସିଂଙ୍କୁ ଭେଟିବା ପାଇଁ ଆଲୋଚନା ହୋଇଥିଲା। ପାଇକମାଳରେ ଏହି ଗ୍ରୀଡ ସ୍ଥାପନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

# ନିତ୍ୟାନନ୍ଦ ଆଶ୍ରମରେ ମକରମେଳା ସମ୍ପନ୍ନ

**ବିଜେପୁର, ୧୪।୧ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମା ଦାମୋଦରକଟା ଉପକଣ୍ଠରେ ଥିବା ଗୋପଟିକ୍ରାର ନିତ୍ୟାନନ୍ଦ ଆଶ୍ରମରେ ଦୁଇ ଦିନ ଧରି ଚାଲିଥିବା ମକରମେଳା ମହୋତ୍ସବ ସୋମବାର ସମ୍ପନ୍ନ ହୋଇଛି । ଆଶ୍ରମ ପରିସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିରେ ପୂଜାର୍ଚ୍ଚନା କରି ମକର ଚାଉଳ ଭୋଗ ଲଗାଯାଇଥିଲା । ରୀତିନୀତି ସହକାରେ ପଣ୍ଡିତ ସୁରେନ୍ଦ୍ର ମହାପାତ୍ର ଓ ସହଯୋଗୀ ରମାରମଣ ଗୁରୁଙ୍କ ତତ୍ତ୍ୱାବଧାନରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା । ମୁଖ୍ୟକର୍ତ୍ତା ସୈରେନ୍ଦ୍ରୀ ବେହେରା ଓ ଜଗନ୍ନାଥ ବେହେରାଙ୍କ ସମେତ ପଞ୍ଚାନନ ସାହୁ, ଯୋଗେନ୍ଦ୍ର ମେହେର, ଭାଲୁ ସେଠ ପ୍ରମୁଖ ୬ଜଣ ଗୀତାଯଜ୍ଞରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରବଚନ ଓ ଭଜନ ସଂକୀର୍ତ୍ତନ ପରିବେଷିତ ହୋଇଥିଲା । ମାନପୁରର ବିନୋଦ ବାବା, ସୋନପୁର ଜିଲା ହିକୁଡିର ଦଧିବାମନ ତ୍ରିପାଠୀ ପ୍ରବଚକ ଭାବେ ଯୋଗଦାନ କରିଥିଲେ । ବିଜେପୁର ସମେତ ସୀମାନ୍ତ ସୋହେଲା, ବରପାଲି, ଗାଇସିଲେଟ ବ୍ଲକର ଶ୍ରଦ୍ଧାଳୁମାନଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ଝାରବନ୍ଦଲିର ସୁବାଷିନୀ ମିଶ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ପଞ୍ଚାନନ ବାବା, ଲବଣୀ ମେହେର, ସଂସାର ପଣ୍ଡା, କୁମର ପଧାନ, ସୁରେଶ ପଧାନ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବରମୁଣ୍ଡାର ଯୋଗେଶ୍ୱର ମଠ, ମାଝିପାଲିର ସିଦ୍ଧେଶ୍ୱର ମଠ ଏବଂ ଯୋଖିପାଲିରେ ମକରମେଳା ପାଳିତ ହୋଇଛି ।

## ଖେଳ ଖବର

# ବୁଢାରଜା କ୍ରିକେଟ: ଦମକିପାଲି ଚାମ୍ପିୟନ





ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

**ଗାଇସିଲେଟ,୧୪।୧(ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଫିରିଙ୍ଗିମାଳ ପଞ୍ଚାୟତ ବାବେବାହାଲ ଗ୍ରାମରେ ତୃତୀୟ ବାର୍ଷିକ ବୁଢାରଜା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଗତ ଶନିବାର ଆରମ୍ଭ ହୋଇଥିଲା । ସାମାଜିକ କର୍ମୀ ସୁମିତ ସାହୁ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଯତୀନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଦମକିପାଲି ଦଳ ଚାମ୍ପିୟନ ଓ ଝାଙ୍କରପାଲି ଦଳ ଉପବିଜେତା ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। ଦମକିପାଲି ଦଳର ପ୍ରକାଶ ମ୍ୟାନ ଅଫ୍ ଦି ମ୍ୟାଚ୍ ତଥା ଝାଙ୍କରପାଲି ଦଳର ଗିରିଜା ମ୍ୟାନ ଅଫ୍ ଦି ସିରିଜ ଘୋଷିତ ହୋଇ ପୁରସ୍କୃତ ହୋଇ ଥିଲେ । ଆଭାଷ ପୁରୋହିତ ଓ ଅଶୋକ ବାରିକ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଫୁଲ୍ଲ ତନସନା ମୁଖ୍ୟଅତିଥି, କ୍ଷୀରୋଦ୍ର ପୁରୋହିତ, ଇଶ୍ୱର ନାୟକ, ସରୋଜ ତ୍ରିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

# କ୍ରିକେଟ: ଇଲେଭେନ ଷ୍ଟାର୍‌ସ ବିଜୟୀ

**ଭେଡ଼େନ, ୧୪।୧ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଖେଳ ପଡ଼ିଆରେ ଜାଣ୍ଡୋଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରାରମ୍ଭରେ ମାଁ ଘୋଡ଼ାଧାର ମନ୍ଦିରରୁ ସମସ୍ତ ଦଳର ମାଲିକ, କର୍ମକର୍ତ୍ତା, ଖେଳାଳି ମାନେ ଏକ ବିଶାଳ ଶୋଭାଯାତ୍ରାରେ କ୍ରୀଡ଼ା ମଶାଲ ନେଇ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଉଦଘାଟନୀ ଉତ୍ସବରେ ବିଜାରୁ ମେହେର ମୁଖ୍ୟଅତିଥି, ପ୍ରକାଶ ଭୋଇ, ସଭାପତି ମେହେର, ଚୂଡ଼ାମଣି ସା, ସନ୍ତୋଷ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ

**ଜାଣ୍ଡୋଲ ପ୍ରିମିୟର ଲିଗ୍**

ଦେଇଥିଲେ । ଏହାସହ ସମସ୍ତ ଦଳର ମାଲିକ ତରଣୀସେନ ମେହେର, ଅଜିତ ଅଗ୍ରୱାଲ, ମନୋଜ ଶତପଥି, ସଦାଶିବ ମେହେର, ସୁମିତ ଅଗ୍ରୱାଲ, ଦେବାର୍ଚ୍ଚନ ଦଳେଇ ଉପସ୍ଥିତ ଥିଲେ । ସିବିଲ କୁମାର ସାହୁ ସଭା ପରିଚାଳନା ଓ ରଜତ କୁମାର ପାତ୍ର ଧନ୍ୟବାଦ ଅର୍ପଣ । ପରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଲେଭେନ ଷ୍ଟାର୍‌ସ ଦଳ ୮ ଉଇକେଟରେ ବିଜୟୀ ହୋଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଡ଼େମୋନେସ ରାଇଡ଼ର ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ କରିଥିଲେ । ଜବାବରେ ଇଲେଭେନ ଷ୍ଟାର୍‌ସ ଦଳ ୬.୨ ଓଭରରେ ୨ ଉଇକେଟ ହରାଇ ୬୯ ରନ କରି ମ୍ୟାଚ୍ ଜିତିଥିଲେ। ଖେଳକୁ ରାଧେଶ୍ୟାମ ନାୟକ ଓ ଦୁଷ୍ମନ୍ତ ପାତ୍ର ପରିଚାଳନା କରିଥିବା ବେଳେ ପ୍ରହ୍ଲାଦ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶିବାନନ୍ଦ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଜାଣ୍ଡୋଲ ପ୍ରିମିୟର ଲିଗ୍ କ୍ରିକେଟର ଅତିଥି ଓ ଖେଳାଳିମାନେ ।



ଜଣେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

# ଡୁମାଲପାଲି ଏକାଦଶ ଚାମ୍ପିୟନ

**ଭଟଲି,୧୪।୧(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଖେଳ ପଡ଼ିଆରେ ଚାଲିଥିବା ୨୩ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ନଟବର ବନଛୋର କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଡୁମାଲପାଲି ଏକାଦଶ ଏବଂ ଅନ୍ତରାଡ଼ି ଏକାଦଶ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁମାଲପାଲି ଏକାଦଶ ୧୬ ରନ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଏହି ମ୍ୟାଚରେ ଡୁମାଲପାଲି ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା । ୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅନ୍ତରାଡ଼ି ଦଳ ନିର୍ଦ୍ଧାରିତ ଓଭରରେ ୭ଟି ଉଇକେଟ ହରାଇ ମାତ୍ର ୭୩ ରନ୍ କରିପାରିଥିଲା। ଡୁମାଲପାଲି ଏକାଦଶ ପକ୍ଷରୁ ବସୁଦେବ ବରିହା ଫାଇନାଲ ମ୍ୟାଚ ଏବଂ ସମ୍ପୂର୍ଣ୍ଣ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଡୁମାଲପାଲି ଏକାଦଶର କୃଷ୍ଣଚନ୍ଦ୍ର ସାହୁ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ । ରାଜୀବ ଭୁଏ, ଜୀବର୍ଦ୍ଧନ ଲୁହା, ଉମେଶ ବଢ଼େଇ ଏବଂ ପ୍ରଶାନ୍ତ ନାଏକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ବିଜେଡ଼ି ନେତା ସନ୍ତୋଷ ସେଠ୍, ସରପଞ୍ଚ ସହଦେବ ବନଛୋର ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କ ସମେତ ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ସୂର୍ଯ୍ୟମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ଝାରମୁଣ୍ଡା ଭଜନମଣ୍ଡଳୀର ବାର୍ଷିକ ଉତ୍ସବ

**ଦେଓଗାଁ,୧୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଝାରମୁଣ୍ଡାରେ ସ୍ଥାନୀୟ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ରବିବାର ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ଭଜନ ମଣ୍ଡଳୀ ଆବାହକ କୁମାର ଷାଣ୍ଡଙ୍କ ଆବାହକତ୍ୱରେ ପ୍ରାତଃ ୫ଟାରୁ ଓଁଙ୍କାର, ସୁପ୍ରଭାତମ, ନଗର ସଂର୍କିତନ ପରେ ସକାଳ ୮ଟାରେ ଷୋଡଶପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକପ୍ରଦୀପ କୁମାର ତ୍ରିପାଠୀ ଯୋଗଦେଇ ଥିବାବେଳେ କିଶୋର ସାହୁ ଏବଂ ଭାର୍ଗବୀ ସାହୁ କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। ନନ୍ଦିନୀ ପୁଟେଲ, ସାଇ ଗାୟତ୍ରୀ ପୁଟେଲ ବେଦପାଠ କରିଥିଲେ। ଅବନୀ ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଦିଲୀପ କୁମାର ମିଶ୍ର, ସରସ୍ୱତୀ ନନ୍ଦ ଯୋଗ ଦେଇଥିବା ବେଳେ ସାଧୁରାମ ପୁରୋହିତ, ଗୋବିନ୍ଦ ମେହେର ଏବଂ ସାଇ ଗାୟତ୍ରୀ ପୁଟେଲ ବକ୍ତା ଭାବେ ଯୋଗଦେଇ ବାବାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।ଏ ଅବସରରେ ସ୍ଥାନୀୟ କିଛି ଅସହାୟ ପରିବାରଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହାକୁ ବୃହସ୍ପତୀ ପୁଟେଲ, ପୁଷ୍ପାଞ୍ଜଳୀ ମେହେର, ଚୁମକୀ ପୁଟେଲ, ସରସ୍ୱତୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ରାଜୁ ପୁଟେଲଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟସ୍ତରୀୟ ଆନନ୍ଦ ଉତ୍ସବରେ ଭାଗନେଇ କୃତିତ୍ୱ ହାସଲ କରିଥିବା ସାଇ ଗାୟତ୍ରୀ ପୁଟେଲ, ଶଗୁନମୟୀ ମେହେର, ପ୍ରୀୟା ମେହେର, ଫକିର ମୋହନ ଦାଶ ଏବଂ ନନ୍ଦିନୀ ପୁଟେଲଙ୍କୁ ଗଣେଶ ଅଗ୍ରୱାଲଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଝାରମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୧୪।୧:** ବଲାଙ୍ଗୀର କୋଶଳ କଳାମଣ୍ଡପ ପଡିଆ ମଞ୍ଚରେ ଅନୁଷ୍ଠିତ ୧୬ତମ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚଳିତ ବର୍ଷ ସକାଶେ ସୁପ୍ରତିଭ ଖୁଣ୍ଟିଆ ମିଷ୍ଟର ଓଡ଼ିଶା ବିଜେତା ହୋଇଛନ୍ତି । ରାଜ୍ୟ ବଡି ବିଲ୍‌ଡିଂ ଆସୋସିଏଶନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଆମେଚର ବଡି ବିଲଡିଂ ଆସୋସିଏଶନ ଚଳିତ ବର୍ଷ ମିଷ୍ଟର ଓଡ଼ିଶା ଚମ୍ପିଏନସିପ୍ ପ୍ରତିଯୋଗିତା ଦୁଇ ଦିନ ଧରି ଆୟୋଜନ କରିଥିଲା । ଗତ ୧୩ ତାରିଖ ସନ୍ଧ୍ୟାରେ ୧୧ଟି ଗ୍ରୁପର ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ତଥା ମହିଳା ବଡିବିଲଡିଂ ଶୋ ଅନୁଷ୍ଠିତ ହୋଇଥିଲା । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆୟୋଜକ କମିଟି ସଭାପତି ଲଳିତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଅଧକ୍ଷ ଅର୍କେଶ ନାରାୟଣ ସିଂଦେଓ ସଭାପତିତ୍ୱ କରିଥିଲେ । ବଲାଙ୍ଗୀର ଲୋକସଭା ସଦସ୍ୟ କଲିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମିଟି ଉପାଧକ୍ଷ ପ୍ରକାଶ କୁମାର ନେପାକ ଧନ୍ୟବାଦ ଅର୍ପଣ କରିଥିଲେ । ଲିଟୁ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ସମ୍ପାଦକ ସଞ୍ଜୟ ଶତପଥୀ  ଧନ୍ୟବାଦ ଦେଇଥିଲେ । ସଭାରେ ଉପସଭାପତି ପ୍ରମୋଦ ରଥ, ବରିଷ୍ଠ ସଭ୍ୟ ରାମଶରଣ ହୋତା, ରାଜ୍ୟସ୍ତରୀୟ ସଭାପତି ସୁନିତା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ଏକଜୁଟିଭ ଡାଇରେକ୍ଟର ଡା. ଭାରତୀ କୃଷ୍ଣ ବ୍ରହ୍ମା ମଞ୍ଚାସୀନ ଥିଲେ । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୫୫ କେଜି ବର୍ଗରୁ ୧୦୦ କେଜି ବର୍ଗର ପ୍ରତିଯୋଗୀଙ୍କୁ ଏସ୍.କ୍ରିଷ୍ଣାରାଓ, ପ୍ରଶାନ୍ତ ଦାଶ, ବଲାଲ ଖାନ, ସୁପ୍ରତିଭ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ଦିଲୀପ ବଗର୍ତ୍ତି, କୋଷାଧକ୍ଷ ରୂପକ ବରାଳ, ସଂଗ୍ରାମ ବହିଦାର, ଜିତୁ ନାଗ, ଅନିଲ ନାୟକ, ରୁଦ୍ରମଣି ପଟେଲ, ଉମା ବେହେରା, ବାବୁ ସା ସହଯୋଗ କରିଥିଲେ ।

# ୫ବର୍ଷ ହେଲା ବନ୍ଦ ପଡ଼ିଛି ଚିନିକଳ



- ପୁନଃ କାର୍ଯ୍ୟକ୍ଷମ ଦାବିପ୍ରତି ଅଣଦେଖା
- ଆଖୁ ଚାଷୀ, କର୍ମଚାରୀ ଅସନ୍ତୋଷ
- ପ୍ରଧାନମନ୍ତ୍ରୀ ଚିନିକଳ ପ୍ରତି ଦୃଷ୍ଟି ଦେବା ନେଇ ଚାଷୀ ଆଶାବାଦୀ

ଦେଓଗାଁ,୧୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଦୀର୍ଘ ୫ ବର୍ଷ ହେଲା ବନ୍ଦ ହୋଇପଡିଛି। ଚିନିକଳ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ସମୟରେ ଦାବି ହୋଇଛି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି କୌଣସି ଆନ୍ତରିକତା ଦେଖାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଚିନିକଳ ଦୋଛକିରେ ଦଣ୍ଡାୟମାନ ହୋଇ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଲୁପ୍ତ ଆଡକୁ ଗତି କରୁଛି। ଚିନିକଳ ଉପରେ ନିର୍ଭର କରି ପେଟପୋଷୁଥିବା କର୍ମଚାରୀ ଓ ଆଖୁଚାଷୀ କର୍ମସଂସ୍ଥାନ ହରାଇ ଚିନ୍ତାରେ ଦିନଗଣୁଥିବା ଅଭିଯୋଗ ହୋଇଛି। ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ବନ୍ଦ ପଡିଥିବା ବିଜୟାନନ୍ଦ ଚିନିକଳକୁ ଚାଲୁ କରିବାକୁ ଜିଲା ତଥା ଆଖପାଖ ଜିଲାର ଜନସାଧାରଣ ଦାବି କରିଛନ୍ତି। ଅନ୍ୟପକ୍ଷେ ଚିନିକଳ ବନ୍ଦ ହେବାର ୫ ବର୍ଷ ମଧ୍ୟରେ ଅନେକ ଅଧିକାରୀ ଓ ନେତା ପରିଦର୍ଶନ କରି ଆଖୁଚାଷୀ ଓ କର୍ମଚାରୀଙ୍କୁ ଚିନିକଳର ପୁନଃ କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଆସୁଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଆଖୁଚାଷୀମାନେ ଅଭିଯୋଗ କରିଛନ୍ତି। ଦେଓଗାଁ ସାଗରପାଲିଠାରେ ୧୯୯୩ରେ ୮୬ ଏକର ବିଶିଷ୍ଟ ଜମିରେ ତାମିଲନାଡୁର ପୋନ୍ନିସୁଗାର ଆଣ୍ଡ କେମିକାଲ୍ସ ନାମକ ଏକ ଘରୋଇ କମ୍ପାନୀ ଏହି ଚିନିକଳର ଆରମ୍ଭ କରିଥିଲା। ଏହାଦ୍ୱାରା ବଲାଙ୍ଗୀର ଜିଲା ସମେତ ଆଖପାଖର ସୁବର୍ଣ୍ଣପୁର, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ ଜଲାର ଚାଷୀମାନେ ଆଖୁ ବିକ୍ରି କରୁଥିଲେ। ତେବେ ୭ ବର୍ଷ କାରଖାନା ଚଳିବା ପରେ ୨୦୦୦ରେ କ୍ଷତି ହେଉଥିବା ଦର୍ଶାଇ ହଠାତ୍ ଚିନିକଳକୁ ବନ୍ଦ କରି ଦିଆଗଲା। ପରେ କମ୍ପାନୀକୁ ଋଣ ଦେଇଥିବା ଆଇସିଆଇସିଆଇ ବ୍ୟାଙ୍କ ହାତକୁ ଏହା ଚାଲିଯାଇଥିଲା। ଅନେକ ବାଦବିବାଦ ପରେ ୨୦୦୫ରେ ବିଜୟାନନ୍ଦ କୋଅପରେଟିଭ ସୁଗର ମିଲ୍ସ ଲିଃ ନାମରେ ଏହି କାରଖାନାର ପୁନଃରୁଦ୍ଧାର କରାଯାଇଥିଲା। ୮ବର୍ଷ ଚିନିକଳ ଚାଲିବା ପରେ ୨୦୧୩ରେ ପୁଣି କ୍ଷତିରେ ଚାଲୁଥିବା ଦର୍ଶାଇ ଚିନିକଳକୁ ବନ୍ଦ କରିଦିଆଗଲା। ଫଳରେ କାମକରୁଥିବା ହାରାହାରୀ ୩ଶହ କର୍ମଚାରୀ, ଅଞ୍ଚଳର ୭ହଜାର ଆଖୁଚାଷୀ, ୧ହଜାର ଟ୍ରାନ୍ସପୋଟର ପରିବାରଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିଲା। ଦିନକୁ ୨୫ଶହ ମେଟ୍ରିକଟନ ପେଡି ପାରୁଥିବାର କ୍ଷମତା ରଖିଥିବା ଏହି ଚିନିକଳକୁ ବର୍ତ୍ତମାନ ସରକାର ଚଳାଇବାର ଆବଶ୍ୟକତା ରହିଛି। ବର୍ଷକୁ ୮୦ କୋଟି ଟଙ୍କାର ବ୍ୟବସାୟ କରୁଥିବା ତଥା ଉନ୍ନତମାନର ଚିନି ଉତ୍ପାଦନ ସତ୍ତ୍ୱେ ଚିନିକଳ କ୍ଷତିରେ ଚାଲୁଥିଲା କିପରି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଏବେ ଚିନିକଳର ପ୍ରକୃତ ମୂଲ୍ୟଠାରୁ ଋଣବୋଝ ଅଧିକ ବୋଲି ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ନିଜ ଅଧୀନରେ ରଖି ଏହାକୁ ବିକେନ୍ଦ୍ରୀକରଣ କରିବା ପାଇଁ ବାରମ୍ବାର ଚେଷ୍ଟା ଚଲାଇଛନ୍ତି। ୨୦୧୭ ଅଗଷ୍ଟ ୪ ତାରିଖରେ ୫୨ କୋଟି ୨୩ ଲକ୍ଷରେ ଚିନିକଳକୁ ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ନିଲାମ ଡକାଯାଇଥିଲା। ହେଲେ କୌଣସି ନିଲାମଧାରୀ ଏଥିରେ ଯୋଗ ନ ଦେବାରୁ ନିଲାମ ପ୍ରକ୍ରୀୟାକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ଯେଉଁ ସଂସ୍ଥା ନିଲାମରେ ନେବ ସେ କାରଖାନାକୁ ବିକ୍ରି କରିପାରିବେ ନାହିଁ। ଏପରି କି ସେ ନିଶ୍ଚିତ ଭାବେ ଚଲାଇବେ ବୋଲି ଚୁକ୍ତି ରହିଥିବାରୁ ଅନେକ ସଂସ୍ଥା ଓହରିଯାଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପକୁ ପୁନଃଚାଲୁ କରାଗଲେ ଜିଲାର ହାରାହାରୀ ୭ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଅର୍ଥନୈତିକ ବିକାଶ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ବିରାଟ ଧନୁଯାତ୍ରା ମହୋତ୍ସବର ନାଟ୍ୟାଭିନୟ।

# ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

## ପ୍ରଥମ ଦିନରେ କଂସ ମହାରାଜାଙ୍କ ରାଜ୍ୟାଭିଷେକ

ପାଟଣାଗଡ଼,୧୪।୧(ଡି.ଏନ.ଏ.)

ପାଟଣାଗଡ଼ ଗଙ୍ଗାଧର ପାର୍କଠାରେ ରବିବାର ରାତିରେ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏହାର ଶୁଭାରମ୍ଭ କରିଥିଲେ। ଧନୁଯାତ୍ରା କମିଟି ସଭାପତି ବିମଳେନ୍ଦୁ ବିକାଶ ମେହେର, ସମ୍ପାଦକ ଅରକ୍ଷିତ ଯୋଷୀ, ପ୍ରଦୀପ ପୁରୋହିତ, ଉପସଭାପତି ବ୍ରଜକିଶୋର ରାଉତ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଧନୁଯାତ୍ରାର ପ୍ରଥମ ଦିନରେ ମା’ ପାଟଣେଶ୍ୱରୀ ଏବଂ ମା’ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମହରାଜ ଉଗ୍ରସେନ ନଗର ପରିକ୍ରମା କରିଥିଲେ। ପରେ ଧନୁଯାତ୍ରା ମଞ୍ଚରେ ପହଂଚିବା ପରେ ଦେବକୀ ଏବଂ ବସୁଦେବଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ ପରେ କଂସ ଦେବକୀଙ୍କ ଅଷ୍ଟମ ଗର୍ଭ ତାଙ୍କର ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ଶୁଣି ବିଚଳିତ ହୋଇପଡିଥିଲେ। ପରେ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ପରେ କଂସଙ୍କ ରାଜ୍ୟାଭିଷେକ ହୋଇଥିଲା। ଏପରିକି ଦେବକୀ ବସୁଦେବଙ୍କୁ କାରାବରଣ କରିଥିବାର ଦୃଶ୍ୟ ଅଭିନୀତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପାଟଣାଗଡ଼ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ବିମଳେନ୍ଦୁ ବିକାଶ ମେହେର ଜଣାଇଛନ୍ତି। ଏଥିରେ ପାଟଣାଗଡକୁ ମଥୁରା ନଗରୀ ଏବଂ ସହର ନିକଟସ୍ଥ ରାମପୁରକୁ ଗୋପପୁର ଭାବେ ଚିତ୍ରଣ କରାଯାଇଛି। ଧନୁଯାତ୍ରା ପାଇଁ ସହରରେ ଭିଡ ପରିଲକ୍ଷିତ ହେଉଛି।

# ସାହିତ୍ୟ ସଂସ୍କୃତି ପକ୍ଷରୁ ମକର ମିଳନ, ବ୍ୟାସକବି ଜୟନ୍ତୀ

ଟିଟିଲାଗଡ଼,୧୪।୧(ଡି.ଏନ୍.ଏ.)

ସାହିତ୍ୟ ସଂସ୍କୃତି ଟିଟିଲାଗଡ଼ ପକ୍ଷରୁ ମକର ମିଳନ ଏବଂ ବ୍ୟାସକବି ଫକିର ମୋହନଙ୍କ ଜୟନ୍ତୀ ଉତ୍ସବ ସୋମବାର ସ୍ଥାନୀୟ ବାଳକ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଉପାଧକ୍ଷ ଜିଏମ୍ କଲେଜ ସମ୍ବଲପୁର ଏହି ଡ. କାମଦେବ ସାହୁ ମୁଖ୍ୟଅତିଥି, ମଡେଲ ଡିଗ୍ରୀ କଲେଜ ରାୟଗଡ଼ା ସହକାରି ପ୍ରଫେସର ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟାସକବିଙ୍କ ରଚନା ତଥା ଓଡିଆ ସାହିତ୍ୟରେ ତାଙ୍କ ଅବଦାନ ସମ୍ପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧକ୍ଷ ଡିଏଭି ସ୍ୱୟଂ ଶାସିତ କଲେଜ ଟିଟିଲାଗଡ଼ ତଥା ସାହିତ୍ୟ ସଂସ୍କୃତିର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଲିଖିତ ନିବନ୍ଧନ ସଂକଳନ ‘ମନ ତୋହର ନିଜ ଗୁରୁ’, ବରିଷ୍ଠ ଶିକ୍ଷାବିତ ତଥା ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ପ୍ରକାଶ ଗଡତିଆଙ୍କ ପ୍ରବନ୍ଧ ସଂକଳନ ‘ଚିନ୍ତନ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଯୁଗଲ କିଶୋର ଷଡଙ୍ଗୀ, ଗବେଷକ ଡ. ଦୋଳଗୋବିନ୍ଦ ବିଶି, ଡ. ଗୋବର୍ଦ୍ଧନ ସାହୁ, କବି ସଞ୍ଜୟ ଅଗସ୍ତି, ଶିକ୍ଷାବିତ ଜଗନ୍ନାଥ ପଟ୍ଟନାୟକ, ରାଜୀବ ଲୋଚନ ପାଢୀ, ସେବକ ଚରଣ ଦାସ, ଅଶ୍ୱିନୀ ମହାନ୍ତି, ଅଭିନ୍ନ ରଥ, ଉମେଶ ଚନ୍ଦ୍ର ଦାସ, ଅକ୍ଷୟ ବେହେରା, ଆଇନଜୀବୀ ରାଧାକାନ୍ତ ପାଢୀ, କୃଷ୍ଣଚନ୍ଦ୍ର ସାହୁ, ରବିକିରଣ ସ୍ୱାଇଁ, ସୁନିଲ ଅଗସ୍ତି, ମଧୁସୁଦନ ମାଝି, ଉମେଶ ମାହାଣା, ଲକ୍ଷ୍ମୀନୃସିଂହ ଚୌଧୁରୀ, ନରସିଂହ ସାହୁ, ନିଳମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଡ. ଷଡଙ୍ଗୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବୃନ୍ଦାବନ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ଧନେଶ୍ୱର ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।





ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

# ନେତ୍ରଭାନୁ ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ଦେଓଗାଁ,୧୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅଧୀନ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍ଥାନୀୟ ଲକ୍ଷ୍ମଣଝୁଲାଠାରେ ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ଜମିଦାର ଦୁର୍ଗା ପ୍ରସାଦ ସିଂ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁବୋଧ ପରଧିଆ ସଂଯୋଜନା କରିଥିଲେ। ବନ୍ଧୁମିଳନ ଦ୍ୱାରା ଭାତୃତ୍ୱଭାବ ସୃଷ୍ଟି ହେଉଥିବା ମତପୋଷଣ କରାଯାଇଥିଲା। ଶେଷରେ ଭୋପାଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଫକିର ମୋହନ ମେହେର, ପ୍ରଣବ ମନହୀରା, ଶଙ୍କର ମେହେର, ରାଜେଶ ସିଂ, ଗଣେଷ ମେହେର, ବଳଦେବ ବନଛୋର, ରାଜୁ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଜିଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବୀରମହାରାଜପୁର, ୧୪।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ବୀରମହାରାଜପୁରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଏଥର ଶିବିରରେ ମାତ୍ର ୪୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ତନ୍ମଧ୍ୟରୁ ୪ଟି ଗ୍ରାମ୍ୟ ସମସ୍ୟା ଉପରେ ପଯର୍ୟବେକ୍ଷିତ ଥିବାବେଳେ ଅବଶିଷ୍ଟ ତକଥିଲା ବ୍ୟକ୍ତିକେନ୍ଦ୍ରୀକ ଅଭିଯୋଗ। ତେବେ ସମୁଦାୟ ୪୩ଟିର ତ୍ୱରିତ ସମାଧାନ କରାଯିବା ସହ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ସହ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଗଣ ଯୋଗଦେଇଥିଲେ। ସେହିପରି ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝୀ ଓ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟଙ୍କଠାରୁ ମିଳିଥିବା ସୂଚନାମତେ ଶିବିରରେ ଜଣେ ବ୍ୟକ୍ତିଙ୍କୁ ରେଡକ୍ରସ ସହାୟତା ପ୍ରଦାନ କରାଯାଇଥିଲା। ସେହିଭଳି ଜାତୀୟ ପରିବାର କଲ୍ୟାଣ ଯୋଜନା (ଏନଏଫବିଏସ) ରେ ଆବେଦନ କରିଥିବା ୪ଜଣ ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଚେକ୍ ମାଧମରେ ପ୍ରଦାନ କରାଯାଇଥିଲା । ବିଭିନ୍ନ ବ୍ଲକସ୍ତରୀୟ ପଦାଧିକାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



ଜଣେ ମହିଳା ହିତାଧିକାରୀଙ୍କୁ ପରିବାର କଲ୍ୟାଣ ଯୋଜନାର ସହାୟତା ପ୍ରଦାନ କରାଯାଉଛି ।

**ବୀରମହାରାଜପୁର ବ୍ଲକ**
- ୪ ଗ୍ରାମ୍ୟ ସମସ୍ୟା ସହ ୪୩ ଅଭିଯୋଗର ସମାଧାନ

### କଟକରେ ଚିକିତ୍ସା ହେବେ ଦୁଇ ଭାଇ

# ସାହାଯ୍ୟର ହାତ୍ ବଢ଼ାଲେ ସହୃଦ୍ ଲୋକ୍

ସଇଁତଲା,୧୪।୧ (ଡି.ଏନ.ଏ.)

ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଁଚେତ ଟୁର୍ଚ୍ଚାଉପେର ଗାଁର ବାହାଦୂର ସାହୁଙ୍କର ଦୁଇ ପୁଓ ବହୁତ୍ ଦିନ ହେଲା ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ଇ ବାବ୍‌ଦେ ଗଲା ୧୧ ଡିସେମ୍ବର ୨୦୧୮ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଦୁଇ ପୁଓକୁ ଦାନ କରବାର ନିସପତି ନେଲେ ବାପା’ ଶୀରଷକ୍‌ରେ ନିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଭିନେ ଭିନେ ସହୃଦ୍ ଲୋକ୍ ଫୋନ୍‌ରେ ବାହାଦୂରଙ୍କୁ ଯୋଗାଯୋଗ କରବାର ସଂଗେ ସଇଁତଲା ଥାନା ଅଧିକାରୀ ସାହାଯ୍ୟର ହାତ୍ ବଢ଼େଇଛନ୍। ଥାନା ଅଧିକାରୀ ଅବନୀ ସାହୁ ଷ୍ଟାଫ୍ ସଂଗେ ଟୁର୍ଚ୍ଚାଉପେର ଗାଁକେ ଯାଇ ବାହାଦୂର ସାହୁଙ୍କର ଅସାହା ପରିବାରକେ ଭେଟିଥିଲେ। ସୁବିଧା ଅସବିଧା ପଚାରି ବୁଝବାର ସଂଗେ ପରିବାରକେ କିଛି ଟଁକା, ଚାଉଳ ବସ୍ତେ, ଦୁଇଟା କମଲ ଆର ବିସ୍କୁଟ ଦେଇଥିଲେ। ଇ ବାବ୍‌ଦେ ଖବର ପାଇ ଥାନୀୟ ଧରିତ୍ରୀ ପରତିନିଧି ବାହାଦୂରଙ୍କର ଘରକେ ଯାଇ ପରିବାର ଲୁକ୍‌କୁ ଭେଟିଥିଲେ। ବାହାଦୂରଙ୍କର କହେବାର ହିସାବେ ଧରିତ୍ରୀ ଖବର କାଗଜରେ ମୋର ଦୁଇ ପୁଓକର ବିଷେରେ ବାହାରଲାରୁ ଆଏଜ୍ କିଛି ଟଁକା ପଏସା ସାହାଯ୍ ପାଇଛୁଁ। କେତେ ସହୃଦ୍ ଲୋକ୍ ମୋତେ ଫୋନରେ ଯୋଗାଯୋଗ କରି ମୋର ଦୁଇ ଭିନ୍ନକ୍ଷମ ପୁଓକୁ ଚିକିତ୍ସା କରାବାକେ କହିଥିବାର ସେ କହିଥିଲେ। ସେନ୍ତା ରାଉରକେଲାର ସରୋଜ କୁମାର ସ୍ୱାଇଁ ବାହାଦୂର ସାହୁଙ୍କର ବ୍ୟାଙ୍କ ଖାତା ନମ୍ବର ନେବାର ସଂଗେ ସେ ଟଁକା ପଏସା ସାହାଯ୍ କରବେ ବଲି କହିଛନ୍। ସେ ଆଏବାର ଫେବୃୟାରୀ ମାସେ ବାହାଦୂରଙ୍କର ଦୁଇ ପୁଓକୁ କଟକର ନାଁକରା ନ୍ୟୁରୋଲୋଜି ଡାକ୍ତରଙ୍କୁ ଦେଖାବାର ଲାଗି ବି କଥା ଦେଇଛନ୍ ବଲି ବାହାଦୂର କରିଛନ୍। ଇଥିରଲାଗି ବାହାଦୂର ଧରିତ୍ରୀ ଆର ଥାନୀୟ ପରତିନିଧିଙ୍କୁ ଧଏନବାଦ ସେବାଦର ସଂଗେ ସାହାଯ୍ କରିଥିବାର ଆର କଥା ଦେଇଥିବାର ଲୋକ୍‌ମାନକୁ ବି ଧଏନବାଦ ଦେଇଛନ୍। ଇ ବାବ୍‌ଦେ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁଙ୍କୁ ପଚରାଲାରୁ ମୁଇଁ ଇ ବାବ୍‌ଦେ ନାଇଁଜାନି, ଆପନକରନୁ ଜାନବାକେ ପାଇଲି। ମୁଇଁ ନିଜେ ସେ ଗାଁକେ ଯାଇ ଦୁଖି ପରିବାରକେ ଭେଟମି ଆର ସରକାରଙ୍କର ତରଫରୁ ଯେନ୍‌ଟା ହେଇପାରବା ସାହାଯ୍ ଯୁଗେଇ ଦେବାର ଚେଷ୍ଟା କରମି ବଲି କହିଥିଲେ। ହେଲେ ଦୁଖର କଥା ଯେ ଆଏଜ୍‌ତକ୍ ଇ ଦୁଖି ଗରିବ ପରିବାରକେ ସରକାର କି ପରଶାସନ ତରଫୁ କେହେନ୍‌ସି ପରକାର ସାହାଯ୍ ନାଇଁ ମିଳିପାରି।



ଥାନା ଅଧିକାରୀ ବାହାଦୂରଙ୍କର ପରିବାରକେ ଭେଟି ସାହାଯ୍ ଦେଉଛନ୍।

## ଫଟୋରେ ଖବର







ମୁତୟନ ହୋଇଥିବା ପୋଲିସ । (ବାମ)। ପଥରଚେପା ସାଧାରଣ ସମାବେଶ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି (ମଝି)। ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ରେଳଷ୍ଟେଶନ୍ ସଭାସ୍ଥଳ ।



"ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍ସପିଅର



## ସଂକ୍ଷେପରେ

### ମକର ଚାଉଳ ବାଣ୍ଟି ଭାରତୀୟ ସଂସ୍କୃତି, ପରମ୍ପରାର ସ୍ତୁତିଚାରଣ

**ଡୁଙ୍ଗୁରିପାଲି, ୧୪।୧( ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପଞ୍ଚବଟି ବିଦ୍ୟାଳୟରେ ମକର ସଂକ୍ରାନ୍ତି ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଡୁଙ୍ଗୁରିପାଲି ସହରର ଶତାଧିକ ପରିବାର ସହ ସମ୍ପର୍କ କରି ମକର ଚାଉଳ ବଣ୍ଟନ କରିଥିଲେ। ଉଦ୍ଦେଶ୍ୟ ଥିଲା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା। ସେହିପରି ସକଳା ପଞ୍ଚବଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ଦ୍ୱାରା ଧାର୍ମିକ ଓ ରାଷ୍ଟ୍ରବାଦୀ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସନ୍ତୋଷିନୀ ମିଶ୍ର। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



### ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରାକାଣ୍ଡ

**ସୋନପୁର,୧୪।୧(ନି.ପ୍ର.):** ସୋନପୁର ସହରସ୍ଥିତ ବଡବଜାର ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରାକାଣ୍ଡ ମହାସମାରୋହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁନି ଗାୟିକା ଯଶ୍ୱିନ ଆଚାର୍ଯ୍ୟ(୮) ସୁନ୍ଦରାକାଣ୍ଡ ଗାନ କରିଥିଲେ। ଯଶ୍ୱିନଙ୍କ ସୁନ୍ଦରାକାଣ୍ଡ ଗାନ ଅଞ୍ଚଳରେ ବେଶ ଧାର୍ମୀକ ପରିବେଶ ସୃଷ୍ଟି କରିଥିଲା। ଏଥିରେ ସୌମିତ୍ର ମଲ୍ଲିକ, ଜଗବନ୍ଧୁ ଦେହୁରୀ, ଶ୍ରଦ୍ଧାକାର ମହାକୁର, ତ୍ରିଲୋଚନ ମହାକୁର ଓ ଉସଦ ବାରିକ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ଏକ ମହାଆଳତୀ କାଯର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସଚ୍ଚିଦାନନ୍ଦ ଦାଶ, ବିରପ୍ରତାପ ଦାଶ, ଶିବନାରାୟଣ ଦାଶ, ସୌମ୍ୟକାନ୍ତ ପଣ୍ଡା, ନଳିନୀ କୁମାର ଆଚାର୍ଯ୍ୟ, ଚନ୍ଦ୍ରଶେଖର ଦାଶ, ବୈଦ୍ୟନାଥ ସାହୁ, ମିଳନ କୁମାର ସାହୁ, ହେମନ୍ତ ନାଏକ, ଚନ୍ଦ୍ର ଦଳାଇ, ସଚ୍ଚିଦାନନ୍ଦ ମିଶ୍ର, ପବିତ୍ର କୁମାର ସାହୁ, ବିଶ୍ୱଜିତ ମିଶ୍ର, ରବି ମହାରଣା, କେଦାର ପଣ୍ଡା ଓ ସୌଭାଗିନି ହୋତା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି

**ତରଭା, ୧୪।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଆଇଆଇସି ତୋଳାମଣି ଭୋଇ ଯୋଗ ଦେଇଥିଲେ। ଏବିଇଓ ଅଞ୍ଜନ ଚୌଧୁରୀ, ପ୍ରଦୀପ ମାହାଣା, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ହିରଣ୍ମୟ ପଟ୍ଟନାୟକ, ପ୍ରଦ୍ୟୁମ୍ନ ମହାନ୍ତି, ରାଜେଶ ମେହେର, ସଞ୍ଜୀବ ସେଠୀ, ବିଚିତ୍ର ସାହୁ, ମେଘନାଥ ମହଲା, ବିଭୀଷଣ ସାହୁ, ସେଷ୍କନାଲ ଅଫିସର ସୂର୍ଯ୍ୟକାନ୍ତ ପୃଷ୍ଟି, ମାନଭଞ୍ଜନ ମିଶ୍ର, କପିଳାଶ ସେଠ, ଅନ୍ତର୍ଯ୍ୟାମୀ ସାହୁ, ଅକ୍ଷୟ ବାଘ, ରାଜ କୁମାର ମାହାଣା, କଲ୍ୟାଣ ନାଏକଙ୍କ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଓ ବେସରକାରୀ ପ୍ରତିଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ। ସାଧାରଣତନ୍ତ୍ର ଦିବସ ଦିନ ସକାଳ ୫ଟାରେ ପ୍ରଭାତ ଫେରି, ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଓ ବେସରକାରୀ ପ୍ରତିଷ୍ଠାନରେ ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସର୍ବସାଧାରଣ ଜାତୀୟ ପତାକା ଉତ୍ତୋଳନ ତରଭା ହାଇସ୍କୁଲ ଖେଳ ପଡିଆଠାରେ ପୂର୍ବାହ୍ନ ୯ଟାରେ କରାଯାଇ ସାମୂହିକ ପରେଡର ଅଭିବାଦନ ଗ୍ରହଣ ପାଇଁ ସ୍ଥିରୀକୃତ ହୋଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ଜାତୀୟ ପତାକା ଉତ୍ତୋଳନ କରି ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ଥାନୀୟ ଏଇଏସ କଲେଜ ପିଇଟି ସଞ୍ଜୀବ ସାହୁ ପରେଡ ପରିଚାଳନା କରିବେ।

ଖଣ୍ଡହତା କଲେଜରେ ବାର୍ଷିକ କ୍ରୀଡା

# ସବିତା ବାଳିକା, ବାଳକରେ ଆଶିଷ ଚାମ୍ପିୟନ

**ଅମରପାଲି, ୧୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ରବୀନ୍ଦ୍ର ନାଥ କନିଷ୍ଠ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ସକାଳୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରା କରାଯାଇ ପଡିଆରେ ମଶାଲ ସ୍ଥାପନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଜଗବନ୍ଧୁ ବେରିହା ପତାକା ଉତ୍ତୋଳନ କରି ଅନୁଷ୍ଠାନିକ ଭାବେ ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। କଲେଜର ଛାତ୍ରୀଛାତ୍ରଙ୍କୁ ବାଳିକା ଓ ବାଳକ ବର୍ଗରେ ଭାଗ କରି ୧୦୦, ୨୦୦, ୪୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ ଥ୍ରୋ, ଡିସକସ୍ ଥ୍ରୋ, ସାଇକେଲ ସ୍ଲୋ, ପଟାଟୋ ରେସ୍, ମ୍ୟୁଜିକ ଚେୟାର, ଫେନ୍ସି ଡ୍ରେସ ଆଦି ପ୍ରତିଯୋଗିତା କରାଯାଇଥିଲା। ଖେଳ ଶିକ୍ଷକ ସୁମନ୍ତ ଦଲେଇଙ୍କ ସମେତ ରାଧେଶ୍ୟାମ ବାରିକ, ସତ୍ୟମୋହନ ପଧାନ, ସୁଦାମ ଉର୍ମା, ସୀତାକାନ୍ତ ଭୋଇ, ସୁଦର୍ଶନ ପଣ୍ଡା, ଚକ୍ରଧର ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ଜଗବନ୍ଧୁ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ଧନଞ୍ଜୟ ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ଝସକେତନ ବଘାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପାଇଁ ଖେଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରାଜୀବ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୋପାଳ ସାହୁ ବିବରଣୀ ପାଠ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକା ବିଭାଗରୁ ସବିତା ପୂଜାହାରୀ ଓ ବାଳକ ବିଭାଗରୁ ଆଶିଷ ପାତ୍ରଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ଶରତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।



ମକର ସଙ୍କ୍ରାନ୍ତିରେ ବାହାରି ଥିବା କଳସ ଶୋଭାଯାତ୍ରା।

## ବିଭିନ୍ନ ଶୈବପୀଠରେ ମକରମେଳା

**ବିନିକା, ୧୪।୧(ଡି.ଏନ୍.ଏ.)**

ସୁବର୍ଣପୁର ଜିଲା ବିନିକା ସହର ଏବଂ ଗ୍ରାମାଞ୍ଚଳର ବିଭିନ୍ନ ଶୈବପୀଠରେ ସୋମବାର ମକର ମେଳା ଅନଷ୍ଠିତ ହୋଇଯାଇଛି। ବିନିକାର ଯୋଗେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିର, କାଳେଶ୍ୱର ମନ୍ଦିର, ସୋମନାଥ ମନ୍ଦିର ଏବଂ ହରିଶଙ୍କର ବାବା ମନ୍ଦିରରେ ଦିନତମାମ ଭକ୍ତଙ୍କର ଭିଡ ଲାଗିଥିଲା। ଖଇରମାଳସ୍ଥିତ ହରିଶଙ୍କର ବାବା ମନ୍ଦିରରେ ୨୨ତମ ମକର ମହୋତ୍ସବ ସ୍ଥାନୀୟ ପୂଜାକମିଟି ଦ୍ୱାରା ଆୟୋଜିତ ହୋଇଯାଇଛି। କର୍ତ୍ତାକର୍ତ୍ତୀଭାବେ ବିଜୟ ପଧାନ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ସୁନ୍ଦରାକାଣ୍ଡ ପାରାୟଣରେ କର୍ତ୍ତା ଭାବେ ବସିଥିଲେ ବିଜୟ ବଡପଣ୍ଡା। ଭକ୍ତମାନେ ପୂର୍ଣ୍ଣ କଳସ ପାଣିକୁ ଶୋଭାଯାତ୍ରାରେ ଆଣି ଖଇରମାଳସ୍ଥିତ ହରିଶଙ୍କର ବାବାଙ୍କୁ ଜଳାଭିଷେକ କରିଥିଲେ। ସେହିପରି ଜାମପାଳି ସୋମନାଥ ମନ୍ଦିରରେ ମଧ୍ୟ ସୋମନାଥ ବାବାଙ୍କୁ ଜଳାଶାୟୀ କରାଯାଇଥିଲା। କର୍ତ୍ତା ଭାବେ ଗଜିନ୍ଦ୍ର ଘିବିଲା ଦାୟିତ୍ୱ ନିର୍ବାହ କରିଥିଲେ।

ଏସ୍‌ସି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନରେ କେନ୍ଦ୍ରୀୟ ଅଂଶର ପରିମାଣ ହ୍ରାସ

# ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦିଆଯିବ ସ୍ମାରକପତ୍ର

**ସୋନପୁର,୧୪।୧(ନି.ପ୍ର.)**

ଅନୁସୂଚିତ ଜାତି(ଏସ୍‌ସି) ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ଠା ନାହିଁ। କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରାଳୟ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନରେ ଅବହେଳା ପ୍ରଦର୍ଶନ କରୁଛି। କେନ୍ଦ୍ରୀୟ ଅଂଶର ପରିମାଣ ହ୍ରାସ କରିଥିବା ବେଳେ ଗତ ୨ବର୍ଷର ପାଣ୍ଠି ବାବଦରେ ଏ ପର୍ଯ୍ୟନ୍ତ ଟଙ୍କାଟିଏ ବି ଦେଇନାହିଁ ବୋଲି ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ଏକ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ନେତା ତଥା ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନର ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଆଶିଷ କୁମାର ସାହୁ କହିଛନ୍ତି ଯେ, ଓଡିଶାରୁ ପ୍ରାୟ ୨ ଲକ୍ଷ ଅନୁସୂଚିତ ଜାତି ଛାତ୍ରୀଛାତ୍ର ଏହି ଛାତ୍ରବୃତ୍ତି ପାଇଥାନ୍ତି। ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ମାଟ୍ରିକ୍-ପରବର୍ତ୍ତୀ ବୃତ୍ତି ସମ୍ପୂର୍ଣ୍ଣ ଭାବେ ଏକ କେନ୍ଦ୍ରୀୟ ଯୋଜନା। ଗରିବ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ବୃତ୍ତି ଆକାରରେ ଆର୍ଥିକ ସୁବିଧା ପାଇଥାନ୍ତି। ୨୦୧୭-୧୮ରେ ଏହି ନିୟମରେ ପରିବର୍ତ୍ତନ ଅଣାଯାଇ କେନ୍ଦ୍ରୀୟ ଅଂଶର ପରିମାଣ ୨୦ପ୍ରତିଶତରୁ କମ କରି ରାଜ୍ୟର ଅଂଶକୁ ୮୦ ପ୍ରତିଶତରୁ ଅଧିକକୁ ବୃଦ୍ଧି କରାଯାଇଛି। ଓଡିଶା ସରକାର ନିଜସ୍ୱ ପାଣ୍ଠିରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଛାତ୍ରବୃତ୍ତି ବାବଦରେ ସମସ୍ତ ଟଙ୍କା ଯୋଗାଇଛନ୍ତି ବୋଲି ଆଶିଷ ଅଭିଯୋଗ କରିଛନ୍ତି। ତେଣୁ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ନାମରେ ରାଜ୍ୟର ୧୦ଲକ୍ଷ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇ ଫେବୃୟାରୀ ୨ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାରେ ୨୦ହଜାର ସ୍ୱାକ୍ଷର ସଂଗ୍ରହ କରଯିବ ବୋଲି ବିଜୁ ଯୁବ ଜନତା ଦଳର ଜୋନାଲ ସଭାପତି ଅଶୋକ କୁମାର ସାହୁ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ୧୫ତାରିଖ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାରେ ଏହି ସ୍ୱାକ୍ଷର ଅଭିଯାନର ଶୁଭାରମ୍ଭ କରାଯିବ। ଏହା ୫ ଦିନ ବ୍ୟାପି ଚାଲିବ ବୋଲି ବିଜୁ ଯୁବ ଜନତା ଦଳର ଜିଲା ସଭାପତି ତଥା ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ କହିଛନ୍ତି। ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଶାଶ୍ୱତ କୁମାର ମିଶ୍ର ସମ୍ମିଳନୀରେ ଯୋଗଦେଇ ଜିଲାର ସମସ୍ତ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସଂଗ୍ରହ କରାଯିବା ସହ ୬ଟି ଯାକ ବ୍ଲକରେ ଲୋକଙ୍କ ନିକଟରୁ ଦସ୍ତଖତ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଦଳ ପକ୍ଷରୁ କେନ୍ଦ୍ରର ଏନଡିଏ ସରକାରଙ୍କ ବିରୋଧରେ ବ୍ୟାପକ ଜନମତ ସୃଷ୍ଟି କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।




ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ସମ୍ପର୍କରେ ବିଜୁ ଯୁବ-ଛାତ୍ର ଜନତା ଦଳର ନେତୃବୃନ୍ଦ ସୂଚନା ଦେଉଛନ୍ତି।

ବୈଦ୍ୟନାଥ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଭଲ ମଣିଷ ହେବା ପାଇଁ ଶୃଙ୍ଖଳା ଆବଶ୍ୟକ

**ସୋନପୁର,୧୪।୧(ନି.ପ୍ର.)**

ସୋନପୁର ବ୍ଲକ ବୈଦ୍ୟନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ଶିଶୁ ସଞ୍ଚୟନ ବ୍ୟାଙ୍କ ଉଦ୍‌ଘାଟନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ସଞ୍ଚୟନ ବ୍ୟାଙ୍କ ଉଦ୍‌ଘାଟନ କରି ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ପାଇଁ ଶୃଙ୍ଖଳିତ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦେଇ ତାଙ୍କର ହାସ୍ୟ ରସାତ୍ମକ କବିତା ମାଧ୍ୟମରେ ଲୋପପ୍ରାୟ ସାମାଜିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏଥିପାଇଁ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରଥ ବାଘ ଅଧ୍ୟକ୍ଷତା କରିଥିଲା ବେଳେ ପ୍ରଧାନ ଶିକ୍ଷକ ରମେଶ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଘନଶ୍ୟାମ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ କାହ୍ନୁ ସୁନ୍ଦର ନାଗ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ହିମାଞ୍ଚଳ ସାହୁ ଓ ନର୍ମଦା ପାତ୍ର ତଥା ପରିଚାଳନା କମିଟିର ସଭ୍ୟାସଭ୍ୟ ଗଣ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଟିକ୍ରାପଡ଼ା ରାମଲୀଳା ମନ୍ଦିର ଭୋଗ ମଣ୍ଡପ ଉଦ୍‌ଘାଟନ

**ବଲାଙ୍ଗୀର ଅଫିସ,୧୪।୧**

ବଲାଙ୍ଗୀର ଅଫିସ,୧୪।୧: ବଲାଙ୍ଗୀର ଟିକ୍ରାପଡ଼ାସ୍ଥିତ ରାମଲୀଳା ମନ୍ଦିରର ଭୋଗ ମଣ୍ଡପକୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିରୋଧୀଦଳ ନେତା ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ୨୦୧୭-୧୮ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଭୋଗ ମଣ୍ଡପଟି ନିର୍ମାଣ କରାଯାଇଛି। ଗତବର୍ଷ ଏହି ମନ୍ଦିରକୁ ଦର୍ଶନ ସମୟରେ ବିଧାୟକଙ୍କୁ ପଡାର ମହିଳା ଓ ପୁରୁଷମାନେ ଏକ ଭୋଗ ମଣ୍ଡପ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏଥିରେ ବିଧାୟକ ସମ୍ମତି ପ୍ରଦାନ କରି ଅନୁଦାନ ବ୍ୟବସ୍ଥା କରିଥିଲେ। ୧୪୦୦ ବର୍ଗଫୁଟ ପରିମିତ ଏହି ଭୋଗ ମଣ୍ଡପ ସୋମବାରଠାରୁ ସାଧାରଣ ଜନତାଙ୍କ ବ୍ୟବହାର ପାଇଁ ଉପଲବ୍ଧ ହେବ।

# ଅନୁଭୂତି ବଖାଣିଲେ ପ୍ରାକ୍ତନ ଛାତ୍ର

**ସୋନପୁର,୧୪।୧(ନି.ପ୍ର.)**

ସୋନପୁର ମହାରାଜା ହାଇସ୍କୁଲ ୧୯୬୮ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଶାହା ଗେଷ୍ଟ ହାଉସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ବ୍ୟୋମକେଶ ଦାଶ ବଲାଙ୍ଗୀର, ସମ୍ବଲପୁର, ପଦ୍ମପୁର, ଉଲୁଣ୍ଡା, ବୀରମହାରାଜପୁର ଓ ସୋନପୁରର ବିଭିନ୍ନ ସ୍ଥାନରୁ ଆସିଥିବା ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇଥିଲେ। ସନ୍ତୋଷ କୁମାର ଦାଶ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ସମସ୍ତେ ଯଥାସମ୍ଭବ ଲୋକଙ୍କ ସେବା କାର୍ଯ୍ୟରେ ସମୟ ନିୟୋଜିତ କରିବାକୁ କହିଥିଲେ। ଶଙ୍କର ପାତ୍ର ବନ୍ଧୁମାନଙ୍କୁ ପ୍ରତ୍ୟହ କିଛି ସମୟ ସିଦ୍ଧି କର୍ମଶକ୍ତି ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହପାଠୀମାନେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ପୁରୁଣା ଅନୁଭୂତିକୁ ବଖାଣି ଥିଲେ। ପ୍ରାରମ୍ଭରେ ବନ୍ଧୁ ଯୋଗେଶ୍ୱର ମହଲା ଓ କୃଷ୍ଣଚନ୍ଦ୍ର ବାରିକଙ୍କ ମୃତ୍ୟୁ ହୋଇଥିବାରୁ ଅମର ଆତ୍ମାର ସଦ୍‌ଗତି ସକାଶେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ବନ୍ଧୁ ମିଳନରେ ପଞ୍ଚାନନ ଦଳପତି, ଅଧ୍ୟାପକ କୃପାସିନ୍ଧୁ ପାଣିଗ୍ରାହୀ, ନିତ୍ୟାନନ୍ଦ ମାଝି, ଶୋଭାକର ମହାକୁର, ବେଦବ୍ୟାସ ତ୍ରିପାଠୀ, ରଘୁବୀର ଦାଶ, ନୀଳକଣ୍ଠ ମିଶ୍ର, ରସରାଜ ସା, ରମେଶ ପ୍ରସାଦ ମିଶ୍ର, ଥବୀର ଚରଣ ବିଶି, ଇନ୍ଦ୍ରମଣି ଦାଶ, ଧ୍ରୁବଚରଣ ପଣ୍ଡା, ସତ୍ୟନାରାୟଣ ମିସ୍ତ୍ରୀ, ନୃସିଂହ ଚରଣ ପଟ୍ଟନାୟକ, ବ୍ରଜଗୋପାଳ ପୂଜାରୀ, ବଳରାମ ଦରୱାନ ପ୍ରମୁଖ ଯୋଗଦାନ କରିଥିଲେ।




ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ସହପାଠୀ ବୃନ୍ଦ।

# ପରିଚ୍ଛନ୍ନତା ଦିବସରେ ସଚେତନତା ଶୋଭାଯାତ୍ରା

**ଅମରପାଲି, ୧୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ଗାଁ କଲ୍ୟାଣ ସମିତି ପକ୍ଷରୁ ସ୍କୁଲ ଓ ଅଙ୍ଗନୱାଡି ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ବିଶ୍ୱନାଥ ମହାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଅଦିତିହୋତା, ଅବନ୍ତିବଘାର, ଆଶାକର୍ମୀ ଅରୁପା ନାଏକ, ବିଶ୍ୱନାଥ ଥନାପତି, ରମ୍ଭା ସେଠୀ, ଶିକ୍ଷୟିତ୍ରୀ ସୁଚେତା ମିଶ୍ର ପ୍ରମୁଖ ପରିଚ୍ଛନ୍ନତା ଉପରେ ମତପ୍ରକାଶ କରିଥିଲେ। ସ୍ଥାନୀୟ ପ୍ରାଥମିକବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।




ଚମ୍ପାମାଳରେ ପରିଚ୍ଛନ୍ନତା ଦିବସ ପାଳନ କରାଯାଉଛି।

# ଆଧୁନିକତା ଭିତରେ ହଜିଯାଉଛେ ପୁଷ୍‌ପୁନି

**ରେଢ଼ାଖୋଲ,୧୪।୧ (ଡି.ଏନ.ଏ)**

ଆମର ଦେଶ୍‌ରେ ଭିନେ ଭିନେ ରାଏଜ୍‌ରେ ଅଲଗ୍ ଅଲଗ୍ ମାସେ ଅନେକ ପରକାର କୃଷି ଭିତିକ ପରବ୍ ପାଲନ ହେଉଛେ। ସେନ୍ତା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଲେଖେଁ ପୁଷ୍‌ପୁନି ବି ଗୁଟେ କୃଷି ଭିତିକ୍ ସିଘା ପରବ୍। ପୁଷ୍ ମାସର ପୁନିରେ ଇ ପରବ୍ ଗାଁଗଁଲିନୁ ସହର ତକ୍ ସବୁନେ ଦେଖିବାକେ ମିଲୁଥିଲା। ହେଲେ ବେଶୀକରି ଗାଁଗଁଲିରେ ଇତାର ମହକ୍ତା ଅଲଗ୍ ପରକାର ଥିଲା। ଆମର ଚାଷବାସର ଚଲନି ହିସାବେ ପୁଷ୍‌ପୁନିରୁ ଆରଗୁଟେ ପୁଷ୍‌ପୁନିକେ ବଛରେ ଧରାଯାଏସି। ଇ ଦିନ ବଏନା ନେଇ ଘରେ କାମ୍‌ବୁତା କରୁଥିବାର ହଳିଆଗୁଡି, ଗାଈ ଚରିହାକର ବଛରେ ପୂରଲା ବଲି ହିସାବ ହେସି। ସେଥିରଲାଗି ତାହାକୁ ଘରେ ପିଠାପନା, ନୂଆଁ ଲୁଗା ଦେବାର ସଂଗେ ତାକର ବାକି ଥିବାର ଭୁତିବର୍ତ୍ତନ ଦିଆଯାଏସି। ସେନ୍ତା ଇ ପୁଷ୍‌ପୁନିରୁ ଫେନ୍ ନୂତନ୍ ହିସାବେ ହଳିଆଗୁଡି, ଗାଈଚରିହାକୁ ବଛରେ ତକ୍ କାମ୍ କରବାକେ ବଏନା ଦିଆଯାଏସି। ସେନ୍ତା ପୁନି ଦିନ ଗାଁର ଦେହେରୀ ପହଁଟିଆନୁ ଗଧାବୁଢ଼ା କରି ଘର ଘର ବୁଲି ଗ୍ରାମଦେବତୀର ଲାଗି ପୂଜା ଖଁଜା ମାଗ୍‌ସି। ଇ ଦିନ୍ ଗାଁଗଁଲିରେ ସମକର ଘରେ ଜାତିର ଜାତିର ପିଠାପନା, ଖିରୀ, ପୁରୀ ହେସି। ସେନ୍ତା ପିଲାନୁ ବୁଢ଼ା ତକ୍ ମିଶି ଦଲ୍ ଦଲ୍ ହେଇ ଗାଁମାନକେ ଛେର୍‌ଛେରା ମାଗବାର ବି ଗୁଟେ ରିତ୍‌ମା କେନ୍ ଯୁଗୁ ଚଲି ଆସୁଛେ। ସେମାନେ ଘର ଘର ବୁଲି ଛେର୍ ଛେରା ମାଗ୍‌ସନ୍, ତାହାକୁ ଘର ମାଲ୍‌କେନ୍ ପିଠାପନା, ଚାଉଲ୍ ଦେସନ୍। ଇ ଛେର୍ ଛେରାଟା ପୁନିର ଦିନାକେତେ ଆଗରୁ ବି ମଗାଯାଏସି। ହେଲେ ଆଏଜ୍‌କାଲି ଇ ରିତ୍‌ମା କାଁଭାଁ ଗାଁଗଁଡ଼ା, ସହରମାନକେ ଦେଖିବାକେ ମିଲୁଛେ। ଆଏଜ୍‌କାଲି ତ ଚାଷ୍‌ବାସ ମୁନୁଷ୍ ଜାଗାରେ ମେଶିନ କରୁଛେ। ଗାଁଗଁଡ଼ା ଗଈଗରୁ ଶୁଇନ୍ ହେବାକେ ବସଲାନ, ଗାଈ ଚରିହାର ଦରକାର ନାଇଁ ପଡ଼ବାର। ଧାନ୍ ଖେତୁ ମେଶିନ୍‌ରେ ଅମଲ ହେଉଛେ ଆର ସାହୁକାର ସିଧା ଖେତୁ ଧାନ ବିକୁଛେ। ଯେନ୍‌ଥିରଲାଗି ଦିନୁ ଦିନ୍‌କେ ଇ ପୁଷ୍‌ପୁନିର ମହକ୍ ହଜି ହଜି ଯାଉଛେ।



ଛେର୍ ଛେରା ଲାଗି ବୌଦ୍ଧ ଜିଲା ବନ୍ଧାପଥର ଗାଁର କଳାକାର ମାର୍କଣ୍ଡ ବନିଛୋର ଆର ଦେବରାଜ ବେହେରା ରେଢ଼ାଖୋଲରେ କଳା ପଦରଶନ କରୁଛନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଦୁର୍ବୃତ୍ତ ପୋଡ଼ିଲେ ଧାନଖରି

**ଜହ୍ନାପଙ୍କ, ୧୪।୧ (ଡି.ଏନ.ଏ)-** ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ କୁମୁରସିଂହା ଗାଁର ଗୋପାଳ ମହାନନ୍ଦିଆଙ୍କ ୨ଟି ଧାନ ଖରିରେ ରବିବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଛି । ନଷ୍ଟ ହୋଇଥିବା ଧାନର ମୂଲ୍ୟ ପ୍ରାୟ ୯୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଗ୍ରାମବାସୀ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁ ଲିଭାଇଥିଲେ । ନିଆଁ ନ ଲିଭିଥିବାରୁ ପୁଣି ସୋମବାର ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇଥିଲେ। ସେତେବେଳକୁ ପ୍ରାୟ ଖରି ୨ଟି ପୋଡି ନଷ୍ଟ ହୋଇ ସାରିଥିଲା । ଗୋପାଳ ଜଣେ ଗରିବ ହୋଇଥିବାରୁ ୨ଏକର ଜମିକୁ କରରେ ଚାଷ କରିଥିଲେ ।

### ଗାୟତ୍ରୀ ଯଜ୍ଞ

**ପାଇକମାଳ, ୧୪।୧ (ଡି.ଏନ.ଏ)-** ପାଇକମାଳର ନୃସିଂହନାଥ ପୀଠରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ସୋମବାର ଭୋରରୁ ମନ୍ଦିର ଠାକୁରଙ୍କୁ ପୂଜାର୍ଚ୍ଚନା କରି ମକର ଚାଉଳ ଭୋଗ ଲାଗି ହୋଇଥିଲା। ପରେ ଭକ୍ତମାନଙ୍କୁ ଠାକୁର ଦର୍ଶନ ଦେଇଥିଲେ । ଏହି ମକର ଚାଉଳ ସମସ୍ତ ଭକ୍ତଙ୍କୁ ବଣ୍ଟନ ପରେ ଗାୟତ୍ରୀ ଯଜ୍ଞ କରାଯାଇଥିଲା । ସେହିପରି ମାତୃନିକେତନଠାରେ ମଧ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ତରଣୀସେନ ତନସନା, ନରେଶ ପଣ୍ଡା, କଲ୍ୟାଣୀ ସାହୁ, ଯଶୋଦା ଭୋଇ, ଗୋବର୍ଦ୍ଧନ ଅଗ୍ରୱାଲ, ସାଧୁ ସା ପ୍ରମୁଖ ସହଯୋଗ କରିଥିଲେ ।

# ବେଶଭୂଷା, ପରିପାଟୀ ଆଣିଛି ପରିଚୟ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଳାକାରଙ୍କ କଳନା ନାହିଁ । ମହାରାଜ ଉଗ୍ରସେନ, କଂସଙ୍କଠାରୁ ଆରମ୍ଭ କରି ତାଙ୍କ ସେନାପତି, ମହାମନ୍ତ୍ରୀ ଏବଂ ରାଣୀ ଇନ୍ଦୁମତୀ, ପଦ୍ମାବତୀ, ଦେବକୀ, ହେତୀ, ପ୍ରହେତୀ ଆଦି ପର୍ଯ୍ୟନ୍ତ ସଭିଏଁ ଜଣେ ଲେଖାଏଁ କଳାକାର । କଂସ ମହାରାଜା ହେଲେ ସାରା ମଥୁରାବାସୀ ପାଲଟି ଯାଇଥାନ୍ତି ତାଙ୍କ ପ୍ରଜା । ତେବେ ଯାହାଙ୍କ କାରିଗରିରେ ପ୍ରସ୍ତୁତ ବେଶଭୂଷା, ପରିପାଟୀ ଜଣେ ସାଧାରଣ ମଣିଷକୁ ରାଜା, ମହାରାଜା, ରାଣୀ, ମହାରାଣୀ, ମନ୍ତ୍ରୀ, ସେନାପତିର ବାସ୍ତବ ରୂପ ଦେଉଛି, ସେହି ଶିଳ୍ପୀ, କାରିଗରମାନେ ମଞ୍ଚର ପରଦା ପଛରେ ରହିଛନ୍ତି । ୧୯୪୭ ମସିହାରୁ ବରଗଡ଼ ଗୋବିନ୍ଦପାଲି ଗଙ୍ଗାଧର ନଗର ନିବାସୀ ସ୍ୱର୍ଗତ ଘାସିରାମ ସାହୁଙ୍କ ପରିବାର ଲୋକେ ଏହି ବେଶଭୂଷା, ପରିପାଟୀ କାମ କରି ଆସୁଛନ୍ତି । ଘାସିରାମଙ୍କ ଦେହାନ୍ତ ପରେ ତାଙ୍କ ପୁଅ, ନାତି ଏହି କାମ କରି ଧନୁଯାତ୍ରାରେ ଉଦାହରଣ ସୃଷ୍ଟି କରିଛନ୍ତି। ଏହା ଉକ୍ତ ପରିବାର ପାଇଁ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି । ଉକ୍ତ ପରିବାର ଲୋକ ଏବଂ ସହକର୍ମୀଙ୍କୁ ନେଇ ଏକ ଉପସ୍ଥାପନା...

## ପରଦା ପଛର କଳାକାର



ମହାରାଜ କଂସ ଅଭିନେତାଙ୍କୁ ବେଶ କରୁଛନ୍ତି ।



ଧନୁଯାତ୍ରା ଆରମ୍ଭରୁ ବାପା କଳାକାରଙ୍କ ବେଶଭୂଷା, ପରିପାଟୀ କାମ କରି ଆସୁଥିଲେ । ତାଙ୍କ ପ୍ରେରଣାରୁ ମୁଁ ଓ ପରିବାରର ଅନ୍ୟମାନେ ମଧ୍ୟ ସେହି କାମ ଶିଖିଲୁ । ୧୯୭୨ ମସିହାରୁ କିଛି ବର୍ଷ ଧରି ମୁଁ ଗୋପପୁର କଳାକାରଙ୍କ ବେଶଭୂଷା, ପରିପାଟୀ କାମ କରୁଥିଲି। କିନ୍ତୁ ୧୯୭୯ ମସିହାରୁ ମଥୁରା କଳାକାରଙ୍କ ଏହି କାମ କରୁଛି।**–ଦେବାନନ୍ଦ ସାହୁ**



ବାପା ଆଗରୁ କରୁଥିଲେ । ତାଙ୍କଠାରୁ ଶିଖିଛୁ । କଲିକତା, ରାୟପୁର, କଟକରୁ କଞ୍ଚାମାଲ ଆଣିଥାଉ । ଦଶହରା ମାସରୁ ଧନୁଯାତ୍ରା କଳାକାରଙ୍କ ସବୁ ବେଶଭୂଷା ତିଆରି କରିଥାଉ । ଠିକ୍ ଏହି ମହୋତ୍ସବ ଆସିବା ପୂର୍ବରୁ ତାହା ସରି ଯାଇଥାଏ । ୧୫/୨୦ ବର୍ଷ ହେଲା ମୁଁ ଏହି କାମ କରି ଆସୁଛି । ସବୁ ଭାଇ ସାଥୀ ହୋଇ କରୁଛୁ, ଭଲ ଲାଗୁଛି ।**–ପ୍ରେମାନନ୍ଦ ସାହୁ**



ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଦେଶ, ବିଦେଶର ଦର୍ଶକ ଆସୁଛନ୍ତି। ଲକ୍ଷାଧିକ ଦର୍ଶକଙ୍କ ସମାଗମ ହେଉଛି । ଆଉ ଆମ ବେଶଭୂଷା, ପରିପାଟୀରେ ସଜ୍ଜିତ ହୋଇଥିବା କଳାକାରଙ୍କ ଅଭିନୟକୁ ସେମାନେ ଦେଖୁଛନ୍ତି । ଯେଭଳି ଦର୍ଶକଙ୍କୁ ଆହୁରି ଆକୃଷ୍ଟ କରିବ, ସେଥିପାଇଁ ବେଶଭୂଷା, ପରିପାଟୀରେ ସବୁବେଳେ ବାସ୍ତବତା ଆଣିବା ପାଇଁ ଚେଷ୍ଟା କରୁଛୁ ।
**–ମନୋଜ ମେହେର**



ପ୍ରତିବର୍ଷ ଆମ ପରିବାର ସମସ୍ତେ ଏହି କାମରେ ନିୟୋଜିତ ରହିଥାଉ । ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଅଭିନୟ କରୁଥିବା ସମସ୍ତ କଳାକାରଙ୍କ ବେଶଭୂଷା ତିଆରି ସହିତ ସେମାନଙ୍କୁ ସଜ୍ଜିତ କରିବା ନିଶ୍ଚୟ ଆମ ପାଇଁ ଗୌରବର ବିଷୟ। ଏଭଳି ଏକ ସୌଭାଗ୍ୟ ପାଇ ଆମକୁ ବହୁତ ଖୁସି ଲାଗୁଛି। ଆଗକୁ ମଧ୍ୟ ପରିବାର ଲୋକେ ଏହି କାମ ଜାରି ରଖିବୁ।
**–ଶୁଭମ ସାହୁ**

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**

## ଫଟୋରେ ଖବର



ବରଗଡ଼ ଧନୁଯାତ୍ରାରେ ଜଣେ ବାଣିଜ୍ୟକର ଅଧିକାରିଣୀଙ୍କୁ କଂସଙ୍କ ସମ୍ମୁଖରେ ହାଜର ପାଇଁ ନିଆଯାଉଛି।



କଂସ ଦରବାରରେ ଲୋକକବି ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ମାନିତ କରାଯାଉଛି ।

# ଶ୍ରୀରାମଲୀଳା ଯାତ୍ରା ପ୍ରସ୍ତୁତି

**ବୌଦ୍ଧ,୧୪।୧ (ସ୍ୱ.ପ୍ର)**

ବୌଦ୍ଧ ଜିଲାର ଗଣପର୍ବ ଭାବେ ପାଳନ କରାଯାଉଥିବା ଶ୍ରୀରାମଲୀଳା ଯାତ୍ରାକୁ ଚଳିତବର୍ଷ ମହାସମାରୋହରେ ପାଳନ କରିବା ପାଇଁ ସୋମବାର ପ୍ରଥମ ପ୍ରସ୍ତୁତି ବୈଠକ ଶ୍ରୀରଘୁନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଚଳିତବର୍ଷ କିପରି ଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯାଇ ପାରିବ ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମୁଖ୍ୟ ଆକର୍ଷଣ ରାମ ରାବଣ ସମର ଶୋଭାଯାତ୍ରାକୁ ଖେଳ ପଡିଆରେ ଆୟୋଜନ କରାଯିବ । ସଭାରେ ସମ୍ପାଦକ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ ପରେ କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ପ୍ରସ୍ତୁତି ବୈଠକରେ ଜିଲା ଓକିଲ ସଂଘର ସଭାପତି ତାରେଣି କୁମାର ମହାପାତ୍ର, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ର, ରଜନୀକାନ୍ତ ଦାଶ, ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ବୌଦ୍ଧଗଡ ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ଯୋଗ ଦେଇଥିଲେ । ୧୮ ଦିନ ବ୍ୟାପୀ ଏହି ଯାତ୍ରା ଅନୁଷ୍ଠିତ ହେବ । ଏହି ଅବସରରେ ବଣିକ ସଂଘ ସଭାପତି ସୁବାଷ ଚନ୍ଦ୍ର ସାହୁ, ନାଟ୍ୟକାର ହୃଦାନନ୍ଦ ମେହେର, ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ରଙ୍କ ସମେତ ବିଭିନ୍ନ ଯାତ୍ରା କମିଟିରୁ ଯୋଗ ଦେଇଥିବା କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ନାଟ୍ୟ ସଂସଦର ପୂର୍ବତନ ସଭାପତି ପ୍ରଦୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଚାଲିଛି ।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ: ରଞ୍ଜିତ, ମୁରଲୀ ଯୋଡ଼ି ଚାମ୍ପିୟନ

**ବୌଦ୍ଧ,୧୪।୧ (ସ୍ୱ.ପ୍ର)**

ବୌଦ୍ଧ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧ ଇନଡୋର ଷ୍ଟାଡିୟମ ଠାରେ ତିନିଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୦ ଯୋଡି ଖେଳାଳି ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଦିବସରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ହରଭଙ୍ଗା ବ୍ଲକ ଅଧ ବିଶ୍ୱଜିତ ମିଶ୍ର, ଇଂ. ସଞ୍ଜୟ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟରେ ଫାଇନାଲ ଖେଳ ଭୁବନେଶ୍ୱରର ରଞ୍ଜିତ ଓ ମୁରୁଲି ଏବଂ ବଲାଙ୍ଗୀରର ସୁରେନ ଓ ମୁନ୍ନାଙ୍କ ଯୋଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରଞ୍ଜିତ ଓ ମୁରଲି ଯୋଡି ସିଧାସଳଖ ୨୧-୧୩ ଓ ୨୧-୧୯ ପଏଣ୍ଟରେ ବଲାଙ୍ଗୀର ଯୋଡିକୁ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା । ସେହିପରି ପ୍ରତିଯୋଗିତାର ତୃତୀୟ ସ୍ଥାନ ଅଧିକାର କରିଥିବା ବାରିପଦାର ଅଙ୍କିତ ଓ ସୁଶୀଲ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଅନୁଗୁଳର ଅମ୍ଳାନ ଓ ଆଦିତ୍ୟଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଖେଳିଥିବା ପ୍ରତ୍ୟେକ ଯୋଡି ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଶେଷରେ ଅତିଥି ମାନଙ୍କ ଦ୍ୱାରା ଚାମ୍ପିୟନ, ରନର୍ସ ଅପ୍ ଓ ବିଜୟୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା । ଏହି ଟୁର୍ନାମେଣ୍ଟର ଖେଳଗୁଡିକୁ ପୂର୍ବତନ ଜାତୀୟ ବ୍ୟାଡମିଣ୍ଟନ ଖେଳାଳି କନ୍ଧମାଳର ଦୀପକ କୁମାର ମହାନ୍ତି, ଜାତୀୟ ରେଫରୀ ସୁବ୍ରତ କୁମାର ପୁରୋହିତ, ଶ୍ରୀକାନ୍ତ ବହିଦାର, ପ୍ରଦୋଷ କୁମାର ମହାରଣା, ସୁନ୍ଦର ପ୍ରକାଶ, ବଦ୍ରି ନାରାୟଣ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ୧୬ ବର୍ଷରୁ କମ୍ ବର୍ଗରେ ଜାତୀୟସ୍ତରର ବିଜୟ ମର୍ଚ୍ଚାଣ୍ଟ କ୍ରିକେଟ ଟ୍ରଫି ଖେଳି ଜିଲାକୁ ଗୌରବାନ୍ୱିତ କରିଥିବା ଶୋଭନଦେବ ବେହେରାଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଆସୋସିଏଶନ ସଭାପତି ଜୁଲିୟସ ମହାକୁଲ, ସମ୍ପାଦକ ଆନନ୍ଦ ମିଶ, ସଙ୍ଗଠନ ସମ୍ପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲା, ଉପସଭାପତି ଧର୍ମେଶ ନାୟକ, କାର୍ଯ୍ୟକାରୀ ସଦସ୍ୟ ପ୍ରଦୋଷ କୁମାର ମହାରଣା, ବିଭୁ ପ୍ରସାଦ ପଣ୍ଡା, ବଦ୍ରିନାରାୟଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।



ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।



ମକର ମେଳା ଅବସରରେ ବରଗଡ଼ ଜିଲା ଭଟଲିଠାରେ ଶ୍ରଦ୍ଧାଳୁମାନେ ସାଧୁସନ୍ଥଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ।

### ସପନ୍ ହେଇଛେ ବୋରୱେଲ ଖୁଲା

# ଟଁକା ଜମାକରି ଚାଷୀ ହତାଶ

**ବୌଦ୍ଧ/ଗୁଡଭେଲିଦର, ୧୨।୧ (ସ୍ୱ.ପ୍ର/ଡି.ଏନ.ଏ)**

ସରକାର ଚାଷୀମାନକର ଲାଗି ଭିନେ ଭିନେ ଯୋଜ୍‌ନା କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବହୁତ୍ ଜାଗାରେ ଇ ଯୋଜ୍‌ନା ମାନ ବାଟବନା ହେଉଥିବାର ଦେଖିବାକେ ମିଲୁଛେ। ଇତାର ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ କନ୍ଧମାଳ ବ୍ଲକ୍ ମନମୁଣ୍ଡା ଅଂଚଲରେ। ଇ ଅଂଚଲର ୮୦ ପରତିଶତ ଲୋକ ଚାଷ୍‌ବାସ ଉପରେ ନିରଭର କରୁଛନ୍। ହେଲେ ଅଂଚଲରେ ସେ ହିସାବେ ଜଲସେଚନର ସୁବିଧା ନାଁଇଁନ। ଯେନ୍‌ଥିରଲାଗି ଚାଷୀମାନେ ବର୍ଷାପାଏନ୍ ଉପରେ ନିରଭର କରୁଛନ୍। ହେଲେ ସରକାର ଚାଷ୍ ଆର ଚାଷୀର ଉନ୍‌ନତି ଲାଗି ଯୋଜ୍‌ନା ଉପରେ ଯୋଜ୍‌ନା କରୁଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଖାମ୍‌ଖିଆଲି ମନଭାବ ଲାଗି ଇ ଯୋଜ୍‌ନାମାନ ବାଟବନା ହେଉଛେ। ମନମୁଣ୍ଡା ଅଂଚଲରେ ଚାଷୀକୁଁ ପାଏନ୍ ଯୁଗେଇ ଦେବାର ଉଦେଶ୍‌ରେ ବୋରୱେଲ ଖୁଲବାର ଲାଗି ଆବେଦନ କରାଯାଇଥିଲା। ଚାଷୀମାନେ ଇ ଯୋଜନାରେ ସରକାରକଁର ଧାର୍ୟ୍ ଅନ୍‌ସାରେ ୨୦ ହଜାର ଟଁକା ଲେଖେଁ ଜମା ବି କରିଛନ୍। ହେଲେ ଦୁଖର କଥା ଆଏଜ୍‌ତକ୍ ବୋରୱେଲର ଦେଖାଦରଶନ ନାଇଁ କି ଚାଷୀକୁ ତାକର ଟଁକା ଫିରି ନାଇଁ ପାଏବାର। ଇ ବାବ୍‌ଦେ ଚାଷୀମାନେ ଜିଲାପାଳକୁଁ ଅଭିଯୋଗ କରି ନିରାଶ ହେଇଥିବାର କୁନ୍ଦୁରାମୁଣ୍ଡାର ଚାଷୀ ଭରତ ମିଶ୍ର ଅଭିଯୋଗ କରିଛନ୍। ଇ ବାବ୍‌ଦେ ମନମୁଣ୍ଡା ବିଭାଗୀୟ ସହକାରୀ ଯନ୍ତ୍ରୀକୁଁ ପଚରାଲାରୁ ଟେଣ୍ଡର କାମ୍ ଚାଲିଛେ। ବହୁତ ଜଲ୍‌ଦି କାମ୍ ଆରମ୍ କରାଯିବା ବଲି ସେ କହିଥିଲେ।

# ମକର ମେଳାରେ ନାଗାସେବା

**ଭଟଲି,୧୪।୧(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ପୀଠରେ ନାଗାପର୍ବ ଓ ମକର ମେଳା ସୋମବାର ସମାରୋହରେ ପାଳିତ ହୋଇଛି । ପୁରାଣ ପୋଥି ଅନୁଯାୟୀ ଭଟଲିରେ ପ୍ରାୟ ସପ୍ତଦଶ ଶତାବ୍ଦୀରୁ ନାଗାସେବା କରାଯାଉଥିଲା। ଯେତେବେଳେ ଦଧିବାମନଙ୍କ ପ୍ରିୟ ଭକ୍ତ ପରମାନନ୍ଦ ପ୍ରଭୁଙ୍କୁ ନିଜ ଘରେ ସ୍ଥାପନା କରି ପୂଜା କରୁଥିଲେ ସେହି ସମୟରୁ ସେ ନାଗାବାବା ମାନଙ୍କୁ ସେବା କରିଆସୁଥିଲେ। ସେହି ପରମ୍ପରାକୁ ବଜାୟ ରଖି ଭଟଲି ଗ୍ରାମବାସୀ ମକର ସଂକ୍ରାନ୍ତି ଅବସରରେ ବିଭିନ୍ନ ସ୍ଥାନରୁ ଆସୁଥିବା ନାଗାବାବା ମାନଙ୍କ ଆତିଥ୍ୟ ଗ୍ରହଣ ପୂର୍ବକ ସେବା କରିଥିଲେ। ଚଳିତ ବର୍ଷ ବ୍ରହ୍ମାବଧୂତ ଉଦ୍ଧବ ଚରଣ ବାବା ଭଟଲି ଆସି ସୋମବାର ସକାଳୁ କଳସଯାତ୍ରା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ କରିଥିଲେ । ଏଥିପାଇଁ ବିଭିନ୍ନ ଅଞ୍ଚଳରୁ ଶତାଧିକ ବାବା ଗ୍ରାମରେ ପହଞ୍ଚିଥିଲେ । ଏହି ଅବସରରେ ସକାଳୁ ଗ୍ରାମର ଶତାଧିକ ମହିଳା ଚକ୍ରପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ବରଗଡ଼ ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁ, ସୌରି ଚରଣ ବାରିକ, ଗିରିଜେଶ ଖାଡ଼ଙ୍ଗା, ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମକର ସଂକାନ୍ତି ପାଇଁ ସୋମବାର ଦଧିବାମନଙ୍କ ମନ୍ଦିର ମଧ ଚଳଚଞ୍ଚଳ ହୋଇଉଠିଥିଲା । ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ଦୈନିକ ପୂଜାନୀତି ପରେ ନବାଙ୍କ ବେଶରେ ସଜ୍ଜିତ କରାଯାଇଥିଲା । ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ସେହିପରି ହଣ୍ଡାସଂକ୍ରୀ ନିକଟସ୍ଥ ତ୍ରିନାଥ ଛକରେ ମକର ମେଳା ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ଦଳ ପହଞ୍ଚି ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

# ବୌଦ୍ଧ ଜିଲା କଲଚରାଲ୍ ଏକାଡେମୀର ମକର ମିଳନ

**ବୌଦ୍ଧ,୧୪।୧ (ସ୍ୱ.ପ୍ର)**

ବୌଦ୍ଧ ଜିଲା କଲଚରାଲ୍ ଏକାଡେମୀ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ସୋମବାର ମକର ମିଳନ ପାଳିତ ହୋଇଯାଇଛି । ବରିଷ୍ଠ ସ୍ତମ୍ଭକାର ଧ୍ରୁବଚରଣ ଘିବେଲାଙ୍କ ସଭାପତିରେ ଆୟୋଜିତ ଉତ୍ସବରେ କ୍ରୀଡାବିତ୍ ଶିବନାରାୟଣ ଦାସ, କବି କିଶୋର ମିଶ୍ର ଅତିଥି ଭାବେ ଯୋଗ ଦେଇ କାୟାକଳ୍ପ ପ୍ରବେଶ ଦ୍ୱାରା ସାହିତ୍ୟ ବୁଦ୍ଧିମନ୍ତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଅତୀତର କାଳଜୟୀ ସାହିତ୍ୟ ଓ ବର୍ତ୍ତମାନର ସାହିତ୍ୟ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । କବିତା ପାଠୋତ୍ସବରେ ଷଷ୍ଠ କୁମାର ପୁରୋହିତ, ସଦାନନ୍ଦ ପ୍ରଧାନ, ଦେବେନ୍ଦ୍ର ମିଶ୍ର, ଅଭିନବ ପଟ୍ଟନାୟକ, ରାଧାମୋହନ ମାହାଣା, ସତ୍ୟନାରାୟଣ ଦେହୁରୀ, ବିଜୟ କୁମାର କ୍ଷେତୀ ଓ ପଦ୍ମନାଭ ସୁବୁଦ୍ଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ । । ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଏବଂ ଟଙ୍କଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ମକର ମିଳନରେ ମଞ୍ଚାସୀନ ଅତିଥିବୃନ୍ଦ ।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ଝାରମୁଣ୍ଡା ଭଜନମଣ୍ଡଳୀର ବାର୍ଷିକ ଉତ୍ସବ

**ଦେଓଗାଁ,୧୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଝାରମୁଣ୍ଡାରେ ସ୍ଥାନୀୟ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଆନୁକୁଲ୍ୟରେ ରବିବାର ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ଭଜନ ମଣ୍ଡଳୀ ଆବାହକ କୁମାର ଷାଣ୍ଡଙ୍କ ଆବାହକତ୍ୱରେ ପ୍ରାତଃ ୫ଟାରୁ ଓଁଙ୍କାର, ସୁପ୍ରଭାତମ, ନଗର ସଂକୀର୍ତ୍ତନ ପରେ ସକାଳ ୮ଟାରେ ଷୋଡଶପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକପ୍ରଦୀପ କୁମାର ତ୍ରିପାଠୀ ଯୋଗଦେଇ ଥିବାବେଳେ କିଶୋର ସାହୁ ଏବଂ ଭାର୍ଗବୀ ସାହୁ କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। ନନ୍ଦିନୀ ପୁଟେଲ, ସାଇ ଗାୟତ୍ରୀ ପୁଟେଲ ବେଦପାଠ କରିଥିଲେ। ଅବନୀ ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଦିଲୀପ କୁମାର ମିଶ୍ର, ସରସ୍ୱତୀ ନନ୍ଦ ଯୋଗ ଦେଇଥିବା ବେଳେ ସାଧୁରାମ ପୁରୋହିତ, ଗୋବିନ୍ଦ ମେହେର ଏବଂ ସାଇ ଗାୟତ୍ରୀ ପୁଟେଲ ବକ୍ତା ଭାବେ ଯୋଗଦେଇ ବାବାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।ଏ ଅବସରରେ ସ୍ଥାନୀୟ କିଛି ଅସହାୟ ପରିବାରଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହାକୁ ବୃହସ୍ପତୀ ପୁଟେଲ, ପୁଷ୍ପାଞ୍ଜଳୀ ମେହେର, ଚୁମକୀ ପୁଟେଲ, ସରସ୍ୱତୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ରାଜୁ ପୁଟେଲଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟସ୍ତରୀୟ ଆନନ୍ଦ ଉତ୍ସବରେ ଭାଗନେଇ କୃତିତ୍ୱ ହାସଲ କରିଥିବା ସାଇ ଗାୟତ୍ରୀ ପୁଟେଲ, ଶଗୁନମୟୀ ମେହେର, ପ୍ରୀୟା ମେହେର, ଫକିର ମୋହନ ଦାଶ ଏବଂ ନନ୍ଦିନୀ ପୁଟେଲଙ୍କୁ ଗଣେଶ ଅଗ୍ରୱାଲଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଝାରମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୧୪।୧:** ବଲାଙ୍ଗୀର କୋଶଳ କଳାମଣ୍ଡପ ପଡିଆ ମଞ୍ଚରେ ଅନୁଷ୍ଠିତ ୧୬ତମ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚଳିତ ବର୍ଷ ସକାଶେ ସୁପ୍ରତିଭ ଖୁଣ୍ଟିଆ ମିଷ୍ଟର ଓଡ଼ିଶା ବିଜେତା ହୋଇଛନ୍ତି । ରାଜ୍ୟ ବଡି ବିଲ୍‌ଡିଂ ଆସୋସିଏଶନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଆମେଚର ବଡି ବିଲଡିଂ ଆସୋସିଏଶନ ଚଳିତ ବର୍ଷ ମିଷ୍ଟର ଓଡ଼ିଶା ଚମ୍ପିଏନସିପ୍ ପ୍ରତିଯୋଗିତା ଦୁଇ ଦିନ ଧରି ଆୟୋଜନ କରିଥିଲା । ଗତ ୧୩ ତାରିଖ ସନ୍ଧ୍ୟାରେ ୧୧ଟି ଗ୍ରୁପର ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ତଥା ମହିଳା ବଡିବିଲଡିଂ ଶୋ ଅନୁଷ୍ଠିତ ହୋଇଥିଲା । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆୟୋଜକ କମିଟି ସଭାପତି ଲଳିତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଅଧକ୍ଷ ଅର୍କେଶ ନାରାୟଣ ସିଂଦେଓ ସଭାପତିତ୍ୱ କରିଥିଲେ । ବଲାଙ୍ଗୀର ଲୋକସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମିଟି ଉପାଧକ୍ଷ ପ୍ରକାଶ କୁମାର ନେପାକ ଧନ୍ୟବାଦ ଅର୍ପଣ କରିଥିଲେ । ଲିଟୁ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ସମ୍ପାଦକ ସଞ୍ଜୟ ଶତପଥୀ ଧନ୍ୟବାଦ ଦେଇଥିଲେ । ସଭାରେ ଉପସଭାପତି ପ୍ରମୋଦ ରଥ, ବରିଷ୍ଠ ସଭ୍ୟ ରାମଶରଣ ହୋତା, ରାଜ୍ୟସ୍ତରୀୟ ସଭାପତି ସୁନିତା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ଏକଜୁଟିଭ ଡାଇରେକ୍ଟର ଡା. ଭାରତୀ କୃଷ୍ଣ ବ୍ରହ୍ମା ମଞ୍ଚାସୀନ ଥିଲେ । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୫୫ କେଜି ବର୍ଗରୁ ୧୦୦ କେଜି ବର୍ଗର ପ୍ରତିଯୋଗୀଙ୍କୁ ଏସ୍.କ୍ରିଷ୍ଣାରାଓ, ପ୍ରଶାନ୍ତ ଦାଶ, ବଲାଲ ଖାନ, ସୁପ୍ରତିଭ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ଦିଲୀପ ବଗର୍ତ୍ତି, କୋଷାଧକ୍ଷ ରୂପକ ବରାଳ, ସଂଗ୍ରାମ ବହିଦାର, ଜିତୁ ନାଗ, ଅନିଲ ନାୟକ, ରୁଦ୍ରମଣି ପଟେଲ, ଉମା ବେହେରା, ବାବୁ ସା ସହଯୋଗ କରିଥିଲେ ।

# ୫ବର୍ଷ ହେଲା ବନ୍ଦ ପଡ଼ିଛି ଚିନିକଳ



- ପୁନଃ କାର୍ଯ୍ୟକ୍ଷମ ଦାବିପ୍ରତି ଅଣଦେଖା
- ଆଖୁ ଚାଷୀ, କର୍ମଚାରୀ ଅସନ୍ତୋଷ
- ପ୍ରଧାନମନ୍ତ୍ରୀ ଚିନିକଳ ପ୍ରତି ଦୃଷ୍ଟି ଦେବା ନେଇ ଚାଷୀ ଆଶାବାଦୀ

**ଦେଓଗାଁ,୧୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଦୀର୍ଘ ୫ ବର୍ଷ ହେଲା ବନ୍ଦ ହୋଇପଡିଛି। ଚିନିକଳ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ସମୟରେ ଦାବି ହୋଇଛି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି କୌଣସି ଆନ୍ତରିକତା ଦେଖାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଚିନିକଳ ଦୋଛକିରେ ଦଣ୍ଡାୟମାନ ହୋଇ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଲୁପ୍ତ ଆଡକୁ ଗତି କରୁଛି। ଚିନିକଳ ଉପରେ ନିର୍ଭର କରି ପେଟପୋଷୁଥିବା କର୍ମଚାରୀ ଓ ଆଖୁଚାଷୀ କର୍ମସଂସ୍ଥାନ ହରାଇ ଚିନ୍ତାରେ ଦିନଗଣୁଥିବା ଅଭିଯୋଗ ହୋଇଛି। ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ବନ୍ଦ ପଡିଥିବା ବିଜୟାନନ୍ଦ ଚିନିକଳକୁ ଚାଲୁ କରିବାକୁ ଜିଲା ତଥା ଆଖପାଖ ଜିଲାର ଜନସାଧାରଣ ଦାବି କରିଛନ୍ତି। ଅନ୍ୟପକ୍ଷେ ଚିନିକଳ ବନ୍ଦ ହେବାର ୫ ବର୍ଷ ମଧ୍ୟରେ ଅନେକ ଅଧିକାରୀ ଓ ନେତା ପରିଦର୍ଶନ କରି ଆଖୁଚାଷୀ ଓ କର୍ମଚାରୀଙ୍କୁ ଚିନିକଳର ପୁନଃ କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଆସୁଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଆଖୁଚାଷୀମାନେ ଅଭିଯୋଗ କରିଛନ୍ତି। ଦେଓଗାଁ ସାଗରପାଲିଠାରେ ୧୯୯୩ରେ ୮୬ ଏକର ବିଶିଷ୍ଟ ଜମିରେ ତାମିଲନାଡୁର ପୋନ୍ନିସୁଗାର ଆଣ୍ଡ କେମିକାଲ୍ସ ନାମକ ଏକ ଘରୋଇ କମ୍ପାନୀ ଏହି ଚିନିକଳର ଆରମ୍ଭ କରିଥିଲା। ଏହାଦ୍ୱାରା ବଲାଙ୍ଗୀର ଜିଲା ସମେତ ଆଖପାଖର ସୁବର୍ଣ୍ଣପୁର, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ ଜଲାର ଚାଷୀମାନେ ଆଖୁ ବିକ୍ରି କରୁଥିଲେ। ତେବେ ୭ ବର୍ଷ କାରଖାନା ଚଳିବା ପରେ ୨୦୦୦ରେ କ୍ଷତି ହେଉଥିବା ଦର୍ଶାଇ ହଠାତ୍ ଚିନିକଳକୁ ବନ୍ଦ କରି ଦିଆଗଲା। ପରେ କମ୍ପାନୀକୁ ଋଣ ଦେଇଥିବା ଆଇସିଆଇସିଆଇ ବ୍ୟାଙ୍କ ହାତକୁ ଏହା ଚାଲିଯାଇଥିଲା। ଅନେକ ବାଦବିବାଦ ପରେ ୨୦୦୫ରେ ବିଜୟାନନ୍ଦ କୋଅପରେଟିଭ ସୁଗର ମିଲ୍ସ ଲିଃ ନାମରେ ଏହି କାରଖାନାର ପୁନଃରୁଦ୍ଧାର କରାଯାଇଥିଲା। ୮ବର୍ଷ ଚିନିକଳ ଚାଲିବା ପରେ ୨୦୧୩ରେ ପୁଣି କ୍ଷତିରେ ଚାଲୁଥିବା ଦର୍ଶାଇ ଚିନିକଳକୁ ବନ୍ଦ କରିଦିଆଗଲା। ଫଳରେ କାମକରୁଥିବା ହାରାହାରି ୩ଶହ କର୍ମଚାରୀ, ଅଞ୍ଚଳର ୭ହଜାର ଆଖୁଚାଷୀ, ୧ହଜାର ଟ୍ରାନ୍ସପୋଟର ପରିବାରଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିଲା। ଦିନକୁ ୨୫ଶହ ମେଟ୍ରିକଟନ ପେଡି ପାରୁଥିବାର କ୍ଷମତା ରଖିଥିବା ଏହି ଚିନିକଳକୁ ବର୍ତ୍ତମାନ ସରକାର ଚଳାଇବାର ଆବଶ୍ୟକତା ରହିଛି। ବର୍ଷକୁ ୮୦ କୋଟି ଟଙ୍କାର ବ୍ୟବସାୟ କରୁଥିବା ତଥା ଉନ୍ନତମାନର ଚିନି ଉତ୍ପାଦନ ସତ୍ତ୍ୱେ ଚିନିକଳ କ୍ଷତିରେ ଚାଲୁଥିଲା କିପରି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଏବେ ଚିନିକଳର ପ୍ରକୃତ ମୂଲ୍ୟଠାରୁ ଋଣବୋଝ ଅଧିକ ବୋଲି ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ନିଜ ଅଧୀନରେ ରଖି ଏହାକୁ ବିକେନ୍ଦ୍ରୀକରଣ କରିବା ପାଇଁ ବାରମ୍ବାର ଚେଷ୍ଟା ଚଳାଇଛନ୍ତି। ୨୦୧୭ ଅଗଷ୍ଟ ୪ ତାରିଖରେ ୫୨ କୋଟି ୨୩ ଲକ୍ଷରେ ଚିନିକଳକୁ ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ନିଲାମ ଡକାଯାଇଥିଲା। ହେଲେ କୌଣସି ନିଲାମଧାରୀ ଏଥିରେ ଯୋଗ ନ ଦେବାରୁ ନିଲାମ ପ୍ରକ୍ରୀୟାକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ଯେଉଁ ସଂସ୍ଥା ନିଲାମରେ ନେବ ସେ କାରଖାନାକୁ ବିକ୍ରି କରିପାରିବେ ନାହିଁ। ଏପରି କି ସେ ନିଶ୍ଚିତ ଭାବେ ଚଳାଇବେ ବୋଲି ଚୁକ୍ତି ରହିଥିବାରୁ ଅନେକ ସଂସ୍ଥା ଓହରିଯାଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପକୁ ପୁନଃଚାଲୁ କରାଗଲେ ଜିଲାର ହାରାହାରି ୭ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଅର୍ଥନୈତିକ ବିକାଶ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ବିରାଟ ଧନୁଯାତ୍ରା ମହୋତ୍ସବର ନାଟ୍ୟାଭିନୟ।

# ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

## ପ୍ରଥମ ଦିନରେ କଂସ ମହାରାଜାଙ୍କ ରାଜ୍ୟାଭିଷେକ

**ପାଟଣାଗଡ଼,୧୪।୧(ଡି.ଏନ.ଏ.)**

ପାଟଣାଗଡ଼ ଗଙ୍ଗାଧର ପାର୍କଠାରେ ରବିବାର ରାତିରେ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏହାର ଶୁଭାରମ୍ଭ କରିଥିଲେ। ଧନୁଯାତ୍ରା କମିଟି ସଭାପତି ବିମଳେନ୍ଦୁ ବିକାଶ ମେହେର, ସମ୍ପାଦକ ଅରକ୍ଷିତ ଯୋଷୀ, ପ୍ରଦୀପ ପୁରୋହିତ, ଉପସଭାପତି ବ୍ରଜକିଶୋର ରାଉତ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଧନୁଯାତ୍ରାର ପ୍ରଥମ ଦିନରେ ମା' ପାଟଣେଶ୍ୱରୀ ଏବଂ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମହରାଜ ଉଗ୍ରସେନ ନଗର ପରିକ୍ରମା କରିଥିଲେ। ପରେ ଧନୁଯାତ୍ରା ମଞ୍ଚରେ ପହଂଚିବା ପରେ ଦେବକୀ ଏବଂ ବସୁଦେବଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ ପରେ କଂସ ଦେବକୀଙ୍କ ଅଷ୍ଟମ ଗର୍ଭ ତାଙ୍କର ମୃତ୍ୟୁର କାରଣ ହେବ ବୋଲି ଦୈବବାଣି ଶୁଣି ବିଚଳିତ ହୋଇପଡିଥିଲେ। ପରେ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ପରେ କଂସଙ୍କ ରାଜ୍ୟାଭିଷେକ ହୋଇଥିଲା। ଏପରି କି ଦେବକୀ ବସୁଦେବଙ୍କୁ କାରାବରଣ କରିଥିବାର ଦୃଶ୍ୟ ଅଭିନୀତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପାଟଣାଗଡ଼ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ବିମଳେନ୍ଦୁ ବିକାଶ ମେହେର ଜଣାଇଛନ୍ତି। ଏଥିରେ ପାଟଣାଗଡକୁ ମଥୁରା ନଗରୀ ଏବଂ ସହର ନିକଟସ୍ଥ ରାମପୁରକୁ ଗୋପପୁର ଭାବେ ଚିତ୍ରଣ କରାଯାଇଛି। ଧନୁଯାତ୍ରା ପାଇଁ ସହରରେ ଭିଡ ପରିଲକ୍ଷିତ ହେଉଛି।

# ସାହିତ୍ୟ ସଂସ୍କୃତି ପକ୍ଷରୁ ମକର ମିଳନ, ବ୍ୟାସକବି ଜୟନ୍ତୀ

**ଟିଟିଲାଗଡ଼,୧୪।୧(ଡି.ଏନ୍.ଏ.)**

ସାହିତ୍ୟ ସଂସ୍କୃତି ଟିଟିଲାଗଡ଼ ପକ୍ଷରୁ ମକର ମିଳନ ଏବଂ ବ୍ୟାସକବି ଫକିର ମୋହନଙ୍କ ଜୟନ୍ତୀ ଉତ୍ସବ ସୋମବାର ସ୍ଥାନୀୟ ବାଳକ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଉପାଧ୍ୟକ୍ଷ ଜିଏମ୍ କଲେଜ ସମ୍ବଲପୁର ଏହି ଡ. କାମଦେବ ସାହୁ ମୁଖ୍ୟଅତିଥି, ମଡେଲ ଡିଗ୍ରୀ କଲେଜ ରାୟଗଡ଼ା ସହକାରି ପ୍ରଫେସର ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟାସକବିଙ୍କ ରଚନା ତଥା ଓଡିଆ ସାହିତ୍ୟରେ ତାଙ୍କ ଅବଦାନ ସମ୍ପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷ ଡିଏଭି ସ୍ୱୟଂ ଶାସିତ କଲେଜ ଟିଟିଲାଗଡ଼ ତଥା ସାହିତ୍ୟ ସଂସ୍କୃତିର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଲିଖିତ ନିବନ୍ଧନ ସଂକଳନ 'ମନ ତୋହର ନିଜ ଗୁରୁ', ବରିଷ୍ଠ ଶିକ୍ଷାବିତ ତଥା ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ପ୍ରକାଶ ଗଡତିଆଙ୍କ ପ୍ରବନ୍ଧ ସଂକଳନ 'ଚିନ୍ତନ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଯୁଗଲ କିଶୋର ଷଡଙ୍ଗୀ, ଗବେଷକ ଡ. ଦୋଳଗୋବିନ୍ଦ ବିଶି, ଡ. ଗୋବର୍ଦ୍ଧନ ସାହୁ, କବି ସଞ୍ଜୟ ଅଗସ୍ତି, ଶିକ୍ଷାବିତ ଜଗନ୍ନାଥ ପଟ୍ଟନାୟକ, ରାଜୀବ ଲୋଚନ ପାଢୀ, ସେବକ ଚରଣ ଦାସ, ଅଶ୍ୱିନୀ ମହାନ୍ତି, ଅଭିନ୍ନ ରଥ, ଉମେଶ ଚନ୍ଦ୍ର ଦାସ, ଅକ୍ଷୟ ବେହେରା, ଆଇନଜୀବୀ ରାଧାକାନ୍ତ ପାଢୀ, କୃଷ୍ଣଚନ୍ଦ୍ର ସାହୁ, ରବିକିରଣ ସ୍ୱାଇଁ, ସୁନିଲ ଅଗସ୍ତି, ମଧୁସୁଦନ ମାଝି, ଉମେଶ ମାହାଣା, ଲକ୍ଷ୍ମୀନୃସିଂହ ଚୌଧୁରୀ, ନରସିଂହ ସାହୁ, ନିଳମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଡ. ଷଡଙ୍ଗୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବୃନ୍ଦାବନ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ଧନେଶ୍ୱର ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

### ମକର ଚାଉଳ ବାଣ୍ଟି ଭାରତୀୟ ସଂସ୍କୃତି, ପରମ୍ପରାର ସ୍ମୃତିଚାରଣ

**ଡୁଙ୍ଗୁରିପାଲି, ୧୪।୧( ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପଞ୍ଚବଟି ବିଦ୍ୟାଳୟରେ ମକର ସଂକ୍ରାନ୍ତି ଉତ୍ସବ ପାଳନ କରାଯାଇଛି । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଡୁଙ୍ଗୁରିପାଲି ସହରର ଶତାଧିକ ପରିବାର ସହ ସମ୍ପର୍କ କରି ମକର ଚାଉଳ ବଣ୍ଟନ କରିଥିଲେ। ଉଦ୍ଦେଶ୍ୟ ଥିଲା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା। ସେହିପରି ସକଳା ପଞ୍ଚବଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଶିଶୁମାନଙ୍କ ଦ୍ୱାରା ଧାର୍ମିକ ଓ ରାଷ୍ଟ୍ରବାଦୀ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜ୍ୟୋତିର୍ବିଦ୍ ଅଜିତଙ୍କୁ ଜ୍ୟୋତିଷ ଦାରୁବ୍ରହ୍ମ ସମ୍ମାନ

**ବେଲପଡ଼ା, ୧୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ କାନୁଟ ଗ୍ରାମର ଯୁବ ଜ୍ୟୋତିର୍ବିଦ ଅଜିତ କରଙ୍କୁ ଜ୍ୟୋତିଷ ଦାରୁବ୍ରହ୍ମ ସମ୍ମାନରେ ସମ୍ମାନି କରାଯାଇଛି। ଭୃଗୁ ଜ୍ୟୋତିଷ ପରିଷଦ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଜଗନ୍ନାଥ ଏସିଆନ ସମ୍ମିଳନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ ଭୁବନେଶ୍ୱରଠାରେ ଗତ ଶନିବାର, ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଭାରତ, ବାଙ୍ଗାଲାଦେଶ, ନେପାଳ, ଶ୍ରୀଲଙ୍କା, ଥାଇଲାଣ୍ଡର ଜ୍ୟୋତିର୍ବିତ୍ ଅଂଶଗ୍ରହଣ କରି ଜ୍ୟୋତିଶଚର୍ଯ୍ୟା କରିଥିଲେ। ଜ୍ୟୋତିଶ ଶାସ୍ତ୍ରରେ ପାରଦର୍ଶିତା ତଥା ବିଭିନ୍ନ ଗବେଷଣାତ୍ମକ ଲେଖା ପାଇଁ ସମ୍ମିଳନୀରେ ମୁଖ୍ୟଅତିଥି ମହମ୍ମଦ ମଞ୍ଜୁଲାଲ ଆସନ(ଥାଇଲାଣ୍ଡ) ଓ ଭୃଗୁଜ୍ୟୋତିଷ ପରିଷଦର ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟ ଜ୍ୟୋର୍ତିର୍ବିଦ୍‌ଅଜିତ କରଙ୍କୁ ଜ୍ୟୋତିଷ ଦାରୁବ୍ରହ୍ମ ସମ୍ମାନରେ ସମ୍ମାନିତ କରି ଉପଢୌକନ ସହ ମାନପତ୍ର ପ୍ରଦାନ କରିଥିଲେ । ଜ୍ୟୋର୍ତିର୍ବିତ୍ ଅଜିତ କର ବଲାଙ୍ଗୀର ଜିଲା କାନୁଟଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଜ୍ୟୋର୍ତିର୍ବିତ୍ ଦିଗାମ୍ବର କରଙ୍କ ପୁତ୍ର ଓ ସୁନାମଧନ୍ୟ ଜ୍ୟୋର୍ତିର୍ବିଦ ପଣ୍ଡିତ ଦୀନବନ୍ଧୁ କରଙ୍କ ପୌତ୍ର ଅଟନ୍ତି। ୧୯୯୫ରୁ ଜ୍ୟୋର୍ତିର୍ବିତ୍ ଅଜିତ କରଙ୍କ ଗବେଷଣାତ୍ମକ ଲେଖା ଦେଶର ବିଭିନ୍ନ ଇଂଲିଶ ଓ ଓଡ଼ିଆ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ଏହି ସମ୍ମାନ ପାଇବା ପରେ ତାଙ୍କ ପାଖକୁ ଜିଲା ତଥା ଜିଲା ବାହାରୁ ଶୁଭେଚ୍ଛୁମାନଙ୍କ ପ୍ରଶଂସାର ସୁଅ ଛୁଟୁଛି । ଏହି ସମ୍ମାନ ପଛରେ ତାଙ୍କ ବାପା ଦିଗାମ୍ବର କର ଓ ଅଜା ଦୀନବନ୍ଧୁଙ୍କ ପ୍ରେରଣା ଓ ଆଶିର୍ବାଦ ରହିଛି ବୋଲି ଯୁବ ଜ୍ୟୋତିଷ ଅଜିତ କର କହିଛନ୍ତି।



ଜ୍ୟୋତିର୍ବିଦ୍ ଅଜିତ କରଙ୍କୁ ଜ୍ୟୋତିଷ ଦାରୁବ୍ରହ୍ମା ସମ୍ମାନରେ ସମ୍ମାନିତ କରାଯାଉଛି।

### ନେତ୍ରଭାନୁ ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

**ଦେଓଗାଁ,୧୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅଧୀନ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍ଥାନୀୟ ଲକ୍ଷ୍ମଣଝୁଲାଠାରେ ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ଜମିଦାର ଦୁର୍ଗା ପ୍ରସାଦ ସିଂ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁବୋଧ ପରଧିଆ ସଂଯୋଜନା କରିଥିଲେ। ବନ୍ଧୁମିଳନ ଦ୍ୱାରା ଭାତୃତ୍ୱଭାବ ସୃଷ୍ଟି ହେଉଥିବା ମତପୋଷଣ କରାଯାଇଥିଲା। ଶେଷରେ ଭୋପାଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଫକିର ମୋହନ ମେହେର, ପ୍ରଣବ ମନହୀରା, ଶଙ୍କର ମେହେର, ରାଜେଶ ସିଂ, ଗଣେଷ ମେହେର, ବଳଦେବ ବନଛୋର, ରାଜୁ ମେହେର ପ୍ରମୁଖ ସହଯୋଗ କରିଥିଲେ।

### କଟକରେ ଚିକିତ୍ସା ହେବେ ଦୁଇ ଭାଇ

# ସାହାଯ୍‌ର ହାତ୍ ବଢ଼ାଲେ ସହୃରୁଦ୍ ଲୋକ୍

**ସଇଁତଲା,୧୪।୧ (ଡି.ଏନ.ଏ.)**

ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଁଚେତ ଟୁର୍ଚ୍ଚାଉପେର ଗାଁର ବାହାଦୂର ସାହୁଙ୍କର ଦୁଇ ପୁଓ ବହୁତ୍ ଦିନ ହେଲା ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ଇ ବାବ୍‌ଦେ ଗଲା ୧୧ ଡିସେମ୍ବର ୨୦୧୮ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଦୁଇ ପୁଓକୁ ଦାନ କରବାର ନିସପତି ନେଲେ ବାପା' ଶୀରଷକ୍‌ରେ ନିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଭିନେ ଭିନେ ସହୃରୁଦ୍ ଲୋକ୍ ଫୋନ୍‌ରେ ବାହାଦୂରକୁଁ ଯୋଗାଯୋଗ କରବାର ସଂଗେ ସଇଁତଲା ଥାନା ଅଧିକାରୀ ସାହାଯ୍‌ର ହାତ୍ ବଢ଼େଇଛନ୍। ଥାନା ଅଧିକାରୀ ଅବନୀ ସାହୁ ଷ୍ଟାଫ୍ ସଂଗେ ଟୁର୍ଚ୍ଚାଉପେର ଗାଁକେ ଯାଇ ବାହାଦୂର ସାହୁଙ୍କର ଅସାହା ପରିବାରକେ ଭେଟିଥିଲେ। ସୁବିଧା ଅସବିଧା ପଚାରି ବୁଝବାର ସଂଗେ ପରିବାରକେ କିଛି ଟଁକା, ଚାଉଳ ବସ୍‌ତେ, ଦୁଇଟା କମଲ ଆର ବିସ୍କୁଟ ଦେଇଥିଲେ। ଇ ବାବ୍‌ଦେ ଖବର ପାଇ ଥାନୀୟ ଧରିତ୍ରୀ ପରତିନିଧି ବାହାଦୂରଙ୍କର ଘରକେ ଯାଇ ପରିବାର ଲୁକ୍‌କୁ ଭେଟିଥିଲେ। ବାହାଦୂରଙ୍କର କହେବାର ହିସାବେ ଧରିତ୍ରୀ ଖବର କାଗଜରେ ମୋର ଦୁଇ ପୁଓକର ବିଷେରେ ବାହାରଲାରୁ ଆଏଜ୍ କିଛି ଟଁକା ପଏସା ସାହାଯ୍ ପାଇଛୁଁ। କେତେ ସହୃରୁଦ୍ ଲୋକ୍ ମୋତେ ଫୋନରେ ଯୋଗାଯୋଗ କରି ମୋର ଦୁଇ ଭିନ୍ନକ୍ଷମ ପୁଓକୁ ଚିକିତ୍ସା କରାବାକେ କହିଥିବାର ସେ କହିଥିଲେ। ସେନ୍‌ତା ରାଉରକେଲାର ସରୋଜ କୁମାର ସ୍ୱାଇଁ ବାହାଦୂର ସାହୁଙ୍କର ବ୍ୟାଙ୍କ ଖାତା ନମ୍ବର ନେବାର ସଂଗେ ସେ ଟଁକା ପଏସା ସାହାଯ୍ କରବେ ବଲି କହିଛନ୍। ସେ ଆଏବାର ଫେବୃୟାରୀ ମାସେ ବାହାଦୂରଙ୍କର ଦୁଇ ପୁଓକୁ କଟକର ନାଁକରା ନ୍ୟୁରୋଲୋଜି ଡାକ୍‌ତରକୁଁ ଦେଖାବାର ଲାଗି ବି କଥା ଦେଇଛନ୍ ବଲି ବାହାଦୂର କରିଛନ୍। ଇଥିରଲାଗି ବାହାଦୂର ଧରିତ୍ରୀ ଆର ଥାନୀୟ ପରତିନିଧିକୁଁ ଧଏନବାଦ ସେବାଦର ସଂଗେ ସାହାଯ୍ କରିଥିବାର ଆର କଥା ଦେଇଥିବାର ଲୋକ୍‌ମାନକୁ ବି ଧଏନବାଦ ଦେଇଛନ୍। ଇ ବାବ୍‌ଦେ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁକୁଁ ପଚରାଲାରୁ ମୁଇଁ ଇ ବାବ୍‌ଦେ ନାଇଁଜାନି, ଆପନକରନୁ ଜାନବାକେ ପାଇଲି। ମୁଇଁ ନିଜେ ସେ ଗାଁକେ ଯାଇ ଦୁଖି ପରିବାରକେ ଭେଟମି ଆର ସରକାରଙ୍କର ତରଫରୁ ଯେନ୍‌ଟା ହେଇପାରବା ସାହାଯ୍ ଯୁଗେଇ ଦେବାର ଚେଷ୍ଟା କରମି ବଲି କହିଥିଲେ। ହେଲେ ଦୁଖର କଥା ଯେ ଆଏଜ୍‌ତକ୍ ଇ ଦୁଖି ଗରିବ ପରିବାରକେ ସରକାର କି ପରଶାସନ ତରଫୁ କେହେନ୍‌ସି ପରକାର ସାହାଯ୍ ନାଇଁ ମିଳିପାରି।



ଥାନା ଅଧିକାରୀ ବାହାଦୂରଙ୍କର ପରିବାରକେ ଭେଟି ସାହାଯ୍ ଦେଉଛନ୍।

## ଫଟୋରେ ଖବର







ମୁତୟନ ହୋଇଥିବା ପୋଲିସ । (ବାମ)। ପଥରଚେପା ସାଧାରଣ ସମାବେଶ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି (ମଝି)। ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ରେଳଷ୍ଟେଶନ୍ ସଭାସ୍ଥଳ ।



ଜୀବନ ସଂଗ୍ରାମରେ ଜୟୀ ହେବାକୁ ହେଲେ ବୀର ବିକ୍ରମରେ ବିପଦର ସମ୍ମୁଖୀନ ହୋଇ ଠିଆହେବାକୁ ହେବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ନିଲିଟ ତରଫରୁ କମ୍ପ୍ୟୁଟର ପରୀକ୍ଷା ଆରମ୍ଭ

ନୂଆପଡା ଅଫିସ,୧୪।୧
ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ଚାଲିଥିବା କମ୍ପ୍ୟୁଟର ଶିକ୍ଷା ଯୋଜନା ଓ ଲେଭେଲ ପରୀକ୍ଷା ଆରମ୍ଭ ହୋଇଯାଇଛି। ନୂଆପଡା ଜିଲା ସଦର ମହକୁମାସ୍ଥିତ ନ୍ୟାଶନାଲ କଲେଜରେ ଏହାର ପ୍ରଥମ ବର୍ଷ ପରୀକ୍ଷା ଆରମ୍ଭ ହୋଇଯାଇଛି । ଏହା ମଙ୍ଗଳବାର ଅର୍ଥାତ ୧୫ ତାରିଖରେ ଶେଷ ହେବ ବୋଲି ସୂଚନା ମିଳିଛି । ଏଥିରେ ମୋଟ ୮୫ଜଣ କେଜିଏନଟି କମ୍ପ୍ୟୁଟର ସେଣ୍ଟର ତରଫରୁ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ପ୍ରଥମ ଥର ପାଇଁ ସମସ୍ତେ ପିଲା ସିସିଟିଭି ଦ୍ୱାରା ନିରୀକ୍ଷଣ ହେଉଛନ୍ତି । ପରୀକ୍ଷାରେ ସ୍ୱଚ୍ଛତା ଆଣିବା ସକାଶେ ଏଭଳି ବ୍ୟବସ୍ଥା କରାଯାଇଥିବା ପରୀକ୍ଷା କେନ୍ଦ୍ର ସଞ୍ଚାଳକଙ୍କ ତରଫରୁ ପ୍ରକାଶ ।



### କାମକୁ ଆସୁନି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର

ନୂଆପଡା ଅଫିସ,୧୪।୧
ଏନଏସିର ବିଭିନ୍ନ ଗଳିରୁ ନିର୍ଗତ ବର୍ଜ୍ୟବସ୍ତୁଗୁଡିକୁ ବିଭିନ୍ନ ଜାଗାରେ ଫିଙ୍ଗି ଦିଆଯାଉଥିଲା । ଫଳରେ ପରିବେଶ ଦୂଷିତ ହେବାର ସମ୍ଭାବନା ବୃଦ୍ଧି ପାଇଥିଲା । ଏହାକୁ ଏକ ସୁରକ୍ଷିତ ଜାଗାରେ ରଖି ସୁପରିଚାଳନା କରିବାକୁ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି । ହେଲେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହି କେନ୍ଦ୍ର ବାହାରେ ବର୍ଜ୍ୟବସ୍ତୁଗୁଡିକୁ ଫିଙ୍ଗି ଦିଆଯାଉଥିବା ଦେଖାଯାଉଛି । ଏହି ଏନଏସି ଅନ୍ତର୍ଗତ ଗୋଡତର ଗାଁ ମୁଣ୍ଡରେ ଏହି ବର୍ଷ ୬ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଛି କଠିଣ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର । ହେଲେ ବର୍ଜ୍ୟବସ୍ତୁଗୁଡିକୁ ଭିତରେ ଫିଙ୍ଗିବା ପରିବର୍ତ୍ତେ ସଫେଇ କର୍ମଚାରୀମାନେ ଆଣି ବାହାରେ ଫିଙ୍ଗି ଦେଉଥିବା ଦେଖାଯାଉଛି । ଫଳରେ ସବୁ ମଇଳା ରାସ୍ତାରେ ଖୋଲାଖୋଲି ଘୁରି ବୁଲୁଛି । ଏହାକୁ ନେଇ ବୁଦ୍ଧିଜୀବି ପ୍ରଶ୍ନ ଉଠାଇଛନ୍ତି । ଏହା ଉପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି । ଏହା ଉପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରେ ପାଚେରି ନିର୍ମାଣ ହେବା ଆଗରୁ ଏଭଳି ଆବର୍ଜନା ବାହାରେ ଫିଙ୍ଗାଯାଉଥିଲା। ଏବେ ଭିତରେ ଫିଙ୍ଗା ଯାଉଛି। ଯାହାବି ବାହାରେ ରହିଛି ତାକୁ ତୁରନ୍ତ ଭିତରେ ରଖାଯିବାକୁ ବ୍ୟବସ୍ଥା କରାଯିବ ବୋଲି ଅଧିକାରୀ ମାଝି କହିଛନ୍ତି ।

### ନିଆଁରେ ପୋଡି ଯୁବତୀ ଗୁରୁତର

ଭବାନୀପାଟଣା,୧୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଦେଶୀପଡାର ଅସୀମା ବେଗମ (୧୮) ରୋଷେଇ କରୁଥିବାବେଳେ ଓଢଣିରେ ନିଆଁ ଲାଗି ଯିବାରୁ ସେ ପୋଡି ଗୁରୁତର ହୋଇଛନ୍ତି। ଘରେ କେହି ନ ଥିବା ବେଳେ ଏହି ଘଟଣା ଘଟିଛି । ଅସୀମାଙ୍କ ମା' ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ତାଙ୍କ ଶରୀରର ୯୦ % ପୋଡି ଯାଇଛି ।

୧୪ ଶହ ବସ୍ତା ଧାନ ପଡ଼ିଛି

# ୭ ଦିନ ହେଲା ଜଗିଛନ୍ତି ଚାଷୀ

ନୂଆପଡା ଅଫିସ,୧୪।୧



ଭୁଲିଆ ସିକୁଆଁ ମଣ୍ଡିରେ ଧାନବସ୍ତା ଗଦାରେ ଚାଷୀମାନେ ଜଗି ରହିଛନ୍ତି ।

**ଭୁଲିଆସିକୁଆଁ ମଣ୍ଡି**
- ହାତୀ ଭୟରେ ଲୋକେ ଅଛନ୍ତି
- ୨୧ ଜଣ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ

ସରକାର ଚାଷ ଏବଂ ଚାଷୀଙ୍କୁ ଗୁରୁତ୍ୱ ଦେଉଥିବା କୁହାଯାଉଥିବାବେଳେ ନୂଆପଡା ଜିଲାରେ ଖରିଫ ଋତୁର ଧାନକିଣା ବେଳେ ଯେତିକି ଅବ୍ୟବସ୍ଥା ଦେଖାଦେଉଛି ତାହା ସରକାରଙ୍କ ବାହାଦୂରୀକୁ ପଦାରେ ପକାଇଛି । ଜିଲାଯାକ ବିଭିନ୍ନ ମଣ୍ଡିରେ ମିଲର୍ସମାନଙ୍କ ଦାଦାଗିରି ଏବଂ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଜିଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ମଣ୍ଡିକୁ ମିଲର୍ସମାନେ କଟନି ଛଟନି ଦାବି କରି ଆସୁ ନ ଥିବାବେଳେ ଆଜକୁ ୭ ଦିନ ହେବ ଚାଷୀମାନେ ଦିନରାତି ଧାନବସ୍ତାକୁ ଜଗି ରହିଛନ୍ତି । ଅନ୍ୟପଟେ ହାତୀପଲ ଜଙ୍ଗଲ ତଳି ଅଞ୍ଚଳରେ ମାତି ରହିଥିବାରୁ ଲୋକେ ଆତଙ୍କିତ ହୋଇ ରହିଛନ୍ତି।

ଜିଲାର ଭୁଲିଆ ସିକୁଆଁ ଗ୍ରାମପଞ୍ଚାୟତ ଅଞ୍ଚଳ ସବୁବେଳେ ମରୁଡି ଗ୍ରସ୍ତ ହେଉଥିବାରୁ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଗଲାଣି । ଏହି ବର୍ଷ ଚାଷ ଟିକକ ହୋଇଥିବାରୁ ଚାଷୀମାନେ ମୁଣ୍ଡର ଝାଳ ତୁଣ୍ଡରେ ଦେଇ ବିକ୍ରି କରି ଦ୍ୱିପଇସା ପାଇବାକୁ ଜଗି ରହିଥିଲେ । ହେଲେ ବର୍ତ୍ତମାନ ମିଲର୍ସ ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକା ଯୋଗୁ ଚାଷୀ ହଇରାଣ ହେଉଛନ୍ତି । ଆଜକୁ ୭ ଦିନ ତଳେ ମୋଟ ୨୧ ଜଣ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ । ଚାଷୀମାନଙ୍କୁ ମିଲର୍ସ କୁଆଡେ କୁଇଣ୍ଟାଲ ପିଛା ୫/୬ କି.ଗ୍ରା. କଟନି କରିବାକୁ କହିଥିଲେ । ହେଲେ ଚାଷୀମାନେ ସେଥିରେ ରାଜି ନ ହେବାରୁ ମିଲର୍ସ ଆଉ ମଣ୍ଡିକୁ ଆସୁନାହାନ୍ତି ବୋଲି ଚାଷୀ ଭ୍ରମର ଭୋଇ, ମୋହନ ଭୋଇ, ବୀରବଲ ଶବର, ଖଗପତି ମେହେର, ଗୁପ୍ତେଶ୍ୱର ମେହେର ପ୍ରମୁଖ ଅଭିଯୋଗ କରିଛନ୍ତି । ଏପଟେ ଦିନ ପରେ ଦିନ ଗଡିଚାଲିଛି । ସେବା ସମବାୟ ସମ୍ପାଦକଙ୍କୁ କହିଲେ ମିଲର୍ସ ଆସୁନାହାନ୍ତି ଧାନ କାହାକୁ ବିକ୍ରି କରିବେ ବୋଲି କହୁଛନ୍ତି । ଚାଷୀମାନେ ବାର ଦୁଆର ହେଉଥିଲେ ହେଁ ଚାଷୀଙ୍କ କଥାକୁ କେହି ଶୁଣୁ ନ ଥିବାରୁ ପ୍ରଶାସନିକ ଅବ୍ୟବସ୍ଥାକୁ ପଦାରେ ପକାଇଦେଇଛି । ଅନ୍ୟପକ୍ଷେ ଗାଁ ମୁଣ୍ଡରୁ ଏକ କି.ମି. ଦୂରରେ ଜଙ୍ଗଲ ତଳି ଅଞ୍ଚଳରେ ଧାନ ମଣ୍ଡି ରହିଛି । ପଡୋଶୀ ବଲାଙ୍ଗୀର ଜିଲା ଅଞ୍ଚଳରୁ ଦୁଇ ଦିନତଳେ ଏକ ହାତୀ ପଲ ଆସିଛନ୍ତି । ନିକଟବର୍ତ୍ତି ଗାଁରେ ବହୁ ଚାଷ ସମ୍ପତି ନଷ୍ଟ କରିସାରିଲେଣି । ମଣ୍ଡିରେ ଚାଷୀମାନେ ପ୍ରଚଣ୍ଡ ଶୀତରେ ଉଜାଗର ରହୁଥିବାବେଳେ ହାତୀ ଭୟରେ ଆତଙ୍କିତ ରହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଏହା ଉପରେ ଜଲା ଯୋଗାଣ ଅଧିକାରୀ ଅଶୋକ କୁମାର ଦାସଙ୍କୁ ଯୋଗାଯୋଗ କରିବାରେ ଏହା ଉପରେ ସେ ତୁରନ୍ତ ଦୃଷ୍ଟି ଦେଉଛନ୍ତି । ଖୁବଶୀଘ୍ର ଏହାର ବିଚାର କରିବେ ବୋଲି କହିଛନ୍ତି ।

## ଖଡିଆଳମହୋତ୍ସବ-୨୦୧୯ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଖଡିଆଳ,୧୪।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ଅଞ୍ଚଳର ବିଲୁପ୍ତ କଳା, ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ବିନା ସରକାରୀ ସହାୟତାରେ ଖଡିଆଳ ଜନସାଧାରଣଙ୍କ ଉଦ୍ୟମରେ ପାଳନ ହେଉଛି ଖଡିଆଳ ମହୋତ୍ସବ । ଚଳିତ ବର୍ଷ ଏହା ୧୫ବର୍ଷରେ ପଦାର୍ପଣ କରୁଛି । ଗତବର୍ଷ ପରି ଚଳିତ ବର୍ଷ ଫେବୃୟାରୀ ୬ ରୁ୧୦ ଦିନ ଧରି ୫ଦିନ ବ୍ୟାପୀ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଖଡିଆଳ ମହୋତ୍ସବ-୨୦୧୯ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପେକ୍ଷୀରେ ମହୋତ୍ସବର ପ୍ରଥମ ପର୍ଯ୍ୟାୟ ସ୍ୱରୂପ ସୋମବାର ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପାଳନ କମିଟି ବରିଷ୍ଠ ସଦସ୍ୟ ବଜରଙ୍ଗଲାଲ ଅଗ୍ରୱାଲଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କଳା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସୁନୀଲ ସାହୁ, ଲୋହିତାକ୍ଷ ଯେଶଶୀ, ଅଧିରାଜ ପାଣିଗ୍ରାହୀ, ଜଗବନ୍ଧୁ ବାରିକ, ଶାନ୍ତନୁ ପଣ୍ଡା, ନିମାଇଁ ତାଣ୍ଡି, ଟୁନା ପଟ୍ଟନାୟକ, ୟାସିନ ମହମ୍ମଦ, ପଦ୍ମଲୋଚନ ବର୍ମା, ସତପାଲି ସିଂ ଛାବଡା, ସନ୍ତୁ ପଟ୍ଟନାୟକ, ଭୋଦେବ ସାହୁଙ୍କ ସମେତ କମିଟିର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।





ଖଡ଼ିଆଳ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ଶ୍ରେଷ୍ଠ ତଦନ୍ତ ଅଧିକାରୀ ଭାବେ ଆଦିତ୍ୟ ସମ୍ମାନିତ

ଖଡିଆଳ,୧୪।୧(ଡି.ଏନ.ଏ.)

ବିଭିନ୍ନ ମାମଲାରେ ନିରପେକ୍ଷ ତଦନ୍ତ କରି ସଫଳତା ପାଇଥିବା ରାଜ୍ୟର ୪୨ ଜଣ ତଦନ୍ତ ଅଧିକାରୀଙ୍କୁ ପୋଲିସ ଡିଜି ସମ୍ମାନିତ କରିଛନ୍ତି । ଏହି ପରିପେକ୍ଷୀରେ ନୂଆପଡା ଜିଲା ଖଡିଆଳ ପୋଲିସ ଷ୍ଟେଶନରେ କାର୍ଯ୍ୟରତ ଏସଆଇ ଆଦିତ୍ୟ ମହାକୁଡଙ୍କୁ ଶ୍ରେଷ୍ଠ ତଦନ୍ତ ଅଧିକାରୀ ଭାବେ କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ସମାରୋହରେ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ସମ୍ମାନିତ କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇ ମହାକୁଡଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ସୂଚନାଯୋଗ୍ୟ ଯେ, ଏସଆଇ ଆଦିତ୍ୟ ମହାକୁଡ ୨୦୧୪ରେ ଖଡିଆଳ ଥାନାରେ ଯୋଗଦେବା ପରେ ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ସହ ପୋଲିସ ଓ ଜନସାଧାରଣ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହ ନିଜର ଦକ୍ଷତା ବଳରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରି ନିରପେକ୍ଷ ଭାବେ କାମ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ଏଥିସହ ଯେ, କୌଣସି ଘଟଣା କିମ୍ବା ଦୁର୍ଘଟଣାରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଘଟଣା ସ୍ଥଳରେ ପହଞ୍ଚି ସମାଧାନ କରିବା ଦିଗରେ ମହତ୍ତ୍ୱ ଭୂମିକା ଗ୍ରହଣ କରିଆସୁଛନ୍ତି। ସେଥିପାଇଁ ଗତ ୬ ମାସ ତଳେ ତାଙ୍କୁ ଅନ୍ୟତ୍ର ବଦଳି ହୋଇଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏସପିଙ୍କୁ ସାକ୍ଷାତ କରି ବଦଳି ବାତିଲ କରିବା ପାଇଁ ନିବେଦନ ମଧ କରାଯାଇଥିଲା ।



ଏସଆଇ ଆଦିତ୍ୟ ମହାକୁଡ ଶ୍ରେଷ୍ଠ ତଦନ୍ତ ଅଧିକାରୀ ଭାବେ ପୋଲିସ ଡିଜି ଆରକେ ଶର୍ମାଙ୍କଠାରୁ ସମ୍ମାନିତ ହେଉଛନ୍ତି ।

## ଡ.କାଟଜୁ ହାଇସ୍କୁଲ ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ

ନୂଆପଡା ଅଫିସ, ୧୪।୧

ଏହି ଜିଲ୍ଲା କୋମନା ବ୍ଲକ ଭେଲାସ୍ଥିତ ଡ.କାଟଜୁ ହାଇସ୍କୁଲର ୧୯୮୨ ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ସଭାପତି ପ୍ରଶାନ୍ତ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବ ଗୁରୁଜନ ତଥା ଅବସରପ୍ରାପ୍ତ ବିଶ୍ୱମ୍ଭର ଯୋଷୀ, ନୀଳାମ୍ବର ଯୋଷୀ, ନଟରାଜ ମହାପାତ୍ର, ଗଜେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଡ.କାଟଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବାବେଳେ ସମସ୍ତ ଗୁରୁଜୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ସମସ୍ତଙ୍କୁ ନେଇ ସହ ଭୋଜର କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ସମସ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ। କାର୍ଯ୍ୟକ୍ରମରେ କୈଳାସ ମଲ୍ଲିକ, ଆରତୀ ଯୋଷୀ ମଞ୍ଚ ପରିଚାଳନା କରିଥିବାବେଳେ ସଂଯୋଜକ ଜୟଦେବ ପଣ୍ଡା ଧନ୍ୟବାଦ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ପଣ୍ଡା, ଅରବିନ୍ଦ ଯୋଷୀ, ରମେଶ, ଲାଲୁ, ରାଜୀବ, ଜ୍ୟୋତି ପ୍ରମୁଖ ସହଯୋଗ କରିଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଜୁନାଗଡ,୧୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ଭେଜିପଡା ତ୍ରିଶକ୍ତି ସାଂସ୍କୃତିକ ଅନୁଷ୍ଠାନଠାରେ ସୋମବାର ସ୍ୱାମୀ ବିବେକାନନ୍ଦ ଜନ୍ମ ବାର୍ଷିକ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବବେପାର, କ୍ରୀଡା ମନ୍ତ୍ରଣାଳୟ ଓ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନେଇ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା ହୋଇଥିଲା। ବକ୍ତୃତାରେ ପ୍ରଥମ ରୁଦ୍ର ଖମାରୀ, ଦ୍ୱିତୀୟ ବିଦୁସ୍ମିତା ସାହୁ ଓ ତୃତୀୟ ଛବି ନାଏକ ମନୋନୀତ ହୋଇଥିଲେ। ସେହିପରି ପ୍ରବନ୍ଧରେ ପ୍ରଥମ ପୁରୁଷୋତ୍ତମ ନାଏକ, ଦ୍ୱିତୀୟ ରୋହିତ ନାଏକ ଓ ତୃତୀୟ ଗୀତାଞ୍ଜଳୀ ନାଏକ ମନୋନୀତ ହୋଇଥିଲେ।





ଭାଗନେଇଥିବା ଯୁବତୀଯୁବକଙ୍କ ସହ ଅତିଥି।

ସମସ୍ତ କୃତୀ ଯୁବତୀଯୁବକଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁଧାଂଶୁ ଶେଖର ମହାବିଦ୍ୟାଳୟ ଅଧକ୍ଷ ମାନସ ରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଚିଲଗୁଡା ପୋଷ୍ଟମାଷ୍ଟର ମୋହନ ମାଝି, ସମ୍ମାନିତ ଅତିଥି ଅମିତ ରଣା, କିଶୋର ନାଏକ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାନ୍ତ କଟା ଓ ଜୋସ୍ନା ମଞ୍ଜରୀ ନାଏକ ମଞ୍ଚ ପରିଚାଳନା କରିଥିଲେ। ଉଜ୍ଜଳ ବକୁଲ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଷ୍ଟେଟ ବିଗ୍ରେଡ୍ ସ୍କୁଲର ବାର୍ଷିକ ଉତ୍ସବ

ମୋହନଗିରି,୧୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିରେ ଥିବା ଓଡିଶା ଷ୍ଟେଟ ବିଗ୍ରେଡ ସ୍କୁଲର ବାର୍ଷିକ ଉତ୍ସବ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ନିର୍ବାଚନ ମଣ୍ଡଳି ବିଧାୟକ ଧନେଶ୍ୱର ମାଝିଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ପଣ୍ଡା, ସ୍ଥାନୀୟ ଇ/୬୪ ବାଟଲିୟନ ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡର ଅନିରୁଦ୍ଧ ପାଣ୍ଡେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ମୋହନଗିରି ସରପଞ୍ଚ ବଳଭଦ୍ର ପାତ୍ର, ଧବଳେଶ୍ୱର ମହାବିଦ୍ୟାଳୟର ଅଧକ୍ଷା ମିନାକ୍ଷୀ ଭୋଇ, ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, ଶରତ ଚନ୍ଦ୍ର ସାହୁ ଓ ଉକ୍ତ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ବିବସ୍ ପୋଢ, ସଭାପତି ମହିଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା ୬ ଘଣ୍ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ, ସମ୍ବଲପରୀ ଓ ଆଧୁନିକ ରେକର୍ଡ ଡ୍ୟାନ୍ସ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ଅଧକ୍ଷ ଦିବାକର ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଟୋକନ ଦାବିରେ ଚାଷୀ ସିଏସ୍‌ଓଙ୍କୁ ଭେଟିଲେ

# ଧାନ ବିକ୍ରି ନ ହେଲେ ଆନ୍ଦୋଳନ

ନୂଆପଡା ଅଫିସ,୧୪।୧

ଦୁଇଦିନ ତଳେ ନୂଆପାଡ଼ା ଜିଲା ତରବୋଡ ମଣ୍ଡିରେ ମିଲର୍ସଙ୍କ ଦାଦାଗିରି ଯୋଗୁ ହଜାର ହଜାର ବସ୍ତା ଧାନ ପଡିରହିଥିବା ବେଳେ ଜଲା ଯୋଗାଣ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉଠିଥିଲା । ହେଲେ ବର୍ତ୍ତମାନ ସେହି ଅଞ୍ଚଳର ବହୁ ଚାଷୀ ଧାନ ବିକ୍ରି କରିବାକୁ ଟୋକନ (ଅନୁମତିପତ୍ର)ମିଳୁ ନ ଥିବାରୁ ଚାଷୀ ଧାନବିକ୍ରି କରିବାରୁ ବଞ୍ଚିତ ରହୁଛନ୍ତି । ଏହା ଉପରେ ଅନନ୍ୟୋପାୟ ହୋଇ ଚାଷୀମାନେ ସୋମବାର ନୂଆପଡା ଆସି ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ତୁରନ୍ତ ଟୋକନ ଦେବାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ଏହା ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ତରବୋଡ ସେବା ସମବାୟ ସମିତି ତରଫରୁ ଗାଁ ଗୁଡିକୁ ପର୍ଯ୍ୟାୟକ୍ରମେ ଟୋକନ ଦେଇ ଧାନ କ୍ରୟ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଶେଷରେ ବର୍ତ୍ତମାନ ଧାନ କିଣା ଟାର୍ଗେଟ ଶେଷ ହୋଇଯାଇଥିବା ଦର୍ଶାଇ ଟୋକନ ଦିଆଯାଉନାହିଁ । ଫଳରେ ଗାଁଗୁଡିକରେ ହଜାର ହଜାର ବସ୍ତା ଧାନ ପଡିରହିଛି । ଚାଷୀମାନେ ଖରିଫ ଚାଷ ସମୟରେ ହାତ ଉଧାରି କରି କାମ କରିଥିଲେ । ବର୍ତ୍ତମାନ ସେହି ଟଙ୍କା ତକ ସୁଝିବାକୁ ବାର ଦୁଆର ବୁଲୁଛନ୍ତି । ବିଭାଗ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଚାଷୀମାନଙ୍କ ମଧ୍ୟରେ ଲଳିତ କୁମାର ସାହୁ, ମନଧର ସାହୁ, ଅମର ମାଝି, ମନୋଜ ପ୍ରଧାନ, ପଦ୍ମନ ପ୍ରଧାନ, ରୁପେଶ ଚନ୍ଦ୍ର ପ୍ରଧାନ, ଜଳନ୍ଧର ସାହୁ, ପବିତ୍ର ମୋହନ ପ୍ରଧାନ ପ୍ରମୁଖଙ୍କ ସହ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜଙ୍କ ସହ ମିଶି ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଆସିଥିଲେ । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରି ଏହା ଉପରେ ତୁରନ୍ତ ବିଚାର କରି କାର୍ଯ୍ୟାନୁଷ୍ଠାନ କରିବାକୁ କହିଛନ୍ତି। ଚାଷୀଙ୍କ ଦାବିକୁ ଅଣଦେଖା କଲେ ଆଗାମୀ ଦିନରେ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେବୋଲି ଚେତାଇ ଦେଇଛନ୍ତି ।



ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିବାକୁ ଚାଷୀମାନେ ।

# ପାଣି ନ ମିଳିଲେ ଆଇନ ହାତକୁ ନେବୁ

ନୂଆପଡା ଅଫିସ,୧୪।୧



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପାଣି ପଞ୍ଚାୟତ ପ୍ରତିନିଧିମାନେ ।

- ମଙ୍ଗଳବାର ସନ୍ଧ୍ୟାକୁ ଅପେକ୍ଷା
- ତଳ ମୁଣ୍ଡ ପାଣିପଞ୍ଚାୟତର ଚେତାବନୀ

ଦିନକୁ ଦିନ ରବି ଚାଷ ସମୟ ଗଡି ଚାଲିଛି । ଅନ୍ୟପଟେ ଉପର ମୁଣ୍ଡ ଚାଷୀମାନେ ପାଣି ଯୋଗାଣରେ ବାଧା ସୃଷ୍ଟ କରୁଛନ୍ତି। କେତେକ ଆଇନର ରକ୍ଷକ ଭକ୍ଷକ ସାଜୁଛନ୍ତି । ପ୍ରଶାସନ ମଧ୍ୟ ନିଷ୍ପତ୍ତି ନେଇପାରୁନାହିଁ । ତେଣୁ କରି ତଳ ମୁଣ୍ଡର ଚାଷୀମାନଙ୍କରଧୈର୍ଯ୍ୟଚ୍ୟୁତ ହେଉଛି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପାଣି ନ ଛାଡିଲେ ନିଜର ଅଧିକାର ପାଇଁ ରାସ୍ତାକୁ ଓହ୍ଲାଇବେ ଚାଷୀ । ଏଥିପାଇଁ ଆଇନକୁ ହାତକୁ ନେବାକୁ ହୁଏ ତେବେ ସେଥିପାଇଁ ମଧ୍ୟ ପ୍ରସ୍ତୁତ ହୋଇ ରହିଛୁ । ପ୍ରଶାସନ ସେଥିପାଇଁ ଦାୟୀ ରହିବ ବୋଲି ପାଣି ପଞ୍ଚାୟତ ଏପେକ୍ସ ସଭାପତି ରାଜେଶ କୁମାର ନିଗମ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ସୋମବାର ସ୍ଥାନୀୟ ଜଳ ସେଚନ ବିଭାଗ ସଭାଗୃହରେ ଆହୂତ ସମ୍ମିଳନୀରେ ଏପେକ୍ସ ପ୍ରେସିଡେଣ୍ଟ ନିଗମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ୧୦ଟି ପାଣି ପଞ୍ଚାୟତ ସମସ୍ତ ସଭାପତି ସାମିଲ ରହିଥିଲେ। ସଭାପତି ନିଗମ କହିଥିଲେ ଯେ, ଆମେ ସବୁବେଳେ ଆଇନକୁ ସମ୍ମାନ ଦେଇ ଆସୁଛୁ । କୋର୍ଟର ରାୟ ମୁତାବକ ପ୍ରତିବର୍ଷ ପାଳି କରି ଉପର ମୁଣ୍ଡ ଏବଂ ତଳମୁଣ୍ଡକୁ ପାଣି ରବି ଚାଷ ସକାଶେ ବଣ୍ଟ ନ କରାଯାଇ ଆସୁଛି। ଏଥର ତଳ ମୁଣ୍ଡର ପାଳି ରହିଥିଲା । ଏହାକୁ ଉପର ମୁଣ୍ଡ ଚାଷୀମାନେ ସମର୍ଥନ କରି ଛାଡିଦେବା କଥା । ହେଲେ ଶେଷ ସମୟରେ ସେମାନେ ଆଇନକୁ ହାତକୁ ନେଇ ଚାଷୀଙ୍କ ଭାତରେ ଧୂଳି ଦେବାକୁ ଆଗେଇ ଆସୁଛନ୍ତି । ଏହା କେତେକ ମୁଷ୍ଟିମେୟ ଲୋକ ନିଜର ସ୍ୱାର୍ଥ ସାଧନ କରିବାକୁ ଯୋଜନା କରିଛନ୍ତି । ଏପଟେ ପ୍ରଶାସନ ଆଇନକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଉଛି । ରବି ଚାଷ ସମୟଗଡି ଚାଲିଛି। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଆମକୁ ପାଣି ନ ମିଳିଲେ ବୁଧବାର ନିଜର ଅଧିକାର ପାଇଁ ପାଦ କାଢିବ । ଆମେ ହଜାର ହଜାର ସଂଖ୍ୟାରେ ବାହାରି ଜୋଙ୍କ ଜଳ ସେଚନ ପ୍ରକଳ୍ପକୁ ଯାଇ ପାଣି ଆଣିବୁ । ଏଥିରେ ଯଦି ଆଇନକୁ ହାତକୁ ନେବାକୁ ପଡେ ତେବେ ହଟିବୁ ନାହିଁ । ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



ଦୁଃଖ ଓ କଷ୍ଟ କଥା ବାଲିରେ ଏବଂ ଦୟାର କାହାଣୀ ଶଙ୍ଖମର୍ମର ପ୍ରସ୍ତରରେ ଲେଖି ରଖ।
- ପ୍ଲୁଟୋ



## ସଂକ୍ଷେପରେ

### ମକର ସଂକ୍ରାନ୍ତି ପାଳିତ

ପଲମ,୧୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି । ମ.ରାମପୁର ରାଜା ମିହିର ଚନ୍ଦ୍ର ସିଂଦେଓ ପୂଜା କର୍ତ୍ତା ଭାବରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ । କମିଟି ସଭାପତି ନିରାକାର ସାହୁ, ସମ୍ପାଦକ କଂସାସୁର ଜାନୀ, ନୈରୁତ ଜାନୀ, ଟିକୁନୁରାମ ମାଝି, ଗଜରାଜ ମାଝି ତଥା ଅନ୍ୟାନ୍ୟ ଭକ୍ତମାନେ ପୂଜାରେ ସାମିଲ ହୋଇଥିଲେ । ଯଜ୍ଞ ଆହୁତୀ କାର୍ଯ୍ୟ ସମାପନ ହେବା ପରେ କମିଟିସ୍ତରୀୟରୁ ଭଗବାନ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପ୍ରତିମୂର୍ତ୍ତୀକୁ ରଥାରୁଢ କରି କୁଶୁର୍ଲା ନଗରି ପରିକ୍ରମା କରିବା ସହିତ ଆଖପାଖରେ ଥିବା ପଡାକୁ ମଧ ପରିକ୍ରମା କରାଯାଥିଲା । ରଥ ପରିକ୍ରମା ବେଳେ ବାଦ୍ୟନୃତ୍ୟ ଗୀତରେ ବସ୍ତି ଉଚ୍ଛୁଳି ପଡୁଥିଲା। ପୂର୍ବ ଦିନର ଶତ୍ରୁତାକୁ ଭୁଲିଯିବା ପାଇଁ ଏହି ଦିନ ପ୍ରଭୁଙ୍କ ମକର ଚାଉଳ ଆଣି ପରସ୍ପର ମଧରେ ଆଦାନ ପ୍ରଦାନ କରି ମିଳାମିଶା ହୋଇଥାନ୍ତି । ବନ୍ଧୁ ମିଳନର ବ୍ୟବସ୍ଥା ମଧ ମନ୍ଦିର ପରିସରରେ ହୋଇଥାଏ । ରାଜ୍ୟ ଯୋଜନା ବୋର୍ଡ ଅଧକ୍ଷ ଭୁପିନ୍ଦର ସିଂ ଏବଂ କର୍ଲାମୁଣ୍ଡା ବ୍ଲକ ସମ୍ପ୍ରସାରଣ ଅଧିକାରୀ କିଶୋର କୁମାର ପଣ୍ଡା ଭଗବାନଙ୍କ ଦର୍ଶନ ଲାଭ କରିଥିଲେ ।

### ରଘୁନାଥ ଜାଲ ହତ୍ୟାକାଣ୍ଡ: ଆଉ ୨ ଗିରଫ

ଭବାନୀପାଟଣା,୧୪।୧(ଡି.ଏନ.ଏ.)
ଭବାବାନୀପାଟଣା ସଦର ଥାନା ଅନ୍ତର୍ଗତ ସିର୍ଲିଗୁଡା ହତ୍ୟାକାଣ୍ଡ ଘଟଣାରେ ଆଉ ୨ ଜଣଙ୍କୁ ଭବାନୀପାଟଣା ସଦର ଥାନା ପୋଲିସ ରବିବାର ସନ୍ଧ୍ୟାରେ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିର୍ଲିଗୁଡା ଗ୍ରାମର ରଘୁନାଥ ଜାଲ ହତ୍ୟାକାଣ୍ଡ ଘଟଣାରେ ୩ ଜଣ କୋର୍ଟ ଚାଲାଣ ହୋଇଥିବା ବେଳେ ୨ଜଣ ଅଭିଯୁକ୍ତ ଫେରାର ଥିଲେ। ପୋଲିସ ପକ୍ଷରୁ ୪ ଜଣିଆ ଟିମ ଗଠନ କରି ଏହି ଦୁଇ ଜଣ ଭୁବନେଶ୍ୱରର ଲୁବ ଏଣ୍ଟର ପ୍ରଇଜେସର ସୋଲାର ଇନଷ୍ଟାଲେସନ ଇଂଜିନିୟର ତପନ କୁମାର ସ୍ୱାଇଁ ଓ ସିପୁନ କୁମାର ସେଠୀଙ୍କୁ ଭୁବନେଶ୍ୱରରେ ଛାନଭିନ କରି ଲିଙ୍ଗରାଜ ଥାନା ଅଞ୍ଚଳରେ ରବିବାର ଗିରଫ କରିଥିଲା। ସନ୍ଧ୍ୟାରେ ଭବାନୀପାଟଣା ଅଣିବା ପରେ ପୋଲିସ ଏହି ଦୁଇ ଅଭିଯୁକ୍ତ ଏସଡିଜିଏମ କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ୨୩ତମ ଉତ୍ସବ ଘୁମୁରା-୨୦୧୯ ଉଦ୍‌ଘାଟିତ

# କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟର ସ୍ୱତନ୍ତ୍ର ପରିଚୟ ରହିଛି

ଭବାନୀପାଟଣା,୧୪।୧(ଡି.ଏନ.ଏ.)





୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମଶାଲ ଶୋଭାଯାତ୍ରାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।



୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମଶାଲ ଶୋଭାଯାତ୍ରା।



ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

- ସାଂସ୍କୃତିକ ମଶାଲ ଶୋଭାଯାତ୍ରା
- ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

ଜିଲାସ୍ତରୀୟ ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧକ୍ଷ ଓଡିଶା ରାଜ୍ୟ ଗୃହ ନିର୍ମାଣ ନିଗମ ବୋର୍ଡ ଭୂପେନ୍ଦ୍ର ସିଂହ, ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ବିଧାୟକ ଅନାମ ନାଏକ, ଲାଞ୍ଜିଗଡ ବିଧାୟକ ତଥା ଜିଲା ପ୍ଲାନଂ ବୋର୍ଡ ସଦସ୍ୟ ବଳଭଦ୍ର ମାଝି, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତଥା ଅଧକ୍ଷ ଜିଲା ସଂସ୍କୃତି ପରିଷଦ ଗାଭିଲ ପରାଗ ହର୍ଷଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ପଣ୍ଡା ଏବଂ ଅନ୍ୟ ଅତିଥିମାନେ କହିଥିଲେ ଯେ, ଏହି ଉତ୍ସବ ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ଐତିହ୍ୟ ସମ୍ପନ୍ନ କଳା ଓ ସଂସ୍କୃତି ସାଙ୍ଗକୁ ବିଲୁପ୍ତ ଲୋକଗୀତ, ଲୋକନୃତ୍ୟ ନିଶ୍ଚୟ ଭାବେ ପୁନଉଦ୍ଧାର ହୋଇ ପାରୁଛି । କଳାହାଣ୍ଡି କଳା ଓ ସଂସ୍କୃତି ଏବଂ ଐତିହ୍ୟ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ । ପ୍ରବୋଧ ରଥ, ଶୁଭେନ୍ଦୁ ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ସସ୍ମିତା ସିଂହ, ସୁଶିଲ ଗହୀର ପ୍ରମୁଖ ରେଣ୍ଡୋ ମାଝି ଏବଂ ପାରବା ମଞ୍ଚ ସଂଯୋଜନା କରିଥିଲେ । ଅତିରିକ୍ତ ଜିଲାପାଳ ତଥା ଉପାଧକ୍ଷ ଜିଲା ସଂସ୍କୃତି ପରିଷଦ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଦେଇଥିଲେ ପିଡିଡିଆରଡିଏ ପ୍ରସନ୍ନ କୁମାର ଷଡଙ୍ଗୀ ।

ରେଣ୍ଡୋ ମାଝି ମଞ୍ଚରେ ଉଦ୍‌ଘାଟନୀ ସଭାରେ ଲେଖକ କଳା ପରିଷଦର କଳାକାରାଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଏବଂ ଜିଲାର ଶ୍ରେଷ୍ଠ ଘୁମୁରା କଳାକାରଙ୍କ ଦ୍ୱାରା ଘୁମୁରା ନୃତ୍ୟ, ଭୁବନେଶ୍ୱର ଦିପ୍ତୀ ସାହୁ ଓ ସାଥୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଆନ୍ଧ୍ରପ୍ରଦେଶର କୁଚିପୁଡି ନୃତ୍ୟ, କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ତେଲେଙ୍ଗାନାର ଢୋଲ ନୃତ୍ୟ, କେନ୍ଦୁଝର ଚାଙ୍ଗୁ ନୃତ୍ୟ, ସମ୍ବଲପୁର ଲହରୀର ସମ୍ବଲପୁରୀ ନୃତ୍ୟ, ଜୟପାଟଣାର ରିଦିମ୍ ସ୍କୁଲର କୁରେଇଫୁଲ, ତେଲେଙ୍ଗାନାର କୁପ୍ଡାନାମୁ, ସୁହାଗପୁର ମା' ଡୋକରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଲୋକନୃତ୍ୟ, ଭବାନୀପାଟଣା ମୃଣ୍ମୟୀ ଦ୍ୱାରା ଆଦିବାସୀ ନୃତ୍ୟ ଏବଂ ଡାଇନାମିକ୍ ନୃତ୍ୟ ଗ୍ରୁପ୍ ଦ୍ୱାରା ଲୋକନୃତ୍ୟ ଆଦି ଲୋକନୃତ୍ୟ ବେଶ ଆକର୍ଷଣୀୟ ଥିଲା । ସେହିପରି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ନିର୍ବାଚିତ ସାମୁହିକ ଶିଶୁ ନୃତ୍ୟ ଦଳ ଦ୍ୱାରା ଶିଶୁ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ପ୍ରଦର୍ଶନ ଦଳଗୁଡିକ ହେଲା ଏସ୍କ.ଡି.ଆର୍. ଡ୍ୟାନ୍ସ ଗ୍ରୁପ୍, ଜେ.କେ. ଡ୍ୟାନ୍ସ ଗ୍ରୁପ୍, ସୁମିତ ଡ୍ୟାନ୍ସ ଗ୍ରୁପ୍, ଏକାଡେମୀ ଅପ୍ ହାଇ ପରଫର୍ମେନ୍ସ, ଏ.ବି. ଡ୍ୟାନ୍ସ ଗ୍ରୁପ୍, ଦିବ୍ୟଜ୍ୟୋତି ପବ୍ଲିକ୍ ସ୍କୁଲ। ଏହି ଅବସରେ ମୋଟ ୩୯୬ଟି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଷ୍ଟଲ୍‌କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ପରେ ଜିଲାସ୍ତରୀୟ 'ଘୁମୁରା' ପ୍ରତିଯୋଗୀତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗୀତା, ଫାଇନ ଆର୍ଟ ପ୍ରତିଯୋଗୀତା ହୋଇଥିଲା ।

ଏଥିପୂର୍ବରୁ ସକାଳେ ଜିଲାର ୧୦ଟି ପୀଠସ୍ଥଳୀରୁ ଆସିଥିବା ସାଂସ୍କୃତିକ ମଶାଲ ଶୋଭାଯାତ୍ରା ଭବାନୀପାଟଣାରେ ପହଞ୍ଚିଥିଲା । ପରେ ପୃଥକ ଭାବେ ସହରର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗାନ୍ଧିଛକଠାରେ ପହଞ୍ଚିଥିଲା । ୧୦ଟି ମଶାଲ ଗାନ୍ଧିଛକଠାରେ ପହଞ୍ଚିବା ପରେ ଏକ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଉକ୍ତ ୧୦ଟି ମଶାଲ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ମା' ମାଣିକେଶ୍ୱରୀଙ୍କ ମଶାଲ ସହିତ ମିଶିଥିଲା । ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମା' ମାଣିକେଶ୍ୱରୀଙ୍କ ମଶାଲ ଯାତ୍ରା ଅପରାହ୍ନ ୩ଟାରେ ଆରମ୍ଭ ହୋଇଥିଲା । ଏହି ମଶାଲ ଜ୍ୟୋତିକୁ ଜିଲାପାଳ ତଥା ଅଧକ୍ଷ ଜିଲା ସାଂସ୍କୃତିକ ପରିଷଦ ଗାଭିଲ ପରାଗ ହର୍ଷଦ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ଜରୁରୀକାଳୀନ ଅଧିକାରୀ ସୁରେନ୍ଦ୍ର ତ୍ରୀପାଠୀ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା ଓ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସାଧାରଣ ସମ୍ପାଦକ ଅକ୍ଷୟ ଦାଶ, ଭବାନୀ ଶଙ୍କର ନିଆଲ, ଅଶୋକ ପଟ୍ଟନାୟକ, ବିକ୍ରମ ବାରିକ, କାର୍ତ୍ତୀକ ପଣ୍ଡା, ସୁଶାନ୍ତ ସିଂ, ସଞ୍ଜିବ ସିଂ, ପ୍ରତିଭାର ଅଧକ୍ଷ ଧ୍ୟାନନନ୍ଦ ପଣ୍ଡା, ଚିଣ୍ଟୁ ପ୍ରସାଦ ନାଏକ, ପ୍ରଦୀପ ସିଂ, ଉମା ପ୍ରଧାନ, ସୁରୁ ଥାନାପତି, ମହମ୍ମଦ ସକିଲ ପ୍ରମୁଖ ନେତୃତ୍ୱରେ ଜିଲା ଓ ଜିଲା ବାହାରୁ ଆସିଥିବା ସାଂସ୍କୃତିକ ଦଳ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ଲାଲବାହାଦୂରଶାସ୍ତ୍ରୀ ଷ୍ଟାଡିୟମ୍‌ରେ ପହଞ୍ଚିଥିଲା ।

# ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ

ଜୁନାଗଡ,୧୪।୧(ସ୍ୱ.ପ୍ର.)

କଳାହାଣ୍ଡି ଜଲା ଜନାଗଡ ବ୍ଲକ ଅନ୍ତର୍ଗତ ଚାରବାହାଲ ଗ୍ରାମର ସାହୁପଡାରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଘର କରିଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଜବରଦଖଲକୁ ଉଚ୍ଛେଦ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି।

ଦୟା ସାହୁ ନାମକ ବ୍ୟକ୍ତି ଚାରବାହାଲ ଗ୍ରାମର ସାହୁ ପଡା ମଧ୍ୟରେ ଥିବା ରାସ୍ତା ଉପରେ କମ୍ପ୍ଲେକ୍ସ ତିଆରି କରିଥିଲେ। ନିର୍ମାଣ କାର୍ଯ୍ୟ ଆରମ୍ଭ ହବା ପରେ ସାହୁପଡା ଓ ଶବର ପଡାବାସୀ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଜୁନାଗଡ ତହସିଲଦାର, ଧର୍ମଗଡ ଉପଜିଲାପାାଳ ଏପିରିକି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଉକ୍ତ ସ୍ଥାନକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଇତି ମଧ୍ୟରେ ଉକ୍ତ ଘର ନିର୍ମାଣ ସରିଥିବା ବେଳେ ଜାନୁୟାରୀ ୧୪ ତାରିଖରୁ ଧାରଣା ଦେବା ପାଇଁ ଲିଖିତ ଭାବରେ ଜିଲାପାଳ ଓ ସ୍ଥାନୀୟ ପ୍ରଶାସକୁ ଲୋକେ ଜଣାଇଥିଲେ। ତଦନୁସାରେ ସୋମବାର ୧୦ଟାରୁ ଉକ୍ତ ବିବାଦୀୟ ସ୍ଥାନରେ ସାହୁପଡା ଓ ଶବର ପଡାର ଶତାଧିକ ମହିଳାପୁରୁଷ ସ୍ଥାନୀୟ ୱାର୍ଡ ସଭ୍ୟ ପ୍ରଦ୍ୟୁମ୍ନ ସାହୁଙ୍କ ନେତୃତ୍ୱରେ ଧାରଣା ଦେଇଥିଲେ। ଏହାକୁ ସମର୍ଥନ କରି ସମିତି ସଭ୍ୟ ରାଜକୁମାର ଶବର, ପୂର୍ବତନ ସମିତି ଭୁଜବଳ ନାଏକ, ପ୍ରଶାନ୍ତ ସାହୁ, ପୀତାମ୍ବର ମାଝି, ପ୍ରାଣ କିଶୋର ସାହୁ, ବସନ୍ତ ସାହୁ, ସଞ୍ଜୀବ ସାହୁ ପ୍ରମୁଖ ଧାରଣାରେ ବସିଥିଲେ। ଧାରଣାସ୍ଥଳରେ କୋକସରା ଆଇଆଇସି ଉତ୍ତମ କୁମାର ସାହୁ ସଦଳବଳ ପହଞ୍ଚି ଧାରଣାରତ ଲୋକଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଫଳରେ ଲୋକେ ଉତ୍ୟକ୍ତ ହୋଇ ଜାତୀୟ ରାଜପଥ-୨୬କୁ ଅବରୋଧ କରିଥିଲେ। ଅଧ ଘଣ୍ଟା ରାସ୍ତା ଅବରୋଧ ପରେ ଜୁନାଗଡ ଅତିରିକ୍ତ ତହସିଲଦାର ସୁଦିପ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜବର ଦଖଲ କେସ ନମ୍ବର ୧୦୬୯/୨୦୧୮ ଅନୁସାରେ ତଦନ୍ତ ହେବା ସହ ୩ ମାସ ମଧ୍ୟରେ ଜବର ଦଖଲ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ପରେ ଧାରଣା ଓ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ଦୟା ସାହୁଙ୍କୁ ପଚାରିବାରୁ ଉକ୍ତ ଜମି ମୋ ନାମରେ ପଞ୍ଜୀକୃତ ହୋଇଛି ବୋଲି କହିଥିଲେ।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶିବିର

କେସିଙ୍ଗା,୧୪।୧(ଡି.ଏନ.ଏ.)




ଶିବିରରେ ଉପସ୍ଥିତ ଜିଲା ପ୍ରଶାସନ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ କଳାହାଣ୍ଡି ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶିବିର ବିଡିଓ ଭୀମସେନ ଶବରଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ୧୦୨ଟି ଗ୍ରାମରୁ ୪୯ଜଣ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମଙ୍କ ବିଭିନ୍ନ ସମସ୍ୟା, ଦାଦନ ଶ୍ରମିକଙ୍କ ହନ୍ତସନ୍ତ, ରାସ୍ତାଘାଟ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ବିଷୟରେ ଅଭିଯୋଗ କରିଥିଲେ। ଶିବିରରେ କଳାହାଣ୍ଡି ଉପଜିଲାପାଳ ମିର୍ଦ୍ଧା ଟପ୍ପୋ, କଳାହାଣ୍ଡି ପିଡି ଡିଆରଡିଏ ପ୍ରଶାନ୍ତ କୁମାର ଷଡଙ୍ଗୀ, କେସିଙ୍ଗା ବ୍ଲକ ଅଧକ୍ଷା ସୁକାନ୍ତି ବେହେରା, ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ଜୋନ-୩ର ଜିଲା ପରିଷଦ ସଭ୍ୟା ନିରୁପମା ସାମଲ, ଲାଇନ ବିଭାଗ ଓ ବ୍ଲକର ସମସ୍ତ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ । ଏହି ଶିବିରରେ ୫ଜଣଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ଉପଜିଲାପାଳ, ପିଡିଡିଆରଡିଏ, ବିଡିଓଙ୍କ ମିଳିତ ଭାବରେ ବଣ୍ଟନ କରିଥିଲେ ।

# ଭବାନୀପାଟଣାଠାରେ ପ୍ରଥମ ପଥ ଉତ୍ସବ

ଭବାନୀପାଟଣା,୧୪।୧(ଡି.ଏନ.ଏ.)

୨୩ତମ କଳାହାଣ୍ଡି ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ଭବାନୀପାଟଣାରେ ପ୍ରଥମ ଥର ପାଇଁ ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କଛକଠାରୁ ଆରମ୍ଭ କରି ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯେଗିତାଠାରୁ ଆରମ୍ଭ କରି ଯୁବତୀଯୁବକମାନଙ୍କ ଦ୍ୱାରା ର୍ୟାମ୍ପ ଶୋ, ଶିଶୁମାନଙ୍କ ମଧ୍ୟରେ ଫେନସି ଡ୍ରେସ ପ୍ରତିଯୋଗିତା, ମାର୍ଶାଲାଟ, ମ୍ୟାଜିକ୍ ସୋ, ଛାତ୍ରୀଛାତ୍ରମାନଙ୍କ ଷ୍ଟଣ୍ଟ ଶୋ, ରଙ୍ଗୋଲି, ଦାସକାଠିଆ, ବ୍ୟଙ୍ଗକବି ସମ୍ମିଳନୀ, ଭିଭିପେଟ ସଚେତନତା, ଟ୍ରାଫିକ୍ ସଚେତନତା, ପର୍ବତା ରୋହଣ ସଚେତନତା, ସଙ୍ଗୀତ ବିଚିତ୍ରା ଓ କବିତା ପାଠ ଉତ୍ସବ ସହ ବହୁ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ପଥ ଉତ୍ସବ କମିଟି ଅଧକ୍ଷ ଡ.ଅଜୟ ମିଶ୍ର, ଆବାହକ ସଞ୍ଜୟ କୁମାର, ନୋଡାଲ ଅଫିସର ଶୁଭଦୀପ୍ତା ମହାନ୍ତି, ବାସନ୍ତୀ ସେଠୀ, ଆରଟିଓ ଦୀନବନ୍ଧୁ ଶୁଣ୍ଡି, ଯାଜ୍ଞସେନୀ ବେହେରା, ବିଶିଷ୍ଟ ପର୍ବତାରୋହୀ ଯୋଗବ୍ୟସ ଭୋଇ, ବିଶିଷ୍ଟ ଚିତ୍ର ଶିଳ୍ପୀ ମୁକୁନ୍ଦ ରେଡି, କ୍ଷୀରସିନ୍ଧୁ ଭୋଇ, ସୁଶାନ୍ତ ସିଂହ, ବିଜନ ରେଡ୍ଡି, ତରୁଣ ମହାପାତ୍ର, ରଘୁନାଥ ଠାକୁର, ପ୍ରୀତି ପଟ୍ଟନାୟକ, ବିରଞ୍ଚି ନାରାୟଣ ମୁଣ୍ଡ, ନୁପୂର ପଟ୍ଟନାୟକ, ସଂଘମିତ୍ରା କାନୁନ୍‌ଗୋ, ଭବାନୀ ପଟ୍ଟନାୟକ, ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏଡିଏମ ଶରତଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆରଡିଏ ପ୍ରସନ୍ନ ଷଡଙ୍ଗୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ କଳାହାଣ୍ଡି ଉତ୍ସବ ଅବସରରେ ଏଭଳି ଏକ ଉତ୍ସବ ଆୟୋଜିତ ହୋଇଥିବାରୁ ବହୁ ଦର୍ଶକ ଏହାର ମଜାନେଇଥିଲେ।



ଭବାନୀପାଟଣାରେ ସୋମବାର ଆୟୋଜିତ ପ୍ରଥମ ପଥ ଉତ୍ସବରେ ଅତିଥିଙ୍କ ସହ ପ୍ରତିଯୋଗୀ ।

## ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ହଡ଼ପ ଘଟଣା

# ପ୍ରଧାନ ଶିକ୍ଷକ ନିଲମ୍ବିତ

ଜୁନାଗଡ,୧୪।୧(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**



ନିଲମ୍ବିତ ପ୍ରଧାନଶିକ୍ଷକ ବିଜେ ନାଗ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ଅନିୟମିତତା ଓ ଏସସି, ଏସଟି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡପ ଘଟଣାରେ ପ୍ରଧାନଶିକ୍ଷକ ବିଜେ ନାଗଙ୍କୁ ନିଲମ୍ବିତ କରାଯାଇଛି । ଜିଲା ଶିକ୍ଷାଧିକାରୀ ସଞ୍ଜିବ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି ।

ସୂଚନାରୁ ପ୍ରକାଶ ଯେ, ଦାସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଜେ ନାଗ ମଧ୍ୟାହ୍ନ ଭୋଜନରେ ଅନିୟମିତତା କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷାବିଭାଗର ଏବିଇଓ ତୁଲସୀ ମେହେର ଗତ ଡିସେମ୍ବର ୧୮ ତାରିଖରେ ଉକ୍ତ ସ୍କୁଲକୁ ତଦନ୍ତ କରିବାକୁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନରେ ଅନିୟମିତତା କରୁଥିବା ଏବିଇଓ ଜାଣିବାକୁ ପାଇଥିଲେ। ଏ ନେଇ ସେ ବିଇଓଙ୍କୁ ରିପୋର୍ଟ ଦେବା ପରେ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ଅପସାରଣ କରାଯାଇଥିଲା। ଏହି ଘଟଣାର କିଛି ଦିନ ନ ପୁରୁଣୁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନାମରେ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡପ କରିଥିବା ନେଇ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ପୁଣି ଅଭିଯୋଗ କରିଥିଲେ। ସରକାର ଧାର୍ଯ୍ୟ ଟଙ୍କା ଛାତ୍ରୀଛାତ୍ରଙ୍କୁ ନ ଦେଇ ସମ୍ପୃକ୍ତ ପ୍ରଧାନଶିକ୍ଷକ କମ୍ ଟଙ୍କା ଦେଇଥିବା ଜଣାପଡିଥିଲା। ଏପରି ଅନିୟମିତତାକୁ ନେଇ 'ଧରିତ୍ରୀ' ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗତ ବୁଧବାର ଉକ୍ତ ଘଟଣାର ତଦନ୍ତ ପାଇଁ ଜୁନାଗଡ ଏବିଇଓ ନବକିଶୋର ପାଢୀ ଓ ସ୍ଥାନୀୟ ସିଆରସିସି ସୁବାସ ଚନ୍ଦ୍ର ଶବର ଉକ୍ତ ସ୍କୁଲକୁ ଯାଇଥିଲେ। ଏବିଇଓ ପାଢୀ ଛାତ୍ରୀଛାତ୍ରମାନଙ୍କୁ ଷ୍ଟାଇପେଣ୍ଡ ବାବଦରେ ପଚାରିବାରୁ ପୂର୍ବରୁ କିଛି ଟଙ୍କା ପାଇଥିଲୁ ଓ ଏହି ଭିତରେ କିଛି ଟଙ୍କା ପାଇଛୁ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ଏହାର ରିପୋର୍ଟ ଏବିଇଓ ପାଢୀ ବିଇଓଙ୍କୁ ପ୍ରଦାନ କରିଥିଲେ। ଷ୍ଟାଇପେଣ୍ଡ ହଡପ ହେଇଥିବା ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳାଦେବୀ ପତ୍ର ସଂଖ୍ୟା ୨୯, ମେମୋ ନଂ. ୩୦ ତା ୧୦।୧।୨୦୧୯ରେ ଜିଲା ଶିକ୍ଷାଧିକାରୀଙ୍କୁ ତଦନ୍ତର ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ ଏହି ଘଟଣାକୁ ତର୍ଜମା କରି ଆଦେଶ ନଂ ୪୦୦ ତା ୧୨।୧।୨୦୧୯ରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିବା ପାଇଁ ଜୁନାଗଡ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୁନାଗଡ ବିଇଓ ସୁଧାଂଶୁ ବାଳା ଦେବୀ ଆଦେଶ ନଂ ୪୪ ତା ୧୨।୧।୨୦୧୯ ଅର୍ଥାତ୍ ଶନିବାର ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍ସପିଅର



## ସଂକ୍ଷେପରେ

### ଟିକ୍ରାପଡ଼ା ରାମଲୀଳା ମନ୍ଦିର ଭୋଗ ମଣ୍ଡପ ଉଦ୍‌ଘାଟନ

**ବଲାଙ୍ଗୀର ଅଫିସ,୧୪।୧:** ବଲାଙ୍ଗୀର ଟିକ୍ରାପଡ଼ାସ୍ଥିତ ରାମଲୀଳା ମନ୍ଦିରର ଭୋଗ ମଣ୍ଡପକୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିରୋଧୀଦଳ ନେତା ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ । ୨୦୧୭-୧୮ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଭୋଗ ମଣ୍ଡପଟି ନିର୍ମାଣ କରାଯାଇଛି। ଗତବର୍ଷ ଏହି ମନ୍ଦିରକୁ ଦର୍ଶନ ସମୟରେ ବିଧାୟକଙ୍କୁ ପଡାର ମହିଳା ଓ ପୁରୁଷମାନେ ଏକ ଭୋଗ ମଣ୍ଡପ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ଏଥିରେ ବିଧାୟକ ସମ୍ମତି ପ୍ରଦାନ କରି ଅନୁଦାନ ବ୍ୟବସ୍ଥା କରିଥିଲେ। ୧୪୦୦ ବର୍ଗଫୁଟ ପରିମିତ ଏହି ଭୋଗ ମଣ୍ଡପ ସୋମବାରଠାରୁ ସାଧାରଣ ଜନତାଙ୍କ ବ୍ୟବହାର ପାଇଁ ଉପଲବ୍ଧ ହେବ। ଉଦ୍‌ଘାଟନୀ ସମାରୋହର ସଭାପତି ଭଗବାନ ବଗର୍ତ୍ତି ବିଧାୟକ ମିଶ୍ରଙ୍କୁ କୃତଜ୍ଞତା ଜଣାଇଥିଲେ। ମଣ୍ଡପ ନିର୍ମାଣ କାମରେ ପଡାର ଅଙ୍କୁଶ ହୋତା ଓ କୁନୁ ପାତ୍ର ସକ୍ରିୟ ରହି ମଣ୍ଡପଟିକୁ ସୁନ୍ଦର ହିସାବରେ ନିର୍ମାଣ କରାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପଡାର ବରିଷ୍ଠ ନାଗରିକ ମୋତି ଅଗ୍ରୱାଲ, ଅଶୋକ ନନ୍ଦ, ରବି ଅଗ୍ରୱାଲ ମଞ୍ଚାସୀନ ଥିଲେ । ବରିଷ୍ଠ ସଭ୍ୟ ପ୍ରକାଶ ନେପାକ ଧନ୍ୟବାଦ ଦେଇଥିଲେ ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବୀରମହାରାଜପୁର, ୧୪।୧(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ବୀରମହାରାଜପୁରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ଅଧକ୍ଷତା କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଏଥର ଶିବିରରେ ମାତ୍ର ୪୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ତନ୍ମଧ୍ୟରୁ ୪ଟି ଗ୍ରାମ୍ୟ ସମସ୍ୟା ଉପରେ ପର୍ଯ୍ୟବେକ୍ଷିତ ଥିବାବେଳେ ଅବଶିଷ୍ଟ ତକଥିଲା ବ୍ୟକ୍ତିକେନ୍ଦ୍ରୀକ ଅଭିଯୋଗ। ତେବେ ସମୁଦାୟ ୪୩ଟିର ତ୍ୱରିତ ସମାଧାନ କରାଯିବା ସହ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ସହ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଗଣ ଯୋଗଦେଇଥିଲେ। ସେହିପରି ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝୀ ଓ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟଙ୍କଠାରୁ ମିଳିଥିବା ସୂଚନାମତେ ଶିବିରରେ ଜଣେ ବ୍ୟକ୍ତିଙ୍କୁ ରେଡକ୍ରସ ସହାୟତା ପ୍ରଦାନ କରାଯାଇଥିଲା।

### ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି

**ତରଭା, ୧୪।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଆଇଆଇସି ଡୋଳାମଣି ଭୋଇ ଯୋଗ ଦେଇଥିଲେ। ଏବିଇଓ ଅଞ୍ଜନ ଚୌଧୁରୀ, ପ୍ରଦୀପ ମାହାଣା, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ହିରଣ୍ମୟ ପଟ୍ଟନାୟକ, ପ୍ରଦ୍ୟୁମ୍ନ ମହାନ୍ତି, ରାଜେଶ ମେହେର, ସଞ୍ଜୀବ ସେଠୀ, ବିଚିତ୍ର ସାହୁ, ମେଘନାଥ ମହଲା, ବିଭୀଷଣ ସାହୁ, ସେସ୍କନାଲ ଅଫିସର ସୂର୍ଯ୍ୟକାନ୍ତ ପୃଷ୍ଟି, ମାନଭଞ୍ଜନ ମିଶ୍ର, କପିଳାଶ ସେଠ, ଅନ୍ତର୍ଯ୍ୟାମୀ ସାହୁ, ଅକ୍ଷୟ ବାଘ, ରାଜ କୁମାର ମାହାଣା, କଲ୍ୟାଣ ନାଏକଙ୍କ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଓ ବେସରକାରୀ ପ୍ରତିଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ । ସାଧାରଣତନ୍ତ୍ର ଦିବସ ଦିନ ସକାଳ ୫ଟାରେ ପ୍ରଭାତ ଫେରି, ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଓ ବେସରକାରୀ ପ୍ରତିଷ୍ଠାନରେ ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ସର୍ବସାଧାରଣ ଜାତୀୟ ପତାକା ଉତ୍ତୋଳନ ତରଭା ହାଇସ୍କୁଲ ଖେଳ ପଡିଆଠାରେ ପୂର୍ବାହ୍ନ ୯ଟାରେ କରାଯାଇ ସାମୂହିକ ପରେଡର ଅଭିବାଦନ ଗ୍ରହଣ ପାଇଁ ସ୍ଥିରୀକୃତ ହୋଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ଜାତୀୟ ପତାକା ଉତ୍ତୋଳନ କରି ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ସ୍ଥାନୀୟ ଏଇଏସ କଲେଜ ପିଇଟି ସଞ୍ଜୀବ ସାହୁ ପରେଡ ପରିଚାଳନା କରିବେ ।






ବଲାଙ୍ଗୀର ରେଲଷ୍ଟେଶନ୍ ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳକୁ ପୂର୍ବତନ ରେଲୱେ ଜିଏମ୍ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର, ପ୍ରଧାନ ବ୍ୟବସାୟିକ ପ୍ରବନ୍ଧକ ଅଜୟ ବେହେରା ଓ ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ଏସ୍.କେ. କାମିଲା ପରିଦର୍ଶନ କରୁଛନ୍ତି (ବାମ) । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘଟନ କରିବାକୁ ଥିବା ବଲାଙ୍ଗୀର-ବିଚ୍ଛୁପାଲି ନୂଆ ପ୍ୟାସେଞ୍ଜର ଟ୍ରେନ୍ ବଲାଙ୍ଗୀର ରେଲଷ୍ଟେଶନ୍‌ରେ ଅଟକିଛି (ମଝି)। ବଲାଙ୍ଗୀର ପ୍ରଧାନ ଡାକଘରରେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ପାସପୋର୍ଟ ସେବା କେନ୍ଦ୍ରରେ ଅଧିକାରୀମାନେ ପ୍ରଥମ ଆବେଦନକାରୀଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରୁଛନ୍ତି । (ଫଟୋ-ସୁନୀଲ) ।

ବିକାଶର ବହୁ ପଛରେ ବଲାଙ୍ଗୀର

# ମୋଦିଙ୍କ ଫୋକସ୍‌କୁ ଜିଲାବାସୀଙ୍କ ଅପେକ୍ଷା

**ବଲାଙ୍ଗୀର ଅଫିସ, ୧୪।୧**

ପଛୁଆ ଜିଲା ଭାବେ ପରିଚିତ ହେଉଥିବା ବଲାଙ୍ଗୀର ଜିଲା ବିକାଶ ଦୌଡରେ ବହୁ ପଛରେ ପଡିଯାଇଛି । ଏବେବି ବଲାଙ୍ଗୀର ଜିଲାରେ ୩ ପ୍ରତିଶତ ଜମିରେ ଜଳସେଚନ ସୁବିଧା ରହିଛି । ଦୀର୍ଘ ୧୮ ବର୍ଷ ହେଲା ଲୋୟର ସୁକ୍‌ତେଲ ପ୍ରକଳ୍ପ ସହ ଅନ୍ୟାନ୍ୟ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ଲୋୟର ସୁକ୍‌ତେଲ ପ୍ରକଳ୍ପରେ ଥଇଥାନ ଓ କ୍ଷତିପୂରଣ ସହ ଅନ୍ୟାନ୍ୟ ବ୍ୟବସ୍ଥା ହୋଇପାରୁ ନ ଥିବାରୁ ଏହି ପ୍ରକଳ୍ପ ଏବେ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଛି । ଦୀର୍ଘ ୬ ମାସ ହେଲା ଏହି ପ୍ରକଳ୍ପ କାମ ଏବେ ବନ୍ଦ ହୋଇପଡିଛି । ଜିଲାରେ କୃଷିଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିଲେ ବି ଏଠାରେ ଥିବା ଏକମାତ୍ର ଦେଓଗାଁ ଚିନିକଳ ଦୀର୍ଘ ବର୍ଷ ହେଲା ବନ୍ଦ ପଡିଛି । ମରୁଡି, ବନ୍ୟା ଓ ରୋଗପୋକ ଉପଦ୍ରବରେ ଜିଲାର ଲକ୍ଷାଧିକ ଚାଷୀ ପ୍ରାୟ ପ୍ରତିବର୍ଷ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏଠାରେ ଦୀର୍ଘବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ଖୋଲାଯିବାକୁ ଦାବି କରାଯାଉଥିଲେ ମଧ୍ୟ ଏହା ପୂରଣ ହୋଇନାହିଁ । ଏହା ସହିତ ଶିକ୍ଷା କ୍ଷେତ୍ରରେ ଢେ଼ର ପଛରେ ପଡିଥିବା ବଲାଙ୍ଗୀର ଜିଲାର ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ଶିକ୍ଷକ, ଅଧ୍ୟାପକ ଅଭାବଜନିତ ସମସ୍ୟା ଏବେ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଲାଣି । ପଶ୍ଚିମ ଓଡିଶାର ସର୍ବପୁରାତନ ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଯିବାକୁ ଦୀର୍ଘ ବର୍ଷରୁ ଦାବି ହୋଇଆସୁଛି । ଏହି ସ୍ୱୟଂଶାସିତ କଲେଜରେ ସ୍ୱୟଂଶାସନ ମାନ୍ୟତା ମଧ୍ୟ ନବୀକରଣ ହୋଇପାରିନାହିଁ। ଫଳରେ ୟୁଜିସି ଅନୁଦାନ ପାଇବାରୁ



ବଲାଙ୍ଗୀର ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ବନ୍ଦ ହୋଇପଡିଛି ।

କଲେଜ ବଞ୍ଚିତ ହେଉଛି । କେବିକେ ଅନ୍ତର୍ଗତ ପଛୁଆ ବଲାଙ୍ଗୀର ଜିଲାର ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନର ଅବସ୍ଥା ଯଦି ଏପରି ତେବେ ଜିଲାର ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କ ଅବସ୍ଥା କ'ଣ ଅନୁମେୟ । ଜିଲାରେ ସ୍ୱାଧୀନତା ପୂର୍ବରୁ ହାଇକୋର୍ଟ ରହିଥିଲା । ତେବେ ଗଡଜାତ ମିଶ୍ରଣ ପରେ ଏଠାରୁ ହାଇକୋର୍ଟ ଉଠାଇ ଦିଆଯାଇଥିଲା। ଜିଲାବାସୀ ସେହିଦିନରୁ ଏଠାରେ ଏକ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ଦାବି କରିଆସୁଛନ୍ତି । ଏହି ଆନ୍ଦୋଳନରେ ଜିଲା ପ୍ରଶାସନିକ କଳ ଅଚଳ ହୋଇପଡିଛି। କଣ୍ଟାବାଞ୍ଜିଠାରେ ରେଳ ବିଭାଗ ଅଧୀନରେ ପ୍ରାୟ ୭ ଶହ ଏକର ଜମି ରହିଥିଲେ ମଧ୍ୟ ଓ ବାରମ୍ବାର ଦାବି ସତ୍ତ୍ୱେ ଏଠାରେ ଏକ ୱାଗନ କାରଖାନା ପ୍ରତିଷ୍ଠା ହୋଇପାରି ନାହିଁ । ଦାଦନ ଶ୍ରମିକ ସମସ୍ୟାରେ ଜର୍ଜରିତ ଜିଲାରେ କୌଣସି ଏକ ରେଳ କାରଖାନା କାର୍ଯ୍ୟକାରୀ ହେଲେ ଦାଦନ ସମସ୍ୟାର ସମାଧାନ ହୋଇପାରିବ। ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ବଲାଙ୍ଗୀର ପଟରୁ ୧୫ କିଲୋମିଟର ରେଳଧାରଣା ତିଆରି କରାଯାଇ ଏଥିରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଟ୍ରେନ୍ ଶୁଭାରମ୍ଭ କରିବାକୁ ଥିଲେ ମଧ୍ୟ ଏବେବି ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ ଜିଲାରେ ଜମିଅଧିଗ୍ରହଣ କାମ ବାକି ଥିବାରୁ ଏହି ପ୍ରକଳ୍ପ କେତେ ବିଳମ୍ବ ହେବ ସେନେଇ କିଛି ସ୍ପଷ୍ଟ ହୋଇନାହିଁ । ଏଣୁ ଏହି ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଜିଲାବାସୀ ଦାବି କରିଆସୁଛନ୍ତି । ଏହା ସହିତ ଜିଲାରେ ପର୍ଯ୍ୟଟନ ବିକାଶ ପାଇଁ ଢେ଼ର ଭିତ୍ତିଭୂମି ରହିଥିଲେ ମଧ୍ୟ ଏଦିଗରେ ଧ୍ୟାନ ଦିଆଯାଉନାହିଁ । ହରିଶଙ୍କର, ରାଣୀପୁର ଝରିଆଲ, ଜଳମହାଦେବ, ଭୀମଡୁଙ୍ଗୁରି, କୁମୁଡା ପାହାଡ, ଗୁଡଭେଲାର ଗୁଦ୍‌ଗୁଦା, ମଠଖାଇ, ଗନ୍ଧମାର୍ଦ୍ଦନ, ଡୁରେକେଲାରେ ପର୍ଯ୍ୟଟନର ବିକାଶ କରାଯାଇପାରିବ। ଏନେଇ କେନ୍ଦ୍ରୀୟ ଅନୁଦାନ ମିଳିଲେ ଜିଲାରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି । ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ତିଆରି ସବୁଠୁ ଜରୁରୀ ପ୍ରକଳ୍ପ ହୋଇପଡିଛି। ଏହି ସବୁ ଦାବିଗୁଡିକରୁ ପ୍ରଧାନମନ୍ତ୍ରୀ ମୋଦି କେଉଁ ଉପରେ ଫୋକସ୍ କରି ଜିଲାବାସୀଙ୍କୁ କ'ଣ ଭେଟି ଦେବେ ତାହାକୁ ଜିଲାବାସୀ ଅନାଇ ରହିଛନ୍ତି ।

ଏସ୍‌ସି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନରେ କେନ୍ଦ୍ରୀୟ ଅଂଶର ପରିମାଣ ହ୍ରାସ

## ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦିଆଯିବ ସ୍ମାରକପତ୍ର

**ସୋନପୁର,୧୪।୧(ନି.ପ୍ର.)**

ଅନୁସୂଚିତ ଜାତି(ଏସ୍‌ସି) ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ଠା ନାହିଁ। କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରାଳୟ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନରେ ଅବହେଳା ପ୍ରଦର୍ଶନ କରୁଛି। କେନ୍ଦ୍ରୀୟ ଅଂଶର ପରିମାଣ ହ୍ରାସ କରିଥିବା ବେଳେ ଗତ ୨ବର୍ଷର ପାଣ୍ଠି ବାବଦରେ ଏ ପର୍ଯ୍ୟନ୍ତ ଟଙ୍କାଟିଏ ବି ଦେଇନାହିଁ ବୋଲି ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ଏକ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ନେତା ତଥା ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନର ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଆଶିଷ କୁମାର ସାହୁ କହିଛନ୍ତି ଯେ, ଓଡିଶାରୁ ପ୍ରାୟ ୨ ଲକ୍ଷ ଅନୁସୂଚିତ ଜାତି ଛାତ୍ରୀଛାତ୍ର ଏହି ଛାତ୍ରବୃତ୍ତି ପାଇଥାନ୍ତି । ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ମାଟ୍ରିକ୍-ପରବର୍ତ୍ତୀ ବୃତ୍ତି ସମ୍ପୂର୍ଣ୍ଣ ଭାବେ ଏକ କେନ୍ଦ୍ରୀୟ ଯୋଜନା। ଗରିବ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ବୃତ୍ତି ଆକାରରେ ଆର୍ଥିକ ସୁବିଧା ପାଇଥାନ୍ତି। ୨୦୧୭-୧୮ରେ ଏହି ନିୟମରେ ପରିବର୍ତ୍ତନ ଅଣାଯାଇ କେନ୍ଦ୍ରୀୟ ଅଂଶର ପରିମାଣ ୨୦ପ୍ରତିଶତରୁ କମ କରି ରାଜ୍ୟର ଅଂଶକୁ ୮୦ ପ୍ରତିଶତରୁ ଅଧିକକୁ ବୃଦ୍ଧି କରାଯାଇଛି। ଓଡିଶା ସରକାର ନିଜସ୍ୱ ପାଣ୍ଠିରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଛାତ୍ରବୃତ୍ତି ବାବଦରେ ସମସ୍ତ ଟଙ୍କା ଯୋଗାଇଛନ୍ତି ବୋଲି ଆଶିଷ ଅଭିଯୋଗ କରିଛନ୍ତି। ତେଣୁ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ନାମରେ ରାଜ୍ୟର ୧୦ଲକ୍ଷ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇ ଫେବୃୟାରୀ ୨ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାରେ ୨୦ହଜାର ସ୍ୱାକ୍ଷର ସଂଗ୍ରହ କରାଯିବ ବୋଲି ବିଜୁ ଯୁବ ଜନତା ଦଳର ଜୋନାଲ ସଭାପତି ଅଶୋକ କୁମାର ସାହୁ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆସନ୍ତା ୧୫ତାରିଖ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାରେ ଏହି ସ୍ୱାକ୍ଷର ଅଭିଯାନର ଶୁଭାରମ୍ଭ କରାଯିବ। ଏହା ୫ ଦିନ ବ୍ୟାପି ଚାଲିବ ବୋଲି ବିଜୁ ଯୁବ ଜନତା ଦଳର ଜିଲା ସଭାପତି ତଥା ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ କହିଛନ୍ତି । ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଶାଶ୍ୱତ କୁମାର ମିଶ୍ର ସମ୍ମିଳନୀରେ ଯୋଗଦେଇ ଜିଲାର ସମସ୍ତ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସଂଗ୍ରହ କରାଯିବା ସହ ୬ଟି ଯାକ ବ୍ଲକରେ ଲୋକଙ୍କ ନିକଟରୁ ଦସ୍ତଖତ ନିଆଯିବ ବୋଲି କହିଛନ୍ତି । ଏ ସମ୍ପର୍କରେ ଦଳ ପକ୍ଷରୁ କେନ୍ଦ୍ରର ଏନଡିଏ ସରକାରଙ୍କ ବିରୋଧରେ ବ୍ୟାପକ ଜନମତ ସୃଷ୍ଟି କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।




ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ସମ୍ପର୍କରେ ବିଜୁ ଯୁବ-ଛାତ୍ର ଜନତା ଦଳର ନେତୃବୃନ୍ଦ ସୂଚନା ଦେଉଛନ୍ତି ।

## ପରିଚ୍ଛନ୍ନତା ଦିବସରେ ସଚେତନତା ଶୋଭାଯାତ୍ରା

**ଅମରପାଲି, ୧୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ଗାଁ କଲ୍ୟାଣ ସମିତି ପକ୍ଷରୁ ସ୍କୁଲ ଓ ଅଙ୍ଗନୱାଡି ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ବିଶ୍ୱନାଥ ମହାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଅଦିତି ହୋତା, ଅବନ୍ତି ବଘାର, ଆଶାକର୍ମୀ ଅରୁପା ନାଏକ, ବିଶ୍ୱନାଥ ଥନାପତି, ରମ୍ଭା ସେଠୀ, ଶିକ୍ଷୟିତ୍ରୀ ସୁଚେତା ମିଶ୍ର ପ୍ରମୁଖ ପରିଚ୍ଛନ୍ନତା ଉପରେ ମତପ୍ରକାଶ କରିଥିଲେ।

## ଅନୁଭୂତି ବଖାଣିଲେ ପ୍ରାକ୍ତନ ଛାତ୍ରୀଛାତ୍ର

**ସୋନପୁର,୧୪।୧(ନି.ପ୍ର.)**

ସୋନପୁର ମହାରାଜା ହାଇସ୍କୁଲ ୧୯୬୮ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଶାହା ଗେଷ୍ଟ ହାଉସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଆବାହକ ବ୍ୟୋମକେଶ ଦାଶ ବଲାଙ୍ଗୀର, ସମ୍ବଲପୁର, ପଦ୍ମପୁର, ଉଲୁଣ୍ଡା, ବୀରମହାରାଜପୁର ଓ ସୋନପୁରର ବିଭିନ୍ନ ସ୍ଥାନରୁ ଆସିଥିବା ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇଥିଲେ । ସନ୍ତୋଷ କୁମାର ଦାଶ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ସମସ୍ତେ ଯଥାସମ୍ଭବ ଲୋକଙ୍କ ସେବା କାର୍ଯ୍ୟରେ ସମୟ ନିୟୋଜିତ କରିବାକୁ କହିଥିଲେ। ଶଙ୍କର ପାତ୍ର ବନ୍ଧୁମାନଙ୍କୁ ପ୍ରତ୍ୟହ କିଛି ସମୟ ସିଦ୍ଧି କର୍ମଶକ୍ତି ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହପାଠୀମାନେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ପୁରୁଣା ଅନୁଭୂତିକୁ ବଖାଣି ଥିଲେ। ପ୍ରାରମ୍ଭରେ ବନ୍ଧୁ ଯୋଗେଶ୍ୱର ମହଲା ଓ କୃଷ୍ଣଚନ୍ଦ୍ର ବାରିକଙ୍କ ମୃତ୍ୟୁ ହୋଇଥିବାରୁ ଅମର ଆତ୍ମାର ସଦ୍‌ଗତି ସକାଶେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ବନ୍ଧୁ ମିଳନରେ ପଞ୍ଚାନନ ଦଳପତି, ଅଧ୍ୟାପକ କୃପାସିନ୍ଧୁ ପାଣିଗ୍ରାହୀ, ନିତ୍ୟାନନ୍ଦ ମାଝି ପ୍ରମୁଖ ଯୋଗଦାନ କରିଥିଲେ।




ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

## ମନମୋହିଲା ଓଡ଼ିଶୀ ନୃତ୍ୟ

**ଲାଠୋର,୧୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପରିଚାଳନା କମିଟି ସଭାପତି ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅଷ୍ଟବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରତିଷ୍ଠାତା ସଭାପତି ସୁବାଷ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ଡମ୍ବରୁଧର କର୍ମୀ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ କଲାପରେ ସମ୍ପାଦକ ଗୋବିନ୍ଦ ରାମ ଅଗ୍ରୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଦଶମ ଶ୍ରେଣୀ ବୋର୍ଡ ପରିକ୍ଷାରେ ସର୍ବୋଚ ଅଙ୍କ ପ୍ରାପ୍ତ କରିଥିବା ଛାତ୍ରୀ ଦୁର୍ଗେଶ୍ୱରୀ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ସମ୍ବଲପୁରୀ ଏବଂ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହା ଜନସାଧାରଣଙ୍କ ମନମୋହି ଥିଲା। ଆଚାର୍ଯ୍ୟ ସୀମିତ ସାହୁ ସଭା ପରିଚାଳନା କରିଥିବା ବେଳେ ସମସ୍ତ ଆଚାର୍ଯ୍ୟା ଏବଂ ଆଚାର୍ଯ୍ୟ ସହଯୋଗ କରିଥିଲେ। ଶେଷରେ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ସଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଧୁନିକତା ଭିତରେ ହଜିଯାଉଛେ ପୁଷ୍‌ପୁନି

**ରେଢ଼ାଖୋଲ,୧୪।୧ (ଡି.ଏନ.ଏ)**

ଆମର ଦେଶ୍‌ରେ ଭିନେ ଭିନେ ରାଏଜ୍‌ରେ ଅଲଗ୍ ଅଲଗ୍ ମାସେ ଅନେକ ପରକାର କୃଷି ଭିତିକ ପରବ୍ ପାଲନ ହେଉଛେ। ସେନ୍‌ତା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଲେଖେଁ ପୁଷ୍‌ପୁନି ବି ଗୁଟେ କୃଷି ଭିତିକ୍ ସିଘା ପରବ୍। ପୁଷ୍ ମାସର ପୁନିରେ ଇ ପରବ୍ ଗାଁଗଁଲିନୁ ସହର ତକ୍ ସବୁନେ ଦେଖିବାକେ ମିଲୁଥିଲା। ହେଲେ ବେଶୀକରି ଗାଁଗଁଲିରେ ଇତାର ମହକ୍‌ଟା ଅଲଗ୍ ପରକାର ଥିଲା। ଆମର ଚାଷବାସର ଚଲନି ହିସାବେ ପୁଷ୍‌ପୁନିରୁ ଆରଗୁଟେ ପୁଷ୍‌ପୁନିକେ ବଛରେ ଧରାଯାଏସି। ଇ ଦିନ ବଏନା ନେଇ ଘରେ କାମ୍‌ବୁତା କରୁଥିବାର ହଳିଆଗୁଡ଼ି, ଗାଈ ଚରିହାକର ବଛରେ ପୂରଲା ବଲି ହିସାବ ହେସି। ସେଥିରଲାଗି ତାହାକୁ ଘରେ ପିଠାପନା, ନୂଆଁ ଲୁଗା ଦେବାର ସଂଗେ ତାକର ବାକି ଥିବାର ଭୁତିବର୍‌ତନ ଦିଆଯାଏସି। ସେନ୍‌ତା ଇ ପୁଷ୍‌ପୁନିରୁ ଫେନ୍ ନୂତନ୍ ହିସାବେ ହଳିଆଗୁଡ଼ି, ଗାଈଚରିହାକୁ ବଛରେ ତକ୍ କାମ୍ କରବାକେ ବଏନା ଦିଆଯାଏସି। ସେନ୍‌ତା ପୁନି ଦିନ ଗାଁର ଦେହେରୀ ପହଁଟିଆନୁ ଗଧାବୁଢ଼ା କରି ଘର ଘର ବୁଲି ଗ୍ରାମଦେବତୀର ଲାଗି ପୂଜା ଖଁଜା ମାଗ୍‌ସି। ଇ ଦିନ୍ ଗାଁଗଁଲିରେ ସମକର ଘରେ ଜାତିର ଜାତିର ପିଠାପନା, ଖିରୀ, ପୁରୀ ହେସି। ସେନ୍‌ତା ପିଲାନୁ ବୁଢ଼ା ତକ୍ ମିଶି ଦଲ୍ ଦଲ୍ ହେଇ ଗାଁମାନକେ ଛେର୍‌ଛେରା ମାଗବାର ବି ଗୁଟେ ରିକ୍‌ମା କେନ୍ ଯୁଗୁ ଚଲି ଆସୁଛେ। ସେମାନେ ଘର ଘର ବୁଲି ଛେର୍ ଛେରା ମାଗ୍‌ସନ୍, ତାହାକୁ ଘର ମାଲ୍‌କେନ୍ ପିଠାପନା, ଚାଉଲ୍ ଦେସନ୍। ଇ ଛେର୍ ଛେରାଟା ପୁନିର ଦିନାକେତେ ଆଗରୁ ବି ମଗାଯାଏସି। ହେଲେ ଆଏଜ୍‌କାଲି ଇ ରିକ୍‌ମା କାଁଭାଁ ଗାଁଗଁଡ଼ା, ସହରମାନକେ ଦେଖିବାକେ ମିଲୁଛେ। ଆଏଜ୍‌କାଲି ତ ଚାଷ୍‌ବାସ ମୁନୁଷ୍ ଜାଗାରେ ମେଶିନ କରୁଛେ। ଗାଁଗଁଡ଼ା ଗଈଗରୁ ଶୂଇନ୍ ହେବାକେ ବସଲାନ, ଗାଈ ଚରିହାର ଦରକାର ନାଇଁ ପଡ଼ବାର। ଧାନ୍ ଖେତୁ ମେଶିନ୍‌ରେ ଅମଲ ହେଉଛେ ଆର ସାହୁକାର ସିଧା ଖେତୁ ଧାନ ବିକୁଛେ। ଯେନ୍‌ଥିରଲାଗି ଦିନୁ ଦିନ୍‌କେ ଇ ପୁଷ୍‌ପୁନିର ମହକ୍ ହଜି ହଜି ଯାଉଛେ।



ଛେର୍ ଛେରା ଲାଗି ବୌଦ୍ଧ ଜିଲା ବନ୍ଧାପଥର ଗାଁର କଳାକାର ମାର୍କଣ୍ଡ ବନିଛୋର ଆର ଦେବରାଜ ବେହେରା ରେଢ଼ାଖୋଲରେ କଳା ପଦରଶନ କରୁଛନ୍।



୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମଣିଷ ସମାଜକୁ ବାନ୍ଧି ରଖେ ହାସ୍ୟ ସାହିତ୍ୟ

**ରାଉରକେଲା ଅଫିସ,୧୪।୧**-ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସ୍ୱସ୍ତି ସାହିତ୍ୟ ପକ୍ଷରୁ ଏକ ସାନ୍ଧ୍ୟ ଆସର ଗୋପୀନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଛେଣ୍ଡଠାରେ ଥିବା ହୃଷୀକେଶ ରାୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ନୃସିଂହ ବିଶ୍ୱାଳ ଯୋଗଦେଇ ବ୍ୟଙ୍ଗ ସାହିତ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ କହିଥିଲେ ମଣିଷ ସମାଜକୁ ସମାନତା ଓ ଭଲ ପାଇବାର ରଜ୍ଜୁରେ ବାନ୍ଧି ରଖିବା ପାଇଁ ବ୍ୟଙ୍ଗ ସାହିତ୍ୟର ବିଶେଷ ଅବଦାନ ରହିଛି। ସମାଜରୁ ଅନୀତି, ଦୁର୍ନୀତୀ ଓ ଭ୍ରଷ୍ଟାଚାର ହଟାଇବାରେ ହାସ୍ୟ ତଥା ବ୍ୟଙ୍ଗ ସାହିତ୍ୟ ଭୂମିକାକୁ ଅସ୍ୱୀକାର କରାଯାଇ ପାରିବନି। କବି ଯଦୁମଣିଙ୍କଠାରୁ ଆରମ୍ଭ କରି ବ୍ରଜନାଥ ବଡଜେନା, ଫକୀରମୋହନ ସେନାପତି, ଫଟୁରାନନ୍ଦ ଓ ରାଧୁ ମିଶ୍ର ପ୍ରମୁଖ ବ୍ୟଙ୍ଗ ସାହିତ୍ୟକାରଙ୍କ ସମ୍ପର୍କରେ ଏହି ଅବସରରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସୁନୀଲ ମହାନ୍ତି ଓ ଅଧାପିକା ପ୍ରଣତୀ ବେହେରା ଗଳ୍ପ ପାଠ କରିଥିବା ବେଳେ ପାଠକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ ରାଜକୁମାର ମହାନ୍ତି । ସେହିପରି କାର୍ଯ୍ୟକ୍ରମର ୩ୟ ପର୍ଯ୍ୟାୟରେ କବିତା ପାଠ କରିଥିଲେ କବି ତ୍ରିନାଥ ସିଂ, ଅଧାପକ ବିଜୟ ରାୟ, ପି.କେ. ରାୟ, କୁଞ୍ଜବିହାରୀ ରାଉତ, ମୀନକେତନ ପଶାୟତ ଓ ହରିହର ଶତପଥୀ। ଏହାକୁ ସଂଯୋଜନା କରିଥିଲେ ଅଙ୍ଗୁରବାଳା ପରିଡ଼ା। ଧନ୍ୟବାଦ ଅର୍ପଣ କରିଥିଲେ କିଶୋରୀମୋହନ କର। ଏଥିରେ ଅନୁଷ୍ଠାନ ସାଧାରଣ ସମ୍ପାଦକ ରାଜୀବ ପାଣି, ଅଶୋକ ରାଉତ, ସୁଶାନ୍ତ ନାୟକ ଓ ରୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଏଜାଜ ଅହମ୍ମଦ

**ରାଉରକେଲା ଅଫିସ,୧୪। ୧**-ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ରୂପେ ଏଜାଜ ଅହମ୍ମଦଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ମୁଖପାତ୍ର ପ୍ରେମଲାଲ ନାଗ କହିଛନ୍ତି। ରାଜ୍ୟ ପିସିସି ସଭାପତି ନୀରଞ୍ଜନ ପଟ୍ଟନାୟକ ଓ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ସେଲ ସଭାପତି ସାହାନାୱାଜ ହୁସେନଙ୍କ ଅନୁମୋଦକ କ୍ରମେ ଏଜାଜଙ୍କୁ ଏହି ପଦ ପ୍ରଦାନ କରାଯାଇଛି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ଜିଲାରେ ସଂଖ୍ୟାଲଘୁ ସଙ୍ଗଠନ ସମୃଦ୍ଧ ହେବ ବୋଲି ଆଶା ବ୍ୟକ୍ତ କରାଯାଇଛି।

### ନିଆଁରେ ପୋଡି ଯୁବତୀ ଗୁରୁତର

ଭବାନୀପାଟଣା,୧୪।୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଦେଶୀପଡାର ଅସୀମା ବେଗମ (୧୮) ରୋଷେଇ କରୁଥିବାବେଳେ ଓଢ଼ଣିରେ ନିଆଁ ଲାଗି ଯିବାରୁ ସେ ପୋଡି ଗୁରୁତର ହୋଇଛନ୍ତି। ଘରେ କେହି ନ ଥିବା ବେଳେ ଏହି ଘଟଣା ଘଟିଛି । ଅସୀମାଙ୍କ ମା' ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ତାଙ୍କ ଶରୀରର ୯୦ % ପୋଡି ଯାଇଛି ।

■ ସେକ୍ଟର-୨ ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାଶ, ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ

# ଟଙ୍କା ଫେରସ୍ତ ପାଇଁ ଘଟିଥିଲା ହତ୍ୟାକାଣ୍ଡ



ଖବରଦାତା ସମ୍ମିଳନୀରେ ପୋଲିସ ସହ ଅଭିଯୁକ୍ତମାନେ।

**ରାଉରକେଲା ଅଫିସ,୧୪।୧**

ରାଉରକେଲା ସେକ୍ଟର-୨ ଗୁଳିକାଣ୍ଡ ଘଟଣାର ସୋମବାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଛେଣ୍ଡ କଲୋନୀର ସୁଶାନ୍ତ ସିଂ(୨୮), ସେକ୍ଟର-୧୫ର ଅଜୟ ନାୟକ(୨୮) ସେକ୍ଟର-୧୯ର ଜଗନ୍ନାଥ ନାୟକ(୧୯) ଓ ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର କାହ୍ନୁ ନାୟକ(୩୨)। ଏନେଇ ସେକ୍ଟର-୩ ପୋଲିସ ଥାନାରେ ବରିଷ୍ଠ ପୋଲିସ ଅଧିକାରୀ ପି.କେ.ମିଶ୍ର ସବିଶେଷ ସୂଚନା ପ୍ରଦାନ କରିଛନ୍ତି।

ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ମିଶ୍ର କହିଛନ୍ତି, ସେକ୍ଟର-୨ରେ ସପରିବାର ରୁହନ୍ତି ଆରଏସ୍‌ପି କର୍ମଚାରୀ ନୃସିଂହ ସାହୁ(୫୦)। ସେ ଛେଣ୍ଡ କଲୋନୀ ବାସିନ୍ଦା ଅବସରପ୍ରାପ୍ତ ଆରଏସ୍‌ପି କର୍ମଚାରୀ ସୁନ୍ଦରଲାଲ ସିଂଙ୍କୁ ସେକ୍ଟର ଅଞ୍ଚଳରେ ଏକ ଆରଏସ୍‌ପି କ୍ୱାର୍ଟର୍ସ ଯୋଗାଇ ଦେଇଥିଲେ। ମଧ୍ୟସ୍ଥତା ବାବଦରେ ସିଂ ତାଙ୍କୁ ଦେଢ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସୁନ୍ଦରଲାଲଙ୍କୁ ନୃସିଂହ ଯେଉଁ ଘର ଯୋଗାଇ ଦେଇଥିଲେ ତାହା ଥିଲା ବିବାଦୀୟ କ୍ୱାର୍ଟର୍ସ। ଯେତେବେଳେ ସିଂ ଏହି ଘର ନିଜ ଦଖଲକୁ ନେବାକୁ ଚାହିଁଥିଲେ ସେତେବେଳେ ଅନ୍ୟ ଜଣେ ଦାବିଦାର ସାମ୍ନାକୁ ଆସିଥିଲେ। ଦାବିଦାର ଜଣକ କହିଥିଲେ ଏ ଘର ମୋର, କିଏ ତୁମକୁ ବିକିଲେ। ଏ କଥା ଜଣାପଡିବା ପରେ ସିଂ ଓ ନୃସିଂହଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ନୃସିଂହ ନିଜ ଶ୍ୱଶୁରଙ୍କ ସହାୟତାରେ ଏହି ଘର ଯୋଗାଡ କରିଥିଲେ। ଯାହାକୁ ନେଇ ପରବର୍ତ୍ତୀ ସମୟରେ ବିବାଦ ତୀବ୍ର ହୋଇଥିଲା। ସିଂ ଅର୍ଥ ପୈଠ ସତ୍ତ୍ୱେ ଘର ପାଇ ପାରି ନ ଥିଲେ, ଯେଉଁ କାରଣରୁ ପରବର୍ତ୍ତୀ ଅବସ୍ଥାରେ ବିବାଦ ବଢ଼ିଥିଲା। ସମ୍ମାନ ଦୃଷ୍ଟିରୁ ଶ୍ୱଶୁରଙ୍କୁ ନୃସିଂହ କିଛି କହି ପାରୁ ନ ଥିଲେ କି ସିଂଙ୍କଠାରୁ ନେଇଥିବା ଟଙ୍କା ଫେରାଇ ପାରୁ ନ ଥିଲେ। ଆଜି ଟଙ୍କା ଫେରସ୍ତ କରିବି, କାଲି ଟଙ୍କା ଦେବି କହି ସିଂଙ୍କ ପୁଅ ସୁଶାନ୍ତଙ୍କୁ ନୃସିଂହ ନିରାଶ କରୁଥିଲେ। ଏଥିରେ ଅତିଷ୍ଠ ହେବାପରେ ସୁଶାନ୍ତ ନୃସିଂହଙ୍କୁ ଗତ ମାସ ୨୭ ତାରିଖ ସନ୍ଧ୍ୟାରେ ଗୁଳିମାରି ତାଙ୍କ କ୍ୱାର୍ଟର୍ସ ଭିତରେ ହତ୍ୟା କରିଥିଲେ। ତାଙ୍କୁ ଅଜୟ ନାୟକ ନାମକ ଜଣେ ବ୍ୟକ୍ତି ପିସ୍ତଲ ଯୋଗାଇ ଦେଇଥିଲେ । ଜଗନ୍ନାଥ ଏହି ଘଟଣାରେ ସୁଶାନ୍ତଙ୍କୁ ସହାୟତା କରି ତାଙ୍କ ଘର ପାଖରେ ଜଗି ରହିଥିଲେ। ଏହି ଘଟଣା ପରେ ଅଭିଯୁକ୍ତମାନେ ଗଞ୍ଜାମ ଜିଲା ବୁଗୁଡାକୁ ଯାଇ କାହ୍ନୁଙ୍କ ଘରେ ଲୁଚି ରହିଥିଲେ ବୋଲି ମିଶ୍ର କହିଥିଲେ। ଆୟୋଜିତ ଖବରଦାତା ସମ୍ମିଳନୀରେ ସେକ୍ଟର-୩ ଥାନାଧିକାରୀ ଉପସ୍ଥିତ ଥିଲେ।



ଫକୀର ମୋହନଙ୍କ ଜୟନ୍ତୀ ସଭାରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

## ବ୍ଲକ କଂଗ୍ରେସ ପକ୍ଷରୁ ବ୍ୟାସକବି ଜୟନ୍ତୀ

**ରାଉରକେଲା ଅଫିସ,୧୪।୧**

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ବ୍ଲକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେକ୍ଟର-୭ ଠାରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଜିଲା ସଭାପତି ରବି ରାୟ ମାଲ୍ୟାର୍ପଣ କରିଥିଲେ। ୭ନଂ. ବ୍ଲକ କଂଗ୍ରେସ ସଭାପତି ଗିରିଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟ କହିଲେ ଫକୀର ମୋହନ ଓଡିଆ ଭାଷା ସାହିତ୍ୟର ଜଣେ ଅଗ୍ରଗାମୀ ଯୁଗ ପୁରୁଷ ରୂପେ ଚିର ବନ୍ଦନୀୟ ହୋଇ ରହିବେ। ତାଙ୍କ ଉଦ୍ୟମରେ ଓଡିଆ ଭାଷା ସମୃଦ୍ଧ ହେବା ସହ ପ୍ରଥମ ଛାପାଖାନା ପ୍ରତିଷ୍ଠା ସମ୍ଭବ ହୋଇପାରିଥିଲା। ସମ୍ମାନିତ ଅତିଥି ଆଇନଜୀବୀ ବିସ୍ମୟ ଦାସ କହିଥିଲେ ବ୍ୟାସକବି ହେଉଛନ୍ତି ବାସ୍ତବରେ ସଂକ୍ରାନ୍ତି ପୁରୁଷ। ତାଙ୍କ ଜନ୍ମ ଓ ମୃତ୍ୟୁ ଉଭୟ ସଂକ୍ରାନ୍ତି ତିଥିରେ ହୋଇଥିଲା। ତାଙ୍କ ପରି ଜଣେ ପୁଣ୍ୟାତ୍ମାଙ୍କ ଅବଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ। ଉକ୍ତ ସଭାରେ ରବିନ୍ଦ୍ର ଭଞ୍ଜ, ବାସୁ ବାନାର୍ଜୀ, ଅପୁ ନାୟକ, ଗୋପାଳ ଦାସ, ଡେଭିଡ ରାଓ, ପ୍ରେମଲାଲ ନାଗ, ଶ୍ରୀବସ୍ତ ମଲ୍ଲିକ, ଗୌରହରି ମହାରଣା, ଦିଲୀପ ମୁଖୀ, ମହେଶ୍ୱର ବାଗ, ଗୋପୀନାଥ ପ୍ରଧାନ ଓ ଆକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଫକୀର ମୋହନ ଜୟନ୍ତୀ ପାଳିତ

## ବ୍ୟାସକବିଙ୍କ ରଚନା ନିରାଶ୍ରୟଙ୍କୁ ବଞ୍ଚିବାର ରାହା ଦେଖାଇଥିଲା

**ରାଉରକେଲା ଅଫିସ,୧୪।୧**

ସେକ୍ଟର-୭ ସମାଜ ମଙ୍ଗଳ କାର୍ଯ୍ୟାଳୟ ପରିସରରେ ସୋମବାର ଏଆଇଡିଏସ୍‌ଓ, ଏମ୍‌ଏସ୍‌ଏସ୍, ଡିୱାଇଓଏ ଓ ସେକ୍ଟର- ୭ କମ୍ୟୁନିଟି ସେଣ୍ଟର ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଡିୱାଇଓ ଉପସଭାପତି ଧୋବେଇ ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଙ୍ଗଠନ କର୍ମକର୍ତ୍ତା ବାଦଲ ମହାନ୍ତି, ଶେଖ ଇସଲାମ, ପ୍ରମିଳା ବେହେରା, କେ.କେ. ରାଉତ ଓ ପ୍ରମୋଦ ବୋଇତି ପ୍ରମୁଖ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯିବା ପରେ ଡିଏସ୍‌ଓ ସିଟି କମିଟି ସଭାପତି ସଂଗ୍ରାମ ପରିଡ଼ା, ଡିୱାଇଓ ପକ୍ଷରୁ ଗଣେଶ ବେହେରା ଓ ଏମ୍‌ଏସ୍‌ଏସ୍ ପକ୍ଷରୁ ପ୍ରତିଭା ଦଣ୍ଡପାଟ ଓ କମ୍ୟୁନିଟି ସେଣ୍ଟର ପକ୍ଷରୁ ଜଗବନ୍ଧୁ ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଫକୀର ମୋହନଙ୍କ ସଂଘର୍ଷମୟ ଜୀବନ, ସାହିତ୍ୟ ସାଧନା, ସାମାଜିକ ସଂସ୍କାର, ଅନ୍ଧବିଶ୍ୱାସ ଦୂରୀକରଣ ଉପରେ ଆଲୋକପାତ କରିଥିଲେ। ଫକୀର ମୋହନଙ୍କ ଲେଖନୀ କିପରି ତତ୍କାଳୀନ ସମାଜରେ ଦୁଃସ୍ଥ ତଥା ନିରାଶ୍ରୟ ମଣିଷଙ୍କୁ ବଞ୍ଚିବାର ରାହା ଦେଖାଇଥିଲା ସେନେଇ ଆଲୋଚନା କରିଥିଲେ। ମୁଖ୍ୟଅତିଥି ସାମାଜିକ କର୍ମୀ ଗଗନ ବିହାରୀ ଧଳ, ମୁଖ୍ୟ ବକ୍ତା ଡିୱାଇଓ ଜିଲା କମିଟି ସଭାପତି ବିଷ୍ଣୁ ପଣ୍ଡା ତାଙ୍କ ବକ୍ତବ୍ୟ ରଖି ଫକୀର ମୋହନଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ତାଙ୍କ ରଚନାତ୍ମକ ଦିଗ ଓ ଏହାର ପ୍ରଭାବ ଉପରେ ମଞ୍ଚାସୀନ ଅତିଥିମାନେ ଆଲୋଚନା କରିଥିଲେ। ଶେଷରେ ସଂଗ୍ରାମ ପରିଡାଙ୍କ ନିର୍ଦ୍ଦେଶନାରେ ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା।




ସେକ୍ଟର-୭ ସମାଜ ମଙ୍ଗଳ କାର୍ଯ୍ୟାଳୟରେ ଆୟୋଜିତ ବ୍ୟାସକବିଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।



ବିଜୁ ଯୁବବାହୀନୀ ପକ୍ଷରୁ ଖେଳ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବିଜୁ ଯୁବବାହିନୀ ପକ୍ଷରୁ ଖେଳ ଉପକରଣ ବଣ୍ଟନ

### କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଆଗ୍ରହ ରହିଛି

**ରାଉରକେଲା ଅଫିସ,୧୪। ୧**

ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ଅନ୍ତର୍ଗତ ୱାର୍ଡସ୍ତରୀୟ ଖେଳ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଉଦିତନଗରଠାରେ ଥିବା ସିଟି ଲାଇବ୍ରେରୀ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ମହିଳା କ୍ରୀଡାବିତ୍ ମିନତୀ ମହାପାତ୍ର, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ଓ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ଆରଏମ୍‌ସି ଡେପୁଟି କମିଶନର ସୁଷମା ବିଲୁଙ୍ଗ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାନଗର ନିଗମର ୪୦ ୱାର୍ଡରେ ଗଠନ କରାଯାଇଥିବା ବିଜୁ ଯୁବବାହିନୀ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଏହି ଅବସରରେ ଅତିଥିମାନେ କହିଲେ ଖେଳ ଓ ଖେଳାଳିଙ୍କ ସର୍ବାଙ୍ଗୀନ ବିକାଶ ନେଇ ରାଜ୍ୟ ସରକାରଙ୍କ ଆଗ୍ରହ ରହିଛି। ଏନେଇ ବିଭିନ୍ନ ସ୍ଥାନରେ ଖେଳ ପଡ଼ିଆ ଓ କ୍ରୀଡା ଉପକରଣ ଉପଲବ୍ଧ କରାଯାଉଛି। ଆରଏମ୍‌ସି ପ୍ରତି ୱାର୍ଡର ଯୁବ ଖେଳାଳିଙ୍କ ଉନ୍ନତି ନିମନ୍ତେ ଉଦ୍ୟମ ଆରମ୍ଭ କରାଯାଇଛି। ଏନେଇ ବିଜୁ ଯୁବବାହିନୀ କର୍ମକର୍ତ୍ତା ସତର୍କ ପ୍ରହରୀ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। କ୍ରୀଡାକୁ ନେଇ ଓଡିଶା ଆଜି ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରଛି। ଆଗାମୀ ଦିନରେ ଗାଁରୁ ନେଇ ସହର ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳରେ କ୍ରୀଡାର ବିକାଶ ପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି ବୋଲି ମଞ୍ଚାସୀନ ଅତିଥି କହିଥିଲେ। ଏଭଳି ଏକ ଅନୁକୂଳ ପରିସ୍ଥିତିରେ ଓଡିଶାର କ୍ରୀଡ଼ାବିତ୍ ନିଶ୍ଚିତ ଭାବେ ଅନନ୍ୟ ଦକ୍ଷତା ପ୍ରତିପାଦନ କରିବେ ବୋଲି ଏଥିରେ ଆଶା ବ୍ୟକ୍ତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ଭାଗରେ ସମସ୍ତ ୱାର୍ଡକୁ ୫୦ ହଜାର ମୂଲ୍ୟର ବିଭିନ୍ନ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିରେ ବିଜୁ ଯୁବବାହିନୀ ସଂଯୋଜକ ବିକ୍ରମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରୋଗ୍ରାମ ଅଫିସର ଅଭିଷେକ ମିଶ୍ର, ସ୍ୱରାଜଗୌରବ ପରିଡା, ପ୍ରତିମା ସୋରେଙ୍ଗ ଓ ଜଗଦୀଶ ପାଲବାବୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଲାଡ୍‌ଲି ପରୀ ପକ୍ଷରୁ ଗ୍ରାଣ୍ଡ ଫିନାଲେ

# ମୁକୁଟ ପିନ୍ଧିଲେ ସୃଷ୍ଟି, ଈପ୍ସିତା



ଲାଡ୍‌ଲୀ ପରୀର ଗ୍ରାଣ୍ଡ ଫିନାଲେକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା ଅଫିସ,୧୪।୧**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିଷ୍ଠା ପକ୍ଷରୁ ରବିବାର ସନ୍ଧ୍ୟାରେ ସେକ୍ଟର-୧୯ ଭଞ୍ଜଭବନଠାରେ ଲାଡ୍‌ଲି ପରୀର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୧୬ରେ ଅନୁଷ୍ଠାନର ମେଗା ଅଡିଶନ ମାଧ୍ୟମରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ୨୫ ଫାଇନାଲିଷ୍ଟଙ୍କୁ ଗ୍ରାଣ୍ଡ ଫିନାଲେକୁ ଉନ୍ନୀତ କରାଯାଇଥିଲା। ପରବର୍ତ୍ତୀ ଚୟନ ପ୍ରକ୍ରିୟାରେ ଶ୍ରେଷ୍ଠ ୧୫ଜଣଙ୍କୁ ଏହି କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରାଯାଇଥିଲା। ଏପରି ଅବସ୍ଥାରେ ସମସ୍ତଙ୍କୁ ପଛରେ ପକାଇ ଲାଡ୍‌ଲି ପରୀ ମୁକୁଟି ପିନ୍ଧିଥିଲେ ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରୀ ସୃଷ୍ଟି ସୁଚରିତା ଓ ଈପ୍ସିତା ନନ୍ଦ। ଅନ୍ୟମାନଙ୍କ ମଧ୍ୟରେ ସୁଚରିତା ପଟ୍ଟନାୟକଙ୍କୁ ଲାଡ୍‌ଲି ପ୍ରତିଭା, ଶ୍ରୀକ୍ଷା ଶ୍ରୀରଞ୍ଜନ ପାଢୀଙ୍କୁ ଲାଡ୍‌ଲି ପର୍ସନାଲିଟି, ସାଧନା ଘୋଷଙ୍କୁ ଲାଡ୍‌ଲି ଉଦ୍‌ଘୋଷିକା, ଆଦ୍ୟାଶା ଦାସଙ୍କୁ ଲାଡ୍‌ଲି ଅଭିନେତ୍ରୀ, ସୌମ୍ୟଶ୍ରୀ ମହାପାତ୍ରଙ୍କୁ ଲାଡ୍‌ଲି ଫଟୋଜେନିକ, ଚର୍ଚ୍ଚିତା ଗୁପ୍ତାଙ୍କୁ ଲାଡ୍‌ଲି ଡିମ୍ପଲ, ପାୟଲ ଦାସଙ୍କୁ ଲାଡ୍‌ଲି ସୁକେଶୀ, ଅନୁଶ୍ରୁତି ନାୟକଙ୍କୁ ଲାଡ୍‌ଲି ମୟୂରୀ, ଇଭା ତ୍ରିପାଠୀଙ୍କୁ ଲାଡ୍‌ଲି ସୁନୈୟନୀ, ଅର୍ପିତା ବାରିକଙ୍କୁ ଲାଡ୍‌ଲି ବୁଲବୁଲ, ଆୟୁଷି ବସ୍ତିଆଙ୍କୁ ଲାଡ୍‌ଲି ପରିଧାନ ଓ ଆହିଲି ସିଂଙ୍କୁ ଲାଡ୍‌ଲି କ୍ୟାଟୱାକ ପୁରସ୍କାର ତଥା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ବିଜୟୀ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ସଭାପତି ଗୌରାଙ୍ଗ ପରିଜା, ସୁଶାନ୍ତ ମହାନ୍ତି, ପ୍ରଶାନ୍ତ ଦାସ, ବିଶ୍ୱରଞ୍ଜନ ସାମଲ, ପ୍ରଭାତ ଜେନା, ଧନଞ୍ଜୟ ଦଣ୍ଡପାଟ ଓ ସଞ୍ଜୟ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

■ ବସ୍ତି ସୁରକ୍ଷା ସମିତି ପକ୍ଷରୁ ସଚେତନତା

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ରାଉରକେଲା ଅଫିସ,୧୪।୧**

ପବିତ୍ର ମକର ସଂକ୍ରାନ୍ତି ଅବସରରେ ରାଉରକେଲା ବସ୍ତି ସୁରକ୍ଷା ସମିତି ପକ୍ଷରୁ ଜଗଦା ଟୁଙ୍ଗୁରିଟୋଲିଠାରେ ଥିବା ଜାଗୃତି କ୍ଲବ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବୀରେନ ସେନାପତି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମିତିର କର୍ମକର୍ତ୍ତା କୈଳାସ ସାହୁ, ରଘୁବୀର ସିଂ, ସିଦ୍ଧେଶ୍ୱର ମଲ୍ଲିକ, ବିଶ୍ୱଜିତ୍ ସାହୁ, ଅଶୋକ କାଣ୍ଡୁଲିନା, ବିଳାସ ଟପ୍ପୋ ଓ ଶ୍ୟାମସୁନ୍ଦର ସାଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନେଇ ଆଲୋଚନା କରାଯାଇଥିଲା। ଏହାର ସୁଫଳ ଲୋକେ ପାଉଛନ୍ତି ନା ନାହିଁ ତାହା ଜାଣିବାକୁ ଉପସ୍ଥିତ ନେତୃମଣ୍ଡଳୀ ଆଗ୍ରହ ପ୍ରକାଶ କରିଥିଲେ। ଏନେଇ ସରକାର ତଥା ସରକାରୀ କର୍ମଚାରୀଙ୍କ ଅବହେଳା ଅନ୍ତରାୟ ସାଜିଥିବା ବେଳେ ବହୁ ହିତାଧିକାରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକେ ସରକାରଙ୍କ ଯୋଜନା ସହ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସଚେତନ ହେଲେ ସମସ୍ୟା ଲାଘବ ହେବ ବୋଲି ସଭାପତି ସେନାପତି କହିଥିଲେ। ବସ୍ତି ପିଲାଙ୍କ ଶିକ୍ଷା, ନିଶା ନିବାରଣ, ଖାଦ୍ୟ ସୁରକ୍ଷା ଯୋଜନାର ସଫଳତା, ବ୍ୟକ୍ତିଗତ ଶୌଚାଳୟ, ପରିବେଶ ସୁରକ୍ଷା, ମହିଳାଙ୍କ ଅଧିକାର ପ୍ରତି ସଚେତନ ହେବାକୁ ଏହି ଅବସରର ଆହ୍ୱାନ ଦିଆଯାଇଥିଲା। ବସ୍ତି ସୁରକ୍ଷା ସମିତି ଏ ଦିଗରେ ଅଧିକ ପଦକ୍ଷେପ ନେବାକୁ ସେନାପତି ପରାମର୍ଶ ଦେଇଥିଲେ। ଏହି ଅବସରରେ ୭୫ଜଣ ଅସହାୟ ମହିଳାଙ୍କୁ କମ୍ବଳ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଯୁବନେତା କୈଳାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ସଚେତନତା ସଭାରେ ଯୋଗଦେଇଥିବା ବସ୍ତି ବାସିନ୍ଦା ଓ ଅତିଥିମାନେ।



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ପାମରା ଗ୍ରାମରେ ଯାଦବ ସମାଜର ସଭା

ବଡ଼ଗାଁ,୧୪।୧(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ଖୃର ମଗଧା ଗୌଡ଼ (ଯାଦବ) ସମାଜର ପ୍ରଥମ ବାର୍ଷିକ ସଭା ଅନାତନ ଭୈସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସଭାରେ ଯାଦବ ସମାଜର ସକ୍ରିୟ ସଦସ୍ୟମାନେ ନିଶା ନିବାରଣ, ଶିକ୍ଷା, ସଂସ୍କାର ଉପରେ ଆଲୋଚନା କରିଥିଲେ। ବାବୁଲି କର୍ସେଲ ମଞ୍ଚ ପରିଚାଳନା କରିଥିବାବେଳେ ରବିନାରାୟଣ ଗହିର ଧନ୍ୟବାଦ ଅର୍ପଣ କରିଥିଲେ।

### ପିଡିଏସ୍ ଚାଉଳ ନିଅଣ୍ଟ, ଫେରିଲେ ହିତାଧିକାରୀ

ଲେଫ୍ରିପଡା,୧୪।୧(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଅଲାପକା ପଞ୍ଚାୟତ ଏକ ଆଦିବାସୀ ଅଧୁଷିତ ତଥା ଉପାନ୍ତ ଅଞ୍ଚଳ ଭାବେ ପରିଚିତ। ତେବେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହି ପଞ୍ଚାୟତକୁ ଯୋଗାଇ ଦିଆଯାଉଥିବା ଚାଉଳ ପ୍ରତିମାସରେ ନିଅଣ୍ଟ ପଡୁଛି। ସୋମବାର ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଚାଉଳ ବଣ୍ଟନ କରାଯାଇଥିଲା। ହେଲେ ଚାଉଳ ନିଅଣ୍ଟ ହେବାରୁ ହିତାଧିକାରୀ ନିରାଶରେ ଫେରିଥିବା ଅଭିଯୋଗ ହୋଇଛି। ଚାଉଳ ନିଅଣ୍ଟ ଯୋଗୁ ଗତ ମାସରେ ମଧ୍ୟ ୭୦ ହିତାଧିକାରୀ ଚାଉଳ ପାଇପାରି ନ ଥିଲେ। ଚାଉଳ ନିଅଣ୍ଟ ନେଇ ଲେଫ୍ରିପଡ଼ା ବିଡିଓ ପଲ୍ଲବୀରାଣୀ ରାଜଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ବିଷୟରେ ମୁଁ ଅବଗତ ଅଛି। ଏହାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ରାଜ କହିଛନ୍ତି।

### ଇବ୍‌ନଗରରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ସୁନ୍ଦରଗଡ଼,୧୪।୧(ଡି.ଏନ୍.ଏ.)- ଇବ୍‌ନଗରଠାରେ ଦ୍ୱିଦିବସୀୟ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ରବିବାର ସ୍ଥାନୀୟ ମହିଳାଙ୍କ ଦ୍ୱାରା ବିରାଟ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମହିଳାମାନେ ଇବ୍‌ନଦୀର ପବିତ୍ର ଜଳ ଆଣି ସ୍ଥାପନ କରିବା ପରେ ମହାଯଜ୍ଞ ଶୁଭାରମ୍ଭ ହୋଇଥିଲା। ସୋମବାର ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ହରିଦ୍ୱାର ଗାୟତ୍ରୀ ମହାକୁଞ୍ଜରୁ ଆସିଥିବା ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମ୍ପାଦିତ ହୋଇଥିଲା। ଇବ୍‌ନଗର ଗାୟତ୍ରୀ ପରିବାରର ବାଲ୍ମିକୀ ନାଏକ, ସ୍ନେହଲତା ପଟେଲ, ଦିଲୀପ ପଟେଲ, ଦୁର୍ଯ୍ୟୋଧନ ମହାପାତ୍ର, ତାରାଚାନ୍ଦ ପଟେଲ, ପ୍ରଦୀପ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ଣ୍ଣାହୁତି ପରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ମହେଶଡିହିରେ ମକରଯାତ୍ରା, ହରିହର ଭେଟ

ସୁନ୍ଦରଗଡ଼,୧୪।୧(ଡି.ଏନ୍.ଏ.)

ସୋମବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଦେବାଳୟ ବିଶେଷକରି ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ନିଜ ପରିବାର ତଥା ବିଶ୍ୱର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥିଲେ। ସୁନ୍ଦରଗଡ଼ ସହରରେ ଥିବା ମହାଦେବପଡ଼ାର ବାବା ଚନ୍ଦ୍ରଶେଖର, ଇବନଗର ନୀଳକଣ୍ଠେଶ୍ୱର, ମହାନ୍ତିପଡ଼ା, ପତ୍ରାପଡ଼ା ଆଦି ଶିବ ମନ୍ଦିର ସମେତ ସଦର ବ୍ଲକର ମେଢ଼ାସ୍ଥିତ ମେଢ଼େଶ୍ୱର, ଗୁରାବସା ଓ ଟାଙ୍ଗରପାଲି ବ୍ଲକ ବେଲସରାସ୍ଥିତ ବାବା ସ୍ୱପ୍ନେଶ୍ୱର ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏନେଇ ମନ୍ଦିର ନିକଟରେ ସ୍ୱତନ୍ତ୍ର ମେଳା ଆୟୋଜନ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ ମହେଶଡିହିଠାରେ ମକରଯାତ୍ରା ମହାସମାରୋହରେ ପାଳିତ ହୋଇଛି। ହରି ଓ ହରଙ୍କୁ ରଥାରୂଢ଼ କରାଯିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ପରେ ମହେଶଡିହି ପୂଜାମଣ୍ଡପରେ ହରିହର ଭେଟ କାର୍ଯ୍ୟକ୍ରମ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମହେଶଡିହିର ଗୌନ୍ତିଆ ପଦ୍ମଲୋଚନ ପଟେଲ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମହେଶଡିହି ଜଗନ୍ନାଥ ମନ୍ଦିର ପୂଜକ ସ୍ୱରୂପ ଠାକୁର ଓ ନିରଞ୍ଜନ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ରଥ ଉପରୁ ଶ୍ରଦ୍ଧାଳୁଙ୍କ ପାଇଁ ରାଶିଲଡୁ, ମୁଆଁ ଭୋଗ ପିଙ୍ଗା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ମଣ୍ଡପ ଉପରେ ହରିହରଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଏଠାରେ ବହୁ ସଂଖ୍ୟାରେ ଦୋକାନ ବଜାର ବସିଥିଲା। ପାରମ୍ପରିକ ପ୍ରଣାଳୀରେ ପ୍ରସ୍ତୁତ ମିଠା ସାମଗ୍ରୀ କିଣିବା ପାଇଁ ଲୋକଙ୍କ ବେଶ୍ ଭିଡ଼ ଜମିଥିଲା। ସମସ୍ତଙ୍କୁ ମକର ଚାଉଳ ବଣ୍ଟନ କରାଯାଇଥିଲା।



ମହେଶଡିହିଠାରେ ଅନୁଷ୍ଠିତ ମକରଯାତ୍ରାରେ ହରିହରଙ୍କ ରଥକୁ ଶ୍ରଦ୍ଧାଳୁ ଟାଣି ନେଉଛନ୍ତି।



ଦେଓଧର ପର୍ଯ୍ୟଟନସ୍ଥଳୀରେ ଆୟୋଜିତ ମକର ଉତ୍ସବରେ ଉପସ୍ଥିତ ଅତିଥି ଓ ଶ୍ରଦ୍ଧାଳୁ।

# ଦେଓଧରରେ ମକର ଉତ୍ସବ

ଲହୁଣୀପଡ଼ା,୧୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜିଂ ପଞ୍ଚାୟତ ଦେଓଧର ପର୍ଯ୍ୟଟନସ୍ଥଳୀରେ ସୋମବାର ମକର ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ସାନ୍ତନୁ କୁସୁମ ଯୋଗଦେଇଥିଲେ। ବ୍ରାହ୍ମ ମୁହୂର୍ତ୍ତରେ ଶ୍ରଦ୍ଧାଳୁମାନେ ସଙ୍ଗମସ୍ଥଳରେ ବୁଡ଼ ପକାଇଥିଲେ। ପୂଜାର୍ଚ୍ଚନା କରାଯିବା ପରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁସୁମ ଯୋଗଦେଇ ମଣିଷ ଜୀବନରେ ଜଣେ ବନ୍ଧୁର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସମସ୍ତେ ଜଣେ ଜଣେ ମକର କରିବାକୁ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ ଦେଇଥିଲେ। ମମତାର ଡୋରିରେ ବାନ୍ଧି ହୋଇ ହିନ୍ଦୁ ଧର୍ମର ସୁରକ୍ଷା ଓ ଅଧିକାର ପାଇଁ କାର୍ଯ୍ୟ କରିବା ସହ ରାଷ୍ଟ୍ର ଜାଗରଣରେ ସହଭାଗୀ ହେବାକୁ ଶ୍ରଦ୍ଧାଳୁଙ୍କୁ ସେ ନିବେଦନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ଚୂଡ଼ାମଣି ମାହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

■ ଉର୍ମେଇ ଗ୍ରାମରେ ୫୦ ବର୍ଷର ପରମ୍ପରା

# ମକର ସଂକ୍ରାନ୍ତିରେ ରଥାରୂଢ଼ ହୁଅନ୍ତି ତିନି ଠାକୁର

ନୂଆଗାଁ,୧୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଉର୍ମେଇ ଗ୍ରାମରେ ଦୀର୍ଘ ୫୦ରୁ ଊର୍ଦ୍ଧ୍ୱ ବର୍ଷର ପରମ୍ପରା କ୍ରମେ ମକର ସଂକ୍ରାନ୍ତିରେ ଅନୁଷ୍ଠିତ ହୁଏ ରଥଯାତ୍ରା। ଶ୍ରୀଜଗନ୍ନାଥ ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ରଙ୍କୁ ଗୋଟିଏ ରଥରେ ଗ୍ରାମ ପରିକ୍ରମା କରାଯାଏ। ଶହ ଶହ ଭକ୍ତ ରଥରେ ଠାକୁରଙ୍କୁ ଦର୍ଶନ କରିଥାନ୍ତି। ଭଜନ, କୀର୍ତ୍ତନ ସହ ପାରମ୍ପରିକ ନୃତ୍ୟଗୀତରେ କମ୍ପି ଉଠିଥାଏ ଗ୍ରାମ। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏହି ଛୋଟ ଗାଁରେ ଦେଖିବାକୁ ମିଳିଥାଏ ପରସ୍ପର ମଧ୍ୟରେ ଭାଇଚାରା ଓ ଧାର୍ମିକ ଚିନ୍ତାଧାରାର ବାତାବରଣ। ଘରେ ଘରେ ପିଠାପଣାର ଆସର ଜମିଥାଏ। ସମସ୍ତେ ନୂଆବସ୍ତ୍ର ପିନ୍ଧି ଆନନ୍ଦ ଉଲ୍ଲାସରେ ଏହି ପର୍ବକୁ ପାଳନ କରିଥାନ୍ତି। ଚଳିତବର୍ଷ ମଧ୍ୟ ବହୁ ଆଡ଼ମ୍ବର ସହ ପାଳିତ ହୋଇଛି ମକର ପର୍ବ। ସୋମବାର ଅପରାହ୍ନ ୪ଟାରେ ଉର୍ମେଇ ଶିବ ମନ୍ଦିରରୁ ରଥ ଟଣାହୋଇ ଗ୍ରାମ ପରିକ୍ରମା କରାଯିବା ପରେ ରଥ ପୁଣି ମନ୍ଦିରକୁ ଅଣାଯାଇଥିଲା। ପରେ ଭଜନ କୀର୍ତ୍ତନ ଆୟୋଜନ କରାଯାଇଥିଲା।



ରଥରେ ଠାକୁରମାନଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ।



ଶ୍ରୀଜଗନ୍ନାଥଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

# ହରିଶଙ୍କର ପୀଠରେ ହରିହର ଭେଟ

ଲହୁଣୀପଡ଼ା,୧୪।୧(ଡି.ଏନ୍.ଏ.)

ଲହୁଣୀପଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ହରିଶଙ୍କର ମହାଦେବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୋମବାର ମକର ସଂକ୍ରାନ୍ତି ଉପଲକ୍ଷେ ମକର ପର୍ବ ଓ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଛି। ବିଧିମୁତାବକ ପୂଜାର୍ଚ୍ଚନା ପରେ ମନ୍ଦିରରୁ ହରିହରଙ୍କୁ ସୁସଜ୍ଜିତ ରଥରେ ବସାଇ ନଗର ପରିକ୍ରମା କରାଯାଇଥିଲା। ପ୍ରଭୁ ଜଗନ୍ନାଥଙ୍କ ରଥ ମନ୍ଦିରରୁ ବ୍ଲକ ଛକ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଆସିଥିବାବେଳେ ମହାଦେବଙ୍କ ରଥ ଲହୁଣୀପଡ଼ା ପର୍ଯ୍ୟନ୍ତ ଯାଇଥିଲା। ଉଭୟ ରଥ ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଜନ, କୀର୍ତ୍ତନ ଓ ବାଦ୍ୟର ତାଳେ ତାଳେ ନୃତ୍ୟ କରି ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ମନ୍ଦିର ପରିଚାଳନା କମିଟିର ରାଜନ ଜୟସ୍ୱାଲ, ଡିଲେଶ୍ୱର ବେହେରା, ଜଗଦୀଶ ଜୟସ୍ୱାଲ, ପ୍ରସନ୍ନ ମାହାନ୍ତ, ମନୋଜ ଜୟସ୍ୱାଲ, ନବାତୀ ମାହାନ୍ତ, ପୁଟେଲ ସା, ବିନୋଦ ସା, ତନୁ ମାହାନ୍ତ, ପରମା ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଁ ହିରୋ କାର୍ଯ୍ୟକ୍ରମ: ସୀମା କାଲୋ ସମ୍ବର୍ଦ୍ଧିତ



ସୀମା କାଲୋଙ୍କୁ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ସମ୍ବର୍ଦ୍ଧିତ କରୁଛନ୍ତି।

ବଡ଼ଗାଁ,୧୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ସୋମବାର ବଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଏଥିରେ ତହସିଲଦାର ସୋନାଲି ଚାନ୍ଦ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଲିମାରାଣୀ ଧମେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷା ମିଞ୍ଜ କହିଲେ, ହିରୋର ଅର୍ଥ ସାହସିକ କାର୍ଯ୍ୟ, ସେବା, ଅସହାୟଙ୍କୁ ସହାୟତା କରୁଥିବା ବ୍ୟକ୍ତିଙ୍କୁ ବୁଝାଏ। ହିରୋ ହେବା ଗୁଣ ସମସ୍ତଙ୍କ ମଧ୍ୟରେ ରହିଛି। ତାହାର ବିକାଶ କରିବାକୁ ପଡ଼ିବ। ଏ ଦିଗରେ ପିଲାମାନେ ଆଗ୍ରହୀ ହୋଇ ସହଯୋଗୀ ମନୋଭାବ ରଖିବାକୁ ମିଞ୍ଜ ପରାମର୍ଶ ଦେଇଥିଲେ। ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଅମିତ କୁମାର ଜେନା କହିଲେ, ସରକାରଙ୍କ ମୁଁ ହିରୋ କାର୍ଯ୍ୟକ୍ରମ ପ୍ରତିଭା ଚିହ୍ନଟ ଓ ଉତ୍ସାହିତ କରିବାର ଏକ ବଳିଷ୍ଠ ମାଧ୍ୟମ। ଯୁବକମାନେ ସ୍ୱାର୍ଥରହିତ ହୋଇ ନିଜକୁ ସେବାମୂଳକ କାର୍ଯ୍ୟରେ ବ୍ରତୀ ହେବା ଉଚିତ ବୋଲି ସେ କହିଥିଲେ। ସ୍ୱେଚ୍ଛାକୃତ ଭାବେ ଅସହାୟ ରୋଗଗ୍ରସ୍ତ ବୃଦ୍ଧାବୃଦ୍ଧଙ୍କୁ କିଛିବର୍ଷ ହେଲା ନିଜ ଘରେ ଆଶ୍ରୟ ଦେଇ ସେବା କରିଆସୁଥିବା ବଡ଼ଗାଁ ଲଟାପଡ଼ାର ସୀମା କାଲୋଙ୍କୁ ଅଧ୍ୟକ୍ଷା ମିଞ୍ଜ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ବଡ଼ଗାଁ ଲଟାପଡ଼ାର ବବି ସେଠ ପ୍ରଥମ, ବର୍ଷା କର୍ସେଲ ଦ୍ୱିତୀୟ ଓ ଆଭା ଭୈସାଲ ତୃତୀୟ ସ୍ଥାନ ପାଇଥିଲେ। ଗ୍ରୁପ ଡାନ୍ସରେ ଅମିତ ଗ୍ରୁପ ପ୍ରଥମ, ବିକ୍ରମ ଗ୍ରୁପ ଦ୍ୱିତୀୟ ଓ ବର୍ଷା ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅଶୋକ ଷଡ଼ଙ୍ଗୀ, ଗୌରାଙ୍ଗ ପୃଷେଟ ଓ କେଶବ କର୍ସେଲ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ବାବୁଲି କର୍ସେଲ ମଞ୍ଚ ପରିଚାଳନା କରିଥିଲେ। ବିଜୁ ଯୁବବାହିନୀ ପଞ୍ଚାୟତ ସଭାପତି ସୁଶାନ୍ତ କୁମାର ସା, ବିଜୟ ଗୌଡ଼, ଅମିତ, ରଞ୍ଜିତ ମଇଲ ପ୍ରମୁଖ ସହଯୋଗ କରିଥିଲେ।

# ସୁସ୍ଥ ସମାଜ, ସରକାର ଗଠନ ଗଣମାଧ୍ୟମ ଦ୍ୱାରା ହିଁ ସମ୍ଭବ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ବକ୍ତା।

ହେମଗିର,୧୪।୧(ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଫୋରମ୍ ସମ୍ବଲପୁର ଆନୁକୂଲ୍ୟରେ ହେମଗିର ଝାଡ଼େଶ୍ୱର ମନ୍ଦିରଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଫୋରମ୍ ସଭାପତି ପ୍ରତାପ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହେମଗିର ରାଜା ସାହେବ ସୁନୀଲ କୁମାର ସିଂଦେଓ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ପ୍ରଫେସର ଡ. ଚକ୍ରଧର ଧର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯୁଗ୍ମ କମିଶନର ଗୋବିନ୍ଦ ଚନ୍ଦ୍ର ଭୋଇ, ଅଚ୍ୟୁତାନନ୍ଦ ନାଏକ, ଆଇନଜୀବୀ ମଣ୍ଟୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଭୋଟ ରାଜନୀତିରେ ଗଣମାଧ୍ୟମର ଚାଣକ୍ୟ ନୀତି ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ସିଂଦେଓ କହିଥିଲେ, ସୁସ୍ଥ ଭୋଟ ରାଜନୀତି ତଥା ଉତ୍ତମ ପ୍ରତିନିଧି ଚୟନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ଯେ କେବଳ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାହା ନୁହେଁ, ଏହା ଦେଶ ଗଠନର ଜାଗ୍ରତ ପ୍ରହରୀ ବୋଲି ସିଂଦେଓ ବର୍ଣ୍ଣନା କରିଥିଲେ। ସେହିପରି ଗଣମାଧ୍ୟମ ପ୍ରତିନିଧିମାନେ ଚାଣକ୍ୟଙ୍କ ବଂଶଧର ବୋଲି ଡ. ଧର କହିଥିଲେ। ଆଗାମୀ ଦିନରେ ଦୁର୍ନୀତିମୁକ୍ତ ସମାଜ ଓ ସରକାର ଗଠନରେ ଗଣମାଧ୍ୟମ ହିଁ ମୁଖ୍ୟ ଦାୟିତ୍ୱ ନିର୍ବାହ କରିପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଫୋରମ୍ ଉପସଭାପତି ରାଜେନ୍ଦ୍ର ହୋତା ବୈଠକ ପରିଚାଳନା କରିଥିବାବେଳେ ଉପସଭାପତି ସରୋଜ ପାଢ଼ୀ, ସାଧାରଣ ସମ୍ପାଦକ ଧନେଶ୍ୱର ସାହୁ, ଆଶୁତୋଷ ଦେହେରୀ, ଆଇନ ପରାମର୍ଶଦାତା ଅଶ୍ୱିନୀ ପଟ୍ଟନାୟକ, ବିପିନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ଅଶୋକ ବାବୁ, ଚୈତନ୍ୟ ପଟେଲ, ସରପଞ୍ଚ ଶକୁନ୍ତଳା ମାଝି, ନବୀନ ସେଟ, ଋଷ୍ୟଶୃଙ୍ଗ ପଟେଲ, ଜଗଦୀଶ ବଗାର ପ୍ରମୁଖ ଏଥିରେ ଯୋଗଦେଇଥିଲେ।

### କୁସଂସ୍କାର ବିରୋଧରେ ହେବ ସଚେତନତା

ଲେଫ୍ରିପଡ଼ା,୧୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ାଠାରେ ରବିବାର ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ସମାଜରେ ବିଭିନ୍ନ ଅନ୍ଧବିଶ୍ୱାସ, ଛୁଆଁଅଛୁଆଁ ଭେଦଭାବ ଇତ୍ୟାଦି କୁସଂସ୍କାର ବିରୋଧରେ ଲୋକଙ୍କୁ ସଚେତନ କରିବାକୁ ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ସ୍ଥିର କରିଛନ୍ତି। ଏଥିପାଇଁ ବରିଷ୍ଠ ନାଗରିକ ସଂଗଠନ ଗଠନ କରାଯାଇଛି। ହରିହର ଦାଶ ସଭାପତି, ବନମାଳୀ କାଲୋ ସମ୍ପାଦକ ଏବଂ ଫକୀର ମୋହନ ଚୌଧୁରୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ପରିଚାଳନା କମିଟି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଫୁଲ୍ଲ ପଟେଲ, ଗଣେଶରାମ ପଟେଲ, ଜଗବନ୍ଧୁ ଚମ୍ପତି, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ରହିଛନ୍ତି।

# ଜୋନ୍‌ସ୍ତରୀୟ ବିଜ୍ଞାନମେଳାରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ସଫଳତା

ସୁନ୍ଦରଗଡ଼,୧୪।୧(ଡି.ଏନ୍.ଏ.)

କୋଲକାତା ବିଆଇଟିଏମ୍‌ଠାରେ ଗତ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପୂର୍ବାଞ୍ଚଳ ଜୋନସ୍ତରୀୟ ବିଜ୍ଞାନମେଳାରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ସଫଳତା ହାସଲ କରିଛି। ଏହି ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ରୁଦ୍ରାକ୍ଷୀ ନନ୍ଦଙ୍କ ଗାରବେଜ ଉଇଥ୍ ଗୋଲଡ୍ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛି। ଶିକ୍ଷକ ଅଶୋକ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ନନ୍ଦ ଏହି ବିଜ୍ଞାନମେଳାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାରୁ ମନୋନୀତ ହୋଇଥିଲେ। ବିଆଇଟିଏମ୍‌ର ଫାଉଣ୍ଡର ବି.କେ. ଚନ୍ଦନଙ୍କ ଦ୍ୱାରା ରୁଦ୍ରାକ୍ଷୀ ପୁରସ୍କୃତ ହୋଇଥିଲେ। ଏହି ବିଜ୍ଞାନମେଳାରେ ୧୪ ରାଜ୍ୟର ୧୯୨ ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟଅତିଥି ଭାବେ ଜାପାନର ବିଶିଷ୍ଟ ବୈଜ୍ଞାନିକ ସେ ନାସାଉକି ଟାଗା ଯୋଗଦେଇ ବିଜ୍ଞାନର ଅବଦାନ ଓ ଆଗାମୀ ଦିନର ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ରୁଦ୍ରାକ୍ଷୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଅଧ୍ୟକ୍ଷା ହରପ୍ରିୟା ପଟେଲଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, କବିତା ନନ୍ଦ ଓ ସୁଶୀଳ କୁମାର ନନ୍ଦଙ୍କ ଝିଅ ହେଉଛନ୍ତି ରୁଦ୍ରାକ୍ଷୀ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରୁଦ୍ରାକ୍ଷୀ।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ
- ମେରି କ୍ୟୁରୀ



## ସଂକ୍ଷେପରେ

### କଇଁଚି ଦେଖାଇ ଟଙ୍କା ଲୁଟ୍, ୨ ଗିରଫ

**ବେଲପାହାଡ଼,୧୪।୧(ଡି.ଏନ୍.ଏ.)**-କଇଁଚି ଦେଖାଇ ଟଙ୍କା ଲୁଟି ନେବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କୁ ସୋମବାର ଭାରତୀୟ ଦଣ୍ଡବିଧି ଆଇନର ଦଫା ୨୯୪,୩୯୨ ଓ ୩୪ରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନେ ହେଲେ ଗୁମାଡ଼େରା ଝଣ୍ଡାପଡ଼ାର ରଞ୍ଜୟ ମହାନନ୍ଦିଆ (୧୯) ଓ ରଞ୍ଜନ ପାଣ୍ଡେ (୧୯)। ଗତ ୧୨ ତାରିଖ ସନ୍ଧ୍ୟାରେ ଟିଆର୍ଏଲ ଷ୍ଟାଡ଼ିୟମରେ ରଙ୍ଗପରବ ନାଟ୍ୟ ମହୋତ୍ସବ ଚାଲିଥିଲା। ଅଭିଯୁକ୍ତଦ୍ୱୟ ମଞ୍ଚ ନିକଟକୁ ଯାଇ କେତେଜଣ ଯୁବତୀଙ୍କ ପ୍ରତି ଆଶାଳୀନ ବ୍ୟବହାର କରିଥିଲେ। ଏହା ଦେଖିଲା ପରେ ମହୋତ୍ସବ ଆୟୋଜକ କମିଟିର ସଦସ୍ୟ ସରୋଜ ମିର୍ଦ୍ଧା ସେମାନଙ୍କୁ ବାରଣ କରିଥିଲେ। ମାତ୍ର ସେମାନେ ସରୋଜଙ୍କୁ ଏକ କଇଁଚି ଦେଖାଇ ଧମକ ଦେବା ସହ ତାଙ୍କ ପକେଟରୁ ୬୦୦ ଟଙ୍କା ଟାଣି ନେଇ ଫେରାର୍ ହୋଇଯାଇ ଥିଲେ। ଏହି ଘଟଣାକୁ ନେଇ ସରୋଜ ଗତ ୧୩ ତାରିଖରେ ବେଲପାହାଡ଼ ଥାନାରେ ଅଭିଯୋଗ କଲା ପରେ ପୋଲିସ ଏକ ମାମଲା (ନଂ ୪/୨୦୧୮) ରୁଜୁ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୬୦୦ଟଙ୍କା ସହ ଏକ କଇଁଚି ଜବତ କରିଛି।

# ମକରରେ ହରିହର ଭେଟ

## ■ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହେଲା

**ବେଲପାହାଡ଼,୧୪।୧(ଡି.ଏନ୍.ଏ.)**

ସୋମବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରା ଆର୍ତ୍ତତ୍ରାଣ କ୍ଷେତ୍ରରେ ପ୍ରସିଦ୍ଧ ମକରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ସକାଳେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଶ୍ରୀଜୀଉମାନଙ୍କ ସମସ୍ତ ନୀତିକାନ୍ତି ସମାପନ କରିଥିଲେ । ପୂର୍ବାହ୍ନରେ ସେବାସଂଘର ସଦସ୍ୟ ମାନେ ଶ୍ରୀଜୀଉମାନଙ୍କୁ ମକର ବେଢା ପରିକ୍ରମା କରାଇ ରଥ ଉପରକୁ ନେଇଥିଲେ । ରଥରେ ଶ୍ରୀଜୀଉମାନଙ୍କୁ ପୀତବସ୍ତ୍ର ଓ ଅଳଙ୍କାର ଆଭୂଷଣରେ ସଜ୍ଜିତ କରାଇଥିଲେ। ରଥରେ ଶ୍ରୀଜଗନ୍ନାଥ ଆଦିତ୍ୟ ନାରାୟଣଙ୍କ ସ୍ୱରୂପରେ ପୂଜା ପାଇଥିଲେ।

ମଧ୍ୟାହ୍ନ ସାଢ଼େ ୧୨ଟାରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ରଥଟଣା ଆରମ୍ଭ ହୋଇଥିଲା । ଶତାଧିକ ମହିଳା ଓ ପୁରୁଷ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ । ସେଠାରେ ରଥ କିଛି ସମୟ ରହିଲା ପରେ ପୁଣି ଅପରାହ୍ନ ୪ଟା ସମୟରେ ଶ୍ରୀଜୀଉମାନଙ୍କ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁମାନେ ରଥକୁ କିଛି ଦୂର ଟାଣିଲା ପରେ ବାଟମଙ୍ଗଳା ମନ୍ଦିର ନିକଟରେ ରଥ ଅଟକି ରହିଥିଲା। ସେତିକି ବେଳେ ବିପରୀତ ଦିଗ ଗୌରୀଶଙ୍କର ମନ୍ଦିରରୁ ବାହାରିଥିବା ମହାଦେବଙ୍କ ରଥ ବାଟମଙ୍ଗଳା ସମ୍ମୁଖରେ ପହଞ୍ଚିଥିଲା । ଉଭୟ ଶ୍ରୀଜଗନ୍ନାଥ (ହରି) ଓ ମହାଦେବ (ହର) ବସିଥିବା ରଥ ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ମୁହାଁମୁହିଁ ଛିଡ଼ା ହୋଇଥିବା ସମୟରେ ଯାତ୍ରାର ମୁଖ୍ୟ ପର୍ବ ହରିହର ଭେଟ ଉତ୍ସବ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ମହାଦେବଙ୍କ ରଥର ପୂଜକ ହରଙ୍କୁ ହରି ବସିଥିବା ରଥକୁ ନେଇଥିଲେ। ଏହାପରେ ଠାକୁରମାନଙ୍କୁ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହୋଇଥିଲା । ଗୋଟିଏ ରଥରେ ଶ୍ରଦ୍ଧାଳୁମାନେ ହରି ଓ ହରଙ୍କୁ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ । ମହିଳା ଶ୍ରଦ୍ଧାଳୁମାନଙ୍କ ହୁଳହୁଳି ସହିତ ପୁରୁଷ ଶ୍ରଦ୍ଧାଳୁମାନଙ୍କ ହରିବୋଲ,ହରହର ମହାଦେବ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇପଡ଼ିଥିଲା। ଶେଷରେ ହର ଓ ହରି ନିଜ ନିଜ ରଥରେ ବସି ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ । ହରିହର ଭେଟ ପର୍ବରେ ପୂଜକ ବ୍ରଜସୁନ୍ଦର ଶତପଥୀ,ଦିଲୀପ ପଣ୍ଡା,ଶିବଶଙ୍କର ହୋତା ଓ ସୁରେଶ ସାହୁଙ୍କ ସମେତ ବାଟମଙ୍ଗଳା ମନ୍ଦିର କମିଟି ମୁଖ୍ୟ ଉପଦେଷ୍ଟା ବୁଲୁ ପଣ୍ଡା,ଗୌରୀଶଙ୍କର ମନ୍ଦିର କମିଟି ସମ୍ପାଦକ କୁଳମଣି ବଗାର ଓ ଜଗନ୍ନାଥ ସେବାସଂଘର ସମ୍ପାଦକ ଏସ୍.କେ.ମହାପାତ୍ର ସହଯୋଗ କରିଥିଲେ । ମକର ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହରିହର ଭେଟ।

### ଝାରସୁଗୁଡ଼ାରେ ସିରିଜ୍ ଦୁର୍ଘଟଣା: ଜଣେ ମୃତ, ୨ ଆହତ

**ଝାରସୁଗୁଡ଼ା ଅଫିସ,୧୪।୧**

ଝାରସୁଗୁଡ଼ା ସହରାଞ୍ଚଳରେ ସୋମବାର ସନ୍ଧ୍ୟାରେ ଏକ ଇନୋଭା କାର ସିରିଜ୍ ଦୁର୍ଘଟଣା ଘଟାଇଛି। ତିନୋଟି ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ତାଲପଟିଆର ଜିତେନ୍ଦ୍ର ରଥ(୪୨)। ଆହତମାନେ ହେଲେ ବିଟିଏମ୍‌ର କମଳେନ୍ଦୁ ପରିଡା ଓ ଧନେଶ୍ୱର କିଶାନ। ଦୁର୍ଘଟଣା ଘଟାଇଥିବା ଇନୋଭା ଚାଳକ ଡି. ରବିଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଝାରସୁଗୁଡ଼ା ସହରରେ ଏକ ଇନୋଭା (ନଂ.ଓଡ଼ି୧୫ଏଲ୍‌୫୪୧୯) ଆତଙ୍କ ଖେଳାଇଥିଲା। ଗାଡ଼ିଟି ପ୍ରଥମେ କମଳେନ୍ଦୁ ଏବଂ ଧନେଶ୍ୱରଙ୍କୁ ଧକ୍କା ଦେଇଥିଲା। ଉଭୟେ ଆହତ ହୋଇଥିଲା। ଏହାପରେ ଚାଳକ ଗାଡ଼ିକୁ ଜୋରରେ ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଆର୍ଯ୍ୟନ ହୋଟେଲ ସାମ୍ନାରେ ତାଲପଟିଆର ଜିତେନ୍ଦ୍ର ରାସ୍ତା ଅତିକ୍ରମ କରୁଥିବା ବେଳେ ତାଙ୍କୁ ଗାଡ଼ିଟି ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ରବି ଗାଡ଼ି ନେଇ ଫେରାର ହେବାକୁ ଉଦ୍ୟମ କରୁଥିଲେ । ହେଲେ ବେହେରାମାଲରେ ପୁନଶ୍ଚ ଗାଡ଼ିଟି ଧକ୍କା କରିବା ପରେ ଲୋକେ ଚାଳକ ରବିଙ୍କୁ କାବୁ କରି ପୋଲିସ ହେପାଜତରେ ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ଆହତଙ୍କ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଚାଳକ ରବିଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

## ଶିରିଡ଼ି ସାଇଙ୍କ ପାଲିଙ୍କି ଶୋଭାଯାତ୍ରା



ଶିରିଡିସାଇଙ୍କ ପାଲିଙ୍କି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

**ବ୍ରଜରାଜନଗର, ୧୪।୧ (ଡି.ଏନ.ଏ.)**

ବ୍ରଜରାଜନଗରରେ ଚଳିତ ବର୍ଷ ମକର ସଂକ୍ରାନ୍ତି ଉପଲକ୍ଷେ ଶିରିଡି ସାଇଙ୍କ ପାଲିଙ୍କି ଶୋଭାଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ସହରର ସହସ୍ରାଧିକ ସାଇ ଭକ୍ତ ସାମିଲ ହୋଇଥିଲେ । ପଶ୍ଚିମ ଓଡିଶା ସମେତ ପଡୋଶୀ ଛତିଶଗଡ଼ର ବିଭିନ୍ନ ସ୍ଥାନରୁ ୧୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କଳାକାର ଦଳ ଅଂଶ ଗ୍ରହଣ କରିଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ବରଗଡ ଏମ୍‌ପି ଡ. ପ୍ରଭାସ ସିଂ, ପୂର୍ବତନ ବିଧାୟକ ଅନୁପ ସାଏ, ଝାରସୁଗୁଡ଼ା ଜିଲା ବିଜେଡି ଉପ ସଭାପତି ବିଶ୍ୱନାଥ ନାୟକ, କୋଲିଆରି ବିଭିନ୍ନ କ୍ଷେତ୍ରର ଉଚ୍ଚ ପଦାଧିକାରୀମାନେ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ସୁପ୍ରଭାତରୁ ବାବାଙ୍କ କାକଡ଼ି ଆଳତୀ ହୋଇଥିଲା । ଏହି ସମୟରେ ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନୀରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇ ଉଠୁଥିଲା । ଶୋଭାଯାତ୍ରାର ମୁଖ୍ୟ ଆୟୋଜକ ଶଶାଙ୍କ ଦୀକ୍ଷିତଙ୍କ ଘରୁ ବାବାଙ୍କ ଶୋଭାଯାତ୍ରା ବାହାରି ତେଲେନପାଲି, ରେସନା, ଖଲିଆକାନୀ, ମଣ୍ଡଲିଆ, ଆଦର୍ଶନଗର, ଲମତିବାହାଲ, ୨ନମ୍ବର ମୁଖ୍ୟ ବଜାରଦେଇ ପୁନର୍ବାର ଇଏସଆଇ ଛକକୁ ଆସିଥିଲା । ଏଥିରେ ଜୟନ୍ତ ଦୀକ୍ଷିତ, କ୍ଷୀରୋଦ ରାଉତ, କରନ ସମେତ ଇଏସ୍ଆଇ ଛକର ସାଇ ଭକ୍ତମାନେ ସହଯୋଗ କରିଥିଲେ ।

### ଭଲି ବଲ୍ ଟୁର୍ନାମେଣ୍ଟ: ଗୁଡମକୁ ହରାଇ କଣ୍ଢେଇକେଲା ଚାମ୍ପିୟନ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଜାମଗାଁ ଗ୍ରାମରେ ରବିବାର ତ୍ରିରଙ୍ଗା କ୍ଲବ୍ ତରଫରୁ ଏକ ଦ୍ୱିଦିବସୀୟ ଚନ୍ଦ୍ରକାନ୍ତ ସାହୁ ସ୍ମାରକୀ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୧୬ଦଳ ଅଂଶଗ୍ରହଣ କରିଥିଲେ । କଣ୍ଢେଇକେଲା ଓ ଗୁଡମ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଗୁଡମ ଦଳକୁ ୨–୦ପଏଣ୍ଟରେ ହରାଇ କଣ୍ଢେଇକେଲା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ବିଜେତା କଣ୍ଢେଇକେଲା ଦଳକୁ ଚାମ୍ପିୟନ ଟ୍ରଫି ସହ ୩ହଜାର ଓ ଉପବିଜେତା ଗୁଡମ ଦଳକୁ ରନର୍ସ ଟ୍ରଫି ସହ ୨ହଜାର ଟଙ୍କା ପୁରସ୍କାର ବିତରଣ କରାଯାଇଥିଲା । ଏହି ଟୁର୍ନାମେଣ୍ଟକୁ ପ୍ରମୋଦ ଗଡତିଆ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ,କରୁଣାକର ବାରିକ, ରବିରନ୍ଦ୍ର ପ୍ରଧାନ, ନାଏବ ସରପଞ୍ଚ କିଶୋର ବିଶି, ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟକୁ ରେଫରୀ ତୁଷାରାମ ପ୍ରଧାନ,ସୁକାନ୍ତ ବାଗ୍, ସୁଦର୍ଶନ ମେହେର, ନେତ୍ରାନନ୍ଦ ପଶାୟତ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଆୟୋଜକ କମିଟି ସଭାପତି ତପେଶ୍ୱର ପ୍ରଧାନ,ସମ୍ପାଦକ ବଲ୍ଲଭ ପ୍ରଧାନ,ମନୋଜ ବେହେରା, ସୁରେଶ ପ୍ରଧାନ, ମନୋଜ ବାରିକ ଓ ରାଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।





ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପୁରାତନ ଛାତ୍ରୀଛାତ୍ରମାନେ।

## ମୋ ସ୍କୁଲ ଅଭିଯାନ କମିଟି ଗଠିତ

**କୋଲାବିରା,୧୪।୧(ଡି.ଏନ୍.ଏ.)**

ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ କୋଲାବିରା ପ୍ରାଥମିକ ବିଦ୍ୟାଳୟ କମିଟି ଗଠନ କରାଯାଇଛି। ପ୍ରଧାନ ଶିକ୍ଷକ ଲଲିନ୍ଦ୍ର ଗୋଖରାଙ୍କ ଆହ୍ୱାନରେ ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ କମିଟି ଗଠନରେ ଭାଗ ନେଇଥିଲେ। ଶୁଭେନ୍ଦୁ କୁମାର ଦାସଙ୍କ ପ୍ରସ୍ତାବ ଏବଂ ଧୀରେନ୍ଦ୍ର ଶତପଥୀଙ୍କ ସମର୍ଥନରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରାଙ୍କୁ ଏହି କମିଟିର ସଭାପତି ପାଇଁ ମନୋନୀତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରେ ବିଦ୍ୟାଳୟ ଉନ୍ନତି କାର୍ଯ୍ୟ କରାଯିବ। ପୁରାତନ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବୀରେନ୍ଦ୍ର କୁମାର ମହାପାତ୍ର,ଶୁଭେନ୍ଦୁ ଦାସ୍ , ମାନସ ପୁରୋହିତ,ଧୀରେନ୍ଦ୍ର ଶତପଥୀ, ସୁକାନ୍ତ ସାହୁ,ହେମାଞ୍ଜଳି ବେହେରା,କୁମୁଦିନି ରାଏ,ଲବଣୀଧର ମରାଇ,ସୁମନ୍ତ ବହିଦାର,ସୁଦାମ ବଗାର,ଦଶରଥ ରାଏ, ସୁରେନ୍ଦ୍ର ଟଣକାର, କୀର୍ତ୍ତିଚନ୍ଦ୍ର ବହିଦାର ପ୍ରମୁଖ ଯୋଗଦେଇ ଥିଲେ।

### ଅସୁସ୍ଥ ଯୁବକଙ୍କୁ ଚିକିତ୍ସା ପାଇଁ ନେଲା ବିଜୁ ଯୁବବାହିନୀ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କଦମ୍ବଡିହି ପଞ୍ଚାୟତ ବିଜୁ ଯୁବ ବାହିନୀ ସୋମବାର ଜଣେ ମାନସିକ ରୋଗୀଙ୍କୁ ଗୋବିନ୍ଦପୁର ଛକରୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଛନ୍ତି । ଲଖନପୁର ବ୍ଲକ୍ ପୂର୍ବତନ ଉପଧ୍ୟକ୍ଷ ତୁଷାରାମ ପ୍ରଧାନଙ୍କ ସହଯୋଗରେ ଯୁବ ବାହିନୀ ସଦସ୍ୟମାନେ ଅସୁସ୍ଥ ଯୁବକଙ୍କୁ ଆମ୍ବୁଲାନ୍ସରେ ଝାରସୁଗୁଡ଼ା ଜିଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅଧିକ ଚିକିତ୍ସା ଆବଶ୍ୟକ ପଡିଥିଲା । ଫଳରେ ବିଜୁ ଯୁବ ବାହିନୀ ଏ କଥା ମିଶନଆଶ୍ରାକୁ ଜଣାଇଥିଲେ । ଖବରପାଇ ମିଶନଅଶ୍ରାର ସଦସ୍ୟମାନେ ସଂପୃକ୍ତ ଯୁବକଙ୍କୁ ମିଶନ ହସ୍‌ପିଟାଲ୍‌କୁ ନେଇଯାଇଯାଇଛନ୍ତି।

## ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କତରବଗା ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ଗତ ରବିବାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶହେ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଦୌଡରେ ରମେଶ ପ୍ରଧାନ ପ୍ରଥମ, ଲମ୍ବଡିଆଁରେ ନିର୍ମଳ ପ୍ରଧାନ ପ୍ରଥମ ଓ ଉଚ୍ଚଡିଆଁରେ ବୃଲେଶ୍ୱର ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୁବ ବାହିନୀ ତରଫରୁ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗୀତାକୁ ଡିଲେଶ୍ୱର ଖମାରୀ ପରିଚାଳନା କରିଥିଲେ। ଏହି ଅବସରରେ ମହେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ରୋହିତ ଧୁରୁଆ,ଉମେଶ ପ୍ରଧାନ,ବିଜୁ ଯୁବ ବାହିନୀ ସଭାପତି ପୁଷ୍ପାଞ୍ଜଳି ଭୋଇ, ସମ୍ପାଦକ ପ୍ରେମାନନ୍ଦ ଖମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ବିଜୁ ଯୁବ ବାହିନୀର ସଦସ୍ୟମାନେ।



ପ୍ରାଥମିକ ଶିକ୍ଷକ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ।

■ ପ୍ରାଥମିକ ଶିକ୍ଷକ ସଂଘ ଜୋନସ୍ତରୀୟ ବୈଠକ

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗତ ରବିବାର ଦଳଗାଁ ଆଞ୍ଚଳିକ ହାଇସ୍କୁଲ୍‌ରେ ୩ନଂ. ଜୋନ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଶୋଭନାଥ ରାଉତ ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ । ସମ୍ପାଦକ ମୃତ୍ୟୁଞ୍ଜୟ ବିଶ୍ୱାଳ, ଚୋଳଦେବ ସା, ରମେଶ ସାହୁ, ଅଶ୍ୱିନୀ ଦାସ, ବିଜୟ କୁମାର ନାୟକ, ଭଜମନ ବେହେରା, ବୃନ୍ଦାବନ ବେହେରା ଓ ନେତ୍ରାନନ୍ଦ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସାଙ୍ଗଠନିକ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା କରି ସଦସ୍ୟମାନେ ନିଜ ମତ ରଖିଥିଲେ । ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାର ସମାଧାନ ଦିଗରେ ସଂଘ ଜିଲା ସଙ୍ଗଠନର ପରାମର୍ଶ ନେଇ କାମ କରିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏନେଇ ପ୍ରତିସ୍କୁଲ୍‌ରେ ଶିକ୍ଷକମାନେ ସ୍ୱତନ୍ତ୍ରଭାବେ ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଜୋନ୍‌ସ୍ତରୀୟ ବୈଠକ କରାଯିବ । ଏହି ବୈଠକ ମାଧ୍ୟମରେ ସାଙ୍ଗଠନିକ ଆଲୋଚନା ହେବ ବୋଲି ମତ ପ୍ରକାଶ ପାଇଥିଲା । ସିଆର୍‌ସିସି ମୀନକେତନ ଦାସ ଧନ୍ୟବାଦ ଦେଇଥିଲେ।

# ମକର ଯାତ୍ରା,ଶ୍ରଦ୍ଧାଳୁଙ୍କ ଗହଣରେ ହରିହର ଭେଟ



ଗ୍ରାମ ମଝିରେ ହରିହରଙ୍କ ଭେଟ।

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନେଇ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନାକରି ହରିହରଙ୍କ ଦର୍ଶନ କରିଥିଲେ । ମକର ଚାଉଳ ଖାଇବା ସହ ଭଗବାନଙ୍କୁ ସାକ୍ଷୀରଖି ମକର ବସିଥିଲେ। ପିପିଲିକାନୀ ଗ୍ରାମର ମକର ଯାତ୍ରା ଚଳିତ ବର୍ଷ ୬୧ବର୍ଷରେ ପଦାର୍ପଣ କରିଛି । ଗ୍ରାମର ଯାତ୍ରା କମିଟି ତରଫରୁ ସୋମବାର ଗ୍ରାମ ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମଧ୍ୟାହ୍ନରେ ଶିବ ମନ୍ଦିରରୁ ହର ପାଲିଙ୍କିରେ ବସି ଶୋଭାଯାତ୍ରାରେ ବାହାରି ଥିଲେ । ଶ୍ରୀଜଗନ୍ନାଥ ମନ୍ଦିରରୁ ହରି ଅନ୍ୟ ଏକ ପାଲିଙ୍କିରେ ବସି ଶୋଭାଯାତ୍ରାରେ ବାହାରିଥିଲେ। ଗ୍ରାମ ମଝିରେ ହରିହରଙ୍କ ଭେଟ ହୋଇଥିଲେ । ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଏହି ଭେଟଘାଟକୁ ଦର୍ଶନ କରିଥିଲେ।

ପୂଜକ ସଚ୍ଚିଦାନନ୍ଦ ମିଶ୍ର ଓ ଜଗଦୀଶ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ । ହରିହରଙ୍କୁ ସାକ୍ଷୀରଖି ଯୁବତୀ,ଯୁବକ,ମହିଳାମାନେ ମକର ଚାଉଳ ଖାଇ ମକର ବସିଥିଲେ । ଏହି ଅବସରରେ ସମ୍ପ୍ରଦା ଯାତ୍ରା ପରିବେଷଣ କରିଥିଲେ ନେଗୀପାଲି ଓ ଛଡାରମା ଗ୍ରାମ ଯାତ୍ରାଦଳ । ବିଭିନ୍ନ ସାଂସ୍କୃତିକ ଦଳ ଏଥିରେ ଯୋଗଦେଇଥିଲେ । ଏହି ଅବସରରେ ମୀନାବଜାର,ବିଭିନ୍ନ ଦୋକାନ ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ଯାତ୍ରା କମିଟି ସଭାପତି ଅଶ୍ୱିନୀ କୁମାର ସାହୁ,ସମ୍ପାଦକ ବିଜୟ ନାୟକ,କୋଷାଧ୍ୟକ୍ଷ ଯୁବରାଜ ସାହୁ,ପିଣ୍ଟୁ ବାରିକ,ଦେବରାଜ ପ୍ରଧାନ,ବିକାଶ ପ୍ରଧାନ,ଲକ୍ଷ୍ମଣ ନାୟକ,ସରୋଜ ବାରିକ,ମଣ୍ଟୁ ବାରିକ,ଆନନ୍ଦ ବାରିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବୋଡାସମ୍ବର ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ

**ପାଇକମାଳ, ୧୪।୧ (ଡି.ଏନ.ଏ):** ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ବିକ୍ରମ ନଗରଠାରେ ସୋମବାର ସ୍ୱର୍ଗତ ରାୟଧର ଲୁହାରଙ୍କ ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକ ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ପାଳିତ ହୋଇଛି। ଏ ନେଇ କ୍ଷେତ୍ରୀ ଲୁହାରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମନୋରଞ୍ଜନ ସୁନା, ନବଘନ ତାଣ୍ଡି, ଉସତ ତାଣ୍ଡି, ଦିଲୀପ କୁମ୍ଭାର ପ୍ରମୁଖ ଯୋଗଦେଇ ବୋଡାସମ୍ବର ଗାନ୍ଧୀ କୁହାଯାଉଥିବା ରାୟଧର ଲୁହାରଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ଦେବାର ଛତର ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଂହେନପାଲିରେ ନାମଯଜ୍ଞ

**ଭେଡ଼େନ, ୧୪।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ରେଶମ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଂହେନପାଲି ପଣ୍ଡରାଡୁଙ୍ଗରୀ ସ୍ଥିତ ଶିବମନ୍ଦିର ପରିସରରେ ତିନିଦିନ ଧରି ଚାଲିଥିବା ନାମଯଜ୍ଞ ମକର ସଂକ୍ରାନ୍ତି ଅବସରରେ ସୋମବାର ଉଦ୍ୟାପିତ ହୋଇଛି । ଏଥିରେ ରବି ଭୂୟାଁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ଉଦ୍ୟାପନୀ ଦିବସରେ କତୁରକଟା, ମିର୍ଦ୍ଧାପଡ଼ା, ହାତୀପାଲିର ମହିଳା ଏବଂ ସାରସମାଲ, ସିଂହେନପାଲି, କତୁରକଟା ଓ ହାତୀପାଲିର ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ପୂଜା କମିଟି ସଭାପତି ରାହାସ ବିହାରୀ ପଧାନ, ଦଶରଥ ଭୋଇ, ଗୁଣନିଧି ଭୋଇ, ଲେକରୁ ଭୋଇ, ସନ୍ତୋଷ ଭୋଇ, ସମିତିସଭ୍ୟ ନରେନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### କୁରୁଆଁ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

**ଜାମଟିକ୍ରା, ୧୪।୧ (ଡି.ଏନ.ଏ):** ବରଗଡ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ଉମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଗରିଆଙ୍କ ତତ୍ତ୍ୱାବଧାନରେ ମଶାଲ ଶୋଭାଯାତ୍ରା ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ବଳବନ୍ତ ସାହୁ ମୁଖ୍ୟଅତିଥି, ରଞ୍ଜନ ସେଠ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ପାତ୍ର, ସମ୍ପାଦକ ସୁବାଷ ଥାଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦଶମ ଶ୍ରେଣୀ ଛାତ୍ର ପଙ୍କଜ ମିର୍ଦ୍ଧା ଓ କୁନ୍ତି ବେହେରାଙ୍କୁ ଉପେନ୍ଦ୍ର ସାହୁ କ୍ରୀଡା ସମ୍ମାନ ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ସଦାନନ୍ଦ ଦାଶ, କୃଷ୍ଣାନନ୍ଦ ଦାଶ, ଡୋଲାମଣି ପଧାନ, ସୁଚିତ୍ରା ସାହୁ, ନିରୂପମା ସାହୁ ସହଯୋଗ କରିଥିଲେ ।

## ■ ପୋର୍‌ଛାହନ୍ ଅଭାବୁ ମୁହୁଁ ଫିରଉଛନ୍ ଚାଷୀ

# ଲୋପ୍ ପାଉଛେ ସୁର୍‌ଷୋ ଚାଷ୍

**ଜାମଟିକ୍ରା, ୧୪।୧ (ଡି.ଏନ.ଏ)**

ଆମର ଭାରତୀୟ ଖାଏଦ୍ ପାଏନ୍‌ରେ ସୁର୍‌ଷୋର ଅଲଗ୍ ପହେଚାନ୍ ଅଛେ। ଖୁଜ୍‌ଲେ ସମକର ରଁଧାଘରେ ଗୁଟା ସୁର୍‌ଷୋ ଆର ତେଲ ମିଲବା। ସୁର୍‌ଷୋ ଖାଲି ରଁଧାବଡ଼ାଥି ବେଭାର ହେସି ହେନ୍‌ତା ନୁହେ, ଇଟାକେ ନାନା ପକରକାର ଉଷୋକଷା ହିସାବେ ବି ବେଭାର କରାହେସି। ହେଲେ ଆଏଜ୍‌କାଲି ସୁର୍‌ଷୋ ଚାଷ୍ ଲୋପ ପାଏବାକେ ବସଲାନ। ଦିନ୍ ଥିଲା ଏକର ଏକର ଜମିରେ ସୁର୍‌ଷୋ ଚାଷ୍ ହେଉଥିଲା। ହେଲେ ଏହେଦେ ଚାଷୀ ଇ ସୁର୍‌ଷୋ ଚାଷ୍ କରବାକେ ନାଇଁ ମଂଗବାର। ଇତାର ବଡ଼ କାରନ୍ ହେଲା ଅମଲ କମ୍ ହେବାର ସଂଗେ ସରକାରୀ ପୋର୍‌ଛାହନ୍‌ର ଅଭାବ୍। ବରଗଡ଼ ଜିଲା ଅତାବିରା ବ୍ଲକ୍ କୁଲୁଣ୍ଡା ଆର ବୁଗବୁଗା ପଁଚେତ୍‌ରେ ଆଗ୍‌ରୁ ଚାଷୀ ଏକର ଏକର ଜମିନ୍‌ଥି ସୁର୍‌ଷୋ ଚାଷ୍ କରୁଥିଲେ। ହେଲେ ଏହେଦେ କାଁଭାଁ ଚାଷୀ ସୁର୍‌ଷୋ ଚାଷ୍ କରୁଛନ୍। ରୋଗ୍‌ପୋକ, କମ୍ ଅମଲ ସଂଗେ

**ଅତାବିରା ବ୍ଲକ**



ବୁଗବୁଗାରେ ହେଇଥିବାର ସୁର୍‌ଷୋ ଚାଷ୍ ।

ସରକାରୀ ପୋର୍‌ଛାହନ୍‌ର ଅଭାବ ଲାଗି ଦିନୁ ଦିନ୍‌କେ ଚାଷୀ ସୁର୍‌ଷୋ ଚାଷ୍ କରବାକେ ନାଇଁ ମଂଗବାର। ଇତାର ବଦଲା ସେମାନେ ଦାଦନ ଖଟିଯିବାରଟା ସହଜ୍ ମନେ କରୁଛନ୍। ଯଦି ଇ ଚାଷ୍ ଲାଗି ରାଏଜ୍ ସରକାର ଚାଷୀକୁ ବିହନ୍, ଉଷୋକଷା, ସାର ଆର ପୋର୍‌ଛାହନ୍ ଦେବାର ଦିଗେ ଚିନ୍‌ତା କରତେ ତ ଚାଷୀ ଉଷତ୍ ହେଇ ଆଘର ଲେଖେନ୍ ଚାଷ୍ କରତେ ବଲି ଚାଷୀ ଭରତ ଷାଣ୍ଡ କହିଛନ୍। ଏହେଦେ ବଜାରରେ ସୁର୍‌ଷୋ କୁଇଣ୍ଟାଲ ପିଛା ୩ ହଜାରରୁ ୩ ହଜାର ୫ଶହ ଟଁକା ତକ୍ ବିକ୍ରି ହେଉଥିଲା ବେଲେ ଇଥିରଲାଗି ଅଢ଼େ ହଜାର ଟଁକା ବିହନ ଆର ଉଷୋ ବାବ୍‌ଦେ ଖରଚ୍ ହେଉଛେ। ବାକି ଚାଷୀର ପାରିଶ୍ରମ ତେନ୍‌କେ ଥାଉ। ବୁଗବୁଗା ପଁଚେତ୍‌ରେ ଆଗ୍‌ରୁ ବଡ଼ଭାରି ହିସାବେ ସୁର୍‌ଷୋ ଚାଷ୍ ହେଉଥିଲା। ଏହେଦେ ୫ ଏକର ନ ଚାଷ୍ ହେଉଛେ, ହେଲେ ଆଗ୍‌କେ ଚାଷୀ କେନ୍‌ଥେଇ ଜହ ଆକାରେ ସୁର୍‌ଷୋ ଚାଷ୍ କରବେ ସେ ଦିଗେ ଚେଷ୍‌ଟା କରୁଛୁଁ ବଲି ଗ୍ରାମ୍ୟ କୃଷି ଅଧିକାରୀ କିଶୋର ଦାସ କହିଛନ୍। ସରକାରୀ ବିଧି ବେବସ୍‌ତା ଭିତରେ ସୁର୍‌ଷୋ ଚାଷୀକୁ କେଭେ ସରକାରୀ ପୋର୍‌ଛାହନ୍ ମିଲବା ଦେଖିବାର ବାକି ରହେଲା।

## ରାଜପୁତ ସମାଜର ବ୍ଲକସ୍ତରୀୟ କମିଟି ଗଠିତ

**କୋଲାବିରା, ୧୪।୧(ଡି.ଏନ୍.ଏ.)**

କୋଲାବିରା ବ୍ଲକ ରାଜପୁତ ସମାଜର ଏକ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ସ୍ଥାନୀୟ କଲୋନୀପଡ଼ା ବଗିଚାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜପୁତ ଜାତି ସମାଜର ବିଭିନ୍ନ ସମସ୍ୟା ଓ ଏକତା ଉପରେ ଅଲୋଚନା କରାଯାଇଥିଲା। ଏ ଅବସରରେ ରାଜପୁତ ସମାଜର କୋଲାବିରା ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା । ଅଶୋକ ସିଂହଙ୍କୁ ସଭାପତି, ସନତ ସିଂଙ୍କୁ ଉପସଭାପତି, ଚିତ୍ତରଞ୍ଜନ ରାଉତଙ୍କୁ ସାଧାରଣ ସମ୍ପାଦକ,ଶୈଲେନ୍ଦ୍ର ରାଏଙ୍କୁ ସହ ସମ୍ପାଦକ,ଦେବାଶିଷ ସିଂହଠାକୁରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଏହାସହ ସମରେନ୍ଦ୍ର ରାଏ, ରଘୁନାଥ ସିଂହ, ସୁଶୀଲ ଭଞ୍ଜ ଓ ସ୍ମୃତିରଞ୍ଜନ ରାଏଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ଅନୁଷ୍ଠିତ ବୈଠକରେ ରାଜପୁତ ସମାଜର ଜିଲା ସଭାପତି ଉମ୍ବରୁଧର ରାଏ ସମ୍ପାଦକ ଲବଣୀଧର ରାଉତ, ଜୋନ ସଭାପତି ତ୍ରିନାଥ ଠାକୁର, ସମ୍ପାଦକ ପ୍ରତାପ ରାଏ ,ଉପଦେଷ୍ଟା ଗଙ୍ଗାଧର ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସଲିତ କୁଅଁର, ସଚ୍ଚିଦାନନ୍ଦ ସିଂହ ଠାକୁର,ଦଶରଥ ରାଏ,ସୁଶାନ୍ତ ରାଏ,ରବିଲାଲ ସିଂହ, ମନୋଜ ଚୌହାନ,ଭଗବାନ ରାଏ ପ୍ରମୁଖ ସହ ନିର୍ବାଚିତ ପ୍ରତିନିଧି ମଣ୍ଡଳୀ ଓ ଜାତି ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ ।




ରାଜପୁତ ସମାଜର ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

## ■ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ପଞ୍ଜୀକୃତହୋଇଥିଲା ୭୭ ଅଭିଯୋଗ



ଜିଲାପାଳଙ୍କ ପାଖକୁ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ ।

**ଲଖନପୁର,୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସଭାଗୃହରେ ସୋମବାର ଜିଲାପ୍ରଶାସନ ତରଫରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ,ଏସ୍‌ପି ଅଶ୍ୱିନୀ ମହାନ୍ତି, ପିଡିଡିଆର୍‌ଡିଏ ସତ୍ୟନାରାୟଣ ଦାଶ, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ,ବିଡିଓ ଗୋବିନ୍ଦ ଡନ୍‌ସେନା,ଏସ୍‌ଡିପିଓ ରାମ ପ୍ରସାଦ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଯୋଗଦେଇଥିଲେ । ଏହି ଶିବିରରେ ସମୁଦାୟ ୭୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ୭୧ ବ୍ୟକ୍ତିଗତ ଓ ୬ ସାମୁହିକ ଅଭିଯୋଗ ରହିଥିଲା। ବିଶେଷ କରି ଭଅଁରଖୋଲ ପଞ୍ଚାୟତ ସାଗରପାଲି ଗ୍ରାମରେ ଶୌଚାଳୟ ନିର୍ମାଣରେ ଅନିୟମିତତା, କୁମ୍ଭାରବନ୍ଧ ପଞ୍ଚାୟତରେ ନିର୍ମାଣ ହୋଇଥିବା କଂକ୍ରିଟ୍ ରାସ୍ତା କାମ ନିମ୍ନମାନର, କୁମ୍ଭାରବନ୍ଧ ଚିଙ୍ଗିଡାବନ୍ଧ ପୁନରୁଦ୍ଧାର,ଏମ୍‌ସିଏଲ୍ ଦ୍ୱାରା ପ୍ରଭାବିତ ଜୁରାବଗା ଗ୍ରାମବାସୀଙ୍କ ସମସ୍ୟା ରହିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ସ୍ୱାସ୍ଥ୍ୟ ଚିକିତ୍ସାପାଇଁ ଆର୍ଥିକ ସହାୟତା, ବାର୍ଦ୍ଧକ୍ୟ ଭତ୍ତା,ଖାଦ୍ୟ ସୁରକ୍ଷା ଯୋଜନା ଆଦି ରହିଛି । ଏସବୁ ଅଭିଯୋଗକୁ ନେଇ ଜିଲାପାଳ ପଟ୍ଟନାୟକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପରାମର୍ଶ ଦେଇଥିଲେ । ଉକ୍ତ ଶିବିର ୧୧ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା ।

## ନାଗରିକ କମିଟି ବୈଠକ
## ଗ୍ରୀଡ୍ ସ୍ଥାନାନ୍ତର ବିରୋଧରେ ମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ନିଷ୍ପତ୍ତି

**ପାଇକମାଳ, ୧୪।୧ (ଡି.ଏନ.ଏ)**

ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଳ ନାଗରିକ କମିଟିର ଏକ ଜରୁରୀ ବୈଠକ ସଭାପତି ମନୋଜ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ କାଳିଆ, ବିଧାୟକ ପ୍ରତିନିଧି ସରୋଜ ସାମଲ, ଦିଲୀପ ଅଗ୍ରୱାଲ, ଓକିଲ ରାମରତନ ପୁରୋହିତ, ବୁଲୁ ନାୟକ, ସନ୍ତୋଷ ପାଣିଗ୍ରାହୀ, ଯୁଗଳ ମେହେର, ଗିଡୁ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ବଡ ସତପଥି, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପାଇକମାଳ ଓ ଝାରବନ୍ଧ ବ୍ଲକ ପାଇଁ ପ୍ରସ୍ତାବିତ ୧୩୨/୩୩ କେଭି ଗ୍ରୀଡ ସବଷ୍ଟେଶନ ନୂଆପଡାକୁ ସ୍ଥାନାନ୍ତର କରାଯାଉଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଏ ବିଷୟରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂକୁ ଭେଟିବା ସହ ଶକ୍ତି ସଚିବଙ୍କୁ ସାକ୍ଷାତ ପାଇଁ ପରାମର୍ଶ ଦେଇଥିଲେ । ଏକ ପ୍ରତିନିଧି ଦଳ ଖୁବଶୀଘ୍ର ଶକ୍ତିମନ୍ତ୍ରୀ ସିଂଙ୍କୁ ଭେଟିବା ପାଇଁ ଆଲୋଚନା ହୋଇଥିଲା। ପାଇକମାଳରେ ଏହି ଗ୍ରୀଡ ସ୍ଥାପନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

## ନିତ୍ୟାନନ୍ଦ ଆଶ୍ରମରେ ମକରମେଳା ସମ୍ପନ୍ନ

**ବିଜେପୁର, ୧୪।୧ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମା ଦାମୋଦରକଟା ଉପକଣ୍ଠରେ ଥିବା ଗୋପଟିକ୍ରାର ନିତ୍ୟାନନ୍ଦ ଆଶ୍ରମରେ ଦୁଇ ଦିନ ଧରି ଚାଲିଥିବା ମକରମେଳା ମହୋତ୍ସବ ସୋମବାର ସମ୍ପନ୍ନ ହୋଇଛି । ଆଶ୍ରମ ପରିସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିରେ ପୂଜାର୍ଚ୍ଚନା କରି ମକର ଚାଉଳ ଭୋଗ ଲଗାଯାଇଥିଲା । ରୀତିନୀତି ସହକାରେ ପଣ୍ଡିତ ସୁରେନ୍ଦ୍ର ମହାପାତ୍ର ଓ ସହଯୋଗୀ ରମାରମଣ ଗୁରୁଙ୍କ ତତ୍ତ୍ୱାବଧାନରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା । ମୁଖ୍ୟକର୍ତ୍ତା ସୈରେନ୍ଦ୍ରୀ ବେହେରା ଓ ଜଗନ୍ନାଥ ବେହେରାଙ୍କ ସମେତ ପଞ୍ଚାନନ ସାହୁ, ଯୋଗେନ୍ଦ୍ର ମେହେର, ଭାଲୁ ସେଠ ପ୍ରମୁଖ ୬ଜଣ ଗୀତାଯଜ୍ଞରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରବଚନ ଓ ଭଜନ ସଂକୀର୍ତ୍ତନ ପରିବେଷିତ ହୋଇଥିଲା । ମାନପୁରର ବିନୋଦ ବାବା, ସୋନପୁର ଜିଲା ହିକୁଡିର ଦଧିବାମନ ତ୍ରିପାଠୀ ପ୍ରବଚକ ଭାବେ ଯୋଗଦାନ କରିଥିଲେ । ବିଜେପୁର ସମେତ ସୀମାନ୍ତ ସୋହେଲା, ବରପାଲି, ଗାଇସିଲେଟ ବ୍ଲକର ଶ୍ରଦ୍ଧାଳୁମାନଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ଝାରବନ୍ଦଲିର ସୁବାଷିନୀ ମିଶ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ପଞ୍ଚାନନ ବାବା, ଲବଣୀ ମେହେର, ସଂସାର ପଣ୍ଡା, କୁମର ପଧାନ, ସୁରେଶ ପଧାନ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବରମୁଣ୍ଡାର ଯୋଗେଶ୍ୱର ମଠ, ମାଝିପାଲିର ସିଦ୍ଧେଶ୍ୱର ମଠ ଏବଂ ଯୋଖିପାଲିରେ ମକରମେଳା ପାଳିତ ହୋଇଛି ।

## ଖେଳ ଖବର

## ବୁଢାରଜା କ୍ରିକେଟ: ଦମକିପାଲି ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

**ଗାଇସିଲେଟ,୧୪।୧(ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଫିରିଙ୍ଗିମାଳ ପଞ୍ଚାୟତ ବାବେବାହାଲ ଗ୍ରାମରେ ତୃତୀୟ ବାର୍ଷିକ ବୁଢାରଜା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ୟାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଗତ ଶନିବାର ଆରମ୍ଭ ହୋଇଥିଲା । ସାମାଜିକ କର୍ମୀ ସୁମିତ ସାହୁ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଯତୀନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଦମକିପାଲି ଦଳ ଚାମ୍ପିୟନ ଓ ଝାଙ୍କରପାଲି ଦଳ ଉପବିଜେତା ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। ଦମକିପାଲି ଦଳର ପ୍ରକାଶ ମ୍ୟାନ ଅଫ୍ ଦି ମ୍ୟାଚ୍ ତଥା ଝାଙ୍କରପାଲି ଦଳର ଗିରିଜା ମ୍ୟାନ ଅଫ୍ ଦି ସିରିଜ ଘୋଷିତ ହୋଇ ପୁରସ୍କୃତ ହୋଇ ଥିଲେ । ଆଭାଷ ପୁରୋହିତ ଓ ଅଶୋକ ବାରିକ ଖେଳ ପରିଚାଳନା କରିଥିଲେ। ଉଦ୍ୟାପନୀ ଉତ୍ସବରେ ପ୍ରଫୁଲ୍ଲ ଡନସନା ମୁଖ୍ୟଅତିଥି, କ୍ଷୀରୋଦ୍ର ପୁରୋହିତ, ଈଶ୍ୱର ନାୟକ, ସରୋଜ ତ୍ରିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

## କ୍ରିକେଟ: ଇଲେଭେନ ଷ୍ଟାର୍‌ସ ବିଜୟୀ

**ଭେଡ଼େନ, ୧୪।୧ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଖେଳ ପଡ଼ିଆରେ ଜାଣ୍ଡୋଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରାରମ୍ଭରେ ମାଁ ଘୋଡ଼ାଧାର ମନ୍ଦିରରୁ ସମସ୍ତ ଦଳର ମାଲିକ, କର୍ମକର୍ତ୍ତା, ଖେଳାଳି ମାନେ ଏକ ବିଶାଳ ଶୋଭାଯାତ୍ରାରେ କ୍ରୀଡ଼ା ମଶାଲ ନେଇ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଉଦଘାଟନୀ ଉତ୍ସବରେ ବିଜାରୁ ମେହେର ମୁଖ୍ୟଅତିଥି, ପ୍ରକାଶ ଭୋଇ, ସଭାପତି ମେହେର, ଚୂଡ଼ାମଣି ସା, ସନ୍ତୋଷ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ

**ଜାଣ୍ଡୋଲ ପ୍ରିମିୟର ଲିଗ୍**

ଦେଇଥିଲେ । ଏହାସହ ସମସ୍ତ ଦଳର ମାଲିକ ତରଣୀସେନ ମେହେର, ଅଜିତ ଅଗ୍ରୱାଲ, ମନୋଜ ଶତପଥି, ସଦାଶିବ ମେହେର, ସୁମିତ ଅଗ୍ରୱାଲ, ଦେବାର୍ଚ୍ଚନ ଦଳେଇ ଉପସ୍ଥିତ ଥିଲେ । ସିବିଲ କୁମାର ସାହୁ ସଭା ପରିଚାଳନା ଓ ରଜତ କୁମାର ପାତ୍ର ଧନ୍ୟବାଦ ଅର୍ପଣ । ପରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଲେଭେନ ଷ୍ଟାର୍‌ସ ଦଳ ୮ ଉଇକେଟରେ ବିଜୟୀ ହୋଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଡ଼େମୋନେସ ରାଇଡ଼ର ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ କରିଥିଲେ । ଜବାବରେ ଇଲେଭେନ ଷ୍ଟାର୍‌ସ ଦଳ ୬.୨ ଓଭରରେ ୨ ଉଇକେଟ ହରାଇ ୬୯ ରନ କରି ମ୍ୟାଚ୍ ଜିତିଥିଲେ। ଖେଳକୁ ରାଧେଶ୍ୟାମ ନାୟକ ଓ ଦୁଷ୍ମନ୍ତ ପାତ୍ର ପରିଚାଳନା କରିଥିବା ବେଳେ ପ୍ରହ୍ଲାଦ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶିବାନନ୍ଦ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଜାଣ୍ଡୋଲ ପ୍ରିମିୟର ଲିଗ୍ କ୍ରିକେଟର ଅତିଥି ଓ ଖେଳାଳିମାନେ ।



ଜଣେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

## ଡୁମାଲପାଲି ଏକାଦଶ ଚାମ୍ପିୟନ

**ଭଟଲି,୧୪।୧(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଖେଳ ପଡ଼ିଆରେ ଚାଲିଥିବା ୨୩ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍ୟାପିତ ହୋଇଯାଇଛି । ନଟବର ବନଛୋର କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍ୟାପନୀ ସମାରୋହରେ ଡୁମାଲପାଲି ଏକାଦଶ ଏବଂ ଅନ୍ତରାଡ଼ି ଏକାଦଶ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଡୁମାଲପାଲି ଏକାଦଶ ୧୬ ରନ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଏହି ମ୍ୟାଚରେ ଡୁମାଲପାଲି ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା । ୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅନ୍ତରାଡ଼ି ଦଳ ନିର୍ଦ୍ଧାରିତ ଓଭରରେ ୭ଟି ଉଇକେଟ ହରାଇ ମାତ୍ର ୭୩ ରନ୍ କରିପାରିଥିଲା। ଡୁମାଲପାଲି ଏକାଦଶ ପକ୍ଷରୁ ବସୁଦେବ ବରିହା ଫାଇନାଲ ମ୍ୟାଚ ଏବଂ ସମ୍ପୂର୍ଣ୍ଣ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଡୁମାଲପାଲି ଏକାଦଶର କୃଷ୍ଣଚନ୍ଦ୍ର ସାହୁ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ । ରାଜୀବ ଭୁଏ, ଜୀବର୍ଦ୍ଧନ ଲୁହା, ଉମେଶ ବଡ଼େଇ ଏବଂ ପ୍ରଶାନ୍ତ ନାଏକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ବିଜେଡ଼ି ନେତା ସନ୍ତୋଷ ସେଠ୍, ସରପଞ୍ଚ ସହଦେବ ବନଛୋର ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କ ସମେତ ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ସୂର୍ଯ୍ୟମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।